# ମଥୁରାମଙ୍ଗଳ

ଭକ୍ତଚରଣ ଦାସ

Digitized by PPRACHIN, SOA

# ମଥୁରାମଙ୍ଗଳ

ଭକ୍ତଚରଣ ଦାସ

ସଂପାଦନା

ଡକ୍ଟର ଦେବେନ୍ଦ୍ର ମହାନ୍ତି

ବିଦ୍ୟା ପ୍ରକାଶନ
ବାଲୁବଜାର, କଟକ-୭୫୩ ୦୦୨

Digitized by PPRACHIN, SOA

**ମଥୁରା ମଙ୍ଗଳ** – ସଂପାଦନା : ଡକ୍ଟର ଦେବେନ୍ଦ୍ର ମହାନ୍ତି, ପ୍ରକାଶକ : ବିଦ୍ୟା ପ୍ରକାଶନ, ବାଲୁବଜାର, କଟକ-୭୫୩୦୦୨, ପ୍ରଚ୍ଛଦପଟ : ବିଜୟ ପ୍ରଧାନ, ଡି.ଟି.ପି. : ୟୁନିଟେକ୍, କଟକ, ମୁଦ୍ରଣ : ଦେବୀ ଗ୍ରାଫିକ୍ସ, କଟକ ।

**MATHURA MANGALA** – Edited by : Dr. Debendra Mohanty, Publisher : Bidya Prakashan, Balubazar, Cuttack-753002, Odisha (India), Cover Design : Bijay Pradhan, D.T.P. : Unitech, Cuttack, Printer : Devi Graphics, Cuttack.

First Edition : **1970**
Seventh Edition : **2018**

ISBN 81-7703-006-X

Price : **₹ 160**

Digitized by PPRACHIN, SOA

ପ୍ରାଚୀନ ଓଡ଼ିଆ ସାହିତ୍ୟର ଲବ୍‌ଧପ୍ରତିଷ୍ଠ ସମାଲୋଚକ ତଥା ଗବେଷକ ମୋର ପୂଜ୍ୟଗୁରୁ ଅଧ୍ୟାପକ ଡକ୍ଟର ବଂଶୀଧର ମହାନ୍ତିଙ୍କ କରକମଳରେ ଗଭୀର ଭକ୍ତି ଓ ଶ୍ରଦ୍ଧାର ନିବେଦନ ।

—ଦେବେନ୍ଦ୍ର

Digitized by PPRACHIN, SOA

# ସୂଚୀ


ବିଷୟ — ପୃଷ୍ଠା

● ଭୂମିକା — ୧-୫୬

[ ଓଡ଼ିଆ କାବ୍ୟସାହିତ୍ୟ, ୧-୪; କବି ଭକ୍ତଚରଣ, ୪-୯; କବିଙ୍କର ରଚନାବଳୀ, ୯-୧୨; ମଥୁରାମଙ୍ଗଳ କାବ୍ୟ ବିଚାର, ୧୨-୨୫; ମଧ୍ୟଯୁଗୀୟ ଧର୍ମଧାରା ଓ ମଥୁରାମଙ୍ଗଳ, ୨୫-୩୦; ଭକ୍ତଚରଣଙ୍କର କବିତ୍ୱ, ୩୧-୩୭; କବିଙ୍କର ଭକ୍ତିମତ୍ତା ଓ ଜୀବନ ଦର୍ଶନ, ୩୭-୪୨; କବିଙ୍କର ବର୍ଣ୍ଣନାଶୈଳୀ, ୪୨-୪୯; ମଥୁରାମଙ୍ଗଳରେ ପ୍ରେମଚିତ୍ର, ୪୯-୫୨; ମଥୁରାମଙ୍ଗଳର ନାମକରଣ, ୫୨-୫୬ ]

୧ । ପ୍ରଥମ ଛାନ୍ଦ — ୫୭-୬୯

୨ । ଦ୍ୱିତୀୟ ଛାନ୍ଦ — ୬୯-୭୫

୩ । ତୃତୀୟ ଛାନ୍ଦ — ୭୬-୭୯

୪ । ଚତୁର୍ଥ ଛାନ୍ଦ — ୭୯-୮୩

୫ । ପଞ୍ଚମ ଛାନ୍ଦ — ୮୩-୮୮

୬ । ଷଷ୍ଠ ଛାନ୍ଦ — ୮୯-୯୩

୭ । ସପ୍ତମ ଛାନ୍ଦ — ୯୪-୯୮

୮ । ଅଷ୍ଟମ ଛାନ୍ଦ — ୯୮-୧୦୧

୯ । ନବମ ଛାନ୍ଦ — ୧୦୨-୧୦୫

୧୦ । ଦଶମ ଛାନ୍ଦ — ୧୦୫-୧୦୮

୧୧ । ଏକାଦଶ ଛାନ୍ଦ — ୧୦୮-୧୧୦

୧୨ । ଦ୍ୱାଦଶ ଛାନ୍ଦ — ୧୧୧-୧୧୨

୧୩ । ତ୍ରୟୋଦଶ ଛାନ୍ଦ — ୧୧୩-୧୧୫


Digitized by PPRACHIN, SOA

| ବିଷୟ | | ପୃଷ୍ଠା |
|---|---|---|
| ୧୪ । | ଚତୁର୍ଦ୍ଦଶ ଛାନ୍ଦ | ୧୧୬-୧୨୧ |
| ୧୫ । | ପଞ୍ଚଦଶ ଛାନ୍ଦ | ୧୨୧-୧୨୪ |
| ୧୬ । | ଷୋଡ଼ଶ ଛାନ୍ଦ | ୧୨୪-୧୩୦ |
| ୧୭ । | ସପ୍ତଦଶ ଛାନ୍ଦ | ୧୩୦-୧୩୨ |
| ୧୮ । | ଅଷ୍ଟାଦଶ ଛାନ୍ଦ | ୧୩୨-୧୩୬ |
| ୧୯ । | ଊନବିଂଶ ଛାନ୍ଦ | ୧୩୬-୧୪୧ |
| ୨୦ । | ବିଂଶ ଛାନ୍ଦ | ୧୪୧-୧୪୭ |
| ୨୧ । | ଏକବିଂଶ ଛାନ୍ଦ | ୧୪୮-୧୫୫ |
| ୨୨ । | ଦ୍ୱାବିଂଶ ଛାନ୍ଦ | ୧୫୫-୧୫୯ |
| ୨୩ । | ତ୍ରୟୋବିଂଶ ଛାନ୍ଦ | ୧୫୯-୧୬୮ |
| ୨୪ । | ଚତୁର୍ବିଂଶ ଛାନ୍ଦ | ୧୬୮-୧୭୩ |
| ୨୫ । | ପଞ୍ଚବିଂଶ ଛାନ୍ଦ | ୧୭୩-୧୮୨ |
| ୨୬ । | ଷଡ଼୍‌ବିଂଶ ଛାନ୍ଦ | ୧୮୨-୧୮୬ |
| ୨୭ । | ସପ୍ତବିଂଶ ଛାନ୍ଦ | ୧୮୬-୨୦୫ |
| ୨୮ । | ଅଷ୍ଟାବିଂଶ ଛାନ୍ଦ | ୨୦୫-୨୧୧ |
| ୨୯ । | ଊନତ୍ରିଂଶ ଛାନ୍ଦ | ୨୧୨-୨୨୧ |
| ୩୦ । | ତ୍ରିଂଶ ଛାନ୍ଦ | ୨୨୧-୨୨୬ |

Digitized by PPRACHIN, SOA

# ଭୂମିକା

## ଓଡ଼ିଆ କାବ୍ୟସାହିତ୍ୟ :

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ କବି ଭକ୍ତଚରଣ ଦାସ ଜଣେ କୁଶଳୀ ସ୍ରଷ୍ଟା ଭାବରେ ଯେପରି ସମ୍ମାନିତ ତାଙ୍କର କାବ୍ୟକୃତି ମଥୁରାମଙ୍ଗଳ ସେହିପରି ଏକ ଜନପ୍ରିୟ ଭକ୍ତିରସାତ୍ମକ ଗ୍ରନ୍ଥ ଭାବରେ ସୁବିଖ୍ୟାତ । ଓଡ଼ିଆ ସାହିତ୍ୟରେ ମଧ୍ୟଯୁଗ ବା କାବ୍ୟଯୁଗର ସୃଷ୍ଟିସମ୍ଭାର ଓଡ଼ିଆ ସାହିତ୍ୟର ସମୃଦ୍ଧିର ଇତିହାସରେ ଏକ ଅବିସମ୍ବାଦିତ୍ ସମ୍ମାନର ଯୋଗ୍ୟ । ଓଡ଼ିଆ କାବ୍ୟସାହିତ୍ୟର ବିକାଶ ଧାରାରେ ଯେଉଁ ବିଶିଷ୍ଟ ଲକ୍ଷଣଗୁଡ଼ିକ ଦେଖାଯାଇଥାଏ ସେଗୁଡ଼ିକର ଭିତ୍ତିଭୂମି ସତେ ଯେପରି ମଧ୍ୟଯୁଗର ବହୁ ପୂର୍ବରୁ ପ୍ରତିଷ୍ଠିତ ହୋଇ ସାରିଥିଲା । ସେହି ଭିତ୍ତିଭୂମି ଉପରେ ଯେଉଁ କାବ୍ୟସାହିତ୍ୟର ସୌଧ ନିର୍ମିତ ହେଲା ତାହା ଓଡ଼ିଆ ସାହିତ୍ୟକୁ ସଂସ୍କୃତ ସାହିତ୍ୟର ସମକକ୍ଷ କରିବା ନିମିତ୍ତ ଉଦ୍ଦିଷ୍ଟ ଥିଲା । ମଧ୍ୟଯୁଗୀୟ ଓଡ଼ିଆ କାବ୍ୟସାହିତ୍ୟ ସୃଷ୍ଟି ଫଳରେ ଓଡ଼ିଆ କାବ୍ୟସାହିତ୍ୟ ସଂସ୍କୃତ କାବ୍ୟସାହିତ୍ୟ ସହିତ ସମକକ୍ଷ ହୋଇପାରିଛି କି ନାହିଁ ସେ ବିଷୟରେ ବହୁ ଆଲୋଚକଙ୍କର ମତଭିନ୍ନତା ଦେଖାଯାଇଥାଏ । ସମସ୍ତ ମତଭିନ୍ନତା ସତ୍ତ୍ୱେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଓଡ଼ିଆ କାବ୍ୟସାହିତ୍ୟର ମାନ କେବେହେଲେ ସଂସ୍କୃତ କାବ୍ୟସାହିତ୍ୟର ମାନ ଅପେକ୍ଷା ନିମ୍ନତର ନୁହେଁ । ମଧ୍ୟଯୁଗୀୟ ଓଡ଼ିଆ କବିଗଣ ଏହି ଦୃଷ୍ଟିରୁ ଓଡ଼ିଆ ସାହିତ୍ୟର ଇତିହାସରେ ସ୍ୱତନ୍ତ୍ର ମର୍ଯ୍ୟାଦା ଲାଭ କରିଅଛନ୍ତି ।

ଅଷ୍ଟାଦଶ ଶତାବ୍ଦୀରେ ଓଡ଼ିଆ ସାହିତ୍ୟ ଏପରି ଏକ ଉନ୍ନତିର ସୋପାନରେ ଉପନୀତ ହେବାର ଯଥେଷ୍ଟ କାରଣ ରହିଅଛି । ଓଡ଼ିଆ ସାହିତ୍ୟର ଆଦିକବି ସାରଳାଦାସ ଯେଉଁସବୁ ସୃଷ୍ଟି ସମ୍ପଦଦ୍ୱାରା ଓଡ଼ିଆ ସାହିତ୍ୟକୁ ପ୍ରତିଷ୍ଠିତ କଲେ ସେସବୁ ତାଙ୍କର କବିପ୍ରତିଭାର ଅମର ନିଦର୍ଶନ । ସାରଳା ଦାସଙ୍କର ଅଠରଖଣ୍ଡ ମହାଭାରତ, ବିଲଙ୍କା ରାମାୟଣ ଓ ଚଣ୍ଡୀପୁରାଣ ଓଡ଼ିଆ ସାହିତ୍ୟର ଆଦି ଯୁଗରେ ବିସ୍ମୟ ସୃଷ୍ଟି କରିଥିଲା । ତାଙ୍କର ଲେଖନୀ ସାରଳା ଠାକୁରାଣୀଙ୍କର କୃପାଲାଭ କରିଥିଲା ବୋଲି ସେ ନିଜେ ପ୍ରକାଶ କରିଅଛନ୍ତି । ତାଙ୍କ ସାହିତ୍ୟରେ ମୁଖ୍ୟ ଭାବରେ ଶକ୍ତି ଉପାସନାର ସତ୍ତା ପରିଲକ୍ଷିତ ହେଲେହେଁ ସବୁ ମତବାଦ ଓ ସବୁ ଦେବଦେବୀଙ୍କର ପ୍ରାଧାନ୍ୟ ମଧ୍ୟ ସୂଚିତ ହୋଇଅଛି । ସାରଳା ଦାସଙ୍କର ମହାଭାରତ ବା ବିଲଙ୍କା

Digitized by PPRACHIN, SOA

ରାମାୟଣ ଓଡ଼ିଶାରେ ପୁରାଣ ପରମ୍ପରାରେ ଧର୍ମଗ୍ରନ୍ଥ ଭାବରେ ପୂଜିତ ଏବଂ ଗୃହୀତ । ସାରଳା ଦାସଙ୍କର ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟ ହୁଏତ ମୁଖ୍ୟଭାବରେ ପୁରାଣ ପରମ୍ପରାକୁ ଧରି ରଖି ପାରିଲା ନାହିଁ, ମାତ୍ର ଧର୍ମ-ଚେତନାକୁ ସାହିତ୍ୟର ପରିସର ମଧ୍ୟରେ ମୁଖ୍ୟ ଭାବରେ ରୂପାୟିତ କଲା । ସାରଳା ଦାସଙ୍କ ପରେ ଓଡ଼ିଶାର ଜନଜୀବନରେ ବୈଷ୍ଣବ ଧର୍ମର ପ୍ରଭାବ ବିଶେଷ ଭାବରେ ପରିଲକ୍ଷିତ ହେଲା । ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ଶ୍ରୀଚୈତନ୍ୟ ଦେବଙ୍କର ଉତ୍କଳ ଆଗମନ ଓଡ଼ିଶାର ଧର୍ମଜଗତରେ ଏକ ଅପୂର୍ବ ଆଲୋଡ଼ନ ସୃଷ୍ଟି କଲା । ଓଡ଼ିଆ ସାହିତ୍ୟ ବା ଧର୍ମ ବିଷୟରେ ଆଲୋଚନା କରିବା ପ୍ରସଙ୍ଗରେ ବହୁ ଆଲୋଚକ ଏପରି ମତ ପ୍ରଦାନ କରିଥାଆନ୍ତି ଯେ ତହିଁରୁ ବୁଝାଯାଏ, ସତେ ଯେପରି ଓଡ଼ିଶାର ମାଟିରେ ବୈଷ୍ଣବ ଧର୍ମର ସତ୍ତା ପୂର୍ବରୁ ଆଦୌ ନଥିଲା ଏବଂ ୧୫୧୦ ସାଲରେ ଶ୍ରୀଚୈତନ୍ୟଙ୍କର ପୁରୀଧାମକୁ ଆଗମନ ଦ୍ୱାରା ତାହା ସମ୍ଭବ ହେଲା । ଏପ୍ରକାର ମତ ଯେ କେବେହେଲେ ଯୁକ୍ତିଯୁକ୍ତ ନୁହେଁ, କହିବା ବାହୁଲ୍ୟ ମାତ୍ର । ଶ୍ରୀଚୈତନ୍ୟଙ୍କର ପୁରୀଧାମକୁ ଆଗମନର ବହୁ ପୂର୍ବରୁ ଓଡ଼ିଶାରେ ବୈଷ୍ଣବ ଧର୍ମର ଉନ୍ନତ ପରମ୍ପରା ପ୍ରତିଷ୍ଠିତ ଥିଲା । ଓଡ଼ିଶାର ପୁରୀଧାମରେ ଶ୍ରୀଜଗନ୍ନାଥଙ୍କର ସେବାପୂଜାରେ ସର୍ବଧର୍ମମତବାଦର ସମନ୍ୱୟ ଏବଂ ଶ୍ରୀଜଗନ୍ନାଥଙ୍କର ଆକର୍ଷଣ ଫଳରେ ଆସିଥିଲେ ଶ୍ରୀଚୈତନ୍ୟ । କେବଳ ଶ୍ରୀଚୈତନ୍ୟ ନୁହନ୍ତି, ଭାରତର ବିଭିନ୍ନ ପ୍ରାନ୍ତରୁ ବହୁ ଧର୍ମଧ୍ୱଜୀ ପଣ୍ଡିତ, ସାଧୁସନ୍ଥ ଶ୍ରୀଜଗନ୍ନାଥ ଧାମରେ ଉପସ୍ଥିତ ହୋଇ ଶ୍ରୀଜଗନ୍ନାଥଙ୍କର ମହିମାକୁ ସ୍ୱୀକାର କରିଅଛନ୍ତି ।

ଶ୍ରୀଚୈତନ୍ୟ ପୁରୀ ଧାମରେ ଉପସ୍ଥିତ ହେଲେ ଏବଂ ଓଡ଼ିଶାର ଧର୍ମ-ଚେତନା ଦେଖି ବିସ୍ମିତ ହେଲେ । ସେ ଶ୍ରୀଜଗନ୍ନାଥଙ୍କର ମହିମାକୁ ସ୍ୱୀକାର କଲେ ଏବଂ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ରୂପରେ ଗ୍ରହଣ କଲେ । ଶ୍ରୀଜଗନ୍ନାଥକ୍ଷେତ୍ରରେ ଉପସ୍ଥିତ ଥିବା ବହୁ ସାଧୁସନ୍ଥଙ୍କ ପ୍ରତି ଶ୍ରୀଚୈତନ୍ୟ ଆକୃଷ୍ଟ ହେବା ନିତାନ୍ତ ସ୍ୱାଭାବିକ । ପୁରୀଧାମରେ ଶ୍ରୀଚୈତନ୍ୟଙ୍କ ସହିତ ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସଙ୍କର ପରିଚୟ ଓ ସମ୍ପର୍କ ସ୍ଥାପନ ଏକ ଅଦ୍ଭୁତ ପରିସ୍ଥିତିରେ ଘଟିଥିଲା । ଶୁଣାଯାଏ, ବଟଗଣେଶଙ୍କ ନିକଟରେ ମଣ୍ଡପ ଉପରେ ବସି ଶ୍ରୀଚୈତନ୍ୟ ଶ୍ରୀଜଗନ୍ନାଥଙ୍କୁ ଚିନ୍ତାକରି ଭାବବିହ୍ୱଳ ହୋଇ ପଡ଼ିଥିଲେ । ସେହି ଭାବବିହ୍ୱଳ ଅବସ୍ଥାରେ ସେ ନିଜ ସମ୍ମୁଖରେ ଶ୍ରୀଜଗନ୍ନାଥଙ୍କର ଉପସ୍ଥିତି ଉପଲବ୍ଧି କରି ଗୋଟିଏ ଫୁଲମାଳ ତାଙ୍କୁ ପିନ୍ଧାଇ ଦେବା ନିମନ୍ତେ ହାତରେ ଧରି ଟେକିଦେଲେ । ଶ୍ରୀଚୈତନ୍ୟଙ୍କର ଏହି ଭାବବିହ୍ୱଳ ଅବସ୍ଥାକୁ ପଛରେ ଥାଇ ଲକ୍ଷ୍ୟ କରୁଥିଲେ ଜଗନ୍ନାଥ ଦାସ । ସେ ଯେତେବେଳେ ଦେଖିଲେ ଯେ ଶ୍ରୀଚୈତନ୍ୟ ଶୂନ୍ୟକୁ ମାଳଟି ପିନ୍ଧାଇ ଦେବାକୁ ହାତ ଟେକିଛନ୍ତି ସେତେବେଳେ ସେ ଶ୍ରୀଚୈତନ୍ୟଙ୍କର ଭାବାବେଶ ଅବସ୍ଥାକୁ ବୁଝିପାରିଲେ ଏବଂ କହିଲେ, ''ଆପଣ କଣ ତାଙ୍କୁ ମାଳାଟି ପିନ୍ଧାଇ ଦେଇ ପାରିବେ ? ସେ ପରା ସର୍ବବ୍ୟାପୀ, ଅସୀମ ଏବଂ ଅନନ୍ତ । ତାଙ୍କୁ ମାଳାରେ ଭୂଷିତ କରିବା କେବେହେଲେ ସମ୍ଭବ ନୁହେଁ ।'' ଏକଥା ଶୁଣି ଶ୍ରୀଚୈତନ୍ୟଙ୍କର ଭାବାବେଶ କଟିଗଲା ଏବଂ ସେ ଜଗନ୍ନାଥ ଦାସଙ୍କ ପରିଚୟ ପାଇ ତାଙ୍କୁ

Digitized by PPRACHIN, SOA

ଜଣେ ପରମଭକ୍ତ ଭାବରେ ଗ୍ରହଣ କଲେ । ତାପରେ ଶ୍ରୀଚୈତନ୍ୟ ଜଗନ୍ନାଥ ଦାସଙ୍କର ଓଡ଼ିଆ ଭାଗବତ ଶ୍ରବଣ କରି ଅତ୍ୟନ୍ତ ମୁଗ୍ଧ ହୋଇଥିଲେ । ଜଗନ୍ନାଥ ଦାସ ଏବଂ ଶ୍ରୀଚୈତନ୍ୟଙ୍କର ସମ୍ପର୍କ ଏପରି ଦୃଢ଼ ହୋଇଥିଲା ଯେ ସେଥିପାଇଁ ଶ୍ରୀଚୈତନ୍ୟଙ୍କ ସହିତ ବଙ୍ଗଦେଶରୁ ଆସିଥିବା କେତେକ ଭକ୍ତ ଶ୍ରୀଚୈତନ୍ୟଙ୍କ ଆଚରଣରେ ଅନାସ୍ଥା ଭାବ ପୋଷଣ କରିଥିଲେ । ଶ୍ରୀଚୈତନ୍ୟ ଜଗନ୍ନାଥ ଦାସଙ୍କୁ ''ଅତିବଡ଼ି'' ଉପାଧିରେ ଭୂଷିତ କରିଥିଲେ । ସୁଯୋଗ କ୍ରମେ ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ ଓ ଯଶୋବନ୍ତ ଦାସ ଏକତ୍ରିତ ହେଲେ । ଓଡ଼ିଶାର ଏହି ପାଞ୍ଚଜଣ ବୈଷ୍ଣବ ପଞ୍ଚସଖା ନାମରେ ଅଭିହିତ ହେଲେ । ଏମାନଙ୍କ ମଧ୍ୟରୁ ବଳରାମ ଦାସ, ଜଗନ୍ନାଥ ଦାସ ଏବଂ ଅଚ୍ୟୁତାନନ୍ଦ ଦାସ କବି ଭାବରେ ଓଡ଼ିଶାରେ ବିଶେଷ ଭାବରେ ପରିଚିତ । ଅନନ୍ତ ଦାସ ଓ ଯଶୋବନ୍ତ ଦାସଙ୍କର କବିତ୍ୱ ଥିଲେହେଁ ସେ ଦୁହେଁ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କଲାଭଳି ଦାନ ଦେଇ ପାରିନାହାନ୍ତି । ବଳରାମ ଦାସଙ୍କର ଦାଣ୍ଡିରାମାୟଣ ବା ଜଗମୋହନ ରାମାୟଣ, ଜଗନ୍ନାଥ ଦାସଙ୍କର ଓଡ଼ିଆ ଭାଗବତ ଓ ଅଚ୍ୟୁତାନନ୍ଦ ଦାସଙ୍କର ହରିବଂଶ ଓଡ଼ିଶାର ଗଣଜୀବନ ଉପରେ ବିଶେଷ ଭାବରେ ପ୍ରଭାବ ବିସ୍ତାର କରିଥିବାର ଦେଖାଯାଏ ।

ଓଡ଼ିଆ ସାହିତ୍ୟରେ ପଞ୍ଚସଖାଯୁଗ ବା ବୈଷ୍ଣବ ଯୁଗର ସୃଷ୍ଟି ପ୍ରଚୁର । ଏହି ସୃଷ୍ଟି ସମ୍ପଦ୍ ମଧ୍ୟରେ ବୈଷ୍ଣବ ଧର୍ମର ପ୍ରାଧାନ୍ୟହିଁ ସୂଚିତ । ବୈଷ୍ଣବ କବିମାନେ ଶ୍ରୀଜଗନ୍ନାଥଙ୍କୁ ସ୍ୱୟଂ ଭଗବାନ ବା ଅବତାରୀ ଭାବରେ ଗ୍ରହଣ କରି ତାଙ୍କ ଅଙ୍ଗରୁ ଶ୍ରୀକୃଷ୍ଣଙ୍କୁ ଅବତାର ରୂପେ ଜାତ କରାଇ ଶ୍ରୀକୃଷ୍ଣଙ୍କର ଲୀଳାକୁ କାବ୍ୟ କବିତାରେ ରୂପାୟିତ କଲେ । ଏ ଯୁଗର ସାହିତ୍ୟ କେବଳ ଧର୍ମାଶ୍ରୟୀ ସାହିତ୍ୟ ବୋଲି କୁହାଯାଇପାରେ । ଓଡ଼ିଆ ସାହିତ୍ୟରେ ରାଧାକୃଷ୍ଣ ଲୀଳା ବା ଗୋପୀକୃଷ୍ଣ ଲୀଳାର ପ୍ରାବଲ୍ୟ ଏହି ସମୟରୁ ଦେଖାଦେଲା । କବିମାନେ ଅନୁଭବ କଲେ ସତେ ଯେପରି କାବ୍ୟର ନାୟକ ନାୟିକା ହେବାପାଇଁ ଶ୍ରୀକୃଷ୍ଣ ଓ ଗୋପୀମାନଙ୍କ ବ୍ୟତୀତ ଅନ୍ୟ କାହାରି ପ୍ରଶ୍ନ ଉଠିପାରେନା । ମୌଳିକ କାବ୍ୟ ରଚନା, ସଂସ୍କୃତ କାବ୍ୟର ଅନୁବାଦ ପ୍ରଭୃତିରେ ଦେଖାଗଲା କେବଳ—ଲୀଳା ବର୍ଣ୍ଣନା । ଓଡ଼ିଆ ସାହିତ୍ୟ ଏହିପରି ଭାବରେ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଗତିଶୀଳ ହେଲା । ଅଷ୍ଟାଦଶ ଶତାବ୍ଦୀରେ ଓଡ଼ିଆ କାବ୍ୟ ସାହିତ୍ୟର ରୂପରେଖ ଯୁଗସ୍ରଷ୍ଟା ଉପେନ୍ଦ୍ରଙ୍କ ହାତରେ ଏକ ପରିବର୍ତ୍ତିତ ଆଭିମୁଖ୍ୟ ଗ୍ରହଣ କଲା ।

ଧର୍ମର ବନ୍ଧନରୁ ସାହିତ୍ୟକୁ ମୁକ୍ତ କରି ସମ୍ପୂର୍ଣ୍ଣ ଭାବରେ କାଳ୍ପନିକ କାବ୍ୟ ସୃଷ୍ଟି କରିବା ଉପେନ୍ଦ୍ରଙ୍କ ପକ୍ଷରେ ସମ୍ଭବ ନହେଲେହେଁ ଓଡ଼ିଆ ସାହିତ୍ୟରେ କାଳ୍ପନିକ କାବ୍ୟକୁ ପ୍ରତିଷ୍ଠିତ କରିବାରେ ଉପେନ୍ଦ୍ର ନେତୃତ୍ୱ ଗ୍ରହଣ କରିଥିଲେ । ଉପେନ୍ଦ୍ର ଭଞ୍ଜ ରାମସୀତା ବା ରାଧାକୃଷ୍ଣ ଲୀଳାଶ୍ରୟୀ କାବ୍ୟ ରଚନା କରିଅଛନ୍ତି ସତ୍ୟ, ମାତ୍ର ତାଙ୍କର ଖ୍ୟାତି କାଳ୍ପନିକ କାବ୍ୟ ସୃଷ୍ଟି ଯୋଗୁଁ ପ୍ରଚାରିତ ହୋଇଥିଲା । ଲାବଣ୍ୟବତୀ ଓ କୋଟିବ୍ରହ୍ମାଣ୍ଡସୁନ୍ଦରୀ ପ୍ରଭୃତି କାବ୍ୟସମୂହ ଉପେନ୍ଦ୍ର ପ୍ରତିଭାର ଯଥାର୍ଥ ସ୍ୱାକ୍ଷର ବହନ କରିଅଛନ୍ତି ।

Digitized by PPRACHIN, SOA

ଓଡ଼ିଶାର ବିଭିନ୍ନ ରାଜସଭାମାନଙ୍କରେ ସେ ସମୟରେ ସଂସ୍କୃତ ଚର୍ଚ୍ଚାର ପ୍ରଚଳନ ଯଥେଷ୍ଟ ଭାବରେ ଥିଲା । ଓଡ଼ିଶାରେ ସଂସ୍କୃତ ସାହିତ୍ୟର ଏକ ଉନ୍ନତ ପରମ୍ପରା ମଧ୍ୟ ସୃଷ୍ଟି ହୋଇଥିବାର ପ୍ରମାଣ ଇତିହାସ-ସମ୍ମତ । ତେଣୁ ଅଷ୍ଟାଦଶ ଶତାବ୍ଦୀର କବିମାନେ ସଂସ୍କୃତ କାବ୍ୟାଦର୍ଶରେ ବ୍ୟୁତ୍ପତ୍ତିଲାଭ କରିଥିବା ଏକ ଅବିସମ୍ବାଦିତ ସତ୍ୟ । କବି ଉପେନ୍ଦ୍ର ଓଡ଼ିଆ କାବ୍ୟସାହିତ୍ୟକୁ ସଂସ୍କୃତ କାବ୍ୟସାହିତ୍ୟର ଆଦର୍ଶରେ ରଚନା କରି ପ୍ରତିଷ୍ଠିତ କରିବାପାଇଁ ଯେଉଁ ପଥ ଉନ୍ମୋଚନ କଲେ ସେ ପଥରେ ତାଙ୍କର ସମସାମୟିକ ଓ ପରବର୍ତ୍ତୀ କବିମାନେ ଆଗ୍ରହର ସହିତ ଅଗ୍ରସର ହେଲେ । ସଂସ୍କୃତ କାବ୍ୟାଦର୍ଶରେ ରଚିତ କାଳ୍ପନିକ ଓ ରାଧାକୃଷ୍ଣ ଲୀଳା ସମନ୍ୱିତ ଉଭୟ ପ୍ରକାର କାବ୍ୟ ଏ ଯୁଗରେ ଦେଖା ଦେଇଥିଲା । ଏଯୁଗର ସ୍ରଷ୍ଟା କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ହେଲେହେଁ କବି ଦୀନକୃଷ୍ଣ ଦାସ, କବି ଅଭିମନ୍ୟୁ, କବିସୂର୍ଯ୍ୟ ସଦାନନ୍ଦ, କବିସୂର୍ଯ୍ୟ ବଳଦେବ, କବି ଯଦୁମଣି, କବି ଗୋପାଳକୃଷ୍ଣ, କବି ଭକ୍ତଚରଣ, କବି ଦୁଃଖୀଶ୍ୟାମ ପ୍ରମୁଖଙ୍କର ଦାନ ଓଡ଼ିଆ ସାହିତ୍ୟର ସମୃଦ୍ଧିର ଇତିହାସରେ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ ।

ଏଯୁଗର କାବ୍ୟସାହିତ୍ୟରେ କବିମାନଙ୍କର କଳ୍ପନାପ୍ରବଣତା ବିଶେଷ ଭାବରେ ପ୍ରକାଶ ପାଇଅଛି । ଅଳଙ୍କାର ପ୍ରୟୋଗ ଓ ଭାଷାଚାତୁରୀ ମଧ୍ୟ ଏଯୁଗର କବିମାନଙ୍କର ଅନ୍ୟ ଏକ ବିଶେଷତ୍ୱ । ଏ ଯୁଗର କବିମାନେ ବହୁସ୍ଥଳରେ ଭାଷାର ଆଡ଼ମ୍ବର ପ୍ରଦର୍ଶନ କରିବାକୁ ଯାଇ କାବ୍ୟକୁ ଦୁର୍ବୋଧ କରିପକାଇ ଅଛନ୍ତି । କେଳିଗୃହ ବର୍ଣ୍ଣନା, ନାୟିକାର ରୂପ ଯୌବନ ବର୍ଣ୍ଣନା ବା ବିରହଦଶା ବର୍ଣ୍ଣନାରେ ବହୁ ସ୍ଥଳରେ ଶୃଙ୍ଗାରୀଚେତ୍ ଭାବନା ଯେ ସୀମାଲଙ୍ଘନ କରିଅଛି ଏକଥା ମୁକ୍ତକଣ୍ଠରେ ସ୍ୱୀକାର କରିବାକୁ ପଡ଼ିବ । କବିମାନେ ଯୁଗସାହିତ୍ୟର ଅନୁରୋଧରେ ଏପରି କରିଥିବା ସମ୍ଭବ । ଏଯୁଗର କାବ୍ୟସାହିତ୍ୟ ଉପଯୁକ୍ତ ବୃତ୍ତ, ବାଣୀ ଓ ରାଗସମନ୍ୱିତ ହୋଇଥିବାରୁ ସାହିତ୍ୟର ସାଙ୍ଗୀତିକ ମୂଲ୍ୟ ତାହାକୁ ଅଧିକ ଜନପ୍ରିୟ କରିଅଛି ।

## କବି ଭକ୍ତଚରଣ :

କବି ଭକ୍ତଚରଣ ଦାସଙ୍କ ବିଷୟରେ ଆଲୋଚନା କରି ଓଡ଼ିଆ ସାହିତ୍ୟର ବହୁ ଆଲୋଚକ ବହୁ ପ୍ରକାର ମତ ପ୍ରଦାନ କରିଅଛନ୍ତି । ସେମାନଙ୍କ ମତଗୁଡ଼ିକରେ ଯାଥାର୍ଥ୍ୟ ଥାଉ ବା ନଥାଉ, ସେଗୁଡ଼ିକ ଏଠାରେ ବିଚାର କରି ଦେଖିବାର କଥା । କବିଙ୍କ ବିଷୟରେ ସ୍ୱର୍ଗତ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ସବୁଠାରୁ ସନ୍ତୋଷଜନକ ବିବରଣୀ ପ୍ରଦାନ କରିଅଛନ୍ତି । ଓଡ଼ିଆ ସାହିତ୍ୟର ବିଧିବଦ୍ଧ ଇତିହାସ ସଙ୍କଳିତ ହୋଇ ନଥିବାରୁ ପ୍ରାଚୀନ ଓଡ଼ିଆ ସାହିତ୍ୟ ଓ ସାହିତ୍ୟିକଙ୍କ ବିଷୟରେ ବହୁ ସ୍ଥଳରେ ପ୍ରମାଦପୂର୍ଣ୍ଣ ତଥ୍ୟ ପରିବେଷିତ ହୋଇଅଛି । କବି ଭକ୍ତଚରଣ ଦାସ ଅଷ୍ଟାଦଶ ଶତାବ୍ଦୀରେ ଲେଖନୀ ଚାଳନା କରି ସ୍ୱୀୟ କବିତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଅଛନ୍ତି ।

Digitized by PPRACHIN, SOA

## (୧) ହଣ୍ଟର୍ ସାହେବଙ୍କ ମତ :

ହଣ୍ଟର୍ ସାହେବଙ୍କର ଓଡ଼ିଶା ଇତିହାସ ୧୮୭୨ ସାଲରେ ପ୍ରକାଶିତ ହୋଇଥିଲା । ହଣ୍ଟର୍ ସାହେବ ଓଡ଼ିଆ ସାହିତ୍ୟ ଓ ସାହିତ୍ୟିକଙ୍କ ବିଷୟରେ ଯେଉଁ ତଥ୍ୟ ପରିବେଷଣ କରିଅଛନ୍ତି ତାହା ବହୁସ୍ଥଳରେ ପ୍ରମାଦପୂର୍ଣ୍ଣ । ଭକ୍ତଚରଣ ଦାସଙ୍କ ବିଷୟରେ ସେ ଲେଖିଛନ୍ତି, "Bhakta Charan Das Kabi, lived 150 years ago, author of Mathura Mangal, a famous work on the sports of Krishna and Radha, the manuscripts of which was lately published in Cuttack. (ଦ୍ରଷ୍ଟବ୍ୟ–History of Orissa by W. W. Hunter, Vol. I Ap. III.)

## (୨) ଅପର୍ଣ୍ଣା ପଣ୍ଡାଙ୍କ ମତ :

ଅପର୍ଣ୍ଣା ପଣ୍ଡାଙ୍କର "କବିଜୀବନୀ" ୧୯୨୫ ସାଲରେ ପ୍ରକାଶ ପାଇଥିଲା । ଏଥିରେ ସେ ଭକ୍ତଚରଣଙ୍କ ବିଷୟରେ ଲେଖିଛନ୍ତି, "କବିଙ୍କର ବାସସ୍ଥାନ ସାନପଦର । ତାହାଙ୍କ ମଥୁରାମଙ୍ଗଳ ରାଧାକୃଷ୍ଣ ଲୀଳା ବିଷୟକ ଗ୍ରନ୍ଥ । ଏହି ଗ୍ରନ୍ଥ ଲୋକେ ଆଦର ସହିତ ପଢ଼ନ୍ତି । ଭାଷା ଅତୀବ ସରଳ ଏବଂ ମଧୁର ।" ଅପର୍ଣ୍ଣା ପଣ୍ଡାଙ୍କର ଏହି ବିବରଣୀ ଭକ୍ତଚରଣଙ୍କ ପରିଚୟ ପ୍ରକାଶ କରିବାରେ ଯେ ଆଦୌ ସହାୟକ ନୁହେଁ, ଏକଥା ନିର୍ବିବାଦରେ କୁହାଯାଇପାରେ । ସେ କବିଙ୍କର ସମୟ ବିଷୟରେ କୌଣସି ମତ ପ୍ରଦାନ କରିନାହାନ୍ତି ।

## (୩) ତାରିଣୀ ଚରଣ ରଥଙ୍କ ମତ :

ତାରିଣୀ ଚରଣ ରଥଙ୍କର ଉତ୍କଳ ସାହିତ୍ୟର ଇତିହାସ ପ୍ରକାଶ ପାଇଲା ୧୯୨୭ ସାଲରେ । ସେ ମଧ ଭକ୍ତଚରଣଙ୍କ ବିଷୟରେ ସନ୍ତୋଷଜନକ ତଥ୍ୟ ପରିବେଷଣ କରିପାରି ନାହାନ୍ତି । ସେ ଲେଖିଛନ୍ତି, "କବି ମଥୁରାମଙ୍ଗଳ ନାମକ ରାଧାକୃଷ୍ଣ ଲୀଳା ବିଷୟକ ଗ୍ରନ୍ଥ ରଚନା କରିଅଛନ୍ତି । ଗ୍ରନ୍ଥଟି ଜନସାଧାରଣରେ ସୁପରିଚିତ ଓ ସମାଦୃତ । କବିଙ୍କର ବାସସ୍ଥାନ ସାନପଦର । ସେ ଜଣେ ବୈରାଗୀ ଥିଲେ ।" (ଦ୍ରଷ୍ଟବ୍ୟ–ଉତ୍କଳ ସାହିତ୍ୟର ଇତିହାସ, ପୃ.– ୨୬) ।

## (୪) ଜଗବନ୍ଧୁ ସିଂହଙ୍କ ମତ :

ଜଗବନ୍ଧୁ ସିଂହଙ୍କର ପ୍ରାଚୀନ ଉତ୍କଳ ଗ୍ରନ୍ଥ ୧୯୨୯ ସାଲରେ ପ୍ରକାଶ ପାଇଥିଲା । ଏଥିରେ ଓଡ଼ିଆ ସାହିତ୍ୟ ଓ ସାହିତ୍ୟିକଙ୍କ ବିଷୟରେ ସେ ଅତ୍ୟନ୍ତ ସଂକ୍ଷିପ୍ତ ଆଲୋଚନା କରିଅଛନ୍ତି । ସେ ଲେଖିଛନ୍ତି, "ଏ କବିଙ୍କ ମଥୁରାମଙ୍ଗଳ ସମସ୍ତଙ୍କୁ ଜଣା । ଏ କାବ୍ୟର ଭାଷା ଅତି ସରଳ, ସୁଲଳିତ ଓ ସୁବୋଧ । ଆଗେ ଚାଟଶାଳୀରେ ଗୋଟିଏ ପ୍ରଧାନ ପାଠ୍ୟପୁସ୍ତକ ଥିଲା । ଶ୍ରୀକୃଷ୍ଣ ଗୋପରୁ ମଥୁରାକୁ ଯିବା ବିଷୟରେ ଏ ଗ୍ରନ୍ଥରେ ବର୍ଣ୍ଣିତ ଅଛି ।" ଏହି

Digitized by PPRACHIN, SOA

ବିବରଣୀରେ ଜଗବନ୍ଧୁ ସିଂହ ଭକ୍ତଚରଣଙ୍କ ବିଷୟରେ କିଛି କହି ନାହାନ୍ତି ବୋଲି ଗ୍ରହଣ କରି ନିଆଯାଇପାରେ ।

## (୫) ମନମୋହନ ଚକ୍ରବର୍ତ୍ତୀଙ୍କ ମତ :

ଯାଜପୁରରେ ଡେପୁଟି ମାଜିଷ୍ଟ୍ରେଟ୍ ଭାବରେ କାର୍ଯ୍ୟ କରୁଥିବା ସମୟରେ ୧୮୯୭ ସାଲରେ ମନମୋହନ ଚକ୍ରବର୍ତ୍ତୀ ଓଡ଼ିଆ ଭାଷା ଓ ସାହିତ୍ୟ ବିଷୟରେ ଜର୍ଣ୍ଣାଲ୍ ଅଫ୍ ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ୍ ନାମକ ଗବେଷଣାତ୍ମକ ପତ୍ରିକାରେ ସୁବିସ୍ତୃତ ଆଲୋଚନା କରିଥିଲେ । ଏହି ଆଲୋଚନା ବହୁ ସ୍ଥଳରେ ପ୍ରମାଦପୂର୍ଣ୍ଣ ହେଲେହେଁ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଚକ୍ରବର୍ତ୍ତୀ ମହାଶୟଙ୍କର ଆନ୍ତରିକତା ଯେ ଯଥେଷ୍ଟ ଥିଲା ତାହାର ପ୍ରମାଣ ମିଳିଅଛି । ଭକ୍ତଚରଣ ଦାସଙ୍କ ବିଷୟରେ ଆଲୋଚନା କରି ସେ ଲେଖିଥିଲେ, ''ରସକଲ୍ଲୋଳର ପରିପୂରକ ରୂପେ ମଥୁରାମଙ୍ଗଳର ସୃଷ୍ଟି । ଉପେନ୍ଦ୍ରଙ୍କ ପରେ ଏହା ରଚିତ । କବିଙ୍କ ବିଷୟରେ ଏହି ଗ୍ରନ୍ଥରେ କୌଣସି ବିବରଣ ନାହିଁ । ସେ ନିଜକୁ ବୈରାଗୀ ବୋଲି କହିଛନ୍ତି । ସେ ଗୁଣ୍ଡିଚା ବିଜେ ସମୟରେ ପୁରୀ ଆସିଥିଲେ (ଦଶମ ଛାନ୍ଦ–୬ ପଦ) । ବୈଷ୍ଣବଧର୍ମ ଗ୍ରହଣ ପରେ ବୋଧହୁଏ ସେ ଭକ୍ତଚରଣ ଦାସ ନାମରେ ପରିଚିତ ହେଲେ । (ଦ୍ରଷ୍ଟବ୍ୟ–Notes on the Language and Literature of Orissa, by M. M. Chakravarti; J. A. S. B. 1897. No.4. Page–317.)

## (୬) ବିଜୟଚନ୍ଦ୍ର ମଜୁମଦାରଙ୍କ ମତ :

କବି ଭକ୍ତଚରଣ ଦାସଙ୍କ ବିଷୟରେ ଆଲୋଚନା କରି ମଜୁମଦାର ମହାଶୟ ମତ ପ୍ରଦାନ କରିଅଛନ୍ତି, "Bhakta Charan Dasa was a contemporary of Dina Krishna. He and Dina Krishna form a link in the matter of literary form and style between the old and the new; by new I mean here the artificial style which characterizes the writings of Upendra Bhanja and his successors. Bhakta Charan's Mathura Mangal takes no doubt the character of a religious poem, but the readers will not fail to notice that the poet made a conscious effort to give a general literary character to his work, by introducing various metres in composing the Mathura Mangala. Besides the Mathura Mangala, Bhakta Charana is the author of two other works not noticed by Mr. Chakravarti, they are Manabodha Chautisa and Kala Kalevara Chautisa. The first named work advocates renunciation of the world, while the Kala Kalevara Chautisa sings the charms of the person of Sri Krishna in a simple language." (ଦ୍ରଷ୍ଟବ୍ୟ–Introduction to the Typical Selections from Oriya Literature, Vol II, Part III.)

Digitized by PPRACHIN, SOA

## (୭) ପଣ୍ଡିତ ବିନାୟକ ମିଶ୍ରଙ୍କ ମତ :

ଓଡ଼ିଆ ସାହିତ୍ୟର ଇତିହାସ ନାମକ ପୁସ୍ତକରେ ଭକ୍ତଚରଣ ଦାସଙ୍କ ବିଷୟରେ ସେ ଲେଖିଛନ୍ତି; ''ମୁଁ ଅନେକ ଲୋକଙ୍କଠାରୁ ଶୁଣିଅଛି, କବି ଖୋର୍ଦ୍ଧାର ନିକଟବର୍ତ୍ତୀ କୌଣସି ସ୍ଥାନରେ ଜନ୍ମଗ୍ରହଣ କରିଥିଲେ ଓ ଏହାଙ୍କ ବଂଶଧର ଅଦ୍ୟାପି ସେଠାରେ ଅଛନ୍ତି । କିନ୍ତୁ ଭଲରୂପେ ଏହାଙ୍କ ସମ୍ବନ୍ଧରେ ଅନୁସନ୍ଧାନ କରିବାର ସୁଯୋଗ ମୁଁ ପାଇ ନାହିଁ । ଏ ବେଶୀ ପ୍ରାଚୀନ ନୁହନ୍ତି ବୋଲି ଶୁଣାଯାଏ । ଭକ୍ତଚରଣ ଦାସ ମଥୁରାମଙ୍ଗଳର ଗୋଟିଏ ଛାନ୍ଦକୁ ଅଷ୍ଟାଦଶ ଶତାବ୍ଦୀର ଦୀନକୃଷ୍ଣ ଦାସଙ୍କ ରଚିତ ଗୁଣସାଗର ବାଣୀରେ ଗାଇବାପାଇଁ ନିର୍ଦ୍ଦେଶ କରିଅଛନ୍ତି । ସୁତରାଂ କବି ୧୭୫୦ ଖ୍ରୀଷ୍ଟାବ୍ଦର ପୂର୍ବବର୍ତ୍ତୀ ନୁହନ୍ତି ।'' (ଦ୍ରଷ୍ଟବ୍ୟ—ଓଡ଼ିଆ ସାହିତ୍ୟର ଇତିହାସ, ପୃ. ୧୫୯-୧୬୦) । ୧୯୬୨ ସାଲରେ ପଣ୍ଡିତ ବିନାୟକ ମିଶ୍ରଙ୍କର ଓଡ଼ିଆ ସାହିତ୍ୟର ଇତିହାସର ଦ୍ୱିତୀୟ ସଂସ୍କରଣ ପରିବର୍ଦ୍ଧିତ ରୂପରେ ପ୍ରକାଶ ପାଇଅଛି । ମାତ୍ର ସେ ଏଥିରେ ଭକ୍ତଚରଣ ଦାସଙ୍କ ଜୀବନୀ ଉପରେ ଆଦୌ ଆଲୋକପାତ କରି ନାହାନ୍ତି ।

## (୮) ମାୟାଧର ମାନସିଂହଙ୍କ ମତ :

୧୯୬୨ ସାଲରେ ଡ. ମାୟାଧର ମାନସିଂହଙ୍କ History of Oriya Literature ପୁସ୍ତକ ଭାରତୀୟ ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ ହୋଇଅଛି । ୧୯୬୭ ସାଲରେ ଏହି ଗ୍ରନ୍ଥର ଓଡ଼ିଆ ଅନୁବାଦ ପରିବର୍ଦ୍ଧିତ ଆକାରରେ ପ୍ରକାଶ ପାଇଅଛି । ଏଥିରେ ସେ ଭକ୍ତଚରଣ ଦାସଙ୍କ ବିଷୟରେ ଆଲୋଚନା କରିବାକୁ ଯାଇ ଲେଖିଛନ୍ତି, ''ଯାହାକୁ 'ଇନ୍‌ସ୍ପାୟାର୍ଡ୍' ବା 'ଦେବ ପ୍ରେରିତ' କହିପାରିବା ମଥୁରାମଙ୍ଗଳର କବି ଭକ୍ତଚରଣ ସେ ଶ୍ରେଣୀର କବି ନୁହନ୍ତି । ଇଂରେଜ କବି ମାଥ୍ୟୁ ଆର୍‌ନଲଡ୍‌ଙ୍କ ପରି ସେ ଓଡ଼ିଆ ଜାତିର ସାଂସ୍କୃତିକ ଜଗତରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି, ପ୍ରତିଭାର ସ୍ୱତଃ-ଉତ୍ସାରିତ, ଅନିବାର୍ଯ୍ୟ ଭାବରାଜି ଦ୍ୱାରା ତେତେ ନୁହେଁ, ଯେତେ ଏକ ପଣ୍ଡିତ ଓ ସୁଧୀଜନର ବିଜ୍ଞଦର୍ଶନ ଓ ଉପଦେଶାବଳି ଦ୍ୱାରା । × × × ଭକ୍ତଚରଣ (୧୭୮୦-୧୮୫୫) ଶେଷ ବୟସରେ ଖୋର୍ଦ୍ଧାର ରାଜସୁନାଖଳାଠାରେ ବସତି କରିଥିଲେ ବୋଲି କୁହାଯାଏ । ସେ ଗ୍ରାମରେ ଏବେବି ଭକ୍ତଚରଣଙ୍କ ମଠ ବିରାଜିତ ।'' (ଦ୍ରଷ୍ଟବ୍ୟ—ଓଡ଼ିଆ ସାହିତ୍ୟର ଇତିହାସ, ପୃ. ୧୯୫-୧୯୬) ।

## (୯) ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତ :

ସ୍ୱର୍ଗତ ଅଧ୍ୟାପକ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ପ୍ରାଚୀ ସମିତି ଆନୁକୂଲ୍ୟରେ ମଥୁରାମଙ୍ଗଳର ଶୁଦ୍ଧ ସଂସ୍କରଣ ସମ୍ପାଦନା କରିଥିଲେ । ସେ ଭକ୍ତଚରଣ ଦାସଙ୍କ ବିଷୟରେ ବିସ୍ତୃତ ଆଲୋଚନା କରି ପ୍ରମାଣ ବଳରେ କବିଙ୍କର କାଳ ନିରୂପଣ କରିଅଛନ୍ତି । ଏହି ପ୍ରସଙ୍ଗରେ ସେ ଲେଖିଛନ୍ତି, ''ଭକ୍ତଚରଣ ତାଙ୍କ ତୃତୀୟାବସ୍ଥାରେ ମଥୁରାମଙ୍ଗଳ ରଚନା କରିଥିବା ପୂର୍ବେ

Digitized by PPRACHIN, SOA

କଥିତ ହେଉଅଛି—ସେ ତାଙ୍କ ୫୦ ବର୍ଷ ସମୟରେ ମଥୁରା ମଙ୍ଗଳ ଲେଖିଥିଲେ; ତାହା ପ୍ରାୟ ୧୭୭୦-୧୭୭୫ ସାଲର ଆଖପାଖ ହେଉଅଛି । ତାରିଣୀ ଚରଣ ଭକ୍ତଚରଣଙ୍କୁ ଓ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କୁ ଅଭିମନ୍ୟୁଙ୍କ ପରବର୍ତ୍ତୀ କରି ଥୋଇ ଅଛନ୍ତି । ଏହା ତାଙ୍କର ଭ୍ରମ, କାରଣ ସଦାନନ୍ଦ କବିସୂର୍ଯ୍ୟ ଅଭିମନ୍ୟୁଙ୍କ ଗୁରୁ । ଉତ୍କଳ ସାହିତ୍ୟର ଇତିହାସରେ ଭକ୍ତଚରଣ ଦାସ, ସଦାନନ୍ଦ କବିସୂର୍ଯ୍ୟ ଓ ଅଭିମନ୍ୟୁଙ୍କ ନାମ କ୍ରମାନ୍ୱୟରେ ରହିବାର କଥା । ଏହି ତିନିଜଣ ଏକ କାଳରେ ଜୀବିତ ଥିଲେ । ଏମାନଙ୍କ ମଧ୍ୟରେ ଭକ୍ତଚରଣ ଓ ସଦାନନ୍ଦ ସମବୟସ୍କ ବା ଭକ୍ତଚରଣ ଜ୍ୟେଷ୍ଠ ଓ ଅଭିମନ୍ୟୁ କନିଷ୍ଠ ଥିଲେ । ହଣ୍ଟର୍ ସାହେବଙ୍କ ଉକ୍ତି ଅନୁସାରେ ଭକ୍ତଚରଣ ୧୭୨୩ ସାଲରେ ଜୀବିତ ଥିଲେ । ଲକ୍ଷ୍ମୀକାନ୍ତ ବାବୁଙ୍କ ଗଣନା ଅନୁସାରେ ସେ ୧୭୨୯ ସାଲରେ ଜନ୍ମଗ୍ରହଣ କରିଥିଲେ । ତହୁଁ ହଣ୍ଟର୍‌ଙ୍କ ମତକୁ ତ୍ୟାଗ କରିବାକୁ ବାଧ ହେଲି । କିନ୍ତୁ ହଣ୍ଟର୍ ସାହେବ ସତ୍ୟର ସମୀପବର୍ତ୍ତୀ । ହଣ୍ଟର୍ ଓ ତାରିଣୀ ଚରଣ ଏ ବିଷୟରେ ଧନ୍ୟବାଦର ପାତ୍ର, କିନ୍ତୁ ବିଜୟବାବୁଙ୍କ ଉକ୍ତି ଭ୍ରାନ୍ତିମୂଳକ ଓ ସତ୍ୟର ତଥା କଳ୍ପନାର ବହୁ ଦୂରରେ ।'' (ଦ୍ରଷ୍ଟବ୍ୟ—ମଥୁରା ମଙ୍ଗଳ ମୁଖବନ୍ଧ—ପୃ. ୳/) ।

ଉପର୍ଯ୍ୟୁକ୍ତ ଆଲୋଚକମାନଙ୍କର ଆଲୋଚନାର ପୃଷ୍ଠଭୂମିରେ କବି ଭକ୍ତଚରଣ ଦାସଙ୍କର ଜୀବନଚରିତ ପାଠକମାନଙ୍କ ନିକଟରେ ପ୍ରକାଶ ପାଇଅଛି । ସ୍ୱର୍ଗତ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟା ଯେ ଏଥିପାଇଁ ବହୁ ପରିମାଣରେ ଦାୟୀ, କହିବା ବାହୁଲ୍ୟ ମାତ୍ର । ମଥୁରାମଙ୍ଗଳର ମୁଖବନ୍ଧରେ ସେ କବିଜୀବନ ଉପରେ ଯଥେଷ୍ଟ ଆଲୋକପାତ କରିଅଛନ୍ତି ।

କବି ଭକ୍ତଚରଣ ଦାସ ଖୋର୍ଦ୍ଧାର ସାନପଦର ଗ୍ରାମରେ ପ୍ରାୟ ୧୭୨୯ ସାଲରେ ଜନ୍ମଗ୍ରହଣ କରିଥିଲେ । ସେ ପିଲା ଦିନରୁ ବୈରାଗୀ ଚରଣ ପଟ୍ଟନାୟକ ନାମରେ ପରିଚିତ ଥିଲେ । ବୈଷ୍ଣବ ଧର୍ମ ଗ୍ରହଣ କରିବା ପରେ ସେ ଭକ୍ତଚରଣ ଦାସ ନାମରେ ପରିଚିତ ହେଲେ । ଶୁଣାଯାଏ, ସେ ପାଦରେ ଚାଲି ଚାଲି ଭାରତର ବହୁ ପ୍ରସିଦ୍ଧ ସ୍ଥାନ ପରିଦର୍ଶନ କରିଥିଲେ । ବୈଷ୍ଣବଧର୍ମ ଗ୍ରହଣ କରିବା ପରେ ସେ ଖୋର୍ଦ୍ଧା, ବାଣପୁର, ଦଶପଲ୍ଲା ଓ ସୁନାଖଳାରେ ଚାରିଗୋଟି ମଠ ସ୍ଥାପନ କରିଥିଲେ । ସେ ସୁନାଖଳା ମଠରେ ତାଙ୍କ ଜୀବନର ଅଧିକାଂଶ ସମୟ ଅତିବାହିତ କରିଥିବାର ଶୁଣାଯାଏ ।

ସୁନାଖଳା ମଠରେ ଅବସ୍ଥାନ କରିବା ପୂର୍ବରୁ ସେ ଦଶପଲ୍ଲାର ଗୌଡ଼ପାଟଣାଠାରେ ମଠ ସ୍ଥାପନ କରି ସେଠାରେ ଅବସ୍ଥାନ କରୁଥିଲେ । କୌଣସି କାରଣବଶତଃ ସେ ରାଜାଙ୍କର ଅପ୍ରୀତିଭାଜନ ହେବାରୁ ରାଜକର୍ମଚାରୀମାନେ ତାଙ୍କ ପ୍ରତି ଶତ୍ରୁତା ଆଚରଣ କଲେ । ସେମାନେ ଭକ୍ତଚରଣଙ୍କୁ ସେଠାରୁ ବିତାଡ଼ିତ କରିବାକୁ ଲାଗି ପଡ଼ିଲେ । ଭକ୍ତଚରଣ ଗୌଡ଼ପାଟଣା ମଠରେ ବୃନ୍ଦାବନଚନ୍ଦ୍ରଙ୍କର ବିଗ୍ରହକୁ ପୂଜା କରୁଥିଲେ । ରାଜକର୍ମଚାରୀମାନେ ତାଙ୍କ ସହିତ ଶତ୍ରୁତା କରି ବୃନ୍ଦାବନଚନ୍ଦ୍ରଙ୍କର ବିଗ୍ରହକୁ ନଦୀରେ ପକାଇଦେଲେ । ଏଥିରେ କ୍ଷୁଣ୍ଣ ହୋଇ ଭକ୍ତଚରଣ ଦଶପଲ୍ଲା

Digitized by PPRACHIN, SOA

ରାଜ୍ୟ ପରିତ୍ୟାଗ କରି ସୁନାଖଳାକୁ ଚାଲି ଆସିଲେ ଓ ସେଠାରେ ଅବସ୍ଥାନ କଲେ । ସେ ଏପରି ଏକନିଷ୍ଠ ଭକ୍ତ ଥିଲେ ଯେ ରାଜକର୍ମଚାରୀମାନେ ବୃନ୍ଦାବନଚନ୍ଦ୍ରଙ୍କର ବିଗ୍ରହକୁ ନଦୀଗର୍ଭରେ ନିକ୍ଷେପ କରିବା ପରେ ଇଷ୍ଟଦେବଙ୍କର ସ୍ୱପ୍ନାଦେଶ ପାଇ ନଦୀଗର୍ଭରୁ ତାଙ୍କର ବିଗ୍ରହକୁ ଉଦ୍ଧାର କରିଥିଲେ । ବୃନ୍ଦାବନଚନ୍ଦ୍ରଙ୍କର ବିଗ୍ରହକୁ ସୁନାଖଳା ମଠରେ ସ୍ଥାପନ କରି ତାଙ୍କର ପୂଜାରେ ସେ ସେଠାରେ ନିଜକୁ ନିୟୋଜିତ କରିଥିଲେ ।

ଭକ୍ତଚରଣ ଯେ କେବଳ ଜଣେ ବୈଷ୍ଣବ କବି ଥିଲେ, ତାହା ନୁହେଁ । ଜଣେ ଦକ୍ଷ ଚିକିତ୍ସକ ଭାବରେ ସେ ସୁନାମ ଅର୍ଜନ କରିଥିଲେ । ସେ ଦୁଇଖଣ୍ଡି ବୈଦ୍ୟଶାସ୍ତ୍ର ରଚନା କରିଥିଲେ । ସେ ତାଙ୍କର ମନଃଶିକ୍ଷା ନାମକ ଏକ ଗ୍ରନ୍ଥରେ ଶ୍ରୀକୃଷ୍ଣ ଚୈତନ୍ୟଙ୍କୁ ବୈଦ୍ୟ ରୂପରେ ଚିତ୍ରିତ କରି ଉପମାଛଳରେ ବହୁ ରୋଗ, ଚିକିତ୍ସା ଓ ଔଷଧ ବିଷୟ ବର୍ଣ୍ଣନା କରିଛନ୍ତି । ସେ ଜଣେ ସୁଦକ୍ଷ ଚିକିତ୍ସକ ଭାବରେ ବହୁ ଜଟିଳ ରୋଗୀଙ୍କର ଚିକିତ୍ସା କରି ସେମାନଙ୍କୁ ଆରୋଗ୍ୟ କରିଥିବାର ଶୁଣାଯାଏ । ସୁନାଖଳାରେ ଅବସ୍ଥାନ କରୁଥିବା ସମୟରେ ସେ ମଥୁରାମଙ୍ଗଳ କାବ୍ୟ ରଚନା କରିଥିଲେ । ସେ ୮୪ ବର୍ଷ ପର୍ଯ୍ୟନ୍ତ ଜୀବିତ ଥିବାର ଶୁଣାଯାଏ । ତାଙ୍କର ଦେହାନ୍ତ ବିଷୟରେ ଶୁଣାଯାଏ ଯେ, ଦେହତ୍ୟାଗର ଆଠଦିନ ପୂର୍ବରୁ ସେ ସୁନାଖଳାର କେତେକ ଧର୍ମପ୍ରାଣ ବ୍ୟକ୍ତିଙ୍କ ସହିତ ନାମସଂକୀର୍ତ୍ତନ କରି ପୁରୀ ବାସେଲୀ ସାହିରେ ଅବସ୍ଥାନ କରୁଥିବା 'ମଧୁମଙ୍ଗଳ' କାବ୍ୟର କବି ଦୁଃଖୀଶ୍ୟାମ ଦାସଙ୍କ ମଠରେ ପହଞ୍ଚିଲେ । ସେଠାରେ ହରିନାମ ସଂକୀର୍ତ୍ତନ କରିବା ଅବସ୍ଥାରେ ୧୮୧୩ ସାଲ କାର୍ତ୍ତିକମାସ ଶୁକ୍ଳ ଏକାଦଶୀ ଦିନ ଦେହତ୍ୟାଗ କରିଥିଲେ ।

## କବିଙ୍କର ରଚନାବଳୀ :

କବି ଭକ୍ତଚରଣ ଦାସ ମଥୁରାମଙ୍ଗଳର ସ୍ରଷ୍ଟା ଭାବରେ ଖ୍ୟାତିଲାଭ କରିଥିଲେହେଁ ତାଙ୍କର ଅନ୍ୟ ରଚନାଗୁଡ଼ିକ ପାଇଁ କମ୍ ଖ୍ୟାତିସମ୍ପନ୍ନ ନୁହନ୍ତି । ଗୋପମଙ୍ଗଳ, ମନଃଶିକ୍ଷା, କଳାକଳେବର ଚଉତିଶା ଓ ମନବୋଧ ଚଉତିଶା ତାଙ୍କର ଅନ୍ୟାନ୍ୟ ଖ୍ୟାତିସମ୍ପନ୍ନ ରଚନା । ସେ ମଧ୍ୟ ଦୁଇଖଣ୍ଡି ବୈଦ୍ୟଶାସ୍ତ୍ର ରଚନା କରିଥିଲେ । ମଥୁରାମଙ୍ଗଳ କାବ୍ୟ ଓଡ଼ିଶାର ରସିକ ପାଠକମାନଙ୍କ ନିକଟରେ ବିଶେଷ ଭାବରେ ଆଦୃତ ହେଲେହେଁ ତାଙ୍କର ମନବୋଧ ଚଉତିଶା ଏକ ସର୍ବଜନାଦୃତ ବିଶିଷ୍ଟ କୃତି । ଓଡ଼ିଶାର ପୁରପଲ୍ଲୀରେ ଏପରି ଲୋକ ନାହିଁ ଯେ କି ମନବୋଧ ଚଉତିଶାର କେତେକ ପଦ ମୁଖସ୍ଥ ନକରିଛି । ମନବୋଧ ଚଉତିଶାର ପଦସମୂହ ଏପରି ତତ୍ତ୍ୱପୂର୍ଣ୍ଣ ଯେ ତାହା ମାୟାମୋହଗ୍ରସ୍ତ ମାନବକୁ ପ୍ରତ୍ୟେକ କ୍ଷେତ୍ରରେ ଯଥାର୍ଥ ଶିକ୍ଷାଦାନ କରିବାକୁ ସମର୍ଥ ହୋଇଥାଏ । ଏହି ଚଉତିଶାଟି କବିଙ୍କର ଗଭୀର ତତ୍ତ୍ୱଜ୍ଞାନର ଯଥେଷ୍ଟ ପରିଚୟ ଦେଇଥାଏ । ସଂସାର ଜଞ୍ଜାଳଗ୍ରସ୍ତ ମାନବର ମନକୁ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ କରିବାପାଇଁ କବି ଲେଖିଛନ୍ତି–

Digitized by PPRACHIN, SOA

''କହଇ ମନ ଆରେ ମୋ ବୋଲ କର
କଳାଶ୍ରୀମୁଖ ବାରେ ଦେଖିବା ଚାଲରେ
କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଠ
କିଘେନି ଯିବୁ ତୋର ଛୁଟିଲେ ଘଟରେ ।

ଖଣ୍ଡି ଯେ ଖଣ୍ଡି ତୋର ପିଞ୍ଜରା-କାଠି
ଖାଉଣ ଥିବେ ଶ୍ୱାନ ଶୃଗାଳ ବାଣ୍ଟିରେ
ଖଟ ପଲ୍ୟଙ୍କେ ମନ ଶେଯାଇ ଶୋଉ
ଖଳ ଦୁର୍ଗନ୍ଧ ହେବ ଏତୋର ଦେହୁରେ ।''

ମନବୋଧ ଚଉତିଶାର ପ୍ରତ୍ୟେକ ପଦ ଏହିପରି ତତ୍ତ୍ୱପୂର୍ଣ୍ଣ ଉପଦେଶଗର୍ଭିତ । ଯେ କୌଣସି କଠିନ ହୃଦୟ ବ୍ୟକ୍ତି ମନବୋଧ ଚଉତିଶାର ଆବୃତ୍ତି ଶୁଣିଲେ ମୁଗ୍‌ଧ ନହୋଇ ରହିପାରିବ ନାହିଁ ।

କବିଙ୍କର ମନଃଶିକ୍ଷା କାବ୍ୟ ବହୁକାଳ ଧରି ଅପ୍ରକାଶିତ ରହିଥିଲା । ବାରିପଦାର ଭକ୍ତିବିନୋଦ ଲାଇବ୍ରେରୀ ୧୯୬୨ ସାଲରେ ତାହାକୁ ପ୍ରକାଶ କରିଅଛନ୍ତି । ମନଃଶିକ୍ଷା ପୁସ୍ତକ ପ୍ରକାଶ ପାଇବା ପରେ ତାହା ବିଷୟରେ କେତେକ ଆଲୋଚକ ଆଲୋଚନା କରିଅଛନ୍ତି । ମନଃଶିକ୍ଷା କାବ୍ୟରୁ କବିଙ୍କର ଧର୍ମମତ ବିଷୟରେ ସ୍ପଷ୍ଟ ଧାରଣା ମିଳିଥାଏ । କବି ଶୁଦ୍ଧାଭକ୍ତିବାଦର ପ୍ରଶଂସା ଗାନରେ ଶତମୁଖ ହୋଇ ପଡ଼ିଅଛନ୍ତି । ମନଃଶିକ୍ଷାର ବର୍ଣ୍ଣନାରେ ବହୁସ୍ଥଳରେ ବଙ୍ଗଳା ଚୈତନ୍ୟ ଚରିତାମୃତର ପ୍ରଭାବ ପଡ଼ିଥିବାର ପରିଲକ୍ଷିତ ହୁଏ । କବି ଶ୍ରୀଚୈତନ୍ୟଙ୍କୁ କଳ୍ପଦ୍ରୁମ ରୂପରେ ଏବଂ ପ୍ରେମ ଭକ୍ତିକୁ ସେହି ଦ୍ରୁମର ଫଳ ରୂପରେ ବର୍ଣ୍ଣନା କରିଅଛନ୍ତି–

''ଯୋଗୀ ସନ୍ନ୍ୟାସୀ କର୍ମୀଜ୍ଞାନୀ
ଚଣ୍ଡୀସାଧକ ପ୍ରେତ ଧ୍ୟାନୀ
ଏସର୍ବ ଲୋଭ କରି ମନେ
ମିଳିଲେ ମାଳାକାର ସ୍ଥାନେ ।
ମାଗି ଖାଇଲେ ପ୍ରେମଫଳ
ଛାଡ଼ିଲା ବିଷୟ ଗରଳ ।
ଚୈତନ୍ୟ ଉପାସକ ହେଲେ
ପୂର୍ବ ବିଷୟ ପାସୋରିଲେ ।
କୃଷ୍ଣ ଚୈତନ୍ୟ କଳ୍ପଦ୍ରୁମ
ଶ୍ରୀନବ ଦ୍ୱୀପେ ଉତପନ୍ନ ।
ସେ ବୃକ୍ଷ ଯେଉଁ ରୂପେ ଜାତ

Digitized by PPRACHIN, SOA

ଆନନ୍ଦେ ଶୁଣରେ ମାନସ ।
ଶଚୀ ଉଦର ଆଳ ବାଳ
ବୀଜ ଏ ଅଦ୍ୱୈତ ହୁଙ୍କାର ।
ରକ୍ଷକ ମିଶ୍ର ଜଗନ୍ନାଥ
ସେ ବୀଜ ହୁଙ୍କାର ଅଦ୍ଭୁତ ।
ବୃକ୍ଷ ଉଠିଲା ଗୌରବର୍ଣ୍ଣ
ମୂଳ ତାହାର ନବଜନ ।
ବକଳ ଚଉଷଠୀ ଯହିଁ
ଦ୍ୱାଦଶ ଗଣ୍ଡି ଅଛି ତହିଁ ।
ରସ ପଞ୍ଚମ ପରକାର
ବହି ପଡ଼ଇ ଧାରଧାର ।
ପୁଷ୍ପ ତା ସଂଖ୍ୟା ନାହିଁ ଲେଖା
ପତ୍ରିକା ବଳେ କରି ସଂଖ୍ୟା ।
ଶାଖା ତହିଁରେ ଅପ୍ରମିତ
ଫଳ ଫଳିଲା ନାହିଁ ଅନ୍ତ ।
ଏ ବୃକ୍ଷ ଚଉଦିଗେ ଛାୟା
ତାରଇ ଜୀବେ ନାହିଁ ମାୟା ।''

(ମନଃଶିକ୍ଷା—ପୃ.୫୦)

କବିଙ୍କର ଏହି ବର୍ଣ୍ଣନା ଚୈତନ୍ୟ ଚରିତାମୃତର ବର୍ଣ୍ଣନା ଦ୍ୱାରା କିପରି ପ୍ରଭାବିତ ହୋଇଅଛି ତାହା ଚୈତନ୍ୟ ଚରିତାମୃତର ନିମ୍ନୋଦ୍ଧୃତିରୁ ପରୀକ୍ଷା କରାଯାଇପାରେ—

''ଉଡୁମ୍ବର ବୃକ୍ଷ ଯୈଛେ ଫଲେ ସର୍ବ ଅଙ୍ଗେ
ଏଇ ମତ ଭକ୍ତି ବୃକ୍ଷ ସର୍ବତ୍ର ଫଲ ଲାଗେ ।
ମୂଳ ସ୍କନ୍ଧେ ଶାଖାତେ ଆର ଉପଶାଖା ଗଣେ
ଲାଗିଲା ଯେ ପ୍ରେମଫଲ ଅମୃତକେ ଜିଣେ ।
ପାକିଲ ଯେ ପ୍ରେମଫଲ ଅମୃତ ମଧୁର
ବିଲାୟ ଚୈତନ୍ୟ ମାଲୀ ନାହିଁ ଲୟ ମୂଲ ।
ତ୍ରିଜଗତେ ଯତ ଆଛେ ଧନରତ୍ନ ମଣି
ଏକ ଫଲେର ମୂଲ୍ୟ କରି ତାହା ଯହିଁ ଗଣି ।
ମାଗେ ବା ନମାଗେ କେହୋ ପାତ୍ର ବା ଅପାତ୍ର

Digitized by PPRACHIN, SOA

ଇହାର ବିଚାର ନାହିଁ ଜାନେ ଦିବରାତ୍ର ।
ଅଞ୍ଜଳି ଅଞ୍ଜଳି ଭରି ଫେଲେ ଚତୁର୍ଦ୍ଦିଶେ
ଦରିଦ୍ରେ କୁଡ଼ାୟେ ଖାୟ ମାଲାକାର ହାସେ ।"
(ଚୈତନ୍ୟ ଚରିତାମୃତ—ନବମ ପରିଚ୍ଛେଦ—ପୃ.୭୨) ।

କବିଙ୍କର କଳାକଳେବର ଚଉତିଶା ଏକ ସର୍ବଜନାଦୃତ କବିତା । ଏହାକୁ ଓଡ଼ିଶାର ଅଗଣିତ ବାଳକ ବାଳିକାଠାରୁ ଆରମ୍ଭକରି ବୃଦ୍ଧ ବୃଦ୍ଧା ପର୍ଯ୍ୟନ୍ତ ସୁଲଳିତ କଣ୍ଠରେ ଗାନ କରିଥାଆନ୍ତି । ଶ୍ରୀକୃଷ୍ଣ ଯେତେବେଳେ ବଳରାମଙ୍କ ସହିତ ଅକ୍ରୂରର ରଥରେ ବସି ମଥୁରାକୁ ଯାତ୍ରା କଲେ ସେତେବେଳର ପରିବେଶ ତଥା ସୌନ୍ଦର୍ଯ୍ୟ ବର୍ଣ୍ଣନା କବିଙ୍କର ଲେଖନୀରେ ଅତ୍ୟନ୍ତ ହୃଦ୍ୟ ହୋଇଅଛି । ଏହି ଚଉତିଶାଟି ଏପରି ସରଳ ଓ ଭାବପୂର୍ଣ୍ଣ ଯେ ଯେକୌଣସି ବ୍ୟକ୍ତି ଏହା ଗୀତ ହେବାର ଶୁଣିଲେ ଭାବରେ ତନ୍ମୟ ହେବାର କଥା—

"କଳାକଳେବର କହ୍ନାଇ ସଙ୍ଗେ ରୋହିଣୀସୁତ
କରନ୍ତି ମଥୁରା ବିଜୟ ଦାଣ୍ଡେ ଦେଖ ସଙ୍ଗାତ ।
ଖସି ପଡୁଛି କି ଆକାଶୁଁ କିବା ଗଙ୍ଗା-ଯମୁନା
କ୍ଷୀର ସଙ୍ଗେ ପ୍ରାଣ ଶୋଷିଲେ ନାଶ ଗଲା ପୂତନା ।
× × × ×
ଟୋପି ଟୋପି ଗୋପୀ ଚନ୍ଦନ ମଣ୍ଡିଛନ୍ତି କି ସାଜେ
ଟେକି ବାରେ ଦେଖ ମଥୁରା ଦାଣ୍ଡେ ଗୋବିନ୍ଦ ବିଜେ ।
ଠାବେ ଠାବେ ଗୋଳ ଚହଳ ବେଣୁ ଶିଙ୍ଘା ବଇଁଶୀ
ଠିଆ ହୋଇ ଭକ୍ତଦାସ ତା ଦାଣ୍ଡେ ଦେଖଇ ଆସି ।"

କବିଙ୍କର ବର୍ଣ୍ଣନାଚାତୁରୀ ବିଶେଷ ପ୍ରଶଂସାଯୋଗ୍ୟ । ସୁଲଳିତ ପଦଯୋଜନା ମଧ୍ୟରେ କବିଙ୍କର କଳ୍ପନାପ୍ରବଣତା ତାଙ୍କୁ ଜଣେ କୃତବିଦ୍ୟ କଳାକାରର ଆସନ ପ୍ରଦାନ କରିଅଛି ।

## ମଥୁରାମଙ୍ଗଳ—କାବ୍ୟ ବିଚାର :

ପ୍ରଥମ ଛାନ୍ଦ—ଓଡ଼ିଆ କାବ୍ୟ ସାହିତ୍ୟର ରୀତି ଅନୁସାରେ କବି ପ୍ରଥମ ଛାନ୍ଦରେ ଇଷ୍ଟବନ୍ଦନା କରିଅଛନ୍ତି । ସେ ଅନ୍ୟାନ୍ୟ ବୈଷ୍ଣବ କବିମାନଙ୍କ ପରି ଜଗନ୍ନାଥଙ୍କୁ ଅବତାରୀ ଭାବରେ ଚିତ୍ରଣ ନ କରି ଶ୍ରୀକୃଷ୍ଣଙ୍କୁହିଁ ବନ୍ଦନା କରି ଅଛନ୍ତି । ଏହି ପ୍ରସଙ୍ଗରେ ସେ ଶ୍ରୀକୃଷ୍ଣଙ୍କର ମହିମା ପ୍ରଖ୍ୟାପନ କରିବାକୁ ଯାଇ ଯାହା ଲେଖିଛନ୍ତି ତାହା ଯେକୌଣସି ବୈଷ୍ଣବ କବିଙ୍କର, ବର୍ଣ୍ଣନାର ଅନୁରୂପ ହୋଇଅଛି । ଶ୍ରୀକୃଷ୍ଣଙ୍କୁ ସ୍ୱୟଂ ଭଗବାନ ଭାବରେ ଗ୍ରହଣ କରି ତାଙ୍କର ଲୀଳାଖେଳାର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିବା ପରେ କବି ନିଜର କାମନା ପ୍ରକାଶ କରିଅଛନ୍ତି । ସଂସାରର ଜଞ୍ଜାଳ ମଧ୍ୟରେ ଆବଦ୍ଧ ରହି ମନୁଷ୍ୟ ତାର ଜୀବନର ସାର୍ଥକତା ଉପଲବ୍ଧି

Digitized by PPRACHIN, SOA

କରିପାରେ ନାହିଁ । ମନୁଷ୍ୟ ଜୀବନର ସାର୍ଥକତା ଈଶ୍ୱରଭକ୍ତିରେ ନିହିତ । ତେଣୁ କବି ଏହି ପ୍ରସଙ୍ଗରେ ନିଜର କାମନାକୁ ନିମ୍ନମତେ ପ୍ରକାଶ କରିଅଛନ୍ତି–

''ଏଣୁ ମନରେ କରଇ ବିଚାର । ତୋହ ବ୍ୟତ୍ରର୍କେ ଗତି ନାହିଁ ମୋର ।
ଯେବେ ସୁଦୟା କରିବ ମୋହରେ । ମନ ରଖାଇ ପଙ୍କଜ ପୟରେ ।
ଆଉ ସମ୍ପଦେ ନାହିଁ ପ୍ରୟୋଜନ । ଭକ୍ତି ବିନେ ମୋ ଦରିଦ୍ର ଜୀବନ ।
ସୁଜ୍ଞଜନଙ୍କ ମୁଖରୁ ଶୁଣିଲି । କୃଷ୍ଣଭଜିଲେ ତରନ୍ତି ଜାଣିଲି ।
ଜ୍ଞାନ ସ୍ମରଣ ପଠନ ଶ୍ରବଣେ । ପୂର୍ବେ ତରିଅଛନ୍ତି ମୁନିଗଣେ ।
ସେହୁ ପୁରାଣେ ହୋଇଛି ଲେଖନ । ମିଥ୍ୟା ନୁହଇ ପ୍ରମାଣ ବଚନ ।
ନିଶି ଦିବସେ ଯେ ହରି ଭଜନ୍ତି । ଭବ କଳୁଷ ସନ୍ତାପ ତେଜନ୍ତି ।
ଏଣୁ ବିଚାର କରଇ ମନରେ । କିଁପା ମରୁଛି ଏ ଦୁଃଖ-ବନରେ ।
ଧନଜନ-ଜୀବନ ଚିର ନୋହେ । ପାପ-ଅନଳ ପିଣ୍ଡ-କାଷ୍ଠ ଦହେ ।
ଲୋଭ ସକଳ ଦ୍ରବ୍ୟେ ପ୍ରବର୍ତ୍ତାଇ । କାମ କାମିନୀ ମଦରେ ମତାଇ ।
ମୋହ ମୋହିତ କଲା ଦିବାନିଶି । ମର୍ମେ ଘୋଟି ରହିଲା ପାପରାଶି ।
ଚଳି ନୁହଇ ଯାତନାରେ ପଡ଼ି । ଦିନୁ ଦିନ ଆୟୁଷ ଗଲା ଛିଡ଼ି ।
ଏଣୁ ବିଚାର କଲି ମୋର ଚିତ୍ତେ । ବୁଦ୍ଧି ନ ଦିଶେ ତରିବି କେମନ୍ତେ ।
କୃଷ୍ଣ ଚରିତ ଅମୃତ ବାରାଧି । କଳିକଳୁଷ ରୋଗକୁ ଔଷଧି ।
ତହୁଁ କିଛି ପ୍ରସଙ୍ଗରେ କହିବି । ଦୁଷ୍ଟ ପାତକ ଭାରାକୁ ଦହିବି ।
ଗୀତ କରିରଞ୍ଜିବି ହରିଲୀଳା । ଦୟାକର ହେ ସ୍ୱାମୀ ନନ୍ଦବଳା ।
ଯେଉଁ ରୂପେ କଂସ କେଶୀ ବଧିଲ । ଏଥିପରେ ନାନା ଦୁଷ୍ଟ ସାଧିଲ ।
ତାହା କହିବାକୁ ମୋର ବିଚାର । ରାଗବନ୍ଧରେ କରିବି ପ୍ରଚାର ।
ମୋର ହୃଦୟରେ ବସି ଦିଅ କହି । ଭକ୍ତଚରଣ ଏତେକ ମାଗଇ ।''

କବି ଶ୍ରୀକୃଷ୍ଣ ଲୀଳାମୃତକୁ ଅବଲମ୍ବନ କରି ଏକ କାବ୍ୟ ରଚନା କରିବାକୁ ଇଚ୍ଛା ପ୍ରକାଶ କରିଅଛନ୍ତି । ତାଙ୍କର ଏହି ଇଚ୍ଛା ପ୍ରକାଶ ଅଯଥାରେ ଦୀର୍ଘବର୍ଣ୍ଣନାର ଆଶ୍ରୟ ଗ୍ରହଣ କରିଅଛି । କବିଙ୍କର ଏହି ଇଚ୍ଛା ପ୍ରକାଶ ଅତ୍ୟନ୍ତ ସଂକ୍ଷିପ୍ତ ଭାବରେ ହୋଇପାରି ଥାଆନ୍ତା । ତା ପରେ କବି କାବ୍ୟର କଥାବସ୍ତୁ ନିର୍ଦ୍ଦେଶ କରିଅଛନ୍ତି । ଦୁର୍ମିଳାନନ୍ଦନ କଂସର ଅତ୍ୟାଚାର ଫଳରେ ସୁରନରଙ୍କର ଆତଙ୍କ ଓ ବ୍ରହ୍ମାଙ୍କ ସହିତ ଦେବତାମାନଙ୍କର କ୍ଷୀରସାଗରଶାୟୀ ବିଷ୍ଣୁଙ୍କ ନିକଟରେ ପ୍ରାର୍ଥନା, କଂସର ଅତ୍ୟାଚାରରୁ ମହୀକୁ ରକ୍ଷାକରିବା ନିମିତ୍ତ ଶ୍ରୀକୃଷ୍ଣ ଅବତାର ଗ୍ରହଣ ବିଷୟରେ ବିଷ୍ଣୁଙ୍କର ଅଭୟବାଣୀ, ଦେବତାମାନଙ୍କର ଆନନ୍ଦ, ଦେବକୀଙ୍କ ଗର୍ଭରୁ ଶ୍ରୀକୃଷ୍ଣଙ୍କର ଜନ୍ମ, ଗୋପରେ ଶ୍ରୀକୃଷ୍ଣଙ୍କୁ ସ୍ଥାପନ, ପୂତନା, ତୃଣା, ଶକଟା, ଅଘା ପ୍ରଭୃତି ଅସୁରୀ-ଅସୁର ବିନାଶ, କାଳୀୟ ଦଳନ, ବରୁଣ ବିବାଦ, ଗୋବର୍ଦ୍ଧନ ଗିରି ଧାରଣ, ବସ୍ତ୍ରହରଣ, କେଶୀ ମନ୍ଥନ ପ୍ରଭୃତି ଶ୍ରୀକୃଷ୍ଣଙ୍କର

Digitized by PPRACHIN, SOA

ଅଦ୍ଭୁତ କ୍ରିୟା ଶ୍ରବଣରେ କଂସର ଭୟ, ଶ୍ରୀକୃଷ୍ଣଙ୍କୁ ମଥୁରାକୁ ଆଣି ବଧ କରିବା ମାନସରେ ଅକ୍ରୂରଙ୍କୁ ଗୋପପୁରକୁ ପ୍ରେରଣ, କଂସର ଆଜ୍ଞାପତ୍ରିକା ସହ ଅକ୍ରୂରଙ୍କର ଗୋପ ଯାତ୍ରା, ଭୟରେ କଂସର ଅଶୁଭ ସୂଚନା ଦର୍ଶନ ପ୍ରଭୃତି ବହୁ ବିଷୟ ପ୍ରଥମ ଛାନ୍ଦରେ ବର୍ଣ୍ଣିତ ହୋଇଅଛି । ପ୍ରଥମ ଛାନ୍ଦରେ ବର୍ଣ୍ଣିତ କଥାବସ୍ତୁ ଉପରେ ବିପ୍ରନାରାୟଣ ଓ ଅଚ୍ୟୁତାନନ୍ଦ ଦାସଙ୍କର ହରିବଂଶର କଥାବସ୍ତୁଗତ ପ୍ରଭାବ ଅନୁମିତ ହୋଇଥାଏ । କଂସର ଅଶୁଭ ସୂଚନା ଦର୍ଶନ ଜଗନ୍ନାଥ ଦାସଙ୍କର ଭାଗବତ ବର୍ଣ୍ଣନାର ଅନୁରୂପ ହୋଇଅଛି । କଂସର ଜନ୍ମ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ଘଟଣାସମୂହକୁ କବି ଭାଗବତ ଦଶମ ସ୍କନ୍ଧରୁ ଗ୍ରହଣ କରିଥିବା ବିଷୟ ସ୍ୱୀକାର କରିଅଛନ୍ତି ।

## ଦ୍ୱିତୀୟ ଛାନ୍ଦ :

ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବାର ଆନନ୍ଦାତିଶଯ୍ୟରେ ଅଧୀର ହୋଇ ଅକ୍ରୂର ଗୋପପୁର ଉଦ୍ଦେଶ୍ୟରେ ରଥ ଚାଳନା କଲେ । ଗୋପପୁରରେ ପ୍ରବେଶ କରିବା ପୂର୍ବରୁ ପଥ ମଧ୍ୟରେ ଅକ୍ରୂର ବାଲିକୁଦ ଉପରେ ଶ୍ରୀକୃଷ୍ଣଙ୍କ ଧ୍ୱଜ-ଅଙ୍କୁଶ-ଚକ୍ର ପ୍ରଭୃତି ଚିହ୍ନିତ ପଦଚିହ୍ନ ଦେଖି ଭାବାବେଶରେ ଅଶ୍ରୁମୋଚନ କଲେ । ଗୋପରେ ପ୍ରବେଶ କରି ଅକ୍ରୂର ଶ୍ରୀକୃଷ୍ଣ ଏବଂ ବଳରାମଙ୍କୁ ଗୋଦୋହନ କରୁଥିବାର ଦେଖିଲେ । ଏହି ଅବସରରେ କବି ବଳରାମ ଓ ଶ୍ରୀକୃଷ୍ଣଙ୍କର ବେଶଭୂଷାଦି ବର୍ଣ୍ଣନା କରିଅଛନ୍ତି । ଅକ୍ରୂର ଗୋପାଳବାଳକମାନଙ୍କ ମେଳରେ ବଳରାମ ଓ ଶ୍ରୀକୃଷ୍ଣଙ୍କୁ ଚିହ୍ନିପାରିଲେ ନାହିଁ । ତା ପରେ ଶ୍ରୀକୃଷ୍ଣ ମାୟା ଅପହରଣ କରିବାରୁ ଅକ୍ରୂର ଶ୍ରୀକୃଷ୍ଣଙ୍କୁ ଚିହ୍ନିପାରିଲେ । ଶ୍ରୀକୃଷ୍ଣ ଅକ୍ରୂରଙ୍କୁ ସ୍ନେହରେ ଆଲିଙ୍ଗନ କଲେ ଏବଂ ତାଙ୍କୁ ସଙ୍ଗରେ ନେଇ ଗୃହକୁ ଗଲେ । ଗୃହରେ ଶ୍ରୀକୃଷ୍ଣ ଅକ୍ରୂରଙ୍କର ଚର୍ଚ୍ଚା କରିବା ପରେ ମଥୁରାର କୁଶଳ ପ୍ରଶ୍ନ କଲେ ଏବଂ ଅକ୍ରୂରଙ୍କର ଗୋପପୁରକୁ ଆଗମନର କାରଣ ଜିଜ୍ଞାସା କଲେ । ଅକ୍ରୂର ଗୋପପୁରକୁ ଆସିବାର କାରଣ କହିଲେ । ଶ୍ରୀକୃଷ୍ଣଙ୍କ ଆଦେଶରେ ଅକ୍ରୂର ନନ୍ଦଙ୍କୁ କଂସପ୍ରେରିତ ପତ୍ର ପ୍ରଦାନ କଲେ ।

ଏହି ଛାନ୍ଦରେ ଅକ୍ରୂରଙ୍କର ଭାବାବେଶ ବର୍ଣ୍ଣନା ଭାଗବତରେ ଥିବା ବର୍ଣ୍ଣନାର ଅନୁରୂପ । ଭାଗବତରେ ଏହି ବର୍ଣ୍ଣନା ବିସ୍ତୃତ ଭାବରେ ଦିଆଯାଇଅଛି, ମାତ୍ର ଭକ୍ତଚରଣ ଏହାକୁ ସଂକ୍ଷିପ୍ତ ଭାବରେ ବର୍ଣ୍ଣନା କରିଅଛନ୍ତି । ଅକ୍ରୂର ଯେତେବେଳେ ଶ୍ରୀକୃଷ୍ଣ ଏବଂ ବଳରାମଙ୍କୁ ଗୋଦୋହନ କରିବା ଅବସ୍ଥାରେ ଦେଖିଲେ, ସେତେବେଳେ ସେ ଶ୍ରୀକୃଷ୍ଣ ଏବଂ ବଳରାମଙ୍କୁ ଚିହ୍ନିପାରିଲେ ନାହିଁ । ଏହି ବର୍ଣ୍ଣନା ମଧ୍ୟ ଭାଗବତର ଅନୁରୂପ । ଜଗନ୍ନାଥ ଦାସଙ୍କ ଭାଗବତରେ ଅଛି—

''ଅକ୍ରୂର ଦେଖି ବିଚାରଇ । ରାମ ଗୋବିନ୍ଦ ନ ଚିହ୍ନଇ ।
ସର୍ବେ ଦିଶନ୍ତି ଏକମତେ । ମୁଁ ଅବା ଜାଣିବି କେମନ୍ତେ ।
ଦାସବତ୍ସଳ ଭଗବାନ । ଜାଣିଲେ ଅକ୍ରୂରର ମନ ।
ତକ୍ଷଣେ ନିଜ ରୂପ ହୋଇ । ଗାଈ ଦୁହଁନ୍ତି ବେନି ଭାଇ ।''

Digitized by PPRACHIN, SOA

ଭକ୍ତଚରଣ ଦାସ ଲେଖିଛନ୍ତି–

"ସମବସନ, ସମଗମନ ସମ ଚାହିଁମା ଠାଣି ।
ଚିହ୍ନି ନ ପାରି କେ ରାମହରି ଭ୍ରମଇ ମନ୍ତ୍ରୀମଣି ।
ନନ୍ଦନନ୍ଦନ ଜାଣି ତା ମନ ସଦୟ ଚିତ୍ତେ ଭାଳି ।
ଏ ସେ ଅକ୍ରୁର କଂସତଗର ମୋହର ପ୍ରାଣ ସରି ।
ମୋର ଭଗତ ସଫଳାସୁତ ଦ୍ୱିତୀୟେ ତାତ ଭ୍ରାତ ।
ଏହାକୁ ମାୟା କଲେ ନପୂଣ ଡରଇ ହୋଇ ତ୍ରସ୍ତ ।
ଏତେ ବିଚାରି ମାୟା ସଂହରି, ଅକ୍ରୁର ଦେଲା ଚାହିଁ ।
କାତରତରେ କମ୍ପେ ଅଧୀରେ, ପାଦେ ପଡ଼ିଲା ଶୋଇ ।"

## ତୃତୀୟ ଛାନ୍ଦ :

ନନ୍ଦଙ୍କ ନିକଟକୁ କଂସ ଲେଖିଥିବା ପତ୍ରର ବିଷୟବସ୍ତୁ ଏହି ଛାନ୍ଦରେ ବର୍ଣ୍ଣିତ ହୋଇଅଛି । କଂସ ଏହି ପତ୍ରରେ ନିଜର ବଳବିକ୍ରମର ଘୋଷଣା କରିଅଛି । ଇନ୍ଦ୍ର ଚନ୍ଦ୍ର ଆଦି ଦେବତାମାନେ ତାର ବଶ୍ୟତା ସ୍ୱୀକାର କରିଅଛନ୍ତି । ନନ୍ଦ ଯେ କେତେକାଳ ଧରି କଂସ ପ୍ରତି ଅବଜ୍ଞାଭାବ ପୋଷଣ କରି ଆସିଅଛି, ସେଥିପାଇଁ କଂସ କୁପିତ ହୋଇ ନନ୍ଦଙ୍କୁ ଉପହାର ଦ୍ରବ୍ୟ ସହିତ ଆସି ତା ନିକଟରେ କ୍ଷମାଭିକ୍ଷା କରିବାପାଇଁ ନିର୍ଦ୍ଦେଶ ଦେଇଅଛି । ଧନୁଉତ୍ସବ ଦେଖିବା ପାଇଁ କୃଷ୍ଣ ବଳରାମଙ୍କୁ ସଙ୍ଗରେ ଆଣି ବସିବା ପାଇଁ ମଧ କଂସ ନିର୍ଦ୍ଦେଶ ଦେଇଅଛି । ନନ୍ଦ ଏହି ପତ୍ର ପାଠ କରି ଦୁଃଖିତ ହୋଇ ମଥୁରାଯାତ୍ରା ବିଷୟ ଗୋପପୁରରେ ଘୋଷଣା କରିଅଛନ୍ତି ଏବଂ ଅକ୍ରୁରଙ୍କୁ ଆଦରର ସହିତ ସତ୍କାର କରିଅଛନ୍ତି ।

ଏହି ଛାନ୍ଦରେ ବର୍ଣ୍ଣିତ ଚିଟାଉର କଥାବସ୍ତୁ ପାଇଁ କବି ଭାଗବତ, ଅଚ୍ୟୁତାନନ୍ଦଙ୍କ ହରିବଂଶ ଓ ବିପ୍ରନାରାୟଣ ଦାସଙ୍କ ହରିବଂଶ ନିକଟରେ ବିଶେଷ ଭାବରେ ଋଣୀ । କବି ଭାଗବତରୁ କିପରି ଭାବ ଗ୍ରହଣ କରିଅଛନ୍ତି, ତାହା ନିମ୍ନୋଦ୍ଧୃତିରୁ ଜଣାଯାଇଥାଏ–

"ଶ୍ୱଶୁର ଜରାସନ୍ଧ ମୋର । ସଙ୍ଗାତ ଦ୍ୱିବିନ୍ଦ ବାନର ।
ଆବର ନାରକା ଅସୁର । ବଡ଼ ସୁହୃଦ ବାଣାସୁର ।
ଏ ମୋର କଚ୍ଛେ ବଳୀୟାର । ମୋତେ ଡରଇ ସୁନାଶୀର ।"

(ଭାଗବତ–ଜଗନ୍ନାଥ ଦାସ–୩୯ ଅଧ୍ୟାୟ)

"ଶ୍ୱଶୁର ଯାର ଜରାସନ୍ଧ ଦଇତ, ସଖା ଯାର ବୀରକେଶୀ ।
ଏକା ନିମିଷକେ ଚରାଚର ମହୀ ପକାଇ ପାରଇ ଧ୍ୱଂସି ।
ଶୃର, ନାରକା, ବ୍ୟୋମା, ଅର୍ଘା, ପ୍ରଳମ୍ବା, କଦମ୍ବା, ଦ୍ୱିବିନ୍ଦ ବୀର ।
ଚାଣୂର ମୁଷ୍ଟିକ ଶଲ୍ୟ ଆଦିମାନେ ଅଛନ୍ତି ମୋ ହନ୍ତକାର ।"

(ମଥୁରା ମଙ୍ଗଳ–ତୃତୀୟ ଛାନ୍ଦ–୧୪/୧୫)

Digitized by PPRACHIN, SOA

## ଚତୁର୍ଥ ଛାନ୍ଦ :

ଧନୁ ଉତ୍ସବ ଦେଖିବା ନିମିତ୍ତ ଶ୍ରୀକୃଷ୍ଣ ଓ ବଳରାମ ମଥୁରାପୁର ଯିବା କଥା ଶୁଣି ଗୋପୀମାନେ ଅତ୍ୟନ୍ତ ଦୁଃଖିତା ଓ ଉତ୍କଣ୍ଠିତା ହୋଇ ପଡ଼ିଲେ । ସେମାନେ ନନ୍ଦଙ୍କ ମନ୍ଦିରରେ ପ୍ରବେଶ କରି ଦେଖିଲେ ଯେ ମଥୁରାପୁର ଯାତ୍ରାଲାଗି ନନ୍ଦମନ୍ଦିର ପ୍ରାଙ୍ଗଣରେ ସମ୍ଭାରସଜ୍ଜା ଚାଲିଅଛି । ଗୋପୀମାନେ ଶ୍ରୀକୃଷ୍ଣଙ୍କର ମଥୁରାଗମନ କଥା ଜାଣିବା ପରେ ଶ୍ରୀକୃଷ୍ଣଙ୍କ ବିରହଦଶା କିପରି ଅସହ୍ୟ ହୋଇପଡ଼ିବ, ସେହି ବିଷୟରେ ଚିନ୍ତା କରୁଅଛନ୍ତି । ଏହି ଛାନ୍ଦର କଥାବସ୍ତୁ ମୁଖ୍ୟତଃ ଭାଗବତରୁ ଗୃହୀତ ହୋଇଅଛି । ଏହି ଛାନ୍ଦର ପଦଲାଳିତ୍ୟ ଓ ସଙ୍ଗୀତ ମାଧୁର୍ଯ୍ୟ ଯୋଗୁଁ ଏହା ଓଡ଼ିଶାରେ ଅତ୍ୟନ୍ତ ଜନପ୍ରିୟ ହୋଇଅଛି । କବିଙ୍କର ବର୍ଣ୍ଣନାଚାତୁରୀ ମଧ୍ୟ ଉଲ୍ଲେଖଯୋଗ୍ୟ ସ୍ୱୀକୃତି ଲାଭ କରିଅଛି । ଶ୍ରୀକୃଷ୍ଣ ମଥୁରାପୁରକୁ ଚାଲିଗଲେ ଗୋପପୁର ଓ ଗୋପୀମାନଙ୍କର ଅବସ୍ଥା କିପରି ଶୋଚନୀୟ ହୋଇପଡ଼ିବ, ତାହା କବିଙ୍କର କଳ୍ପନା ଚାତୁରୀର ଅମର ନିଦର୍ଶନ । ସେଥିମଧ୍ୟରୁ ଗୋଟିଏ ପଦ ଏଠାରେ ଉଦ୍ଧାର କରାଯାଇପାରେ—

"କୋ ବୋଲଇ, କାଲିଠାରୁ କୁମୁଦ ମରିବେ,
କୁମୁଦ ରମଣ ଯେଣୁ କୁମୁଦକୁ ଯିବେ ।
ଅନ୍ଧକାରକୁ ବାଢ଼ିବ ।
ସତେ କି ଚନ୍ଦ୍ରମା ଚନ୍ଦ୍ରମଣିକି ଛାଡ଼ିବ ।"

## ପଞ୍ଚମ ଛାନ୍ଦ :

ଶ୍ରୀକୃଷ୍ଣ ଗୋପପୁର ଛାଡ଼ି ମଥୁରାପୁରକୁ ଚାଲିଯିବା କଥା ଶୁଣି ଗୋପୀମାନେ ଆକୁଳ କ୍ରନ୍ଦନ କରି ଶ୍ରୀକୃଷ୍ଣଙ୍କର ଲୀଳାସମୂହ ବର୍ଣ୍ଣନା କରିଅଛନ୍ତି । ଏହି ଲୀଳା ବର୍ଣ୍ଣନାରେ ଷଣ୍ଢା, ଶକଟା, ତୃଣା, ବକା ପ୍ରଭୃତି ଅସୁର ନିଧନ, କାଳୀୟ ଦଳନ, ଗୋବର୍ଦ୍ଧନ ଧାରଣ, ବରୁଣ ବିବାଦ, ଘାଟ ଭିକ୍ଷା, ବସ୍ତ୍ରହରଣ, ରାତ୍ରିରେ ବଂଶୀବାଦନ, ରାଧାଙ୍କୁ ଭୂତଛଡ଼ା, ବୃନ୍ଦାବତୀ ବିହାର ପ୍ରଭୃତି ସ୍ଥାନ ପାଇଅଛି । ଗୋପୀମାନଙ୍କର ଆକୁଳ କ୍ରନ୍ଦନ ଶ୍ରବଣ କରି ଓ ସେମାନଙ୍କର ଦୁଃଖରେ କାତର ହୋଇ ଶ୍ରୀକୃଷ୍ଣ ଗୋପୀମାନଙ୍କୁ ଆଶ୍ୱାସନା ଦେଉଛନ୍ତି । ଶ୍ରୀକୃଷ୍ଣ ଗୋପପୁର ଛାଡ଼ି ମଥୁରାପୁରକୁ ଯାତ୍ରା କରୁଥିବା ଯୋଗୁଁ ଯଶୋଦା ବିଳାପ କରୁଛନ୍ତି ।

## ଷଷ୍ଠ ଛାନ୍ଦ :

ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳା ବର୍ଣ୍ଣନା କରି ଯଶୋଦା କ୍ରନ୍ଦନ କରି ଅଛନ୍ତି ଓ ଶ୍ରୀକୃଷ୍ଣଙ୍କର ସମସ୍ତ ଭାର ବଳରାମଙ୍କ ଉପରେ ନ୍ୟସ୍ତ କରି ଅଛନ୍ତି । ଶ୍ରୀକୃଷ୍ଣଙ୍କ ଉପରେ କୌଣସି ବିପଦ ପଡ଼ିବାର ଆଶଙ୍କା କରି ଯଶୋଦା କାତରତା ପ୍ରକାଶ କରିଅଛନ୍ତି । ବଳରାମଙ୍କର ଗୁଣାବଳୀ ବର୍ଣ୍ଣନା କରି ରୋହିଣୀ ବିଳାପ କରିଛନ୍ତି । ରାତ୍ରି ଶେଷରେ ପ୍ରଭାତ କାଳରେ ମଥୁରାଯାତ୍ରା

Digitized by PPRACHIN, SOA

ନିମିତ୍ତ ଶ୍ରୀକୃଷ୍ଣ ଓ ବଳରାମ ପ୍ରସ୍ତୁତ ହେଲେ । ଏହି ଛାନ୍ଦରେ ବର୍ଣ୍ଣିତ କଥାବସ୍ତୁ ମୁଖ୍ୟତଃ ଭାଗବତରୁ ଆନୀତ ହୋଇଅଛି । ଯଶୋଦାଙ୍କର ମାତୃହୃଦୟର ସ୍ୱଚ୍ଛଭାବଧାରା ଏହି ଛାନ୍ଦରେ ଯେପରି ଭାବରେ ପ୍ରକାଶ ପାଇଅଛି, ତାହା ଏକାନ୍ତ ଅନବଦ୍ୟ ।

## ସପ୍ତମ ଛାନ୍ଦ :

ଶ୍ରୀକୃଷ୍ଣ ଓ ବଳରାମ ରଥରେ ବସି ମଥୁରାପୁର ଯାତ୍ରା କରିବା ସମୟରେ ଗୋପୀମାନେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ଗୁରୁଜନମାନଙ୍କ ଉପସ୍ଥିତି ସତ୍ତ୍ୱେ ଲଜ୍ଜା ତ୍ୟାଗ କରି ଶ୍ରୀକୃଷ୍ଣଙ୍କ ରଥକୁ ପଥ ଓଗାଳିଲେ । ଶ୍ରୀକୃଷ୍ଣଙ୍କୁ ସଙ୍ଗରେ ନ ନେଇ ଗୋପପୁରରେ ଛାଡ଼ିଦେଇ ଯିବାଲାଗି ସେମାନେ ଅକ୍ରୂରଙ୍କୁ ବହୁତ ଅନୁରୋଧ କଲେ । ମାତ୍ର ଅକ୍ରୂର ସେମାନଙ୍କର କଥା ନ ଶୁଣିବାରୁ ସେମାନେ ଅକ୍ରୂରଙ୍କୁ ଜଣେ ରାଜଭୃତ୍ୟ ଭାବରେ ନିଷ୍ଠୁର ହୃଦୟ ବୋଲି ନିନ୍ଦା କଲେ । ଏହି ଛାନ୍ଦର କଥାବସ୍ତୁ ଭାଗବତରୁ ଆସିଥିଲେ ହେଁ ଏଥିରେ କବିତ୍ୱ ଚାତୁରୀ ବିଶେଷ ଭାବରେ ପ୍ରକାଶ ପାଇଅଛି । ମଧ୍ୟଯୁଗୀୟ କବିମାନଙ୍କର ଶବ୍ଦଗାମ୍ଭୀର୍ଯ୍ୟ ଏହି ଛାନ୍ଦରେ ପରିଲକ୍ଷିତ ହୋଇଥାଏ ।

## ଅଷ୍ଟମ ଛାନ୍ଦ :

ଶ୍ରୀକୃଷ୍ଣ ଓ ଗୋପୀଙ୍କର ବିଦାୟକାଳୀନ ଉକ୍ତିପ୍ରତ୍ୟୁକ୍ତି ମଧ୍ୟରେ ମଥୁରାନାରୀଙ୍କ ଅପେକ୍ଷା ଗୋପୀନାରୀଙ୍କର ଉତ୍କୃଷ୍ଟତା ପ୍ରକାଶ ପାଇଅଛି । ଶ୍ରୀକୃଷ୍ଣ ମଥୁରାପୁରକୁ ଯାଇ ଶୀଘ୍ର ପ୍ରତ୍ୟାବର୍ତ୍ତନ କରିବାର ଅଭୟବାଣୀ ପ୍ରଦାନ କରିଅଛନ୍ତି । ଗୋପୀମାନେ ଶ୍ରୀକୃଷ୍ଣଙ୍କର ଗୋପପୁର ତ୍ୟାଗ ଯୋଗୁଁ ଏପରି ନୈରାଶ୍ୟ ଜର୍ଜରିତା ହୋଇପଡ଼ିଛନ୍ତି ଯେ ସେମାନେ ଶ୍ରୀକୃଷ୍ଣଙ୍କର ଅଭୟବାଣୀରେ ଆସ୍ଥା ସ୍ଥାପନ କରିପାରି ନାହାନ୍ତି । ତେଣୁ ଶ୍ରୀକୃଷ୍ଣ ନିଜ କଥାକୁ ରକ୍ଷାକରିବେ ବୋଲି ଧର୍ମକୁ ସାକ୍ଷୀ ରଖିଛନ୍ତି । ଏହି ଛାନ୍ଦର ବିଷୟବସ୍ତୁ ମୁଖ୍ୟତଃ ଭାଗବତରୁ ନିଆଯାଇଥିଲେ ହେଁ ରସକଲ୍ଲୋଳର କେତେକ ପଦ ସହିତ ଏହି ଛାନ୍ଦର କେତେକ ପଦର ସାମ୍ୟ ପରିଲକ୍ଷିତ ହୋଇଥାଏ ।

## ନବମ ଛାନ୍ଦ :

ଶ୍ରୀକୃଷ୍ଣଙ୍କ ବିଚ୍ଛେଦରେ ଗୋପୀମାନେ ଅତ୍ୟନ୍ତ ଅଧୀରା ହୋଇ କାରୁଣ୍ୟୋକ୍ତି ପ୍ରକାଶ କରିଅଛନ୍ତି । ଗୋପୀମାନଙ୍କର ଏପରି ଅବସ୍ଥା ଦେଖି ସେମାନଙ୍କୁ ସାନ୍ତ୍ୱନା ଦେବା ନିମିତ୍ତ ଶ୍ରୀକୃଷ୍ଣ ସୁଦାମଙ୍କୁ ଆଦେଶ ଦେଲେ । ତା'ପରେ ଶ୍ରୀକୃଷ୍ଣ ଗୋପୀମାନଙ୍କଠାରୁ ବିଦାୟ ନେଲେ । ଶ୍ରୀକୃଷ୍ଣ ଚାଲିଯିବାରୁ ଗୋପୀମାନଙ୍କର ବିରହ ଲକ୍ଷଣ ବୃଦ୍ଧିପାଇଲା ।

ଏହି ଛାନ୍ଦରେ କବିଙ୍କର କରୁଣ ରସାଶ୍ରିତ ବର୍ଣ୍ଣନା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଅଛି । ଶ୍ରୀକୃଷ୍ଣ ମଥୁରାକୁ ଚାଲିଯିବା ଦ୍ୱାରା ଗୋପୀମାନଙ୍କର ସୌନ୍ଦର୍ଯ୍ୟ ଓ ଶକ୍ତି ଯେପରି ଭାବରେ

Digitized by PPRACHIN, SOA

କ୍ଷୟପ୍ରାପ୍ତ ହୋଇଅଛି ସେ ବର୍ଣ୍ଣନା କବିଙ୍କର ବର୍ଣ୍ଣନାଶୈଳୀ ତଥା କଳ୍ପନାପ୍ରବଣତାର ଅପୂର୍ବ ନିଦର୍ଶନ । ଗୋପୀମାନଙ୍କର ଏହି ଅବସ୍ଥା ବର୍ଣ୍ଣନା କରିବାକୁ ଯାଇ କବି ଲେଖିଛନ୍ତି–

''ବସନ୍ତ ଗଲେ ଯେହ୍ନେ ବିଶେ ବନ,
ବରଷା ଶେଷେ ଯେହ୍ନେ ନଦୀମାନ
ଅନ୍ଧାର ପକ୍ଷେ ଯେହ୍ନେ କଳାକର,
ପଦ୍ମ ଯେସନେ ପଡ଼ିଲେ ଶିଶିର
ହୋଇଯାଏ କ୍ଷୀଣ,
ଚନ୍ଦ୍ର ବିନୁ ଯେହ୍ନେ କୁମୁଦବନ ।
କାନ୍ତ ବିହୁନେ ଯେସନେ ରମଣୀ,
ଧର୍ମ ବିହୁନେ ଯେସନେ ଧରଣୀ ।
ବେଦ ବିହୁନେ ଯେହ୍ନେ ଦ୍ୱିଜବର,
ଧନ ବିହୁନେ ଯେହ୍ନେ ବିଶେ ନର ।
ପୁତ୍ର ବିନେ ନାରୀ
ରାଜ୍ୟ ବିହୁନେ ଯେହ୍ନେ ଦଣ୍ଡଧାରୀ ।''

କବିଙ୍କର ବର୍ଣ୍ଣନାଶୈଳୀରେ କଳ୍ପନାପ୍ରବଣତାର ସମ୍ମିଶ୍ରଣ କବିଙ୍କର ଭକ୍ତିମତ୍ତାର ଯଥେଷ୍ଟ ପରିଚୟ ଦେଇଥାଏ । କବି ଗୋପୀମାନଙ୍କର କାରୁଣ୍ୟୋକ୍ତି ଓ ଅବସ୍ଥା ବର୍ଣ୍ଣନାରେ ଯେଉଁ କୃତିତ୍ୱ ପ୍ରଦର୍ଶନ କରିଅଛନ୍ତି, ତାହା ତାଙ୍କର ରାଗାନୁଗା ଭକ୍ତିର ଯାଥାର୍ଥ ପରିଚୟ ପ୍ରଦାନ କରେ ।

## ଦଶମ ଛାନ୍ଦ :

ରଥରେ ବସି ଶ୍ରୀକୃଷ୍ଣ ଓ ବଳରାମ ମଥୁରାଯାତ୍ରା କରିବା ସମୟର ଶୋଭାବର୍ଣ୍ଣନା ଅତ୍ୟନ୍ତ ହୃଦ୍ୟ ହୋଇଅଛି । ଯମୁନାତୀରରେ ଯାତ୍ରା କରିବା ସମୟରେ ଅକ୍ରୂର ସ୍ନାନ କରିବାର ଇଚ୍ଛା ପୋଷଣ କରିଅଛନ୍ତି । ଶ୍ରୀକୃଷ୍ଣଙ୍କଠାରୁ ଅନୁମତି ନେଇ ଅକ୍ରୂର ଯମୁନାଜଳରେ ଅବଗାହନ କରିବା ସମୟରେ ଜଳ ମଧ୍ୟରେ ଶ୍ରୀକୃଷ୍ଣଙ୍କର ରୂପ ଦେଖିପାରିଛନ୍ତି । ଜଳରୁ ଉପରକୁ ଉଠି ଅକ୍ରୂର ନଦୀର ତୀର ଦେଶରେ ପୁଣି ଶ୍ରୀକୃଷ୍ଣଙ୍କୁ ଦେଖିଛନ୍ତି । ଅକ୍ରୂରଙ୍କ ମନରେ ସନ୍ଦେହ ଜନ୍ମିବାରୁ ସେ ପୁଣି ଜଳରେ ନିମଜ୍ଜିତ ହୋଇ ଲକ୍ଷ୍ମୀ, ସରସ୍ୱତୀ ପ୍ରଭୃତି ଦେବୀ ଓ ନାରଦ ପ୍ରଭୃତିଙ୍କ ଗହଣରେ ଅନନ୍ତଙ୍କ ଶିରଦେଶରେ ସ୍ଥିତ ଶ୍ରୀକୃଷ୍ଣଙ୍କର ଲାବଣ୍ୟମଞ୍ଜୁଳ ରୂପଦର୍ଶନ କରି ତନ୍ମୟ ହେଲେ ଏବଂ ଶ୍ରୀକୃଷ୍ଣଙ୍କ ମହିମାଗାନ କରି ସ୍ତୁତି କଲେ ।

## ଏକାଦଶ ଛାନ୍ଦ :

ଶ୍ରୀକୃଷ୍ଣ, ବଳରାମ ଓ ଅକ୍ରୂର ପଥ ମଧ୍ୟରେ କଥୋପକଥନ କରି ମଥୁରାରେ ପ୍ରବେଶ କରିଅଛନ୍ତି । ମଥୁରାପୁରରେ ପ୍ରବେଶ କରିବା ପରେ ଶ୍ରୀକୃଷ୍ଣଙ୍କୁ ନିଜ ଗୃହରେ ରାତ୍ରିଯାପନ

Digitized by PPRACHIN, SOA

କରିବା ପାଇଁ ଅକ୍ରୁର ଅନୁରୋଧ କରିଛନ୍ତି । ଶ୍ରୀକୃଷ୍ଣ ଅକ୍ରୁରଙ୍କର ପ୍ରସ୍ତାବରେ ଅସମ୍ମତ ହୋଇ ମଧୁବନରେ ଅବସ୍ଥାନ କରିଅଛନ୍ତି । ତାପରେ ଅକ୍ରୁର କଂସ ନିକଟକୁ ଯାଇ ଶ୍ରୀକୃଷ୍ଣ ଏବଂ ବଳରାମଙ୍କର ମଥୁରା ପ୍ରବେଶ ସମ୍ବାଦ ଦେଇ ଅଛନ୍ତି । ଏ ସମ୍ବାଦ ଶ୍ରବଣରେ କଂସ ଅକ୍ରୁରଙ୍କୁ ପ୍ରଶଂସା କରିଅଛି । ଶ୍ରୀକୃଷ୍ଣଙ୍କୁ ବିନାଶ କରିବା ଚିନ୍ତାକରି କଂସର ମନରେ ଆନନ୍ଦ ଭାବ ବୃଦ୍ଧିଲାଭ କରିଅଛି ।

ଏହି ଛାନ୍ଦରେ ବର୍ଣ୍ଣିତ ବିଷୟବସ୍ତୁ ଅନେକାଂଶରେ ଭାଗବତରୁ ଆନୀତ । କେତେକ ସ୍ଥଳରେ କବି ନିଜର ମୌଳିକତା ବଜାୟ ରଖିବାକୁ ଯାଇ ଭାଗବତର ବର୍ଣ୍ଣନାକୁ କେତେକାଂଶରେ ପରିବର୍ତ୍ତିତ କରିଅଛନ୍ତି । ଅକ୍ରୁର ଯେତେବେଳେ ରଥ ନେଇ ମଥୁରା ସୀମାରେ ପ୍ରବେଶ କଲେ ସେତେବେଳେ ଶ୍ରୀକୃଷ୍ଣ ରଥ ରଖି ପଛରେ ଆସୁଥିବା ଗୋପାଳମାନଙ୍କ ନିମିତ୍ତ ଅପେକ୍ଷା କରିବାକୁ କହିଲେ । ମୂଳ ଭାଗବତରେ ଅଛି ଯେ ଅକ୍ରୁରଙ୍କର ରଥ ମଥୁରା ସୀମାରେ ପ୍ରବେଶ କରିବା ପୂର୍ବରୁ ନନ୍ଦ ଓ ଗୋପାଳମାନେ ସେଠାରେ ପ୍ରବେଶ କରି ଶ୍ରୀକୃଷ୍ଣଙ୍କୁ ଅପେକ୍ଷା କରି ରହିଥିଲେ । ମାତ୍ର ଜଗନ୍ନାଥ ଦାସଙ୍କ ଭାଗବତରେ ଯେପରି ବର୍ଣ୍ଣନା ଅଛି ଭକ୍ତଚରଣ ଦାସ ସେହି ବର୍ଣ୍ଣନାକୁ ଗ୍ରହଣ କରିଅଛନ୍ତି–

ଜଗନ୍ନାଥ ଦାସଙ୍କ ଭାଗବତ :

''ବୋଲନ୍ତି ପ୍ରଭୁ ଗୋପୀନାଥ । ଅକ୍ରୁର ଦଣ୍ଡେ ରୁହା ରଥ ।
ପଛେ ଅଛନ୍ତି ଗୋପବାଳ । ଏଠାରେ ହୋନ୍ତୁ ଏକମେଳ ।
ଏମନ୍ତ ବୋଲୁ ବୋଲୁ ପଥେ । ଗୋପାଳେ ମିଳିଲେ ତୁରିତେ ।''

ମଥୁରାମଙ୍ଗଳ :

''ଅକ୍ରୁର କର ଧରି ଶ୍ରୀଧର ବୋଲନ୍ତି ଶୁଣ ବୀର ।
ଦଣ୍ଡେ ବିଳମ୍ବ କର, ଆସନ୍ତୁ ମାତା ପିଅର ମୋର ।
ଗୋରସମାନ ଘେନାଇ ଆସୁ ଅଛନ୍ତି ପଛେ ପଛେ ।
ସଙ୍ଗେ ବରଜ ବାଳକମାନେ ଚାଲିଆସନ୍ତି ଦୁଃଖେ ।
ଏମନ୍ତ କହୁଁ କହୁଁ ସକଳ ଗୋପାଳେ ହେଲେ ଠୁଳ ।
ବଜାନ୍ତି ନାନା ରଙ୍ଗେ ମୁରଲୀ ନାଚନ୍ତି ଗେଲ ଗେଲ ।''

## ଦ୍ୱାଦଶ ଛାନ୍ଦ :

ଶ୍ରୀକୃଷ୍ଣଙ୍କୁ ବିନାଶ କରିବା ନିମନ୍ତେ କଂସ ତାର ଅସୁର ସୈନ୍ୟମାନଙ୍କ ସହିତ ମନ୍ତ୍ରଣା କରିଅଛି । ଏହି ପ୍ରସଙ୍ଗରେ ଶ୍ରୀକୃଷ୍ଣଙ୍କର ବଳବୀର୍ଯ୍ୟ ବର୍ଣ୍ଣିତ ହୋଇଅଛି । କଂସର ସୈନ୍ୟମାନେ କଂସକୁ ସାହସ ଦେଇ ଅଛନ୍ତି । ଶ୍ରୀକୃଷ୍ଣଙ୍କୁ ବିନାଶ କରିବା ନିମିତ୍ତ କଂସ ଉପାୟ ସ୍ଥିର କରିଅଛି ।

Digitized by PPRACHIN, SOA

ସିଂହଦ୍ୱାରରେ କୁବଳୟା ହସ୍ତୀ ଓ ଦ୍ୱିତୀୟ ଦ୍ୱାରରେ ମଲ୍ଲମାନଙ୍କୁ ଅବସ୍ଥାପିତ କରିବା ନିମନ୍ତେ କଂସ ସ୍ଥିର କରିଅଛି ।

## ତ୍ରୟୋଦଶ ଛାନ୍ଦ :

ଶ୍ରୀକୃଷ୍ଣ ମଥୁରା ନଗରୀରେ ଭ୍ରମଣ କରିଅଛନ୍ତି । ତାଙ୍କ ସଙ୍ଗରେ ବଳରାମ ଓ ଅନ୍ୟାନ୍ୟ ଗୋପବାଳକ ରହିଛନ୍ତି । ଏହି ପ୍ରସଙ୍ଗରେ କବି ଶ୍ରୀକୃଷ୍ଣଙ୍କର ମଦନମୋହନ ରୂପ ବର୍ଣ୍ଣନା କରିଅଛନ୍ତି । ମଥୁରାପୁରରେ ବିଭିନ୍ନ ଦୃଶ୍ୟ ଅବଲୋକନ କରି ଶ୍ରୀକୃଷ୍ଣ ଆନନ୍ଦିତ ହୋଇଅଛନ୍ତି । ଶ୍ରୀକୃଷ୍ଣ କଂସର ଗଡ଼ଦ୍ୱାରରେ ଉପସ୍ଥିତ ହୋଇ ଗଡ଼ର ସୌନ୍ଦର୍ଯ୍ୟ ଦେଖି ବିମୋହିତ ହେବା ସଙ୍ଗେ ସଙ୍ଗେ କଂସର ଅନିଶ୍ଚିତ ମୃତ୍ୟୁ ବିଷୟରେ ଅନୁଶୋଚନା କରିଅଛନ୍ତି । କବିଙ୍କର ଏହି ବର୍ଣ୍ଣନା ଅତ୍ୟନ୍ତ ହୃଦ୍ୟ ହୋଇଅଛି–

''ଦୁର୍ଜନ ଜନକୁ ସୁଜନ ନରୁଚେ, ମୂର୍ଖକୁ ନରୁଚେ ବେଦ ।
ବିଟପୀ ନାରୀକି ପତି ନରୁଚଇ, କୋଳ ନଜାଣେ ରମ୍ଭାସ୍ୱାଦ ।
କୁକ୍କୁର, ଯଜ୍ଞଶାଳେ ଥିଲେ ଯେମନ୍ତ ।
ଦର୍ପିଷ୍ଠ ଦ୍ରୁମିଳ-ନନ୍ଦନକୁ ମଧୁ-କଟକ ଦିଶଇ ତେମନ୍ତ ।
ଦଇବ ବିହିଲା, ଅଭାଗ୍ୟ ହୋଇଲା, ମୋତେ ଅଣାଇଲା ଧରାଇ ।
କାଳବେଳ ଆସି, ନିକଟ ହୋଇଲା, ମରିବ ସମ୍ପତ୍ତି ହରାଇ ।
କେବଳ, ଆଜକ କରୁ ବଇଭୋଗ ।
ରାତ୍ର ପାହିଲେ ସର୍ବଦୂର ହୋଇବ, ଉଗ୍ରସେନକୁ ହେବ ଯୋଗ ।''

## ଚତୁର୍ଦ୍ଦଶ ଛାନ୍ଦ :

ଶ୍ରୀକୃଷ୍ଣ ମଥୁରାକୁ ଆସିଥିବା କଥା ଶୁଣି ତାଙ୍କୁ ଦେଖିବା ନିମିତ୍ତ ମଥୁରା ନାରୀମାନେ ଅତ୍ୟନ୍ତ ଆନନ୍ଦିତ ଓ ତନ୍ମୟ ହୋଇପଡ଼ିଛନ୍ତି । ସେମାନେ ଶ୍ରୀକୃଷ୍ଣଙ୍କୁ ଦେଖିବା ନିମିତ୍ତ ଲଜ୍ଜାଭାବ ଦୂରକରି ପାଗଳିନୀ ପରି ମଥୁରାଦାଣ୍ଡକୁ ଧାଇଁ ଆସିଛନ୍ତି । ଶ୍ରୀକୃଷ୍ଣ ମଥୁରା ଦାଣ୍ଡରେ ଦେବ-ଜନଲୋଭା ନୃତ୍ୟ କରିଅଛନ୍ତି । ଶ୍ରୀକୃଷ୍ଣଙ୍କୁ ଦେଖିବା ନିମିତ୍ତ ମଥୁରାନାରୀମାନେ ଯେପରିଭାବରେ ଅସ୍ତବ୍ୟସ୍ତ ହୋଇ ନିଜ ନିଜର ଅବସ୍ଥା ଏବଂ କାର୍ଯ୍ୟ ଭୁଲିଯାଇ ଧାଇଁଛନ୍ତି ତାହା କବିଙ୍କ ବର୍ଣ୍ଣନାରେ ଅତ୍ୟନ୍ତ ଦୀର୍ଘ ହୋଇଅଛି ।

## ପଞ୍ଚଦଶ ଛାନ୍ଦ :

ଶ୍ରୀକୃଷ୍ଣ ମଥୁରାଦାଣ୍ଡରେ ବିଜେ କରିଥିବା ସମୟରେ କଂସର ଲୁଗା ନେଇ ଆସୁଥିବା ରଜକକୁ ଦେଖି ତାକୁ ଲୁଗା ମାଗିଛନ୍ତି । ରଜକ କୃଷ୍ଣଙ୍କର କଥାଶୁଣି ତାଙ୍କୁ ନିତାନ୍ତ ନିର୍ମମ ବାକ୍ୟ ପ୍ରୟୋଗ କରିଅଛି । ଶ୍ରୀକୃଷ୍ଣ ରଜକକୁ ଚପେଟାଘାତ କରିବାରୁ ରଜକର ମୃତ୍ୟୁ ହେଲା । ଏହି

Digitized by PPRACHIN, SOA

ଅବସରରେ ଗୋପାଳ ବାଳକମାନେ ରଜକର ବସ୍ତ୍ରସବୁ ଅପହରଣ କରିଅଛନ୍ତି । ତାପରେ କଂସର ବେଶକାରୀ ଶ୍ରୀକୃଷ୍ଣ ବେଶଭୂଷାରେ ସଜ୍ଜିତ କରିଅଛି । ସୁଦାମାମାଳୀ ଶ୍ରୀକୃଷ୍ଣଙ୍କ ପ୍ରତି ସ୍ନେହ ମିଶ୍ରିତ ଉକ୍ତି ପ୍ରକାଶ କରିଅଛି ଏବଂ ଶ୍ରୀକୃଷ୍ଣଙ୍କୁ ମାଲ୍ୟ ଭୂଷିତ କରିଅଛି ।

## ଷୋଡ଼ଶ ଛାନ୍ଦ :

ସୁଦାମାମାଳୀ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ପୁଷ୍ପମାଲ୍ୟରେ ମଣ୍ଡନ କରିବାରୁ ଶ୍ରୀକୃଷ୍ଣ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ତାକୁ ବରପ୍ରଦାନ କରିଅଛନ୍ତି । କୁବୁଜା ଶ୍ରୀକୃଷ୍ଣଙ୍କ ଅଙ୍ଗରେ ସୁବାସ ଚନ୍ଦନ ଲଗାଇଲା । ଶ୍ରୀକୃଷ୍ଣ ତା ପ୍ରତି ସନ୍ତୁଷ୍ଟ ହୋଇ ତାର କୁବ୍‌ଜକୁ ଦୂର କରି ତାକୁ ଯୌବନ ଓ ସୌନ୍ଦର୍ଯ୍ୟରେ ଭୂଷିତ କଲେ । କୁବୁଜା ଶ୍ରୀକୃଷ୍ଣଙ୍କୁ ପତିରୂପେ ପାଇବା ନିମନ୍ତେ ପ୍ରାର୍ଥନା କରିବାରୁ ଶ୍ରୀକୃଷ୍ଣ ତାହାର କାମନାକୁ ସ୍ୱୀକାର କରିଛନ୍ତି । କୁବୁଜା ବାସକସଜ୍ଜା ନାୟିକା ଭାବରେ ଶ୍ରୀକୃଷ୍ଣଙ୍କର ପ୍ରତୀକ୍ଷାରେ ରହିଲା ।

## ସପ୍ତଦଶ ଛାନ୍ଦ :

ଶ୍ରୀକୃଷ୍ଣ କଂସକୁ ବଧ କରିବା ଫଳରେ ମହୀଭାରା ଉଶ୍ୱାସ ହେବ ବୋଲି ପୃଥିବୀର ଆନନ୍ଦ ପ୍ରକାଶ ଛାନ୍ଦର ପ୍ରଥମ ଭାଗରେ ବର୍ଣ୍ଣିତ । ଦେବତାମାନେ ଏଥିପାଇଁ ଶ୍ରୀକୃଷ୍ଣଙ୍କର ସ୍ତୁତିଗାନ କରିଅଛନ୍ତି । ତାପରେ କବି ଗୋପବାଳକମାନଙ୍କର ଶୋଭା ଓ ନୃତ୍ୟ ବର୍ଣ୍ଣନା କରିଅଛନ୍ତି । ଶ୍ରୀକୃଷ୍ଣ ଓ ବଳରାମ ଧନୁଗୃହକୁ ଯାଇଅଛନ୍ତି । ଧନୁଗୃହର ଦ୍ୱାରପାଳମାନଙ୍କୁ ଶ୍ରୀକୃଷ୍ଣ କଟୁ ବ୍ୟଙ୍ଗୋକ୍ତିରେ ଜର୍ଜରିତ କରିଛନ୍ତି । ବଳରାମ ଦ୍ୱାରପାଳମାନଙ୍କୁ ବିନାଶ କରିବାକୁ ଉଦ୍ୟତ ହୁଅନ୍ତେ ସେମାନଙ୍କ ମଧ୍ୟରୁ କେତେକ ଛତ୍ରଭଙ୍ଗ ଦେଲେ ଓ କେତେକ ବିନଷ୍ଟ ହେଲେ । ଶ୍ରୀକୃଷ୍ଣ ଧନୁଗୃହରେ ପ୍ରବେଶ କରି ଧନୁକୁ ଭଗ୍ନ କଲେ । ଗୋପବାଳକମାନେ ଧନୁଗୃହକୁ ଲୁଣ୍ଠନ କଲେ । ତାପରେ ଶ୍ରୀକୃଷ୍ଣ ଓ ବଳରାମ ମଧୁବନକୁ ଫେରିଆସି ମଣୋହି ଶେଷ କରି ନିଦ୍ରା ଗଲେ ।

## ଅଷ୍ଟାଦଶ ଛାନ୍ଦ :

କଂସର ଡଗର ଆସି ଶ୍ରୀକୃଷ୍ଣଙ୍କର ରଜକ ନିଧନ, ଗନ୍ଧପୁଷ୍ପ ହରଣ ଓ ଧନୁଭଗ୍ନ ଆଦି ସମ୍ବାଦ ଦେଇଅଛି । ଏସବୁ ବିଷୟ ଶୁଣିବା ମାତ୍ରେ କଂସ ଅତ୍ୟନ୍ତ କ୍ରୋଧ ପ୍ରକାଶ କରିଅଛି । କଂସ ତାର ମଲ୍ଲମାନଙ୍କୁ ଏଥିପାଇଁ ନିନ୍ଦା କରିଅଛି । କଂସର ମଲ୍ଲମାନେ କଂସର କ୍ରୋଧକୁ ଉପଶମ କରିବା ନିମନ୍ତେ ତାକୁ ସାହସ ଦେଇ କେତେକ କଥା କହିଅଛନ୍ତି । ସେମାନେ ଯେ ଅକ୍ଲେଶରେ ଶ୍ରୀକୃଷ୍ଣଙ୍କୁ ହତ୍ୟା କରିପାରିବେ, ଏହି କଥା କଂସ ଆଗରେ ପ୍ରକାଶ କଲେ । ଶ୍ରୀକୃଷ୍ଣଙ୍କୁ ବଧ କରିବା ନିମେନ୍ତ ସେମାନେ ଯୋଜନା ସ୍ଥିର କଲେ ।

Digitized by PPRACHIN, SOA

## ଊନବିଂଶ ଛାନ୍ଦ :

ଛାନ୍ଦର ଆରମ୍ଭରେ ପ୍ରାତଃ ବର୍ଣ୍ଣନା ଦିଆଯାଇଅଛି । ଶ୍ରୀକୃଷ୍ଣ ଓ ବଳରାମ ଶଯ୍ୟାତ୍ୟାଗ କରି ନିତ୍ୟକର୍ମ ଶେଷ କରିଛନ୍ତି । ତାପରେ ଶ୍ରୀକୃଷ୍ଣ ବଳରାମ ନନ୍ଦ ଓ ଯଶୋଦାଙ୍କ ସହିତ କଂସକୁ ଭେଟିବାକୁ ଯାଇଛନ୍ତି । କଂସର ବସୁଦେବଙ୍କ ପ୍ରତି ଆକ୍ଷେପୋକ୍ତି ପ୍ରକାଶ ପାଇଅଛି । ଶ୍ରୀକୃଷ୍ଣଙ୍କୁ ବିନାଶ କରିବା ନିମିତ୍ତ ସିଂହଦ୍ୱାରରେ କୁବଳୟା ହସ୍ତୀ ଓ ଦ୍ୱିତୀୟ ଦ୍ୱାରରେ ମଲ୍ଲମାନଙ୍କୁ ସତର୍କତାର ସହିତ ସ୍ଥାପିତ କରାଯାଇଅଛି ।

ଏହି ଛାନ୍ଦରେ ଦିଆଯାଇଥିବା ପ୍ରଭାତ ବର୍ଣ୍ଣନା ରସକଲ୍ଲୋଳ କାବ୍ୟରେ ଥିବା ପ୍ରଭାତ ବର୍ଣ୍ଣନାର ଅନୁରୂପ । ଶ୍ରୀକୃଷ୍ଣଙ୍କର ବେଶଭୂଷାର ଯେଉଁ ସୁଦୀର୍ଘ ବର୍ଣ୍ଣନା କବି ଦେଇଅଛନ୍ତି ତାହା ମଧ ଜଗନ୍ନାଥ ଦାସଙ୍କ ଭାଗବତର ବର୍ଣ୍ଣନାର ଅନୁରୂପ, ମାତ୍ର ଜଗନ୍ନାଥ ଦାସ ଏହି ବର୍ଣ୍ଣନାକୁ ଅତ୍ୟନ୍ତ ସଂକ୍ଷିପ୍ତ କରିଅଛନ୍ତି ଏବଂ ଭକ୍ତଚରଣ ଏହାକୁ ଅତ୍ୟନ୍ତ ବିସ୍ତୃତ କରିଅଛନ୍ତି ।

## ବିଂଶ ଛାନ୍ଦ :

ଶ୍ରୀକୃଷ୍ଣଙ୍କର ନବଲାବଣ୍ୟ ରୂପ ଦେଖି ମଥୁରା ନାରୀମାନେ ବୟସ ଓ ଅବସ୍ଥାକୁ ଭୁଲିଯାଇ କାମବିହ୍ୱଳା ହୋଇପଡ଼ିଛନ୍ତି । କବି ଏହି ଅବସରରେ ଶ୍ରୀକୃଷ୍ଣଙ୍କ ଅଙ୍ଗପ୍ରତ୍ୟଙ୍ଗର ଶୋଭା ବର୍ଣ୍ଣନା କରିଅଛନ୍ତି । ଶ୍ରୀକୃଷ୍ଣ ଗୋପାଳମାନଙ୍କ ସହିତ ବାଦ୍ୟଧ୍ୱନି କରି କଂସର ସିଂହଦ୍ୱାରରେ ଉପସ୍ଥିତ ହେଲେ । ସିଂହଦ୍ୱାରରେ ଜଗିରହିଥିବା କୁବଳୟା ହସ୍ତୀର ପାଳକ ଶ୍ରୀକୃଷ୍ଣଙ୍କୁ ବାଦ୍ୟନାଦ ବନ୍ଦ କରିବାକୁ ଆଦେଶ ଦେଲା ଓ ଶ୍ରୀକୃଷ୍ଣ ତାକୁ ଉତ୍ତର ଦେଲେ ।

## ଏକବିଂଶ ଛାନ୍ଦ :

ଶ୍ରୀକୃଷ୍ଣଙ୍କର ଉତ୍ତର ଶୁଣି ମାହୁନ୍ତ କ୍ରୋଧାନ୍ୱିତ ହୋଇ ହସ୍ତୀ ସହିତ ଯୁଦ୍ଧ କରିବା ନିମିତ୍ତ ଶ୍ରୀକୃଷ୍ଣଙ୍କୁ ଆହ୍ୱାନ କଲା । ଶ୍ରୀକୃଷ୍ଣ ଛଳନା କରି ହସ୍ତୀ ସହିତ ଯୁଦ୍ଧ କରିବାକୁ ଅସମର୍ଥ ବୋଲି ପ୍ରକାଶ କଲେ । ମାହୁନ୍ତ ଏହି ଅବସରରେ ଅଧିକ କ୍ରୋଧ ପ୍ରକାଶ କରିଅଛି । ତାପରେ ଶ୍ରୀକୃଷ୍ଣ କୁବଳୟା ହସ୍ତୀ ସହିତ ଯୁଦ୍ଧ କରିଛନ୍ତି । ମଥୁରା ନାରୀମାନେ ଯେତେବେଳେ ଶ୍ରୀକୃଷ୍ଣଙ୍କୁ ଦେଖି ପାରିଲେ ନାହିଁ ସେତେବେଳେ ସେମାନେ ଅତ୍ୟନ୍ତ କାତର ହୋଇପଡ଼ିଲେ । ଶ୍ରୀକୃଷ୍ଣ ମାୟା ରଚନା କଲେ ଓ ହସ୍ତୀ ସହିତ ମାହୁନ୍ତକୁ ବଧ କଲେ । ମଥୁରାନାରୀମାନେ ଏଥିରେ ଆନନ୍ଦିତା ହୋଇଅଛନ୍ତି । ତାପରେ ଚାଣୂର ଶ୍ରୀକୃଷ୍ଣଙ୍କୁ ଯୁଦ୍ଧ କରିବା ନିମିତ୍ତ ଆହ୍ୱାନ କରିଅଛି । ଶ୍ରୀକୃଷ୍ଣ ଚାଣୂର ସହିତ ଯୁଦ୍ଧ କରିବା ପାଇଁ ପ୍ରଥମରେ ଅନିଚ୍ଛା ପ୍ରକାଶ କରି ପରେ ଯୁଦ୍ଧରେ ପ୍ରବୃତ୍ତ ହୋଇଛନ୍ତି ।

Digitized by PPRACHIN, SOA

## ଦ୍ୱାବିଂଶ ଛାନ୍ଦ :

ଶ୍ରୀକୃଷ୍ଣ ଓ ଚାଣୂରଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ଲାଗିଲା । ଫଳରେ ଚାଣୂରର ମୃତ୍ୟୁ ହେଲା । ବଳରାମ ମୁଷ୍ଟିକ ଓ କୁକୁଟ ଦୈତ୍ୟକୁ ବଧ କଲେ । ଏଥିରେ ଅତିମାତ୍ରାରେ କ୍ରୁଦ୍ଧ ହୋଇ କଂସ ନନ୍ଦ, ଯଶୋଦା, ଦେବକୀ ଓ ବସୁଦେବଙ୍କୁ ଶୂଳିରେ ଚଢ଼ାଇବା ନିମନ୍ତେ ଆଦେଶ ଦେଲା । ଶ୍ରୀକୃଷ୍ଣ ଏଥିରେ କ୍ରୁଦ୍ଧ ହେଲେ । କଂସ ବସିଥିବା ମଞ୍ଚ ଉପରକୁ ଶ୍ରୀକୃଷ୍ଣ ଉଠିଗଲେ ଓ କଂସକୁ ବିନାଶ କଲେ । କଂସର ମୃତ୍ୟୁରେ ଆନନ୍ଦିତ ହୋଇ ଦେବତାମାନେ ପୁଷ୍ପବୃଷ୍ଟି କରି ଜୟଧ୍ୱନି କଲେ ।

## ତ୍ରୟୋବିଂଶ ଛାନ୍ଦ :

କଂସର ମୃତ୍ୟୁ ଦେଖି ସେଠାରେ ଉପସ୍ଥିତ ଥିବା ଅନ୍ୟ ରାଜାମାନେ ପଳାୟନ କଲେ । ବଳରାମ କଙ୍କ, ଧଙ୍କ ପ୍ରଭୃତି ଦୈତ୍ୟମାନଙ୍କୁ ବଧ କଲେ । କଂସର ମୃତ୍ୟୁ ଦେଖି ତାର ରାଣୀମାନେ ଦୁଃଖରେ ଗୁଣ ବାହୁନି କାନ୍ଦିଲେ । ଶ୍ରୀକୃଷ୍ଣ ସେମାନଙ୍କ କ୍ରନ୍ଦନ ଦେଖି କପଟରେ କ୍ରନ୍ଦନ କଲେ । ଶ୍ରୀକୃଷ୍ଣ ତାଙ୍କ ପ୍ରତି କଂସର ବ୍ୟବହାରକୁ କପଟ ଅର୍ଥରେ ପ୍ରକାଶ କଲେ । ତା' ପରେ ଶ୍ରୀକୃଷ୍ଣ ଉଗ୍ରସେନଙ୍କୁ ରାଜା କରାଇଲେ ଓ ଦେବକୀ ବସୁଦେବଙ୍କୁ ବନ୍ଦିଶାଳାରୁ ମୁକ୍ତ କଲେ । ଶ୍ରୀକୃଷ୍ଣ ମଧୁପୁରରେ ଆନନ୍ଦରେ ରହିଲେ ଓ କୁବୁଜା ଗୃହକୁ ପୂର୍ବ ପ୍ରତିଶ୍ରୁତି ଅନୁସାରେ ଗଲେ ।

## ଚତୁର୍ବିଂଶ ଛାନ୍ଦ :

ଶ୍ରୀକୃଷ୍ଣ ମଥୁରାପୁରରେ ଆନନ୍ଦ ଚିତ୍ତରେ ଅବସ୍ଥାନ କରୁଥିବା ସମୟରେ ସ୍ୱପ୍ନରେ ଗୋପୀମାନଙ୍କୁ ଦେଖି ସେମାନଙ୍କ ନିମିତ୍ତ ଅତ୍ୟନ୍ତ ବ୍ୟାକୁଳତା ପ୍ରକାଶ କଲେ । ଗୋପୀ ଓ ସଖାମାନଙ୍କୁ ଦେଖି ଆସିବା ନିମିତ୍ତ ଶ୍ରୀକୃଷ୍ଣ ଏକ ପତ୍ର ସହ ଉଦ୍ଧବଙ୍କୁ ଗୋପକୁ ପ୍ରେରଣ କଲେ । ଉଦ୍ଧବ ଗୋପୀ ଓ ଶ୍ରୀକୃଷ୍ଣଙ୍କ ଭାବ ଚିନ୍ତାକରି ସାତ୍ତ୍ୱିକଭାବାପନ୍ନ ହେଲେ ଓ ତାଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ବିଗଳିତ ହେଲା । ଉଦ୍ଧବ ଗୋପପୁରରେ ପ୍ରବେଶ କରି ଶ୍ରୀକୃଷ୍ଣଙ୍କ ବିରହରେ ଅଧୀର ଗୋପବାଳକମାନଙ୍କ ସହିତ କଥୋପକଥନ କଲେ । ଉଦ୍ଧବ ସେମାନଙ୍କୁ ନିଜର ପରିଚୟ ଦେଲେ ଓ ସେମାନଙ୍କ ସହିତ ନନ୍ଦ ମନ୍ଦିରକୁ ଗଲେ ।

## ପଞ୍ଚବିଂଶ ଛାନ୍ଦ :

ଯଶୋଦା ଗୋପବାଳକମାନଙ୍କଠାରୁ ଉଦ୍ଧବ ଆସିବା କଥା ଶୁଣି ଉଦ୍ଧବଙ୍କ ନିକଟକୁ ଆସିଲେ ଏବଂ ଉଦ୍ଧବଙ୍କୁ ଦେଖି ଶ୍ରୀକୃଷ୍ଣ ବୋଲି ତାଙ୍କ ମନରେ ଭ୍ରମ ଧାରଣା ଜନ୍ମିଲା । ତା ପରେ ସେ ଉଦ୍ଧବଙ୍କର ପ୍ରକୃତ ପରିଚୟ ପାଇ ଶ୍ରୀକୃଷ୍ଣଙ୍କ କୁଶଳାଦି ପ୍ରଶ୍ନ କଲେ ଓ ଶ୍ରୀକୃଷ୍ଣଙ୍କ ଗୁଣ ବାହୁନି କାନ୍ଦିଲେ । ଉଦ୍ଧବ ଯଶୋଦାଙ୍କୁ ବୁଝାଇବାକୁ ଯାଇ ଶ୍ରୀକୃଷ୍ଣଙ୍କର ବ୍ରହ୍ମତ୍ୱ ପ୍ରତିପାଦନ କଲେ । ଯଶୋଦା ଉଦ୍ଧବଙ୍କର ବ୍ରହ୍ମଜ୍ଞାନକୁ ଗ୍ରହଣ କଲେ ନାହିଁ । ଯଶୋଦା ଶ୍ରୀକୃଷ୍ଣଙ୍କୁ ପୁତ୍ରରୂପେ

Digitized by PPRACHIN, SOA

ଉଚ୍ଚାରଣ କରି ମୋହ ଗଲେ । ଜଣେ ଗୋପୀ କୁମ୍ଭ ନେଇ ଜଳ ଆଣିବାକୁ ଯାଉଥିଲା । ସେ ନନ୍ଦଙ୍କ ମନ୍ଦିର ସମ୍ମୁଖରେ ରଥ ଦେଖି ଓ ମନ୍ଦିର ମଧ୍ୟରେ ଉଦ୍ଧବଙ୍କୁ ଦେଖି ଭ୍ରମବଶତଃ ଶ୍ରୀକୃଷ୍ଣ ଗୋପପୁରକୁ ପ୍ରତ୍ୟାବର୍ତ୍ତନ କରିଅଛନ୍ତି ବୋଲି ଗୋପ ଦାଣ୍ଡରେ ପ୍ରଚାର କରିଦେଲା । ବିରହବିଧୁରା ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବା ଆଶାରେ ଅତିଶୀଘ୍ର ନନ୍ଦଙ୍କ ମନ୍ଦିରରେ ପ୍ରବେଶ କଲେ ।

## ଷଷ୍ଠବିଂଶ ଛାନ୍ଦ :

ଗୋପୀମାନେ ନନ୍ଦଙ୍କ ମନ୍ଦିରରେ ପ୍ରବେଶ କରି ଯେତେବେଳେ ଉଦ୍ଧବଙ୍କୁ ଦେଖିଲେ ସେତେବେଳେ ସେମାନଙ୍କର ଭ୍ରମ ଦୂର ହେଲା । ତା' ପରେ କବି ଗୋପୀମାନଙ୍କର ବିରହଦଶା ବର୍ଣ୍ଣନା କରିଛନ୍ତି । ଗୋପୀମାନେ ନିଜନିଜର କୃତକର୍ମର ନିନ୍ଦା କରିଛନ୍ତି । ଶ୍ରୀକୃଷ୍ଣଙ୍କ ବିଷୟରେ ଜାଣିବା ପାଇଁ ସେମାନେ ଉଦ୍ଧବଙ୍କର ଚାରିପାଖରେ ବେଢ଼ି ବସିଲେ । ଉଦ୍ଧବ ସେମାନଙ୍କୁ ଶ୍ରୀକୃଷ୍ଣଙ୍କର ପ୍ରତ୍ୟାବର୍ତ୍ତନ ବିଷୟରେ ଆଶ୍ୱାସନା ବାଣୀ ଶୁଣାଇଲେ ।

## ସପ୍ତବିଂଶ ଛାନ୍ଦ :

ଶ୍ରୀକୃଷ୍ଣ ଅଳ୍ପଦିନ ମଧ୍ୟରେ ଗୋପପୁରକୁ ଫେରିଆସିବେ ବୋଲି କହି ଉଦ୍ଧବ ଗୋପୀମାନଙ୍କ ସମକ୍ଷରେ ଶ୍ରୀକୃଷ୍ଣଙ୍କୁ ଅନ୍ତର୍ଯ୍ୟାମୀ ଓ ଚତୁର୍ଭୁଜ ହରି ବୋଲି ପ୍ରକାଶ କରିଅଛନ୍ତି । ଉଦ୍ଧବଙ୍କର ବ୍ରହ୍ମଜ୍ଞାନରେ ଗୋପୀମାନେ ସନ୍ତୁଷ୍ଟ ନ ହୋଇ ଜ୍ଞାନ ଅପେକ୍ଷା ଭକ୍ତିର ଉତ୍କୃଷ୍ଟତା ପ୍ରତିପାଦନ କଲେ । ତା' ପରେ ବୃନ୍ଦାଗୋପୀର ପାଦଦେଶରେ ଭ୍ରମରଟିଏ ଆସି ପଡ଼ିଲା । ଗୋପୀମାନେ ଶ୍ରୀକୃଷ୍ଣଙ୍କ ନିଷ୍ଠୁର ଆଚରଣ ବର୍ଣ୍ଣନା କଲେ । ସେମାନେ କୁଳଶୀଳ ଲାଜ ଛାଡ଼ି ଶ୍ରୀକୃଷ୍ଣଙ୍କ ନିକଟରେ ନିଜନିଜକୁ ସମର୍ପଣ କରିବା ଫଳରେ ଯେଉଁ ଅକଥ୍ୟ ଯନ୍ତ୍ରଣା ପାଇଲେ ତାହା ସେମାନେ ବର୍ଣ୍ଣନା କରିଅଛନ୍ତି । ଯେଉଁ ଭ୍ରମରଟି ଆସି ବୃନ୍ଦାଗୋପୀର ପାଦ ପାଖରେ ପଡ଼ିଥିଲା ତାହାକୁ ଶ୍ରୀକୃଷ୍ଣଙ୍କ ପରି ଦକ୍ଷିଣ ନାୟକ କହି ଗୋପୀମାନେ ପାଦରେ ତଡ଼ିଦେଲେ । ତାହା ଦେଖି ଉଦ୍ଧବ ଅତିମାତ୍ରାରେ ଆଶ୍ଚର୍ଯ୍ୟ ଅନୁଭୂତି ଲାଭ କଲେ ଓ ଭାବାବେଶରେ ଗୋପୀମାନଙ୍କ ପାଦରେ ପ୍ରଣତ ହେଲେ । ଗୋପୀମାନଙ୍କ ସହିତ କଥୋପକଥନ ପରେ ଉଦ୍ଧବ ଜ୍ଞାନମାର୍ଗ ଅପେକ୍ଷା ଭକ୍ତିମାର୍ଗକୁ ଉତ୍କୃଷ୍ଟତର ବିବେଚନା କଲେ । ଗୋପୀମାନେ ଉଦ୍ଧବଙ୍କୁ ସଙ୍ଗରେ ନେଇ ଶ୍ରୀକୃଷ୍ଣଙ୍କର କ୍ରୀଡ଼ା ଓ ସଙ୍କେତ ସ୍ଥାନ ବୁଲି ବୁଲି ଦେଖାଇଲେ । ଶ୍ରୀକୃଷ୍ଣ ପଠାଇଥିବା ପତ୍ରକୁ ଉଦ୍ଧବ ଗୋପୀମାନଙ୍କୁ ଦେଲେ ଓ ଚନ୍ଦ୍ରାବଳୀ ସେହି ପତ୍ରଟି ପାଠକଲେ ।

## ଅଷ୍ଟାବିଂଶ ଛାନ୍ଦ :

ଶ୍ରୀକୃଷ୍ଣ ଗୋପୀମାନଙ୍କ ନିକଟକୁ ଲେଖିଥିବା ପତ୍ର ଏହି ଛାନ୍ଦରେ ବର୍ଣ୍ଣିତ ହୋଇଅଛି । ଶ୍ରୀକୃଷ୍ଣ ବିରହବ୍ୟଥିତ ହୋଇ ରାଧାଙ୍କର ଗୁଣ ଓ ରୂପ ବର୍ଣ୍ଣନା କରିଛନ୍ତି । ଏହି ପତ୍ରରେ ସେ

Digitized by PPRACHIN, SOA

ଶୀଘ୍ର ଗୋପୀମାନଙ୍କ ନିକଟକୁ ଫେରିଆସିବା କଥା ମଧ୍ୟ ଲେଖିଛନ୍ତି । ପତ୍ର ପାଠ ଶେଷରେ ଗୋପୀମାନେ ନିଜନିଜର ଘରକୁ ଫେରିଗଲେ ଏବଂ ନନ୍ଦଙ୍କ ମନ୍ଦିରରେ ଉଦ୍ଧବ ଅବସ୍ଥାନ କଲେ ।

## ଊନତ୍ରିଂଶ ଛାନ୍ଦ :

ଉଦ୍ଧବ ମଥୁରାପୁରକୁ ଫେରିଯିବା କଥା ଶୁଣି ଗୋପୀମାନେ ରାଧାଙ୍କ ନିକଟକୁ ଗଲେ ଏବଂ ଶ୍ରୀକୃଷ୍ଣଙ୍କ ନିକଟକୁ ଖଣ୍ଡିଏ ପତ୍ର ଲେଖିବାକୁ ତାଙ୍କୁ ଅନୁରୋଧ କଲେ । ଶ୍ରୀକୃଷ୍ଣଙ୍କର ଗୁଣ, ମହତ୍ତ୍ୱ ଓ କ୍ରିୟାକଳାପ ବର୍ଣ୍ଣନା କରି ପତ୍ର ଲିଖିତ ହେଲା ଏବଂ ତାହା ଉଦ୍ଧବଙ୍କ ହସ୍ତରେ ପ୍ରେରିତ ହେଲା ।

## ତ୍ରିଂଶ ଛାନ୍ଦ :

ଗୋପପୁରରୁ ଫେରି ଉଦ୍ଧବ ମଥୁରାପୁରରେ ପ୍ରବେଶ କଲେ । ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଗୋପୀ, ଗୋପାଳ ଓ ନନ୍ଦ ଯଶୋଦାଙ୍କର କୁଶଳାଦି ପ୍ରଶ୍ନ କଲେ । ଉଦ୍ଧବ ଗୋପପୁରର ହୀନଦଶା ଓ ଗୋପୀମାନଙ୍କର ବିରହବିଧୁର ଅବସ୍ଥା ବର୍ଣ୍ଣନା କଲେ । ଗୋପୀମାନଙ୍କର ଅବସ୍ଥା ବିଷୟ ଶୁଣି ଶ୍ରୀକୃଷ୍ଣ ଦୁଃଖ ପ୍ରକାଶ କଲେ । କାବ୍ୟର ପରିସମାପ୍ତିରେ ସଂସାରର ଲୋକମାନଙ୍କୁ ସାର୍ବଜନୀନ ପ୍ରୀତି ଓ ଭଗବତ୍ ଭକ୍ତିରେ ଉଦ୍‌ବୁଦ୍ଧ ହେବାପାଇଁ କବି ଅନୁରୋଧ କରୁଛନ୍ତି । କାବ୍ୟର ଶେଷାଂଶରେ କବି ମାନବ ସମାଜକୁ ଯେଉଁ ନିର୍ଦ୍ଦେଶ ଦେଇ ଅଛନ୍ତି ତାହା ଅନେକାଂଶରେ ତାଙ୍କର ମନବୋଧ ଚଉତିଶାରେ ପ୍ରଦତ୍ତ ନିର୍ଦ୍ଦେଶ ସହିତ ସମାନ ବୋଲି କୁହାଯାଇ ପାରେ ।

## ମଧ୍ୟଯୁଗୀୟ ଧର୍ମଧାରା ଓ ମଥୁରାମଙ୍ଗଳ :

ଓଡ଼ିଶାର ମାଟି ଉପରେ ପ୍ରାଚୀନକାଳରୁ କେତେ ପ୍ରକାର ଧର୍ମ ମତବାଦର ପ୍ରଚାର ଯେ ହୋଇଆସିଅଛି ତାହା ଆଜି କଳ୍ପନା କରିବା ସହଜ ନୁହେଁ । ବିଭିନ୍ନ କାଳରେ ବିଭିନ୍ନ ଧର୍ମ ମତବାଦର ଧାରା ଆଜି କେତେକ ପରିମାଣରେ ସାହିତ୍ୟର ପରିସରରୁ ମିଳିଥାଏ । ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ ବା ବୌଦ୍ଧଗାନ ଦୋହାର ରଚନାକାଳ ଦଶମ ଶତାବ୍ଦୀ ମଧ୍ୟରେ ସୀମାବଦ୍ଧ । ସେ ସମୟରେ ଓଡ଼ିଶାରେ ତାନ୍ତ୍ରିକ ବୌଦ୍ଧଧର୍ମର ଯେ ପ୍ରସାର ହୋଇଥିଲା ଏକଥା ଓଡ଼ିଆ ସାହିତ୍ୟର ଆଲୋଚକଗଣ ପ୍ରମାଣିତ କରିଅଛନ୍ତି । ଦଶମ ଶତାବ୍ଦୀରେ ଓଡ଼ିଶାରେ ଏକାଧିକ ବୌଦ୍ଧବିହାର ଥିଲା ଓ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ତାନ୍ତ୍ରିକ ବୌଦ୍ଧଧର୍ମର ବାର୍ତ୍ତା ଜନସମାଜକୁ ଉଦ୍‌ବୁଦ୍ଧ କରିଥିଲା । ସେହି ସମୟଠାରୁ ଆରମ୍ଭ କରି ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟର ବିକାଶଧାରାରେ ବିଭିନ୍ନ ଧର୍ମମତବାଦର ପ୍ରଭାବ ପରିଲକ୍ଷିତ ହୋଇଥାଏ । ଓଡ଼ିଆ ସାହିତ୍ୟର ମଧ୍ୟଯୁଗରେ ବୈଷ୍ଣବ ଧର୍ମର ପ୍ରଭାବ ଓଡ଼ିଆ ସାହିତ୍ୟକୁ ଯେତିକି ଗତମୁଖର କରିଅଛି ସେତିକି ସଂକୀର୍ଣ୍ଣ-ସୀମାବଦ୍ଧ ମଧ୍ୟ କରିଅଛି । ପଞ୍ଚସଖା ଯୁଗରୁ ଗୌଡ଼ୀୟ ବୈଷ୍ଣବ ଧର୍ମର ପ୍ରଭାବ ସଡ଼ିଆ ସାହିତ୍ୟକୁ କବଳିତ କରିବାକୁ ଆରମ୍ଭ କରିଥିଲା । ଅଷ୍ଟାଦଶ ଶତାବ୍ଦୀରେ ଓଡ଼ିଆ କାବ୍ୟ ସାହିତ୍ୟର

Digitized by PPRACHIN, SOA

ବଳିଷ୍ଠ ପରମ୍ପରାରେ ଗୌଡ଼ୀୟ ବୈଷ୍ଣବ ଧର୍ମର ରସଚର୍ଯ୍ୟା ଏକ ପ୍ରଧାନ ବିଭାବ ଭାବରେ ପ୍ରସିଦ୍ଧି ପାଇଥିଲା । ଦୀନକୃଷ୍ଣ, ଭକ୍ତଚରଣ ଓ ଅଭିମନ୍ୟୁଙ୍କ ରଚନାରେ ଗୌଡ଼ୀୟ ବୈଷ୍ଣବ ଧର୍ମର ରସଚର୍ଯ୍ୟା ବିଶେଷ ପ୍ରଣିଧାନର ଯୋଗ୍ୟ ।

ବହୁ ପ୍ରାଚୀନ କାଳରୁ ଓଡ଼ିଶର ଧର୍ମଧାରାରେ ଶ୍ରୀଜଗନ୍ନାଥଙ୍କର କର୍ତ୍ତୃତ୍ୱ ବଜାୟ ରହିଅଛି । ଶ୍ରୀଜଗନ୍ନାଥଙ୍କର ସେବାପୂଜାରେ ଉତ୍କଳୀୟ ବୈଷ୍ଣବ ଧର୍ମର ତତ୍ତ୍ୱରାଜି ସହିତ କାଳକ୍ରମେ ଅନ୍ୟାନ୍ୟ ଧର୍ମ ମତବାଦର ତତ୍ତ୍ୱରାଜିର ସମ୍ମିଶ୍ରଣ ଘଟିଥିବା ବିଷୟ ସୁବିଦିତ । ଯେତେବେଳେ ଶ୍ରୀଚୈତନ୍ୟଙ୍କ ନେତୃତ୍ୱରେ ଓଡ଼ିଶାରେ ଗୌଡ଼ୀୟ ବୈଷ୍ଣବ ଧର୍ମର ଶୁଦ୍ଧାଭକ୍ତି ଓ ପରକୀୟା ପ୍ରୀତିର ତତ୍ତ୍ୱ ପ୍ରବେଶ କଲା ସେତେବେଳେ ଉତ୍କଳୀୟ ବୈଷ୍ଣବମାନେ ଯେ ନିର୍ବିବାଦରେ ଏହାକୁ ଗ୍ରହଣ କରିଯାଇଥିଲେ ଏକଥା କୁହାଯାଇ ପାରିବ ନାହିଁ । ସେତେବେଳେ ଦୁଇ ଧର୍ମ ମତବାଦ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ଲାଗି ଉଦ୍ୟମ ହୋଇଥିଲା । ଏହି ଉଦ୍ୟମର ପରିଣତି ଅଷ୍ଟାଦଶ ଶତାବ୍ଦୀରେ ଚରମ ସୋପାନରେ ଉପନୀତ ହୋଇଥିଲା । ଷୋଡ଼ଶ ଶତାବ୍ଦୀଠାରୁ ଆରମ୍ଭ କରି ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ସମନ୍ୱୟ ଚିନ୍ତାଧାରାର ଗତି ଓଡ଼ିଆ ଭକ୍ତି ସାହିତ୍ୟର ଗତି ଓ ପ୍ରକୃତିରେ ଅତି ସୂକ୍ଷ୍ମ ଭାବରେ ଲକ୍ଷ୍ୟ କରିବାର କଥା ।

ଓଡ଼ିଶାର ମାଟିରେ ଜନ୍ମଗ୍ରହଣ କରି, ଓଡ଼ିଶାର ପାଣି ପବନରେ ନିଜକୁ ପରିପୁଷ୍ଟ କରି କେହି ଶ୍ରୀଜଗନ୍ନାଥଙ୍କର ଅସୀମ ଶକ୍ତିକୁ ଅସ୍ୱୀକାର କରିପାରି ନାହିଁ । ତେଣୁ ଓଡ଼ିଆ ବୈଷ୍ଣବ କବିମାନଙ୍କୁ କରଗତ କରିବା ନିମିତ୍ତ ଶ୍ରୀଚୈତନ୍ୟ ସର୍ବପ୍ରଥମେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ରୂପରେ ଚିହ୍ନିତ କରିଥିଲେ । ମାତ୍ର ଓଡ଼ିଆ ବୈଷ୍ଣବ କବିଗଣ ପ୍ରତ୍ୟକ୍ଷ ଭାବରେ ଶ୍ରୀ ଚୈତନ୍ୟଙ୍କ ପ୍ରଭାବରେ ତାଙ୍କରି ଚିନ୍ତାସ୍ରୋତରେ ନିଜକୁ ଭସାଇ ନ ଦେଇ ଶ୍ରୀଜଗନ୍ନାଥଙ୍କୁ ଅବତାରୀ ଭାବରେ ଗ୍ରହଣ କରି ଶ୍ରୀକୃଷ୍ଣଙ୍କୁ ଅବତାର ଭାବରେ ଗ୍ରହଣ କଲେ । ବୈଷ୍ଣବ କବିମାନେ ଶ୍ରୀକୃଷ୍ଣ ଲୀଳାମୃତ ବର୍ଣ୍ଣନା କରିବା ଉଦ୍ଦେଶ୍ୟରେ କାବ୍ୟ ରଚନାକ କରିବାକୁ ଉଦ୍ୟତ ହେବା ସମୟରେ କାବ୍ୟର ପ୍ରଥମ ଛାନ୍ଦରେ ଇଷ୍ଟ ବନ୍ଦନା ପ୍ରସଙ୍ଗରେ ଶ୍ରୀଜଗନ୍ନାଥଙ୍କୁ ଅବତାରୀ ଭାବରେ ଗ୍ରହଣ କରି ତାଙ୍କରି ଅଙ୍ଗରୁ ଶ୍ରୀକୃଷ୍ଣଙ୍କୁ ଜାତ କରାଇ କାବ୍ୟର ପରବର୍ତ୍ତୀ ଛାନ୍ଦମାନଙ୍କରେ ଶ୍ରୀକୃଷ୍ଣଙ୍କର ଲୀଳାଖେଳା ବର୍ଣ୍ଣନା କରିଅଛନ୍ତି । ଦୀନକୃଷ୍ଣ ଦାସଙ୍କର ରସକଲ୍ଲୋଳ କାବ୍ୟ ଏହାର ପ୍ରକୃଷ୍ଟ ଉଦାହରଣ । କେବଳ ଏତିକି ନୁହେଁ, କାବ୍ୟର କଥାବସ୍ତୁ ପ୍ରସଙ୍ଗରେ ଅନେକ ସ୍ଥଳରେ ଶ୍ରୀକୃଷ୍ଣଙ୍କର ସେବା ପୂଜା ଉପଲକ୍ଷରେ ଶ୍ରୀଜଗନ୍ନାଥଙ୍କର ସେବା ପୂଜା ବର୍ଣ୍ଣିତ ହୋଇଅଛି । ବୈଷ୍ଣବ କବିମାନଙ୍କର ଚିତବୃତ୍ତିରେ ଏହି ରୀତି ରହିଥିଲେ ହେଁ ଅଷ୍ଟାଦଶ ଶତାବ୍ଦୀର କବିଭାବରେ ଭକ୍ତଚରଣ ଦାସ ଏହାର ଏକ ବ୍ୟତିକ୍ରମ । ସେ ଏକାନ୍ତ ଭାବରେ ଶୁଦ୍ଧାଭକ୍ତିର ଉପାସକ ଥିଲେ । ସେଥିପାଇଁ ମଥୁରାମଙ୍ଗଳ କାବ୍ୟର କଳେବର ମଧ୍ୟରେ କେବଳ ଯେ ଶୁଦ୍ଧାଭକ୍ତିର ପରାକାଷ୍ଠା ପ୍ରଦର୍ଶନ କରିଅଛନ୍ତି ତାହା ନୁହେଁ, ପ୍ରସଙ୍ଗୋଚିତ ଭାବରେ ସେ ବ୍ରହ୍ମଜ୍ଞାନ ବା ଜ୍ଞାନମିଶ୍ରା ଭକ୍ତିର ଅପକର୍ଷ ପ୍ରଦର୍ଶନ କରିଅଛନ୍ତି ।

Digitized by PPRACHIN, SOA

ମଥୁରାମଙ୍ଗଳର ପଞ୍ଚବିଂଶ ଛାନ୍ଦରେ ଯଶୋଦା ଏବଂ ଉଦ୍ଧବଙ୍କର କଥୋପକଥନ ମଧ୍ୟରେ ଉଦ୍ଧବଙ୍କର ବ୍ରହ୍ମଜ୍ଞାନ ମିଶ୍ରିତ ଭକ୍ତିକୁ ଯଶୋଦା ଗ୍ରହଣ କରିନାହାନ୍ତି । ଉଦ୍ଧବ କହିଥିଲେ—

''ଯାହା ରୋମମୂଳେ ମାଳ ମାଳ ହୋଇ ଭ୍ରମନ୍ତି ମେଦିନୀ ।
ସତକୁ ମିଛ ମିଛକୁ ସତ କରିପାରେ ସେ ଜନନୀ ।
ଆଦ୍ୟ ମଧ୍ୟ ପ୍ରାନ୍ତ ଗୋଚର ନୁହଇ ଅଶେଷ ଶ୍ରୁତିକି ।
ମନ ବଚନେ ଭେଦି କେହୁ ପାରିବ ତାହାର ଗତିକି ।
ଆଦି ଅନାଦି ନିରାକାର ପରମପୁରୁଷ ବୋଲାଇ ।
କୀଟୁଁ ବ୍ରହ୍ମଯାଏ ବ୍ୟାପି ରହିଅଛି ଗୋଚର ନୁହଇ ।''

ଶ୍ରୀକୃଷ୍ଣଙ୍କୁ ପରମପୁରୁଷ ଭାବରେ ଉଦ୍ଧବ ଉପସ୍ଥାପିତ କଲେହେଁ ଯଶୋଦାଙ୍କର ଚିତ୍ତ ଉଦ୍ଧବଙ୍କର ବଚନକୁ ଗ୍ରହଣ କରିପାରିଲା ନାହିଁ । ଉତ୍ତରରେ ଯଶୋଦା କହିଲେ—

''ଆହେ ଉଦ୍ଧବ କି ଗୁଡ଼ାଏ ବୋଇଲ ପୁତ୍ରକୁ ମୋହର ।
ସେମାନ ସଙ୍ଗେ ସମାନ କଲେ ନିକି ଏ ଭଲ ବିଚାର ।
ସାକ୍ଷାତେ ଜଠରୁ ଜନମ କରିଛି ଏ ଗଲା ମିଛକୁ ।
ବ୍ରହ୍ମ ବୋଲି କେତେ ଉଚ୍ଚ କରୁଅଛ ମୋହର ବତ୍ସକୁ ।
ଦେଖିବାକି ଏହିକ୍ଷଣି ମଥୁରାକୁ ଯିବଇଁ ବହନ ।
କାଖରେ ବସାଇ ଘେନି ଆସିବି କି ମଦନମୋହନ ।
ତୁମ୍ଭେ ଯେ ବୋଇଲ ବ୍ରହ୍ମକୁ କେ ଅବା ପାଇବ ଧାଇଲେ ।
ଯାମଳା ଅର୍ଜୁନେ ବାନ୍ଧିଥିଲି କିମ୍ପା ଅନ୍ତର ନୋହିଲେ ।
ସଂସାରେ ସକଳ ଶରୀର ପୂରିଛି, ବୋଇଲ କାହିଁକି ।
ମୋହୋ ହୃଦରେ ନିରନ୍ତରେ ରହିଛି କେମନ୍ତେ ଗଲାକି ?''

ଯଶୋଦା ବ୍ରହ୍ମଜ୍ଞାନକୁ କେବେହେଲେ ଶ୍ରେୟସ୍କର ମଣି ନାହାନ୍ତି । ଶ୍ରୀକୃଷ୍ଣଙ୍କୁ ସେ ପାଇଛନ୍ତି ପୁତ୍ର ରୂପରେ । ତେଣୁ ସେ କେବଳ ଜାଣନ୍ତି ଶ୍ରୀକୃଷ୍ଣ ତାଙ୍କର ପୁତ୍ର । ଶ୍ରୀକୃଷ୍ଣଙ୍କ ପ୍ରତି ତାଙ୍କର ବାତ୍ସଲ୍ୟ ମମତାର ପଟାନ୍ତର ନାହିଁ ।

ଉଦ୍ଧବଙ୍କୁ ଦେଖି ଗୋପୀମାନେ ଶ୍ରୀକୃଷ୍ଣଙ୍କ ପ୍ରତ୍ୟାବର୍ତ୍ତନ ବିଷୟରେ ନାନା ପ୍ରଶ୍ନ କରିଅଛନ୍ତି । ଉଦ୍ଧବ ସେମାନଙ୍କୁ ଆଶ୍ୱାସନା ଦେବାକୁ ଯାଇ ଶ୍ରୀକୃଷ୍ଣଙ୍କର ଅନ୍ତର୍ଯ୍ୟାମିତ୍ୱ ବର୍ଣ୍ଣନା କରିଅଛନ୍ତି ।

''ରୂପରେଖ ନାହିଁ କିଛି          ଚନ୍ଦ୍ରମା ପ୍ରାୟେ ବ୍ୟାପିଛି
ସେ ଯେହ୍ନେ ଦିଶଇ ଜଳଘଟେ
ସେ ଘଟ ବିନାଶ ଗଲେ          ଶୂନ୍ୟ ହୋଏ ଶାସ୍ତ୍ର ବୋଲେ
ପୁଣି ଅନ୍ୟ ଘଟେ ଯାଇ ଘୋଟେ, ଗୋ ଗୋପୀମାନେ ।
ଏଣୁ ରୂପ ହୋଇ ରୂପନୋହି, ଭାବେ ପାଇ ଅଭାବେ ନପାଇ ଗୋ ।

Digitized by PPRACHIN, SOA

ସେ ବ୍ରହ୍ମକୁ କର ଧ୍ୟାନ  କାମନା ହେଉ ଦହନ
ହୃଦରେ ରଖିବ ନିରଞ୍ଜନ
ଏ ଯେ ମିଥ୍ୟା କଳେବର  କ୍ଷଣକେ ହୋଏ ଭଙ୍ଗୁର
ଏଣୁ କହୁଅଛି ତାଙ୍କୁ ଚିହ୍ନ, ଗୋ ଗୋପୀମାନେ ।
ଷଡ଼୍‌ଚକ୍ର ଭେଦିଲେ ପାଇବ, ଚକ୍ଷୁ ବୁଜି ହୃଦରେ ଚାହିଁବ ଗୋ ।
ମଣିମୟ ମଣ୍ଡପରେ  ରତ୍ନ ସିଂହାସନ ପରେ
ପଞ୍ଚାଶଦଳ ପାଖୁଡ଼ା ପଦ୍ମ
ତା କେଶର ମଧ୍ୟେ ହରି  ଚତୁର୍ଭୁଜ ରୂପଧରି
ସେହି ପ୍ରଭୁ ପାଦେ କର ସଦ୍ମ, ଗୋ ଗୋପୀମାନେ ।
ତେବେ ସିନା ମିଳିବେ ତୁମ୍ଭଙ୍କୁ, ଭୟ ନରହିବ ଏ ଭବକୁ ଗୋ ।’’

ଉଦ୍ଧବଙ୍କର ଉକ୍ତିରେ ଗୋପୀମାନେ ସନ୍ତୁଷ୍ଟ ହୋଇ ପାରିଲେ ନାହିଁ । ସେମାନେ ଶ୍ରୀକୃଷ୍ଣଙ୍କୁ ପାଇଛନ୍ତି ପରମ ପ୍ରେମିକ ଭାବରେ । ତେଣୁ ସେମାନେ ବ୍ରହ୍ମଜ୍ଞାନ ପ୍ରତି ଆକୃଷ୍ଟ ନ ହୋଇ ବ୍ରହ୍ମଜ୍ଞାନକୁ ନିନ୍ଦା କରିଅଛନ୍ତି । ଗୋପୀମାନଙ୍କର ମତରେ—

‘‘କ୍ଷୀର ଭାଣ୍ଡେ ଦଧି ଦେଲେ .  ନାଶଯାଇ ସେହୁ ଭଲେ
ଜ୍ଞାନ କଥା କିପାଇଁ କହିଲ, ହେ ହରିଦୂତ ।
ଆମ୍ଭର ଭଗତି ଗଙ୍ଗାଧର, ଜ୍ଞାନନଦୀ ତହିଁ ସମକର ହେ ।
ଅଭାଗ୍ୟ ହୋଇଲା ଯେଣୁ  ଏକଥା ଶୁଣିଲୁଁ ତେଣୁ
ଆମ୍ଭ ଆଗେ ସେମାନ ନ କହ
ବ୍ରହ୍ମକୁ ଭାବନ୍ତି ଯେହୁ  ଏ ଭାବ ଜାଣନ୍ତି ସେହୁ
ଆମ୍ଭେ ତ ନଜାଣୁ ତୁମ୍ଭ ଭାବ, ହେ ହରିଦୂତ ।
ଯେସନେ କପିତ୍ଥ ଗଜଖାଇ, ପୁଣି ତାହା ବାହାର କରଇ ହେ ।
ଦେଖିଲେ ବିଶେ ସୁନ୍ଦର  ନଥାଇ କିଛି ଉଦର
ସେହିରୂପେ ରସହୀନ ଜ୍ଞାନ
ସେ କଥାକୁ କେତେ ଭଣ  ଏ ବିନୁ ଆନ ନଜାଣ
ହୀରାସଙ୍ଗେ କରିବାକୁ ଗଣ, ହେ ହରିଦୂତ
ସେ ପୁଣି କ୍ଷଣକମାତ୍ରେ ସତେ, ରୂପରେଖ ଯାଏ କେଉଁଆଡ଼େ ହେ ।’’

ଏହିପରି ଉକ୍ତି ମଧ୍ୟରେ ଗୋପୀମାନେ ବ୍ରହ୍ମଜ୍ଞାନର ଅସାରତା ବହୁ ଭାବରେ ଦର୍ଶାଇ ଅଛନ୍ତି । ଉଦ୍ଧବ ଗୋପୀମାନଙ୍କର ଭକ୍ତିଭାବ ଦେଖି ବିମୁଗ୍ଧ ହୋଇ ଶେଷରେ ଗୋପୀମାନଙ୍କର ଶ୍ରେଷ୍ଠତ୍ୱକୁ ସ୍ୱୀକାର କରିଅଛନ୍ତି । କବିଙ୍କ ଭାଷାରେ—

Digitized by PPRACHIN, SOA

''ଶୁଣ ଗୋ ଗୋବିନ୍ଦ ପ୍ରିୟେ                    କୃଷ୍ଣଭକ୍ତି ତୁମ୍ଭ ଦେହେ
ଯେଣୁ ଅଛି ତେଣୁ ତୁମ୍ଭେ ବଡ଼ ।
ଆମ୍ଭେ ନଜାଣୁ ଏରସ                    ଶେଷ ବିରଞ୍ଚି ମହେଶ
ଯେଉଁ ପ୍ରେମ ଅତିହିଁ ନିଗୂଢ଼, ଗୋ ଗୋପୀମାନେ ।
ତୁମ୍ଭେ ତା କରୁଛ ଦେହ ବହି, ତୁମ୍ଭ ସମ ହେବୁ ଆମ୍ଭେ କାହିଁ ଗୋ ।
ଏହା ଭାଷି ପ୍ରେମଭରେ                    ପୁଣି ଗୋପୀ ପାଦ ଧରେ
ପ୍ରେମେ ତନୁ କମ୍ପେ ଥରହର ।
ଆନନ୍ଦେ ବୋଲଇ ହରି                    ଉଠି ନାଚେ କରତୋଳି
ପ୍ରେମମଦେ ହେଲା ଜରଜର, ସେ ହରିଦୂତ.
ଗୋପୀଙ୍କ ବଦନ ଚାହିଁ କାନ୍ଦେ, ଜ୍ଞାନଛାଡ଼ି ଭକ୍ତିପଦେ ବନ୍ଦେ ସେ ।''

ଗୋପୀମାନଙ୍କର ପ୍ରେମଭକ୍ତିର ସାରବତ୍ତା ହୃଦୟଙ୍ଗମ କରିବା ପରେ ଉଦ୍ଧବ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତିତ ହୋଇଅଛନ୍ତି । ଉଦ୍ଧବ ଯେତେବେଳେ ମଥୁରାପୁରକୁ ବାହୁଡ଼ିଯାଇ ଶ୍ରୀକୃଷ୍ଣଙ୍କ ସମକ୍ଷରେ ଗୋପୀମାନଙ୍କର ବିରହାବସ୍ଥା ବର୍ଣ୍ଣନା କରିଅଛନ୍ତି ସେତେବେଳେ ସେ ଗୋପୀମାନଙ୍କର ଶ୍ରେଷ୍ଠତ୍ୱହିଁ ସୂଚିତ କରିଅଛନ୍ତି । ଗୋପୀମାନଙ୍କର ଶୁଦ୍ଧାଭକ୍ତି ଉଦ୍ଧବଙ୍କୁ ଏପରି ବିମୋହିତ କରିଥିଲା ଯେ ସେ ପୁଣି ଶ୍ରୀକୃଷ୍ଣଙ୍କୁ ଅନୁମତି ଭିକ୍ଷା କରିଛନ୍ତି ଗୋପପୁରକୁ ଫେରିଯାଇ ଗୋପୀମାନଙ୍କ ପରି ଶୁଦ୍ଧାଭକ୍ତି ମାର୍ଗର ପଥିକ ହୋଇ ଗୋପୀମାନଙ୍କ ସହିତ ସମଦଶାପନ୍ନ ଜୀବନଯାପନ କରିବା ନିମିତ୍ତ । କବି ଦୀନକୃଷ୍ଣ ଦାସଙ୍କର ରସକଲ୍ଲୋଳ କାବ୍ୟରେ ଉଦ୍ଧବ ଗୋପୀମାନଙ୍କର କୃଷ୍ଣପ୍ରାଣତା ଦେଖି ବିହ୍ୱଳିତ ଚିତ୍ତରେ ମଥୁରା ଫେରିଯାଇ ଶ୍ରୀକୃଷ୍ଣଙ୍କ ନିକଟରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କରିଅଛନ୍ତି, ମାତ୍ର ଭକ୍ତଚରଣ ଦାସଙ୍କର ମଥୁରାମଙ୍ଗଳ କାବ୍ୟରେ ଉଦ୍ଧବ ଗୋପୀମାନଙ୍କର ବିରହଦଶା ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ପ୍ରକାଶ କରିବା ସଙ୍ଗେସଙ୍ଗେ ନିଜ ହୃଦୟରେ ଗୋପୀମାନଙ୍କର ଶୁଦ୍ଧାଭକ୍ତିର ଆଦର୍ଶ କିପରି ସଂସ୍ଥାପିତ ହୋଇଅଛି ତାହା ପ୍ରକାଶ କରି ଅଛନ୍ତି । ପରମ ପ୍ରେମିକ ଶ୍ରୀକୃଷ୍ଣଙ୍କ ଅପେକ୍ଷା ପ୍ରେମମୟୀ ଗୋପୀମାନଙ୍କର ସାନ୍ନିଧ ସେ କାମନା କରିବାର କାରଣ ହେଉଛି ଗୋପୀମାନଙ୍କର ଭାବକୁ ହୃଦୟରେ ପାଇବା ନିମିତ୍ତ ସେ ବ୍ୟଗ୍ର । ଭଗବାନଙ୍କ ଅପେକ୍ଷା ଭକ୍ତର ସେବା ଉଦ୍ଧବଙ୍କ ବିବେଚନାରେ ମହତ୍ତର । ତେଣୁ ଉଦ୍ଧବ କହିଅଛନ୍ତି—

''ଏବେ ଏହି କୃପା କର                    ଆଜ୍ଞା ଦିଅ ଶିରାଧର
ଫେରିଯିବ ସେହି ବୃନ୍ଦାବନ ହେ । ଦୀନବନ୍ଧୁ !
ଗୋପୀଙ୍କ ସଙ୍ଗେ ବଞ୍ଚୁଥିବି । ଏଥେ ଥାଇ କି ସୁଖ ଭୁଞ୍ଜିବି ସେ ।
କରୁଥିବି ତାଙ୍କ କର୍ମ,                    ସାଧୁଥିବି ତାଙ୍କ ଧର୍ମ
କାନ୍ଦୁଥିବି ତାଙ୍କରି ପରାୟେ,

Digitized by PPRACHIN, SOA

ହେଉଥିବି ତାଙ୍କ ବେଶ                    କରୁଥିବି ବ୍ରଜେ ବାସ
କରୁଥିବି ତବରୂପ ଧ୍ୟାୟେ । ହେ ଦୀନବନ୍ଧୁ !
କୃଷ୍ଣବୋଲି ଗାଉଥିବି ମୁଖେ । ଥିବି ସେ ଗୋପୀଙ୍କ ପାଖେ ପାଖେ ।''

ଏତିକି କଥା କହିସାରି ଉଦ୍ଧବ ଧୈର୍ଯ୍ୟଧରି ରହିପାରିଲେ ନାହିଁ, ସେ କ୍ରନ୍ଦନରତ ହେଲେ । ଭଗବତ୍ ବିଶ୍ୱାସ, ଭଗବତ୍ ପ୍ରୀତିର ସାର୍ଥକ ଚିତ୍ର ମଥୁରାମଙ୍ଗଳରେ ଉଦ୍ଧବ ଚରିତ୍ରରେ ପ୍ରକାଶ ପାଇଅଛି ।

ଅଷ୍ଟାଦଶ ଶତାବ୍ଦୀରେ ଓଡ଼ିଶାର ବୈଷ୍ଣବ କବିମାନେ କିପରି ସତର୍କତାର ସହିତ ଉତ୍କଳୀୟ ବୈଷ୍ଣବ ଧର୍ମର ମତବାଦ ସହିତ ଗୌଡ଼ୀୟ ବୈଷ୍ଣବ ଧର୍ମର ମତବାଦକୁ ସମନ୍ୱିତ କରିଥିଲେ ତାହା ବହୁ କବିଙ୍କ କାବ୍ୟରୁ ପ୍ରମାଣିତ ହୋଇଥାଏ । ଏ ପ୍ରସଙ୍ଗରେ ଏଠାରେ ସ୍ମରଣ କରାଯାଇପାରେ ଯେ ଯେତେବେଳେ ଶ୍ରୀଚୈତନ୍ୟ ପୁରୀଧାମରେ ଉପସ୍ଥିତ ହୋଇ ଉତ୍କଳୀୟ ବୈଷ୍ଣବମାନଙ୍କୁ ଗୌଡ଼ୀୟ ବୈଷ୍ଣବଧର୍ମର ମତଦ୍ୱାରା ପ୍ରଭାବିତ କରିବାକୁ ଉଦ୍ୟତ ହେଲେ ସେତେବେଳେ ବହୁ ଉତ୍କଳୀୟ ବୈଷ୍ଣବ ଏହାର ପ୍ରତିବାଦ କଲେହେଁ ସେମାନଙ୍କର ପ୍ରତିବାଦ ମୂଲ୍ୟହୀନ ହୋଇପଡ଼ିଲା । ତେଣୁ ଉତ୍କଳର କେତେକ ବିଶିଷ୍ଟ ବୈଷ୍ଣବ କୋଣାର୍କଠାରେ ମିଳିତ ହୋଇ କାର୍ଯ୍ୟପନ୍ଥା ସ୍ଥିର କଲେ । ସେମାନେ ସ୍ଥିର କଲେ ଯେ ଉତ୍କଳୀୟ ବୈଷ୍ଣବଧର୍ମର ମତବାଦକୁ ଏକାବେଳକେ ପରିହାର ନ କରି ଗୌଡ଼ୀୟ ବୈଷ୍ଣବ ଧର୍ମର କେତେକ ସାରନୀତିକୁ ଗ୍ରହଣ କରି ତାହା ସହିତ ମିଶାଇ ଦିଆଯାଇ ପାରେ । ତେଣୁ ସେହି ସମୟରୁ ଉତ୍କଳୀୟ ବୈଷ୍ଣବମାନେ ଗୌଡ଼ୀୟ ବୈଷ୍ଣବ ଧର୍ମର କେତେକ ନୀତିକୁ ଗ୍ରହଣ କଲେ । ଶ୍ରୀକୃଷ୍ଣ ଜଗନ୍ନାଥଙ୍କର ଅବତାର ଭାବରେ ସ୍ୱୀକୃତ ହେଲେ । ଅଷ୍ଟାଦଶ ଶତାବ୍ଦୀରେ ବୈଷ୍ଣବ କବିଗଣ ମିଶ୍ରିତ ଭାବଧାରାକୁ ବହୁଭାବରେ ଗ୍ରହଣ କରିଥିବାର ଦେଖାଯାଇଅଛି । ମାତ୍ର କବି ଭକ୍ତଚରଣଙ୍କ ଭଳି କେତେକ ବିଖ୍ୟାତ ବୈଷ୍ଣବ କବି ଏପ୍ରକାର ମତବାଦକୁ ଗ୍ରହଣ ନ କରି ଗୌଡ଼ୀୟ ବୈଷ୍ଣବ ଧର୍ମମତର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରିଅଛନ୍ତି । ତେଣୁ ସେ ମଥୁରାମଙ୍ଗଳର ସପ୍ତବିଂଶ ଛାନ୍ଦରେ ଗୋପୀମାନଙ୍କ ମୁଖରେ ଉଦ୍ଧବଙ୍କୁ କୁହାଇ ଅଛନ୍ତି—

''ତଥାପି ମଧୁର ରସେ                    ଜ୍ଞାନ ଯେବେ ଅଳ୍ପ ମିଶେ
ତାକୁ ସେ କରଇ ବେଗେ ନାଶ
ପତିବ୍ରତା ନାରୀ ଯେହ୍ନେ                    ପର ପୁରୁଷର ସନେ
ସଂଯୋଗ ହୋଇଲେ ହୋଏ ଭ୍ରଂଶ, ହେ ହରିଦୂତ ।
ସେହିମତି ଭକ୍ତିରସେ ଜ୍ଞାନ,
ଆମ୍ଭେମାନେ ନ ଜାଣୁ ସେମାନ ହେ ।''

ଅଷ୍ଟାଦଶ ଶତାବ୍ଦୀର ଓଡ଼ିଆ ସାହିତ୍ୟରେ ଭକ୍ତଚରଣ ଦାସଙ୍କର ମଥୁରାମଙ୍ଗଳ ଏକ ବିଖ୍ୟାତ ଜନପ୍ରିୟ କାବ୍ୟ । ଏଥିରେ କବି ଶୁଦ୍ଧାଭକ୍ତିର ଜୟଗାନ କରି ଅଛନ୍ତି ।

Digitized by PPRACHIN, SOA

## ଭକ୍ତଚରଣଙ୍କର କବିତ୍ୱ :

ମଧ୍ୟଯୁଗର ଓଡ଼ିଆ କାବ୍ୟ ସାହିତ୍ୟ ପର୍ଯ୍ୟବେକ୍ଷଣ କଲେ ଜଣାଯାଏ ଯେ ମଧ୍ୟଯୁଗୀୟ କବିମାନେ ପ୍ରଥମରେ ପଣ୍ଡିତ ତାପରେ କବି । ତେଣୁ ସେମାନଙ୍କର କାବ୍ୟ ସମୂହରୁ ପାଣ୍ଡିତ୍ୟର ସ୍ପଷ୍ଟ ପରିଚୟ ମିଳିଥାଏ । ବହୁଶାସ୍ତ୍ରଦର୍ଶିତା ଅନେକ ସମୟରେ ସେମାନଙ୍କର ପାଣ୍ଡିତ୍ୟର କାରଣ ମଧ୍ୟ ହୋଇଥାଏ । କବି ଭକ୍ତଚରଣ ଦାସ ଜଣେ ବୈଷ୍ଣବ କବି । ବୈଷ୍ଣବ ଶାସ୍ତ୍ରରେ ତାଙ୍କର ଗଭୀର ପ୍ରବେଶ ଥିଲା । ସେ ମଥୁରାମଙ୍ଗଳର କଥାବସ୍ତୁ ନିର୍ବାଚନ ପାଇଁ ମୁଖ୍ୟତଃ ଭାବଗତ, ଜଗନ୍ନାଥ ଦାସଙ୍କର ଓଡ଼ିଆ ଭାଗବତ, ଅଚ୍ୟୁତାନନ୍ଦ ଦାସଙ୍କର ହରିବଂଶ ଓ ବିପ୍ରନାରାୟଣ ଦାସଙ୍କର ଖିଳହରିବଂଶ ଉପରେ ନିର୍ଭର କରିଥିଲେହେଁ ସ୍ୱକୀୟ ବିବେଚନା ବଳରେ କାବ୍ୟର କଳେବର ମଧ୍ୟରେ ଅନେକ ସ୍ଥଳରେ ନୂତନତ୍ୱ ପ୍ରଦର୍ଶନ କରିଅଛନ୍ତି । ଶ୍ରୀକୃଷ୍ଣଙ୍କର ଜନ୍ମ ଓ ବାଲ୍ୟଲୀଳା ବର୍ଣ୍ଣନାରେ ସେ ଅନ୍ୟ ବୈଷ୍ଣବକବିମାନଙ୍କ ପଥ ଅନୁସରଣ କରିଥିଲେହେଁ ଗୋପୀମାନଙ୍କର ଶୁଦ୍ଧାଭକ୍ତି ବର୍ଣ୍ଣନାରେ ସେ ଅନ୍ୟମାନଙ୍କ ଅପେକ୍ଷା ଅଧିକ କୃତିତ୍ୱ ପ୍ରଦର୍ଶନ କରିଅଛନ୍ତି । କାବ୍ୟର ପ୍ରସଙ୍ଗକ୍ରମରେ ବାତ୍ସଲ୍ୟ, ବୀର, ଭୟାନକାଦି ରସ ସୃଷ୍ଟି ହୋଇଥିଲେହେଁ ବିପ୍ରଲମ୍ଭ ଶୃଙ୍ଗାର କାବ୍ୟରେ ମୁଖ୍ୟସ୍ଥାନ ଅଧିକାର କରିଅଛି ।

କାବ୍ୟର ଆରମ୍ଭରେ କବି ଇଷ୍ଟବନ୍ଦନା କରିବାକୁ ଯାଇ ଶ୍ରୀକୃଷ୍ଣଙ୍କର ଅନ୍ତର୍ଯ୍ୟାମିତ୍ୱ ପ୍ରକାଶ କରିଅଛନ୍ତି । କବିଙ୍କର ଏହି ଇଷ୍ଟ ବନ୍ଦନାକୁ ଏକ ସ୍ୱତନ୍ତ୍ର ସ୍ତୁତି ରୂପରେ ଗାନ କରାଯାଇପାରେ—

''ଜୟ ଗୋବିନ୍ଦ ଗୋକୁଳ ସୁନ୍ଦର । ଜୟ ରାମ ଅନୁଜ ଦାମୋଦର ।
ଜୟ କଂସାରି ଜଗତ-ତାରଣ । ଜୟ ମାଧବ ନନ୍ଦକ-ଧାରଣ ।
ଜୟ ରମାରମଣ ଦଇତାରି । ଜୟ ଅନନ୍ତ ଅଖିଳ ବିହାରୀ ।
ଜୟ ଗରୁଡ଼ାସନ ପୀତବାସ । ଜୟ ବକାରି ନରକ ବିନାଶ ।
ଜୟ ଭଗତବତ୍ସଳ ମୁରାରି । ଜୟ କାରଣ ସଲିଳ ବିହାରୀ ।
ଜୟ ଜଗତଜୀବନ ମୋହନ । ଜୟ ନୃସିଂହ ହିରଣ୍ୟ ଧ୍ୱଂସନ ।
ଜୟ ଯାଦବ ବରଜ ଚନ୍ଦ୍ରମା । ସର୍ବ କାରଣକୁ ତୁ ବିଶ୍ୱକର୍ମା ।
ନାନା ରୂପ ଅରୂପ ତୁହି ହଉ । ପ୍ରାଣୀମାନଙ୍କ ହିତେ ଦେହ ବହୁ ।
ଗୋରୁ ବ୍ରାହ୍ମଣେ ରକ୍ଷଣେ ତୋ ଜାତ । କେହି ନ ଜାଣେ ଆଦି ମଧ୍ୟ ଅନ୍ତ ।
ସର୍ବ ଆତ୍ମାରେ ତୁହି ଆତ୍ମାରାମ । ତୋର ବିହୁନେ ନାହିଁ କର୍ମାକର୍ମ ।
ତୁ ସେ ଆଦି ଅନାଦି ନିରାକାର । ଶ୍ରୁତି ସ୍ମୃତିକି ନାହିଁ ଗୋଚର ।
ତୋର ଆଜ୍ଞା ଶିରେ ଧରି ବିରଞ୍ଚି । ଚତୁର୍ଦ୍ଦଶ ଭୁବନ ଅଛି ରଞ୍ଚି ।
ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ଆଦି ଦେବତା । ତୋର ସୃଜିଲାରୁ ଏହି ବକତା ।
ତୋହୋ ନକଲା ଆଉ ନାହିଁ କେହି । ତୁ ସେ ସର୍ବ କରତା ଭାବଗ୍ରାହୀ ।
ଏଣୁ ମନରେ କରଇ ବିଚାର । ତୋହ ବ୍ୟତ୍ରକେ ଗତି ନାହିଁ ମୋର ।
ଯେବେ ସୁଦୟା କରିବ ମୋହରେ । ମନ ରଖାଇ ପଙ୍କଜ ପୟରେ ।''

Digitized by PPRACHIN, SOA

କବିଙ୍କର ଏହି ବନ୍ଦନା ଅଭିମନ୍ୟୁ ସାମନ୍ତ ସିଂହାରଙ୍କର ବିଦଗ୍ଧ ଚିନ୍ତାମଣିର ପ୍ରଥମ ଛାନ୍ଦର ବର୍ଣ୍ଣନା ସହିତ କେତେକାଂଶରେ ସମାନ ବୋଲି କୁହାଯାଇପାରେ । କବି ଶ୍ରୀକୃଷ୍ଣଙ୍କର ଜନ୍ମ ଓ ବାଲ୍ୟଲୀଳା ବର୍ଣ୍ଣନା କରିବା ପରେ କଂସର ମନୋଭାବ ପ୍ରକାଶ କରିଅଛନ୍ତି । କଂସର ଭାବନାରେ କବି କେତେକ ପରିମାଣରେ ଜୀବନ ଦର୍ଶନର ସୂଚନା ପ୍ରଦାନ କରିଅଛନ୍ତି । କଂସ ଶ୍ରୀକୃଷ୍ଣଙ୍କୁ ଗୋପପୁରରୁ ଅଣାଇ ତାଙ୍କୁ ନିଧନ କରିବା ଲାଗି ବ୍ୟସ୍ତ ହୋଇପଡ଼ିଛି । ତେଣୁ ସେ ଚିନ୍ତା କରିଛି—

''ବ୍ୟାଧି ଅଳପ ହୋଇ ସଞ୍ଚରଇ । ହେଲା ମାତ୍ରକେ ପରାଣେ ମାରଇ ।
ଶୂନ୍ୟ ମଣ୍ଡଳେ ମେଘ ପ୍ରକାଶଇ । ଛିଦ୍ର ହୋଇ ବହୁତ ବରଷଇ ।
ଭସ୍ମ କୁଢ଼ରେ ଅଗ୍ନିକଣା ଥାଇ । ମନ୍ଦ ପବନେ ବଳିଷ୍ଠ ହୁଅଇ ।
କାଳେ ସଂସାର କରଇ ଦହିଛ । ସେହି ପ୍ରକାରେ ନନ୍ଦର ତନୁଜ ।''

କବିଙ୍କର କଳ୍ପନାପ୍ରବଣତା କାବ୍ୟର ବହୁସ୍ଥଳରେ ତାଙ୍କର କବିତ୍ୱଶକ୍ତିର ଅପୂର୍ବ ପରିଚୟ ଦେଇଅଛି । ଶ୍ରୀକୃଷ୍ଣ ଗୋପପୁର ଛାଡ଼ି ମଥୁରାପୁରକୁ ଚାଲିଯିବେ । ତାଙ୍କ ବିଚ୍ଛେଦରେ ଗୋପୀମାନେ କିପରି ବଞ୍ଚିବେ ସେ ବିଷୟରେ ଗୋପୀମାନଙ୍କ ମଧ୍ୟରେ ଭାଳେଣି ପଡ଼ିଯାଇଛି । ଚତୁର୍ଥ ଛାନ୍ଦରେ କବି ଜଣେ ଗୋପୀ ମୁଖରେ ଅପୂର୍ବ କଳାପାଟବପୂର୍ଣ୍ଣ ଭାଷା ଦେଇଅଛନ୍ତି—

''କେ ବୋଲଇ କାଲିଠାରୁ କୁମୁଦ ମରିବେ ।
କୁମୁଦରମଣ ଯେଣୁ କୁମୁଦକୁ ଯିବେ ।
ଅନ୍ଧକାରକୁ ବାଢ଼ିବ
ସତେ କି ଚନ୍ଦ୍ରମା ଚନ୍ଦ୍ରମଣିକି ଛାଡ଼ିବ ।''

ଶ୍ରୀକୃଷ୍ଣ ମଥୁରାପୁରୀ ଚାଲିଗଲେ ଗୋପୀମାନେ ତାଙ୍କ ବିଚ୍ଛେଦରେ ଦେହଧରି ରହିବା ଅସମ୍ଭବ ହୋଇପଡ଼ିବ । ସେମାନେ ଏଥିପାଇଁ ମନ ମଧ୍ୟରେ ବହୁ ଭାବରେ ଅନୁଶୋଚନା କରିଅଛନ୍ତି । ଗୋପପୁରରେ ଶ୍ରୀକୃଷ୍ଣଙ୍କ ସହିତ ଯେପରି ଭାବରେ ସେମାନେ ଲୀଳାଖେଳା କରୁଥିଲେ ସେସବୁକୁ ସେମାନେ ବର୍ଣ୍ଣନା କରି ଶ୍ରୀକୃଷ୍ଣଙ୍କ ଗୁଣାବଳୀ କୀର୍ତ୍ତନ କରିଅଛନ୍ତି ।

''କେହୁ ନେତ୍ରପ୍ରାନ୍ତେ ଠାରୁଥିବ
ନିଧୁବନ କେଁ କଢ଼ାଇ ନେବ
ଶଶିଖଣ୍ଡ ଗଣ୍ଡ ଦେଶରେ ଆମ୍ଭର
କେହୁ ପୁଣ ପୁଣ ତ ଚୁମ୍ବିବ ହେ ମୋହନ ।
ଭୂତ ଛଡ଼ାଇବ କେ ରାଧାଙ୍କୁ
କେହୁ ହରିବ ଦୁଃଖ ବାଧାକୁ
କେହୁ ବୃନ୍ଦାବତୀ ସଙ୍ଗେ ବିହରିବ
ବୃନ୍ଦାବନେ ଖୋଜିବୁଁ କାହାକୁ ହେ ମୋହନ ।''

Digitized by PPRACHIN, SOA

ଶ୍ରୀକୃଷ୍ଣ ମଥୁରାପୁରକୁ ଚାଲିଗଲେ କେବଳ ଯେ ଗୋପୀମାନେ ଦୁଃଖରେ କାଳ ଅତିବାହିତ କରିବେ ତାହା ନୁହେଁ, ମାତା ଯଶୋଦାଙ୍କ ପକ୍ଷରେ ଶ୍ରୀକୃଷ୍ଣ ବିଚ୍ଛେଦ ଅସହ୍ୟ ହୋଇଉଠିବ । ସେ ଶ୍ରୀକୃଷ୍ଣଙ୍କର ଗୁଣ ବର୍ଣ୍ଣନା କରି ନିଜର ମାତୃହୃଦୟର ଯଥାର୍ଥ ପରିଚୟ ଦେଇଅଛନ୍ତି । କବି ଭକ୍ତଚରଣ ଦାସ ଯଶୋଦାଙ୍କର ବାତ୍ସଲ୍ୟପ୍ରୀତିକୁ ବର୍ଣ୍ଣନା କରିବାବେଳେ ଯଶୋଦାଙ୍କୁ ଏକ ସାଧାରଣ ଜନନୀର ଭୂମିକାରେ ଅବତୀର୍ଣ୍ଣ କରାଇ ଅଛନ୍ତି । ମଥୁରାମଙ୍ଗଳର ଷଷ୍ଠ ଛାନ୍ଦରେ ଯଶୋଦାଙ୍କର ଅନ୍ତରର ବାଣୀ ପ୍ରକାଶ ପାଇଅଛି । ପୁତ୍ରର ଗୁଣ ସୁମରି କାନ୍ଦିବାବେଳେ ମାଆ ଯେପରି ବ୍ୟତିବ୍ୟସ୍ତ ହୋଇପଡ଼େ ଯଶୋଦା ଏଠାରେ ସେହିପରି ହୋଇପଡ଼ିଛନ୍ତି । ଏହି ବର୍ଣ୍ଣନା ମଧ୍ୟରେ ମାତୃହୃଦୟର କରୁଣତା ପ୍ରତିବିମ୍ବିତ ହୋଇଅଛି ।

"ସର ଲବଣୀ ଅଧାମ          ପକ୍ୱରମ୍ଭା ସୁଧାସମ
ମୁଖେ ଦେଲେ ଥୁ ଥୁ କରି ଫିଙ୍ଗୁ ।
ଯେତେ ରୂପେ ନାକିଆଇ          ପରସଇ ବଳିଆଇ
କୋପେ ଉଠି ପାକଭାଣ୍ଡ ଭାଙ୍ଗୁରେ ଜୀବଧନ
ଏବେ ଦୂର ହୋଇବ ସେ କଥା
କି ନ କରେ ଦାରୁଣ ବିଧାତାରେ ।
ଛାଇକି ଅନାଇଁ ଡରୁ,          ଧାଇଁ ମୋ'ତେ କୋଳକରୁ
ବସନେ ଘୋଡ଼ାଉ ମୁଖ ଗୋଟି
ହୋଉଥାଉ ଥରହର          ଦେଖିଲେ ଅନ୍ଧାର ଘର
ଉଛ ପାବଛ ନପାରୁ ଉଠିଲେ ଜୀବଧନ ।
ମଧୁପୁରେ ହସ୍ତୀ ଘୋଡ଼ାମାନ
ଗର୍ଜିଲେ ନପୁଣ ଡରୁ ଶ୍ୟାମରେ ।
କାନ୍ଥେ ଦେଖି ଚିତ୍ରପନ୍ତି          ନାନା ଭୟଙ୍କର ମୂର୍ତ୍ତି
ଭୟେ ଯାଉ ସେ ଘରୁ ପଳାଇ
ଏବେ କଂସପୁର ଯିବୁ          ରାକ୍ଷସମାନ ଦେଖିବୁ
ଡରି କାହାକୁ ଧରିବୁ ଯାଇରେ ଜୀବଧନ ।
ମାଏ ବୋଲି ଡାକିବୁ କାହାକୁ
ସାହା ବା କେ ଆହା ବୋଲିବାକୁ ରେ ।"

ମାତା ଯଶୋଦା ଶ୍ରୀକୃଷ୍ଣ ଏବଂ ବଳରାମଙ୍କୁ ସବୁ ବିଷୟରେ ସତର୍କ କରି ଦେଇଛନ୍ତି । ମଥୁରାପୁରୀରେ ଶ୍ରୀକୃଷ୍ଣ ଯେପରି କୌଣସି ପ୍ରକାର ଦୁଷ୍ଟ ବୁଦ୍ଧି ବାହାର ନ କରନ୍ତି ସେଥିପାଇଁ ସେ ବାରମ୍ବାର ଶ୍ରୀକୃଷ୍ଣ ଓ ବଳରାମଙ୍କୁ ଉପଦେଶ ଦେଇଅଛନ୍ତି । ବୈଷ୍ଣବ କବି ଭକ୍ତଚରଣ ଯେଉଁ ଶ୍ରୀକୃଷ୍ଣଙ୍କୁ ଅନ୍ତର୍ଯ୍ୟାମୀ ଭାବରେ ଚିତ୍ରଣ କରିଅଛନ୍ତି ସେହି ଶ୍ରୀକୃଷ୍ଣ ଯଶୋଦାଙ୍କ ଚକ୍ଷୁରେ

Digitized by PPRACHIN, SOA

ଅଳିଅଳ ପିଲା । କବି ଯଶୋଦାଙ୍କର ମାତୃହୃଦୟର ସରଳତା ପ୍ରତି ବିଶେଷ ଭାବରେ ଦୃଷ୍ଟିଦେଇ ବର୍ଣ୍ଣନାର ସୌକର୍ଯ୍ୟ ପ୍ରତିପାଦନ କରିଅଛନ୍ତି ।

ଗୋପୀମାନେ ଶ୍ରୀକୃଷ୍ଣଙ୍କ ନିକଟରେ ନିଜ ନିଜର ଖେଦୋକ୍ତି ପ୍ରକାଶ କରିବା ସମୟରେ କବି ବହୁପରିମାଣରେ ଶାସ୍ତ୍ରଦର୍ଶୀ ହୋଇପଡ଼ିଥିବା ପରି ମନେହୁଏ । ମଥୁରାମଙ୍ଗଳର ସପ୍ତମ ଛାନ୍ଦରେ କବି ଯେଉଁ ବର୍ଣ୍ଣନା କରିଅଛନ୍ତି ତହିଁରେ ମଧ୍ୟଯୁଗୀୟ ପ୍ରଭାବ ମଧ୍ୟ ପରିଲକ୍ଷିତ ହୋଇଥାଏ । କବି ଉପେନ୍ଦ୍ର ଭଞ୍ଜଙ୍କର ପଦାଙ୍କ ଅନୁସରଣ କରି ଏହି କାବ୍ୟରେ ଶବ୍ଦ-ପାଣ୍ଡିତ୍ୟ ପ୍ରଦର୍ଶନ କରିଅଛନ୍ତି । ଏହି ଶବ୍ଦ-ପାଣ୍ଡିତ୍ୟ କାବ୍ୟକୁ ଦୁର୍ବୋଧ କରିଥିବାରୁ ଏହାକୁ କବିଙ୍କର ଗୁଣ ରୂପେ ଗ୍ରହଣ ନ କରି ଦୋଷ ରୂପେ ଅଭିହିତ କରିବାକୁ ପଡ଼ିବ ।

''ବାରିଜ-ଅଇରି-ବଇରି-ଧ୍ୱଜର ପତିଙ୍କି ସେବି ପାଇଥିଲୁ ।
ଛାଡ଼ିଲା ଦଇବ, କହିଲେ କି ହେବ, ମଧୁରକ୍ଷକ ପ୍ରାୟେ ହେଲୁ ।
କୃଷ୍ଣ ହେ । ସେ ଯେହ୍ନେ ସଞ୍ଚି ରଖିଥାଇ ।
ମୁଖରେ ଅନଳ ଲଗାଇ ଶବର ପ୍ରାଣେ ମାରି ସୁଖେ ନିଅଇ ।
ସେହିରୂପେ ଆମ୍ଭେ ସେହି ରୂପେ ତୁମ୍ଭେ ସେହିରୂପେ ହେଲା ଅକ୍ରୂର ।
ମଥୁରା ନାଗରୀ କେତେ ତପକଲେ ତାଙ୍କୁ ଭୋଗ୍ୟ ହେଲା ଏଥର ।
କୃଷ୍ଣ ହେ । ଗୋପୀ ହୋଇଲୁ ନିରିମାଖୀ ।
ତାଙ୍କ ବଦନ-କୁମୁଦ ପ୍ରକାଶିବ ଆମ୍ଭ ଗୋକୁଳଚନ୍ଦ୍ର ଦେଖି ।
ଶିରୀଷ ଉପରେ ଗିରୀଶ-ଅଇରି-ଜନକ-ମଇତ୍ର-ବାହନ ।
ମହାପ୍ରଳୟରେ ରସ ବରଷିଲେ ସେ ଯେହ୍ନେ ହୁଅଇ ମଳିନ ।
କୃଷ୍ଣ ହେ । ସେହିମତି ହେବୁ ଗୁଆଳୀ ।
ତପନ କିରଣ ଲାଗିଲେ ଯେସନ ହୋଇଯାଏ ଗଙ୍ଗଶିଉଳୀ ।''

କାବ୍ୟଯୁଗର ଅନୁରୋଧରେ କବି ଏପରି ବର୍ଣ୍ଣନା କରିଥିବା ସମ୍ଭବପର । ଏହି ବର୍ଣ୍ଣନାରେ କବି ଶିରୀଷ ଫୁଲ ଉପରେ ପ୍ରବଳ ବର୍ଷାର ପରିଣାମ ପ୍ରକାଶ କରିବାକୁ ଯାଇ ଦୁର୍ବୋଧ ହୋଇ ପଡ଼ିଛନ୍ତି । ଏହିପ୍ରକାର ବର୍ଣ୍ଣନା କବି କଂସର ଚିଟାଉରେ ଅତ୍ୟନ୍ତ ସରଳ ଭାବରେ ବର୍ଣ୍ଣନା କରିଥିଲେ ହେଁ ଏଠାରେ ଅଯଥାରେ କାବ୍ୟକୁ ଶବ୍ଦ ଭାରରେ ଦୁର୍ଭର କରି ପକାଇ ଅଛନ୍ତି । ଗୋପୀମାନଙ୍କର ଅବସ୍ଥା ବର୍ଣ୍ଣନା କରିବାକୁ ଯାଇ କବି ପାଠକମାନଙ୍କର ଚିତ୍ତକୁ ଆକୃଷ୍ଟ କରିଅଛନ୍ତି । ଶ୍ରୀକୃଷ୍ଣଙ୍କର ଅଭାବ ଗୋପୀମାନଙ୍କ ପକ୍ଷରେ ଯେ କେତେ ବେଶୀ କଷ୍ଟକର ତାହା କବିଙ୍କ ଉକ୍ତିରୁ ସ୍ପଷ୍ଟ ଭାବରେ ପ୍ରକାଶ ପାଇଅଛି—

''ବସନ୍ତ ଗଲେ ଯେହ୍ନେ ଦିଶେ ବନ ।
ବରଷା ଶେଷେ ଯେହ୍ନେ ନଦୀମାନ ।

Digitized by PPRACHIN, SOA

ଅନ୍ଧାର ପକ୍ଷେ ଯେହ୍ନେ କଳାକର ।
ପଦ୍ମ ଯେସନେ ପଡ଼ିଲେ ଶିଶିର ।
ହୋଇଯାଏ କ୍ଷୀଣ ।
ଚନ୍ଦ୍ର ବିନୁ ଯେହ୍ନେ କୁମୁଦ ବନ ।
କାନ୍ତ ବିହୁନେ ଯେସନେ ରମଣୀ ।
ଧର୍ମ ବିହୁନେ ଯେସନେ ଧରଣୀ ।
ବେଦ ବିହୁନେ ଯେହ୍ନେ ଦ୍ୱିଜବର ।
ଧନ ବିହୁନେ ଯେହ୍ନେ ଦିଶେ ନର ।
ପୁତ୍ର ବିନେ ନାରୀ ।
ରାଜ୍ୟ ବିହୁନେ ଯେହ୍ନେ ଦଣ୍ଡଧାରୀ ।
ବିଦ୍ୟା ପାସୋରିଲେ ଯେହ୍ନେ ପଣ୍ଡିତ ।
ମାତା ବିହୁନେ ଯେସନେ ବାଳୁତ ।
ଚକ୍ଷୁ ବିହୁନେ ଶୋଭାବନ୍ତ ଜନ ।
ଭୂଷଣ ବିନୁ ଯେହ୍ନେ ନାରୀମାନ ।
ଦିଶେ ଅସୁନ୍ଦର ।
ବୃକ୍ଷ ବିହୁନେ ଯେହ୍ନେ ଗିରିବର ।''

ଶ୍ରୀକୃଷ୍ଣ ଏବଂ ଗୋପୀମାନଙ୍କର ଚାତୁର୍ଯ୍ୟୋକ୍ତି ମଥୁରାମଙ୍ଗଳରେ ଆଉ ଗୋଟିଏ ଲକ୍ଷ୍ୟ କରିବାର ବିଷୟ । ଶ୍ରୀକୃଷ୍ଣ ମଥୁରାକୁ ଯିବା ସମୟରେ ଗୋପୀମାନେ ମଥୁରା ନାରୀଙ୍କ ବିଷୟରେ କହିଅଛନ୍ତି—

''ବୋଲନ୍ତି ଗୋପଗୋଇ ଶୁଣ ମୁରାରି
କାଣନ୍ତି ମନ୍ତ୍ର ଯନ୍ତ୍ର ମଥୁରାନାରୀ ହେ ।
ଏଣୁ ଡରୁଛୁ ବ୍ରଜ-ବନିତାମାନେ
ଭୁଲାଇ ନ ଛାଡ଼ିବେ ଗୋପ ଭୁବନେ ହେ ।''

ଗୋପୀମାନେ ଶ୍ରୀକୃଷ୍ଣଙ୍କଠାରେ ଯେପରି ଭାବରେ ନିଜ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଥିଲେ, ତାର ପ୍ରତିଦାନରେ ସେମାନେ ଶ୍ରୀକୃଷ୍ଣଙ୍କ ଉପରେ କେବଳ ନିଜ ନିଜର ଅଧିକାର ସାବ୍ୟସ୍ତ କରିବାକୁ ଚାହିଁଥିଲେ । ପରମ ପ୍ରେମିକ ଶ୍ରୀକୃଷ୍ଣ ମଥୁରାପୁରୀକୁ ଗଲେ ମଥୁରାର ନାରୀମାନଙ୍କ ପ୍ରେମପାଶରେ ଆବଦ୍ଧ ହୋଇ ଆଉ ଗୋପପୁରକୁ ଫେରି ନ ପାରନ୍ତି—ଏହି ଚିନ୍ତା ଗୋପୀମାନଙ୍କ ଚିତ୍ତବୃତ୍ତିକୁ ଆଲୋଡ଼ିତ କରି ଦେଇଥିଲା । ଗୋପୀମାନଙ୍କ ମନ ଭିତରର ଏହି ଦୁର୍ବଳତାକୁ ଶ୍ରୀକୃଷ୍ଣ ମଧ ଧରି ପାରିଥିଲେ । ନାୟକର ଚାଟୁବଚନ କିପରି ଭାବରେ ନାୟିକାର

Digitized by PPRACHIN, SOA

ମନକୁ ଭୁଲାଇ ଦିଏ, ସେ କଥା ଶ୍ରୀକୃଷ୍ଣଙ୍କୁ ଅଜଣା ନ ଥିଲା । ତେଣୁ କବି ଶ୍ରୀକୃଷ୍ଣଙ୍କ ମୁଖରେ ଅତି ଚତୁର ଭାବରେ ଏପରି ଭାଷା ସଂଯୋଜନ କରିଅଛନ୍ତି, ଯାହା ଶୁଣି ଗୋପୀମାନେ କେତେକ ପରିମାଣରେ ଶ୍ରୀକୃଷ୍ଣଙ୍କ ଉପରେ ଆସ୍ଥା ସ୍ଥାପନ କରିଥିଲେ—

"କୃଷ୍ଣ ବୋଲନ୍ତି ଶୁଣ ରମଣୀ ବୃନ୍ଦ
କର୍ପୂର ସମାନ କି ଭାସ୍କର ଗନ୍ଧ ଗୋ ।
ପଦ୍ମ ସମାନ କାହିଁ ହେବ କୂଟଜ
ସମାନ କଲା ଲୋକ ସିନା ନିର୍ଲଜ ଗୋ ।
ପାଟ ଟସର କାହିଁ ସମାନ ମୂଲ
ହୀରା ସଙ୍ଗରେ ନୀଳା ହେବ କି ତୁଲ ଗୋ ।
ପିତଳ ନୋହେ କଳଧଉତ ସମ
ଚନ୍ଦ୍ର ପାରୁଶେ କାହିଁ ରହିବ ତମ ଗୋ ।
ସେହି ପ୍ରକାରେ କାହିଁ ମଥୁରା ନାରୀ
ସେ ହେବେ ତୁମ୍ଭ କଉଁ ଗୁଣରେ ସରି ଗୋ ।"

ମଥୁରାମଙ୍ଗଳ କାବ୍ୟରେ କବିଙ୍କର କବିତ୍ୱଶକ୍ତିର ଯଥେଷ୍ଟ ପରିଚୟ ମିଳିଅଛି । ଭକ୍ତଚରଣ ଦାସ କିପରି ବହୁଶାସ୍ତ୍ରଦର୍ଶୀ ଥିଲେ ଓ କବିତ୍ୱ ଚାତୁରୀ ପ୍ରଦର୍ଶନରେ ପାରଙ୍ଗମ ଥିଲେ ସେ ବିଷୟରେ ମଥୁରାମଙ୍ଗଳର ଊନତ୍ରିଂଶ ଛାନ୍ଦରୁ ଗୋଟିଏ ଉଦାହରଣ ଦିଆଯାଇପାରେ । ଗୋପୀମାନେ ଉଦ୍ଧବଙ୍କ ହସ୍ତରେ ପ୍ରେରଣ କରିବା ନିମିତ୍ତ ଶ୍ରୀକୃଷ୍ଣଙ୍କ ନିକଟକୁ ଏକ ପତ୍ର ଲେଖିବାପାଇଁ ଶ୍ରୀରାଧାଙ୍କୁ ଅନୁରୋଧ କଲେ । ଶ୍ରୀରାଧା ଗୋପୀମାନଙ୍କର ମନୋବେଦନାକୁ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରି ଶ୍ରୀକୃଷ୍ଣଙ୍କ ନିକଟକୁ ଖଣ୍ଡିଏ ପତ୍ର ଲେଖିଲେ । ଏହି ପତ୍ରର ବିଷୟବସ୍ତୁ ଯେପରି କରୁଣରସପୂର୍ଣ୍ଣ ସେହିପରି ହୃଦୟସ୍ପର୍ଶୀ । ପତ୍ର ଲେଖିସାରି ଶ୍ରୀରାଧା ଯେପରି ଭାବରେ ତାହାକୁ ଶ୍ରୀକୃଷ୍ଣଙ୍କ ନିକଟକୁ ପ୍ରେରଣ କରିଛନ୍ତି ତାହା ଅତ୍ୟନ୍ତ ଚାତୁର୍ଯ୍ୟପୂର୍ଣ୍ଣ ।

"ଏତେକ ଲେଖି ନବୀନ ନୀରଜାକ୍ଷୀ କଉତୁକ କରି ମୁଦିଲେ ।
କୁସୁମମଣ୍ଡା ଭିତରେ ଥୋଇ ବାଳୀ କି କି ମନରେ ବିଚାରିଲେ ।
ତା ପରେ, ଉରଗ ଗୋଟିଏ ଲିହିଲେ ।
ପୁଣି ଅଞ୍ଜନାନନ୍ଦନ ଚନ୍ଦ୍ରଚୂଡ଼ ତହିଁ ପାରୁଶେ ବସାଇଲେ ।"

ପତ୍ରଟିକୁ ଲେଖିସାରି ନବୀନ ପଦ୍ମନେତ୍ରୀ ଶ୍ରୀରାଧା ଅତ୍ୟନ୍ତ କୌତୁକର ସହିତ ପତ୍ରଟିକୁ ମୁଦିଦେଲେ । ତାପରେ ସେହି ପତ୍ର ମଧ୍ୟରେ ପେଣ୍ଡାଏ ଫୁଲ ରଖି ମନ ମଧ୍ୟରେ ଚିନ୍ତା କଲେ । ପୁଣି, ପତ୍ର ଉପରେ ଗୋଟିଏ ସାପର ଚିତ୍ର ଅଙ୍କନ କଲେ । ସେହି ସାପର ଚିତ୍ର ପାର୍ଶ୍ୱରେ ଅଞ୍ଜନାନନ୍ଦନ ଅର୍ଥାତ୍ ହନୁମାନ ଏବଂ ଚନ୍ଦ୍ରଚୂଡ଼ ଅର୍ଥାତ୍ ଶିବଙ୍କର ଚିତ୍ର ଅଙ୍କନ କଲେ । ଏହି

Digitized by PPRACHIN, SOA

ଚିତ୍ରଗୁଡ଼ିକ ଅଙ୍କନ କରିବାର ଯଥେଷ୍ଟ ତାତ୍ପର୍ଯ୍ୟ ରହିଛି । ନାୟିକା ନାୟକ ନିକଟକୁ ପେଣ୍ଡାଏ ଫୁଲ ପଠାଉଛି । ସେ ଫୁଲ ପଠାଇବାର ଅନ୍ତର୍ନିହିତ ଉଦ୍ଦେଶ୍ୟ ଯାହା ଥାଉ ନା କାହିଁକି ଫୁଲପେଣ୍ଡାଟି ଶୁଖିନଯିବା ପାଇଁ ଶ୍ରୀରାଧା ଅନ୍ୟ ଚିତ୍ରଗୁଡ଼ିକ ଅଙ୍କନ କଲେ । ସାପର ଚିତ୍ର ଅଙ୍କନ କରିବାର ଅର୍ଥ ପବନ ବାଜିଲେ ଫୁଲ ଶୁଖିଯିବ । ସାପ ପବନକୁ ପିଇଯାଏ । ତେଣୁ ପବନ ଆସି ଫୁଲରେ ବାଜି ପାରିବ ନାହିଁ । ପୁଣି, ଅଞ୍ଜନାନନ୍ଦନ, ଅର୍ଥାତ୍ ହନୁମାନ ଥିଲେ ଫୁଲରେ ସୂର୍ଯ୍ୟକିରଣ ପଡ଼ିବ ନାହିଁ । କାରଣ, ହନୁମାନ ସୂର୍ଯ୍ୟଙ୍କୁ ଗିଳିଦେବା ଲାଗି ଉଦ୍ୟମ କରିଥିଲା । ସୂର୍ଯ୍ୟ ହନୁମାନଙ୍କୁ ଦେଖିଲେ ଭୟ କରି ନିଜର କିରଣ ସେଠାରେ ପକାଇବେ ନାହିଁ । ପବନ ବାଜିବ ନାହିଁ, ଖରା ପଡ଼ିବ ନାହିଁ, ତେଣୁ ଫୁଲ ଶୁଖିବାର ଆଶଙ୍କା ନାହିଁ । ତଥାପି ଫୁଲକୁ ଶୀତଳତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଶ୍ରୀରାଧା ଚନ୍ଦ୍ରଚୂଡ଼ ଅର୍ଥାତ୍ ଶିବଙ୍କର ଚିତ୍ର ଅଙ୍କନ କରିଅଛନ୍ତି । ଶିବଙ୍କ ମସ୍ତକରେ ଚନ୍ଦ୍ର ଅଛନ୍ତି । ତେଣୁ ଚନ୍ଦ୍ର ସେଠାରେ ଶୀତଳତା ପ୍ରଦାନ କରିବେ । ଏହିସବୁ ଉପାୟ ଅବଲମ୍ବନ କରିବାଦ୍ୱାରା ଫୁଲପେଣ୍ଡାଟି ସତେଜ ରହି ଶ୍ରୀକୃଷ୍ଣଙ୍କ ନିକଟରେ ପହଞ୍ଚିଯିବ । ଶ୍ରୀରାଧାଙ୍କର ଚାତୁର୍ଯ୍ୟକୁ ବୁଝିବେ ଚତୁର ନାୟକ ଶ୍ରୀକୃଷ୍ଣ । କବି କାବ୍ୟଯୁଗର ଅନୁରୋଧରେ ଏପରି କଳ୍ପନାଚାତୁରୀ ପ୍ରଦର୍ଶନ କରିଅଛନ୍ତି । କବିଙ୍କର ଏହି ବର୍ଣ୍ଣନା ଉପରେ ଜଗନ୍ନାଥ ମିଶ୍ର ବିରଚିତ ରସକଳ୍ପଦ୍ରୁମର ଗୋଟିଏ ଶ୍ଳୋକର ପ୍ରଭାବ ଲକ୍ଷ୍ୟ କରାଯାଇ ପାରେ । ଏ ବିଷୟ ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଆ ସାହିତ୍ୟର କ୍ରମପରିଣାମ (ପୃ. ୯୨ - ୯୩)ରେ ଆଲୋଚନା କରିଅଛନ୍ତି । ସେହି ସଂସ୍କୃତ ଶ୍ଳୋକଟି ହେଉଛି—

"କାଚିତ୍ କାନ୍ତା ରମଣବସତିଂ ପ୍ରେଷୟନ୍ତି କରଣ୍ଡଂ
ଦୂତୀ ହସ୍ତେ ସଭୟମଲିଖତ୍ ବ୍ୟାଳମସ୍ୟୋପରିଷ୍ଟାତ୍ ।
ଗୌରୀକାନ୍ତଂ ପବନ ତନୟଂ ଚମ୍ପକଂ ତତ୍ରଭାବଂ
ପୃଚ୍ଛତ୍ୟାର୍ଯ୍ୟୋ ନିପୁଣ-ତିଳକୋ ମଲ୍ଲୀନାଥଃ କବୀନ୍ଦ୍ରଃ ।"

ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ବିଚାର କଲେ ଭକ୍ତଚରଣ ଦାସଙ୍କର କବିତ୍ୱ ବିଷୟରେ ବହୁ ତଥ୍ୟର ସନ୍ଧାନ ମିଳିଥାଏ । କବିଙ୍କର କଳ୍ପନାପ୍ରବଣତା, ବହୁଶାସ୍ତ୍ରଦର୍ଶିତା, ପାଣ୍ଡିତ୍ୟ, ବିଦ୍‌ଗଧ ଭାବ, ରସିକତା ଏବଂ କୃଷ୍ଣୈକପ୍ରାଣତା ତାଙ୍କୁ ଓଡ଼ିଆ ଭକ୍ତି ସାହିତ୍ୟରେ ଜଣେ ଅମର ସ୍ରଷ୍ଟା ଭାବରେ ପ୍ରତିଷ୍ଠିତ କରିଅଛି ।

## କବିଙ୍କର ଭକ୍ତିମତ୍ତା ଓ ଜୀବନ-ଦର୍ଶନ :

କବି ଭକ୍ତଚରଣ ଦାସଙ୍କର ମଥୁରାମଙ୍ଗଳ ପାଠ କଲେ ଜଣାଯାଏ ଯେ ସେ ସମ୍ପୂର୍ଣ୍ଣ ଭାବରେ ଗୌଡୀୟ ବୈଷ୍ଣବ ଥିଲେ । ତାଙ୍କ କାବ୍ୟର ପ୍ରତିଛତ୍ରରେ ଗୋପୀଭକ୍ତିର ଉତ୍କର୍ଷ ପ୍ରତିପାଦିତ ହୋଇଅଛି । ସ୍ୱର୍ଗତ ଅଧାପକ ଆର୍ତ୍ତବଲ୍ଲଭ ମହାନ୍ତି ମତ ପ୍ରଦାନ କରିଥିଲେ ଯେ କବି ଭକ୍ତଚରଣ ଦାସ ଉତ୍କଳୀୟ ବୈଷ୍ଣବ । ଏହାର କାରଣ ରୂପେ ସେ ଦର୍ଶାଇଥିଲେ ଯେ

Digitized by PPRACHIN, SOA

ଭକ୍ତଚରଣ ଶ୍ରୀରାଧାଙ୍କୁ କାବ୍ୟରେ ସ୍ଥାନ ନ ଦେଇ ବୃନ୍ଦାବତୀଙ୍କୁ ସ୍ଥାନ ଦେଇ ଅଛନ୍ତି । ମାତ୍ର ତାଙ୍କର ଏ ମତକୁ ସେ ସୁପ୍ରତିଷ୍ଠିତ କରି ପାରିନାହାନ୍ତି । ମଥୁରାମଙ୍ଗଳରେ ବର୍ଣ୍ଣିତ ବୃନ୍ଦାବତୀ ବା ବୃନ୍ଦାଗୋପୀ ହେଉଛନ୍ତି ବୃନ୍ଦାବନେଶ୍ୱରୀ ଶ୍ରୀରାଧା । ଗୋପୀଭକ୍ତି ବା ଶୁଦ୍ଧାଭକ୍ତିର ଉପାସକ ଭାବରେ କବି ନିଜକୁ ପ୍ରତିପାଦିତ କରିଅଛନ୍ତି ।

ମଥୁରାମଙ୍ଗଳରେ ସେ ଗୋପୀଭକ୍ତିର ଉତ୍କର୍ଷ ଯେତିକି ପରିମାଣରେ ପ୍ରଦର୍ଶନ କରିଅଛନ୍ତି ତାଙ୍କର ମନଃଶିକ୍ଷାରେ ସେତିକି ପରିମାଣରେ ପ୍ରଦର୍ଶନ କରିଅଛନ୍ତି । ମନଃଶିକ୍ଷା ଗ୍ରନ୍ଥ ଉପରେ ଚୈତନ୍ୟ ଚରିତାମୃତର ପ୍ରଭାବ ବିଶେଷ ଭାବରେ ପରିଲକ୍ଷିତ ହୋଇଥାଏ । କବି ମଥୁରାମଙ୍ଗଳରେ ଶ୍ରୀକୃଷ୍ଣଙ୍କୁ ସ୍ୱୟଂ ଭଗବାନ ଭାବରେ ଗ୍ରହଣ କରିଅଛନ୍ତି । କାବ୍ୟର ପ୍ରାରମ୍ଭରେ ସେ ଶ୍ରୀକୃଷ୍ଣଙ୍କୁ ବନ୍ଦନା କରି ତାଙ୍କରି ଲୀଳାବର୍ଣ୍ଣିତ କାବ୍ୟର ସୁପରିସମାପ୍ତି ନିମିତ୍ତ କାମନା ପୋଷଣ କରିଛନ୍ତି । କବିଙ୍କର ମନ ସଂସାର ଜଞ୍ଜାଳରେ ଆବଦ୍ଧ ନ ରହି ଗୋବିନ୍ଦଲୀଳା ବର୍ଣ୍ଣନା ଲାଗି କିପରି ଉଦ୍‌ଗ୍ରୀବ ହୋଇପଡ଼ିଅଛି ତାହା ତାଙ୍କର ଉକ୍ତିରୁ ପ୍ରକାଶ ପାଇଅଛି—

''ଏଣୁ ମନରେ କରଇ ବିଚାର ।
ତୋହ ବ୍ୟତ୍ରକେ ଗତି ନାହିଁ ମୋର ।
ଯେବେ ସୁଦୟା କରିବ ମୋହରେ ।
ମନ ରଖାଇ ପଙ୍କଜ-ପୟରେ ।
ଆଉ ସମ୍ପଦେ ନାହିଁ ପ୍ରୟୋଜନ ।
ଭକ୍ତି ବିନେ ମୋ ଦରିଦ୍ର ଜୀବନ ।
ସୁଜ୍ଞଜନଙ୍କ ମୁଖରୁ ଶୁଣିଲି ।
କୃଷ୍ଣ ଭଜିଲେ ତରନ୍ତି ଜାଣିଲି ।
ଜ୍ଞାନ ସ୍ମରଣ ପଠନ ଶ୍ରବଣେ ।
ପୂର୍ବେ ତରିଅଛନ୍ତି ମୁନିଗଣେ ।
ସେହୁ ପୁରାଣେ ହୋଇଛି ଲେଖନ ।
ମିଥ୍ୟା ନୁହଇ ପ୍ରମାଣ ବଚନ ।
ନିଶି ଦିବସେ ଯେ ହରି ଭଜନ୍ତି ।
ଭବ କଲୁଷ ସନ୍ତାପ ତେଜନ୍ତି ।
ଏଣୁ ବିଚାର କରଇ ମନରେ ।
କିପାଁ ମରୁଛି ଏଭବ ବନରେ ।
ଧନ ଜନ ଜୀବନ ଚିର ନୋହେ ।
ପାପ-ଅନଳ ପିଣ୍ଡକାଷ୍ଠ ଦହେ ।

Digitized by PPRACHIN, SOA

ଲୋଭ ସକଳ ଦ୍ରବ୍ୟେ ପ୍ରବର୍ତ୍ତାଇ ।
କାମ କାମିନୀ ମଦରେ ମତାଇ ।
ମୋହ ମୋହିତ କଲା ଦିବାନିଶି ।
ମର୍ମେ ଘୋଟି ରହିଲା ପାପରାଶି ।
ଚଳି ନୁହଇ ଯାତନାରେ ପଡ଼ି ।
ଦିନୁ ଦିନ ଆୟୁଷ ଗଲା ଛିଡ଼ି ।
ଏଣୁ ବିଚାର କଲି ମୋର ଚିତ୍ତେ
ବୁଦ୍ଧି ନଦିଶେ ତରିବି କେମନ୍ତେ ।
କୃଷ୍ଣ ଚରିତ ଅମୃତ ବାରାଧି ।
କଳି କଲୁଷ ରୋଗକୁ ଔଷଧି ।
ତହୁଁ କିଛି ପ୍ରସଙ୍ଗରେ କହିବି ।
ଦୁଷ୍ଟ ପାତକ ଭାରାକୁ ଦହିବି ।
ଗୀତ କରି ରଚିବି ହରିଲୀଳା ।
ଦୟାକର ହେ ସ୍ୱାମୀ ନନ୍ଦବଳା ।''

କବି ନିଜ ଜୀବନର ଉଦ୍ଦେଶ୍ୟ ପ୍ରକାଶ କରିବାକୁ ଯାଇ ଶ୍ରୀକୃଷ୍ଣ ଲୀଳାମୃତର ମାହାତ୍ମ୍ୟ ବର୍ଣ୍ଣନା କରିଅଛନ୍ତି । ସେ ବିଶ୍ୱାସ କରିଅଛନ୍ତି ଯେ ଶ୍ରୀକୃଷ୍ଣଙ୍କର ଲୀଳାଗାନ କଲେ ସେ ଜାଗତିକ ବନ୍ଧନରୁ ମୁକ୍ତିଲାଭ କରିବେ । ଗୌଡ଼ୀୟ ବୈଷ୍ଣବ ଧର୍ମକୁ ସମର୍ଥନ କରିଥିବା ସମସ୍ତ ବୈଷ୍ଣବ କବି ବିଶ୍ୱାସ କରିଅଛନ୍ତି ଯେ ଶ୍ରୀକୃଷ୍ଣଙ୍କର ଲୀଳାକୀର୍ତ୍ତନ ବା ନାମକୀର୍ତ୍ତନ କଲେ ସେମାନେ ମୁକ୍ତି ପାଇପାରିବେ । ସେଥିପାଇଁ କବି ଦୀନକୃଷ୍ଣ ଦାସ ରସକଲ୍ଲୋଳରେ ଲେଖିଛନ୍ତି—

''କରଇ ପବିତ୍ର ଆନ　　　　ତୀର୍ଥ ଜଳେ କଲେ ସ୍ନାନ
ଏ ତୀର୍ଥ ନାମରେ ନାନା ଦୁରିତ ନାଶେ ।
କଇବଲ୍ୟ ଲଭି ହେଲେ　　　　ନ ପଡ଼ି ଜଠର ଜଳ
ବଇକୁଣ୍ଠେ ବସି ବଇକୁଣ୍ଠ ସନ୍ତୋଷେ ।
କରି ଏହି ତୀର୍ଥ କୀର୍ତ୍ତନ
କରୁଥାଇ ଦୀନକୃଷ୍ଣ ସୁଖେ ନର୍ତ୍ତନ ।''

କାବ୍ୟର ପ୍ରସଙ୍ଗ କ୍ରମରେ କବି ବହୁ ସ୍ଥଳରେ ଶ୍ରୀକୃଷ୍ଣଙ୍କର ଅନ୍ତର୍ଯ୍ୟାମିତ୍ୱ ପ୍ରତିପାଦନ କରିଅଛନ୍ତି । ମଥୁରାମଙ୍ଗଳର ଏକବିଂଶ ଛାନ୍ଦରେ କବି ଲେଖିଛନ୍ତି—

''ଯାର ରୋମ ମୂଳେ ମେଦିନୀମାଳ । ଭ୍ରମନ୍ତି ହୋଇ ଅତି ଅନ୍ତରାଳ ।
ନେତ୍ର ଚନ୍ଦ୍ର ସୂର୍ଯ୍ୟ ଶିର ଅମ୍ବର । କଟି ହିମାଦ୍ରି, ପାତାଳ ପୟର ।

Digitized by PPRACHIN, SOA

ଶରୀର ଗୁହ ଶଇଳମାନ । ଅଣଚାଶ ନବ ନାସା ପବନ ।
ସ୍ବଜନ ବାନ୍ଧବ ଦୁର୍ଜନ ଯମ । ଶରଣ ତାରଣ କାମିନୀ-କାମ ।
ରୂପ ଅରୂପ ନାନାଗତି ହୋଏ । ଯା ନାମେ ଅଶେଷ କଳୁଷ ଦହେ ।’’

ଉଦ୍ଧବ ଯେତେବେଳେ ଗୋପପୁରକୁ ଆସି ଯଶୋଦା ଓ ଗୋପୀମାନଙ୍କ ନିକଟରେ ଶ୍ରୀକୃଷ୍ଣଙ୍କର ପରବ୍ରହ୍ମତ୍ୱ ପ୍ରତିପାଦନ କରିବାକୁ ଚେଷ୍ଟା କରିଛନ୍ତି ସେତେବେଳେ ସେ ବିଫଳ ମନୋରଥ ହୋଇଛନ୍ତି । ଯଶୋଦା ଏବଂ ଗୋପୀମାନେ ଉଦ୍ଧବଙ୍କର ଉକ୍ତିକୁ ଖଣ୍ଡନ କରିଅଛନ୍ତି । ଯଶୋଦାଙ୍କ ମତରେ ଶ୍ରୀକୃଷ୍ଣ ତାଙ୍କର ଅଲିଅଳ ପୁତ୍ର । ଗୋପୀମାନଙ୍କର ମତରେ ଶ୍ରୀକୃଷ୍ଣ ତାଙ୍କର ପ୍ରେମିକ । ବ୍ରହ୍ମଜ୍ଞାନ ଭିତରେ ପ୍ରବେଶ କରିବାକୁ ସେମାନେ କେବେହେଲେ ଉଚିତ ମନେ କରି ନାହାନ୍ତି । ଉଦ୍ଧବ ଯେତେବେଳେ ବ୍ରହ୍ମ ବିଷୟରେ ମତପ୍ରଦାନ କଲେ ସେତେବେଳେ ଗୋପୀମାନେ ତାଙ୍କୁ କହିଲେ—

‘‘ତୁମ୍ଭେ ଯେ ବୋଇଲ ସର୍ବ ହୃଦରେ ବ୍ରହ୍ମର ଠାବ
ତେବେ ଆଉ ଭଜୁଛ କାହାକୁ
ତୁମ୍ଭର ଶରୀରେ ଅଛି ବୋଲାଇ ପରମପକ୍ଷୀ
କେହୁ ପୁଣ ପେଷିଛି ତୁମ୍ଭଙ୍କୁ, ହେ ହରିଦୂତ
କାହିଁ ବୋଲେ ଗୋପକୁ ଅଇଲ, କାହା ଆଜ୍ଞା ଆମ୍ଭଙ୍କୁ କହିଲ ହେ ।’’

ଉଦ୍ଧବ ଗୋପୀମାନଙ୍କର ଭାବ ଦେଖି ତନ୍ମୟ ଚିତ୍ତରେ ଗୋପୀମାନଙ୍କର ଭକ୍ତିର ଉତ୍କର୍ଷତା ଅନୁଭବ କରିଅଛନ୍ତି । ଗୋପୀମାନଙ୍କ ସହିତ ଶୁଦ୍ଧାଭକ୍ତି ଓ ଜ୍ଞାନମିଶ୍ରା ଭକ୍ତି ବିଷୟରେ କଥୋପକଥନ କରିବା ପରେ ଉଦ୍ଧବ ଗୋପୀଭକ୍ତିର ଉତ୍କର୍ଷ ହୃଦୟଙ୍ଗମ କରିଅଛନ୍ତି । ତାପରେ ଉଦ୍ଧବ ଗୋପୀମାନଙ୍କର ପଦରେ ପ୍ରଣିପାତ ହୋଇ ଜ୍ଞାନମାର୍ଗ ପରିତ୍ୟାଗ କରି ଭକ୍ତିମାର୍ଗକୁ ଗ୍ରହଣ କରିଅଛନ୍ତି । କବି ଏଠାରେ ଶୁଦ୍ଧାଭକ୍ତିକୁ ଉତ୍କୃଷ୍ଟ ବୋଲି ପ୍ରମାଣିତ କରିବାର କାରଣ ହେଉଛି ତାଙ୍କର ସ୍ୱକୀୟ ଧର୍ମମତବାଦ । କେବଳ ଏତିକି ନୁହେଁ, ସେ ମଧ୍ୟ ଜ୍ଞାନମିଶ୍ରା ଭକ୍ତି ସହିତ ଶୁଦ୍ଧାଭକ୍ତିର ମିଶ୍ରଣକୁ ନିନ୍ଦା କରିଅଛନ୍ତି । ତାଙ୍କ ମତରେ ଶୁଦ୍ଧାଭକ୍ତିରେ ଜ୍ଞାନ ସମନ୍ୱିତ ହେଲେ ଭକ୍ତିର ମହତ୍ତ୍ୱ ନଷ୍ଟପ୍ରାପ୍ତ ହୋଇଯାଏ ।

ପ୍ରେମଭକ୍ତି ବା ଶୁଦ୍ଧାଭକ୍ତିର ଉପାସକମାନେ ନିଜ ନିଜକୁ ଗୋପୀଭାବରେ ଶ୍ରୀକୃଷ୍ଣଙ୍କ ନିକଟରେ ସମର୍ପଣ କରନ୍ତି । କେତେକ ଗୌଡ଼ୀୟ ବୈଷ୍ଣବ ନିଜର ଅତ୍ୟଧିକ ଦୈନ୍ୟବୋଧ ପ୍ରକାଶ କରିବାକୁ ଯାଇ ନିଜକୁ ଗୋପୀ ବା ଶ୍ରୀରାଧାଙ୍କର ଦାସୀ ଭାବରେ ଅର୍ପଣ କରିଅଛନ୍ତି । ଭକ୍ତକବି ଅଭିମନ୍ୟୁ ସାମନ୍ତସିଂହାର ଏହି ଦୃଷ୍ଟିକୋଣ ନେଇ ବିଦଗ୍ଧ ଚିନ୍ତାମଣିରେ ଲେଖିଛନ୍ତି—

‘‘ଓଷଧୀଶାନନ ହେ ମାଗୁଛି ପଦ ଧରି ।
‘ଓ’ କରିବି ଆଲୋ ଦାସୀ ଡାକିଲେ କିଶୋରୀ ।’’

Digitized by PPRACHIN, SOA

ଅଭିମନ୍ୟୁ ସାମନ୍ତସିଂହାରଙ୍କର ଏହି ଉକ୍ତି ବୈଷ୍ଣବ ଜନୋଚିତ ଦୈନ୍ୟବୋଧିକା । କବି ଭକ୍ତଚରଣ ଦାସଙ୍କର ମଥୁରାମଙ୍ଗଳରେ ଗୋପୀମାନଙ୍କର ଭାବରେ ବିହ୍ୱଳଚିତ୍ତ ଉଦ୍ଧବ ମଥୁରାରେ ଶ୍ରୀକୃଷ୍ଣଙ୍କ ନିକଟରେ ଯେଉଁ ମନୋଭାବ ପ୍ରକାଶ କରିଅଛନ୍ତି ତାହା ଏକାନ୍ତ ଅନବଦ୍ୟ । ଉଦ୍ଧବ ଶ୍ରୀକୃଷ୍ଣଙ୍କର ସାନ୍ନିଧ ଲାଭ କରିଥିଲେ ହେଁ ଗୋପୀମାନଙ୍କର ପ୍ରେମମୟ ଭାବ ଲାଭ କରିବାକୁ ବ୍ୟାକୁଳ ହୋଇପଡ଼ିଛନ୍ତି । ବୈଷ୍ଣବ ଧର୍ମ ଅନୁସାରେ ସେ ଭଗବାନଙ୍କୁ ଛାଡ଼ି ଭକ୍ତର ସେବା କରିବାକୁ ବ୍ୟଗ୍ର । ଭଗବାନ ସ୍ୱୟଂ ପ୍ରକୃତ ଭକ୍ତର ଅଧୀନ । ସେହିପ୍ରକାର ପ୍ରକୃତ ଭକ୍ତମାନଙ୍କର ସେବା କରିବା ଉଦ୍ଦେଶ୍ୟରେ ନିଜକୁ ଉତ୍ସର୍ଗ କରିବାପାଇଁ କବି ଏଠାରେ ଉଦ୍ଧବ ଚରିତ୍ର ମାଧ୍ୟମରେ ଶିକ୍ଷାଦାନ କରିଅଛନ୍ତି ବୋଲି କୁହାଯାଇପାରେ—

''ଏବେ ଏହି କୃପା କର ଆଜ୍ଞା ଦିଅ ଶିରୀଧର
ଫେରିଯିବି ସେହି ବୃନ୍ଦାବନେ । ହେ ଦୀନବନ୍ଧୁ ।
ଗୋପୀଙ୍କ ସଙ୍ଗେ ବଞ୍ଚୁଥିବି । ଏଥେ ଥାଇ କି ସୁଖ ଭୁଞ୍ଜିବି ସେ ।
କରୁଥିବି ତାଙ୍କ କର୍ମ ସାଧୁଥିବି ତାଙ୍କ ଧର୍ମ
କାନ୍ଦୁଥିବି ତାଙ୍କରି ପଛାୟେ,
ହେଉଥିବି ତାଙ୍କ ବେଶ କରୁଥିବି ବ୍ରଜେ ବାସ
କରୁଥିବି ତବ ରୂପ ଧ୍ୟାୟେ । ହେ ଦୀନବନ୍ଧୁ ।
କୃଷ୍ଣ ବୋଲି ଗାଉଥିବି ମୁଖେ । ଥିବି ସେ ଗୋପୀଙ୍କ ପାଖେ ପାଖେ ।''

କାବ୍ୟର କଳେବର ମଧ୍ୟରେ ପ୍ରସଙ୍ଗକ୍ରମରେ କବି ନିଜର ଧର୍ମମତ ଓ ଭକ୍ତିମତ୍ତା ପ୍ରକାଶ କରିବା ସଙ୍ଗେ ସଙ୍ଗେ କାବ୍ୟର ପରିସମାପ୍ତିରେ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହୋଇ ଭବସାଗର ପାର ହେବା ନିମିତ୍ତ ସେ ସମଗ୍ର ମାନବ ସମାଜକୁ ଆହ୍ୱାନ କରିଅଛନ୍ତି । ଏହି ପ୍ରସଙ୍ଗରେ କବିଙ୍କର ଉକ୍ତି ଏଠାରେ ଉଦ୍ଧାର କରାଯାଇପାରେ—

''ଦେଖ ଏ ଅନିତ୍ୟ ଅଙ୍ଗ କ୍ଷଣକେ ହୁଅଇ ଭଙ୍ଗ
ଚିର ହୋଇ କେବେହେଁ ନରହେ ।
ଧନ ଜନ ତାତ ମାତ ଏ ଘେନ ବିଜୁଳିମତ
କେହି କାହା ସଙ୍ଗତେ ନଯାଏ, ହେ ନରମାନେ ।
ଏଣୁ ଭଜ ଗୋବିନ୍ଦ ଚରଣ । ନ ପାଇବ ଯମର କଷଣ ହେ ।
ସର୍ବ ଜୀବେ ଦୟାବହ ମୁଖେ ହରେକୃଷ୍ଣ କହ
କାମ କ୍ରୋଧ ଲୋଭ ମୋହ ମଦ ।
ମାତ୍ସର୍ଯ୍ୟ ସହିତେ କରି ତେଜ ଏ ଷଡ଼ ଅରି
ସଦାକାଳେ କରନ୍ତି ଏ ବାଦ, ହେ ନରମାନେ ।

Digitized by PPRACHIN, SOA

ବାସୁଦେବ ସ୍ମରଣେ ଘୁଞ୍ଚନ୍ତି । ଯେ ଭଜନ୍ତି ତାହାଙ୍କୁ ମୁଞ୍ଚନ୍ତି ହେ ।
ଦେଖୁତ ଅଛ ସାକ୍ଷାତେ                    ମରି ଯାଉଛନ୍ତି ଯେତେ
କେହି କିଛି ସଙ୍ଗେ ନ ନିଅନ୍ତି ।
ବିଅର୍ଥେ ହେଉଛ ବଣା                    ଚକ୍ଷୁ ଥାଉଁ ହୁଅ କଣା
ଭଜ ଯାହା ଗୁରୁ କହିଛନ୍ତି, ହେ ନରମାନେ ।
ଯେବେ ଡର ଅଛଇ ଯମକୁ । ତେବେ ଆଶ୍ରେ କର ଗୋବିନ୍ଦକୁ ହେ ।''

କବି ଏଠାରେ ଜଣେ ତତ୍ତ୍ୱଦର୍ଶୀ ଭାବରେ ମାନବ ସମାଜକୁ ଯେଉଁ ଉପଦେଶ ଦେଇଅଛନ୍ତି ତାହା ନିତାନ୍ତ ଶିକ୍ଷଣୀୟ । ବୈଷ୍ଣବ କବିମାନେ ସେମାନଙ୍କର କାବ୍ୟର ପରିସମାପ୍ତିରେ ଏହିପରି ଉପଦେଶ ପ୍ରଦାନ କରିବା ଏକ ଚିରାଚରିତ ପ୍ରଥା । ଏଠାରେ କବି ଯେଉଁ ଉପଦେଶଗୁଡ଼ିକ ଦେଇ ଅଛନ୍ତି ସେଗୁଡ଼ିକ ତାଙ୍କର ମନବୋଧ ଚଉତିଶାରେ ପ୍ରଦତ୍ତ ଉପଦେଶାବଳୀର ପ୍ରତିଧ୍ୱନି ବୋଲି କୁହାଯାଇପାରେ । ସାଧୁସଙ୍ଗକୁ କବି ବିଶେଷ ଗୁରୁତ୍ୱ ଦେଇ ଅଛନ୍ତି । କବି ନିଜେ ତାଙ୍କ ଜୀବନରେ ସାଧୁସଙ୍ଗରୁ ବଞ୍ଚିତ ହୋଇଥିବାରୁ ଦୁଃଖ ପ୍ରକାଶ କରିଅଛନ୍ତି ।

## କବିଙ୍କର ବର୍ଣ୍ଣନାଶୈଳୀ :

ମଥୁରାମଙ୍ଗଳର କଥାବସ୍ତୁ ପୌରାଣିକ ସୂତ୍ରରୁ ଆହୃତ ହେଲେହେଁ କଥାବସ୍ତୁଗତ ଉପସ୍ଥାପନ ରୀତି, କଳ୍ପନାବିଳାସ, ରସସୃଷ୍ଟି ଓ ଚାତୁର୍ଯ୍ୟୋକ୍ତି ପ୍ରଭୃତିର ସମନ୍ୱୟରେ ଏହାର ବର୍ଣ୍ଣନାଶୈଳୀ ଅତ୍ୟନ୍ତ ମନୋରମ ହୋଇଅଛି । କବିଙ୍କର ପାଣ୍ଡିତ୍ୟ ତଥା ବହୁଶାସ୍ତ୍ରଦର୍ଶିତାର ବହୁ ଉଦାହରଣ କାବ୍ୟର କଳେବର ମଧ୍ୟରେ ପରିଦୃଷ୍ଟ ହୋଇଥାଏ । କବିଙ୍କର ପାଣ୍ଡିତ୍ୟ କୌଣସି ସ୍ଥଳରେ କାବ୍ୟର ବର୍ଣ୍ଣନାକୁ ଦୁର୍ବୋଧ କରିନାହିଁ, ମାତ୍ର ମଧ୍ୟଯୁଗୀୟ ରୀତି ସାହିତ୍ୟର ପ୍ରଭାବ ବା ରଚନାରୀତି କେତେକ ସ୍ଥଳରେ କାବ୍ୟବର୍ଣ୍ଣିତ ବିଷୟବସ୍ତୁକୁ ସହଜବୋଧ ନ କରି ଦୁର୍ବୋଧ କରିପକାଇଅଛି । ଭକ୍ତିରସାତ୍ମକ କାବ୍ୟ ଭାବରେ ମଥୁରାମଙ୍ଗଳର ଗୁରୁତ୍ୱ ଓଡ଼ିଆ ସାହିତ୍ୟରେ ସ୍ୱୀକୃତି ଲାଭ କରିଅଛି । ଧର୍ମଭାବକୁ ପରିହାର କରି ମଥୁରାମଙ୍ଗଳର ଗୁରୁତ୍ୱ କେବେହେଲେ ବିବେଚନା କରାଯାଇ ନ ପାରେ । କବିଙ୍କ ଉପରେ ଉପେନ୍ଦ୍ର ଭଞ୍ଜଙ୍କର ପ୍ରଭାବ ବହୁଭାବରେ ପଡ଼ିଅଛି, ଏକଥା ମୁକ୍ତକଣ୍ଠରେ ସ୍ୱୀକାର କରାଯାଇପାରେ । କବିଙ୍କର କଳ୍ପନାବିଳାସ ତାଙ୍କର ବର୍ଣ୍ଣନାଶୈଳୀକୁ ବହୁ ପରିମାଣରେ ଉପଭୋଗ୍ୟ କରିଅଛି ।

ମଥୁରାମଙ୍ଗଳର ଷଷ୍ଠ ଛାନ୍ଦରେ କବି ଯଶୋଦାଙ୍କର ମାତୃହୃଦୟର ସ୍ୱଚ୍ଛଭାବ ପ୍ରକାଶ କରିଅଛନ୍ତି । ଶ୍ରୀକୃଷ୍ଣ ଯଶୋଦାଙ୍କ ଚକ୍ଷୁରେ ଏକ ଅଳିଅଳ ଦୁଷ୍ଟ ବାଳକ । ସେ ଶ୍ରୀକୃଷ୍ଣଙ୍କର ଗୁଣ ବର୍ଣ୍ଣନା କରି ନିଜ ହୃଦୟର ଖେଦ ପ୍ରକାଶ କରିଅଛନ୍ତି—

Digitized by PPRACHIN, SOA

''ନିଶାକାଳେ ମୋର କୋଳେ ଶୋଇଥାଉ ଶ୍ରମବଳେ
ସ୍ୱପ୍ନରେ ଦେଖି କିସ କିସ
ମା ବୋଲି ଚମକି ପଡୁ କଣ୍ଠେ ଦୁଇ ଭୁଜ ଭିଡୁ
ପୁଣି ଶୋଇ ଘୋଡ଼ିହୋଇ ବାସରେ ଜୀବଧନ ।
ସେ କଥା ସୁମରି ମରିଯିବି
ଉଠ ବୋଲି କାହାକୁ ଡାକିବି ରେ ।''

ଯେଉଁ ଶ୍ରୀକୃଷ୍ଣ ବାଲ୍ୟାବସ୍ଥାରେ ଶକଟା, ତୃଣା, ଧେନୁକା, ପୂତନାଦିଙ୍କୁ ବିନାଶ କରିଥିଲେ, କାଳୀୟ ବିଷଧରଙ୍କୁ ଦଳନ କରିଥିଲେ, ଯାମଳାର୍ଜ୍ଜୁନ ଭଞ୍ଜନ କରିଥିଲେ ସେହି କୃଷ୍ଣଙ୍କୁ କବି ଏଠାରେ ଏକ ଭୟାଳୁ ଶିଶୁଭାବରେ ଚିତ୍ରଣ କରିଅଛନ୍ତି । ପୁଅ ଯେତେ ବଡ଼ ହେଲେ ମଧ୍ୟ ମାଆ ଆଖିରେ ସେ ନିତାନ୍ତ ଛୋଟ । ପୁଅ ଯେତେ ସ୍ୱାସ୍ଥ୍ୟବାନ୍ ହେଲେ ମଧ୍ୟ ମାଆ ଆଖିରେ ସେ ଦୁର୍ବଳ । ପୁଅ ଜଗତକର୍ତ୍ତା ହେଲେହେଁ ଏହି ଦୃଷ୍ଟିରୁ ମାଆ ଯଶୋଦାଙ୍କ ଆଖିରେ ଏକ ଭୟାଳୁ ବାଳକ । ମାତୃହୃଦୟର ସରଳତା, ସ୍ନେହପ୍ରବଣତାର ପଟାନ୍ତର ଏ ଜଗତରେ ନାହିଁ । ମାତୃହୃଦୟର ସରଳତା ପୁଣି ଯଶୋଦା ପ୍ରକାଶ କରିଛନ୍ତି ଉଦ୍ଧବଙ୍କ ସମ୍ମୁଖରେ ।

ଶ୍ରୀକୃଷ୍ଣ ଯେତେବେଳେ ଗୋପପୁର ଛାଡ଼ି ମଥୁରାପୁରକୁ ଯାତ୍ରା କଲେ ସେତେବେଳେ ଗୋପପୁର ଓ ଗୋପୀମାନଙ୍କର ଅବସ୍ଥାର କରୁଣତା କବିଙ୍କ ଲେଖନୀରେ ହୃଦୟସ୍ପର୍ଶୀ ହୋଇ ଉଠିଛି । ସପ୍ତମ ଛାନ୍ଦରେ କବି ଏହି ବିଷୟ ବର୍ଣ୍ଣନା କରିଅଛନ୍ତି । ଅଷ୍ଟମ ଛାନ୍ଦରେ ଗୋପୀ ଓ ଶ୍ରୀକୃଷ୍ଣଙ୍କର କଥୋପକଥନ ମଧ୍ୟ କବିଙ୍କର ବର୍ଣ୍ଣନାଚାତୁରୀର ଏକ ବିଶିଷ୍ଟ ଉଦାହରଣ । ଶ୍ରୀକୃଷ୍ଣ ମଥୁରାପୁରକୁ ଚାଲିଯିବା ପରେ ଗୋପୀମାନଙ୍କର ବିରହାବସ୍ଥା କବିଙ୍କ ଲେଖନୀରେ ଅତ୍ୟନ୍ତ କରୁଣ ବାୟୁମଣ୍ଡଳ ସୃଷ୍ଟି କରିଅଛି—

''ହାର ହେଲା ଗରୁ ବସନ ଅହି । ଚନ୍ଦନ କର୍ପୂର ରୁଚଇ ନାହିଁ ।
ହୁତାଶନ ପରା ଜଳଇ ଅଙ୍ଗ । କୃଷ୍ଣ ବିଚ୍ଛେଦେ ଦ୍ୱିଗୁଣେ ଅନଙ୍ଗ ।
ମରମେ ସନ୍ଧିଲା । ପ୍ରାଣ ନେବାକୁ ଅଧିକେ ରୁନ୍ଧିଲା ।
ଆରତେ କାତର ହରିଣ ନେତ୍ରୀ । ବାତୁଳ ପରାୟେ କନକ ଗାତ୍ରୀ ।
ଚଉଦିଗକୁ ଦିଅନ୍ତି ଅନାଇ । ହା କୃଷ୍ଣ ବୋଲି ପଡ଼ନ୍ତି ବୁଲାଇ ।
ପ୍ରଖର ନିଶ୍ୱାସ । କ୍ଷଣକୁ କ୍ଷଣ ଉଠଇ ସାହସ ।
ବସିଲେ ଉଠି ନପାରନ୍ତି ଦମ୍ଭେ । ଉଠିଲେ ପଡ଼ନ୍ତି ନରହି ଦମ୍ଭେ ।
ଏକ ଆରକେ ଧରାଧରି ହୋଇ । ବଚନ କହିଲେ ମାରଇ ଝାଇଁ ।
ଅଙ୍ଗୁ ଶ୍ରମ ଝାଳ । ଫିଟି ପଡୁଛି କବରୀ ଅଞ୍ଚଳ ।
କାନ୍ଦି ଲୋଡ଼ିଲେ କାନ୍ଦି ନପାରନ୍ତି । ଆରତେ ଶୂନ୍ୟକୁ କୋଳ କରନ୍ତି ।

Digitized by PPRACHIN, SOA

ଶ୍ୟାମଘନ ସଙ୍ଗ ପ୍ରସଙ୍ଗମାନ । ଚିତ୍ତେ ଚିନ୍ତୋଇ ବୁଜନ୍ତି ନୟନ ।
ଥର ଥର ତନୁ । ବାରିଜ ଯେସନେ ନଦେଖି ଭାନୁ ।"

ଅକ୍ରୁର ଶ୍ରୀକୃଷ୍ଣଙ୍କୁ ରଥରେ ବସାଇ ମଥୁରାକୁ ନେବା ସମୟରେ ଯମୁନା ତୀରରେ ରଥରଖି ଯମୁନାରେ ଅବଗାହନ କରିବା ସମୟରେ ଜଳ ମଧ୍ୟରେ ଶ୍ରୀକୃଷ୍ଣଙ୍କ ରୂପ ଦର୍ଶନ କରିଅଛନ୍ତି । ଜଳ ମଧ୍ୟରୁ ବାହାରି ଅକ୍ରୁର ଦେଖିଲେ ଯେ ରଥ ଉପରେ ଶ୍ରୀକୃଷ୍ଣ ଅଛନ୍ତି । ତାପରେ ପୁଣି ସେ ଜଳ ମଧ୍ୟରେ ଅବଗାହନ କରିବା ସମୟରେ ଶ୍ରୀକୃଷ୍ଣଙ୍କୁ ଦେଖିଲେ । କବି ଏହି ବର୍ଣ୍ଣନାରେ ଶ୍ରୀକୃଷ୍ଣଙ୍କର ଭଗବାନତ୍ୱ ପ୍ରକାଶ କରିଅଛନ୍ତି । ଏହି ବର୍ଣ୍ଣନା ପାଠ କଲେ ଯେକୌଣସି ଭକ୍ତର ମନ ଦ୍ରବୀଭୂତ ହେବାର କଥା । ଶ୍ରୀକୃଷ୍ଣଙ୍କର ମଥୁରାଗଡ଼ ସୀମାରେ ପ୍ରବେଶ କରିବା ଓ ମଥୁରା ଦାଣ୍ଡରେ ଅଗ୍ରସର ହେବା ସମୟର ବର୍ଣ୍ଣନା ଅତ୍ୟନ୍ତ ହୃଦୟସ୍ପର୍ଶୀ । ମଥୁରାପୁରର ନାରୀମାନେ ଯେତେବେଳେ ଶ୍ରୀକୃଷ୍ଣଙ୍କର ଯାତ୍ରା ବିଷୟ ଶୁଣିଲେ ସେତେବେଳେ ସେମାନେ ଉଚ୍ଛନ୍ନ ହୋଇ ତାଙ୍କୁ ଦେଖିବା ନିମିତ୍ତ ଦାଣ୍ଡକୁ ଧାଇଁ ଆସିଲେ । ମଥୁରା ନାରୀମାନଙ୍କର ଏହି ଭାବ ବର୍ଣ୍ଣନା କବିଙ୍କ ଲେଖନୀରେ ଜୀବନ୍ତ ରୂପ ଧାରଣ କରିଅଛି । ଏହି ଦୀର୍ଘ ବର୍ଣ୍ଣନା ମଧ୍ୟରୁ କେତେକ ପଦ ଏଠାରେ ଉଦ୍ଧାର କରାଯାଇପାରେ—

"କେବଣ କୁଳ-ଅଙ୍ଗନା କୁଳ-ଲଜ୍ଜାକୁ କଲା ଦୂର ।
କରଇ ଗତି କରିର ମତି ଭେଟିଲା ବେଣୁଧର ।
କେବଣ ନାରୀ ସୁଝୀନ ଶାଢ଼ି ଭୂଷଣ ହେଉଥିଲା ।
ଅଧେ ଧରିଛି ଅଧେ ପିନ୍ଧିଛି ଉସୁକେ ପଳାଇଲା ।
କେଉଁ ବାରିଜ-କେଶା ବାରିଦ ବରନ ଦେଖି ଡୋଳେ ।
କମ୍ପିଲା ଅଙ୍ଗ ସଜନୀ ସଙ୍ଗ ଛାଡ଼ି ରହିଲା ଭୋଳେ ।
କାହାର ବାସ ଖସିଣ ସ୍ତନ-ମଣ୍ଡଳ ଦିଶୁଅଛି ।
କାହାର ଜୁଡ଼ା ଫିଟିଣ ପିଠି ଉପରେ ପଡ଼ିଅଛି ।
କେବଣ ହେମବରନୀ ଜାନୁ ଦେଖାଇ କାଢ଼ି ଚୀର ।
କେ ହାଇ ମାରି ନୟନଠାରୁ ଟୋକଇ ବେନି କର ।
ନାସା ଫୁଲାଇ ମୁଖ ହଲାଇ କେବଣ ପ୍ରେମଶୀଳା ।
ବୀଣାକୁ ଜିଣି କହଇ ବାଣୀ, ଚାହାନ୍ତି ନନ୍ଦବଳା ।
କେବଣ ସଞ୍ଚ-ଅଧରୀ କୁଚ ଧରି ଧାଇଁଛି ବେଗେ ।
ଯେସନେ ରତି କରଇ ଗତି ମକରଧ୍ୱଜ ଆଗେ ।"

କବିଙ୍କର ଏହି ବର୍ଣ୍ଣନାରେ ଆଦିରସାତ୍ମକ ଭାବ ବିଶେଷଭାବରେ ପୂରି ରହିଅଛି । ମଥୁରାପୁରର ନାରୀମାନେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବା ସମୟରେ ତାଙ୍କର ମଦନମୋହନ ରୂପରେ

Digitized by PPRACHIN, SOA

ଉଲ୍ଲସିତ ହୋଇଅଛନ୍ତି । ଶ୍ରୀକୃଷ୍ଣଙ୍କର ଜନ୍ମବୃତ୍ତାନ୍ତ ଶ୍ରବଣ କରିବା ପରେ ଗୋପନାରୀମାନେ ତାଙ୍କୁ ଦର୍ଶନ କରିବା ନିମନ୍ତେ ଏହିପରି ଆତୁର ହୋଇ ନନ୍ଦଙ୍କ ମନ୍ଦିରକୁ ଧାଇଁବା ବିଷୟ ଦୀନକୃଷ୍ଣ ଦାସ ରସକଲ୍ଲୋଳର ତୃତୀୟ ଛାନ୍ଦରେ ବର୍ଣ୍ଣନା କରିଅଛନ୍ତି । ମଥୁରାମଙ୍ଗଳ ଓ ରସକଲ୍ଲୋଳର ଏହି ବର୍ଣ୍ଣନାରେ ବହୁପରିମାଣରେ ସାଦୃଶ୍ୟ ପରିଲକ୍ଷିତ ହୁଏ ।

ଶ୍ରୀକୃଷ୍ଣ ମଥୁରା ଦାଣ୍ଡରେ ଯାତ୍ରା କରିବା ସମୟରେ ତାଙ୍କର ମଦନମୋହନ ରୂପ ଦର୍ଶନ କରି ମଥୁରା ନାରୀମାନଙ୍କର କାମବିକାର ଜାତ ହୋଇଅଛି । ଯେଉଁମାନେ ଯୁବତୀ ସେମାନେ ଶ୍ରୀକୃଷ୍ଣଙ୍କ ରୂପଲାବଣ୍ୟରେ ପ୍ରଲୁବ୍ଧ ହେବାରେ ସ୍ୱାଭାବିକତା ଥାଇପାରେ, ମାତ୍ର ବୃଦ୍ଧା ନାରୀର କାମ ବିକାର ବର୍ଣ୍ଣନା କରି କବି ଶ୍ରୀକୃଷ୍ଣଙ୍କର ରୂପଲାବଣ୍ୟର ମହନୀୟତା ପ୍ରଦର୍ଶନ କରିଅଛନ୍ତି । ଲୀଳାମୟଙ୍କର ଲୀଳା ଲାଗି ଭକ୍ତର ଚିତ୍ତ କିପରି ବ୍ୟଗ୍ର ତାହା କବି ସ୍ପଷ୍ଟଭାବରେ ପ୍ରକାଶ କରିଅଛନ୍ତି—

''ଏହା ଶୁଣି ବୃଦ୍ଧା ନାରୀଏ ଭାଷି । ଭଲ କହିଲୁ ଧନ୍ୟରେ ସୁକେଶି ।
ଏ ଯେଉଁ ନବ ଲାବଣ୍ୟ ମୂରତି । ଦେଖିଲେ ମନ ହେଉଛି ଧରତି ?
ଯେସନେ ସଫରୀ । ଆନନ୍ଦ ଗଣ୍ଡସଲିଳେ ବିହରି ।
ବୟସ ଗଲାଣି, କରିବି କିସ । ଅଙ୍ଗ ଥର ଥର, ଶୁକ୍ଳ କେଶ ।
ଚକ୍ଷୁ ଦୁର୍ବଳ, କହି ପାସୋରଇ । ଉଠିଲେ ପଡ଼ଇ, ମାରଇ ଝାଇଁ ।
ଦାରୁଣ ବିଧାତା । ଏହି କାଳକୁ କଲା ଏ ଅବସ୍ଥା ।
ସେକାଳ ବୟସ ଥାଆନ୍ତା ଯେବେ । ନିଶ୍ଚୟ ହରିଙ୍କି ବରନ୍ତି ତେବେ ।
ଏକାଳେ ଯାହା ହେଉଅଛି ମନ । ତାହା ଜାଣଇ ମଦନ ରାଜନ ।
ନ ଜାଣଇ ଆନ । ମାତା ଜାଣେ ଯେହ୍ନେ କୁମର ମନ ।''

ଏହି ବର୍ଣ୍ଣନାରେ ଜଣେ ବୃଦ୍ଧା ନାରୀର ମନର କାମବିକାର ବର୍ଣ୍ଣିତ ହୋଇଥିଲେ ହେଁ କବିଙ୍କର ଉଦ୍ଦେଶ୍ୟ ଏଠାରେ ଭିନ୍ନ । କବି ଏଠାରେ ପ୍ରକାଶ କରିବାକୁ ଚାହାନ୍ତି ଯେ ଶରୀର ନଥିଲେ ସାଧନା କରିବା ଅସମ୍ଭବ । ଭଗବତ୍ ସାନିଧ ଲାଭ କରିବାପାଇଁ ସାଧନା କରିବାବେଳେ ସାଧକର ସବୁଠାରୁ ବଡ଼ ପ୍ରୟୋଜନ ଏକ ସମର୍ଥ ଶରୀର ।

ପ୍ରକୃତି ବର୍ଣ୍ଣନାରେ କବିଙ୍କର ସିଦ୍ଧହସ୍ତତା ପରିଲକ୍ଷିତ ହୋଇଥାଏ । ଉନବିଂଶ ଛାନ୍ଦର ଆରମ୍ଭରେ କବି ପ୍ରଭାତ ବର୍ଣ୍ଣନା ଦେଇଅଛନ୍ତି । ଏହି ବର୍ଣ୍ଣନା ମଧ୍ୟଯୁଗୀୟ ଅନ୍ୟାନ୍ୟ କବିମାନଙ୍କର ବର୍ଣ୍ଣନାର ଅନୁରୂପ ହେଲେହେଁ ଏଥିରେ କବିଙ୍କର ବର୍ଣ୍ଣନାଶୈଳୀର ପରିଚୟ ମିଳିଅଛି—

''ଏଥୁ ଅନନ୍ତରେ ରଜନୀ ଶେଷରେ
ପରଭୃତ ଧୀରେ ଭାଷି ।
ଶମ୍ଭୁଆଳେ କମ୍ବୁ ଶବଦ ଶୁଭିଲା
ଜାଣିଲେ ମଥୁରାବାସୀ ।

Digitized by PPRACHIN, SOA

ବାୟସ କହିଲା କୁକୁଟ ଡାକିଲା
ଦିଗ ଦିଶେ ପରିମଳ ।
କୁଳବତୀ ଲଜ୍ଜା- ପଥ ଆବୋରିଲେ
ଶୁଭିଲା ମୁଖ ଚହଳ ।
ପୁଣ୍ୟ ପ୍ରାଣୀମାନେ ଯମୁନା ତଟକୁ
ଚଳିଲେ ସ୍ନାହାନ ଅର୍ଥେ ।
ଚୋର ବିଟପୀ ଉଲୁକ ନିଶାଚରେ
ଭୟ ଆରମ୍ଭିଲେ ଚିତ୍ତେ ।
ପୂର୍ବ ଦିଗେ ରବି ଉଦୟ ହୋଇଲେ
ପ୍ରଫୁଲ୍ଲିତ ହେଲେ କଞ୍ଜ ।
କୁମୁଦ ମୁଦ୍ରିତ ତେଜି ପ୍ରଫୁଲ୍ଲିତ
କାନ୍ତ ବିନୁ ପାଇ ଲାଜ ।''

କବି ଦୀନକୃଷ୍ଣ ଦାସଙ୍କର ରସକଲ୍ଲୋଳର ଚତୁର୍ଦ୍ଦଶ ଛାନ୍ଦରେ ପ୍ରଭାତ ବର୍ଣ୍ଣନା ଅତ୍ୟନ୍ତ ପ୍ରାଞ୍ଜଳ ଭାବରେ ସ୍ଥାନ ପାଇଅଛି । ଭକ୍ତଚରଣ ଦାସଙ୍କର ବର୍ଣ୍ଣନା ଏଠାରେ ଅତ୍ୟନ୍ତ ସଂକ୍ଷିପ୍ତ । ଦୀନକୃଷ୍ଣ ଦାସଙ୍କର ବର୍ଣ୍ଣନାର କେତେକ ଅଂଶ ଏଠାରେ ଉଦ୍ଧାର କରାଯାଇପାରେ—

''କ୍ରମରେ ରାତି ହେଲା ପାହାନ୍ତି କରନ୍ତେ ଏହି ଲୀଳା ।
କୁକ୍କୁଟ ଧ୍ୱନି ପୂରି ଅବନୀ କଲା ଲୋକଙ୍କୁ ଲୋଳା ।
କୋକିଳ କାଳ ଡାକ ଚହଳ ଶୁଭିଲା ସବୁଆଡ଼େ ।
କୋକ ମିଥୁନ ମନୁଁ ବହନ ବିରହ ଦୁଃଖ ଛାଡ଼େ ।
କମ୍ବୁ ଶବଦ ଶୁଭିଲା ଦେବମାନଙ୍କ ନିକେତନେ ।
କଲେ ବ୍ରାହ୍ମଣମାନେ ପ୍ରୟାଣ ସ୍ନାନକୁ ତୋଷମନେ ।
କୁଙ୍କୁମବର୍ଣ୍ଣ ଦିଶିଲା ଘନ-ବାହନ ଦିଗଯାକ ।
କଲେ ବିଜୟେ ଆସି ଉଦୟେ ଛାୟା ପ୍ରାଣନାୟକ ।
କୁସୁମଗନ୍ଧ ଘେନି ସୁଗନ୍ଧବହ ସଧୀରେ ବହେ ।
କଲେ ଶୀତଳ ହୃଦୟସ୍ଥଳ ମୋତିମାଳ ନିବହେ ।
କଳକୂଜିତ କଲେ କପୋତ ରତିକୂଜିତ ପ୍ରାୟେ ।
କାକକୁ ଡରି କାକବଇରୀ କ୍ରୋଟେ ପ୍ରବେଶ ହୋୟେ ।
କଲେ ଗୋଧନଦୁହାଁ ଗୋଧନ ପ୍ରତିପାଳକମାନେ ।
କରନ୍ତେ ଦଧିମନ୍ଥନ ବିଧି ଶୁଭେ ଶିଞ୍ଜିତ ତାନେ ।

Digitized by PPRACHIN, SOA

କଉଁ ସୁଜନ ଛାଡ଼ି ଶୟନ ସୁମରେ ସୁଖଧାମ ।
କୀର ସାରିକା ପଢ଼ିଲେ ଏକା ଶ୍ରୀରାଧାକୃଷ୍ଣ ନାମ ।
କଟୁଆଳଙ୍କ ତସକରଙ୍କ ପ୍ରଭା ପ୍ରଭାତ ନେଲା ।
କୁଳଟା ନାରୀ ନିଶାଭିସାରୀ ସଞ୍ଚାର ଭାଙ୍ଗିଗଲା ।''

କବି ଦୀନକୃଷ୍ଣ ଦାସଙ୍କର ବର୍ଣ୍ଣନାଶୈଳୀ ଅତ୍ୟନ୍ତ ଭାବପୂର୍ଣ୍ଣ ହୋଇଅଛି ବୋଲି କୁହାଯାଇପାରେ । ଶ୍ରୀକୃଷ୍ଣଙ୍କ ସହିତ ଚାଣୂରର ଯୁଦ୍ଧ ଓ ମଲ୍ଲମାନଙ୍କର ଯୁଦ୍ଧବର୍ଣ୍ଣନାରେ କବି ଶ୍ରୀକୃଷ୍ଣଙ୍କର ଦେବତ୍ୱ ଓ ମାନବତ୍ୱ ଉଭୟ ପ୍ରଦର୍ଶନ କରିଅଛନ୍ତି । କଂସର ମୃତ୍ୟୁପରେ ତାର ରାଣୀମାନଙ୍କର କ୍ରନ୍ଦନ ଅତ୍ୟନ୍ତ ବାସ୍ତବ ହୋଇଅଛି । କଂସର ରାଣୀମାନଙ୍କର କ୍ରନ୍ଦନ ଦେଖି ଶ୍ରୀକୃଷ୍ଣଙ୍କର ଛଳନାପୂର୍ଣ୍ଣ ଉକ୍ତି ଓ କ୍ରନ୍ଦନ କେତେକାଂଶରେ କବିଙ୍କର ଚାତୁର୍ଯ୍ୟୋକ୍ତି ପ୍ରକାଶ କରିବାରେ ସମର୍ଥ ହୋଇଅଛି । ଉଦ୍ଧବ ଗୋପପୁରକୁ ଆସିବା ପରେ ଯଶୋଦା ଓ ଗୋପୀମାନଙ୍କ ସହିତ ତାଙ୍କର କଥୋପକଥନରେ କବି ଧର୍ମମତବାଦର ତୁଳନାତ୍ମକ ପ୍ରାଞ୍ଜଳ ବର୍ଣ୍ଣନା ଦେଇ ଅଛନ୍ତି । ଉଦ୍ଧବଙ୍କ ହସ୍ତରେ ଶ୍ରୀକୃଷ୍ଣ ଯେଉଁ ପତ୍ର ଗୋପୀମାନଙ୍କ ନିକଟକୁ ପ୍ରେରଣ କରିଥିଲେ ତାହା ଅତ୍ୟନ୍ତ ପ୍ରାଞ୍ଜଳ । ସେ ପତ୍ରରେ ଶ୍ରୀକୃଷ୍ଣ ଗୋପୀମାନଙ୍କର କାମକଳା ନିପୁଣତା ବର୍ଣ୍ଣନା କରି ସେମାନଙ୍କ ବିରହରେ ସନ୍ତାପିତ ଜୀବନଯାପନ କରିବା କଥା ବର୍ଣ୍ଣନା କରିଅଛନ୍ତି । ଏହି ପତ୍ରକୁ ପାଠକଲେ ମନେ ହୁଏ ଉପେନ୍ଦ୍ର ଭଞ୍ଜଙ୍କର କୌଣସି ଏକ ନାୟକ ତାର ନାୟିକା ନିକଟକୁ ଚିଟାଉ ପ୍ରେରଣ କରି ସୁରତି ଚିନ୍ତାରେ ଦହନ ଜ୍ୱାଳା ଅନୁଭବ କରୁଅଛି । ଏହି ପତ୍ରର ଦୁଇଟି ପଦ ଏଠାରେ ଉଦ୍ଧାରଯୋଗ୍ୟ–

''ଚୁମ୍ବନ ମାଗିଲେ ନଜାଣଇ ବୋଲି ବଦନେ ନିବେଶୁ ବାସ ।
ବଳେ ଆଶ୍ଳେଷି କରନ୍ତେ ଇଷି ବୋଲି କମ୍ପାଉ ମୁଖସାରସ, ରେ ଧନ ।
ତୁ ମୋ ଶିରୀଷ କୁସୁମ ସମରେ ।
ତୋର ବିହୀନେ ନିର୍ଦ୍ଦୟ କାମରେ । ଚକ୍ରାକାର କରି ଶରାସନରେ ।
ପଞ୍ଚ ବିଶିଖ ପ୍ରହାର କରୁଅଛି ନରଖଇ ଭଲପଣ ।
କେବଳ ଏଥିକି ଯୁବତୀରତନ ତୁହି କରିବୁ ତାରଣ, ରେ ବାଳା ।
ତୁ ମୋ ବିରହନଦୀକି ଭେଳାରେ ।
ତୋର ବିନା କେବା ପ୍ରେମଶୀଳାରେ । କୁନ୍ଦ ଦ୍ରୁହାସୀ ଘନକୁନ୍ତଳାରେ ।''

ଶ୍ରୀକୃଷ୍ଣଙ୍କ ପତ୍ର ପାଠ କରିବା ପରେ ଗୋପୀମାନେ ଶ୍ରୀକୃଷ୍ଣଙ୍କ ନିକଟକୁ ଖଣ୍ଡିଏ ପତ୍ର ଲେଖିବାକୁ ଶ୍ରୀରାଧାଙ୍କୁ ଅନୁରୋଧ କରିଛନ୍ତି । ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ନିକଟକୁ ଗୋପୀମାନଙ୍କର ଦୁର୍ଦ୍ଦଶା ବର୍ଣ୍ଣନା କରି ପତ୍ର ଲେଖିଛନ୍ତି । ଏହି ପତ୍ରରେ କବିଙ୍କର ଉତ୍ତୁଙ୍ଗ କଳାପାଟବତାର ପ୍ରମାଣ ମିଳେ ନାହିଁ । ଉଦ୍ଧବ ମଥୁରାରେ ପ୍ରବେଶ କରି ଶ୍ରୀକୃଷ୍ଣଙ୍କ ସମକ୍ଷରେ ଗୋପପୁର ଓ ଗୋପୀମାନଙ୍କର ଦୁର୍ଦ୍ଦଶା ବର୍ଣ୍ଣନା କରିଅଛନ୍ତି । ଏହି ବର୍ଣ୍ଣନା ଅତ୍ୟନ୍ତ କରୁଣରସପୂର୍ଣ୍ଣ–

Digitized by PPRACHIN, SOA

"କି କହିବି ଗୋପକଥା କହିଲେ ଲାଗଇ ବ୍ୟଥା
ଅଶୋଭା ଦିଶୁଛି ବୃନ୍ଦାବନ ।
କାନ୍ଦୁଛନ୍ତି ବୃକ୍ଷମାନେ କୃଶ ହୋଇ ଦିନେ ଦିନେ
କ୍ଷୀର ନଦିଅନ୍ତି ଧେନୁମାନେ, ହେ ଦୀନବନ୍ଧୁ ।
କୃଷିମାନେ ନ ଫଳନ୍ତି । ଭଲେଣ ବୃଷ୍ଟି ନ କରନ୍ତି ମେଘମାନେ ହେ ।
କୂପେ ନ୍ଦିଅନ୍ତି ଜଳ ବୃକ୍ଷେ ନଫଳନ୍ତି ଫଳ
ସୁଗନ୍ଧ ପବନ ନବହଇ ।
ଏକା ତୁମ୍ଭ ବିଚ୍ଛେଦରୁ ଚିନ୍ତା ହେଲା ମହାଗରୁ
କାହାରି ମନେ ହରଷ ନାହିଁ, ହେ ଦୀନବନ୍ଧୁ ।
ରଜନୀ ଦିବସେ ଝୁରୁଛନ୍ତି । ମହାକଷ୍ଟେ ଗୋପୀଏ ବଞ୍ଚନ୍ତି ହେ ।"

ଗୋପପୁରର ଅବସ୍ଥା ଶ୍ରୀକୃଷ୍ଣଙ୍କ ବିଚ୍ଛେଦରେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଅଛି । ବୃନ୍ଦାବନ ଅବସ୍ଥା ବର୍ଣ୍ଣନା କରିବାକୁ ଉଦ୍ଧବଙ୍କର ଯଥେଷ୍ଟ ଧୈର୍ଯ୍ୟ ନାହିଁ । ଗୋପୀମାନଙ୍କର କ୍ରନ୍ଦନ ଫଳରେ ଏତେ ଅଶ୍ରୁ ନିର୍ଗତ ହେଉଅଛି ଯେ ସେ ସବୁ ଯମୁନାର ଜଳରେ ମିଶିବା ଫଳରେ ଯମୁନାରେ ବନ୍ୟା ଦେଖାଯାଇଅଛି । ଗୋପୀମାନଙ୍କର ବିରହଦଶା ବର୍ଣ୍ଣନା ମଥୁରାମଙ୍ଗଳର ତ୍ରିଂଶଛାନ୍ଦରେ ଅତ୍ୟନ୍ତ ସଂକ୍ଷିପ୍ତ ପରିସରରେ ଆବଦ୍ଧ—

"ନ ଘେନନ୍ତି ଗନ୍ଧପୁଷ୍ପ ନାନା ଅଳଙ୍କାର ବେଶ
ସୁସ୍ୱାଦୁ ପଦାର୍ଥ ନ ଭୁଞ୍ଜନ୍ତି ।
ନ ପିନ୍ଧନ୍ତି ଝୀନବାସ ଉଚ୍ଚେ ଛାଡ଼ନ୍ତି ନିଶ୍ୱାସ
ହା ଗୋବିନ୍ଦ ବୋଲିଣ ରୋଦନ୍ତି, ହେ ଦୀନବନ୍ଧୁ ।
କ୍ଷଣେ କ୍ଷଣେ ପଡ଼ନ୍ତି ମହୀରେ । ନଶୁଣନ୍ତି କର୍ଣ୍ଣରେ କହିଲେ ହେ ।
ବୃକ୍ଷ ନଥିଲାର ଗିରି ଦିଶନ୍ତି ଯେମନ୍ତ ପରି
ବସନ୍ତ ବିହୀନେ ଯେହ୍ନେ ଲତା ।
ଜଳ ବିନେ ଯେହ୍ନେ ମୀନ ସୂର୍ଯ୍ୟ ବିନେ ପଦ୍ମବନ
କାନ୍ତ ବିନେ ଯେସନେ ବନିତା, ହେ ଦୀନବନ୍ଧୁ ।
ସେହି ରୂପେ ହୋଇଛନ୍ତି ଗୋପୀ । କେ କହିବ ସେ ଦୁଃଖ ସଞ୍ଚପି ହେ ।"

କବି ଦୀନକୃଷ୍ଣ ଦାସଙ୍କର ରସକଲ୍ଲୋଳର ଚତୁଃତ୍ରିଂଶ ଛାନ୍ଦରେ ଉଦ୍ଧବ ଶ୍ରୀକୃଷ୍ଣଙ୍କ ସମପକ୍ଷରେ ଗୋପୀମାନଙ୍କର ବିରହଦଶା ଯେପରି ଭାବରେ ବର୍ଣ୍ଣନା କରିଅଛନ୍ତି ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଅଛି । ଏହି ପ୍ରସଙ୍ଗରେ କବି ଗୋପୀମାନଙ୍କର ବିଭିନ୍ନ ଦଶା ବର୍ଣ୍ଣନା କରିଅଛନ୍ତି—

Digitized by PPRACHIN, SOA

"କି କହିବି ଗୋପୀମାନଙ୍କ କଥା । କହିଲେ ଜାତ ହେବ ମହାବ୍ୟଥା ।
କେଶ ବାସ ବେଶ ଅତି ମଳିନ । କୁଜ୍ଝଟୀ ସମୟେ ଯେହ୍ନେ ନଳିନ ।
କାହାର ଶରୀର । କୃଶ-ବିଷାଦୁଁ ନୋହିଛି ବାହାର ।
କାହାରି ବଦନେ ନାହିଁ ପ୍ରସନ୍ନ । କାହାରି ନାହିଁ ବିଷୟ ଦର୍ଶନ ।
କହିବାକୁ ନାହିଁ ଶକ୍ୟ କାହାର । କାହିଁକି ଥିବ ଆହାର ବିହାର ।
କେବଳ ବିରସ । କରିଛି ସବୁ ହୃଦୟରେ ବାସ ।
କାହା କଙ୍କଣ ହୋଇଛି କେୟୂର । କେ ଉରେ କରିଛି କଙ୍କଣ ହାର ।
କେ କଣ୍ଠେ ବସାଇ ତୁମ୍ଭ ନାମକୁ । କଳେବର ଦେଇ କାମ କାଣ୍ଡକୁ ।
କରିଛି ଶୟନ । କିଞ୍ଚିତ କରି ଫେଡ଼ିଛି ନୟନ ।"

ମଥୁରାମଙ୍ଗଳରେ କବି ଭକ୍ତଚରଣ ଦାସଙ୍କର ବର୍ଣ୍ଣନାଶୈଳୀ ଓଡ଼ିଆ ମଧ୍ୟଯୁଗୀୟ କାବ୍ୟସାହିତ୍ୟର ରୀତି ଅନୁସାରୀ ହୋଇଅଛି । କବିଙ୍କର ମୌଳିକତା ଅନେକ ସ୍ଥଳରେ ପରିଲକ୍ଷିତ ହେଲେହେଁ ଯୁଗରୁଚିର ପ୍ରଭାବରେ ତାହା ସ୍ପଷ୍ଟରୂପେ ଧାରଣ କରିପାରି ନାହିଁ ।

## ମଥୁରାମଙ୍ଗଳରେ ପ୍ରେମଚିତ୍ର :

ଓଡ଼ିଆ ବୈଷ୍ଣବ କବିମାନଙ୍କର କାବ୍ୟ ସାହିତ୍ୟର ଶ୍ରୀକୃଷ୍ଣଙ୍କର ପ୍ରେମଲୀଳା କାବ୍ୟର ମୁଖ୍ୟ ବିଷୟବସ୍ତୁ ରୂପେ ପ୍ରତିଭାତ ହୋଇଥାଏ । ଶ୍ରୀକୃଷ୍ଣଙ୍କ ସହିତ ଗୋପୀମାନଙ୍କର ପରକୀୟା ପ୍ରୀତି ପ୍ରତ୍ୟେକ ବୈଷ୍ଣବ କବିର ଲେଖନୀରେ ରୂପାୟିତ । ମଥୁରାମଙ୍ଗଳ କାବ୍ୟରେ କବି ଭକ୍ତଚରଣ ଦାସ ସେହିପରି ଶ୍ରୀକୃଷ୍ଣ ଓ ଗୋପୀମାନଙ୍କର ମିଳନ ପ୍ରେମ ଓ ବିରହଦଶା ବର୍ଣ୍ଣନା କରିଅଛନ୍ତି । ଏହି ପ୍ରେମବର୍ଣ୍ଣନାକୁ କେବେହେଲେ ସାଧାରଣ ସ୍ତରର ପ୍ରେମବର୍ଣ୍ଣନା ରୂପରେ ଗ୍ରହଣ କରାଯାଇ ନପାରେ । ଉଦ୍ଧବ ଜ୍ଞାନମାର୍ଗର ଭକ୍ତ । ସେ ଗୋପପୁରକୁ ଆସି ଗୋପୀମାନଙ୍କର ପ୍ରେମଭକ୍ତିରେ ବିମୋହିତ ହୋଇ ପଡ଼ିଛନ୍ତି । ପ୍ରେମଭକ୍ତି ତାଙ୍କ ଉପରେ ଏପରି ପ୍ରଭାବ ବିସ୍ତାର କରିଅଛି ଯେ ସେ ଶ୍ରୀକୃଷ୍ଣଙ୍କ ସାନ୍ନିଧ ଛାଡ଼ି ଗୋପୀମାନଙ୍କ ଭାବରେ ନିଜ ଅନ୍ତରକୁ ପୂର୍ଣ୍ଣ କରି ଗୋପୀମାନଙ୍କ ସହିତ ଜୀବନ ଯାପନ କରିବା ନିମିତ୍ତ ଶ୍ରୀକୃଷ୍ଣଙ୍କ ନିକଟରେ ମନୋଭାବ ପ୍ରକାଶ କରିଅଛନ୍ତି ।

ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ବାଲ୍ୟକାଳରୁ ଦେଖି ଆସିଛନ୍ତି । ସେମାନେ ତାଙ୍କୁ ସେମାନଙ୍କର ପ୍ରେମିକ ଭାବରେ ଗ୍ରହଣ କରିଅଛନ୍ତି । ଶ୍ରୀକୃଷ୍ଣଙ୍କର ପ୍ରେମିକା ହେବା ପାଇଁ ସେମାନେ ନିଜ ନିଜର କୁଳଶୀଳତା ଓ ଲଜ୍ଜାକୁ ପରିହାର କରିଅଛନ୍ତି । ଶ୍ରୀକୃଷ୍ଣଙ୍କ ସହିତ ବୃନ୍ଦାବନରେ ସେମାନଙ୍କର ପ୍ରେମଲୀଳା ବୈଷ୍ଣବ କବିଙ୍କ କଳ୍ପନାରେ ଅତୀବ ଜୀବନ୍ତ । ଶ୍ରୀକୃଷ୍ଣ ମଥୁରାପୁରକୁ ଯିବା କଥା ଶୁଣି ଗୋପୀମାନେ ତାଙ୍କ ବିରହରେ ଜୀବନ ଧରି ରହିପାରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି–

Digitized by PPRACHIN, SOA

"କେ ବୋଲଇ ମରଣ ଆମ୍ଭଙ୍କୁ ପଛେ ହେଉ ।
ମଥୁରା ନଯାଇ କୃଷ୍ଣ ଗୋପପୁରେ ଥାଉ ।
କଥା ରହନ୍ତା ସଂସାରେ ।
ପ୍ରାଣ ଦେଇଛନ୍ତି ଗୋପୀ ଶ୍ରୀକୃଷ୍ଣ ଆଶାରେ ।
× × ×
କେ ବୋଲେ ଯମୁନାଗଣ୍ଡେ ଜୀବନ ହାରିବା ।
ଦାରୁଣ କଂସ ନୃପତି ନାମରେ ମରିବା ।
ସ୍ତିରୀହତ୍ୟା ଦୋଷ ପାଉ ।
ସୁଖ ଶିରୀ ଛାଡ଼ି ଜୀବନ ହରାଉ ।"

ଶ୍ରୀକୃଷ୍ଣଙ୍କ ଲାଗି ଗୋପୀମାନେ ନିଜ ନିଜର ଜୀବନ ବିସର୍ଜନ କରିବାକୁ ପ୍ରସ୍ତୁତ । ସେମାନେ ନିଜ ନିଜକୁ କାୟମନୋବାକ୍ୟରେ ଶ୍ରୀକୃଷ୍ଣଙ୍କ ନିକଟରେ ସମର୍ପଣ କରିଅଛନ୍ତି । ତେଣୁ ସେମାନେ ପୁଣି କହିଛନ୍ତି—

"କାହା ଚୂଳରେ ଝାଞ୍ଜିବୁ କିଆ
କାହା ହିଆରେ ଭିଡ଼ିବୁ ହିଆ
କାହା ଛାମୁରେ ଲାଜ ଲାଜ ହୋଇଣ
ମହୀ ଅନାଇ ହୋଇବୁ ଠିଆ ହେ ମୋହନ ।
କାହା ନାମେ ଗାଉଥିବୁ ଗୀତ
କାହା ସଙ୍ଗରେ ଖେଳିବୁ ଜୂତ
କାହାକୁ ଦ୍ୱାରବନ୍ଧ ଧରି ଅଳପ
ହସି ଚାହିଁବୁ କହ ତ ସତ ହେ ମୋହନ ।
କେହୁ ନେତ୍ର ପ୍ରାନ୍ତେ ଠାରୁଥିବ
ନିଧୁବନ କେ କଢ଼ାଇ ନେବ
ଶଶିଖଣ୍ଡ ଗଣ୍ଡ- ଦେଶରେ ଆମ୍ଭର,
କେହୁ ପୁଣ ପୁଣ ତ ଚୁମ୍ବିବ ହେ ମୋହନ ।"

ଶ୍ରୀକୃଷ୍ଣ ମଥୁରାପୁରରେ ଥିବା ସମୟରେ ଗୋପୀମାନଙ୍କର କଥା ମନେ ପକାଇ ଅତ୍ୟନ୍ତ ଦୁଃଖ ଅନୁଭବ କରିଅଛନ୍ତି । ଗୋପୀମାନଙ୍କର ଅବସ୍ଥା ଦେଖି ସେମାନଙ୍କୁ ପ୍ରବୋଧନା ଦେବାକୁ ସେ ଉଦ୍ଧବଙ୍କୁ ଗୋପପୁରକୁ ପଠାଇଛନ୍ତି । ସେ ଉଦ୍ଧବଙ୍କ ହାତରେ ଗୋପୀମାନଙ୍କର ନିକଟକୁ ଯେଉଁ ପତ୍ର ଦେଇଥିଲେ ତହିଁରେ ଗୋପୀମାନଙ୍କର ସୌନ୍ଦର୍ଯ୍ୟ ଓ କାମକମଳା କୁଶଳତା ବର୍ଣ୍ଣିତ ହୋଇଅଛି । ଗୋପୀମାନେ ଶ୍ରୀରାଧାଙ୍କ ଦ୍ୱାରା ଶ୍ରୀକୃଷ୍ଣଙ୍କ ନିକଟକୁ ଯେଉଁ ପତ୍ର ଲେଖାଇଛନ୍ତି

Digitized by PPRACHIN, SOA

ତହିଁରେ ଶ୍ରୀକୃଷ୍ଣଙ୍କ ରୂପ ଗୁଣ ବର୍ଣ୍ଣିତ ହେବା ସଙ୍ଗେସଙ୍ଗେ ଶୀଘ୍ର ଗୋପପୁରକୁ ଫେରିଆସିବା ପାଇଁ ଆକୁଳ ନିବେଦନ ପ୍ରକାଶ ପାଇଅଛି । ଶ୍ରୀକୃଷ୍ଣ ମଥୁରାପୁରର ନାରୀମାନଙ୍କ ପ୍ରେମପାଶରେ ଆବଦ୍ଧ ହୋଇ ରହିଛନ୍ତି ବୋଲି ଗୋପୀମାନେ ମଧ ଆକ୍ଷେପ କରିଅଛନ୍ତି । ଶ୍ରୀକୃଷ୍ଣଙ୍କ ବିରହରେ ଗୋପୀମାନେ ସନ୍ତାପିତ ହେବା ସମୟରେ ଶ୍ରୀକୃଷ୍ଣ କିପରି ମଥୁରାପୁରରେ ରହିଛନ୍ତି, ସେ କଥା ପ୍ରକାଶ କରି ଶ୍ରୀରାଧା ଲେଖିଛନ୍ତି–

''ସେ ଦେଶେ କି ଷଡ଼ଋତୁଏ ନାହାନ୍ତି, ନାହାନ୍ତି କି ରସ ଗାୟକ ।
ଚନ୍ଦ୍ର କୋକିଳ କେଳି-କେକା ରସାଳ ଜୀମୂତ ଗର୍ଜନ ଡାହୁକ ।
ନାଥ ହେ, ନୟନେ କି ଦେଖି ନଶୁଣ ।
ସେ ଦେଶେ କି ଫୁଲଧନୁ ଧରି କାମଦେବ ନକରଇ ଭ୍ରମଣ ।
ତଥାପି ଏ ଶ୍ରେଣୀ ଥିଲେ କି ହୋଇବ ମଧୁପୁର ନାରୀ ଅଛନ୍ତି ।
ଯେତେ କଥା ଏହା ଦେଖି ଜାତ ହୋଏ ତୁମ୍ଭଙ୍କୁ କି କରି ପାରନ୍ତି ।
ତହିଁକି, ଭୟ ନାହିଁ ତୁମ୍ଭ ମନରେ ।
ଆଉ ସେମାନ କହି କିସ ହୋଇବ ରହିଲ କୁବୁଜା ସ୍ନେହରେ ।''

ଗୋପୀମାନେ ମଥୁରାପୁରର ନାରୀମାନଙ୍କ ଲାଗି ଶ୍ରୀକୃଷ୍ଣଙ୍କୁ ଆକ୍ଷେପ କରିଅଛନ୍ତି । ଶ୍ରୀକୃଷ୍ଣଙ୍କ ସହିତ କୁବୁଜାର ପ୍ରୀତି ଆଚରଣ ମଧ ଗୋପୀମାନଙ୍କ ପକ୍ଷରେ ଅସହ୍ୟ ହୋଇ ଉଠିଛି । କୁବୁଜା ଯେତେବେଳେ କଂସର ଚନ୍ଦନାଦି ସାମଗ୍ରୀ ନେଇ ଯାଉଥିଲା ସେତେବେଳେ ଶ୍ରୀକୃଷ୍ଣ ତାଦ୍ୱାରା ଚନ୍ଦନଚର୍ଚ୍ଚିତ ହେବାକୁ ଚାହିଁଲେ । କୁବୁଜା ଆନନ୍ଦ ଚିତ୍ତରେ ଶ୍ରୀକୃଷ୍ଣଙ୍କ ଅଙ୍ଗରେ ଚନ୍ଦନ ବିଲେପନ କଲା । ତାପରେ ଶ୍ରୀକୃଷ୍ଣ ତାର ପିଠିରେ ଥିବା କୁବ୍‌ଜରେ ହସ୍ତ ସ୍ପର୍ଶ କଲେ । ସଙ୍ଗେ ସଙ୍ଗେ ତାର କୁବ୍‌ଜଟି ଅନ୍ତର୍ଦ୍ଧାନ ହୋଇଗଲା ଓ ସେ ଏକ ନବୀନା ସୁନ୍ଦରୀ ଯୁବତୀରେ ପରିଣତ ହେଲା । ସେ ତାର ରୂପ ଓ ସୌନ୍ଦର୍ଯ୍ୟ ଦେଖି ଶ୍ରୀକୃଷ୍ଣଙ୍କୁ ପତିରୂପେ ପାଇବାକୁ ଇଚ୍ଛାକଲା–

''ଆପଣା ରୂପରାଶି କୁବୁଜା ଚାହିଁ ।
ବିଚାରେ ଏହା ନେଇ ଥୋଇବି କାହିଁ ଯେ ।
କାହାକୁ ସମର୍ପିବି ଅପୂର୍ବ ଧନ ।
ଏ ଧନ ଦେଲେ ସିନା ନନ୍ଦନନ୍ଦନ ଯେ ।
ଏହା ଅର୍ଜିଲା ବିତ୍ତ ଏହାକୁ ଦେବି ।
ନ ନେବ ଯେବେ ଅଗ୍ନି ଜାଳି ମରିବି ଯେ ।
ଏତେ ବିଚାରି ନାରୀ ଛାଡ଼ିଲା ଲାଜ ।
ଧାଇଁ ଧଇଲା ଯାଇଁ ଗୋବିନ୍ଦ ଭୁଜ ହେ ।
ବୋଲେ ଶୁଣିବା ହେଉଦ୍ଧଜ ମୋହନ ।
ଯାହା ମାଗିଛି ତାହା ଦିଅ ବହନ ହେ ।

Digitized by PPRACHIN, SOA

ବିଧୁ ବଦନେ ବନମାଳୀ ଭାଷନ୍ତି ।
କି ବର ମାଗୁଅଛ କହ ଯୁବତୀ ଗୋ ।
ଦେବଇଁ ସତ୍ୟ ମୋର ଆରେ କୁବୁଜା ।
ବାଳୀ ବୋଇଲା ହେବି ତୋର ଭାରିଯା ।
ଏ ନବ ଯଉବନ ତୋହର ସିନା ।
ଦେଖ ମୁଁ ଦିଶୁଅଛି କେମନ୍ତ ଅନା ହେ ।
ରୁପିଲା ବୃକ୍ଷ ଫଳ ଆପଣେ ଭୁଞ୍ଜି ।
ଜାଣି ବିରଞ୍ଚି ତାହା ଅଛଇ ଖଞ୍ଜି ହେ ।
ଭୋଗ ନ କଲେ ତାଙ୍କୁ ବୋଲି ଅଯୋଗ୍ୟ ।
ଲାଜ ହୁଅଇ ପରେ ହୋଇଲେ ଭୋଗ୍ୟ ।
ତୁ ସିନା ରୂପବନ୍ତୀ କରିଛୁ ମୋତେ ।
ଏଣୁ କହୁଛି ହରି ଯୋଗାଇ ତୋତେ ହେ ।''

କୁବୁଜାର ପ୍ରାର୍ଥନାରେ ଶ୍ରୀକୃଷ୍ଣ ତାଁକୁ କହିଲେ ଯେ ସେ କଂସର ଦର୍ପ ଚୂର୍ଣ୍ଣ କରିବା ପରେ କୁବୁଜାର ଗୃହକୁ ଯିବେ । ସେ କୁବୁଜାର ଗୃହକୁ ଯିବା ପର୍ଯ୍ୟନ୍ତ କୁବୁଜା ଗୃହ ସଜାଇ ତାଙ୍କରି ଅପେକ୍ଷାରେ ରହିବ ।

ଶ୍ରୀକୃଷ୍ଣଙ୍କୁ ଦେଖି ମଥୁରା ନାରୀମାନେ ଯେପରି ଭାବରେ କାମବିକାରଗ୍ରସ୍ତ ହୋଇଅଛନ୍ତି ତାହା କବିଙ୍କ ଲେଖନୀରେ ଅତ୍ୟନ୍ତ ସ୍ୱଷ୍ଟ ଭାବରେ ପ୍ରକାଶ ପାଇଅଛି । ଶ୍ରୀକୃଷ୍ଣଙ୍କ ସହିତ ଗୋପୀମାନଙ୍କର ପ୍ରେମଲୀଳାର ବର୍ଣ୍ଣନାହିଁ ମଥୁରାମଙ୍ଗଳର ପ୍ରେମଚିତ୍ରର ଉଦାହରଣ । ମଥୁରାମଙ୍ଗଳରେ ଗୋପୀମାନଙ୍କ ସହିତ ଶ୍ରୀକୃଷ୍ଣଙ୍କର ପ୍ରେମଲୀଳାର ବର୍ଣ୍ଣନା ବିସ୍ତୃତ ନୁହେଁ, ମାତ୍ର ରସକଲ୍ଲୋଳରେ ଏହି ବର୍ଣ୍ଣନା ଅତିମାତ୍ରାରେ ବିସ୍ତୃତ । ମଥୁରାମଙ୍ଗଳ କାବ୍ୟର ନାମକରଣ ଅନୁସାରେ ଗୋପପୁରର ବର୍ଣ୍ଣନା କବି ଅଧିକ ଭାବରେ ଦେବାକୁ ଉଚିତ ମନେ କରିନାହାନ୍ତି ବୋଲି ଧରିନିଆଯାଇ ପାରେ ।

## ମଥୁରାମଙ୍ଗଳର ନାମକରଣ :

ଓଡ଼ିଆ ସାହିତ୍ୟରେ ମଧ୍ୟଯୁଗୀୟ କାବ୍ୟ ଭାବରେ ମଥୁରାମଙ୍ଗଳ ଏକ ସମ୍ଭ୍ରାନ୍ତ ସ୍ଥାନର ଅଧିକାରୀ । ଏହି କାବ୍ୟରେ କବି ଶ୍ରୀକୃଷ୍ଣଙ୍କର ଲୀଳାଚରିତ ବର୍ଣ୍ଣନା କରିଅଛନ୍ତି । ଏହି କାବ୍ୟର ନାମକରଣ ପ୍ରତି ଦୃଷ୍ଟି ଦେଲେ ଜଣାଯାଏ ଯେ ଶ୍ରୀକୃଷ୍ଣଙ୍କର ମଥୁରା ଲୀଳାହିଁ କାବ୍ୟର ମୁଖ୍ୟ ବର୍ଣ୍ଣିତ ବିଷୟ । ଶ୍ରୀକୃଷ୍ଣ କଂସର ବନ୍ଦିଶାଳାରେ ଜନ୍ମଗ୍ରହଣ କରିବା ପରେ ନନ୍ଦଙ୍କ ଗୃହରେ ପାଳିତ ହେଲେ । ଗୋପପୁରରେ ଥିବା ସମୟରେ ଶ୍ରୀକୃଷ୍ଣ ଯେଉଁ ଲୀଳାଖେଳା ପ୍ରଦର୍ଶନ କରିଅଛନ୍ତି ସେସବୁ ଗୋପପୁରରେ ଅନୁଷ୍ଠିତ ହୋଇଥିଲେହେଁ ବହୁ ଅଂଶରେ ମଥୁରାର ମଙ୍ଗଳ ସାଧନ କରିଅଛି । କବିଙ୍କ ଭାଷାରେ–

Digitized by PPRACHIN, SOA

''ଦିନୁ ଦିନ ବଢ଼ିଲେ ନନ୍ଦ ଘରେ ।
ଚନ୍ଦ୍ର ଯେସନେ ଚନ୍ଦ୍ରମା ପକ୍ଷରେ ।
ସାତ ଦିନରେ ମାଇଲେ ପୂତନା ।
ଯାର ନାମ ଅଟଇ ବକ୍ରସେହ୍ନା ।
ତୃଣା ଶକଟା ବକା ଅଘାସୁର ।
ମାରି ତାରିଲେ କୁବେର କୁମର ।
କାଳୀ କାଳିନ୍ଦୀ ହ୍ରଦରେ ଦଳିଲେ ।
ବନ ଅନଳ କିଞ୍ଚିତେ ଗିଳିଲେ ।
ବଛା ବାଳକ ହରିଲା ବିଧାତ ।
ନିଜ ଅଙ୍ଗରୁ ସର୍ବ କଲେ ଜାତ ।
ନନ୍ଦ ରାଜାଙ୍କୁ ହରିଲା ବରୁଣ ।
ତାକୁ ଆଣି ଦେଲେ ରମାରମଣ ।
ଇନ୍ଦ୍ର ବିବାଦେ ଟେକି ଗୋବର୍ଦ୍ଧନ ।
ଗୋପ ରଖିଲେ ଜଗତଜୀବନ ।
ବୃନ୍ଦାବନରେ କରନ୍ତି ବିଳାସ ।
ସଙ୍ଗେ ଘେନି ଅନେକ ବାଳଶିଷ ।
ବସ୍ତ୍ର ଚୋରି ଆଦି ଯେତେ ଚରିତ ।
କେହୁ କହିବ କରି ଆଦି ଅନ୍ତ ।
ରାସେ ରସିଲେ ଗୋପୀଙ୍କ ସଙ୍ଗତେ ।
ଏହି ମତି ବେଭାର ଯେତେ ଯେତେ ।
କେଶୀ ପିଣ୍ଡ ମନ୍ଥିଲେ ବାହୁ ବଳେ ।
ପ୍ରାଣେ ମାଇଲେ ଯେତେ ଦୈତ୍ୟ ଗଲେ ।
ତାହା ଶୁଣି ଡରିଲା କଂସାସୁର ।
ଭୟେ କମ୍ପଇ ହୋଇ ଥରହର ।''

ଗୋପପୁରରେ ଥିବା ସମୟରେ ଶ୍ରୀକୃଷ୍ଣ ଯେଉଁ ଅସୁର ଅସୁରୁଣୀଙ୍କୁ ବଧ କରିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ କଂସଦ୍ୱାରା ଶ୍ରୀକୃଷ୍ଣଙ୍କୁ ବିନାଶ କରିବା ନିମିତ୍ତ ପ୍ରେରିତ ହୋଇଥିଲେ । ସେମାନେ ଶ୍ରୀକୃଷ୍ଣଙ୍କ ବିନାଶ କରିବାକୁ ଆସି ନିଜେ ନିଜେ ବିନଷ୍ଟ ହୋଇଥିଲେ । ସେହି ଅସୁରମାନଙ୍କୁ ବଧ କରି ଶ୍ରୀକୃଷ୍ଣ ଗୋପପୁରରେ ଥାଇ ମଧ ମଥୁରାର ମଙ୍ଗଳ ସମ୍ପାଦନ କରିଥିଲେ ବୋଲି ଧରିନିଆଯାଇପାରେ । କଂସ ଯେତେବେଳେ ଦେଖିଲା ନନ୍ଦନନ୍ଦନ ଶ୍ରୀକୃଷ୍ଣ ଅନାୟାସରେ ତାର ଅନୁଚରବର୍ଗଙ୍କୁ ନିଧନ କଲେ ସେତେବେଳେ ସେ ତାଙ୍କୁ ମଥୁରାପୁରକୁ

Digitized by PPRACHIN, SOA

ଅଣାଇ ସେଠାରେ ନିଧନ କରିବା ଉପାୟ ସ୍ଥିର କରିଅଛି । ଅକ୍ରୁର ଗୋପପୁରକୁ କଂସର ପତ୍ର ନେଇ ଆସିଛନ୍ତି ଏବଂ ଶ୍ରୀକୃଷ୍ଣ ଓ ବଳରାମ ଅନ୍ୟାନ୍ୟ ଗୋପାଳମାନଙ୍କ ସହିତ ମଥୁରା ପୁରକୁ ଯାତ୍ରା କରିଛନ୍ତି । ଶ୍ରୀକୃଷ୍ଣ ଗୋପପୁର ଛାଡ଼ି ମଥୁରାପୁରକୁ ଯିବେ ବୋଲି ଯେତେବେଳେ ଗୋପପୁରରେ ପ୍ରଚାରିତ ହୋଇଛି ସେତେବେଳେ ଗୋପୀମାନେ ଏବଂ ଗୋପପୁରବାସୀମାନେ ଅତ୍ୟନ୍ତ ଦୁଃଖ ଅନୁଭବ କରିଛନ୍ତି । ସେ ଯାହା ହେଉନା କାହିଁକି ତାଙ୍କୁ ମଥୁରାପୁରକୁ ଯିବାକୁହିଁ ପଡ଼ିବ । ଶ୍ରୀକୃଷ୍ଣ ଜନ୍ମ ଗ୍ରହଣ କରିବା ପୂର୍ବରୁ ଦେବତାମାନଙ୍କୁ ଯେଉଁ ଅଭୟ ଦେଇଥିଲେ ତାହାକୁ ରକ୍ଷା କରିବାକୁ ପଡ଼ିବ ।

କଂସର ପ୍ରତାପରେ ଯେତେବେଳେ ଦେବତାମାନେ ଅତିମାତ୍ରାରେ ସନ୍ତପ୍ତ ହେଲେ ସେମାନେ ବ୍ରହ୍ମାଙ୍କ ସହିତ କ୍ଷୀରସାଗରରେ ଶୟନ କରିଥିବା ପରଂବ୍ରହ୍ମଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ସେହି ପ୍ରାର୍ଥନାର ଫଳ ସ୍ୱରୂପ ଶ୍ରୀକୃଷ୍ଣ ଅବତାର ହେଲେ–

''ସୁରଗଣ ବିକଳ କର୍ଣ୍ଣେ ଶୁଣି ।
ଦୟାସାଗର ପ୍ରଭୁ ଚକ୍ରପାଣି ।
ଆଜ୍ଞା କଲେ ସକଳ ସୁରେ ଯାଅ ।
ଦୈତ୍ୟ ମାରିବି ଅଳ୍ପ ଦିନ ରହ ।
ବସୁଦେବ ଘରେ ହେବି ଜନମ ।
ବଢ଼ି କଂସକୁ ନାଶିବି ବହନ ।''

ଏହି ଅଭୟବାଣୀର ମୁଖ୍ୟ କଥା ହେଉଛି କଂସବଧ । ଯେଉଁ ଉଦ୍ଦେଶ୍ୟ ନେଇ ଭଗବାନ ଅବତାର ଗ୍ରହଣ କରିଥିଲେ ସେ ଉଦ୍ଦେଶ୍ୟକୁ ସେ ଗୋପଲୀଳା ସମୟରେ କେବେହେଲେ ବିସ୍ମୃତ ହୋଇ ନାହାନ୍ତି । ମଥୁରାର ମଙ୍ଗଳ ବିଧାନ କରିବାହିଁ ତାଙ୍କ ଅବତାର ଗ୍ରହଣର ମୁଖ୍ୟ କାରଣ । ଶ୍ରୀକୃଷ୍ଣ କିପରି ତାଙ୍କର ଏହି ଉଦ୍ଦେଶ୍ୟକୁ ସବୁବେଳେ ସ୍ମରଣ ରଖିଥିଲେ ସେ କଥା ଗୋଟିଏ ଉଦାହରଣରୁ ଅତ୍ୟନ୍ତ ସ୍ପଷ୍ଟ । କବିଙ୍କ ବର୍ଣ୍ଣନା ଅନୁସାରେ–

''ବଛାବାଳକ ହରିଲା ବିଧାତ ।
ନିଜ ଅଙ୍ଗରୁ ସର୍ବ କଲେ ଜାତ ।''

ଶ୍ରୀକୃଷ୍ଣ ଗୋପପୁରରେ ଯେତେବେଳେ ଦିନକୁଦିନ ବଢୁଥାଆନ୍ତି ସେତେବେଳେ ଦେବତାମାନେ ତାଙ୍କ ଉପରେ ସତର୍କ ଦୃଷ୍ଟି ରଖିଥାଆନ୍ତି । ଶ୍ରୀକୃଷ୍ଣଙ୍କର ଗୋପଲୀଳା ଦେଖି ଦେବତାମାନେ ଭାବିଲେ ଶ୍ରୀକୃଷ୍ଣ କ୍ରମେ ତାଙ୍କର ଜନ୍ମର ଉଦ୍ଦେଶ୍ୟ ବିସ୍ମୃତ ହୋଇଯାଇ ପାରନ୍ତି । ତେଣୁ ବ୍ରହ୍ମା ଥରେ ଶ୍ରୀକୃଷ୍ଣଙ୍କୁ ପରୀକ୍ଷା କରିବାକୁ ଆସିଲେ । ଶ୍ରୀକୃଷ୍ଣ ଗୋପାଳ ବାଳକମାନଙ୍କ ସହିତ ବନରେ ଭୋଜି କରୁଥିବା ସମୟରେ ବ୍ରହ୍ମା ଯାଇ ଗୋପାଳ ବାଳକମାନଙ୍କ ମେଳରେ ବସିଥିବା ଧେନୁ ଓ ବାଳକମାନଙ୍କୁ ମାୟା କରି ନିଜର କମଣ୍ଡଳୁରେ ରଖିଲେ । ଶ୍ରୀକୃଷ୍ଣ ଦେଖିଲେ

Digitized by PPRACHIN, SOA

ଯେ ଧେନୁ ଏବଂ ବାଳକମାନେ ନାହାନ୍ତି । ସେ ବ୍ରହ୍ମାଙ୍କର ପରୀକ୍ଷା କଥା ବୁଝିପାରିଲେ । ତେଣୁ ବ୍ରହ୍ମାଙ୍କର ଗର୍ବଖଣ୍ଡନ କରିବା ପାଇଁ ମାୟାକରି ଗୋରୁ ଏବଂ ବାଳକ ସୃଷ୍ଟି କଲେ । ବ୍ରହ୍ମା ଦେଖିଲେ ଯେ ତାଙ୍କର କମଣ୍ଡଳୁରେ ଧେନୁ ଏବଂ ବାଳକମାନେ ଅଛନ୍ତି, ପୁଣି ବନରେ ମଧ ଅଛନ୍ତି । ବ୍ରହ୍ମା ତା ପରେ ନିଜର ଭ୍ରମ ଦୂରକରି ଶ୍ରୀକୃଷ୍ଣଙ୍କ ମହତ୍ତ୍ୱକୁ ସ୍ୱୀକାର କରିଥିଲେ । ଶ୍ରୀକୃଷ୍ଣ ସେଠାରେ ପ୍ରତିପାଦନ କରିଥିଲେ ଯେ ସେ ଗୋପଲୀଳାରେ କେବେହେଲେ ତାଙ୍କର ଉଦ୍ଦେଶ୍ୟକୁ ଭୁଲି ଯାଇ ନାହାନ୍ତି । କଂସକୁ ବଧ କରିବାର ଲକ୍ଷ୍ୟ ତାଙ୍କ ମନରେ ସର୍ବଦା ଥିଲା । ମଥୁରାର ମଙ୍ଗଳ ସମ୍ପାଦନ କରିବା ତାଙ୍କର ପ୍ରଥମ ଲକ୍ଷ୍ୟ । ମଥୁରାକୁ ଆକ୍ଷରିକ ଅର୍ଥରେ ଗ୍ରହଣ ନ କରି ଧରାଧାମ ଭାବରେ ଗ୍ରହଣ କରାଯାଇପାରେ । ତେଣୁ ଗୀତାର ବାଣୀ ଅନୁସାରେ ଭଗବାନ୍ ଧରାଧାମରୁ ଦୁଷ୍ଟମାନଙ୍କୁ ସଂହାର କରି ସାଧୁଜନମାନଙ୍କୁ ପରିତ୍ରାଣ କରି ଧର୍ମ ସଂସ୍ଥାପନ କରିବାପାଇଁ ଅବତାର ଗ୍ରହଣ କରିବା ବିଷୟ ଏଠାରେ ପ୍ରଯୁଜ୍ୟ । ତାହା ଯେବେ ହୁଏ, ତେବେ ଧରାଧାମର ମଙ୍ଗଳ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଶ୍ରୀକୃଷ୍ଣଙ୍କର ଜନ୍ମ—ଆଉ ଗୋପପୁରର ଅମଙ୍ଗଳର ପ୍ରଶ୍ନ ଉଠିବ କିପରି ?

ଗୌଡ଼ୀୟ ବୈଷ୍ଣବ କବିମାନେ ଶ୍ରୀକୃଷ୍ଣଙ୍କର ପ୍ରେମଲୀଳା ବର୍ଣ୍ଣନାକୁ ସବୁବେଳେ ମୁଖ୍ୟସ୍ଥାନ ଦେଇ ଥାଆନ୍ତି । ତେଣୁ ସେମାନେ ଶ୍ରୀକୃଷ୍ଣଙ୍କର ଅବତାର ଗ୍ରହଣର କାରଣ ରୂପେ କଂସବଧ ଓ ଗୋପ କେଳିକୁ ବର୍ଣ୍ଣନା କରିଥାଆନ୍ତି । ଶ୍ରୀକୃଷ୍ଣଙ୍କର ଅବତାର ଗ୍ରହଣର ଦ୍ୱିବିଧ ଲକ୍ଷ୍ୟ କବି ଦୀନକୃଷ୍ଣ ଦାସ ରସକଲ୍ଲୋଳର ଦ୍ୱିତୀୟ ଛାନ୍ଦରେ ପ୍ରକାଶ କରିଅଛନ୍ତି—

"କମଳମୁଖୀ-କମଳା— କଣ୍ଠ-ମରକତ-ମାଳା
ଆଜ୍ଞାଦେଲେ କରୁଣା କଟାକ୍ଷେ ଅନାଇଁ ।
କିଛି ନବିଚାର ତୁମ୍ଭେ ଯଦୁ କୁଳେ ଯାଇ ଆମ୍ଭେ
ଜାତ ହେବୁ କଂସ ପ୍ରାଣ ଘେନିମା ପାଇଁ ।
କର ତୁମ୍ଭେ ଏବେ ଗମନ
କରିବାକୁ ଗୋପ କେଳି ଆମ୍ଭର ମନ ।"

କଂସବଧ ଓ ଗୋପକେଳି ଦ୍ୱିବିଧ ଲକ୍ଷ୍ୟରେ ଶ୍ରୀକୃଷ୍ଣଙ୍କର ଅବତାର ଗ୍ରହଣ ବିଷୟ ଦୀନକୃଷ୍ଣ ଦାସ ସୂଚିତ କରିଥିଲେହେଁ ଭକ୍ତଚରଣ ଦାସ ତାହା କରିନାହାନ୍ତି । ମନେ ହୁଏ, ଭକ୍ତଚରଣ ଦାସ ଗୀତାର ଶ୍ଳୋକକୁ ମୁଖ୍ୟ ଭାବରେ ଗ୍ରହଣ କରିଛନ୍ତି ।

ଶ୍ରୀକୃଷ୍ଣ ଗୋପପୁର ଛାଡ଼ି ମଥୁରାପୁରକୁ ଗମନ କରିବା ସମୟରେ ଓ ମଥୁରାପୁରରେ ଅବସ୍ଥାନ କାଳରେ ଗୋପୀମାନଙ୍କର ବିରହ ଦଶାର କରୁଣତାକୁ ଲକ୍ଷ୍ୟ କରି ଯେଉଁମାନେ ମଥୁରାମଙ୍ଗଳର ନାମକରଣ "ଗୋପୀ ବିଳାପ" କାହିଁକି ନ ହେଲା ବୋଲି ମତ ପ୍ରକାଶ କରନ୍ତି ସେମାନେ ଭକ୍ତଚରଣ ଦାସଙ୍କର ଶାସ୍ତ୍ରଦର୍ଶିତା ଏବଂ ଶ୍ରୀକୃଷ୍ଣଙ୍କର ଅବତାର ଗ୍ରହଣର କାରଣକୁ ବିସ୍ମୃତ ହୋଇ ଏପ୍ରକାର ମତ ପୋଷଣ କରିଥାଆନ୍ତି ।

Digitized by PPRACHIN, SOA

ଶ୍ରୀକୃଷ୍ଣ ମଥୁରାରେ ପ୍ରବେଶ କରି ବହୁ ଦୁରାଚାରଙ୍କୁ ବିନାଶ କଲେ । କୁବ୍‌ଜାର ଦୁଃଖ ହରଣ କଲେ । ବୈଷ୍ଣବ ଶାସ୍ତ୍ରରେ କୁବ୍‌ଜା ବିଷୟ ବର୍ଣ୍ଣିତ ହୋଇଅଛି । କଂସକୁ ମାରିବା ପୂର୍ବରୁ ଶ୍ରୀକୃଷ୍ଣ କୁବ୍‌ଜାର କୁବ୍‌ଜକୁ ଦୂର କରି ତାକୁ ଏକ ସୁନ୍ଦରୀ ଯୁବତୀରେ ପରିଣତ କରିଅଛନ୍ତି । ଶ୍ରୀକୃଷ୍ଣଙ୍କ ମଥୁରା ଲୀଳାରେ କୁବ୍‌ଜା ଚରିତ ଏକ ସାହିତ୍ୟିକ ରୂପକ ବା ପ୍ରତୀକ ଭାବରେ ପ୍ରଦତ୍ତ ହୋଇଅଛି ବୋଲି କୁହାଯାଇପାରେ । ଶ୍ରୀକୃଷ୍ଣ ଯେତେବେଳେ ମଥୁରାପୁରରେ ପ୍ରବେଶ କଲେ ସେତେବେଳେ ସେ ଲୋକମାନଙ୍କୁ ଜଣାଇଥିଲେ ଯେ କଂସର ଧନୁଯାତ୍ରା ଦେଖିବା ପାଇଁ ତାଙ୍କର ଆଗମନ । ଶ୍ରୀକୃଷ୍ଣଙ୍କ ରୂପକୁ ଦେଖି ସମସ୍ତେ ବିହ୍ୱଳ । ଏହି ବିହ୍ୱଳ ଅବସ୍ଥାରେ ଶ୍ରୀକୃଷ୍ଣ ତାଙ୍କର ଆଗମନର ପ୍ରକୃତ ଉଦ୍ଦେଶ୍ୟ ସୂଚିତ କରିଛନ୍ତି କୁବ୍‌ଜା ଚରିତ୍ର ଦ୍ୱାରା । ସେ ଆସିଛନ୍ତି ମହୀର ଭାରାକୁ ଦୂର କରି ତାକୁ ସୁନ୍ଦର ଏବଂ ଶାନ୍ତରୂପ ପ୍ରଦାନ କରିବାପାଇଁ । କୁବ୍‌ଜା ଏଠାରେ ମହୀ, ତାର କୁବ୍‌ଜ ଏଠାରେ ଭାରା । ଶ୍ରୀକୃଷ୍ଣ ତାର କୁବ୍‌ଜରେ ହସ୍ତ ସ୍ପର୍ଶ କରି ତାର କୁବ୍‌ଜକୁ ଏକ ସୁନ୍ଦରୀ ଯୁବତୀରେ ପରିଣତ କରିବାର ସୂଚନାଗତ ଅର୍ଥ କଂସ ପ୍ରତାପରେ ଧରିତ୍ରୀର କୁବ୍‌ଜରୂପକ ଭାରାକୁ ଦୂର କରି କଂସର ଅତ୍ୟାଚାରରେ କୁତ୍ସିତ ରୂପ ଧାରଣ କରିଥିବା ଧରିତ୍ରୀକୁ ସୁନ୍ଦରୀ ଧରିତ୍ରୀରେ ପରିଣତ କରିବା । କୁବ୍‌ଜା ବିଷୟରେ ବୈଷ୍ଣବ ଶାସ୍ତ୍ରମାନଙ୍କରେ ଯାହାକିଛି ବର୍ଣ୍ଣନା ବା ତାର ପୂର୍ବଜନ୍ମର ବୃତ୍ତାନ୍ତ ଯାହା ଥାଉନା କାହିଁକି କୁବ୍‌ଜା ଚରିତ୍ରକୁ ଏହିପରି ଏକ ପ୍ରତୀକରୂପେ ଗ୍ରହଣ କରାଯାଇପାରେ । ତେଣୁ ମଥୁରାମଙ୍ଗଳର ଅର୍ଥ ଧରିତ୍ରୀର ମଙ୍ଗଳ ।

ଓଡ଼ିଆ ସାହିତ୍ୟର କେତେକ ଆଲୋଚକ ମଥୁରାମଙ୍ଗଳର ନାମକରଣର ଯାଥାର୍ଥ୍ୟ ପ୍ରତିପାଦନ କରିବାକୁ ଯାଇ ବଙ୍ଗଳା ସାହିତ୍ୟର ମଙ୍ଗଳ କାବ୍ୟର ଉଦାହରଣ ଦେଇ ମଥୁରାମଙ୍ଗଳକୁ ଓଡ଼ିଆ ସାହିତ୍ୟରେ ମଙ୍ଗଳ କାବ୍ୟରୂପେ ପ୍ରତିପାଦିତ କରିବାକୁ ଚେଷ୍ଟା କରିଅଛନ୍ତି । ଯେଉଁ ଆଲୋଚକମାନେ ଏପରି ଚେଷ୍ଟା କରିଅଛନ୍ତି ସେମାନେ ବିସ୍ମୃତ ହେବା ଉଚିତ ନୁହେଁ ଯେ ବଙ୍ଗଳା ସାହିତ୍ୟରେ ମଙ୍ଗଳ କାବ୍ୟର ପରମ୍ପରା ଏକ ସମ୍ପୂର୍ଣ୍ଣ ଭିନ୍ନ ଏବଂ ସ୍ୱତନ୍ତ୍ର ପରମ୍ପରା । ବଙ୍ଗଳା ସାହିତ୍ୟପରି ଓଡ଼ିଆ ସାହିତ୍ୟରେ ମଙ୍ଗଳ କାବ୍ୟର ସୃଷ୍ଟି ନାହିଁ । ବଙ୍ଗଳା ସାହିତ୍ୟରେ ବହୁ କାବ୍ୟର ନାମକରଣରେ ମଙ୍ଗଳ ଶବ୍ଦ ବ୍ୟବହୃତ ହୋଇଥାଇପାରେ; ମାତ୍ର ଓଡ଼ିଆ ସାହିତ୍ୟରେ ଏହି ମଙ୍ଗଳ ଶବ୍ଦ ଭିନ୍ନ ଅର୍ଥରେ ପ୍ରଯୁକ୍ତ ।

ମଥୁରାମଙ୍ଗଳର ନାମକରଣର ସାର୍ଥକତା ପ୍ରତିପାଦନ କରିବା ନିମନ୍ତେ ବିଶେଷ ଆୟାସ ସ୍ୱୀକାର କରିବା ପ୍ରଶ୍ନ ନାହିଁ । ଏହାର କଥାବସ୍ତୁହିଁ ଏହାର ନାମକରଣର ସାର୍ଥକତା ପ୍ରତିପାଦନ କରିଅଛି । ଭକ୍ତକବି ଭକ୍ତଚରଣ ଧରାର ମଙ୍ଗଳ ବିଷୟକ ଚିତ୍ର ଅଙ୍କନ କରି ସମଗ୍ର ମାନବ ସମାଜକୁ ମଙ୍ଗଳମୟଙ୍କର ଶରଣାପନ୍ନ ହେବା ଲାଗି ଉପଦେଶ ଦେଇ କାବ୍ୟଟିକୁ ସମାପ୍ତ କରିଅଛନ୍ତି ।

●

Digitized by PPRACHIN, SOA

# ମଥୁରାମଙ୍ଗଳ

## ପ୍ରଥମ ଛାନ୍ଦ

## (ରାଗ–ଚକ୍ରକେଳି)

ଜୟ ଗୋବିନ୍ଦ ଗୋକୁଳ-ସୁନ୍ଦର
ଜୟ ରାମ-ଅନୁଜ ଦାମୋଦର । ୧ ।
ଜୟ କଂସାରି ଜଗତ-ତାରଣ
ଜୟ ମାଧବ ନନ୍ଦକ-ଧାରଣ । ୨ ।
ଜୟ ରମାରମଣ ଦଇତାରି
ଜୟ ଅନନ୍ତ ଅଖିଳ ବିହାରୀ । ୩ ।
ଜୟ ଗରୁଡ଼ାସନ ପୀତବାସ
ଜୟ ବକାରି ନରକ ବିନାସ । ୪ ।

---

୧ । ଜୟ–୧ମ ପଦଠାରୁ ୭ମ ପଦ ପର୍ଯ୍ୟନ୍ତ କବି ଶ୍ରୀକୃଷ୍ଣଙ୍କର ଜୟଗାନ କରିଅଛନ୍ତି । ଏଠାରେ ଜୟ ଶବ୍ଦ ଉତ୍କର୍ଷ ପ୍ରକାଶ ବା ନମସ୍କାର ଅର୍ଥରେ ପ୍ରଯୁକ୍ତ । ଗୋବିନ୍ଦ-ପୃଥିବୀ ସ୍ୱର୍ଗ ଓ ବେଦର ପାଳକ, ଶ୍ରୀକୃଷ୍ଣ । ଗୋକୁଳ-ସୁନ୍ଦର–ଗୋପପୁରର ଶୋଭାବର୍ଦ୍ଧନକାରୀ । ରାମ-ଅନୁଜ–ବଳରାମଙ୍କର କନିଷ୍ଠ ଭ୍ରାତା । ଦାମୋଦର–ଦାମ ଅର୍ଥାତ୍ ଜ୍ୟୋତିରେଖା ଉଦରରେ ଥିବାରୁ ତାଙ୍କ ନାମ ଦାମୋଦର, ଶ୍ରୀକୃଷ୍ଣ ।

୨ । କଂସାରି–କଂସର ଶତ୍ରୁ । ଜଗତ ତାରଣ–ଜଗତର ତ୍ରାଣକର୍ତ୍ତା । ମାଧବ–ଲକ୍ଷ୍ମୀଙ୍କର ପତି । ନନ୍ଦକ–ଶ୍ରୀକୃଷ୍ଣଙ୍କ ଖଡ୍‌ଗ ।

୩ । ରମାରମଣ–ଲକ୍ଷ୍ମୀ ପତି । ଦଇତାରି–ଅସୁରମାନଙ୍କର ଶତ୍ରୁ । ଅନନ୍ତ–ଯାହାର ଅନ୍ତ ନାହିଁ, ଅସୀମ । ଅଖିଳବିହାରୀ–ଯେ ସମଗ୍ର ବ୍ରହ୍ମାଣ୍ଡରେ ବିହାର କରନ୍ତି, ସର୍ବବ୍ୟାପୀ ।

୪ । ଗରୁଡ଼ାସନ–ଗରୁଡ଼ବାହନ । ପୀତବାସ–ପୀତବସନ ବା ହଳଦିଆ ବସ୍ତ୍ର ଯେ ପରିଧାନ କରନ୍ତି । ବକାରି–ବକାସୁରର ଶତ୍ରୁ । ନରକ–ପ୍ରାଗ୍ ଜ୍ୟୋତିଷପୁରର ରାକ୍ଷସରାଜ । ସେ ଇନ୍ଦ୍ରଙ୍କୁ ପରାଭବ ଦେବାରୁ ଇନ୍ଦ୍ର ଶ୍ରୀକୃଷ୍ଣଙ୍କୁ ଜଣାଇଲେ । ଶ୍ରୀକୃଷ୍ଣ ନରକକୁ ବଧ କରି ଇନ୍ଦ୍ରଙ୍କ ଛତ୍ର ଓ ଅଦିତିଙ୍କ କୁଣ୍ଡଳ ଉଦ୍ଧାର କରିଥିଲେ । ନରକର ଅନ୍ତଃପୁରରେ ଥିବା ଷୋଳ ସହସ୍ରରୁ ଅଧିକ ଦେବ, ଗନ୍ଧର୍ବ, ମାନବ କନ୍ୟା ଓ ଅପ୍‌ସରାମାନଙ୍କୁ ଉଦ୍ଧାର କରି ଶ୍ରୀକୃଷ୍ଣ ନିଜ ଅନ୍ତଃପୁରରେ ରଖିଥିଲେ ।

Digitized by PPRACHIN, SOA

ଜୟ ଭଗତବସ୍ଛଳ ମୁରାରି
ଜୟ କାରଣ ସଲିଳ ବିହାରୀ । ୫ ।
ଜୟ ଜଗତଜୀବନ ମୋହନ
ଜୟ ନୃସିଂହ ହିରଣ୍ୟଧ୍ୱଂସନ । ୬ ।
ଜୟ ଯାଦବ ବରଜ ଚନ୍ଦ୍ରମା
ସର୍ବ କାରଣକୁ ତୁ ବିଶ୍ୱକର୍ମା । ୭ ।
ନାନା ରୂପ ଅରୂପ ତୁହି ହଉ
ପ୍ରାଣୀମାନଙ୍କ ହିତେ ଦେହ ବହୁ । ୮ ।
ଗୋରୁ ବ୍ରାହ୍ମଣ ରକ୍ଷଣେ ତୋ ଜାତ
କେହି ନ ଜାଣେ ଆଦି ମଧ୍ୟ ଅନ୍ତ । ୯ ।
ସର୍ବ ଆତ୍ମାରେ ତୁହି ଆତ୍ମାରାମ
ତୋର ବିହୁନେ ନାହିଁ କର୍ମାକର୍ମ । ୧୦ ।
ତୁ ସେ ଆଦି ଅନାଦି ନିରାକାର
ଶ୍ରୁତି ସ୍ମୃତିକି ନାହିଁ ଗୋଚର । ୧୧ ।
ତୋର ଆଜ୍ଞା ଶିରେ ଧରି ବିରଞ୍ଚି
ଚତୁର୍ଦ୍ଦଶ ଭୁବନ ଅଛି ରଞ୍ଚି । ୧୨ ।

---

୫ । ଭଗତ ବସ୍ଛଳ—ଭକ୍ତବତ୍ସଳ । ମୁରାରି—ମୁର ଅସୁରର ଶତ୍ରୁ । କାରଣ ସଲିଳ ବିହାରୀ—ସଙ୍କର୍ଷଣ ରୂପରେ କାରଣାର୍ଣ୍ଣବରେ ଯେ ଶୟନ କରନ୍ତି ।

୬ । ଜଗତ ଜୀବନ—ଜଗତର ପ୍ରାଣ । ମୋହନ—ଲୀଳାରେ ସମସ୍ତଙ୍କୁ ଯେ ମୁଗ୍ଧ କରିଅଛନ୍ତି । ନୃସିଂହ ହିରଣ୍ୟ ଧ୍ୱଂସନ—ନୃସିଂହ ରୂପରେ ଯେ ହିରଣ୍ୟକଶିପୁର ଧ୍ୱଂସକାରୀ ।

୭ । ଯାଦବ—ଯଦୁ ବଂଶରେ ଜାତ । ବରଜ ଚନ୍ଦ୍ରମା—ବ୍ରଜ ବା ଗୋକୁଳର ଚନ୍ଦ୍ର ସଦୃଶ । କାରଣ—କାର୍ଯ୍ୟ । ବିଶ୍ୱକର୍ମା—ଦେବ ଶିଳ୍ପୀ ।

୮ । ଅରୂପ—ରୂପହୀନ । ହଉ—ହେଉ । ଦେହ ବହୁ—ଦେହ ଧାରଣ କରୁ ।

୯ । ତୋ ଜାତ—ତୋର ଜନ୍ମ । ଆଦି—ଆରମ୍ଭ । ଅନ୍ତ—ଶେଷ ।

୧୦ । ଆତ୍ମାରାମ—ଆତ୍ମାରେ ବିଳାସକାରୀ । କର୍ମାକର୍ମ—କାର୍ଯ୍ୟ ଅକାର୍ଯ୍ୟ ।

୧୧ । ଆଦି—ମୂଳ । ଅନାଦି—ଯାହାର ମୂଳ ନାହିଁ । ନିରାକାର—ଆକାର ଶୂନ୍ୟ । ଶ୍ରୁତି—ବେଦ ଉପନିଷଦ । ସ୍ମୃତି—ସ୍ମୃତି; ମନୁ, ଯାଜ୍ଞବଲ୍କ୍ୟ ପ୍ରଭୃତି ଧର୍ମଶାସ୍ତ୍ର ।

୧୨ । ବିରଞ୍ଚି—ବ୍ରହ୍ମା । ଚତୁର୍ଦ୍ଦଶ ଭୁବନ—ଚଉଦ ଭୁବନ; ଅତଳ, ବିତଳ, ସୁତଳ, ରସାତଳ, ତଳାତଳ, ମହାତଳ, ପାତାଳ, ଭୂଃ, ଭୁବଃ, ସ୍ୱଃ; ମହଃ, ଜନଃ, ତପଃ, ସତ୍ୟ ।

Digitized by PPRACHIN, SOA

ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ଆଦି ଦେବତା
ତୋର ସୃଜିଲାରୁ ଏହି ବକତା । ୧୩ ।
ତୋହୋ ନକଲା ଆଉ ନାହିଁ କେହି
ତୁ ମେ ସର୍ବ କରତା ଭାବଗ୍ରାହୀ । ୧୪ ।
ଏଣୁ ମନରେ କରଇ ବିଚାର
ତୋହ ବ୍ୟତ୍ରକେ ଗତି ନାହିଁ ମୋର । ୧୫ ।
ଯେବେ ସୁଦୟା କରିବ ମୋହରେ
ମନ ରଖାଇ ପଙ୍କଜ ପୟରେ । ୧୬ ।
ଆଉ ସମ୍ପଦେ ନାହିଁ ପ୍ରୟୋଜନ
ଭକ୍ତି ବିନେ ମୋ ଦରିଦ୍ର ଜୀବନ । ୧୭ ।
ସୁଜ୍ଞ ଜନଙ୍କ ମୁଖରୁ ଶୁଣିଲି
କୃଷ୍ଣ ଭଜିଲେ ତରନ୍ତି ଜାଣିଲି । ୧୮ ।
ଜ୍ଞାନ ସ୍ମରଣ ପଠନ ଶ୍ରବଣେ
ପୂର୍ବେ ତରିଅଛନ୍ତି ମୁନିଗଣେ । ୧୯ ।
ସେହୁ ପୁରାଣେ ହୋଇଛି ଲେଖନ
ମିଥ୍ୟା ନୁହଇ ପ୍ରମାଣ ବଚନ । ୨୦ ।
ନିଶି ଦିବସେ ଯେ ହରି ଭଜନ୍ତି
ଭବ କଳୁଷ ସନ୍ତାପ ତେଜନ୍ତି । ୨୧ ।

---

୧୩ । ସୃଜିଲାରୁ–ସର୍ଜନାରୁ । ବକତା–ବ୍ୟକ୍ତ ।

୧୪ । ସର୍ବ କରତା–ଯେ ସବୁ କିଛି କରିଅଛନ୍ତି । ଭାବଗ୍ରାହୀ–ଯେ ଭାବକୁ ଗ୍ରହଣ କରନ୍ତି ।

୧୫ । ବ୍ୟତ୍ରକେ–ବ୍ୟତିରେକେ, ବ୍ୟତୀତ ।

୧୬ । ମୋହରେ–ମୋତେ । ପଙ୍କଜ ପୟରେ–ପଦ୍ମପାଦରେ ।

୧୭ । ଦରିଦ୍ର ଜୀବନ–ଜୀବନ ଦରିଦ୍ର ହୋଇଅଛି ।

୧୮ । ସୁଜ୍ଞ–ଉତ୍ତମ ପଣ୍ଡିତ । ତରନ୍ତି–ମୁକ୍ତି ପ୍ରାପ୍ତ ହୁଅନ୍ତି ।

୧୯ । ଜ୍ଞାନ...ମୁନିଗଣେ–ପୂର୍ବକାଳରେ ମୁନିମାନେ ଜ୍ଞାନଯୋଗ ଓ ଭକ୍ତିଯୋଗ ବଳରେ ମୁକ୍ତି ପାଇଅଛନ୍ତି । ଜ୍ଞାନ–ଜ୍ଞାନଯୋଗ । ସ୍ମରଣ, ପଠନ, ଶ୍ରବଣ–ଭକ୍ତି ଯୋଗର ଅଙ୍ଗ । ଭକ୍ତି ଯୋଗର ନବଧା ଭକ୍ତି–ଶ୍ରବଣ, କୀର୍ତ୍ତନ, ସ୍ମରଣ, ଭଜନ, ପୂଜନ, ଅଭିବନ୍ଦନ, ଦାସ୍ୟ, ସଖ୍ୟ, ଆତ୍ମନିବେଦନ ।

୨୦ । ପ୍ରମାଣ ବଚନ–ସିଦ୍ଧବଚନ ।

୨୧ । ଭବ କଳୁଷ ସନ୍ତାପ–ସଂସାରର ପାପ ତାପ ।

Digitized by PPRACHIN, SOA

ଏଣୁ ବିଚାର କରଇ ମନରେ
କିପାଁ ମରୁଛି, ଏ ଭବ ବନରେ । ୨୨ ।
ଧନ ଜନ ଜୀବନ ଚିର ନୋହେ
ପାପ-ଅନଳ-ପିଣ୍ଡ-କାଷ୍ଠ ଦହେ । ୨୩ ।
ଲୋଭ ସକଳ ଦ୍ରବ୍ୟେ ପ୍ରବର୍ତ୍ତାଇ
କାମ କାମିନୀ ମଦରେ ମତାଇ । ୨୪ ।
ମୋହ ମୋହିତ କଲା ଦିବାନିଶି
ମର୍ମେ ଘୋଟି ରହିଲା ପାପରାଶି । ୨୫ ।
ଚଳି ନୁହଇ ଯାତନାରେ ପଡ଼ି
ଦିନୁ ଦିନୁ ଆୟୁଷ ଗଲା ଛିଡ଼ି । ୨୬ ।
ଏଣୁ ବିଚାର କଲି ମୋର ଚିତ୍ତେ
ବୁଦ୍ଧ ନଦିଶେ ତରିବି କେମନ୍ତେ । ୨୭ ।
କୃଷ୍ଣ ଚରିତ ଅମୃତ ବାରାଧି
କଳି କଳୁଷ ରୋଗକୁ ଔଷଧି । ୨୮ ।
ତହୁଁ କିଛି ପ୍ରସଙ୍ଗରେ କହିବି
ଦୁଷ୍ଟ ପାତକ ଭାରାକୁ ଦହିବି । ୨୯ ।
ଗୀତ କରି ରଚିବି ହରି ଲୀଳା
ଦୟା କରହେ ସ୍ୱାମୀ ନନ୍ଦବଳା । ୩୦ ।
ଯେଉଁ ରୂପେ କଂସ କେଶୀ ବଧିଲ
ଏଥିପରେ ନାନା ଦୁଷ୍ଟ ସାଧିଲ । ୩୧ ।

---

୨୨ । ଭବ ବନରେ—ସଂସାର ସାଗରରେ ବା ସଂସାର ରୂପକ ଅରଣ୍ୟରେ ।

୨୩ । ପାପ ଅନଳ—ପାପ ରୂପକ ଅଗ୍ନି । ପିଣ୍ଡ କାଷ୍ଠ—ଶରୀର ରୂପକ କାଠ ।

୨୪ । ପ୍ରବର୍ତ୍ତାଇ—ପ୍ରବୃତ୍ତ କରେ । କାମ—କାମନା । ମଦରେ—ଅହଙ୍କାରରେ । ମତାଇ—ମତାଏ ।

୨୫ । ମର୍ମେ—ଅନ୍ତରରେ ।

୨୬ । ଯାତନା—କଷ୍ଟ । ଛିଡ଼ି—କ୍ଷୟ, କଟିଗଲା ।

୨୭ । ତରିବି—ମୁକ୍ତି ପାଇବି ।

୨୮ । ବାରାଧି—ସାଗର । କଳି କଳୁଷ—କଳି ଯୁଗର ପାପତାପ ।

୨୯ । ପ୍ରସଙ୍ଗରେ—ଏହି ପ୍ରସଙ୍ଗରେ ।

୩୦ । ସ୍ୱାମୀ ନନ୍ଦବଳା—ପ୍ରଭୁ ନନ୍ଦନନ୍ଦନ ।

୩୧ । କେଶୀ—କଂସର ଅନୁଚର । ଭାଣ୍ଡୀର ବନରେ ଶ୍ରୀକୃଷ୍ଣ କେଶୀକୁ ହତ୍ୟା କରିଥିଲେ । ଏଥିପରେ—ଏହାପରେ । ସାଧିଲ—ନାଶ କଲ, ବଧ କଲ ।

Digitized by PPRACHIN, SOA

ତାହା କହିବାକୁ ମୋର ବିଚାର
ରାଗ ବନ୍ଧରେ କରିବି ପ୍ରଚାର । ୩୨ ।
ମୋର ହୃଦରେ ବସି ଦିଅ କହି
ଭକ୍ତଚରଣ ଏତକ ମାଗଇ । ୩୩ ।
ଏଥୁ ଅନନ୍ତରେ ଶୁଣ ସୁଜନ
ଶୁକ କହନ୍ତି ରାଜନ ଆଗେଣ । ୩୪ ।
ପରୀକ୍ଷିତ ଶୁଣି ହୋଏ ଉଷତ
କୃଷ୍ଣ ଚରିତ ନାମ ଭାଗବତ । ୩୫ ।
ଦଶମ ସ୍କନ୍ଧ ଚରିତ ବର୍ଣ୍ଣନ
ଯେଉଁ ମତେ କଂସ ଜନ୍ମ ମରଣ । ୩୬ ।
ମହାପ୍ରତାପୀ ଦୁର୍ମିଳା ନନ୍ଦନ
ଇନ୍ଦୁମତୀ ଗର୍ଭେ ହେଲା ଜନମ । ୩୭ ।
ବାହୁବଳେ ପୃଥିବୀ ଆକ୍ରୋଶିଲା
ନୃପବରମାନଙ୍କୁ ବିନାଶିଲା । ୩୮ ।
ଗୋରୁ ବ୍ରାହ୍ମଣଙ୍କୁ ଦେଲା କଷଣ
ଡରେ ଦେବତା ପଶିଲେ ଶରଣ । ୩୯ ।

---

୩୨ । ରାଗ ବନ୍ଧରେ—କାବ୍ୟ ଆକାରରେ ।

୩୪ । ରାଜନ—ପରୀକ୍ଷିତ ।

୩୫ । ଉଷତ—ଆନନ୍ଦିତ ।

୩୭ । ଦୁର୍ମିଳା—ଜଣେ ବିଦ୍ୟାଧର ଭୃତ୍ୟ ଭାବରେ ଇନ୍ଦ୍ରଙ୍କର ସେବା କରୁଥିଲା । ସେ କୌଣସି ଅପରାଧବଶତଃ ଅଭିଶପ୍ତ ହୋଇ ମର୍ତ୍ତ୍ୟପୁରରେ ଦୁର୍ମିଳା ନାମରେ ଦାନବ ରୂପ ଧରି ଜନ୍ମ ହେଲା । ସେ ସୌଭ ଦେଶର ରାଜା ଭାବରେ ଗୋମତୀ ନଦୀ ତୀରରେ ବାସ କରୁଥିଲା । ଥରେ ମଥୁରାର ରାଜା ଉଗ୍ରସେନଙ୍କର ପାଟରାଣୀ ଇନ୍ଦୁମତୀ ପୁଷ୍ପବତୀ ହୋଇ ଯମୁନାକୁ ଶୁଦ୍ଧ ସ୍ନାନ କରିବାକୁ ଯାଇଥିଲେ । ଇନ୍ଦୁମତୀ ନଦୀରୁ ଫେରିବା ସମୟରେ ଦୁର୍ମିଳା ତାଙ୍କୁ ଦେଖି ତାଙ୍କ ରୂପରେ ମୁଗ୍ଧ ହେଲା ଓ ନିଜେ ଉଗ୍ରସେନଙ୍କର ରୂପ ଧାରଣ କରି ଇନ୍ଦୁମତୀଙ୍କ ସହିତ ସହବାସ କଲା । ଏହା ଫଳରେ ଇନ୍ଦୁମତୀଙ୍କ ଗର୍ଭରୁ କଂସ ଜନ୍ମ ହୋଇଥିଲା ।

୩୮ । ଆକ୍ରୋଶିଲା—କ୍ରୋଧ ପ୍ରକାଶ କଲା ।

୩୯ । କଷଣ—କଷ୍ଟ, ପୀଡ଼ା ।

Digitized by PPRACHIN, SOA

ଧର୍ମ ନାଶି ଅଧର୍ମ କର୍ମ କଲା
ଦିନୁ ଦିନୁ ଜୀବଙ୍କୁ ଦୁଃଖ ଦେଲା । ୪୦ ।
ଦେଖି ସହି ନପାରିଲେ ଅମର
ସର୍ବେ ମେଳି ହୋଇ କଲେ ବିଚାର । ୪୧ ।
କିସ କରିବା ବୋଲେ ସୁନାସୀର
ବେଳୁଁ ବେଳ ଦୁଃଖ ଦେଲା ଅସୁର । ୪୨ ।
କାହା ଆଗେ କହିବା ଗଲା ମହୀ
ଇନ୍ଦ୍ର ବଚନେ ପିତାମହ କହି । ୪୩ ।
କ୍ଷୀରସାଗରେ ଶୟନ ଅନନ୍ତ
ଯାଇ ଗୁହାରି କରିବା ଦେବନ୍ତ । ୪୪ ।
ଆମ୍ଭ ଅର୍ଥେ ହୋଇବେ ଅବତାର
ତେବେ ଦୁଷ୍ଟ ରାକ୍ଷସ ଯିବ ମାର । ୪୫ ।
ଏଥି୍ ବାହାରେ ଅନ୍ୟ ଗତି ନାହିଁ
ବେଦବର ଉଠିଲେ ଏତେ କହି । ୪୬ ।
ସର୍ବ ଦେବତା ସଙ୍ଗରେ ଘେନାଇଁ
କ୍ଷୀର ସାଗର ତଟେ ହେଲେ ଯାଇଁ । ୪୭ ।
ଅତି ଆରତେ ଡାକନ୍ତି ଅମର
ଦେବ ରକ୍ଷାକର ମହୀ ତୋହର । ୪୮ ।
ଯେବେ ନରଖି୍ ନାଶ ଗଲୁଟି
ଦୈତ୍ୟ ସ୍ୱର୍ଗ ଭୁବନ କଲା ଲୁଟି । ୪୯ ।

---

୪୧ । ଅମର—ଦେବତା ।

୪୨ । ସୁନାସୀର—ଇନ୍ଦ୍ର ।

୪୩ । ପିତାମହ—ବ୍ରହ୍ମା ।

୪୪ । ଅନନ୍ତ—ମହାବିଷ୍ଣୁ । ଦେବନ୍ତ—ଦେବତାମାନେ ।

୪୫ । ଯିବ ମାର—ମୃତ୍ୟୁଲାଭ କରିବ ।

୪୬ । ବେଦବର—ବ୍ରହ୍ମା ।

୪୭ । ଘେନାଇଁ—ଘେନି । ହେଲେ ଯାଇଁ—ପ୍ରବେଶ ହେଲେ, ପହଞ୍ଚିଲେ ।

୪୮ । ଆରତେ—ଅଧୀର ହୋଇ । ମହୀ—ଧରଣୀ ।

୪୯ । ଦୈତ୍ୟ—କଂସ ।

Digitized by PPRACHIN, SOA

ଗୋରୁ ବ୍ରାହ୍ମଣ ସୁଜନ ନାଶିଲା
ମହା ଅଧର୍ମେ ମହୀକି ଗ୍ରାସିଲା । ୫୦ ।
ସୁରଗଣ ବିକଳ କର୍ଣ୍ଣେ ଶୁଣି
ଦୟାସାଗର ପ୍ରଭୁ ଚକ୍ରପାଣି । ୫୧ ।
ଆଜ୍ଞା କଲେ ସକଳ ସୁରେ ଯାଅ
ଦୈତ୍ୟ ମାରିବି ଅଳ୍ପଦିନ ରହ । ୫୨ ।
ବସୁଦେବ ଘରେ ହେବି ଜନମ
ବଢ଼ି କଂସକୁ ନାଶିବି ବହନ । ୫୩ ।
ଶୁଣି ଆନନ୍ଦେ ବାହୁଡ଼ି ଦେବତା
ଯହୁଁ ଆଜ୍ଞା ଦେଲେ ସୃଷ୍ଟି କରତା । ୫୪ ।
କେତେଦିନ ଅନ୍ତରେ ଭଗବାନ
ପୃଥୀ ହିତେ ତେଜି ନାଗଶୟନ । ୫୫ ।
ଦେବକୀର ଉଦରେ କଲେ ବାସ
ଜନ୍ମ ଲଭିଲେ ରହି ଦଶମାସ । ୫୬ ।
ବସୁଦେବ ଗୋପେ ଛାଡ଼ି ଅଇଲା
ତହୁଁ ଯେତେ ଯେତେ ଲୀଳା ହୋଇଲା । ୫୭ ।
ଦିନୁ ଦିନୁ ବଢ଼ିଲେ ନନ୍ଦ ଘରେ
ଚନ୍ଦ୍ର ଯେସନେ ଚନ୍ଦ୍ରମା ପକ୍ଷରେ । ୫୮ ।
ସାତ ଦିନରେ ମାଇଲେ ପୂତନା
ଯାର ନାମ ଅଟଇ ବଜ୍ରସେହ୍ନା । ୫୯ ।

---

୫୧ । ସୁରଗଣ—ଦେବଗଣ । ଚକ୍ରପାଣି—ଚକ୍ରଧର ।

୫୫ । ନାଗଶୟନ—ଅନନ୍ତ ଶଯ୍ୟା ।

୫୬ । ଦେବକୀ—ବସୁଦେବଙ୍କର ପତ୍ନୀ, ଶ୍ରୀକୃଷ୍ଣଙ୍କର ମାତା ।

୫୮ । ନନ୍ଦ—ଗୋପର ରାଜା । ଚନ୍ଦ୍ରମା ପକ୍ଷ—ଶୁକ୍ଳପକ୍ଷ ।

୫୯ । ପୂତନା—ଅଘା ଓ ବକର ଭଉଣୀ । ସେ ନିଜ ସ୍ତନରେ ବିଷ ବୋଳି କୃଷ୍ଣଙ୍କୁ କ୍ଷୀରପାନ କରାଇ ମାରିବାକୁ ଯାଇଥିଲା । ଶ୍ରୀକୃଷ୍ଣ କ୍ଷୀର ସହିତ ତାର ପ୍ରାଣକୁ ଶୋଷି ତାକୁ ମାରି ଦେଇଥିଲେ । ବଜ୍ରସେହ୍ନା--ବଜ୍ର ଶରୀର ।

Digitized by PPRACHIN, SOA

ତୃଣା ଶକଟା ବକା ଅଘାସୁର
ମାରି ତାରିଲେ କୁବେର କୁମର । ୬୦ ।
କାଳୀ କାଳିନ୍ଦୀ ହ୍ରଦରେ ଦଳିଲେ
ବନ ଅନଳ କିଞ୍ଚିତେ ଗିଳିଲେ । ୬୧ ।
ବଛା ବାଳକ ହରିଲା ବିଧାତ
ନିଜ ଅଙ୍ଗରୁ ସର୍ବ କଲେ ଜାତ । ୬୨ ।
ନନ୍ଦ ରାଜାକୁ ହରିଲା ବରୁଣ
ତାକୁ ଆଣି ଦେଲେ ରମାରମଣ । ୬୩ ।
ଇନ୍ଦ୍ର ବିବାଦେ ଟୋଳି ଗୋବର୍ଦ୍ଧନ
ଗୋପ ରଖିଲେ ଜଗତ-ଜୀବନ । ୬୪ ।

---

୬୦ । ତୃଣା, ଶକଟା, ବକା, ଅଘାସୁର—ଏମାନେ କଂସର ଅନୁଚର । ଏମାନଙ୍କୁ ଶ୍ରୀକୃଷ୍ଣ ବଧ କରିଥିଲେ । କୁବେର କୁମର—କୁବେରଙ୍କର ଦୁଇପୁତ୍ର; ନଳକୁବର ଓ ମଣିଗ୍ରୀବ । ଏ ଦୁହେଁ ସୁରାପାନ କରି ଗନ୍ଧର୍ବ ସ୍ତ୍ରୀଙ୍କ ସହ ଜଳକ୍ରୀଡ଼ାରେ ମାତିଥିବା ଯୋଗୁଁ ନାରଦଙ୍କୁ ସମ୍ମାନ ପ୍ରଦର୍ଶନ କରିନଥିଲେ । ନାରଦଙ୍କର ଅଭିଶାପ ଫଳରେ ସେମାନେ ଏକଶତ ବର୍ଷ କୃଷ୍ଣ ସାନ୍ନିଧ ଲାଭ ପର୍ଯ୍ୟନ୍ତ ଯାମଳାର୍ଜ୍ଜୁନ ବୃକ୍ଷ ରୂପରେ ଗୋପରେ ରହିଥିଲେ । ଯଶୋଦା ଶ୍ରୀକୃଷ୍ଣଙ୍କୁ ଯାମଳାର୍ଜ୍ଜୁନ ବୃକ୍ଷରେ ବାନ୍ଧିଥିଲେ । ଏହି ସମୟରେ ଶ୍ରୀକୃଷ୍ଣ ଯାମଳାର୍ଜ୍ଜୁନ ବୃକ୍ଷକୁ ଉପାଡ଼ି ନଳକୁବର ଓ ମଣିଗ୍ରୀବକୁ ଉଦ୍ଧାର କରିଥିଲେ ।

୬୧ । କାଳୀ—କାଳୀୟ ସର୍ପ । ଦଳିଲେ—ଦଳନ କଲେ ।

ବନ ଅନଳ—ବନାଗ୍ନି; ଏରଣ୍ଡ ବନରେ ଅଗ୍ନି ଜଳି ଉଠି ବ୍ରଜବାସୀମାନଙ୍କୁ ଚାରିଆଡୁ ଘେରିଯାଇ ଜାଳିଦେବାକୁ ଆରମ୍ଭ କଲା । ବ୍ରଜବାସୀମାନେ ବିପଦରେ ପଡ଼ି ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କଲେ ଓ ଶ୍ରୀକୃଷ୍ଣ ଅଗ୍ନିକୁ ପାନ କରିଥିଲେ ।

୬୨ । ବଛା ବାଳକ...ଜାତ—ଅଘାସୁର କବଳରୁ ଶ୍ରୀକୃଷ୍ଣ ଗୋପାଳ ବାଳକମାନଙ୍କୁ ଉଦ୍ଧାର କରିବା ଦେଖି ବ୍ରହ୍ମା ବିସ୍ମିତ ହୋଇଥିଲେ । ସେ ଶ୍ରୀକୃଷ୍ଣଙ୍କର ଲୀଳା ଦେଖିବା ଆଶାରେ ଦିନେ ଶ୍ରୀକୃଷ୍ଣ ଗୋପାଳବାଳକମାନଙ୍କ ସହିତ ବନରେ ଭୋଜନ କରୁଥିବା ସମୟରେ ମାୟା କରି ବତ୍ସା ଏବଂ ବତ୍ସାପାଳକମାନଙ୍କୁ ନେଇ ଅନ୍ୟତ୍ର ଲୁଚାଇଥିଲେ । ଶ୍ରୀକୃଷ୍ଣ ଏହା ଜାଣିପାରି ନିଜ ଶରୀରରୁ ବତ୍ସା ଏବଂ ବତ୍ସାପାଳକମାନଙ୍କୁ ଜାତ କରାଇ ବ୍ରହ୍ମାଙ୍କର ମାୟାକୁ ଖଣ୍ଡନ କରିଥିଲେ ।

୬୩ । ନନ୍ଦ ରାଜାକୁ...ରମାରମଣ—ନନ୍ଦ ଦ୍ୱାଦଶୀ ଦିନ ଆସୁରୀ ବେଳା ନମାନି ରାତ୍ରି ସମୟରେ କାଳିନ୍ଦୀ ଜଳରେ ସ୍ନାନ କରୁଥିଲେ । ଏଥିଯୋଗୁଁ ବରୁଣଙ୍କର ଜଣେ ଭୃତ୍ୟ ତାହାଙ୍କୁ ଧରି ବରୁଣଙ୍କ ନିକଟକୁ ନେଲା । ଶ୍ରୀକୃଷ୍ଣ ବରୁଣାଳୟକୁ ଯାଇ ନନ୍ଦଙ୍କୁ ମୁକ୍ତ କରି ଆଣିଥିଲେ ।

୬୪ । ଇନ୍ଦ୍ର...ଜଗତଜୀବନ—ଗୋପପୁରରେ ଇନ୍ଦ୍ରଯଜ୍ଞ କରିବା ନିମନ୍ତେ ଶ୍ରୀକୃଷ୍ଣ ବାରଣ କରିଥିଲେ । ଏଥିଯୋଗୁଁ ଇନ୍ଦ୍ର କ୍ରୋଧାନ୍ୱିତ ହୋଇ ଗୋପପୁରକୁ ଧ୍ୱଂସ କରିବାପାଇଁ ଘୋର ବୃଷ୍ଟି କଲେ । ଶ୍ରୀକୃଷ୍ଣ ଗୋବର୍ଦ୍ଧନ ପର୍ବତକୁ ଟେକିଧରି ଗୋପପୁରକୁ ରକ୍ଷା କରିଥିଲେ । ଏଥିରେ ଇନ୍ଦ୍ରଙ୍କର ଗର୍ବ ଖର୍ବ ହୋଇଥିଲା ।

Digitized by PPRACHIN, SOA

ବୃନ୍ଦାବନରେ କରନ୍ତି ବିଳାସ
ସଙ୍ଗେ ଘେନି ଅନେକ ବାଳଶିଷ । ୬୫ ।
ବସ୍ତ୍ର-ଚୋରି ଆଦି ଯେତେ ଚରିତ
କେହୁ କହିବ କରି ଆଦି ଅନ୍ତ । ୬୬ ।
ରାସେ ରସିଲେ ଗୋପୀଙ୍କ ସଙ୍ଗତେ
ଏହି ମତି ବେଭାର ଯେତେ ଯେତେ । ୬୭ ।
କେଶୀ ପିଣ୍ଡ ମଣ୍ଠିଲେ ବାହୁବଳେ
ପ୍ରାଣେ ମାଇଲେ ଯେତେ ଦୈତ୍ୟ ଗଲେ । ୬୮ ।
ତାହା ଶୁଣି ଡରିଲା କଂସାସୁର
ଭୟେ କମ୍ପଇ ହୋଇ ଥରହର । ୬୯ ।
ମନ୍ତ୍ରୀ ଅକ୍ରୁରକୁ ଘେନି ଭାଳଇ
କ୍ରୋଧେ ନୟନୁ ଲୋତକ ଗଳଇ । ୭୦ ।
କହେ କାତର ତରେ ହୋଇ ଛନ୍ନ
ମନ୍ତ୍ରୀ ଶୁଣିବା ମୋହର ବଚନ । ୭୧ ।
ମୁନିବର ନାରଦ ଗଲେ କହି
ତେଣୁ କରି ଅସ୍ଥିର ମୋର ଦେହୀ । ୭୨ ।
ନନ୍ଦନନ୍ଦନ ମୋହର ବଇରୀ
ତାକୁ କେମନ୍ତେ ପକାଇବି ମାରି । ୭୩ ।
ଯେତେ ଗଲେ ସଂହାରିବା ନିମନ୍ତେ
ତାଙ୍କୁ ମାଇଲା ଗୋବିନ୍ଦ କିଞ୍ଚିତେ । ୭୪ ।

---

୬୫ । ବାଳ ଶିଷ—ବାଳ ଶିଷ୍ୟ, ଗୋପାଳ ବାଳକ ।

୬୬ । ବସ୍ତ୍ର ଚୋରି—ବସ୍ତ୍ର ହରଣ ପ୍ରସଙ୍ଗ । ଆଦି ଅନ୍ତ—ମୂଳରୁ ଶେଷ ଯାଏ ।

୬୭ । ରାସେ—ରାସ ଲୀଳାରେ । ରସିଲେ—ବିହାର କଲେ । ବେଭାର—କାର୍ଯ୍ୟ ।

୬୮ । କେଶୀ—କଂସର ଅଶ୍ୱରୂପୀ ଅନୁଚର, ଶ୍ରୀକୃଷ୍ଣ ଏହାକୁ ଭାଣ୍ଡୀର ବନରେ ବଧ କରିଥିଲେ ।

୭୧ । କାତରତରେ—ଅତିମାତ୍ରାରେ କାତର ହୋଇ । ଛନ୍ନ—ଉଚ୍ଛନ୍ନ । ଶୁଣିମା—ଶୁଣ ।

୭୨ । ଦେହୀ—ଦେହ, ଶରୀର ।

୭୩ । ନନ୍ଦନନ୍ଦନ—ନନ୍ଦଙ୍କ ପୁତ୍ର ଶ୍ରୀକୃଷ୍ଣ । ବଇରୀ—ଶତ୍ରୁ ।

୭୪ । କିଞ୍ଚିତେ—ଅଳ୍ପରେ, ଅନାୟାସରେ ।

Digitized by PPRACHIN, SOA

କେତେ ଉପାୟ କଲି ତାଙ୍କ ପାଇଁ
ତହିଁ କିଛି ନୋହିଲେ ବେନିଭାଇ । ୭୫ ।
ବିଷ ସ୍ତନେ ଭରିଗଲା ପୂତନା
ତାକୁ ଜାଣି ମାଇଲା ନନ୍ଦ କହ୍ନା । ୭୬ ।
ପୁଣି ତୃଣ ଶକଟା ବେନି ଗଲେ ।
ସେହି ନାଶିଲେ, ବାହୁଡ଼ି ନଇଲେ । ୭୭ ।
ବକା ଅଘା ବ୍ୟୋମା ବଛାସୁରକୁ
କେଶୀ କଦମ୍ୟା ଧେନୁକା ବୀରକୁ । ୭୮ ।
ମାରି ନିଶ୍ଚିନ୍ତେ ଛନ୍ତି ବେନି ଭାଇ
କିସ କରିବି ଶୁଣ ମନ୍ତ୍ରୀ ସାଇଁ । ୭୯ ।
ମୋର ବିଶ୍ୱାସ ତୁ, ଏଣୁ କହୁଛି
ଆଣି ଦେବୁ ନନ୍ଦର ବେନି ବଛି । ୮୦ ।
କାଲି ପ୍ରଭାତେ କରିବୁ ଗମନ
ରାମ କୃଷ୍ଣ ଆଦି ନନ୍ଦ ରାଜନ । ୮୧ ।

---

୭୬ । ନନ୍ଦ କହ୍ନା—ନନ୍ଦପୁତ୍ର କହ୍ନାଇ, ଶ୍ରୀକୃଷ୍ଣ ।

୭୭ । ସେହି—ଶ୍ରୀକୃଷ୍ଣ ।

୭୮ । ବ୍ୟୋମା—ଥରେ ଗୋପାଳବାଳକମାନେ ପଶୁପାଳକ ଓ ମେଷ ରୂପ ଧରି ଚୋରି ଖେଳ ଖେଳୁଥିଲେ । ଏହି ସମୟରେ ବ୍ୟୋମାସୁର ପଶୁପାଳକ ରୂପ ଧରି ଗୋପାଳବାଳକମାନଙ୍କୁ ଚୋରି କରି ଗିରିଗହ୍ବରରେ ବନ୍ଦ କରି ରଖିଲା । ଶ୍ରୀକୃଷ୍ଣ ଏ କଥା ଜାଣିପାରି ବ୍ୟୋମାସୁରକୁ ବଧ କଲେ ଓ ଗୋପାଳବାଳକମାନଙ୍କୁ ଉଦ୍ଧାର କଲେ ।

ବଛାସୁର—ବୃନ୍ଦାବନ ନିକଟରେ ଶ୍ରୀକୃଷ୍ଣ ବସ୍ତ ଚାରଣ କରୁଥିବା ସମୟରେ ଗୋଟିଏ ଅସୁର ବସ୍ତାରୂପ ଧାରଣ କରି ବସ୍ତାମାନଙ୍କ ସଙ୍ଗରେ ଚରୁଥିଲା । ଶ୍ରୀକୃଷ୍ଣ ତାହା ଜାଣିପାରି ତାହାର ଦୁଇଗୋଡ଼ ଧରି ବୁଲାଇ ବୁଲାଇ କଇଁଥ ଗଛରେ ତାକୁ ପିଟି ମାରିପକାଇଥିଲେ ।

କଦମ୍ୟା—ମନସିଜ ନାମରେ ସ୍ୱର୍ଗରେ ଜଣେ ଗନ୍ଧର୍ବ ଥିଲା । ସେ ମେନକାକୁ ଉପଭୋଗ କରିବାକୁ ଇଚ୍ଛାକରିବାରୁ ଇନ୍ଦ୍ରଙ୍କଦ୍ୱାରା ଅଭିଶପ୍ତ ହେଲା । ତାର ଅଭିଶପ୍ତ ଜୀବନରେ ସେ ଦାନବରୂପ ଧାରଣ କରି ଗୋମତୀ ତୀରରେ ବାସ କରୁଥିଲା । ତାହାକୁ ବଳରାମ ବଧ କରିଥିଲେ ।

ଧେନୁକା—କଂସର ଗର୍ଦ୍ଦଭରୂପୀ ଅନୁଚର ଅସୁର । ତାହାକୁ ବଳରାମ ତାଳ ବନରେ ବଧ କରିଥିଲେ ।

୮୦ । ବେନି ବଛି—ଦୁଇ ପୁଅ ।

Digitized by PPRACHIN, SOA

ବରଷକର ବର୍ତ୍ତନ ବସାଣ
ଏହା ଘେନାଇଁ ଆପଣା ସଙ୍ଗେଣ । ୮୨ ।
ମୋହ ଛାମୁରେ କରାଇବ ଭେଟ
ବଳେ ଧରି ମାରିବି ନନ୍ଦଚାଟ । ୮୩ ।
ତେବେ ସୁଖେ ଭୁଞ୍ଜିବି ନାନା ଭୋଗ
ଯେତେକାଳ ପର୍ଯ୍ୟନ୍ତେ ଥିବ ଯୋଗ । ୮୪ ।
ବ୍ୟାଧି ଅଳପ ହୋଇ ସଞ୍ଚରଇ
ହେଲା ମାତ୍ରକେ ପରାଣେ ମାରଇ । ୮୫ ।
ଶୂନ୍ୟ ମଣ୍ଡଳେ ମେଘ ପ୍ରକାଶଇ
ଛିଦ୍ର ହୋଇ ବହୁତ ବରଷଇ । ୮୬ ।
ଭସ୍ମ କୁଡ଼ରେ ଅଗ୍ନିକଣା ଥାଇ
ମନ୍ଦ ପବନେ ବଳିଷ୍ଠ ହୁଅଇ । ୮୭ ।
କାଳେ ସଂସାର କରଇ ଦହିଜ
ସେହି ପ୍ରକାରେ ନନ୍ଦର ତନୁଜ । ୮୮ ।
ତାଙ୍କୁ ବେଳହୁଁ ଉପାଏ ମାରିବା
ନ ମାଇଲେ କାଳେ ଆପେ ମରିବା । ୮୯ ।
ତେଣୁ କରି କହିଲି ମନ୍ତ୍ରୀବର
ମୋହ ଅର୍ଥେ ଉପାଏ ତୁମେ କର । ୯୦ ।
ଏତେ ବୋଲି ବେନିକର ଧଇଲା
ଶୋକେ ଆଲିଙ୍ଗନ କରି କହିଲା । ୯୧ ।
କରେ ବହୁତ ପ୍ରକାରେ ବିନତି
କହୁ କହୁ ପ୍ରବେଶ ହେଲା ରାତି । ୯୨ ।

---

୮୨ । ବର୍ଷକର—ଏକ ବର୍ଷର । ବର୍ତ୍ତନ ବସାଣ—ଧାର୍ଯ୍ୟ ହୋଇଥିବା ରାଜ୍ୟବୃତ୍ତି ।

୮୩ । ଛାମୁରେ—ସମ୍ମୁଖରେ ।

୮୬ । ଶୂନ୍ୟ ମଣ୍ଡଳେ—ଆକାଶରେ ।

୮୭ । ଭସ୍ମକୁଡ଼—ପାଉଁଶ ଗଦା ।

୮୮ । ଦହିଜ—ଦଗ୍ଧ ।

୮୯ । ଉପାଏ—ଉପାୟ କରି । କାଳେ—ବେଳ ପଡ଼ିଲେ ।

Digitized by PPRACHIN, SOA

ନିଜ କରେ ଲେଖନ ପତ୍ର ଧରି
ଆଜ୍ଞା ପତ୍ରିକା ଲେଖି ଦଣ୍ଡଧାରୀ । ୯୩ ।
ମୁଦି ଅକ୍ରୂର କରେ ସମର୍ପିଲା
ଯାଅ ବୋଲି ହରଷେ ଆଜ୍ଞା ଦେଲା । ୯୪ ।
ମନ୍ତ୍ରୀ ଗଲାରେ ଲମ୍ଭାଇ ବାହାର
ଚିତ୍ତ ଆନନ୍ଦେ ହୋଇଲା ମନ୍ଦିର । ୯୫ ।
କଂସ ରାଜାହିଁ ନିଶ୍ଚିନ୍ତେ ରହିଲା
କାଳଚକ୍ରେ ପଡ଼ି ମୋହ ହୋଇଲା । ୯୬ ।
ସ୍ନାନ ମାର୍ଜନ ଭୋଜନ ଶୟନ
କିଛି ନ ରୁଚଇ ବିଷ ସମାନ । ୯୭ ।
ଯେଉଁ ଦିଗକୁ ଦିଅଇ ଅନାଇଁ
ସେହୁ ଦିଗେ ଦିଶେ ନନ୍ଦ-କହ୍ନାଇ । ୯୮ ।
ଶୋଇ ସପନେ ଚମକି ପଡ଼ଇ
କହି ବଚନ କ୍ଷଣକେ ହୁଡ଼ଇ । ୯୯ ।
ଝାଇଁ ମାରଇ ନିଶ୍ୱାସ ପ୍ରଖର
ସପନରେ ଦେଖଇ ନିଜଶିର । ୧୦୦ ।
ଶଙ୍ଖ ଶବଦ ନିଶ୍ୱାସ ପବନ
କରେ ଦକ୍ଷିଣ ଦିଗକୁ ଗମନ । ୧୦୧ ।
କଣ୍ଠେ ମନ୍ଦାରମାଳ ବିଭୂଷଣ
କରି ମଇଁଷିଯାନ ଆରୋହଣ । ୧୦୨ ।
ଚର୍ମ ଦେଶରେ ପଡ଼ିଛି କବରୀ
ଫିଟି ପବନେ ଉଡ଼େ କେରି କେରି । ୧୦୩ ।

---

୯୩ । ଦଣ୍ଡଧାରୀ—ରାଜା, କଂସ ।

୯୪ । ମୁଦି—ବନ୍ଦ କରି ବା ସନ୍ତକ ଦେଇ ।

୯୯ । ହୁଡ଼ଇ—ଭୁଲିଯାଏ, ଭୁଲ୍ କରେ ।

୧୦୦ । ଝାଇଁ—ତତଲା ।

୧୦୧ । ଶଙ୍ଖ ଶବଦ...ପବନ—ନିଶ୍ୱାସ ଶଙ୍ଖ ଶବ୍ଦ ପରି ଶୁଣାଯାଉଅଛି ।

୧୦୩ । ଚର୍ମ—ଚରମ, ପୃଷ୍ଠ ଦେଶ । କବରୀ—ଜୁଡ଼ା ।

Digitized by PPRACHIN, SOA

ଚାରିଦିଗେ ଶୃଗାଳ ଶ୍ୱାନ ପେଚ
ଗୃଧ୍ର ଅହି ମଞ୍ଜାରି ଧ୍ୱନି ଉଚ୍ଚ । ୧୦୪ ।
ପ୍ରାଣ ନରହଇ ଯେଉଁ ସ୍ୱପନେ
କଂସ ଦେଖିଲା ତା ବେନି ନୟନେ । ୧୦୫ ।
ଚେତି ଉଠି ମନରେ ବିଚାରଇ
ସ୍ୱପ୍ନ ସତ୍ୟ ନୋହେ ବେଦ ଭାଷଇ । ୧୦୬ ।
ମନେ ଏମନ୍ତ ବିଚାରି ଶୋଇଲା
ନିଶି ପାହିଣ ପ୍ରଭାତ ହୋଇଲା । ୧୦୭ ।
ଜାଣି ଅକ୍ରୂର ଉଠିଲା ଆସନୁ
ପୂର୍ବ ଦିଗେ ଦେଖିଲା ଉଦେ ଭାନୁ । ୧୦୮ ।
ନିତ୍ୟ କର୍ମ ସାରି ହେଲା ବାହାର
ଭକ୍ତ ଦାସ ସାଜେ ରଥ ତାହାର । ୧୦୯ ।

## ଦ୍ୱିତୀୟ ଛାନ୍ଦ
### (ରାଗ—କାଳୀ)

କୃଷ୍ଣ ଦର୍ଶନ ଆଶେ ଉଚ୍ଛନ୍ନ ହୋଇ ସଫଳାସୁତ
ସାଜିଲା ରଥ ଯୋଚିଲା ଅଶ୍ୱ ହେଜିଲା ଯିବା ପଥ । ୧ ।
ବାଗ ଦଉଡ଼ି ଧରିଣ ଚଢ଼ି ଯା ବୋଲି ଦେଲା ଚାଳି
ଚକ୍ଷୁ ମଟକେ ଅତି ଛଟକେ ମଥୁରା ସୀମା ବଳି । ୨ ।
କରେ ଗମନ ଅତି ଶୋଭନ ଦିଶଇ ରହୁବର
ଯହିଁରେ ବିଜେ ଦେବଙ୍କ ରାଜେ କରିବେ ମଧୁପୁର । ୩ ।
କଂସ ଡଗର କରେ ବିଚାର ଧନ୍ୟ ହୋଇଲା ଆଜ
ଧନ୍ୟ ମୋ ତାତ ଧନ୍ୟ ମୋ ମାତ ଦେଖିବି ଦେବରାଜ । ୪ ।

---

୧୦୪ । ପେଚ—ପେଚା । ଗୃଧ୍ର—ଶାଗୁଣା । ଅହି—ସର୍ପ । ମଞ୍ଜାରି—ବିରାଡ଼ି ।
୧୦୮ । ଭାନୁ—ସୂର୍ଯ୍ୟ ।
୧ । ସଫଳାସୁତ—ଅକ୍ରୂର । ହେଜିଲା—ଭାବିଲା ।
୨ । ବାଗ ଦଉଡ଼ି—ଲଗାମ । ଚକ୍ଷୁ ମଟକେ—ଆଖିପିଛୁଳାକେ । ଅତି ଛଟକେ—ଅତିଶୀଘ୍ର ।
୩ । ରହୁବର—ରଥ ଶ୍ରେଷ୍ଠ । ଦେବଙ୍କ ରାଜେ—ଶ୍ରୀକୃଷ୍ଣ ।
୪ । କଂସ ଡଗର—କଂସ ଦୂତ । ତାତ—ପିତା ।

Digitized by PPRACHIN, SOA

ଧନ୍ୟରେ ନେତ୍ର ହେବ ପବିତ୍ର ଚାହିଁ ଜଳଦ ତନୁ
ଗୋପାଳ ମେଳେ ନନ୍ଦର କୋଳେ ବସି ଯେ ଥିବେ କାହ୍ନୁ । ୫ ।
ଦୂରୁ ଅନାଇ ଡାକିବେ ଦୁଇ ଭାଇ ଅକ୍ରୂର ଆସ
ସେ ବାଣୀ ଶୁଣି ଶ୍ରବଣ ବେନି ତେଜିବେ ସର୍ବ ଦୋଷ । ୬ ।
ଶରୀର ଗନ୍ଧ ପାଇ ଆନନ୍ଦ ହୋଇବ ନାସାଦ୍ୱାର
କରନ୍ତେ କୋଳ ଅଙ୍ଗ ନିର୍ମଳ ହୋଇବ ଆଜ ମୋର । ୭ ।
ବିଶ୍ୱାସମାନ ପଚାରି ରାମ-କୃଷ୍ଣ କରିବେ ପୂଜା
ସଦୟ ଚିତ୍ତେ ପେଷିଲା ମୋତେ ଧନ୍ୟ ସେ କଂସ ରାଜା । ୮ ।
ପାଇବି ଗତି ଦେଖି ଶ୍ରୀପତି ଛେଦିବି ଭବବନ୍ଧ
ସ୍ନେହରେ କରି ବ୍ରଜବିହାରୀ କର ଦେବେ ମୋ କନ୍ଧ । ୯ ।
ଏମନ୍ତ ଭାରି ଆସନ୍ତେ ଚଳି ଦେଖିଲା ବାଲିକୁଦ
ଧ୍ୱଜ ଅଙ୍କୁଶ ଚକ୍ରାଦି ଚିହ୍ନ ସହିତେ ପଦ୍ମପାଦ । ୧୦ ।
ଆନନ୍ଦ ହୋଇ ରଥରୁ ଡେଇଁ ଶିରେ ନିଉଡ଼େ ବାଲି
ହାକୃଷ୍ଣ ବୋଲି ନପାରେ ଚାଲି, ନୟନୁ ଅଶ୍ରୁ ଗଳି । ୧୧ ।
କହି ହୁଡ଼ଇ, ଉଠିପଡ଼ଇ, ଗଡ଼ଇ ପାଦ ପରେ
ଶୂନ୍ୟକୁ କୋଳ କରି ଆକୁଳ, କମ୍ପଇ ପ୍ରେମଭରେ । ୧୨ ।
ଚକ୍ଷୁ ବୁଜଇ ମନେ ହେଜଇ, ଗୋବିନ୍ଦ ଲୀଳାମାନ
ଉଚ୍ଚେ ଗର୍ଜଇ ବାତୁଳ ହୋଇ କ୍ଷଣକେ ଅଚେତନ । ୧୩ ।

---

୫ । ଜଳଦ ତନୁ—ମେଘବର୍ଣ୍ଣ ଶରୀର ।

୬ । ଶ୍ରବଣ...ଦୋଷ—ଦୁଇକର୍ଣ୍ଣ ସର୍ବ ଦୋଷ ତ୍ୟାଗ କରିବେ ଅର୍ଥାତ୍ ପବିତ୍ର କରିବେ ।

୮ । ବିଶ୍ୱାସମାନ—ବିଶ୍ୱାସ କଥାସବୁ ।

୯ । ପାଇବି ଗତି—ମୁକ୍ତି ପାଇବି । ଶ୍ରୀପତି—ଶ୍ରୀକୃଷ୍ଣ । ଭବବନ୍ଧ—ସଂସାରର ମାୟା ବନ୍ଧନ ।

୧୦ । ଧ୍ୱଜ—ପତାକା । ଅଙ୍କୁଶ—ଆଙ୍କୁଡ଼ି ।

୧୧ । ଶିରେ—ମୁଣ୍ଡରେ । ନିଉଡ଼େ—ବୋଳେ ।

୧୨ । କହି ହୁଡ଼ଇ—ସ୍ପଷ୍ଟ କରି କହିପାରେ ନାହିଁ, ସ୍ୱରଭଙ୍ଗ । ଉଠି ପଡ଼ଇ—ଉଠୁଛି ଓ ପଡୁଛି, ଉନ୍ମାଦ । ଶୂନ୍ୟକୁ...ପ୍ରେମଭରେ—ବେପଥୁ ।

୧୩ । ଚକ୍ଷୁ ବୁଜଇ...ଲୀଳାମାନ—ଧ୍ୟାନ ଓ ତନ୍ମୟତା । ଉଚ୍ଚେ ଗର୍ଜଇ—ପ୍ରଳାପ । ବାତୁଳ ହୋଇ ଉନ୍ମାଦ । ଅଚେତନ—ମୂର୍ଚ୍ଛା ।

Digitized by PPRACHIN, SOA

ଅନ୍ତ ଚାହିଁ ନୟନ ଦୁଇ ପୁଣି ବୁଜଇ ଭାବେ
ଗୋପୀମୋହନ ହେ ଶ୍ୟାମଘନ ବୋଲି ଆରତେ ଭାବେ । ୧୪ ।
ମୁଁ ହୀନ ମୂଢ଼ ପାପିଷ୍ଠ ରାଢ଼ ନାହିଁ ମୋହର ଭାଗ୍ୟ
ସତେ କି ଥରେ ନେତ୍ର ପଥରେ ଦେଖିବି ଗୋପମାର୍ଗ । ୧୫ ।
ନମିବି ପାଦେ ଅତି ଆନନ୍ଦେ ତୋଳି ଧରିବେ ହରି
ରାମ ସହିତେ ଦ୍ରହାସେ ମୋତେ ପ୍ରେମାଲିଙ୍ଗନ କରି । ୧୬ ।
କହି ଏସନ ବସିଲା ଯାନ ବାହଇ ଧୀରେ ଧୀରେ
ତୁରିତେ ଯାଇ ପ୍ରବେଶ ହେଲା ଗୋପର ସୀମାନ୍ତରେ । ୧୭ ।
ଦେଖିଲା ଗୋଷ୍ଠେ ଗୋପାଳ ମେଣ୍ଢେ ଗାବ ଦୁହନ୍ତି ହରି
ନୀଳ-ଜିମୂତ-ବରନ-ପୀତ-ବସନ ବିଦ୍ୟୁପରି । ୧୮ ।
ଶିରେ ତ୍ରିମୁଣ୍ଡୀ କି ଅବା ମଣ୍ଡି ଥୋଇଛି ଇନ୍ଦ୍ରଧନୁ
ଭ୍ରମର ଶ୍ରେଣୀ ଚୁମ୍ବନ୍ତି ଜାଣି ସୁଗନ୍ଧ ଗନ୍ଧ ଯେଣୁ । ୧୯ ।
ଅଳକାପନ୍ତି ଝଳି ଦିଶନ୍ତି ଭ୍ରୂଲତା ପୁଷ୍ପଚାପ
ନୟନ ବାଣ ଅଞ୍ଜନ ଗୁଣ କର୍ଣ୍ଣ ପର୍ଯ୍ୟନ୍ତେ ଧାପ । ୨୦ ।
ତିଳକୁସୁମ ନାସା ସୁକ୍ଷମ୍ ଅଧର ପାରିଜାତ
କର୍ଣ୍ଣ କୁଣ୍ଡଳ ରବି ମଣ୍ଡଳ ନିନ୍ଦଇ ଶତପତ୍ର । ୨୧ ।
ଡାଳିମ୍ବବୀଜ ରଦନ ତେଜ ରୁଚି ନିନ୍ଦଇ ଇନ୍ଦୁ
ଦ୍ରହାସକାଳେ ଚାହିଁଲେ ତୋଳେ ଭୁଲିବେ କୁଳବଧୂ । ୨୨ ।

---

୧୪ । ଅନ୍ତ ଚାହିଁ...ଭାବେ— ତନ୍ମୟ ଭାବ ।
୧୫ । ରାଢ଼—କୃପଣ । ଗୋପ ମାର୍ଗ—ବ୍ରଜ ଦାଣ୍ଡ ।
୧୬ । ଦ୍ରହାସେ—ମନ୍ଦହାସରେ, ଅନ୍ତ ଅନ୍ତ ହସି ।
୧୭ । ଯାନ—ରଥ । ସୀମାନ୍ତରେ—ଶେଷଭାଗରେ ।
୧୮ । ମେଣ୍ଢେ—ମେଳରେ । ଜୀମୁତ—ମେଘ । ବରନ—ବର୍ଣ୍ଣ । ବିଦ୍ୟୁ—ବିଜୁଳି ।
୧୯ । ତ୍ରିମୁଣ୍ଡି—ଫୁଲ ଖୋସା ହୋଇଥିବା ଜୁଡ଼ା ।
୨୦ । ଅଳକାପନ୍ତି—ଚୂର୍ଣ୍ଣକୁନ୍ତଳ ସମୂହ । ଝଳି—ଶୋଭା । ପୁଷ୍ପଚାପ—ପୁଷ୍ପଧନୁ । ଧାପ—ଦଉଡ଼ ।
୨୧ । ତିଳ କୁସୁମ—ରାଶି ଫୁଲ । ଅଧର—ଓଷ୍ଠ । ପାରିଜାତ—ସ୍ୱର୍ଗ ମନ୍ଦାର । ଶତପତ୍ର—ପଦ୍ମ । କର୍ଣ୍ଣକୁଣ୍ଡଳ...ଶତପତ୍ର—ସୂର୍ଯ୍ୟମଣ୍ଡଳରୂପକ କର୍ଣ୍ଣକୁଣ୍ଡଳ ପଦ୍ମକୁ ନିନ୍ଦାକରେ ।
୨୨ । ଡାଳିମ୍ବ ବୀଜ—ଡାଳିମ୍ବମଞ୍ଜି । ରଦନ ତେଜ—ଦନ୍ତର କାନ୍ତି । ରୁଚି—କାନ୍ତି ।

Digitized by PPRACHIN, SOA

କଣ୍ଠରେ ଦାମ ଗଞ୍ଜାଇ କାମ ନାନା ରତନମାନ
ବାହେ ଭୂଷଣ ମଣିକଙ୍କଣ ଦୋହନ କାଳେ ସ୍ୱନ । ୨୩ ।
ପରିଧାପନ ପୀତବସନ ଘନେ ଅଗ୍ନିର ପରା ।
ପାଦେ ନୂପୁର ନାଦ ମଧୁର ଶୁଣି କେଶବ ଧୀରା । ୨୪ ।
ପୁଣି ଚାହିଁଲା ରୋହିଣୀ ବଳା ଶିରେ ସପତଫେଣୀ
ମଣି ମୁକୁଟ ଲଲାଟପଟ ଅଳକା ଭୃଙ୍ଗ ଶ୍ରେଣୀ । ୨୫ ।
ଗୋକ୍ଷୀର ବର୍ଣ୍ଣ; ନୟନ ଘୂମ ଅଳସ ପ୍ରାୟେ ଚାହେଁ
କର୍ଣ୍ଣେ କୁଣ୍ଡଳ କି ମାରତଣ୍ଡ ଚନ୍ଦ୍ରମା ପାଶେ ରହେ । ୨୬ ।
ଅଧର ରଙ୍ଗ ଦିଶଇ, ସଙ୍ଗ ହେଲା କି କଞ୍ଜଜବା
ନାସାରେ ହେମ ବସଣୀ ସମ ଲକ୍ଷ୍ୟ କାହାକୁ ଦେବା । ୨୭ ।
ବାମେ ବାହୁଟୀ ଦିବ୍ୟ ଭୂଷଣ, କଟୀରେ ନୀଳପଟ
ଚରଣେ ନାନା କମ ମଞ୍ଜୀର ଶବଦ ପରକଟ । ୨୮ ।
ଦୁହନ୍ତି ଗାଈ ସୋଦର ଦୁଇ ସଙ୍ଗେ ବହୁତ ବାଳ
ବାଛୁରୀମାନେ ଅଙ୍ଗ ଲିହନ୍ତେ ଲାଗି ରହିଛି ଲାଳ । ୨୯ ।
ଦୁହନ୍ତି ଚାଣ୍ଡେ, ଭରନ୍ତି ଭାଣ୍ଡେ, ହୁଅନ୍ତି ଡକାଡକି
ଗୋପନନ୍ଦନେ ବାଦବଚନେ ଏକ ଆରେକ ବକି । ୩୦ ।
ସମବୟସ ସମଗମନି ସମ ଚାହିଁବା ଠାଣି
ଚିହ୍ନି ନ ପାରି କେ ରାମହରି ଭ୍ରମଇ ମନ୍ତ୍ରୀମଣି । ୩୧ ।

---

୨୩ । ଦାମ—ମାଳା । ଗଞ୍ଜାଇ—ଗଞ୍ଜଣା କରେ, ନିନ୍ଦାକରେ । କାମ—କନ୍ଦର୍ପ । ଦୋହନକାଳେ—ଗାଈ ଦୁହିଁବା ସମୟରେ ।

୨୪ । ପରିଧାପନ—ପରିଧାନ । ଅଗ୍ନିର—ବିଜୁଳି ।

୨୫ । ରୋହିଣୀବାଳା—ରୋହିଣୀ ପୁତ୍ର ବଳରାମ । ଅଳକା—ଚୂର୍ଣ୍ଣକୁନ୍ତଳ । ଭୃଙ୍ଗଶ୍ରେଣୀ—ଭଅଁରଦଳ ।

୨୬ । ଗୋକ୍ଷୀର ବର୍ଣ୍ଣ—ଗୌରବର୍ଣ୍ଣ । ନୟନ ଘୂମ—ମଦପାନ ଯୋଗୁଁ ଆଖିର ଘୂମନ୍ତ ଅବସ୍ଥା । ମାରତଣ୍ଡ—ମାର୍ତ୍ତଣ୍ଡ, ସୂର୍ଯ୍ୟ ।

୨୭ । କଞ୍ଜ—ପଦ୍ମ । ଜବା—ମନ୍ଦାର ।

୨୮ । ନୀଳପଟ—ନେଳିଆ ଲୁଗା । ମଞ୍ଜୀର—ନୂପୁର ।

୨୯ । ସୋଦର—ଭାଇ । ଲିହନ୍ତେ—ଚାଟନ୍ତେ ।

୩୦ । ଚାଣ୍ଡେ—ଶୀଘ୍ର ।

୩୧ । ମନ୍ତ୍ରୀମଣି—ଅକ୍ରୂର ।

Digitized by PPRACHIN, SOA

ନନ୍ଦନନ୍ଦନ ଜାଣି ତା ମନ ସଦୟା ଚିତ୍ତେ ଭାଳି
ଏସେ ଅକ୍ରୂର କଂସ ଡଗର ମୋହର ପ୍ରାଣସରି । ୩୨ ।
ମୋର ଭଗତ ସଫଳାସୁତ ଦ୍ୱିତୀୟେ ତାତଭ୍ରାତ
ଏହାକୁ ମାୟା କଲେ ନପୁଂଣ ଡରଇ ହୋଇ ତ୍ରସ୍ତ । ୩୩ ।
ଏତେ ବିଚାରି ମାୟା ସଂହରି, ଅକ୍ରୂର ଦେଲା ଚାହିଁ
କାତରତରେ କମ୍ପେ ଅଥିରେ ପାଦେ ପଡ଼ିଲା ଶୋଇ । ୩୪ ।
ବାହୁ ପ୍ରସାରି ଟୋକିଲେ ହରି ଝାଡ଼ି ଅଙ୍ଗରୁ ଧୂଳି
ରାମ ସହିତେ ଆନନ୍ଦ ଚିତ୍ତେ ଅକ୍ରୂରେ କୋଳାକୋଳି । ୩୫ ।
ନୟନୁ ଧାର ବହିଣ ଉର ତିନ୍ତିଲା ଚାହୁଁ ଚାହୁଁ
ଜଳେ ଲବଣ ପ୍ରାୟେ ପ୍ରେମେଣ ମଜିଲା କହୁଁ କହୁଁ । ୩୬ ।
ଦାସ-ଜୀବନ ଜାଣି ତା ମନ ପୁଣି ଭିଡ଼ନ୍ତି ଭାବେ
କନ୍ଧରେ କର ପକାଇ ଧୀର ଗମନ୍ତି ତ୍ରିଯାଦବେ । ୩୭ ।
ମନ୍ଦିରେ ନେଇ ଆସନ ଦେଇ ଜଳେ ଧୋଇଲେ ପାଦ
ବିବିଧ ପୁର-ପିଷ୍ଟକ ସାର ଲବଣୀ ଆଦି ଖାଦ୍ୟ । ୩୮ ।
ସୁଖେ ଭୁଞ୍ଜାଇ ପାନ ଭଙ୍ଗାଇ କର୍ପୂର ସଙ୍ଗେ ଦେଇ
ବାସଚନ୍ଦନ ଅଙ୍ଗେ ଲେପନ କରନ୍ତି ବେନି ଭାଇ । ୩୯ ।
ଆସିବାବେଳେ ହୃଦମଣ୍ଡଳେ ବିଚାରିଥିଲା ଯାହା
ଦାସବତ୍ସଳ ଯଶୋଦାବାଳ ଜାଣି କରନ୍ତି ତାହା । ୪୦ ।
ରତ୍ନ ପଲଙ୍କେ ଝୀନବସନ ଶେଯାଇ ପୁଷ୍ପ ବିଞ୍ଚି
ଶିରକୁ ସୀମ-ସ୍ଥାନ ଯୋଗାଇ କର୍ପୂର ଧୂଳି ସିଞ୍ଚି । ୪୧ ।

---

୩୨ । ପ୍ରାଣସରି—ପ୍ରାଣସମ ।

୩୩ । ତାତଭ୍ରାତ—ଖୁଡୁତା ।

୩୪ । ମାୟା ସଂହରି—ମାୟାକୁ ଦୂର କରିବାରୁ । ଅଥିରେ—ଅସ୍ଥିରେ ।

୩୬ । ଉର—ଛାତି ।

୩୭ । ତ୍ରିଯାଦବେ—ବଳରାମ, ଶ୍ରୀକୃଷ୍ଣ ଓ ଅକ୍ରୂର ।

୩୮ । ପୁର-ପିଷ୍ଟକ—ପୁରପିଠା ।

୪୦ । ଦାସବତ୍ସଳ—ଦାସ ବା ଭକ୍ତର ପ୍ରିୟ ।

୪୧ । ଝୀନବସନ—ସରୁଲୁଗା । ସୀମସ୍ଥାନ—ତକିଆ ।

Digitized by PPRACHIN, SOA

ଅକ୍ରୂରବୀର ତହିଁ ଉପର ଶୋଇଲା ଶାନ୍ତ ହୋଇ
ରାମ ଗୋବିନ୍ଦ ବେନିସୋଦର ଚାପେ ଚରଣ ଦୁଇ । ୪୨ ।
ମଥୁରା କଥା ପଚାରି ବାରି ନୟନୁ ଝର ଝର
ମାତା ପିତାଙ୍କ କୁଶଳଟିକି କହ ହେ ମନ୍ତ୍ରୀବର । ୪୩ ।
କଂସ ଅସୁର ମାଇଲା ମୋର ଯେତେ ସୋଦର ଜାତ
ସେ କଥା ଜାଣି ଜନକ ଆଣି ମୋତେ ଥୋଇଲା ଏଥ । ୪୪ ।
ଦୁସ୍ତର ଦୁଃଖ ଦିଅଇ, ସୁଖ ତିଳ—ପ୍ରମାଣେ ନାହିଁ
ଯାଦବକୁଳ ବାଳଅନଳ ହୋଇା ଭୋଜସାଇଁ । ୪୫ ।
ଦୃମିଳାଚାଟ ଅଜ୍ଞାନ ନଷ୍ଟ ସେ ଥିବ ଯେତେଦିନ
କାହାର ଧନ ଜୀବନ ଚିର ନୋହି ହୋଇବ ହୀନ । ୪୬ ।
ଭୋ ତାତ ! ସତ କହ, କି କାର୍ଯ୍ୟେ ଅଇଲ ଗୋପଦେଶ
ଶୁଣି ଅକ୍ରୂର ବୋଲଇ, ତୁ କି ନ ଜାଣୁ ପୀତବାସ । ୪୭ ।
ପାରିଲେ ରଖ, ହେଲି ନିରେଖ କଂସର ଦର୍ପ ହରି
ଏହି ବିଷୟେ ଆସିଛି ମୁହିଁ,ପଚାରୁ ଭଙ୍ଗୀ କରି । ୪୮ ।
ପେଷିଛି ନୃପ ତୋଠାରେ କୋପ କରି ବହୁତ ବାଗେ
ଧରାଇ ନେଇ ମାରିବା ପାଇଁ ପତ୍ର ଲେଖିଛି ରାଗେ । ୪୯ ।
ଏ ବାଣୀ ଶୁଣି ଶାରଙ୍ଗପାଣି ବୋଲନ୍ତି ଦରହାସେ
ଲେଖିଛି କିସ ନୃପତି କଂସ ଦିଅ ପିତାଙ୍କ ପାଶେ । ୫୦ ।
କିସ ବୋଲନ୍ତି ବରଜ ପତି ତାହା ଶୁଣିମା ଦେଖି
ସେ ଯେବେ "ଯାଅ" ବୋଲିବେ ତେବେ ଯାଦବେ ହେବେ ସୁଖୀ । ୫୧ ।
ନଯିବେ ସୁତ ବୋଇଲେ ତାତ କେମନ୍ତେ ଯିବୁଁ ଆଉ
ଏବାଣୀ ଶୁଣି ସେ ମନ୍ତ୍ରୀମଣି ହୃଦେ ପଶିଲା ଦାଉ । ୫୨ ।

---

୪୪ । ଏଥ—ଏଠାରେ ।

୪୫ । ଭୋଜସାଇଁ—କଂସ ।

୪୬ । ଦୃମିଳାଚାଟ—ଦୁର୍ମିଳାନନ୍ଦନ କଂସ । ଅଜ୍ଞାନ—ଜ୍ଞାନଶୂନ୍ୟ । ନଷ୍ଟ—ପତିତ ।

୪୮ । ନିରେଖ—ଅସହାୟ । ଭଙ୍ଗୀ—କୌତୁକ, ଛଳ ।

୪୯ । ବାଗେ—କୌଶଳରେ ।

୫୦ । ଶାରଙ୍ଗପାଣି—ଶାରଙ୍ଗଧନୁଧାରୀ, ଶ୍ରୀକୃଷ୍ଣ ।

୫୧ । ବରଜପତି—ବ୍ରଜରାଜ, ନନ୍ଦ । ଯାଦବେ—ଯଦୁବଂଶୀୟମାନେ ।

୫୨ । ଦାଉ—ଦୁଃଖ ।

Digitized by PPRACHIN, SOA

କଂସର ଚାର କରେ ବିଚାର କିସ କରିବି ମୁହିଁ
କୃଷ୍ଣ ନନେଲେ ମୋତେ କି ଭଲେ ରଖିବ ଭୋଜସାଇଁ । ୫୩ ।
ବ୍ରହ୍ମାଣ୍ଡମାଳେ ଯା ରୋମମୂଳେ ନିବାସ କରିଛନ୍ତି
ପାଦ ପାତାଳ, ଶିର ଅମ୍ବର, ଯାକୁ ନଜାଣେ ଶ୍ରୁତି । ୫୪ ।
ରୂପ ଅରୂପ କ୍ଷଣ କ୍ଷଣକେ ହୁଅଇ ଇଚ୍ଛା ସୁଖେ
ଏହା ନଗଲେ କେ ନେଇ ପାରେ, ବୋଲି ଭାଳଇ ଦୁଃଖେ । ୫୫ ।
ଅକ୍ରୂର ମନ ଜାଣିଲେ ଶ୍ୟାମ, ବୋଲନ୍ତି ଶୁଣ ମନ୍ତ୍ରୀ
ମଥୁରା ଯିବି, କଂସ ମାରିବି, ମନେ ନକର ଭ୍ରାନ୍ତି । ୫୬ ।
ଚିଟାଉ ତାର ନନ୍ଦ ଆଗର ଦିଅ ସଫଳାସୁତ
ଶୁଣି ଅକ୍ରୂର ନନ୍ଦ ଆଗର କହଇ କୋପ ଚିତ୍ତ । ୫୭ ।
ନିଦ୍ରାରେ ମୋହ ହୋଇଣ ଥିଲା, ଉଠିଲା ଚେତା ପାଇ
କଂସର ପାତ୍ର ବୋଲିଣ ଗାତ୍ର କମ୍ପାଇ ଉଭାହୋଇ । ୫୮ ।
ବୋଲେ ଅକ୍ରୂର ହେ ଗୋପବୀର ରାଜାର ଆଜ୍ଞା ଘେନ
ଉତ୍ତର ହେଲେ ନ ବତ୍ତ ଭଲେ, ଲେଖିଛି ଯଉଁମାନ । ୫୯ ।
ଶୁଣି କାତର ହୋଇ ପତର ଶିରେ ଲଗାଇ ପଢ଼େ
କହେ ଭଗତ ଚରଣ ଦାସ ଅକ୍ରୂର କୋପ ଗାଢ଼େ । ୬୦ ।

---

୫୩ । ଭୋଜସାଇଁ—କଂସରାଜା ।

୫୪ । ବ୍ରହ୍ମାଣ୍ଡମାଳେ—ଅସଂଖ୍ୟ ବ୍ରହ୍ମାଣ୍ଡ । ଅମ୍ବର—ଆକାଶ । ଶ୍ରୁତି—ବେଦ ।

୫୬ । ଭ୍ରାନ୍ତି—ଭ୍ରମ ।

୫୭ । କହଇ କୋପଚିତ୍ତ—କ୍ରୋଧରେ କହୁଛି ।

୫୮ । କଂସର ପାତ୍ର—କଂସର ଲୋକ । ଗାତ୍ର—ଶରୀର ।

୫୯ । ଯଉଁମାନ—ଯେଉଁ ବିଷୟଗୁଡ଼ିକ ।

୬୦ । ଗାଢ଼େ—ଅତିଶୟ ।

Digitized by PPRACHIN, SOA

# ତୃତୀୟ ଛାନ୍ଦ

## (ରାଗ—ବଙ୍ଗଳାଶ୍ରୀ)

ଲେଖିଅଛି କଂସ ହୋଇ ମହାରୋଷ, ଆହେ ଗୋପପତି ନନ୍ଦ
ଆଜ୍ଞା ପ୍ରମାଣେ ତତକାଳେ ଆସିବୁ, ନୋହିଲେ ଛେଦିବି କନ୍ଧ । ୧ ।
ଜାଣୁ ତ ମୋର ବଳବୀର୍ଯ୍ୟ ଯେତେକ, ଅଇରିକୁଳକୁ କେତୁ
ପ୍ରତିଜ୍ଞାରେ ରଣ ତେଜି ରଣରାଜପୁତ୍ରେ ହେଁ ଲଭନ୍ତି ମୃତ୍ୟୁ । ୨ ।
କୋପ କଲେ ମହୀ ଦୋହଲି ଉଠଇ, ମେରୁ ହୋଏ ଥରହର
ରାଣ ଦେଲେ ଜନ୍ତୁପତି ଭୟକରେ; ଆଉମାନେ କେତେ ଛାର । ୩ ।
ବିଧାଘାତେ ଚିତ୍ର-କୂଟ କୁଧରକୁ କରି ପାରଇ ମୁଁ ଚୂନା
ଅଇରି ଉରସଲ ବାନା ବହଇ, ଶରଣକୁ ବଜ୍ରସେହ୍ନା । ୪ ।
ଦାନୀ ପଣକୁ ସୁନାସୀର ପରାଏ ଗଭୀର ପଣେ ଜଳଧି
ପଣ୍ଡିତ ପଣେ ଦେବଗୁରୁ ହାରଇ, ବେଦ ବେଦାନ୍ତରେ ବିଧି । ୫ ।
ଧାର୍ମିକ ପଣେ କେହି ସମ ନୁହନ୍ତି, ପରଜା ପାଳନେ ତାତ
ମୋର ଦେଶରେ ଭୟ କରି ପ୍ରଚଣ୍ଡ ହୋଇ ନ ବହଇ ବାତ । ୬ ।
ଅଗ୍ନିଦେବତା ଶିଖାମାନ ନିଉନ ଦେଖି ମୋର ତେଜବଳ
ସୁଜନ ରଖି ଦୁର୍ଜନକୁ ମାରଇ, ଏକଥା ମୋହର ମୂଳ । ୭ ।

---

୧ । ହୋଇ ମହାରୋଷ—ଅତିମାତ୍ରାରେ ରାଗାନ୍ୱିତ ହୋଇ । ଆଜ୍ଞା ପ୍ରମାଣେ—ଆଦେଶ ଅନୁସାରେ ।

୨ । ଅଇରିକୁଳକୁ କେତୁ—ଶତ୍ରୁମାନଙ୍କୁ ବିନାଶ କରିବାରେ ଧୂମକେତୁ । ରଣ...ମୃତ୍ୟୁ—ରଣକ୍ଷେତ୍ରେ ରାଜପୁତ୍ରମାନେ ରଣତ୍ୟାଗ କରି ମୃତ୍ୟୁଲାଭ କରନ୍ତି ।

୩ । ରାଣଦେଲେ—କୌଣସି ଦୃଢ଼ ଶପଥ ନେଲେ । ଜନ୍ତୁପତି—ଯମ ।

୪ । କୁଧର—ପର୍ବତ । ଅଇରି ଉରସଲ—ଶତ୍ରୁମାନଙ୍କର ବକ୍ଷକୁ କୁନ୍ତ । ବଜ୍ରସେହ୍ନା—ବଜ୍ରରେ ନିର୍ମିତ କବଚ ।

୫ । ସୁନାସୀର—ଇନ୍ଦ୍ର । ଜଳଧି—ସାଗର । ଦେବଗୁରୁ—ବୃହସ୍ପତି । ବିଧି—ବ୍ରହ୍ମା ।

୬ । ତାତ—ବ୍ରହ୍ମା । ବାତ—ବାୟୁ ।

୭ । ନିଉନ—ନ୍ୟୂନ, ଊଣା ହୋଇଯାଏ । ତେଜବଳ—ଦୀପ୍ତି, ଉଜ୍ଜ୍ୱଳତା । ମୂଳ—ମୂଳକଥା, ପ୍ରଥମ କଥା ।

Digitized by PPRACHIN, SOA

ଗଡ଼ଦେଖି ବଡ଼ କ୍ଷତ୍ରୀମାନେ ଆଡ଼ ହୁଅନ୍ତି ବହୁତ ଦୂରୁ
କଟକାଇ କଲେ ଅମରେ ପଳାଇ ଯାଆନ୍ତି ଅମରପୁରୁ । ୮ ।
ଯାଦବକୁଳ କୁମୁଦବନ ପ୍ରାଏ, ମୁଁ ତହିଁକି ନିଶାମଣି
ସୁନ୍ଦର ପଣେ କାମ ସରି ନୁହଇ, ସହିବା ପଣେ ଧରଣୀ । ୯ ।
ଯୁଦ୍ଧ ନ କରି ଯୋଦ୍ଧାମାନ ଜିଣିଲି, ବ୍ରହ୍ମାଣ୍ଡ ହୋଇଲା ମୋର
ଏହିଠାରେ ଥାଇ ଦର୍ଶନେ ନ ଆସୁ, ଏଡ଼େ ଗାରିମା ତୋହର । ୧୦ ।
ରଡ଼ି ଗୋଟାକେ ସର୍ବଜନ୍ତୁ ମରିବେ ତିନିପୁରେ ଥିବେ ଯେତେ
ଦୟାକରି ତାଙ୍କୁ ଶରଣ ରଖିଲି ଯେଣୁ ଆଶ୍ରେକଲେ ମୋତେ । ୧୧ ।
ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ସଙ୍ଗେ ଅଷ୍ଟଭୁଜ ସମସ୍ତେ ମୋହର ବଶ
ମହାଦୁଷ୍ଟମାନେ ଛାଡ଼ି ପଳାଇଲେ ଶୁଣି ମୋର ବୀରଘୋଷ । ୧୨ ।
ଛାର ଗଉଡ଼ ଅଟ ତୁ ଏଡ଼େ ମୂଢ଼ ନ ଦେଉ ମୋହର କର
ଦେବି ଯେବେ ଧାପ ରଖିବଟି ବାପ ଅନଳେ ଦହିବି ପୁର । ୧୩ ।
ଶଶୁର ଯାର ଜରାସନ୍ଧ ଦଇତ, ସଖା ଯାର ବୀରକେଶୀ
ଏକା ନିମେଷକେ ଚରାଚର ମହୀ ପକାଇ ପାରଇ ଧ୍ୱଂସି । ୧୪ ।
ଶୂର, ନାରକା, ବ୍ୟୋମା, ଅଘା, ପ୍ରଳମ୍ବା, କଦମ୍ବା, ଦ୍ୱିବିନ୍ଦ ବୀର
ଚାଣୁର, ମୁଷ୍ଟିକ, ଶଲ୍ୟ ଆଦିମାନେ ଅଛନ୍ତି ମୋ ହନ୍ତକାର । ୧୫ ।

---

୮ । କ୍ଷତ୍ରୀମାନେ—ବୀରମାନେ, କ୍ଷତ୍ରିୟମାନେ । ଆଡ଼ ହୁଅନ୍ତି—ଅଡ଼େଇ ଯାଆନ୍ତି, ଦୂରେଇ ଯାଆନ୍ତି । କଟକାଇ କଲେ—ଗଡ଼ ଆକ୍ରମଣ କଲେ ବା ଯୁଦ୍ଧର ଆୟୋଜନ କଲେ । ଅମରେ—ଦେବତାମାନେ । ଅମରପୁରୁ—ସ୍ୱର୍ଗରୁ ।

୯ । ଯାଦବକୁଳ—ଯଦୁବଂଶ । କୁମୁଦବନ—କଇଁଫୁଲ ସମୂହ । ନିଶାମଣି—ଚନ୍ଦ୍ର । କାମ—କନ୍ଦର୍ପ । ସରି ନୁହଇ—ସମାନ ନୁହେଁ ।

୧୦ । ବ୍ରହ୍ମାଣ୍ଡ ହୋଇଲା ମୋର—ସମଗ୍ର ବ୍ରହ୍ମାଣ୍ଡକୁ କରଗତ କଲି । ଗାରିମା—ଗର୍ବ ।

୧୧ । ରଡ଼ି ଗୋଟାକେ—ଏକମାତ୍ର ଗର୍ଜନରେ ।

୧୨ । ଅଷ୍ଟଭୁଜ—ବ୍ରହ୍ମା । ବୀର ଘୋଷ—ବୀରତ୍ୱପୂର୍ଣ୍ଣ ଘୋଷଣା, ବୀରତ୍ୱପୂର୍ଣ୍ଣ ହୁଙ୍କାର ।

୧୩ । ମୂଢ଼—ମୂର୍ଖ । କର—ରାଜକୀୟ ପାଉଣା, ଖଜଣା । ଧାପ—ରଣଯାତ୍ରା ।

୧୪ । ଜରାସନ୍ଧ—ଜରାସନ୍ଧ ରାକ୍ଷସ, ମଗଧର ରାଜା । ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ଭୀମ ତାକୁ ମାରିଥିଲେ । ସେ ଅତ୍ୟନ୍ତ ଶକ୍ତିଶାଳୀ ରାକ୍ଷସ ଥିଲା ।

୧୫ । ଶୂର...ବୀର—ଶୂର, ନାରକା, ବ୍ୟୋମା, ଅଘା, ପ୍ରଳମ୍ବା, କଦମ୍ବା, ଦ୍ୱିବିନ୍ଦ ପ୍ରଭୃତି ଅସୁରମାନେ କଂସର ଯୋଦ୍ଧା । ଏମାନେ ଅତ୍ୟନ୍ତ ଶକ୍ତିଶାଳୀ ବୀର ଭାବରେ ପୁରାଣରେ ବର୍ଣ୍ଣିତ । ''ଦ୍ୱିବିନ୍ଦ''କୁ ସ୍ୱର୍ଗତ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ''ଦ୍ୱିମିଳା'' ଭାବରେ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ଚାଣୁର...ହନ୍ତକାର—ଚାଣୁର, ମୁଷ୍ଟିକ, ଶଲ୍ୟ ପ୍ରଭୃତି ବିଖ୍ୟାତ ଶକ୍ତିଶାଳୀ ବୀରମାନେ କଂସର ଘାତକ ।

Digitized by PPRACHIN, SOA

କେବଳ ଶିରୀଷ-କୁସୁମକୁ ମହା-ପ୍ରଳୟ ବରଷା ଲୋଡ଼ି
ସେହି ପ୍ରାୟେ ମୁହିଁ, ସେହି ପ୍ରାୟେ ତୁହି, ଶିଶିରେ ଯେ ଯିବୁ ସଡ଼ି । ୧୬ ।
ଏବେ ମୋର ଧନୁ ଉଛବ ହୋଇଛି, ସମ୍ଭାର ଘେନାଇ ଆସ
ସମସ୍ତ ଦୋଷ ତୋର କ୍ଷମା ହୋଇଲା, ମନେ ନ କରିବୁ ତ୍ରାସ । ୧୭ ।
ସମ୍ଭାର ଦଧି ଶତେଭାର ଘେନାଇ ଗୋଟିକା ଅଧାମ ଆଦି
ସଙ୍ଗେ ଗୋପ ଦଶ ପଞ୍ଚାଶ ଆଣିବୁ; କରିବେ ସେ ଯାତ୍ରାବିଧି । ୧୮ ।
ରାମ୍‌କୃଷ୍ଣ ବେନିଭାଇଙ୍କି ଅକ୍ରୂର ସଙ୍ଗେ ସଙ୍ଗ କରିଦେବୁ
କେଡ଼େହେଲଣି ତୋର ବେନିନନ୍ଦନ ତାହାଙ୍କୁ ଆମ୍ଭେ ଦେଖିବୁ । ୧୯ ।
ସେହି ଦେଖିବେ ମହାଧନୁ ଉଛବ, ଶୁଭ କଥା ସିନା ତୋତେ
ବଡ଼ ଲୋକ ସଙ୍ଗେ ସଙ୍ଗ ହୋଇଯିବେ, ଭୟ ନରହିବି ଚିତ୍ତେ । ୨୦ ।
ବୃଦ୍ଧ ଶରୀର, କେତେ ଦିନ ବଞ୍ଚିବୁ, ମିଥ୍ୟା ମାଟି କଳେବର
ତୋହ ଥାଉଁ ଥାଉଁ କୁମର ବେନିଙ୍କି ଆମ୍ଭରେ ପରଚେ କର । ୨୧ ।
ଶାଢ଼ୀ ବନ୍ଧାଇ ରାଜନପଣ ଦେଇ ସୁଖେ ଗୃହେ ବସିଥାଅ
ଆମ୍ଭର ଯେତେ ହାନିଲାଭ ହୋଇବ କରିବେ ତୋହର ପୁଅ । ୨୨ ।
ନିଶିପାହିଲେ ଧନୁପୂଜା ହୋଇବ, ଅଳସ ନକରି ଆସ
ଏମନ୍ତ ବୋଲି ଚିଟାଉ ଲେଖିଅଛି, ପଢ଼ି ନନ୍ଦ ହେଲେ ତୋଷ । ୨୩ ।
ବିସ୍ମୟ ଚିତ୍ତରେ ହୃଦୟ ଭିତରେ କଲା ମହାଘୋର ଭୀତି
ଯହୁଁ ଶୁଣିଲା ମଥୁରା ଯିବେ ଦୂତ ସଙ୍ଗେ ରାମ ଶିରୀପତି । ୨୪ ।

---

୧୬ । ଶିରୀଷ କୁସୁମ—ଶିରୀଷ ଫୁଲ, ଏହା ଅତ୍ୟନ୍ତ କୋମଳ । ଏହା ଏପରି କୋମଳ ଯେ ଶିଶିରପାତର ଭାରା ସହି ନ ପାରି ନଷ୍ଟ ହୋଇଯାଏ । ମହାପ୍ରଳୟ ବରଷା—ମହାପ୍ରଳୟଙ୍କରୀ ବର୍ଷା, ସଂବର୍ତ୍ତ ମେଘ । ସେହି ପ୍ରାୟେ ମୁହିଁ—ସେହିପ୍ରକାର ମୁଁ, ଅର୍ଥାତ୍ ମୁଁ ହେଉଛି ପ୍ରଳୟଙ୍କରୀ ବର୍ଷା । ସେହିପ୍ରାୟେ ତୁହି—ତୁ ସେହିପରି, ଅର୍ଥାତ୍ ତୁ ହେଉଛୁ କୋମଳ ଶିରୀଷ ଫୁଲ ।

୧୭ । ସମ୍ଭାର—ଉପହାର ଦ୍ରବ୍ୟ । ତ୍ରାସ—ଭୟ ।

୧୮ । ଗୋଟିକା, ଅଧାମ—ମିଷ୍ଟାନ୍ନ ବିଶେଷ ।

୧୯ । ରାମକୃଷ୍ଣ—ବଳରାମ ଓ ଶ୍ରୀକୃଷ୍ଣ ।

୨୦ । ଶୁଭକଥା ସିନା ତୋତେ—ତୋ ପକ୍ଷରେ ଶୁଭ କଥା ।

୨୧ । ପରଚେ କର—ପରିଚିତ କରାଅ ।

୨୨ । ଶାଢ଼ୀ ବନ୍ଧାଇ—ଶିରୀପା ବନ୍ଧାଇ । ରାଜନପଣ ଦେଇ—ରାଜପଦରେ ଅଭିଷିକ୍ତ କରି ।

୨୩ । ନିଶି ପାହିଲେ—ରାତି ପାହିଲେ, କାଲି ସକାଳୁ ।

୨୪ । ଦୂତ ସଙ୍ଗେ—ଅକ୍ରୂର ସଙ୍ଗେ, କଂସଦୂତ ସଙ୍ଗେ । ରାମ—ବଳରାମ । ଶିରୀପତି—ଶ୍ରୀକୃଷ୍ଣ ।

Digitized by PPRACHIN, SOA

ପରିଜନ ରାଇ ବୋଲେ ଗୋପସାଇଁ ଗୋପରେ ଘୋଷଣା ଦିଅ
ନିଶି ପାହିଲେ ମଥୁରାପୁର ଯିବେ, ସମ୍ଭାର ସଜାଡ଼ି ଥାଅ । ୨୫ ।
ଏତେକ ଭାଷି ଅକ୍ରୂରକୁ ଚରଚା କରଇ ବରଜ ରାଜା
ବୋଲେ ବଇରାଗୀ ଭଗତ ଚରଣ ଗୋପରେ ବାଜଇ ବାଜା । ୨୬ ।

## ଚତୁର୍ଥ ଛାନ୍ଦ
### (ରାଗ–ବିଳାସ ମଞ୍ଜରୀ)

ଦାଣ୍ଡରେ ଶୁଭିଲା ରାମକୃଷ୍ଣ ବେନିଭାଇ ।
ଅକ୍ରୂର ଆସିଛି ତାଙ୍କୁ ଧରିନେବା ପାଇଁ ।
ରାଜା ପରଜା ସହିତେ ।
ସଜ ହୋଇଥାଅ, କାଲି ଚଳିବା ପ୍ରଭାତେ । ୧ ।
କରିଛି ସାୟକ ପୂଜା କଂସ ବୀରମଣି ।
ଆସିଛନ୍ତି ଅନେକ ଦେଶରୁ ନୃପମଣି ।
ତାହା ଦେଖିବାର ପାଇଁ ।
ଏଣୁ କରି କଂସ ଦୂତ ଅଛି ପଠିଆଇ । ୨ ।
ଶୁଣି ଗୋପପୁର ଜନେ ହୋଇଲେ ଆରତ ।
ବଜ୍ର ବାଜି ଥାବର ହୁଅଇ ଯେହ୍ନେ ପାତ ।
ସେହିମତି ହେଲେ ଗୋଈ ।
ଏକକୁ ଆରେକ ବୋଲେ, କି କରିବା ସହି । ୩ ।
ପାଞ୍ଚ ସାତ ମେଳି ହୋଇ କରନ୍ତି ବିଚାର ।
କୃଷ୍ଣବିନୁ ପରାଣ ଧରିବ କାହା ଛାର ।

---

୨୫ । ପରିଜନ – ଭୃତ୍ୟ । ରାଇ – ଡାକି । ଗୋପସାଇଁ – ଗୋପର ରାଜା, ନନ୍ଦ ।
୨୬ । ଚରଚା – ଚର୍ଚ୍ଚା । ବରଜରାଜା – ବ୍ରଜରାଜ, ନନ୍ଦ ।
୧ । ଦାଣ୍ଡରେ–ଗୋପ ଦାଣ୍ଡରେ । ରାଜା ପରଜା ସହିତେ–ନନ୍ଦରାଜାଙ୍କ ସହିତ ପ୍ରଜାମାନେ ।
୨ । ସାୟକ ପୂଜା–ଧନୁପୂଜା । ଅଛି ପଠିଆଇ–ପଠାଇ ଅଛି ।
୩ । ଆରତ–ଦୁଃଖୀ । ଥାବର–ସ୍ଥାବର, ପର୍ବତ ବୃକ୍ଷ ଆଦି । ପାତ–ପତନ, ଧ୍ୱଂସ । ଗୋଈ–ଗୋପୀ ।

Digitized by PPRACHIN, SOA

ନିଶ୍ଚେ ହୋଇବ ମରଣ ।
ଯେତେବେଳେ ଗୋପ ତେଜି ଯିବେ ନାରାୟଣ । ୪ ।
କେ ବୋଲଇ, ମରଣ ଆମ୍ଭଙ୍କୁ ପଛେ ହେଉ ।
ମଥୁରା ନ ଯାଇ କୃଷ୍ଣ ଗୋପପୁରେ ଥାଉ ।
କଥା ରହନ୍ତା ସଂସାରେ ।
ପ୍ରାଣ ଦେଇଛନ୍ତି ଗୋପୀ ଶ୍ରୀକୃଷ୍ଣ ଆଶାରେ । ୫ ।
କେଉଁ ଏଣୀଦୃଶା ଭାଷି କରଇ ରୋଦନ ।
କାଲିଠାରୁ ଫୁଟିଯିବ ଏ ବେନି ନୟନ ।
ଅନ୍ଧ ହୋଇ ବସିଥିବା ।
ଅକ୍ରୁର ହସ୍ତରେ ଯେଣୁ ବେନି ଚକ୍ଷୁ ଦେବା । ୬ ।
କେ ବୋଲଇ, କାଲିଠାରୁ କୁମୁଦ ମରିବେ ।
କୁମୁଦରମଣ ଯେଣୁ କୁମୁଦକୁ ଯିବେ ।
ଅନ୍ଧକାରକୁ ବାଢ଼ିବ ।
ସତେକି ଚନ୍ଦ୍ରମା ଚନ୍ଦ୍ରମଣିକି ଛାଡ଼ିବ । ୭ ।
କେଉଁ କରୀନ୍ଦ୍ରଗମନା ନୟନୁ ଲୋତକ ।
ଭୂମିକି ଅନାଇ କ୍ରୋଧେ କହଇ ଅନେକ ।
ଆମ୍ଭ ସଙ୍ଗେ ତୁହି ହେବୁ ।
ଭୂଷଣ ବିହୁନେ ଅଙ୍ଗ ଅଶୋଭା ଦିଶିବୁ । ୮ ।

---

୪ । କାହା ଛାର—କେଉଁ ଛାର ।

୬ । ଏଣୀଦୃଶା—ମୃଗନୟନା । ବେନିଚକ୍ଷୁ—ଦୁଇଆଖି, କୃଷ୍ଣ ବଳରାମ ।

୭ । ଚନ୍ଦ୍ର ଅର୍ଥରେ—କୁମୁଦ ମରିବେ—କଇଁଫୁଲଗୁଡ଼ିକ ମରିଯିବେ । କୁମୁଦ ରମଣ—ଚନ୍ଦ୍ର । କୁମୁଦକୁ ଯିବେ—ନୈଋତ କୋଣକୁ ଯିବେ । ଅନ୍ଧକାରକୁ ବାଢ଼ିବ—ଅନ୍ଧକାରକୁ ବଢ଼ାଇ ଦେବେ । ଚନ୍ଦ୍ରମା ଚନ୍ଦ୍ରମଣିକି ଛାଡ଼ିବ—ଚନ୍ଦ୍ର କେବେହେଲେ ଚନ୍ଦ୍ରମଣିକୁ ଛାଡ଼ିପାରେ ନାହିଁ ।
କୃଷ୍ଣଚନ୍ଦ୍ର ଅର୍ଥରେ—
କୁମୁଦ ମରିବେ—ଗୋପୀମାନେ ମରିଯିବେ । କୁମୁଦରମଣ—କୃଷ୍ଣଚନ୍ଦ୍ର । କୁମୁଦକୁ ଯିବେ—ଗୋପରୁ ମଥୁରାକୁ ଅର୍ଥାତ୍ ଦକ୍ଷିଣ-ପଶ୍ଚିମ କୋଣକୁ ଯିବେ । ଅନ୍ଧକାରକୁ ବାଢ଼ିବ—ଗୋପପୁରରେ ଦୁଃଖ ରୂପକ ଅନ୍ଧକାର ଘୋଟିଯିବ । ଚନ୍ଦ୍ରମା—କୃଷ୍ଣଚନ୍ଦ୍ର । ଚନ୍ଦ୍ରମଣି—ଗୋପୀ ।

୮ । କରୀନ୍ଦ୍ର ଗମନା—ଗଜରାଜ ଗମନା, ଗୋପୀ । ଭୂମିକି...ଦିଶିବୁ—କୌଣସି ଏକ ଗୋପୀ ଭୂମିକୁ ଅନାଇ କହୁଅଛି ଯେ ଶ୍ରୀକୃଷ୍ଣ ମଥୁରାକୁ ଚାଲିଯାଉଥିବାରୁ ଭୂମିର ଭୂଷଣ ଦୂର ହୋଇଯିବ । ଶ୍ରୀକୃଷ୍ଣଙ୍କ ଅଭାବରେ ଗୋପୀମାନେ ଯେପରି ଶ୍ରୀହୀନ ହୋଇପଡ଼ିବେ ଭୂମି ସେହିପରି ଶ୍ରୀହୀନ ହେବ ।

Digitized by PPRACHIN, SOA

କେ ବୋଲେ, ଯମୁନାଗଣ୍ଡେ ଜୀବନ ହରିବା ।
ଦାରୁଣ କଂସ ନୃପତି ନାମରେ ମରିବା ।
ସ୍ତିରୀ ହତା ଦୋଷ ପାଉ ।
ସୁଖ ଶିରୀ ଛାଡ଼ି ନିଜ ଜୀବନ ହରାଉ । ୯ ।
କେ ବୋଲଇ ଭୋଜପତି ଆମ୍ଭ ଆୟୁ ନେଉ ।
ଆମ୍ଭେ ମରୁଁ, ଆମ୍ଭ କୃଷ୍ଣ ଗୋପପୁରେ ଥାଉ ।
ଏହା କରୁଗୋ ଦଇବ ।
କେ ବୋଲେ, ଏମନ୍ତ ସଖି କେବେହେଁ ନୋହିବ । ୧୦ ।
କେଉଁ ପ୍ରେମଶୀଳା ଲୀଳା ବାହୁନି କାନ୍ଦଇ ।
କେହୁ କାହା ଗଳେ ବାହୁ ଆରତେ ଛନ୍ଦଇ ।
କେହୁ ଧରଣୀରେ ପଡ଼େ ।
କେହୁ ନିଜ ଭୁଜ ନେଇ ହୃଦୟରେ କୋଡ଼େ । ୧୧ ।
ନିଶ୍ୱାସ ପକାଇ କେହୁ ହୁଅଇ ସ୍ଥକିତ ।
ହା ଗୋବିନ୍ଦ ବୋଲି କେହୁ ହୋଏ ମୁରୁଛିତ ।
କେହୁ ବୋଲେ, ନନ୍ଦ ବାଇ ।
କେ ବୋଲେ, ଯଶୋଦା କିମ୍ପା ନ କହେ ଭଙ୍ଗାଇ । ୧୨ ।
ଏହା ଶୁଣି ସାରଣୀ କହଇ ପ୍ରତିବାଣୀ ।
ଏଥିର ବିଚାର ସଖି ଅଛଇ ମୁଁ ଜାଣି ।
ମଧୁପୁର ନାରୀମାନେ ।
ଜାଣନ୍ତି, ଭେଳିକି ମନ୍ତ୍ର, ଭୁଲାନ୍ତି କୁଜ୍ଞାନେ । ୧୩ ।

---

୯ । ଜୀବନ ହାରିବା—ଆତ୍ମହତ୍ୟା କରିବା । କଂସରାଜା ନାମରେ ଗୋପୀମାନେ ଆତ୍ମହତ୍ୟା କଲେ କଂସକୁ ସ୍ତ୍ରୀହତ୍ୟା ଦୋଷ ଲାଗିବ । ତାହା ଫଳରେ ସେ ସୁଖ ସମୃଦ୍ଧି ହରାଇ ମୃତ୍ୟୁଲାଭ କରିବ ।

୧୦ । ଭୋଜପତି—କଂସ । ଆୟୁ ନେଉ—ଜୀବନ ନେଉ, ମାରିଦେଉ ।

୧୧ । ପ୍ରେମଶୀଳା—ପ୍ରେମମୟୀ ଗୋପୀ । ଲୀଳା—ଶ୍ରୀକୃଷ୍ଣଙ୍କ ସହିତ ଲୀଳା । କୋଡ଼େ—କଚାଡ଼େ, ମାରେ ।

୧୨ । ସ୍ଥକିତ—ସ୍ଥିର । ମୁରୁଛିତ—ମୂର୍ଚ୍ଛିତ, ମୂର୍ଚ୍ଛାଯାଏ । ବାଇ—ପାଗଳ । ଭଙ୍ଗାଇ—ଭାଙ୍ଗୁଣିଆ କରି, ନିଷେଧ କରି ।

୧୩ । ସାରଣୀ—ଜଣେ ଗୋପୀ । ପ୍ରତିବାଣୀ—ପ୍ରତ୍ୟୁତ୍ତର । ମଧୁପୁର—ମଥୁରା । ଭେଳିକି ମନ୍ତ୍ର—ଭୁଲାଣିଆ ମନ୍ତ୍ର, କୁହୁକ । କୁଜ୍ଞାନେ—ମନ୍ଦ ବୁଦ୍ଧିରେ ।

Digitized by PPRACHIN, SOA

ଅକ୍ରୂର ହସ୍ତରେ ଅଉଷଧି ଦେଇଛନ୍ତି ।
ତେଣୁ ନନ୍ଦ ଯଶୋଦା ବଚନ ନ କହନ୍ତି ।
ସତ୍ୟ ଏ ମୋର ବଚନ ।
ଏହା ଶୁଣି ହେମମାଳା କରଇ ରୋଦନ । ୧୪ ।
ଏମନ୍ତ ହୋଇଲେ ସଖି ବୁଡ଼ିଲା ମୋ ଭେଳା ।
ଗଲେ କି ଆସିବେ ଆଉ ଯଶୋଦାଙ୍କ ବଳା ।
ଧାତା ଛାଡ଼ିଲା ନିୟତ ।
କେମନ୍ତେ ବଞ୍ଚିବେ ତାଙ୍କ ବୃଦ୍ଧ ତାତ ମାତ । ୧୫ ।
ଏତେ କହି ବ୍ରଜଗୋଈ ନନ୍ଦପୁରେ ମିଳି ।
ଦେଖିଲେ ଅକ୍ରୂର ନନ୍ଦ ରାମ ବନମାଳୀ ।
ବସି କରନ୍ତି ବିଚାର ।
ସଜାଡନ୍ତି ପରିଜନେ ଯିବାର ସମ୍ଭାର । ୧୬ ।
କୃଷ୍ଣଙ୍କୁ ଅନାଇ ଗୋପୀ ବୋଲନ୍ତି ବଚନ ।
ଅକ୍ରୂର କାହିଁକି ଗୋପେ କରିଛି ଗମନ ?
କିମ୍ପା ବାଜଇ ବାଜଣା ?
ଗୋରସରେ କାହିଁ ପାଇଁ ପୂରିଛି ଅଗଣା ? ୧୭ ।
ବରଜ ବୋଲନ୍ତି ଶୁଣ ବରଜଚତୁରୀ ।
ଅକ୍ରୂରକୁ ବରଗିଛି କଂସ ଦଣ୍ଡଧାରୀ ।
ରାମ ସଙ୍ଗେ ମୋତେ ନେବ ।
ଭଲ ମନ୍ଦ କି ହୋଇବ ଜାଣଇ ଦଇବ । ୧୮ ।
ପିତାମାତା ଆଦି କରି ନେବ ମଥୁରାକୁ ।
କାଲି ଯିବୁ ରଥେ ବସି ରାଜା ଭେଟିବାକୁ ।
ଧନୁ ଉତ୍ସବ ଦେଖିବୁ ।
ଦିନା ଦୁଇ ଚାରି ରହି ଲେଉଟି ଆସିବୁ । ୧୯ ।

---

୧୪ । ଅଉଷଧି—ଔଷଧ । ହେମମାଳା—ଜଣେ ଗୋପୀ ।

୧୫ । ଭେଳା—ଆଶ୍ରୟ । ଯଶୋଦାଙ୍କ ବଳା—ଯଶୋଦାଙ୍କ ପୁତ୍ର । ଧାତା ଛାଡ଼ିଲା—ଦଇବ ଛାଡ଼ିଲା । ନିୟତ—ନିଶ୍ଚିତ । ତାତମାତ—ବାପମାଆ ।

୧୬ । ବ୍ରଜଗୋଈ—ବ୍ରଜବାଳାମାନେ, ଗୋପୀମାନେ ।

୧୭ । ଗୋରସ—ଦୁଗ୍ଧ ।

୧୮ । ବରଜ—କୃଷ୍ଣଚନ୍ଦ୍ର । ବରଜଚତୁରୀ—ଗୋପୀ । ବରଗିଛି—ପଠାଇଅଛି । ଦଣ୍ଡଧାରୀ—ରାଜା ।

୧୯ । ପିତାମାତା ଆଦିକରି—ପିତାମାତା ପ୍ରଭୃତି ସମସ୍ତଙ୍କୁ । ଦିନା ଦୁଇ ଚାରି—ଦୁଇ ଚାରି ଦିନ ।

Digitized by PPRACHIN, SOA

ଶୁଣିଲେ ଗୋପରମଣୀ ରମଣ ବଚନ ।
ଚିନ୍ତା-ରତ୍ନାକରେ ବୁଡ଼ିଗଲା ମନମୀନ ।
କହେ ଭଗତ ଚରଣ ।
କୃଷ୍ଣଗୁଣ ଗୁଣି ଗୋପୀ କରନ୍ତି କାରୁଣ । ୨୦ ।

## ପଞ୍ଚମ ଛାନ୍ଦ
## (ମଧୁପ ଚଉତିଶା ବୃତ୍ତ)

କହୁଛନ୍ତି ଗୋପୀ ଗୋବିନ୍ଦଙ୍କୁ
ଚାହିଁ ଶ୍ରୀମୁଖ-ଅରବିନ୍ଦକୁ
ମଥୁରା ଗଲେ ଅକ୍ରୂର ସଙ୍ଗେ ରଙ୍ଗେ
ଗୋପୀମାନଙ୍କୁ ଦେବ କାହାକୁ ହେ ମୋହନ । ୧ ।
ତୁମ୍ଭ ପଛେ ପଛେ ଜୀବ ଯିବ
କାହିଁପାଇଁ ଏ ପିଣ୍ଡରେ ଥିବ
ଯାହା ବାହା ସାହା ପାଇ ବଞ୍ଚୁଥିଲୁ
ସେହୁ ଯେବେ କଂସପୁର ଯିବ ହେ ମୋହନ । ୨ ।
ବିଷ ଦେଇ ନାଶ କରି ଯାଅ
ନିଜଞ୍ଜାଳେ ମଧୁପୁରେ ଥାଅ
ତିଳେ ଅନ୍ତର ହୋଇଲେ ମରୁଥାଉଁ
ଏବେ ଦୁଇ ଚାରିଦିନ କହ ହେ ମୋହନ । ୩ ।
ଯେତେବେଳେ ଯାଅ ବୃନ୍ଦାବନେ
ସଙ୍ଗେ ଗୋପାଳ ବାଳକମାନେ
ବଛା ଚରାଇ ବାହୁଡ଼ି ଆସିବାକୁ
ପଥ ଚାହୁଁଥାଉଁ ଗୋପୀମାନେ ହେ ମୋହନ । ୪ ।

---

୨୦ । ଗୋପ ରମଣୀ—ଗୋପୀ । ରମଣ—କାନ୍ତ, ଶ୍ରୀକୃଷ୍ଣ । ଚିନ୍ତାରତ୍ନାକରେ—ଚିନ୍ତାରୂପକ ସାଗରରେ । ମନମୀନ—ମନରୂପକ ମୀନ । କାରୁଣ—କ୍ରନ୍ଦନ ।

୧ । ଶ୍ରୀମୁଖ ଅରବିନ୍ଦ—ଶ୍ରୀମୁଖ ପଦ୍ମ ।

୨ । ଜୀବ—ଜୀବନ, ଗୋପୀମାନଙ୍କର ଜୀବନ । କାହିଁପାଇଁ—କି କାରଣ ପାଇଁ । ବାହା—ବାହୁ । ସାହା—ଆଶ୍ରୟ ।

୩ । ନିଜଞ୍ଜାଳେ—ଜଞ୍ଜାଳଶୂନ୍ୟ ଭାବରେ, ନିଶ୍ଚିନ୍ତରେ । ମଧୁପୁର—ଗୋପପୁର ।

୪ । ବଛା—ବାଛୁରୀ ।

Digitized by PPRACHIN, SOA

ଗୋପେ ପଶ ଆସି ଯେତେବେଳେ
ପ୍ରାଣ ପଶଇ ହୃଦୟ ସ୍ଥଳେ
ଚନ୍ଦ୍ର ଦେଖି ଯେହ୍ନେ କୁମୁଦ ବିପିନ
ମହା ଆନନ୍ଦେ ଫୁଟଇ ଜଳେ ହେ ମୋହନ । ୫ ।
ରବି ଦେଖି ଯେହ୍ନେ ଅରବିନ୍ଦ
ଚକ୍ଷୁ ପାଇଲେ ଯେସନେ ଅନ୍ଧ
ଚିରକାଳ ଦୁଃଖୀ ରତନ ଲଭିଲେ
ଯେହ୍ନେ ହୁଅଇ ସେହ୍ନ ଆନନ୍ଦ ହେ ମୋହନ । ୬ ।
ନବଲାବଣ୍ୟ ବାରିଦ ତନୁ
ଦେଖି ଦୁଃଖ ଦୂର କରୁ ମନୁ
ଜୀବନଜ ତୋଳା ଦେଖିଲେ କି ତୋଳା
କେବେ ପାସୋରିବ ମନୁ ହେ ମୋହନ । ୭ ।
କର୍ଣ୍ଣ ଡେରି ଶୁଣୁଥାଉଁ ବଂଶୀ
କାମକାଣ୍ଡେ ହୋଉଥାଉଁ ଧ୍ୱଂସି
ଏବେ ସେମାନ ଆଜୁଁ ଶୂନ୍ୟ ହୋଇବ
କି କରିବୁ ବୃନ୍ଦାବନବାସୀ ହେ ମୋହନ । ୮ ।
ଇନ୍ଦ୍ର ବିବାଦୁଁ କେହୁ ରଖିବ
ଗୋବର୍ଦ୍ଧନ କେ କରେ ଟେକିବ
ଷଣ୍ଢା ଶକଟା ତୃଣା ବକା ନିବାରି
ବନ ଅନଳ କେହୁ ଭକ୍ଷିବ ହେ ମୋହନ । ୯ ।

---

୫ । କୁମୁଦ ବିପିନ—କୁମୁଦ ବନ ।

୬ । ରବି—ସୂର୍ଯ୍ୟ । ଅରବିନ୍ଦ—ପଦ୍ମ ।

୭ । ବାରିଦ—ଘନ, ମେଘ । ଜୀବନ—ପଦ୍ମ । ତୋଳା—ନେତ୍ର ।

୮ । କାମକାଣ୍ଡେ—କନ୍ଦର୍ପର ଶରରେ । ଆଜୁଁ—ଆଜିଠାରୁ ।

୯ । ଇନ୍ଦ୍ର...ଟେକିବ—ଗୋପବାସୀମାନେ ଇନ୍ଦ୍ରୋତ୍ସବ ପାଳନ କରୁଥିଲେ । ମାତ୍ର ଶ୍ରୀକୃଷ୍ଣ ସେମାନଙ୍କୁ ଇନ୍ଦ୍ରପୂଜା ନ କରିବାକୁ ପରାମର୍ଶ ଦେବାରୁ ଇନ୍ଦ୍ର ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ସାତଦିନ ପର୍ଯ୍ୟନ୍ତ ମୂଷଳଧାରାରେ ବୃଷ୍ଟି କଲେ । ଗୋପପୁରକୁ ଧ୍ୱଂସମୁଖରୁ ରଖିବାପାଇଁ ଶ୍ରୀକୃଷ୍ଣ ଗୋମତ ବା ଗୋବର୍ଦ୍ଧନ ପର୍ବତକୁ ଟାଣି ଆଙ୍ଗୁଠିରେ ଧାରଣ କରିଥିଲେ । ଏହା ଫଳରେ ଇନ୍ଦ୍ରଙ୍କର ଗର୍ବ ଖର୍ବ ହେଲା ଓ ସେ ଶ୍ରୀକୃଷ୍ଣଙ୍କର ସ୍ତୁତିଗାନ କଲେ । ଗୋପପୁର ଧ୍ୱଂସମୁଖରୁ ରକ୍ଷା ପାଇଲା । ଷଣ୍ଢା—ଷଣ୍ଢାସୁର । ଶ୍ରୀକୃଷ୍ଣଙ୍କୁ ବିନାଶ କରିବାପାଇଁ ସେ କଂସ କର୍ତ୍ତୃକ ପ୍ରେରିତ ହୋଇ ଶ୍ରୀକୃଷ୍ଣଙ୍କ ଦ୍ୱାରା ନିହତ ହୋଇଥିଲା ।

Digitized by PPRACHIN, SOA

ନନ୍ଦ ରାଣୀ ବାନ୍ଧିବ କାହାକୁ
ଜଳୁଁ ଆଣି କେ ଦେବ ନନ୍ଦକୁ
କାଳୀ ଫଣାରେ କେହୁ ନୃତ୍ୟ କରିବ
କେହୁ ତାରିବ ମଣିଚୂଡ଼କୁ ହେ ମୋହନ । ୧୦ ।

ଶକଟା—ଶକଟାସୁର । ଶ୍ରୀକୃଷ୍ଣଙ୍କୁ ବିନାଶ କରିବା ପାଇଁ ସେ ଆସିଥିଲା । ଶ୍ରୀକୃଷ୍ଣଙ୍କର ଜନ୍ମୋତ୍ସବରେ ଯଶୋଦା କର୍ମରତ ଥିବାରୁ ନାନା ପ୍ରଦାର୍ଥରେ ପୂର୍ଣ୍ଣ ଗୋଟିଏ ଶଗଡ଼ ତଳେ ତାଙ୍କୁ ଶୁଆଇ ଦେଇଥିଲେ । ଶ୍ରୀକୃଷ୍ଣଙ୍କର ନିଦ ଭାଙ୍ଗିଯିବାରୁ ସେ ଦୁଇଗୋଡ଼ ଟେକି କାନ୍ଦି ଉଠିଲେ । ତାଙ୍କର ଗୋଡ଼ ଶଗଡ଼ରେ ବାଜିବାରୁ ଅସୁରାବିଷ୍ଟ ଶକଟ ଭୟଙ୍କର ଗର୍ଜନ କରି ଭାଙ୍ଗିଗଲା । ଏହିପରି ଭାବରେ ଶକଟାସୁର ନିହତ ହେଲା ।

ତୃଣା—ତୃଣାବର୍ତ୍ତକ । ସେ ମଧ୍ୟ ଶ୍ରୀକୃଷ୍ଣଙ୍କୁ ବିନାଶ କରିବାପାଇଁ ଆସିଥିଲା । ପାଣ୍ଡ୍ୟ ଦେଶର ରାଜା ସହସ୍ରାକ୍ଷ ଗନ୍ଧମାର୍ଦନ ପର୍ବତସ୍ଥ ଅରଣ୍ୟରେ ପତ୍ନୀମାନଙ୍କ ସହିତ କ୍ରୀଡ଼ା କରୁଥିଲେ । ଦୁର୍ବାସା ଋଷି ଶିଷ୍ୟମାନଙ୍କ ଗହଣରେ ସେହି ପଥଦେଇ କୈଳାଶକୁ ଯାଉଥିଲେ । କାମମୋହିତ ରାଜା ଋଷିଙ୍କୁ ଯଥାବିଧି ସମ୍ମାନ ପ୍ରଦର୍ଶନ ନକରିବାରୁ ଋଷି କ୍ରୋଧାନ୍ୱିତ ହୋଇ ଲକ୍ଷେ ବର୍ଷ ଅସୁର ହୋଇ ଭାରତରେ ରହିବାକୁ ଅଭିଶାପ ଦେଲେ । ରାଜା ଶାପ ଖଣ୍ଡନାର୍ଥେ ଋଷିଙ୍କ ନିକଟରେ ପ୍ରାର୍ଥନା କରନ୍ତେ ଶ୍ରୀକୃଷ୍ଣଙ୍କ ପଦସ୍ପର୍ଶରେ ଗୋଲୋକ ପ୍ରାପ୍ତ ହେବେ ବୋଲି ଋଷି କହିଥିଲେ ।

ବକା—ବକାସୁର । ମଧୁବନରେ ବକାସୁର ଶ୍ରୀକୃଷ୍ଣଙ୍କୁ ଗିଳିଦେଲା । ଶ୍ରୀକୃଷ୍ଣ ବ୍ରହ୍ମାଗ୍ନିରେ ତାର ଉଦରକୁ ଜାଳିଦେବାରୁ ସେ ତତ୍କ୍ଷଣାତ୍ ତାଙ୍କୁ ବାନ୍ତି କରିଦେଲା । ସେ ପୁଣି ଶ୍ରୀକୃଷ୍ଣଙ୍କୁ ମାରିଦେବାକୁ ଆସିବାରୁ ଶ୍ରୀକୃଷ୍ଣ ତାର ପାଟିକୁ ଦୁଇଫାଳ କରି ଚିରିଦେଇଥିଲେ ।

ବନ ଅନଳ...ଭକ୍ଷିବ—ଇଷିକା ବନରେ ବନାଗ୍ନିଦ୍ୱାରା ଧେନୁସହ ଗୋପବାଳକମାନେ ସଙ୍କଟାପନ୍ନ ହୋଇ ଶ୍ରୀକୃଷ୍ଣଙ୍କୁ ଡାକିଥିଲେ । ଶ୍ରୀକୃଷ୍ଣ ସେମାନଙ୍କୁ ଚକ୍ଷୁ ମୁଦ୍ରିତ କରିବାକୁ କହି ଅଗ୍ନିପାନ କରିଥିଲେ । (ଭାଗବତ ୧୦ମ ସ୍କନ୍ଧ, ୧୯ ଅଧ୍ୟାୟ) । ଏରଣ୍ଡବନରେ ଅଗ୍ନି ଉଠି ବ୍ରଜବାସୀମାନଙ୍କୁ ଚାରିଆଡୁ ଘେରିଯିବାରୁ ସେମାନେ ବିକଳ ହୋଇ କୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ । ଶ୍ରୀକୃଷ୍ଣ ଅଗ୍ନିକୁ ପାନକରି ସେମାନଙ୍କୁ ଉଦ୍ଧାର କରିଥିଲେ ।

୧୦ । ଜଳୁଁ...ନନ୍ଦକୁ—ଦ୍ୱାଦଶୀ ଦିନ ଆସୁରୀବେଳାରେ ନନ୍ଦ ରାତ୍ରସମୟରେ କାଳିନ୍ଦୀଜଳରେ ସ୍ନାନ କରୁଥିଲେ । ବରୁଣଙ୍କର ଜଣେ ଅନୁଚର ଏଥିପାଇଁ ତାଙ୍କୁ ଧରିନେଇ ବରୁଣଙ୍କ ନିକଟରେ ପ୍ରବେଶ କରାଇଲା । ଶ୍ରୀକୃଷ୍ଣ ଏ ସମ୍ବାଦ ଶୁଣି ବରୁଣାଳୟକୁ ଯାଇ ସେଠାରୁ ନନ୍ଦଙ୍କୁ ଉଦ୍ଧାର କରିଥିଲେ । ଏହି ବିଷୟକୁ ଗୋପୀମାନେ ଏଠାରେ ପ୍ରକାଶ କରିଅଛନ୍ତି ।

କାଳୀ...କରିବ—କାଳୀୟ ଦଳନ । ମଣିଚୂଡ଼—ଶଙ୍ଖଚୂଡ଼; ଶ୍ରୀକୃଷ୍ଣ ଓ ବଳରାମ ଗୋପୀମାନଙ୍କ ସହିତ କ୍ରୀଡ଼ା କରିବା ସମୟରେ କୁବେରଙ୍କର ଭୃତ୍ୟ ଶଙ୍ଖଚୂଡ଼ ଗୋପୀମାନଙ୍କୁ ଉତ୍ତର ଦିଗକୁ ତଡ଼ିନେଇଗଲା । ଏଥିରେ କ୍ରୋଧାନ୍ୱିତ ହୋଇ ଶ୍ରୀକୃଷ୍ଣ ଶଙ୍ଖଚୂଡ଼କୁ ବଧ କରିଥିଲେ ଓ ତାହାର ମସ୍ତକରେ ଥିବା ମଣିକୁ ଆଣି ବଳରାମଙ୍କୁ ଦେଇଥିଲେ । କୃଷ୍ଣଙ୍କ ଦ୍ୱାରା ନିଧନ ହେବାରୁ ଶଙ୍ଖଚୂଡ଼ ମୁକ୍ତି ପାଇଥିଲା ।

Digitized by PPRACHIN, SOA

ବାଟ ଜଗି କେ ମାଗିବ ଘାଟ
ତାଳ ଦେଲେ କେ କରିବ ନାଟ
କେହୁ ଲବଣୀ ଚୋରି କରି ଖାଇଲେ
ରାଣୀ କାହାକୁ ପିଟିବ ଛାଟ ହେ ମୋହନ । ୧୧ ।
ଆମ୍ଭ ବସ୍ତ୍ର କେହୁ ହରି ନେବ
ନେଇ କଦମ୍ବ-ବୃକ୍ଷେ ବାନ୍ଧିବ
କଉତୁକ କରି ବରଜ ଚତୁରୀ
ଆମ୍ଭମାନଙ୍କୁ କେ ବିଳୋଇବ ହେ ମୋହନ । ୧୨ ।
ନିଶାକାଳେ କେ ବାଇବ ବଂଶୀ
ବନେ ନେବ ଗୋପ ଶୁଭ୍ରକେଶୀ
କାହା ସଙ୍ଗେ ରଙ୍ଗେ ରାହାସ ମଣ୍ଡଳେ
ପୁହାଇବୁ ଆମ୍ଭେ ବ୍ରହ୍ମନିଶି ହେ ଦଇବ । ୧୩ ।
କାହା ଅଙ୍ଗେ ଲେପିବୁଁ ଚନ୍ଦନ
ପିନ୍ଧାଇବୁ କାହାକୁ ବସନ
ବନ କୁସୁମ ମାଳମାନ ଗୁନ୍ଥିଣ
କାହା କଣ୍ଠେ କରିବୁଁ ଭୂଷଣ ହେ ମୋହନ । ୧୪ ।
କାହା ଚୂଳରେ ଖଞ୍ଜିବୁ କିଆ
କାହା ହିଆରେ ଭିଡ଼ିବୁ ହିଆ
କାହା ଛାମୁରେ ଲାଜ ଲାଜ ହୋଇଣ
ମହୀ ଅନାଇ ହୋଇବୁ ଠିଆ ହେ ମୋହନ । ୧୫ ।
କାହା ନାମେ ଗାଉଥିବୁ ଗୀତ
କାହା ସଙ୍ଗରେ ଖେଳିବୁ ଜୁଡ
କାହାକୁ ଦ୍ୱାରବନ୍ଧ ଧରି ଅଳପ
ହସି ଚାହିଁବୁ କହତ ସତ ହେ ମୋହନ । ୧୬ ।

---

୧୧ । ଘାଟ—କର ।
୧୨ । ବିଳୋଇବ—ରଞ୍ଜନ କରିବ ।
୧୩ । ଶୁଭ୍ରକେଶୀ—ଯେଉଁମାନଙ୍କର କେଶ ଉଜ୍ଜ୍ୱଳ କଳାବର୍ଣ୍ଣ । ବ୍ରହ୍ମନିଶି—ବ୍ରହ୍ମରାତ୍ରି । ଏହିରାତ୍ରି ଏକ କଳ୍ପକାଳ ପର୍ଯ୍ୟନ୍ତ ଲାଗି ରହିଥିଲା । ଏହି ରାତ୍ରିରେ ଶ୍ରୀକୃଷ୍ଣ ଯୋଗମାୟାଙ୍କୁ ଆଶ୍ରୟ କରି ରାସଲୀଳା କରିଥିଲେ ।
୧୫ । କିଆ—କିଆଫୁଲ । ହିଆ—ଛାତି, ହୃଦୟ ।
୧୬ । ଜୁଡ—ଜୁଆଖେଳ ।

Digitized by PPRACHIN, SOA

କେହୁ ନେତ୍ର ପ୍ରାନ୍ତେ ଠାରୁଥିବ
ନିଧୂବନ କେ କଢ଼ାଇ ନେବ
ଶଶିଖଣ୍ଡ ଗଣ୍ଡ— ଦେଶରେ ଆମ୍ଭର
କେହୁ ପୁଣ ପୁଣ ତ ଚୁମ୍ବିବ ହେ ମୋହନ । ୧୭ ।
ଭୂତ ଛଡ଼ାଇବ କେ ରାଧାଙ୍କୁ
କେହୁ ହରିବ ଦୁଃଖ ବାଧାକୁ
କେହୁ ବୃନ୍ଦାବତୀ ସଙ୍ଗେ ବିହରିବ
ବୃନ୍ଦାବନେ ଖୋଜିବୁଁ କାହାକୁ ହେ ମୋହନ । ୧୮ ।
କେଲି କଦମ୍ବ କେହି ବଞ୍ଚିବ
ତୁମ୍ଭ ବିହୁନେ ପ୍ରାଣ ମୁଞ୍ଚିବ
ଯମ ବହେଣୀ ଯମୁନା ଆଜଠାରୁ
କୃଶ ହୋଇ ସେ ଦୂରେ ଘୁଞ୍ଚିବ ହେ ମୋହନ । ୧୯ ।
ଖଗ ମୃଗ ମହୀରୁହମାନେ
ପ୍ରାଣ ହାରିବେ ତୁମ୍ଭ ବିହୁନେ
ଗୋପ ଭୁବନ ଅସୁନ୍ଦର ଦିଶିବ
କାନ୍ତ ନଥିଲେ ନାରୀ ଯେସନେ ହେ ମୋହନ । ୨୦ ।
ତାପୀ ହୋଇବୁଁ ସକଳ ଭୀରୁ
ଦିନୁ ଦିନୁ ଚିନ୍ତା ହେବ ଗରୁ
ଗାଢ଼ ପୀରିତିକି ବାଡ଼ ହେଲା କଂସ—
ଦୂତ ଏମନ୍ତ ବିଚାରୁଁ ହେ ମୋହନ । ୨୧ ।
କାହା ସଙ୍ଗରେ ଫଗୁ ଖେଳିବୁ
କାହା କଥାକୁ କର୍ଣ୍ଣ ଡେରିବୁ
କାହାପାଇଁ ରତ୍ନ- ପଲଙ୍କ ପକାଇ
ଆସିବାକୁ ଚାହିଁ ବସିଥିବୁ ହେ ମୋହନ । ୨୨ ।

---

୧୭ । ନିଧୂବନ—ବିହାର ସ୍ଥଳୀ । ଶଶି-ଖଣ୍ଡ ଗଣ୍ଡ—ଚନ୍ଦ୍ରଖଣ୍ଡ ତୁଲ୍ୟ ଗଣ୍ଡଦେଶ ।

୧୮ । ଭୂତ ଛଡ଼ାଇବ—ଶ୍ରୀକୃଷ୍ଣ ରାଧାଙ୍କୁ ଭୂତ ଛଡ଼ାଇବା ବିଷୟ ଦୀନକୃଷ୍ଣ ଦାସଙ୍କ ଭୂତକେଳିରେ ବର୍ଣ୍ଣିତ ।

୧୯ । କେହି—କିପରି । ମୁଞ୍ଚିବ—ଛାଡ଼ିବ । ଯମ ବହେଣୀ—ଯମର ଭଉଣୀ ଯମୁନା; ଯମ ଓ ଯମୁନା ଉଭୟେ ସୂର୍ଯ୍ୟଙ୍କଠାରୁ ଜାତ ।

୨୦ । ଖଗ—ପକ୍ଷୀ । ମହୀରୁହ—ବୃକ୍ଷ ।

୨୧ । ଗରୁ—ଭାରୀ ।

୨୨ । ଫଗୁ—ଅବିର ।

Digitized by PPRACHIN, SOA

କାହା ମୁଖରେ ଦେବୁ ତାମ୍ବୁଳ
କାହା ନୟନେ ଦେବୁ କଜ୍ଜ୍ୱଳ
କାହା ସୁଚାରୁ ଚିକୁର ବେଣୀ କରି
ସାଜିବୁ ଚୂର୍ଣ୍ଣ କୁନ୍ତଳ ହେ ମୋହନ । ୨୩ ।

ତୁଲ୍ୟ ବୟସ ବାଳକ ମେଳେ
ଖେଳୁଥିବ କେ ଯମୁନା କୂଳେ
କାହାକୁ ଦେଖିବା- ପାଇଁ ଗୋପ ଗୋଈ
ଜଳ ନିମନ୍ତେ ଚଳିବୁ ମେଳେ ହେ ମୋହନ । ୨୪ ।

କଥା ନ କହ କାହିଁକି ହରି
ଅକ୍ରୂର କି ବଳେ ନେବ ଧରି
ଘେନିବୁଁ ଜୀବନ ଭାଙ୍ଗିବୁ ତା ଯାନ
କଥା ରହିଥାଉ ତିନିପୁରୀ ହେ ମୋହନ । ୨୫ ।

ଶୁଣି ବୋଲନ୍ତି ଗୋକୁଳବନ୍ଧୁ
ଦୁଃଖ ନକର ଗୋ ବ୍ରଜବଧୂ
ତୁମ୍ଭ ପ୍ରସନ୍ନେ ଯାତ୍ରା ଦେଖି ଆସିବୁଁ
ହରି ରଖିବେ ସର୍ବ ଆପଦୁଁ ଗୋ ଗୋପୀଏ । ୨୬ ।

ନନ୍ଦରାଣୀ କରନ୍ତି ରୋଦନ
କୋଳେ ଧରିଣ ନିଜ ନନ୍ଦନ
ଚରଣ ଧରି ଭକ୍ତ ଦାସ କାନ୍ଦଇ
ବେଢ଼ି କାନ୍ଦନ୍ତି ସକଳ ଜନ ହେ ମୋହନ । ୨୭ ।

---

୨୩ । ତାମ୍ବୁଳ—ପାନ ।

୨୪ । ତୁଲ୍ୟ ବୟସ—ସମାନ ବୟସ ।

୨୫ । ହରି—ଶ୍ରୀକୃଷ୍ଣ । ବଳେ—ବଳ ପ୍ରୟୋଗ କରି । ଘେନିବୁଁ ଜୀବନ—ଜୀବନ ହାରିଦେବୁ ।

୨୬ । ଗୋକୁଳବନ୍ଧୁ—ଶ୍ରୀକୃଷ୍ଣ । ଯାତ୍ରା—ଧନୁଉତ୍ସବ । ହରି—ଭଗବାନ ।

Digitized by PPRACHIN, SOA

## ଷଷ୍ଠ ଛାନ୍ଦ
### (ରାଗ—ବରାଡ଼ି, ବାହୁଡ଼ା ବସନ୍ତ ବୃତ୍ତ)

ଆରେ ବାବୁ ଶ୍ୟାମଘନ ତୁ ଗଲେ ମଧୁଭୁବନ
କାହା ମୁଖ ଅନାଇ ବଞ୍ଚିବି
ହେବ ଦଶଦିଗ ଶୂନ୍ୟ ଅସ୍ଥିର ହେବ ଜୀବନ
ନିଶି ଦିବସରେ ଝୁରୁଥିବି ରେ ଜୀବଧନ ।
ଜୀବନ ବିହୁନେ ଯେହ୍ନେ ଝସ ।
ରାଜା ବିନେ ଯେହ୍ନେ ଗ୍ରାମ ଦେଶରେ । ୧ ।
କାହା ଅଙ୍ଗେ ଚତୁସମ ଲେପିବି କରି ସୁଷମ
ନିଦ୍ରାରେ କେ ହେଉଥିବ ଘାରି
କାହାଙ୍କୁ ଅଞ୍ଜନ ଦେବି; ବସ୍ତ୍ର ପାଡ଼ି ଶୁଆଇବି
ପିତାଙ୍କୁ ମାଗିବ କେହୁ ହରି ରେ ଜୀବଧନ ।
ଏକଥା ସୁମରି ଯିବି ମରି ।
ନିଶ୍ଚେ ଯେବେ ଯିବୁ ମଧୁପୁରୀ ରେ । ୨ ।
ବାନ୍ଧିବି କାହାର କେଶ କୁସୁମେ କରି ସୁବେଶ
କାହା ଲଲାଟରେ ଦେବି ଚିତା
କାହାର କର୍ଣ୍ଣେ କୁଣ୍ଡଳ ଖଞ୍ଜିବି ରେ ମୋର ବାଳ
କାହାପାଇଁ କରୁଥିବି ଚିନ୍ତା ରେ ଜୀବଧନ ।
କାହା ଅଙ୍ଗୁ ଧୂଳି ଦେବି ପୋଛି ।
କାହାକୁ ବା ପିନ୍ଧାଇବି କାଛିରେ । ୩ ।
ଯେତେବେଳେ ବନେ ଯାଉ ସଙ୍ଗରେ ମୋ ପ୍ରାଣ ନେଉ
ନିମିଷେ ବିଚ୍ଛେଦ ନ ସହଇ ।
ଏବେ ଯିବୁ ମଥୁରାକୁ ମୋତେ ସମର୍ପି କାହାକୁ
ଚନ୍ଦ୍ରମୁଖ ନ ଦେଖିଲେ ମୂର୍ଚ୍ଛି ରେ ଜୀବଧନ ।

---

୧ । ଶ୍ୟାମଘନ—କଳାମେଘ, ଶ୍ରୀକୃଷ୍ଣ । ମଧୁଭୁବନ— ମଥୁରା । ଜୀବନ —ଜଳ । ଝସ — ମାଛ ।

୨ । ଚତୁସମ—ଚନ୍ଦନ, ଅଗୁରୁ, କୁଙ୍କୁମ ଓ କସ୍ତୁରୀ । ସୁଷମ--ସୁଷମାନ୍ୱିତ କରି । ପାଡ଼ି—ବିଛାଇ । ହରି—ଚନ୍ଦ୍ର ।

୩ । କାଛି—ଛୋଟ ଲୁଗା, କାଛିଆ ।

Digitized by PPRACHIN, SOA

ଜୀବନ ହାରିବି ଗଣ୍ଡ ଜଳେ ।
ତୁ ମୋତେ ଅନ୍ତର ହେଲେ ତିଳେରେ । ୪ ।
ସରଳବଣୀ ଅଧାମ                    ପକ୍ୱରମ୍ଭା ସୁଧାସମ
ମୁଖେ ଦେଲେ ଥୁ ଥୁ କରି ଫିଙ୍ଗୁ ।
ଯେତେ ରୂପେ ନାଳିଆଇ                    ପରସଇ ବଳିଆଇ
କୋପେ ଉଠି ପାକଭାଣ୍ଡ ଭାଙ୍ଗୁ ରେ ଜୀବଧନ ।
ଏବେ ଦୂର ହୋଇବ ସେ କଥା
କି ନକରେ ଦାରୁଣ ବିଧାତା ରେ । ୫ ।
ଛାଇକି ଅନାଇଁ ଡରୁ                    ଧାଇଁ ମୋତେ କୋଳ କରୁ
ବସନେ ଘୋଡ଼ାଇ ମୁଖ ଗୋଟି
ହୋଉଥାଉ ଥରହର                    ଦେଖିଲେ ଅନ୍ଧାର ଘର
ଉଚ୍ଚ ପାବଚ୍ଛ ନପାରୁ ଉଠି ରେ ଜୀବଧନ
ମଧୁପୁରେ ହସ୍ତୀ ଘୋଡ଼ାମାନ
ଗର୍ଜିଲେ ନ ପୁଣ ଡରୁ ଶ୍ୟାମରେ । ୬ ।
କାନ୍ଥେ ଦେଖି ଚିତ୍ରପନ୍ତି                    ନାନା ଭୟଙ୍କର ମୂର୍ତ୍ତି
ଭୟେ ଯାଉ ସେ ଘରୁ ପଳାଇ
ଏବେ କଂସପୁର ଯିବୁ                    ରାକ୍ଷସମାନ ଦେଖିବୁ
ଡରି କାହାକୁ ଧରିବୁ ଯାଇ ରେ ଜୀବଧନ ।
ମାଏବୋଲି ଡାକିବୁ କାହାକୁ
ସାହା ବା କେ ଆହା ବୋଲିବାକୁ ରେ । ୭ ।
ନିଶାକାଳେ ମୋର କୋଳେ                    ଶୋଇଥାଉ ଶ୍ରମବଳେ
ସ୍ୱପନରେ ଦେଖି କିସ କିସ
ମା ବୋଲି ଚମକି ପଡୁ                    କଣ୍ଠେ ଦୁଇଭୁଜ ଭିଡୁ
ପୁଣି ଶୋଉ ଘୋଡ଼ି ହୋଇ ବାସ ରେ ଜୀବଧନ ।
ସେ କଥା ସୁମରି ମରିଯିବି
ଉଠ ବୋଲି କାହାକୁ ଡାକିବି ରେ । ୮ ।

---

୪ । ଗଣ୍ଡ ଜଳେ—ଗଭୀର ଜଳରେ । ତିଳେ—ସାମାନ୍ୟ ମାତ୍ର ସମୟ ।

୫ । ପକ୍ୱ ରମ୍ଭା—ପାଚିଲା କଦଳୀ । ସୁଧାସମ—ଅମୃତ ପରି ସୁସ୍ୱାଦୁ । ନାଳିଆଇ—କଅଁଳେଇ କରି । ବଳିଆଇ—ବଳାଇ । ପାକଭାଣ୍ଡ—ରନ୍ଧାହାଣ୍ଡି ।

୬ । ପାବଚ୍ଛ—ପାହାଚ । ନପୁଣ ଡରୁ—ଯେପରି ନଡରୁ ।

୭ । ମାଏ—ମାଆ ।

୮ । ଶ୍ରମବଳେ—ଶ୍ରମକ୍ଳାନ୍ତ ହୋଇ ।

Digitized by PPRACHIN, SOA

ପ୍ରଭାତ କାଳେ କେ ମୋତେ　　　　　　ଡାକିବ କ୍ଷୁଧା ଆରତେ
କାହାକୁ ଭୁଞ୍ଜାଇ ଦେବି ସର ।
କେ ଧରି ମନ୍ଥନ ଦଣ୍ଡ　　　　　　ଭାଙ୍ଗିବ ମୋ ଦଧିଭାଣ୍ଡ
କାହାକୁ ବାନ୍ଧିବି ଅର୍ଜ୍ଜୁନର ରେ ଜୀବଧନ ।
କାହା ନାମେ ଗାଉଥିବି ଗୀତ
କାହାକୁ ଡାକିବେ ଗୋପସୁତରେ । ୯ ।
କାହା ନାମେ ଗୋପନାରୀ　　　　　　କରିବେ ମୋତେ ଗୁହାରି
କାହାଙ୍କରୁ ଛଡ଼ାଇବି ମାଟି ।
କେହୁ ତୁଣ୍ଡ ଦେଖାଇବ　　　　　　ଖେଳେ କେହୁ ଭୋଖାଇବ
ଅଧାମ କା ଅଧରେ ଦେବିଟି ରେ ଜୀବଧନ ।
କାହାକୁ ବୋଲିବି ଝୁଲହାତୀ ।
କାହାକୁ ଡାକିବି କର ପାତି ରେ । ୧୦ ।
ଗାଈ କେ ଚରାଇ ନେବ　　　　　　ରାମ ସଙ୍ଗେ ବନ ଯିବ
ନାନାରଙ୍ଗେ କେ ବାଇବ ବଂଶୀ ।
କରିବ କେ ବାଳ ମେଳି　　　　　　ମଧ୍ୟେ ନାଚୁଥିବ ଢଳି
କାହାକୁ ଚାହିଁବେ ବ୍ରଜବାସୀ ରେ ଜୀବଧନ ।
ଅସୁନ୍ଦର ଦିଶିବ ଭୁବନ ।
ଆଉ କାହିଁ ଦେଖିବି ସେମାନ ରେ । ୧୧ ।
କେ ଆଣି ଦେବ ନନ୍ଦକୁ　　　　　　ଦାଣ୍ଡେ ଖୋଜିବି କାହାକୁ
କାହାକୁ ଦେଖିବି ନୀପ ମୂଳେ ।
କେହୁ ଭୟେ ପଳାଇବ　　　　　　ନନ୍ଦଙ୍କ ଆଗେ କହିବ
ଆଜ ମୋତେ ମାଏ ମାରୁଥିଲେ ରେ ଜୀବଧନ ।
ତହିଁପାଇଁ ଚଳି ହେବେ ତାତ
କ୍ରୋଧେ ମୋତେ ଦଣ୍ଡିବେ ବହୁତ ରେ । ୧୨ ।

---

୯ । ମନ୍ଥନ ଦଣ୍ଡ—ଦହି ଖୁଆ । ଅର୍ଜ୍ଜୁନର—ଯାମଳାର୍ଜ୍ଜୁନ ବୃକ୍ଷ—କୁବେରଙ୍କ ଦୁଇପୁତ୍ର ନଳକୁବର ଓ ମଣିଗ୍ରୀବ ସୁରାପାନ କରି ଗନ୍ଧର୍ବୀଙ୍କ ସହ ଜଳକ୍ରୀଡ଼ାରେ ମାତିଥିବା ସମୟରେ ନାରଦଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରିବାରୁ ନାରଦଙ୍କ ଅଭିଶାପରେ ଏକଶତ ବର୍ଷ ସ୍ଥାବର ରୂପ ଧାରଣ କରି କୃଷ୍ଣ ସାନ୍ନିଧ ଲାଭ ପର୍ଯ୍ୟନ୍ତ ଯାମଳାର୍ଜ୍ଜୁନ ବୃକ୍ଷ ରୂପରେ ଗୋପରେ ରହିଥିଲେ । ଯଶୋଦା ଏହି ବୃକ୍ଷରେ ଶ୍ରୀକୃଷ୍ଣଙ୍କୁ ବାନ୍ଧି ପକାଇଥିଲେ ।

୧୦ । କାହା ନାମେ—କାହା ବିରୁଦ୍ଧରେ । କର ପାତି—ହାତ ପତାଇ ।

୧୧ । ବାଳମେଳି—ବାଳକ ମେଳା । ସେମାନ—ସେ ସବୁ ।

୧୨ । ନୀପ—କଦମ୍ବ । ଚଳିହେବେ—କ୍ରୋଧାନ୍ୱିତ ହେବେ । ତାତ—ନନ୍ଦ ।

Digitized by PPRACHIN, SOA

ଏତେ ବୋଲି ନନ୍ଦରାଣୀ ନୟନୁ ବହଇ ପାଣି
ଚୁମ୍ବ ଦେଇ ଶ୍ୟାମ ଗଣ୍ଡସ୍ଥଳେ,
ନୀଳାମ୍ବର ମୁଖ ଚାହିଁ, ବୋଲନ୍ତି ମୋ ବାପ ଭାଇ
କାଲିଯିବ ମଥୁରା ମଣ୍ଡଳେ ରେ ବଳରାମ ।
ସଙ୍ଗେ ସଙ୍ଗେ ଘେନିଥିବୁ ହରି ।
ଡରିବିଟି ଦେଖି କଂସ ପୁରୀ ରେ । ୧୩ ।
ତୁ ଯେ ବଳେ ବଳୀଆର ନିର୍ବଳ ମୋର କୁମର
ନ ଜାଣଇ ଚତୁରାଇ ପଣ ।
ନପୁଣ ହୋଇବ ବଣା ଜାଣି ନପାରିବ ଠଣା
ଏଣୁ କରି କହୁଅଛି ଶୁଣ ରେ ବଳରାମ ।
ଯହିଁ ଗଲେ ନଛାଡ଼ିବୁ କ୍ଷଣେ
ଭିଡ଼େ ନ ପଶିବ ଗଡ଼ ପଣେ ରେ । ୧୪ ।
ସେ ନୋହେଟି ଗୋପପୁର, ଗୋପୀମାନଙ୍କର ଘର,
କାହିଁ ନକରିବ ହୁରିଜୁରି,
ଦାରୁଣ ନୃପତି କଂସ, ଶୁଣିଲେ କରିବ ରୋଷ,
ଶୁଭେଯାଇ ଆସ ରାମହରି ରେ ବଳରାମ ।
ଆସିବାକୁ ପଥ ଚାହିଁଥିବି ।
ଉଛୁର ହୋଇଲେ ଧାଇଁଯିବି ରେ । ୧୫ ।
ଏ ବାଣୀ ଶୁଣି ରୋହିଣୀ, କାନ୍ଦିଣ ଲୋଟେ ଧରଣୀ,
ରାମ ରାମ ବୋଲି ବାହୁନଇ,
କୋଳେ ଧରି ନିଜ ସୁତ, ବୋଲଇ ହୋଇ ଆରତ.
ଚନ୍ଦ୍ରମୁଖ ଗୋଟି ଲୁଛିଯାଇ ରେ ବଳରାମ ।
ମନ୍ଦ କଂସ ଦ୍ୱନ୍ଦ୍ୱ ଭିଆଇଲା ।
ଆମ୍ଭଙ୍କୁ ଏ ଦଶା ଦିଆଇଲା ରେ । ୧୬ ।

---

୧୩ । ପାଣି—ଲୋତକ । ନୀଳାମ୍ବର—ବଳରାମ ।

୧୪ । ଚତୁରାଇ—ଚତୁରତା । ଠଣା—ଠିକଣା, ସ୍ଥାନ ।

୧୫ । ହୁରିଜୁରି—ଲୁଟପାଟ, ଧୁମ୍‌ଧାମ୍ । ଉଛୁର—ବିଳମ୍ବ ।

୧୬ । ରୋହିଣୀ—ବଳରାମଙ୍କ ମାତା । ଲୁଛିଯାଇ—ଶୁଖିଯାଇ । ଦ୍ୱନ୍ଦ୍ୱ—କଳି ।

Digitized by PPRACHIN, SOA

ଶୁଣି ଅକ୍ରୂର ପ୍ରଜ୍ୱଳି, ନନ୍ଦକୁ ଦେଉଛି ଗାଳି,
ସାଜ ସାଜ, ପାହିଲା ରଜନୀ,
ସାଜିଲେଣି ବୋଲେ ନନ୍ଦ, କେବଳ ରାମ ଗୋବିନ୍ଦ,
ସଜ ହେଉଛନ୍ତି ମନ୍ତ୍ରୀମଣି ସେ କଂସଦୂତ ।
ଶୁଣି ବୋଲେ ସାଜ ବେଗ କରି ।
ଉଚ୍ଛୁରେ କୋପିବେ ଦଣ୍ଡଧାରୀ ହେ । ୧୭ ।
ସାଜିଲେ ଗୋପାଳକୁଳ, ପଡ଼ିଲା ଗୋପେ ଟହଳ,
ନଗ୍ର ନରନାରୀ ଧାଇଁଛନ୍ତି,
ଉଠିଲେ ନନ୍ଦନନ୍ଦନ, ବସିଲେ ଅକ୍ରୂର-ଯାନ,
ଗୋପନାରୀ ଓଗାଳି ଅଛନ୍ତି ସେ ଶ୍ୟାମବନ୍ଧୁ ।
ହୋଇଛନ୍ତି ବିଚିତ୍ର କାଛେଣୀ ।
କୋଟିଏ କାମକୁ ପାରେ ଜିଣି ସେ । ୧୮ ।
ରାମସଜ ଅତି ଶୋଭା, ଦେଖି ମନ-ନେତ୍ର-ଲୋଭା,
ଗୋପ ପୋଏ ଏହିମତି ସଜ,
ବେନି ମତ୍ତସିଂହ ସଙ୍ଗେ, ମତ୍ତଗଜ କିବା ରଙ୍ଗେ,
ତେହ୍ନେ ଶୋଭା ବରଜ ତନୁଜ ସେ ଗୋପୀମାନେ ।
ଚଉପାଶେ ସିଂହର ଘରଣୀ,
ଦେଖି ଶୋଭା ପାଉଛି ଧରଣୀ ସେ । ୧୯ ।
ଗହଳ ଗୋକୁଳି ଦାଣ୍ଡ, ଆନନ୍ଦ ହୋଏ ବ୍ରହ୍ମାଣ୍ଡ,
ବିଚାରଇ ଯିବ ଏବେ ଭାରା,
ମଥୁରାକୁ ଯିବେ ହରି, ମାରିବେ କଂସକୁ ଧରି,
ଏତେ ବୋଲି ଆନନ୍ଦିତ ଧରା ସେ ବସୁମତୀ ।
ଯହୁଁ ରଥେ ବିଜେ ଗୋପୀନାଥ ।
ଭକ୍ତ ଦାସ ହୋଇଲା ଅନାଥ ସେ । ୨୦ ।

---

୧୭ । ପ୍ରଜ୍ୱଳି—ପ୍ରଜ୍ୱଳିତ ହୋଇ, ଜଳିଉଠି, ରାଗିଯାଇ । ସାଜ—ପ୍ରସ୍ତୁତ ହୁଅ ।

୧୮ । ଓଗାଳି ଅଛନ୍ତି—ଆଗରେ ଠିଆ ହୋଇଛନ୍ତି, ଅବରୋଧ କରିଛନ୍ତି । ବିଚିତ୍ର କାଛେଣୀ—ସୁନ୍ଦର ବସ୍ତ୍ରରେ ସଜ୍ଜିତ । କାମ—କନ୍ଦର୍ପ ।

୧୯ । ମତ୍ତସିଂହ—ମତୁଆଳ ସିଂହ, କୃଷ୍ଣ ବଳରାମ । ମତ୍ତଗଜ—ମତୁଆଳ ହାତୀ, ଗୋପବାଳକଗଣ । ସିଂହର ଘରଣୀ—ସିଂହୀ, ଗୋପୀମାନେ ।

୨୦ । ଭାରା—କଂସର ଭାରା । ବସୁମତୀ—ବସୁଧା ।

Digitized by PPRACHIN, SOA

# ସପ୍ତମ ଛାନ୍ଦ

## (ରାଗ–ଆହାରୀ । ଦୁତାଇ ବାରମାସୀ ବାଣୀ)

କୃଷ୍ଣର ଗମନ ଦେଖି ଛନ ଛନ ହୋଇ ସକଳ ଗୋପାଙ୍ଗନା
ଗୁରୁ ଗଉରବ ବାରି ନପାରନ୍ତି ଆରତେ ସଫରୀନୟନା ।
ଡାକନ୍ତି । ଆହେ ବାରିଧର ବରନା ।
ବିନାଦୋଷେ ରୋଷେ ନାଶ କରିଯାଅ ନୋହୁ ଗୋପୀକୁଳ-ପୂତନା । ୧ ।
ଦଶରଥ ସୁତ ପ୍ରାଏ ନନ୍ଦସୁତ କରୁଛି ତ ଆଣି ବିଚାର !
ସେ ଛାଡ଼ିଥିଲେ ସିନା ଏକ ନାୟିକା, ତୁମ୍ଭେ ତ ଛାଡୁଛ ଅପାର ।
କୃଷ୍ଣ ହେ । ସେ ବଧିଲେ ଏକ ବାଳୀକି ।
ତୁମ୍ଭେ ଯେତେ ବାଳୀ ମାରି ଯାଉଅଛ ମନେ ହେଜିପାରୁ ନାହିଁକି ? । ୨ ।
ତୁମ୍ଭେ କୃଷ୍ଣଚନ୍ଦ୍ର ସେତ ରାମଚନ୍ଦ୍ର, ଏଣୁ ମିତ୍ରଗୁଣ ବହୁଛ ।
ସେ ତାତ ମାତ ଛାଡ଼ି ବନେ ପଶିଲେ, ତୁମ୍ଭେ ଏବେ ତେଜି ଯାଉଛ ।
କୃଷ୍ଣ ହେ । ସେ ନେଇଥିଲେ ସହୋଦର ।
ତୁମ୍ଭେ ସେହିରୂପେ ଭ୍ରାତଙ୍କୁ ନେଉଛ, ଦୁହେଁ ହେଲ ଏକ ପ୍ରକାର । ୩ ।
ତାଙ୍କୁ ସୁମନ୍ତ ରହୁବରେ ବସାଇ ଘେନିଗଲା ଘୋର ବନକୁ ।
ତୁମ୍ଭଙ୍କୁ ଅକ୍ରୁର ସେହି ପରକାରେ ନେଉଅଛି ମଧୁବନକୁ ।
କୃଷ୍ଣ ହେ । ସେ ସଙ୍ଗେ ନେଇଥିଲେ ନାରୀ ।
ଏହି ଗୁଣେ ତୁମେ ଉଣା ପଡୁଅଛ, ଆଉ ସକଳ ଗୁଣେ ସରି । ୪ ।
କେଉଁ ନାୟିକା ଏହା ଶୁଣି ବୋଇଲା, ଏମନ୍ତ ନୁହଇ ଗୋବିନ୍ଦ ।
କୁସୁମ ସୁବେଶ ଦେଖିଲେ ଭ୍ରମର ଯେସନେ ହୁଅଇ ଆନନ୍ଦ ।
ସେ ଯେହ୍ନେ । ପ୍ରୀତି ଲଗାଇ ରସ ନିଏ ।
ପ୍ରାନ୍ତେ ତାହାକୁ କାଟି ଦୂର ହୁଅଇ, ଅନ୍ୟ କୁସୁମ ପାଶେ ଯାଏ । ୫ ।

---

୧ । ଛନ ଛନ ହୋଇ–ଦୁଃଖରେ ଅଧୀର ହୋଇ । ଗଉରବ–ମାନ୍ୟ ଲୋକ । ସଫରୀନୟନା–ମୀନ ନୟନା, ଚଞ୍ଚଳ ନୟନା । ବାରିଧର ବରନା–ମେଘବର୍ଣ୍ଣ, ଶ୍ରୀକୃଷ୍ଣ ।

୨ । ଦଶରଥ ସୁତ–ରାମଚନ୍ଦ୍ର । ନନ୍ଦସୁତ–ଶ୍ରୀକୃଷ୍ଣ । ବାଳୀକି–କିଷ୍କିନ୍ଧ୍ୟାର ରାଜା ବାଳୀ ।

୩ । ସହୋଦର–ଭ୍ରାତ, ଲକ୍ଷ୍ମଣ ।

୪ । ସୁମନ୍ତ–ସୁମନ୍ତ୍ର, ଦଶରଥଙ୍କର ମନ୍ତ୍ରୀ । ରହୁବରେ–ଶ୍ରେଷ୍ଠ ରଥରେ । ମଧୁବନ–ମଥୁରା । ନାରୀ–ସୀତା । ସରି–ସମାନ, ସମକକ୍ଷ ।

୫ । ପ୍ରାନ୍ତେ–ଶେଷରେ ।

Digitized by PPRACHIN, SOA

ସେହିମତି କରି ଛାଡ଼ି ଯାଉଛନ୍ତି ଶ୍ରୀ ବୃନ୍ଦାବନ ନିଶାମଣି ।
ସ୍ୱରୂପ ସ୍ୱଭାବ ଏକ କରି ଜାଣ, ଯେଣୁ ମଇତ୍ର ବେଣୁପାଣି ।
ଏମନ୍ତ । ଶୁଣି ଆର ଗୋପୀ ବୋଇଲା ।
କାକ କୋକିଳ ପ୍ରାୟେ କୃଷ୍ଣଚନ୍ଦ୍ର କଥା ଏବେ ସଖି ! ହୋଇଲା । ୬ ।
କେ ବୋଲେ, ସାଗର ପରାୟେ ହୋଇଲେ ଆମ୍ଭର କରୁଣାସାଗର ।
ନାନା ରତନ ଗର୍ଭରେ ଦେଖି କିସ ହେବ ? ମୁଖେ ନାହିଁ ମଧୁର ।
ସେ ଯେହ୍ନେ । ତୃଷାର୍ତ୍ତ ତୃଷା ନ ହରଇ ।
ଶୁଦ୍ଧଜଳ ବୋଲି ଲୋଭରେ ଖାଇଲେ ମୁଖେ ଦେଇ ପ୍ରାଣେ ମରଇ । ୭ ।
କେ ବୋଲେ, ଚନ୍ଦ୍ରକୁ ସମାନ ନୋହିବେ, ଗୁଣ ଗୋଟିକେ ହେବ ଊଣା ।
ସେ ଗୁଣ ଏବେ ଏଠାରେ ଜଣାଗଲା, ଯେଣୁ ନୋହୁ ଅଛି କରୁଣା ।
ସଜନି । କାହାକୁ କରିବା ଗୁହାରି
ଯେହୁ ଶୁଣନ୍ତା ହୃଦୟର ବେଦନା ସେହୁତ ଯାଉଛି ସଂହାରି । ୮ ।
ଏତେ କହି ଶୋକେ ଏକକୁ ଆରକେ ଓଗାଳି ରହିଛନ୍ତି ପଥ ।
ଅକ୍ରୂରକୁ ଚାହିଁ ବିକଳେ ବୋଲନ୍ତି, ବାହୁଡ଼ି ଯାଅ ଘେନି ରଥ ।
ଆମ୍ଭର । ଗୋବିନ୍ଦ ଗୋପରୁ ନ ଯିବେ ।
ସାରିବୁଁ ମହତ, କହୁଅଛୁଁ ସତ, ଗୋପାଳମାନେ କି କରିବେ । ୯ ।
ବାଇପରାଏ ହୋଇ ଗୋପସୁନ୍ଦରୀ କହନ୍ତି କୃଷ୍ଣ ଅକ୍ରୂରକୁ ।
ବାହୁନି ରୋଦନ କରନ୍ତି ମଦନ-ମୋହନ ସୁଖ-ସଦନକୁ ।
କୃଷ୍ଣ ହେ । ଶୁଣୁନାହଁ କିମ୍ପା କହିଲେ ।
କୁହର ମୁଦିଲା ପରାଏ ଶ୍ରବଣ କରୁଅଛ ଯେତେ ବୋଇଲେ । ୧୦ ।

---

୬ । ବୃନ୍ଦାବନ ନିଶାମଣି—ବୃନ୍ଦାବନଚନ୍ଦ୍ର, ଶ୍ରୀକୃଷ୍ଣ । କାକ କୋକିଳ ପ୍ରାୟ—କାଉ କୋଇଲିର ଡିମ୍ବକୁ ନେଇ ନିଜ ବସାରେ ରଖି ଫୁଟାଏ । କୋଇଲିଛୁଆ ଯେତେବେଳେ ଉଡ଼ି ଶିଖେ ସେତେବେଳେ ସେ କାଉ ବସା ଛାଡ଼ି ଉଡ଼ିଯାଏ ।

୭ । ସାଗର ପରାଏ—ସମୁଦ୍ର ପରି । କରୁଣାସାଗର—ଶ୍ରୀକୃଷ୍ଣ ।

୮ । ଗୁଣ ଗୋଟିକେ ହେବ ଊଣା—ଚନ୍ଦ୍ର ଶ୍ରୀକୃଷ୍ଣଙ୍କଠାରୁ ଗୋଟିଏ ଗୁଣରେ ଊଣା; ଅର୍ଥାତ୍ ଚନ୍ଦ୍ରରେ କଳଙ୍କ ଅଛି ମାତ୍ର ଶ୍ରୀକୃଷ୍ଣ ନିଷ୍କଳଙ୍କ ।

ସଂହାରି—ବିନାଶ କରି ।

୯ । ମହତ—ବଡ଼ପଣିଆ ।

୧୦ । ବାଇ ପରାଏ—ପାଗଳ ପରି । ମଦନ-ମୋହନ ସୁଖ-ସଦନ—କନ୍ଦର୍ପର ସୁଖ ରୂପକ ସଦନ; ଅର୍ଥାତ୍ ଶ୍ରୀକୃଷ୍ଣ । କୁହର—ଗର୍ତ୍ତ ।

Digitized by PPRACHIN, SOA

ଯେତେ ସଙ୍କଟମାନଙ୍କରୁ ତାରିଛ ଏବେ କି ତାହା ପାସୋରୁଛ ।
ମଥୁରା ଯିବ ବୋଲି ସଜ ହୋଇଣ ରଖିଲା ଜନଙ୍କୁ ନାଶୁଛ ।
କୃଷ୍ଣ ହେ । ଉଚିତ ନୁହଇ ଏ କଥା ।
କେବଳ ସେ ବେଳ ଗୋବିନ୍ଦ ପରାଏ ନୋହୁଅଛ ସୁଖ କରତା । ୧୧ ।
ବାରିଜ-ଅଇରି-ବଇରି ଧ୍ୱଜର ପତିଙ୍କି ସେବି ପାଇଥିଲୁ ।
ଛାଡ଼ିଲା ଦଇବ, କହିଲେ କି ହେବ, ମଧୁରକ୍ଷକ ପ୍ରାୟେ ହେଲୁ ।
କୃଷ୍ଣ ହେ । ସେ ଯେହ୍ନେ ସଞ୍ଚି ରଖିଥାଇ ।
ମୁଖରେ ଅନଳ ଲଗାଇ ଶବର ପ୍ରାଣେ ମାରି ସୁଖେ ନିଅଇ । ୧୨ ।
ସେହିରୂପେ ଆମ୍ଭେ ସେହିରୂପେ ତୁମ୍ଭେ ସେହିରୂପେ ହେଲା ଅକ୍ରୂର ।
ମଥୁରା ନଗରୀ କେତେ ତପ କଲେ ତାଙ୍କୁ ଭୋଗ୍ୟ ହେଲା ଏଥର ।
କୃଷ୍ଣ ହେ । ଗୋପୀ ହୋଇଲୁ ନିରିମାଖୀ ।
ତାଙ୍କ ବଦନ-କୁମୁଦ ପ୍ରକାଶିବ ଆସ୍ତ ଗୋକୁଳଚନ୍ଦ୍ର ଦେଖି । ୧୩ ।
ଶିରୀଷ ଉପରେ ଗିରୀଶ-ଅଇରି-ଜନକ-ମଇତ୍ର-ବାହନ ।
ମହା ପ୍ରଳୟରେ ରସ ବରଷିଲେ ସେ ଯେହ୍ନେ ହୁଅଇ ମଳିନ ।
କୃଷ୍ଣ ହେ । ସେହିମତି ହେବୁଁ ଗୁଆଳୀ ।
ତପନ କିରଣ ଲାଗିଲେ ଯେସନ ହୋଇଯାଏ ଗଙ୍ଗଶିଉଳୀ । ୧୪ ।

---

୧୧ । ସେବେଳ—ରାସଲୀଳା ସମୟ ।

୧୨ । ବାରିଜ-ଅଇରି-ବଇରୀ-ଧ୍ୱଜର ପତି—ବାରିଜ ହେଲା ପଦ୍ମ; ତାହାର ଶତ୍ରୁ ହେଲା ହସ୍ତୀ; ତାହାର ଶତ୍ରୁ ହେଲା ସିଂହ; ସେ ଧ୍ୱଜ ଅର୍ଥାତ୍ ବାହନ ଯାହାର ଅର୍ଥାତ୍ ଦୁର୍ଗା, ତାଙ୍କର ପତି ହେଲେ ମହାଦେବ । ମଧୁରକ୍ଷକ—ମହୁମାଛି ।

୧୩ । ସେହିରୂପେ ଆମ୍ଭେ—ଆମ୍ଭେ ଗୋପୀମାନେ ମହୁମାଛି । ସେହିରୂପେ ତୁମ୍ଭେ—ତୁମ୍ଭେ ଶ୍ରୀକୃଷ୍ଣ ସଞ୍ଚିତ ମହୁ । ସେହିରୂପେ ଅକ୍ରୂର—ଅକ୍ରୂର ହେଲା ଶବର । ନିରିମାଖୀ—ଦୁଃଖିନୀ । ତାଙ୍କ ବଦନ କୁମୁଦ—ମଥୁରାନାରୀମାନଙ୍କର ମୁଖ କୁମୁଦ । ପ୍ରକାଶିବ—ପ୍ରସ୍ଫୁଟିତ ହେବ । ଗୋକୁଳଚନ୍ଦ୍ର—ଶ୍ରୀକୃଷ୍ଣ ।

୧୪ । ଶିରୀଷ ଉପରେ—ଅତି ସୁକୁମାର ଶିରୀଷ ଫୁଲ ଉପରେ । ଗିରୀଶ-ଅଇରି-ଜନକ-ମଇତ୍ର-ବାହନ—ଗିରୀଶ ଯେ ମହାଦେବ, ତାଙ୍କର ଅରି ହେଲା ମଦନ, ତାଙ୍କର ଜନକ ହେଲେ ଶ୍ରୀକୃଷ୍ଣ, ତାଙ୍କର ମଇତ୍ର ହେଲେ ଇନ୍ଦ୍ର, ଇନ୍ଦ୍ରଙ୍କର ବାହନ ହେଲା ମେଘ । ରସ—ଜଳ । ଗୁଆଳୀ—ଗୋପବାଳୀ, ଗୋପୀ । ତପନ କିରଣ—ସୂର୍ଯ୍ୟକିରଣ । ଯେସନ ହୋଇଯାଏ—ମଉଳି ଯାଏ । ଗଙ୍ଗଶିଉଳୀ—ଶେଫାଳୀ ଫୁଲ ।

Digitized by PPRACHIN, SOA

କମଠ ଯେହ୍ନେ କୋଷ ଛାଡ଼ି ପଳାଏ ଅନାଥ ହୁଅନ୍ତି ନନ୍ଦନ ।
ତାଙ୍କୁ ରକ୍ଷା କରିବାକୁ କେ ନଥାଇ, ତେସନ ହେବୁ ଗୋପୀଜନ ।
କୃଷ୍ଣ ହେ ! ସେହିମତି ହେବୁ ନିରେଖ ।
ଉଣାଇଶେ ଏକ ମିଶାଇ ଖାଇବୁଁ, ପ୍ରତ୍ୟକ୍ଷେ ବେନିଭାଇ ଦେଖ ! ୧୫ ।
ରହିଥାଉ କଥା ଚଉଦଭୁବନେ କୃଷ୍ଣ ବିହୁନେ ଗୋପୀ ମଲେ ।
ଆପେ ନମାରି ମାରିବା ବୁଦ୍ଧି କରି ମଧୁ ନଗରେ ବିଜେ କଲେ ।
କୃଷ୍ଣ ହେ ! ସ୍ତିରୀ ହତ୍ୟା ଦୋଷ ପାଇବ ।
ପାଳିଲା ଜନଙ୍କୁ ନାଶ କଲେ ବୋଲି ଲୋକେ ଅପବାଦ ହୋଇବ ।୧୬ ।
କହୁଁ ଆଭିରୀ ଅକ୍ରୂରକୁ କହଇ କି କର୍ମ କରୁଛୁ ଗୁଆଁର ।
ଜୀବର ଜୀବନ ଧରି ନେଉଅଛୁ, କି ନାଶିଲୁ ଆମ୍ଭେ ତୋହର ।
ଅକ୍ରୂର । କ୍ରୂର ସ୍ୱଭାବ ବହୁଅଛୁ ।
ରାମ ଗୋବିନ୍ଦ ଆମ୍ଭ ବେନି ନୟନ ଚକ୍ଷୁମାରି ଖୋଳି ନେଉଛୁ । ୧୭ ।
ପ୍ରୀତିଲତାକୁ କୁଠାର ପ୍ରାୟେ ହୋଇ ଛେଦନ କରୁଛୁ ମୂଳରୁ ।
ଅବିଶ୍ୱାସୀ ବୋଲି ଏବେ ଯେ ଜାଣିଲୁ ରାଜା ଡଗର ହେଲାଠାରୁ ।
ଅକ୍ରୂର । ନୃପ ସେବକେ ବଡ଼ ରାଢ଼ ।
କିଞ୍ଚିତ ଆଜ୍ଞାରେ ଅତି ପ୍ରତିଜ୍ଞାରେ ମାନନ୍ତି ନାହିଁ ସାନ ବଡ଼ । ୧୮ ।
ତଥାପି ଦୁଷ୍ଟଜନଙ୍କର ସ୍ୱଭାବ କେବେହେଁ ନୁହଇ ଅନ୍ତର ।
ଅଳପ ଉଶ୍ୱାସ ପାଇଲେ ଘୋଟନ୍ତି ଯେସନେ ଭେଳିକି ମନ୍ତର ।
ଅକ୍ରୂର । ସ୍ୱଜାତି ଦେଖି ମିଳିଯାଇ ।
ହୀନ ପ୍ରକୃତିକୁ ଛାଡ଼ି ନପାରଇ ଯେସନେ ନିଜ ଅଙ୍ଗୁ ଛାଇ । ୧୯ ।

---

୧୫ । କମଠ—କଇଁଚ । କୋଷ—ଡିମ୍ବ । ଉଣାଇଶେ ଏକ ମିଶାଇ—ଉଣାଇଶରେ ଏକ ମିଶାଇଲେ ବିଂଶ ହୁଏ । ଏଠାରେ କବି ବିଂଶରୁ ବିଷର କଳ୍ପନା କରିଅଛନ୍ତି । ଗୋପୀମାନେ ବିଷ ଖାଇବେ ବୋଲି କହିଅଛନ୍ତି ।

୧୬ । ଲୋକେ—ଜଗତରେ ।

୧୭ । ଆଭିରୀ—ଗୋପାଳୁଣୀ । ଗୁଆଁର—ଖଳବୁଦ୍ଧି ସମ୍ପନ୍ନ, ମୂର୍ଖ ।

୧୮ । ପ୍ରୀତିଲତା—ପ୍ରୀତିରୂପକ ଲତା । କୁଠାର—କୁରାଢ଼ି । ରାଢ଼—କଠିନ ହୃଦୟ ।

୧୯ । ହୀନ ପ୍ରକୃତିକି...ଛାଇ—ଯେପରି ଛାଇକୁ ଦେହଠାରୁ ଭିନ୍ନ କରିହୁଏ ନାହିଁ ସେହିପରି ଦୁଷ୍ଟ ଲୋକମାନେ ସେମାନଙ୍କର ମନ୍ଦସ୍ୱଭାବକୁ ଛାଡ଼ି ପାରନ୍ତି ନାହିଁ ।

Digitized by PPRACHIN, SOA

କମ୍ବୁ ଯେସନେ ସାଗରୁ ଜାତ ହୋଇ ନୀଚବଦନେ କରେ ସ୍ୱନ ।
ବଡ଼ ଲୋକ ସୁତ ହୋଇଲେ କି ହେବ ବୁଦ୍ଧି ତାହାର ବଡ଼ ହୀନ ।
ଅକ୍ରୂର । ଏହି ରୂପେ ତୋର ପ୍ରକୃତି ।
ଭଲ ମନ୍ଦ ଦୁଇ କଥା ନ ବିଚାରୁ, ବିଚାରୁଛୁ ଚିର ଅକୀର୍ତ୍ତି । ୨୦ ।
ନାନା ପ୍ରକାରେ ବରଜ ନାରୀମାନେ କରନ୍ତି ଅକ୍ରୂର ନିନ୍ଦନ ।
ଆରତ ସରିତେ ପଡ଼ି ବୁଡ଼ିଗଲେ ତେଜି ଲଜ୍ଜାକୁଳ ସଦନ ।
ରମଣୀ । କରନ୍ତି ବିଚିତ୍ର ବିଳାପ ।
ଭଗତ ଚରଣ ଦାସ କହେ ଅଙ୍ଗେ ଘୋଟି ଯାଉଛି ଗରୁ ତାପ । ୨୧ ।

## ଅଷ୍ଟମ ଛାନ୍ଦ

### (ରାଗ—କଳହଂସ କେଦାର)

କୃଷ୍ଣ କହନ୍ତି ଶୁଣ ବରଜ ବଧୂ ।
କୁମୁଦ ତେଜଇ କି କୁମୁଦ ବନ୍ଧୁ ଗୋ ।
ବିଚାରୁଛ କି ଗଲେ ଆସିବି ନାହିଁ ।
ପଦ୍ମ ବିହୁନେ ଭୃଙ୍ଗ ରହିବ କାହିଁ ଗୋ । ୧ ।
ଜଳ ନପାଇ କାହିଁ ବଞ୍ଚିବ ମୀନ ।
ଚାତକ ବର୍ତ୍ତଇ କି ନଦେଖି ଘନ ଗୋ ।
ଯହିଁ ଥିଲେ ତୁମ୍ଭର ନିକଟେ ଅଛି ।
ଚାରିଦିନକୁ କଣ୍ଟ କରି ଯାଉଛି ଗୋ । ୨ ।
କୃଷ୍ଣ ବଚନ ଶୁଣି ବୋଲନ୍ତି ଗୋପୀ ।
ନଥିବେ କାହିଁ ଆମ୍ଭ ସମାନେ ପାପୀ ।
ତେଜି ଯାଉଛ ଯେଣୁ ଗୋପଜୀବନ ।
ହେଲାଣି ଜୀଉଁ ଜୀଉଁ ମୃତସମାନ ହେ । ୩ ।

---

୨୦ । କମ୍ବୁ—ଶଙ୍ଖ । ନୀଚବଦନେ—ନୀଚଲୋକ ମୁଖରେ । ବଡ଼ଲୋକ—ସାଗର ।
୨୧ । ନିନ୍ଦନ—ନିନ୍ଦା । ଆରତ ସରିତେ—ଆର୍ତ୍ତ ରୂପକ ନଦୀ । ସଦନ—ଘର । ଗରୁ—ଗୁରୁ, ଭାରୀ ।
୧ । କୁମୁଦ ବନ୍ଧୁ—ଚନ୍ଦ୍ର । ଭୃଙ୍ଗ—ଭ୍ରମର ।
୨ । ଘନ—ମେଘ । କଣ୍ଟ—ସମୟ ନିର୍ଦ୍ଧାରଣ, ଜବାବ ।
୩ । ଗୋପଜୀବନ—ଗୋପର ଜୀବନ, ଶ୍ରୀକୃଷ୍ଣ ।

Digitized by PPRACHIN, SOA

ବୋଇଲ ଯେ ପଦ୍ମକୁ ନଛାଡ଼େ ଅଳି ।
ଅନ୍ୟ କୁସୁମ ଦେଖି ତକ୍ଷଣେ ଚଳି ହେ ।
ରଖଇ ନାହିଁ ଆଉ ତା ଠାବେ ସ୍ନେହ ।
ନପୁଣ ସେହିମତି ଆପଣ ହୁଅ ହେ । ୪ ।
ଘନ ଚାତକ ବୋଲି ଯାହା କହିଲ ।
ଏ କଥାରେ କପଟ ବୁଦ୍ଧି ବହିଲ ହେ ।
ମାରିବା ପାଞ୍ଚ ଅଛି ଆମ୍ଭମାନଙ୍କୁ ।
ଏଣୁ ଦେଖାଇ କହୁଅଛ ଘନକୁ ହେ । ୫ ।
ତୃଷା ଆରତେ ଯେହ୍ନେ ଚାତକ ପକ୍ଷୀ ।
ଭୂମି ଜଳ ନପିଏ ଘନକୁ ଦେଖି ହେ ।
ପ୍ରୀତି ଭାଜିବ ବୋଲି କରେ ବିଚାର ।
ସେହି ପ୍ରକାରେ ସିନା ତୁମ୍ଭ ଆମ୍ଭର ହେ । ୬ ।
ତଥାପି ବୃଷ୍ଟି ନକଲେହେଁ ଜୀମୂତ ।
ଚାତକ କି କରିବ କହ ନିୟତ ହେ ।
ସେ କଥା ଶୁଣି ଆମ୍ଭ ବଚନ ଶୁଣ ।
ନଶୁଣ ବୋଲି ନନ୍ଦ ଯଶୋଦା ରାଣ ହେ । ୭ ।
ଶଶିଭୂଷଣ ରିପୁପିୟର ଶୁଣି ।
ହସି ବୋଲନ୍ତି ଶୁଣ ପ୍ରାଣ ମିତଣି ଗୋ ।
ଉଛୁର ହେଲେ କଂସ କରିବ ରୋଷ ।
କି କଥା ଅଛି, ସଖି, ବହନ ଭାଷ ଗୋ । ୮ ।
ବୋଲନ୍ତି ଗୋପ ଗୋଇ, ଶୁଣ ମୁରାରି ।
ଜାଣନ୍ତି ମନ୍ତ୍ରଯନ୍ତ୍ର ମଥୁରା ନାରୀ ହେ ।
ଏଣୁ ଡରୁଛୁ ବ୍ରଜ ବନିତାମାନେ ।
ଭୁଲାଇ ନଛାଡ଼ିବେ ଗୋପ ଭୁବନେ ହେ । ୯ ।

---

୪ । ନପୁଣ ସେହିମତି ଆପଣ ହୁଅ—ଆପଣ ଯେପରି ଅଳିପରି ଆଚରଣ ନ କରନ୍ତି ।

୫ । ପାଞ୍ଚ—ଇଚ୍ଛା ।

୭ । ଜୀମୂତ—ମେଘ । ନିୟତ—ନିଶ୍ଚୟ ।

୮ । ଶଶିଭୂଷଣ ରିପୁ ପିୟର—ଶଶିଭୂଷଣ ହେଲେ ଶିବ, ତାଙ୍କର ରିପୁ ହେଲେ କନ୍ଦର୍ପ, ତାଙ୍କର ପିୟର ବା ପିତା ହେଲେ ବିଷ୍ଣୁ । ଏଠାରେ ଶ୍ରୀକୃଷ୍ଣଙ୍କୁ ଉଦ୍ଦେଶ୍ୟ କରାଯାଇଅଛି ।

୯ । ଗୋପ ଗୋଇ—ଗୋପବାଳା, ଗୋପୀ । ମୁରାରି—ମୁରାସୁରର ଶତ୍ରୁ ଶ୍ରୀକୃଷ୍ଣ । ବ୍ରଜବନିତା—ବ୍ରଜନାରୀ, ଗୋପୀ ।

Digitized by PPRACHIN, SOA

କୃଷ୍ଣ ବୋଲନ୍ତି ଶୁଣ ରମଣୀବୃନ୍ଦ ।
କର୍ପୂର ସମାନ କି ଭାସ୍କର ଗନ୍ଧ ଗୋ ।
ପଦ୍ମ ସମାନ କାହିଁ ହେବ କୁଟଜ ।
ସମାନ କଲା ଲୋକ ସିନା ନିର୍ଲଜ୍ଜ ଗୋ । ୧୦ ।
ପାଟ ଟସର କାହିଁ ସମାନ ମୂଲ ।
ହୀରା ସଙ୍ଗରେ ଲୀଳା ହେବ କି ତୁଲ ଗୋ
ପିତ୍ତଳ ନୋହେ କଳଧଉତ ସମ ।
ଚନ୍ଦ୍ର ପାରୁଶେ କାହିଁ ରହିବ ତମ ଗୋ ? । ୧୧ ।
ସେହି ପ୍ରକାରେ କାହିଁ ମଥୁରା ନାରୀ ।
ସେ ହେବେ ତୁମ୍ଭ କେଉଁ ଗୁଣରେ ସରି ଗୋ ।
ରହିବୁ ନାହିଁ, ଯାଇ ଆସିବୁ ଆମ୍ଭେ ।
ମେଲାଣି ଦିଅ ସଖି ମନ ଆରମ୍ଭେ ଗୋ । ୧୨ ।
ନନ୍ଦନନ୍ଦନ ବାଣୀ ଶୁଣିଲେ ଗୋଇ ।
କହନ୍ତି ସୁନାଗାତ୍ରୀ ବାତୁଳା ହୋଇ ଯେ ।
କଉଁ ଦଇବ ଏହା କରୁଛି ଆଣି ।
କେହ୍ନି ବଞ୍ଚିବୁ ଆମ୍ଭେ ଅବଳା ପ୍ରାଣୀ ହେ । ୧୩ ।
ତିଳେ ଅନ୍ତର ହେଲେ ଯେମନ୍ତ ହେଉ ।
ଘର ରୁଚଇ ନାହିଁ, ଅନାଇ ଥାଉଁ ହେ ।
ଏବେ ସେ ଚାରିଦିନ ଅନ୍ତର ହେଲେ ।
ପଶ୍ଚାତେ କି କି ପିଣ୍ଡେ ରହିବ ଭଲେ ହେ । ୧୪ ।
ବସି ଯେ ଜାଳୁଥିବା ଆସିବା ଯାଏ ।
ନଥିଲେ ପ୍ରାଣ ଦେବୁ ତୁମ୍ଭରି ଲୟେ ହେ ।
ତିନି ଭୁବନେ ଅପକୀର୍ତ୍ତି ପାଇବ ।
ସ୍ତ୍ରୀହତ୍ୟା ଦୋଷକୁ କାହେଁ ଘେନିବ ହେ । ୧୫ ।

---

୧୦ । ଭାସ୍କର—ଭାସ୍କର ଲବଣ । କୁଟଜ--ପିତାକୁଡ଼ିଆ ଫୁଲ ।

୧୧ । ପାରୁଶେ--ପାଖେ । ତମ—ଅନ୍ଧକାର ।

୧୨ । ଆରମ୍ଭେ—ଦମ୍ଭର ସହିତ ।

୧୩ । ସୁନାଗାତ୍ରୀ--କନକ ବରନୀ । କେହ୍ନି—କିପରି ।

୧୪ । କି କି—କିପରି ।

Digitized by PPRACHIN, SOA

କୃଷ୍ଣ କହନ୍ତି, ଶୁଣ ସାରଙ୍ଗନେତ୍ରୀ ।
ନ କରି କିଛି ଚିନ୍ତା କନକଗାତ୍ରୀ ଗୋ ।
ଧନୁ ଉତ୍ସବ କଉତୁକ ଦେଖିବୁଁ ।
କଂସକୁ ଭେଟ ଦେଇ ଶୀଘ୍ରେ ଆସିବୁ ଗୋ । ୧୬ ।
ଶ୍ୟାମସୁନ୍ଦର ତୁମ୍ଭେ ଆମ୍ଭ ଜୀବନ
ତୁମ୍ଭ ସଙ୍ଗରେ ନିଶ୍ଚେ ଯିବ ଜୀବନ ହେ ।
ପିଣ୍ଡ ରହିବ ଶୀଘ୍ରେ କହୁଛୁ ସତ ।
ମଥୁରା ନେଉଟାଣି ପ୍ରାଣ ପ୍ରାପତ ହେ । ୧୭ ।
ରାମ ଅନୁଜ ଭଣି, ପୁଣ ଗୋ ଭୀରୁ ।
ଏମନ୍ତ ନୁହଇ କି, ଆମ୍ଭେ ପଚାରୁ ଗୋ ।
ପ୍ରବାସୀ ହୋଏ ଯେବେ ପ୍ରାଣନାୟକ ।
ପୁଣି ଆସିଲେ ସୁଖ ହୋଏ ଅନେକ ଗୋ । ୧୮ ।
ଏ ବାଣୀ ଶୁଣି ଗୋପୀ ବୋଲନ୍ତି, ଭଲା ।
ଅଇଲେ ଭଲ ସିନା, ନଇଲେ ମଲା ହେ ।
ସେହି ପ୍ରକାରେ କଲା ପ୍ରାଏ ବିଚାରୁଁ ।
ନଇଲେ କି କରିବୁ ? ଆମ୍ଭେ ପଚାରୁଁ ହେ । ୧୯ ।
ସୁସ୍ୱର କରି ହରି କହନ୍ତି ପୁଣ ।
ଏଥକୁ ସାକ୍ଷୀ ରଖି ରମାରମଣ ଗୋ ।
ନିୟମ କରୁଅଛୁଁ ଧର୍ମକୁ ଚାହିଁ ।
ବୋଲେ ଭଗବତ୍‌ଦାସ ବିଶ୍ୱାସ ନାହିଁ ଯେ । ୨୦ ।

---

୧୬ । ସାରଙ୍ଗ ନେତ୍ରୀ—ମୃଗନୟନା ।

୧୮ । ରାମ ଅନୁଜ—ଶ୍ରୀକୃଷ୍ଣ ।

୨୦ । ସୁସ୍ୱର—ଉତ୍ତମ ସ୍ୱରରେ, କୋମଳ ମଧୁର ସ୍ୱରରେ । ରମାରମଣ—ବିଷ୍ଣୁ ।

Digitized by PPRACHIN, SOA

# ନବମ ଛାନ୍ଦ

## (ରାଗ—ଆଷାଢ଼ ଶୁକ୍ଳ)

ଗୋବିନ୍ଦ ବିଚ୍ଛେଦେ ବ୍ରଜନାରୀ । କୁରଙ୍ଗନୟନୁଁ ବହଇ ବାରି ।
ଫିଟିଲା କବରୀ, ତୁଟିଲା ହାର । ଶୁଖିଲା ରଙ୍ଗିମା ଜବା ଅଧର ।
ଅଙ୍ଗୁ ବହେ ଝାଳ । ପାଣ୍ଡୁର ଦିଶେ ହେମଗଣ୍ଡସ୍ଥଳ । ୧ ।
କାହା ବଦନୁଁ ନ ସ୍ଫୁରଇ ବାଣୀ । କାହାର ନଚଳଇ ପାଦପାଣି ।
କାହାର ହିୟା ହୋଏ ଦମଦମ । କାହା ନାସାରୁ ନ ବହେ ପବନ ।
କେ ଭୂମିରେ ପଡେ । କେହୁ ବେନିବାହୁ ହୃଦରେ କୋଡ଼େ । ୨ ।
କେ ନେଇ ଶିରରେ ମାରେ ପଥର । କେହୁ ବୋଲେ ସଖି ମଲି ଏଥର ।
କେ ବୋଲେ କାହିଁକି ପରାଣ ଅଛି । ଦାରୁଣ ଯମ ପାଞ୍ଜି ପକା ପୋଛି ।
ମୁଁ ହୁଅଇ ନାଶ । କେ ବୋଲେ ଆସ ଗୋ ଖାଇବା ବିଷ । ୩ ।
କେ ବୋଲେ ଝାସିବା ଯମୁନା ଗଣ୍ଡେ ।
କେ ବୋଲେ ଅନଳ ଜାଳିବା ପିଣ୍ଡେ ।
କେ ବୋଲେ କଣ୍ଠେ ଚଳାଇବା ଛୁରୀ ।
କେ ବୋଲେ ଆଖି ପକାଇବା ଖୋଳି ।
ଅନ୍ଧ ହେଲେ ଭଲ । କେ ବୋଲେ ଅକ୍ରୁର ମାରିବା ଚାଲ । ୪ ।
କି କରିବ କରୁ ନୃପତି କଂସ । ରହିବା ନାହିଁ ପଛେ ତାର ଦେଶ ।
ସମ୍ପଦେ ଆମ୍ଭର ନାହିଁ ଭରସା । ଅନ୍ୟ ଦେଶେ ଯାଇଁ କରିବା ବସା ।
ଆମ୍ଭ କୃଷ୍ଣ ଥାଉ । ନ ହେଲେ ଅକ୍ରୁର ବାହୁଡ଼ି ଯାଉ । ୫ ।
କାହାର ବେଶ ହୋଇଲା ଶିଥିଳ । କାହାର ଖସିଲା କଟୀ ଦୁକୂଳ ।
କାହା କବରୀ ଚର୍ମ୍ମଦେଶେ ଲୋଟେ ।
ସ୍ୱର ଭେଦେ କାହା କଣ୍ଠ ନ ଫିଟେ ।
ରନ୍ତେ ବିଳାପ । ଘୋଟି ଯାଉଅଛି ସନ୍ତାପ ଆପ । ୬ ।

---

୧ । କୁରଙ୍ଗନୟନୁଁ—ମୃଗନୟନରୁ । ବାରି—ଲୋତକ । କବରୀ—ଜୁଡ଼ା । ରଙ୍ଗିମା—ଲାଲ । ଜବା—ମନ୍ଦାର ଫୁଲ । ପାଣ୍ଡୁର—ଶେତା । ହେମ—ସୁନା ।

୨ । ସ୍ଫୁରଇ—ବାହାରଇ । ପାଦ ପାଣି—ଗୋଡ଼ ହାତ । ହିୟା—ହୃଦୟ, ଛାତି । କୋଡ଼େ—କଚାଡ଼େ ।

୩ । ଯମ...ପୋଛି—ଆୟୁଷ ନେଇଯା, ମାରିଦେ ।

୪ । ଯମୁନା ଗଣ୍ଡେ—ଯମୁନାର ଗଭୀର ଜଳରେ ।

୫ । ବାହୁଡ଼ି ଯାଉ—ଫେରିଯାଉ ।

୬ । କଟୀ ଦୁକୂଳ—କଟୀଲୁଗା, ପାଟଲୁଗା । ଚର୍ମ୍ମଦେଶେ—ଚରମ ଦେଶରେ, ପୃଷ୍ଠପଟରେ । ସ୍ୱରଭେଦେ—ସ୍ୱରଭଙ୍ଗ ଯୋଗୁଁ । ଆପ—ଜଳ ।

Digitized by PPRACHIN, SOA

କେ ବୋଲେ ରସିକ ସାଗର ହରି । ମାରି ତ ଯାଉଛ କୁଳ-କୁମାରୀ ।
କେ ବୋଲେ ରାହୁ ବଇରି-ବଦନ । କେ ବୋଲେ ଷଣ୍ଢା-ଶକଟା-ମର୍ଦ୍ଦନ ।
କେ ବୋଲେ ବକାରି । କେ ବୋଲେ କାଳୀ-ଗର୍ବ-ଖର୍ବକାରୀ । ୭ ।
କେ ବୋଲେ ପୂତନା ପରାଣ ଖିଆ । କୁଳିଶ ପରାଏ କରୁଛ ହିୟା ।
ତିଳରୁ ଅର୍ଦ୍ଧେ ନ କର କରୁଣା । କୃପାସିନ୍ଧୁ ନାମ ଯାଉଛି ଜଣା ।
ଶୁଷ୍କ ନଦୀ ମତ । ଏବେ ସେ ଜାଣିଲୁଁ ତୁମ୍ଭର ଚିତ୍ତ । ୮ ।
ଦୀନ ଜନେ ଦୟା ନ କର ହରି । ଦୀନବନ୍ଧୁ ନାମ ବହ କି କରି ?
ଆଜୁଁ ଯେ ବୋଲିବ ଦୀନବାନ୍ଧବ । ମହତ୍ତ୍ୱ ତାର ସାରିବୁଁ ମାଧବ ।
କହୁଅଛୁଁ ସତ । କଇତବବନ୍ଧୁ ନାମ ବହତ । ୯ ।
ଗୋପୀଙ୍କ ଆରତ ବଚନ ଶୁଣି । ସୁଦାମାକୁ ଚାହିଁ ମୁରଲୀପାଣି ।
ବୋଇଲେ ଗୋପୀଙ୍କି କର ସନ୍ତୋଷ । ନିଶ୍ଚିନ୍ତେ ରହିଥାଅ ନିଜ ବାସ ।
ମୋ ଆସିବା ଯାଏ । କୃଶ ନ କରିବ କନକ କାୟେ । ୧୦ ।
ଶୁଣି ଗୋପାଳେ କହିଲେ ଗୋପୀଙ୍କି । ଅକ୍ରୁର ରଥ ବାହିଲା ଚମକି ।
ନିରାଶେ ରହିଲେ ବରଜେ ନାରୀ । ଜଳ ଶୁଖିଲେ ଯେସନେ ସଫରୀ ।
ସେହିମତି ହୋଇ । ଏକ ଆରକେ ମୁଖ ଚୁହାଁଚୁହିଁ । ୧୧ ।
ବସନ୍ତ ଗଲେ ଯେହ୍ନେ ଦିଶେ ବନ । ବରଷା ଶେଷେ ଯେହ୍ନେ ନଦୀମାନ ।
ଅନ୍ଧାର ପକ୍ଷେ ଯେହ୍ନେ କଳାକର । ପଦ୍ମ ଯେସନେ ପଡ଼ିଲେ ଶିଶିର ।
ହୋଇଯାଏ କ୍ଷୀଣ । ଚନ୍ଦ୍ର ବିନୁ ଯେହ୍ନେ କୁମୁଦବନ । ୧୨ ।
କାନ୍ତ ବିହୁନେ ଯେସନେ ରମଣୀ । ଧର୍ମ ବିହୁନେ ଯେସନେ ଧରଣୀ ।
ବେଦ ବିହୁନେ ଯେହ୍ନେ ଦ୍ୱିଜବର । ଧନ ବିହୁନେ ଯେହ୍ନେ ଦିଶେ ନର ।
ପୁତ୍ର ବିନେ ନାରୀ । ରାଜ୍ୟ ବିହୁନେ ଯେହ୍ନେ ଦଣ୍ଡଧାରୀ । ୧୩ ।

---

୭ । ରାହୁ ବଇରି-ବଦନ—ଚନ୍ଦ୍ରବଦନ, ଚନ୍ଦ୍ରମୁଖ । ଷଣ୍ଢା-ଶକଟା-ମର୍ଦ୍ଦନ—ଶ୍ରୀକୃଷ୍ଣ ଷଣ୍ଢା ଶକଟାଦି ଅସୁରମାନଙ୍କୁ ନିଧନ କରିଥିଲେ । ବକାରି—ବକାସୁରର ଶତ୍ରୁ, ଶ୍ରୀକୃଷ୍ଣ । କାଳୀ ଗର୍ବ ଖର୍ବକାରୀ—କାଳୀୟ ସର୍ପର ଗର୍ବ ଖଣ୍ଡନକାରୀ, ଶ୍ରୀକୃଷ୍ଣ ।

୮ । ପୂତନା ପରାଣ ଖିଆ—ପୂତନା ରାକ୍ଷସୀର ପ୍ରାଣନାଶକାରୀ । କୁଳିଶ—ବଜ୍ର । ତିଳରୁ ଅର୍ଦ୍ଧ—ତିଳାର୍ଦ୍ଧ, ଗୋଟିଏ ରାଶିର ଅର୍ଦ୍ଧ ପରିମିତ ।

୯ । କଇତବ ବନ୍ଧୁ—କପଟ ବନ୍ଧୁ ।

୧୦ । କନକ କାୟେ—ସୁନା ସଦୃଶ ଦେହକୁ ।

୧୩ । ଦଣ୍ଡଧାରୀ—ରାଜା ।

Digitized by PPRACHIN, SOA

ବିଦ୍ୟା ପାସୋରିଲେ ଯେହ୍ନେ ପଣ୍ଡିତ ।
ମାତା ବିହୁନେ ଯେସନେ ବାଳୁତ ।
ଚକ୍ଷୁ ବିହୁନେ ଶୋଭାବନ୍ତ ଜନ । ଭୂଷଣ ବିନୁ ଯେହ୍ନେ ନାରୀମାନ ।
ବିଶେ ଅସୁନ୍ଦର । ବୃକ୍ଷ ବିହୁନେ ଯେହ୍ନେ ଗିରିବର । ୧୪ ।
କୃଷ୍ଣ ବିହୁନେ ସେହିମତି ଗୋପୀ । ଚିନ୍ତା ରତ୍ନାକରେ ହୋଇଲେ ତାପୀ ।
ଦିଗ ନ ଦିଶି ଦିଶିଲା ଅନ୍ଧାର । ଅମାସ୍ୟାଦିନ ଯେସନେ ଚକୋର ।
ହୁଅଇ ଅଜ୍ଞାନ । କୁରାଳଚକ୍ର ପ୍ରାୟେ ଭ୍ରମେ ମନ । ୧୫ ।
ସକଳ ବିଷୟ ମଣନ୍ତି ବିଷ । ହରଷ ତେଜି ଲଭିଲେ ବିରସ ।
ଶିରୀଶ କୁସୁମ ଯେସନେ ହିମେ । ବ୍ରଜ ବିନୁ ବ୍ରଜନାଗରୀମାନେ ।
ହୋଇଗଲେ କୃଷ୍ଣ । ଭୃଙ୍ଗ ବିନୁ ଯେହ୍ନେ ଚମ୍ପକ ପୁଷ୍ପ । ୧୬ ।
ହାର ହେଲା ଗରୁ ବସନ ଅହି । ଚନ୍ଦନ କର୍ପୂର ରୁଚଇ ନାହିଁ ।
ହୁତାଶନ ପରା ଜଳଇ ଅଙ୍ଗ । କୃଷ୍ଣ ବିଚ୍ଛେଦେ ଦ୍ୱିଗୁଣ ଅନଙ୍ଗ ।
ମରମେ ସନ୍ଧିଲା । ପ୍ରାଣ ନେବାରୁ ଅଧିକେ ରୁନ୍ଧିଲା । ୧୭ ।
ଆରତେ କାତର ହରିଣନେତ୍ରୀ । ବାତୁଳ ପରାୟେ କନକଗାତ୍ରୀ ।
ଚଉଦିଗକୁ ଦିଅନ୍ତି ଅନାଇ । ହା କୃଷ୍ଣ ବୋଲି ପଡ଼ନ୍ତି ବୁଲାଇ ।
ପ୍ରଖର ନିଶ୍ୱାସ । କ୍ଷଣକୁ କ୍ଷଣ ଉଠଇ ସାହସ । ୧୮ ।
ବସିଲେ ଉଠି ନପାରନ୍ତି ଦଣ୍ଡେ । ଉଠିଲେ ପଡ଼ନ୍ତି ନ ରହି ଦଣ୍ଡେ ।
ଏକ ଆରେକ ଧରାଧରି ହୋଇ । ବଚନ କହିଲେ ମାରଇ ଝାଉଁ ।
ଅଙ୍ଗୁଶ୍ରମ ଝାଳ । ଫିଟି ପଡୁଛି କବରୀ ଅଞ୍ଚଳ । ୧୯ ।
କାନ୍ଦି ଲୋଡ଼ିଲେ କାନ୍ଦି ନପାରନ୍ତି । ଆରତେ ଶୂନ୍ୟକୁ କୋଳ କରନ୍ତି ।
ଶ୍ୟାମଘନ ସଙ୍ଗ ପ୍ରସଙ୍ଗ ମାନ । ଚିତ୍ତେ ଚିତ୍ତୋଇ ବୁଜନ୍ତି ନୟନ ।
ଥର ଥର ତନୁ । ବାରିଜ ଯେସନେ ନ ଦେଖି ଭାନୁ । ୨୦ ।

---

୧୪ । ଗିରିବର—ଶ୍ରେଷ୍ଠ ପର୍ବତ ।

୧୫ । ଚିନ୍ତା ରତ୍ନାକର—ଚିନ୍ତା ରୂପକ ସମୁଦ୍ର । ଅମାସ୍ୟା—ଅମାବାସ୍ୟା । କୁରାଳଚକ୍ର—କୁମ୍ଭାର ଚକ ।

୧୭ । ଗରୁ—ଭାରୀ । ଅହି—ସର୍ପ । ହୁତାଶନ—ଅଗ୍ନି । ସନ୍ଧିଲା—ଲକ୍ଷ୍ୟ କଲା । ପ୍ରାଣ.. ରୁନ୍ଧିଲା—ପ୍ରାଣ ନନେଇ, ପ୍ରାଣନେବାଠାରୁ ଅଧିକ ଯାତନା ଦେଲା ।

୧୯ । ଝାଉଁ—ମୂର୍ଚ୍ଛା । ଅଞ୍ଚଳ—ଲୁଗାକାନି ।

୨୦ । ଲୋଡ଼ିଲେ—ଇଚ୍ଛା କଲେ । ଶୂନ୍ୟକୁ—ଆକାଶକୁ । ଚିତ୍ତୋଇ—ସ୍ମରଣ କରି । ବାରିଜ—ପଦ୍ମ ।

Digitized by PPRACHIN, SOA

କହଇ ଭଗତଚରଣ ଦାସ । ଗୋବିନ୍ଦ ବିନୁ ଗୋପୀଏ ନିରାଶ ।
ସଦନେ ପ୍ରବେଶ ହୋଇଲେ ଯାଇ । ରଙ୍ଗିମାଚରଣ ଯୁଗଳ ଧ୍ୟାୟି ।
ନିଶି ଦିବସରେ । ଦୁଃଖେ ରହିଲେ ଆସିବା ଆଶାରେ । ୨୧ ।

# ଦଶମ ଛାନ୍ଦ

## (ବାଣୀ—କଳସା)

ଏଥୁ ଅନନ୍ତରେ ଶୁଣ ବିଚିତ୍ର ଚରିତ
ରାମ କୃଷ୍ଣ ସଙ୍ଗେ ଘେନି ସଫଳାର ସୁତ । ୧ ।
ବାହିଲା ଅପୂର୍ବ କରି ଗୋପଦାଣ୍ଡେ ରଥ
କି ଅବା ମାତଳି ସଙ୍ଗେ ବିଜେ ଶଚୀନାଥ ? ।୨ ।
ମଦନ ବିଜୟେ କିଏ ଶମ୍ବର ସମରେ ?
ଚନ୍ଦ୍ର କି ଗମନ କରି ଯାଉଛି ଅମ୍ବରେ ? । ୩ ।
ଶବଦ କରନ୍ତି ବାଦ୍ୟ ରଥାଙ୍ଗ ସମୂହ
ଶିଙ୍ଘା ବେଣୁଘାତେ ଶୁଭୁଅଛି ଗହ ଗହ । ୪ ।
ଗୋପସିନ୍ଧୁ ମଧ୍ୟେ କିଏ ସୁବର୍ଣ୍ଣ ବୋଇତ ?
ଭାସି ଆସୁଛି ବୋଇତକାର ନନ୍ଦସୁତ । ୫ ।
କି ଅବା ଗୁଣ୍ଡିଚା ବିଜେ କଲେ ଜଗନ୍ନାଥ ?
ପୟୋଧି ମନ୍ଥନେ କିବା ହୋଇଲେ ଆଗତ ? । ୬ ।
ଶିଙ୍ଘାବେଣୁ ପଟର କାହାଳୀ ତୂରୀ ବାଜେ
ମଥୁରା ଯିବାକୁ ବ୍ରଜସିଂହ ରଙ୍ଗେ ସାଜେ । ୭ ।

---

୨୧ । ରଙ୍ଗିମାଚରଣ—ଲାଲବର୍ଣ୍ଣର ଚରଣ, ଶ୍ରୀକୃଷ୍ଣଙ୍କର ଚରଣ । ଆସିବା ଆଶାରେ—ଶ୍ରୀକୃଷ୍ଣଙ୍କର ଫେରିବା ଆଶାରେ ।
୧ । ସଫଳାର ସୁତ—ଅକ୍ରୁର ।
୨ । ମାତଳି—ଇନ୍ଦ୍ରଙ୍କର ସାରଥି । ଶଚୀନାଥ—ଇନ୍ଦ୍ର ।
୩ । ଶମ୍ବର ସମର—ଶମ୍ବରାସୁର ମଦନର ପତ୍ନୀ ରତିକୁ ହରଣ କରିବାରୁ ମଦନ ତାହା ସହିତ ଯୁଦ୍ଧ କରି ତାକୁ ବଧ କରିଥିଲା । ଅମ୍ବର—ଆକାଶ ।
୪ । ରଥାଙ୍ଗ—ଚକ୍ରବାକ ।
୫ । ବୋଇତକାର—କର୍ଣ୍ଣଧାର ।
୬ । ପୟୋଧି—ସାଗର ।
୭ । ବ୍ରଜସିଂହ—ଶ୍ରୀକୃଷ୍ଣ ।

Digitized by PPRACHIN, SOA

ଅକ୍ରୂର ବାହଇ ରଥ ଅଶ୍ୱକୁ ହାନ୍ଦୋଳି
ତତକାଳେ ଗୋପର ସୀମାନ୍ତ ଗଲା ବଳି । ୮ ।
କୃଷ୍ଣ ମୁଖ ଚାହିଁଣ କହଇ କଂସଚାର
ଯମୁନାରେ ସ୍ନାହାନ କରିବି, ଆଜ୍ଞାକର । ୯ ।
ଶୁଣି ଗୋବିନ୍ଦ ବୋଲନ୍ତି କର ଅବଗାହ
ବିଳମ୍ବ ନ କରି ଆସି ରହୁବର ବାହ । ୧୦ ।
ଶୁଣି ଶମନ ବହିଣୀ-ତଟେ ମନ୍ତ୍ରୀମଣି
ଦଣ୍ଡବତ କରି ହୃଦେ ଚିନ୍ତି ଚକ୍ରପାଣି । ୧୧ ।
ଆନନ୍ଦ ହୋଇଣ ଜଳେ କରେ ଅବଗାହ
ଦେଖିଲା ଅପୂର୍ବ କଥା, କମ୍ପଇ ବିଗ୍ରହ । ୧୨ ।
ଦିବ୍ୟ ଭୁବନେ ବିଜୟେ ବ୍ରଜ ସୁନ୍ଦର
ନବୀନ-ନୀରଦ-ତନୁ ଅତି ମନୋହର । ୧୩ ।
ଅକ୍ରୂର ସେ ରୂପ ଦେଖି କରଇ ବିଚାର
କଂସ ଡରେ ପଳାଇ କି ଅଇଲେ ଶ୍ରୀଧର । ୧୪ ।
ଜଳେ ଆସି ଲୁଚିଅଛି କି ବୁଦ୍ଧି କରିବି
ବାହୁଡ଼ି ଗଲେ କଂସକୁ କି ବୋଲି କହିବି ? । ୧୫ ।
ଏମନ୍ତ ବିଚାରି ଜଳୁ ଉଠି ଦେଲା ଚାହିଁ
ଦେଖିଲା ତଟରେ ବିଜେ ରାମ ଭାବଗ୍ରାହୀ । ୧୬ ।
ଚକିତ ଚିତ୍ତରେ ପୁଣି ଭାଳଇ ମନରେ
କି ଦେଖିଲି ବାତୁଳ କେ କଲା ନିକି ମୋରେ । ୧୭ ।
ଯାହାକୁ ଦେଖିଲି ଜଳେ ସେତ ଅଛି କୂଳେ
ଦେଖି ପରୀକ୍ଷା କରଇ କିନା ଆର ବେଳେ । ୧୮ ।

---

୮ । ହାନ୍ଦୋଳି—ଅଡ଼ାଇ, ତଡ଼ି ।
୧୦ । ଅବଗାହ—ସ୍ନାନ କର । ରହୁବର—ରଥଶ୍ରେଷ୍ଠ ।
୧୧ । ଶମନ ବହିଣୀ—ଯମ ଭଉଣୀ, ଯମୁନା । ଚକ୍ରପାଣି—ଚକ୍ରଧର, ଶ୍ରୀକୃଷ୍ଣ ।
୧୨ । ବିଗ୍ରହ—ଶରୀର ।
୧୩ । ନବୀନ-ନୀରଦ—ନୂଆମେଘ ।
୧୪ । ଶ୍ରୀଧର—ଲକ୍ଷ୍ମୀପତି, ବିଷ୍ଣୁ, ଏଠାରେ ଶ୍ରୀକୃଷ୍ଣ ।
୧୬ । ରାମ ଭାବଗ୍ରାହୀ—ବଳରାମ ଓ ଶ୍ରୀକୃଷ୍ଣ ।
୧୭ । ମୋରେ—ମୋତେ ।
୧୮ । ଆରବେଳେ—ଆଉ ଥରେ ।

Digitized by PPRACHIN, SOA

ଏତେ ବୋଲି ବୁଡ଼ିଲା ସେ ସଫଳା ତନୁଜ
ଦେଖିଲା ବିଚିତ୍ରପୁର କୋଟି ସୂର୍ଯ୍ୟତେଜ । ୧୯ ।
ମଧ୍ୟରେ ବିଜୟେ କରିଛନ୍ତି ଦେବରାଜେ
ଶିରେ ସପ୍ତଶାଖା ହେମ ମୁକୁଟ ବିରାଜେ । ୨୦ ।
ବାଳ ଭୃଙ୍ଗ-ପନ୍ତି ପ୍ରାଏ ଦିଶଇ ଅଳକା
ମୁଖପଦ୍ମ ବେଢ଼ିକି ଚୁମ୍ବନ୍ତି ମଧୁଚଖା । ୨୧ ।
ସୁନ୍ଦର ଦିଶଇ ନୀଳ ଇନ୍ଦୀବର ପରା
ନାସାରେ ମୁକୁତା କି ସେ ଚନ୍ଦ୍ରପାଶେ ତାରା । ୨୨ ।
ଶ୍ରୁତି ମୂଳେ ମକର କୁଣ୍ଡଳ ନିନ୍ଦେ ରବି
ଜବାକୁସୁମକୁ ନିନ୍ଦେ ବିମ୍ବାଧର ଛବି । ୨୩ ।
କମ୍ବୁ କଣ୍ଠେ ମୋତି ଦାମ ଦିଶଇ ମଞ୍ଜୁଳ
ନୀଳ ଜୀମୂତ ଅଙ୍କରେ କିବା ବକମାଳ । ୨୪ ।
କରିକର ଜିଣି ଚାରି ଭୁଜ ଦଣ୍ଡ ସାଜେ
ଶଙ୍ଖ ଚକ୍ର ଗଦା ପଦ୍ମ ନିରତେ ବିରାଜେ । ୨୫ ।
କଟିରେ ଶୋଭଇ ପୀତ ସୁଝୀନ ଅମ୍ବର
କଳାମେଘ କୋଳେ କିଏ ଛକିତ ଅଙ୍ଗିର ? । ୨୬ ।
ଚରଣ ଯୁଗଳେ ଶୋଭା ବାଜେଣୀ ନୂପୁର
ଅଷ୍ଟନିଧି ଯେଉଁ ପଦ୍ମପାଦେ ପରିଚାର । ୨୭ ।

---

୧୯ । ସଫଳା ତନୁଜ—ଅକ୍ରୂର ।

୨୦ । ଦେବରାଜ—ଶ୍ରୀକୃଷ୍ଣ ।

୨୧ । ବାଳଭୃଙ୍ଗ—ଭଅଁର ଛୁଆ । ଅଳକା—ଚୂର୍ଣ୍ଣକୁନ୍ତଳ । ମଧୁଚଖା—ଭଅଁର ।

୨୨ । ଇନ୍ଦୀବର—ନୀଳକଇଁ ।

୨୩ । ଶ୍ରୁତି ମୂଳେ—କାନ ମୂଳେ । ବିମ୍ବାଧର ଛବି—ବିମ୍ବ ସଦୃଶ ଅଧରର ଶୋଭା ।

୨୪ । କମ୍ବୁକଣ୍ଠ—ଶଙ୍ଖ ସଦୃଶ ଗଳା । ମୋତିଦାମ—ମୋତିମାଳା । ମଞ୍ଜୁଳ—ସୁନ୍ଦର । ନୀଳ ଜୀମୂତ—ନୀଳମେଘ । ଅଙ୍କରେ—କୋଳରେ ।

୨୫ । କରିକର—ହାତୀଶୁଣ୍ଢ । ନିରତେ—ସର୍ବଦା ।

୨୬ । ସୁଝୀନ—ସୂକ୍ଷ୍ମ । ଅମ୍ବର—ବସ୍ତ୍ର । ଛକିତ—ସ୍ଥିର । ଅଙ୍ଗିର—ବିଜୁଳି ।

୨୭ । ଅଷ୍ଟନିଧି—ପଦ୍ମ, ଶଙ୍ଖ, ମକର, କଚ୍ଛପ, ମୁକୁନ୍ଦ, କୁନ୍ଦ, ନୀଳ ଓ ଖର୍ବ । ପରିଚାର—ସେବା, ସେବାରତ ।

Digitized by PPRACHIN, SOA

ଚଉପାଶେ ବିଳାସିନୀ କରନ୍ତି ଗାୟନ
କିନ୍ନରେ ବଜାନ୍ତି ବୀଣା ଦେଇ ତାଳମାନ । ୨୮ ।
ଲକ୍ଷ୍ମୀ ଆଦି ସରସ୍ୱତୀ କରନ୍ତି ମଙ୍ଗଳ
ନାରଦ ସହିତେ ଛନ୍ତି ଅନେକ ଅମର । ୨୯ ।
ସ୍ତୁତି ପଢୁଛନ୍ତି ଚଉମୁଖେ ବେଦବର
ଅନନ୍ତ ମସ୍ତକେ ହରି କରନ୍ତି ବିହାର । ୩୦ ।
ଏମନ୍ତ ସ୍ୱରୂପ ଦେଖି ଆନନ୍ଦ ଅକ୍ରୂର
ପ୍ରେମେ ଥର ଥର ତନୁ କି ରମ୍ଭା ପତର । ୩୧ ।
ଆନନ୍ଦ ମନରେ ବହୁମତେ କଲା ସ୍ତୁତି
କହଇ ଭଗତ ଦାସ ଭାବେ ଭଜି ମତି । ୩୨ ।

## ଏକାଦଶ ଛାନ୍ଦ

### (ରାଗ—କାଳୀ)

ଅକ୍ରୂର ସ୍ତବ ଶୁଣି ମାଧବ ଜଳୁଁ ଅନ୍ତର ହୋଇ
ନୀଳ ଜଳଦ ଅଙ୍କେ ଜଳଦ ଅଂଶ ଯେସନେ ଯାଇ । ୧ ।
ତକ୍ଷଣେ ନୀର ଭିତରୁ ଧୀର ହୋଇ ବାହାର ଯଦୁ
ଗୋବିନ୍ଦ ପାଶେ ମିଳି ହରଷେ, ପୁଚ୍ଛନ୍ତି ବ୍ରଜବନ୍ଧୁ । ୨ ।
ଗଲ ଯେ ନଦୀ ଶୁଣ ହେ ଦାଦି କି କି ଦେଖିଲ କହ
କପଟ ଦୂର କରି ସେ କଥା ବିସ୍ତାରି ରଥ ବାହ । ୩ ।

---

୨୮ । ବିଳାସିନୀ—ଅମରୀ, ଗନ୍ଧର୍ବୀ ।

୨୯ । କରନ୍ତି ମଙ୍ଗଳ—ମାଙ୍ଗଳିକ ଗାନ କରନ୍ତି ।

୩୦ । ବେଦବର—ବ୍ରହ୍ମା ।

୩୧ । ରମ୍ଭାପତର—କଦଳୀ ପତର ।

୩୨ । ସ୍ତୁତି—ସ୍ତବପାଠ ।

୧ । ମାଧବ—ଶ୍ରୀକୃଷ୍ଣ । ନୀଳ...ଯାଇ—ନୀଳ ମେଘ ସହିତ ନୀଳମେଘ ଯେପରି ମିଶିଯାଏ, ସେହିପରି ଜଳମଧରେ ଥିବା ଶ୍ରୀକୃଷ୍ଣ ରଥରେ ଥିବା ଶ୍ରୀକୃଷ୍ଣଙ୍କ ଅଙ୍ଗରେ ମିଶିଗଲେ ।

୨ । ଯଦୁ—ଯଦୁବଂଶଜ ଅକ୍ରୂର । ବ୍ରଜବନ୍ଧୁ—ଶ୍ରୀକୃଷ୍ଣ ।

୩ । ବିସ୍ତାରି—ବିସ୍ତୃତ ବର୍ଣ୍ଣନା କରି ।

Digitized by PPRACHIN, SOA

ଏ ବାଣୀ ଶୁଣି ସେ ମନ୍ତ୍ରୀମଣି କହେ ବିନୟ ହୋଇ
ଭୋ ଦେବ ତୋତେ ଦେଖିଲି ନେତ୍ରେ ଜଳଭିତରେ ଯାଇ । ୪ ।
ଜାଣୁତ ହରି, ପୁଣି ପଚାରି ବୁଝୁ ଚତୁର ପଣେ
ଦୀନବାନ୍ଧବ ଜାଣି ତା ଭାବ ହସିଲେ ଚନ୍ଦ୍ରାନନେ । ୫ ।
ସଫଳାସୁତ ବସିଲା ରଥ, ବାହିଲା ବେଗ କରି
ତୁରିତେ ଯାଇ ମଥୁରାଗଡ଼ ନିକଟେ ଯାନ ମିଳି । ୬ ।
ଅକ୍ରୂର କର ଧରି ଶ୍ରୀଧର ବୋଲନ୍ତି ଶୁଣ ବୀର
ଦଣ୍ଡେ ବିଳମ୍ବ କର, ଆସନ୍ତୁ ମାତା ପିଅର ମୋର । ୭ ।
ଗୋରସମାନ ଘେନାଇ ଆସୁଅଛନ୍ତି ପଛେ ପଛେ
ସଙ୍ଗେ ବରଜ ବାଳକମାନେ ଚାଲି ଆସନ୍ତି ସୁଖେ । ୮ ।
ଏମନ୍ତ କହୁଁ କହୁଁ ସକଳ ଗୋପାଳେ ହେଲେ ଠୁଳ
ବଜାନ୍ତି ନାନାରଙ୍ଗେ ମୁରଲୀ ନାଚନ୍ତି ଗେଲ ଗେଲ । ୯ ।
ଅକ୍ରୂର କହେ, ଭୋ ଦେବରାଏ, ଆସ ମୋ ପୁରେ ଯିବା
ରାତ୍ରକ ରହି ପ୍ରଭାତୁଁ ଯାଇଁ କଂସରେ ଭେଟି ହେବା । ୧୦ ।
ଶାରଙ୍ଗଧର କହନ୍ତି ଧୀର କରି ଅମିୟ ଗିର
ଏକଥା ତାତ ନୋହେ ଉଚିତ, ନଯିବି ତୋର ଘର । ୧୧ ।
ଶୁଣିଲେ କଂସ କରିବ ରୋଷ, ସେ ଯେ ଦୁର୍ଜନ ମତି
ଆଣିଛି ଧରି ମାନବ ବୋଲି, ଅଜ୍ଞାନ ଭୋଜପତି । ୧୨ ।
କିସ କରିବ, କିସ ବୋଲିବ, ଜାଣିମା ତାହା କାଲି
ତୁ ଏବେ ନିଜ ଭୁବନେ ଯାଅ, ବୋଇଲେ ବନମାଳୀ । ୧୩ ।
ଆଗ ମୁଁ କଂସ କରଇ ନାଶ, ତୋଷଇ ବନ୍ଧୁଜନ
ତେବେ ତୋପୁର ଯିବି ନିକର ସତ୍ୟ ସଫଳାନାନ । ୧୪ ।

---

୫ । ଚନ୍ଦ୍ରାନନ—ଚନ୍ଦ୍ରମୁଖ ।
୭ । ମାତା ପିଅର—ମାତା ଓ ପିତା ।
୮ । ଗୋରସ—ଦୁଗ୍ଧ ।
୯ । ଠୁଳ—ଏକତ୍ରିତ ।
୧୧ । ଶାରଙ୍ଗଧର—ଶ୍ରୀକୃଷ୍ଣ । ଅମିୟ ଗିର—ଅମୃତବୋଳା କଥା ।
୧୨ । ରୋଷ—ରାଗ । ଭୋଜପତି—କଂସ ।
୧୩ । ବନମାଳୀ—ଶ୍ରୀକୃଷ୍ଣ ।
୧୪ । ନିକର—ନିଶ୍ଚୟ । ସଫଳାନାନ—ସଫଳାପୁତ୍ର, ଅକ୍ରୂର ।

Digitized by PPRACHIN, SOA

ଆଜିକ ମଧୁବନେ ରହଣି କରିବୁ, ତୁମ୍ଭେ ଯାଅ
ଶୁଣି ସାନନ୍ଦ ହୋଇ ଅକ୍ରୂର ନୟନୁ ବହେ ଲୁଅ । ୧୫ ।
ଚରଣ ତଳେ ପଡ଼ି କାତରେ ଉଠି ମେଲାଣି ମାଗି
ଚଢ଼ିଲା ରଥେ, ମଥୁରା ପଥେ ଗମଇ ବେଗି ବେଗି । ୧୬ ।
କଂସର ଗଡ଼-ଦୁଆରେ ବଡ଼ ମାର୍ଗରେ ବୀର ପଶି
ଦେଖିଣ କଂସ ହେଲା ହରଷ, ପାଛୋଟି ନେଲା ଆସି । ୧୭ ।
ଆସନ ଦେଇ,ପାଶେ ବସାଇ କହଇ କର୍ଣ୍ଣମୂଳେ
ହେଲା କି କାର୍ଯ୍ୟ ? ନନ୍ଦ ତନୁଜ ଆସିଲେ ଟିକି ଭଲେ ?। ୧୮ ।
କହଇ ପାତ୍ର କମ୍ପାଇ ଗାତ୍ର, ଆଜ୍ଞା ପ୍ରମାଣେ ଗଲି
ରାମ ଗୋବିନ୍ଦ ସହିତେ ନନ୍ଦ ଆଣିଲି ଦଣ୍ଡଧାରୀ । ୧୯ ।
ଛାମୁରେ ମୁହିଁ କହିବା ପାଇଁ ଅଇଲି ନରେଶ୍ୱର
ଭୋ ଦେବ ବୀର-ମୁକୁଟମଣି ଯେ ଇଚ୍ଛା ଏବେ କର । ୨୦ ।
ଶୁଣି ଭୂପତି ପ୍ରସନ୍ନମତି ହୋଇଲା ଅକ୍ରୂରକୁ
ଧନ ବସନ ମାଳଚନ୍ଦନ ବହୁତ ଦେଲା ତାକୁ । ୨୧ ।
ବୋଇଲା ରାଜା, ବଜାଇ ବାଜା ମିତ୍ରକୁ ଛାଡ଼ିଆସ....
ଏହା ପ୍ରସାଦେ ବଇରୀମାରି ଭୁଞ୍ଜିବି ସୁଖ ଯଶ । ୨୨ ।
ଏସନ ଭଣି ଦେଲା ମେଲାଣି, ଅକ୍ରୂର ଗଲା ଘର
କହେ ଭଗତ-ଚରଣ ଦାସ ସୁମରି ଗିରିଧର । ୨୩ ।

---

୧୫ । ଲୁଅ—ଲୁହ ।

୧୬ । ମେଲାଣି—ବିଦାୟ ।

୧୭ । ବଡ଼ମାର୍ଗ—ରାଜଦାଣ୍ଡ ।

୧୮ । ନନ୍ଦତନୁଜ—ନନ୍ଦପୁଅ, ଶ୍ରୀକୃଷ୍ଣ ।

୧୯ । ପାତ୍ର—ରାଜକର୍ମଚାରୀ । ଆଜ୍ଞାପ୍ରମାଣେ—ଆଜ୍ଞା ଅନୁସାରେ । ଦଣ୍ଡଧାରୀ—ରାଜା ।

୨୦ । ନରେଶ୍ୱର—ରାଜା । ବୀର ମୁକୁଟମଣି—ବୀରଶ୍ରେଷ୍ଠ ।

୨୧ । ଭୂପତି—ରାଜା । ପ୍ରସନ୍ନମତି—ଆନନ୍ଦମନ ।

୨୨ । ବଇରୀ ମାରି—ଶତ୍ରୁ ଯେ ଶ୍ରୀକୃଷ୍ଣ ତାଙ୍କୁ ମାରି ।

୨୩ । ଗିରିଧର—ଶ୍ରୀକୃଷ୍ଣ ।

Digitized by PPRACHIN, SOA

# ଦ୍ୱାଦଶ ଛାନ୍ଦ

## (ରାଗ–କାଫି)

ମନ୍ତ୍ରୀ ମେଲାଣି ଅନ୍ତେ କଂସାସୁର । ଅସୁରଙ୍କୁ ରାଇ କରେ ବିଚାର ।
ବୋଲଇ ଶୁଣ ହେ ବଳିଷ୍ଠ ମାନେ । ନନ୍ଦ ନନ୍ଦନ ଆସି ମଧୁବନେ ।
ସେହିଟି, ପୂତନାକୁ ମାଇଲେ । କାଳିନ୍ଦୀ ହ୍ରଦେ କାଳୀକି ଦଳିଲେ । ୧ ।
ଶକଟା ତୃଣା ବକା କଲେ ହତ । ବଛା ବ୍ୟୋମା ଷଣ୍ଢା କେଶୀ ସହିତ ।
ଏହିରୂପେ ଯେତେ ଦଇତ ଗଲେ । ତାହାଙ୍କୁ ମାରି ଗୋପପୁରେ ଥିଲେ ।
ଏବେ ମୁଁ ତାଙ୍କୁ ଆଣିଲି ଧରି । କହ କେମନ୍ତେ ପକାଇବା ମାରି । ୨ ।
ସାନ ନୁହନ୍ତି ସେ ଦୁଇ ସୋଦର । ଇନ୍ଦ୍ର ଜିଣିଲେ ଟୋଳି ଗିରିବର ।
ଧେନୁକା ବୀର କେଡ଼େ ବଳୀୟାର । ତାକୁ ମାଇଲା ଭାଇ ହଳଧର ।
ଏଣୁ ମୁଁ ଭୟ କରଇ ମନେ । ଭୋ ! ବୀରେ କହ ମାରିବା କେସନେ । ୩ ।
ଏହା ଶୁଣି ଦୁଷ୍ଟମାନେ ବୋଲନ୍ତି । ଭୟ ନ କର ଆହେ ଭୋଜପତି ।
ଛାର ବାଳକେ କି ଜାଣନ୍ତି ଯୁଦ୍ଧ । ମୁଥେ ମାରି ପ୍ରାଣେ କରିବୁ ବଧ ।
ନୁହନ୍ତି ରାଜକୁମାର ସେହୁ । ମାଲଙ୍କ ବିନ୍ଧାଣ ଜାଣିବେ କାହୁଁ । ୪ ।
ଆଡ଼ଣ ତାଡ଼ଣ ସରଳି ଯିବା । ଅଦୃଶ୍ୟ ହୋଇ ଠଣା ଧରିଥିବା ।
ଉଲଟ ପଞ୍ଚାଣ ଡାକିବା ଠାର । ମୁଥ ବଞ୍ଚାଣ ପ୍ରହାର ପୟର ।
ମୁଣ୍ଡକୁ, ମୁଣ୍ଡ ମାରିବା ଗତି । ସେ କାହୁଁ ଜାଣିବେ ଗଉଡ଼ ଜାତି । ୫ ।
ପାଦେ ପାଦେ ଛନ୍ଦି କର୍କଶ ଭିଡ଼ । ପଡ଼ି ଉଠିବ ଜଗି ପିଠି ବାଡ଼ ।
ମର୍ମସ୍ଥାନକୁ ଲୁଚାଇ ରଖିବା । ସମ୍ମୁଖେ ଥାଇ ପଛକୁ ଡେଇଁବା ।
ସାଧନ ଏହି ପ୍ରକାରେ ଯେତେ ।
ଭୋ ଦେବ ତୋ ଆଗେ କହିବୁ କେତେ । ୬ ।

---

୧ । ରାଇ–ଡାକି ।

୩ । ସୋଦର–ସହୋଦର, ଭାଇ । ଗିରିବର–ଗୋବର୍ଦ୍ଧନ ଗିରି ।

୪ । ବିନ୍ଧାଣ–ମଲ୍ଲଯୁଦ୍ଧ ।

୫ । ଆଡ଼ଣ–ଯୁଦ୍ଧରେ ଶସ୍ତ୍ରାଘାତରୁ ଶରୀରକୁ ରକ୍ଷା କରିବା ଲାଗି ଜଗିବା । ତାଡ଼ଣ–ଆଘାତ କରିବା । ସରଳି ଯିବା–ସମ୍ମୁଖଭାଗରେ ସିଧା ପ୍ରବେଶ କରିବା । ଠଣା ଧରିଥିବା–ସ୍ଥାନ ଧରି ରହିଥିବା । ଉଲଟ ପଞ୍ଚାଣ–ଓଲଟ ବିଚାରରେ । ଡାକିବା ଠାର–ସାଙ୍କେତିକ ଭାଷାରେ ଡାକିବା । ମୁଥ ବଞ୍ଚାଣ–ମୁଥ ପ୍ରହାରରୁ ନିଜକୁ ବଞ୍ଚାଇବା । ପୟର–ପାଦ ।

୬ । କର୍କଶ–କଠିନ । ପିଠିବାଡ଼–ପିଠିପାଖ । ମର୍ମସ୍ଥାନ–ହୃଦୟ ।

Digitized by PPRACHIN, SOA

ମୁଷ୍ଟି ଉଞ୍ଚାଇ ନ ମାରି ମାରିବ । ଆଗେ ଦେଖାଦେଇ ପଛୁଁ ଧରିବ ।
ବାହାସ୍ଫୋଟ ମାରି ଝାଡ଼ିବ ଅଙ୍ଗ । ପାଶେ ରଖିଥିବ ଆପଣା ସଙ୍ଗ ।
ରାଜନ, ମାଲ ବିଧାଣ କଥା । ଚଉଷଠି ବନ୍ଧେ ଯେତେ ବ୍ୟବସ୍ଥା । ୭ ।
ଏତେ ପ୍ରକାର ସାଧିଅଛୁ ଆମ୍ଭେ । ଛାମୁରେ ବୀର ନରହନ୍ତି ଦମ୍ଭେ ।
କୀଟ ପ୍ରାୟେ କରି ମୋଡ଼ିବୁଁ ଶିର । ବହନ ଆଜ୍ଞା ଦିଅ ନୃପବର ।
ଏ ବାଣୀ, ଶୁଣି ବୋଲଇ କଂସ । ମୁଁ ବୁଦ୍ଧି ଦେଉଛି, ସକଳେ ବସ । ୮ ।
ଯାହା କହିଲ ସେ କଥା ପ୍ରମାଣ । ତୁମ୍ଭ ଛାମୁରେ କେ କରିବ ରଣ ।
କେବଳ ଅଭାଗ୍ୟ ହୋଇବ ଯେବେ । ସାଧନମାନେ କେହି ନ ରହିବେ ।
ଏଣୁ ମୁଁ, କହୁଅଛି ତୁମ୍ଭକୁ । ଯେମନ୍ତେ ମାରିବା ନିଜ ଶତ୍ରୁକୁ । ୯ ।
ସିଂହ ଦୁଆରେ କୁବଳୟା ଥିବ । ପାରିବ ଯେବେ ଦୁହିଁଙ୍କି ମାରିବ ।
ସେଠାରୁ ବଳି ଆସିଲେ ଗୋବିନ୍ଦ । ଦ୍ୱିତୀୟ ଦ୍ୱାରେ ଥିବ ମାଲବୃନ୍ଦ ।
ସଂଗ୍ରାମ କରି ସାଧିବ ରିପୁ । ଉଦ୍ଧରିଲ ମୋତେ ମାଲେ ସନ୍ତାପୁଁ । ୧୦ ।
ରଙ୍ଗ ସଭାରେ ବସିଥିବେ ରାଜା । ବାଜୁଥିବ ନାନା ଜାତିର ବାଜା ।
ଦେବକୀ ବସୁଦେବ ଆଦି ଥିବେ । ବେନି ପୁତ୍ରଙ୍କ ମରଣ ଦେଖିବେ ।
ଖଡ଼ଗ ଧରିଥିବଇଁ ମୁହିଁ । ଗାଢ଼ ଦେଖିଲେ ପଡ଼ିବଇଁ ଧାଇଁ । ୧୧ ।
ମଣ୍ଡଣି କର ଯାଇଁ ଧନୁଘର । ପାହାରୀ ଜଗିଥିବେ ତିନିପୁର ।
ନ ପୁଣ ଗୋପାଳେ କରନ୍ତି ଜୁର । ଧନୁ-ମଣ୍ଡଣି ନୀଳା ହେମହାର ।
ତହିଁକି କରିଥିବ ଆଟକ । ମାଛି ଗଳିବାକୁ ନ ଥିବ ବାଟ । ୧୨ ।
ନନ୍ଦ ଯଶୋଦାଙ୍କୁ ଘେନାଇ ଆସି । ଆସିଛନ୍ତି ଯେତେ ବରଜବାସୀ ।
ମଞ୍ଚାରେ ବସାଇଥିବା ସଭିଙ୍କି । ସୁତଙ୍କ ମରଣ ଦେଖିବେ ଟିକି ।
ଏମନ୍ତ, ଯହୁଁ କହିଲା କଂସ । ଶୁଣି ରାକ୍ଷସେ ହୋଇଲେ ହରଷ । ୧୩ ।
ସମସ୍ତ ଜନ ମନକୁ ଅଇଲା । ଯଉଁ କଥା ନରବର କହିଲା ।
ଠାବେ ଠାବେ ସେହି ପ୍ରକାରେ କଲେ । ଯେ ଯାହାମତେ ଜଗିଣ ରହିଲେ ।
କହଇ ଭକତ ଚରଣ ଦାସ । ପବନକୁ ପାତୁ ଅଛନ୍ତି ପାଶ । ୧୪ ।

---

୭ । ବାହାସ୍ଫୋଟ—ବାହୁ ଠୁକିବା ।

୯ । ସାଧନ—ଯୁଦ୍ଧର ଉପାୟ ବା ଯୁଦ୍ଧର ଉପକରଣ ।

୧୦ । କୁବଳୟା—କଂସର ହାତୀ । ସାଧିବ—ନାଶ କରିବ । ମାଲେ—ମାଲମାନେ । ସନ୍ତାପୁଁ—ଦୁଃଖରୁ ।

୧୧ । ଗାଢ଼—ପ୍ରବଳ ।

୧୨ । ମଣ୍ଡଣି—ସଜ୍ଜିତ । ପାହାରୀ—ପ୍ରହରୀ । ତିନିପୁର—ତିନି ଲୋକ ।

୧୪ । ନରବର—ରାଜା, କଂସ ।

Digitized by PPRACHIN, SOA

# ତ୍ରୟୋଦଶ ଛାନ୍ଦ

## (ରାଗ—କଲ୍ୟାଣ ଆହାରୀ)

ଏଥୁ ଅନନ୍ତରେ ବରଜ ବରଜସଙ୍ଗେ ମଧୁବନେ ରହିଲେ ।
ବସନ ସଦନ ସାଜିଲେ ବହନ, ନାନା ରନ୍ଧନମାନ କଲେ ।
ଭୋଜନ, କଲେ ସେ ନନ୍ଦର ନନ୍ଦନ
ଗୋପସୁତମାନେ ବେଢ଼ି ରହିଛନ୍ତି ଚନ୍ଦ୍ରପାଶେ ତାରା ଯେସନ । ୧ ।
ହସି ବନମାଳୀ ବୋଲନ୍ତି ମଥୁରା କଟକ ଛଟକ ଦେଖିବା ।
ଚାଲ ସକଳେ ଏକମେଳ ହୋଇଣ ବହନ ଯାଇଣ ଆସିବା ।
ଗୋବିନ୍ଦ, ବଚନେ ସଜହେଲେ ସୁତେ ।
ଯୋଡ଼ି ଯୋଡ଼ି ହୋଇ କର ଛନ୍ଦାଛନ୍ଦି ଦେଖି ହସନ୍ତି ଗୋପୀନାଥେ । ୨ ।
କାଠତାଳ ତାଳୀ ଘଡର କାହାଳୀ ବେଣୁ ବଂଶୀ ଶିଙ୍ଗା ବାଜେ ।
ମଥୁରା ଭୁବନ କି ଭାଗ୍ୟ କରିଛି ଆଜ ଦେଖିବେ ଦେବରାଜେ ।
ରୋହିଣୀ—ନନ୍ଦନ ହୋଇଲେ ଆଗର
ଧୀରେ ଧୀରେ ବିଜେ, କିଏ କରିରାଜେ ମେଦିନୀ ପାଉଛି ସୁନ୍ଦର । ୩ ।
ଶିରେ ଭୁଜଙ୍ଗଭୁଜ—ପୁଚ୍ଛ ଶୋହିଛି, ନିନ୍ଦଇ ଇନ୍ଦ୍ର ଶରାସନ
ଅଳକାପନ୍ତି ବାଳଅଳି ଗଞ୍ଜାଇ ଦେଖି କେ ନୋହିବ ଉଚ୍ଛନ୍ନ ।
ଭ୍ରୂଲତା କି ଅବା ମଦନ କୋଦଣ୍ଡ
ଅଞ୍ଜନ-ଲତାକୁ ଗୁଣ କରିଅଛି କଞ୍ଜନୟନ ପଞ୍ଚକାଣ୍ଡ । ୪ ।
ତିଳଫୁଲ ନାସା ଦକ୍ଷିଣ ପୁଡ଼ାରେ ଶୋହିଛି ବର୍ତ୍ତୁଳ ମୁକୁତା ।
କଳାକର କୋଳେ କି ଅବା ନିଶ୍ଚଳେ ଉଦେ ହୋଇଅଛି ସବିତା ।
କର୍ଣ୍ଣରେ, କୁଣ୍ଡଳ କି ଏ ମାରତଣ୍ଡ ।
ମନସିଜକର ଆଦରଶ ପ୍ରାୟେ ଶୋଭା ପାଉଛି ବେନିଗଣ୍ଡ । ୫ ।

---

୧ । ବରଜ—ଶ୍ରୀକୃଷ୍ଣ । ବରଜ ସଙ୍ଗେ—ଗୋପାଳମାନଙ୍କ ସଙ୍ଗରେ । ବସନ ସଦନ—କନ୍ଥ ।

୨ । ଛଟକ—ଶୋଭା । ବହନ—ଶୀଘ୍ର ।

୩ । ଦେବରାଜ—ଶ୍ରୀକୃଷ୍ଣ । କରିରାଜ—କରିଶ୍ରେଷ୍ଠ । ଏଠାରେ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ବାମନ ଓ ଐରାବତ ହସ୍ତୀ ସହିତ ତୁଳନା କରାଯାଇଛି । ବାମନ ହେଉଛି ଦକ୍ଷିଣ ଦିଗର ହସ୍ତୀ ଓ ତାର ବର୍ଣ୍ଣ କଳା, ଐରାବତ ହେଉଛି ପୂର୍ବଦିଗର ହସ୍ତୀ ଓ ତାର ବର୍ଣ୍ଣ ଧଳା ।

୪ । ଭୁଜଙ୍ଗଭୁଜ-ପୁଚ୍ଛ—ମୟୂର ପୁଚ୍ଛ । ଇନ୍ଦ୍ର ଶରାସନ—ଇନ୍ଦ୍ରଧନୁ । ଅଳକାପନ୍ତି—ଚୂର୍ଣ୍ଣକୁନ୍ତଳ ସମୂହ । ମଦନ କୋଦଣ୍ଡ—କନ୍ଦର୍ପର ଧନୁ । ଗୁଣ—ଧନୁର ଗୁଣ, ଦଉଡ଼ି । କଞ୍ଜନୟନ—ପଦ୍ମ ନେତ୍ର । ପଞ୍ଚକାଣ୍ଡ—ପାଞ୍ଚଟି ଶର ।

୫ । ତିଳଫୁଲ—ପେଶି ଫୁଲ । ବର୍ତ୍ତୁଳ—ଗୋଲ । କଳାକର—ଚନ୍ଦ୍ର । ସବିତା—ସୂର୍ଯ୍ୟ । ମାରତଣ୍ଡ—ସୂର୍ଯ୍ୟ । ମନସିଜ—କନ୍ଦର୍ପ । ଆଦରଶ—ଦର୍ପଣ ।

Digitized by PPRACHIN, SOA

ପଦ୍ମଲପନକୁ ଉଦ୍ଧରି ଧରିଛି ଅଧର ରକତ ମନ୍ଦାର ।
କୁଳବତୀ ଦେଖି ଚେତା ହରାଇବେ, ଘୋଟିବ ମଦନ ଅନ୍ଧାର ।
କଣ୍ଠରେ, ମୁକୁତାମାଳ ବକପନ୍ତି ।
ମତ୍ତଦନ୍ତୀ ଶୁଣ୍ଡ ଜିଣି ଭୁଜଦଣ୍ଡ ବେନି ଆଜାନୁ ବଳିଛନ୍ତି । ୬ ।
କଟି ପ୍ରଦେଶରେ କନକ ବସନ ଅନେକ ବିଜୁଳି ଜିଣଇ ।
ଓଡ଼ିଆଣୀ ବାଣୀ ମନ ନିଏ କିଣି ଜାନୁ ରମ୍ଭାଠାଣି ଆଣଇ ।
ଚରଣ, ଯୁଗଳେ ଅପୂର୍ବ ମଞ୍ଜୀରୀ ।
ଧୀର ଗମନକୁ ମଧୁର ନିସ୍ୱନ କରଇ ଜନ ମନ ଚୋରି । ୭ ।
ଏହି ପ୍ରକାରେ ଶୋଭାବନ ଦିଶନ୍ତି ରାମ ଗୋପାଳମାନ ଆଦି ।
ସଙ୍ଗେ ଦେବବୃନ୍ଦ ଘେନି କି ମେଦିନୀ ମଣ୍ଡି ଆସଇ ଜମ୍ଭଭେଦୀ ।
କି ଅବା, ବିଜୟେ ମଦନ ରାଜନ ।
ଦେଖି ନୟନ ମନ ବଶ ହେଉଛି, ଛଡ଼ାଉଛି ଲଜ୍ଜା ସଦନ । ୮ ।
ମଥୁରା ଗଡ଼ଦ୍ୱାରେ ଯାଇଁ ହୋଇଲେ, ଦେଖିଲେ ଅପୂର୍ବ ପାଚେରି
ଲୁହାର କିଳଣି, ତମ୍ବାର କବାଟ, ଜଗି ରହିଛନ୍ତି ପାହାରି ।
ସଦନ, ଉପରେ ଉଡ଼ଇ ପତାକା
ନର ଅସୁର ଅମରଗଣ ଖଣ୍ଡେ ଦୂରୁ ଦେଖି ହେବେ ତାଟକା । ୯ ।
ଦ୍ୱାର ଦେଖି ତାମରସ ବଦନୀୟା କରନ୍ତି ବହୁତ ପ୍ରଶଂସା ।
''ଧନ୍ୟ ମାମୁଁ କଂସ ! କେତେ ତପ କଲୁ, ଏପୁରେ କରିଅଛୁ ବାସ ।
ଯେସନେ, କନକ ପଞ୍ଜୁରୀ ଭିତର ।
କାକ ରଖିଥାଇ, ପୟପାନ ଦେଇ ସେ କି କି ଜାଣେ ସୁଖ ତାର ? । ୧୦ ।
ନାନାପ୍ରକାରେ ବିଚାର କରୁଥାଇ, 'କେମନ୍ତ ଯିବଇଁ ପଳାଇ ।'
ସେହିରୂପେ ମଧୁ ନଗର ଏ ନରବର କଂସକୁ ନ ରୁଚଇ ।
ଦଇବ, ବଳେ ଯେବେ ହେବ ଅନ୍ତର ।
ପଛେ ପଛେ କାଳଚକ୍ର ଗୋଡ଼ାଇବ, ବାନ୍ଧିନେବ ଯମ ଡଗର'' । ୧୧ ।

---

୬ । ଲପନ—ମୁଖ । ବକପନ୍ତି—ବକ ସମୂହ । ଆଜାନୁ ବଳିଛନ୍ତି—ଆଜାନୁଲମ୍ବିତ ।

୭ । କଟି ପ୍ରଦେଶରେ—ଅଣ୍ଟାରେ । କନକ ବସନ—ହଳଦିଆ ଲୁଗା । ଓଡ଼ିଆଣୀ—କଟି ମେଖଳା । ରମ୍ଭାଠାଣି—କଦଳୀ ବୃକ୍ଷର ଶୋଭା । ମଞ୍ଜୀର—ନୂପୁର । ନିସ୍ୱନ—ଶବ୍ଦ । ଚୋରି—ହରଣ ।

୮ । ଶୋଭାବନ—ଶୋଭିତ । ଜମ୍ଭଭେଦୀ—ଇନ୍ଦ୍ର ।

୯ । ଯାଇଁ ହୋଇଲେ—ପ୍ରବେଶ ହେଲେ । ପାହାରି—ପ୍ରହରୀ । ଅମରଗଣ—ଦେବଗଣ । ତାଟକା—ସ୍ତମ୍ଭିତ ।

୧୦ । ତାମରସବଦନୀୟା—ପଦ୍ମମୁଖ, ଶ୍ରୀକୃଷ୍ଣ । ପୟ—ଦୁଗ୍ଧ ।

୧୧ । କାଳଚକ୍ର—ମୃତ୍ୟୁ । ଯମଡଗର—ଯମଦୂତ ।

Digitized by PPRACHIN, SOA

ଦୁର୍ଜନ ଜନକୁ ସୁଜନ ନ ରୁଚେ, ମୂର୍ଖକୁ ନ ରୁଚେ ବେଦ ।
ବିଟପୀ ନାରୀକି ପତି ନ ରୁଚଇ, କୋଳ ନ ଜାଣେ ରମ୍ଭା ସ୍ୱାଦ
କୁକ୍କୁର, ଯଜ୍ଞଶାଳେ ଥିଲେ ଯେମନ୍ତ ।
ଦର୍ପିଷ୍ଠ ଦ୍ରୁମିଳ-ନନ୍ଦନକୁ ମଧୁ କଟକ ଦିଶଇ ତେମନ୍ତ । ୧୨ ।
ଦଇବ ବିହିଲା, ଅଭାଗ୍ୟ ହୋଇଲା, ମୋତେ ଅଣାଇଲା ଧରାଇ ।
କାଳବଳେ ଆସି, ନିକଟ ହୋଇଲା, ମରିବ ସମ୍ପତ୍ତି ହରାଇ ।
କେବଳ ଆଜକ କରୁ ବଇଭୋଗ ।
ରାତ୍ର ପାହିଲେ ସର୍ବ ଦୂର ହୋଇବ, ଉଗ୍ରସେନକୁ ହେବ ଯୋଗ । ୧୩ ।
ଏମନ୍ତ ବିଚାରି ଦ୍ୱାରୀକି ପଚାରି, କହ ରାଜାଙ୍କ ସର୍ବ ଶୁଭ ।
ଆମ୍ଭେ ଆସିଅଛୁ ଦର୍ଶନ ନିମନ୍ତେ ଭେଟାଇବ ଯେବେ ଦଇବ ।
କହିବୁଁ, ଆମ ଦୁଖ ସୁଖ ଯେତେକ ।
ଭୟ କରୁଅଛୁଁ, କିଛିହିଁ ନ ଜାଣୁ, ଆମ୍ଭେ ସାନ ବ୍ରଜବାଳକ । ୧୪ ।
ହରି ବାଣୀ ଶୁଣି, ଦ୍ୱାରପାଳ ଭଣି, କାହିଁକି କହିଲ ଏମନ୍ତ ।
ସାନ ବଡ଼ ହେଲେ କି କାର୍ଯ୍ୟ ହୋଇବ ଯେଉଁ ଜନ ବୁଦ୍ଧି ଯେମନ୍ତ ।
କୃଷ୍ଣ ହେ, ତୁମେ ତ ତେମନ୍ତ ନ ଦିଶ ।
ଜାଣିଲୁ ବୁଦ୍ଧି ବଳ ଅଛି ଅନେକ, ସମାନ ନୋହିବେ ଗିରୀଶ । ୧୫ ।
ଏତେ କହି ଦ୍ୱାର ଛାଡ଼ିଦେଲା, ଧାଇଁ ପଶିଲେ ଜଗତ ଜୀବନ ।
ସଙ୍ଗେ ସଙ୍ଗେ ରାମ ଗୋପାଳ ତନୁଜ ବଜାଇ ନାନା ବାଦ୍ୟମାନ ।
ଛମକି, ପଡ଼ିଲା ମଥୁରା-କଟକ ।
ବୋଲେ ବଇରାଗୀ ଭକତଚରଣ ଦେଖି ମନ ହେଲା ଅଟକ । ୧୬ ।

---

୧୨ । କୋଳ—ଘୁଷୁରି । ରମ୍ଭା—ପାଚିଲା କଦଳୀ । ଦର୍ପିଷ୍ଠ—ଦର୍ପୀ, ଗର୍ବୀ । ଦ୍ରୁମିଳନନ୍ଦନ—ଦ୍ରୁମିଳାନନ୍ଦନ, କଂସ । ମଧୁକଟକ—ମଧୁପୁର, ମଥୁରା ।

୧୩ । କାଳବେଳ—ଶେଷ ସମୟ । ଆଜକ—ଆଜି ଦିନକ । ବଇଭୋଗ—ଭୋଗ ।

୧୪ । ରାଜା—କଂସ ।

୧୫ । ହରି—ଶ୍ରୀକୃଷ୍ଣ । ଭଣି—କହିଲା । ଗିରୀଶ—ମହାଦେବ ।

୧୬ । ଜଗତଜୀବନ—ଶ୍ରୀକୃଷ୍ଣ । ଗୋପାଳ ତନୁଜ—ଗୋପ ବାଳକ । କଟକ—ନଗରୀ । ଅଟକ—ବନ୍ଦୀ ।

Digitized by PPRACHIN, SOA

# ଚତୁର୍ଦ୍ଦଶ ଛାନ୍ଦ

## (ରାଗ—କାଳୀ)

କି ମତ୍ତକରୀ ଗମନ କରି ଆସଇ ଧୀରେ ଧୀରେ ।
ପୁଣି ମଥୁରା-ନଗର-ବାସୀ ଧାଇଁଲେ ଦେଖିବାରେ । ୧ ।
ବାଜିଲା ଗୋଳ ଲୋକ ଗହଳ, ପୂରିଲା ରାଜପଥେ ।
କେ ବୋଲେ ସଖି, ପୂରାଇ ଆଖି ଦେଖିବା ଗୋପୀନାଥେ । ୨ ।
ଏ ପରା, ସହି, ପୂତନା ଧାଇ ପ୍ରାଣ ଶୋଷିଲେ ରଙ୍ଗେ ।
ଶକଟା, ତୃଣା, ବକ, ଅର୍ଜ୍ଜୁନ ଭାଙ୍ଗିଲେ ପାଦଯୁଗେ । ୩ ।
କାଳୀକି ଦଳି ପଙ୍କଜ ତୋଳି ତୋଳିଲେ ଗୋବର୍ଦ୍ଧନ ।
ଶୁଣିଲା ଥିଲା, ଦେଖା ନଥିଲା, ଏବେ ଗୋ ଭଲେ ଚିହ୍ନ । ୪ ।
କଉଁ ନାଗରୀ—ରସ ସାଗରୀ ଅନାଇ ଦେଲା ଡାଳି ।
ରହିଲା ବାଳୀ ନପାରେ ଚଳି, ଚାହିଁଲେ ବନମାଳୀ । ୫ ।
ମଦନ-ରାଣ ବିନ୍ଧିଲା ବାଣ, ପ୍ରାଣ ଭାଜିଲା ତାର ।
ସାରବଚନୀ ହାର କାଞ୍ଚୁଲୀ ତିନ୍ତିଲା ବହି ଝାଳ । ୬ ।
କଉଁ ନାୟିକା ସୁଖଦାୟିକା କାନ୍ତ ସଙ୍ଗରେ ରଙ୍ଗେ ।
ଖେଳଇ ପଶା ଫୁଲାଇ ନାସା, ସାର ବାହାଇ ବେଗେ । ୭ ।
ଶୁଣିଲା ହରି ମଥୁରା-ପୁରୀ ବିଜୟ କଲେ ବୋଲି ।
ଧାଇଁଲା ବେଗେ ଗୋବିନ୍ଦ ଲାଗେ, ହୋଇଲା ବିଦ୍ୟୁପରି । ୮ ।

---

୧ । ମତ୍ତକରୀ—ପାଗଳା ହାତୀ ।

୨ । ବାଜିଲା ଗୋଳ—ଚହଳ ପଡ଼ିଗଲା ।

୩ । ପୂତନା ଧାଇ—ପୂତନା ଅସୁରୁଣୀ । ଶକଟ—ଶକଟାସୁର । ତୃଣା—ତୃଣାବର୍ତ୍ତକ । ବକ—ବକାସୁର । ଅର୍ଜ୍ଜୁନ—ଯାମଳାର୍ଜ୍ଜୁନ ।

୪ । କାଳୀ—କାଳୀୟ ସର୍ପ । ପଙ୍କଜ—ପଦ୍ମ । ତୋଳିଲେ—ଟେକିଲେ ।

୫ । ରସସାଗରୀ—ରସମୟୀ । ଅନାଇଦେଲା ଡାଳି—ନୟନ ଡାଳି ଚାହିଁଦେଲା, ଚାହିଁଦେବା ଦ୍ୱାରା ସତେ ଯେପରି ରସମୟୀ ନାଗରୀ ରସ ଡାଳିଦେଲା । ବନମାଳୀ—ଶ୍ରୀକୃଷ୍ଣ ।

୬ । ମଦନ ରାଣ—କନ୍ଦର୍ପ ରାଜା । ସାରବଚନୀ—ଶ୍ରେଷ୍ଠ କଥା କହୁଥିବା ନାୟିକା । କାଞ୍ଚୁଲା—ବକ୍ଷ ବସ୍ତ୍ର ।

୭ । ସାର—ଗୋଟି । ବାହାର—ଚଳାଇ ।

୮ । ଲାଗେ—ସମୀପକୁ, ସମ୍ମୁଖକୁ । ବିଦ୍ୟୁପରି—ବିଜୁଳି ବେଗରେ ।

Digitized by PPRACHIN, SOA

କେବଣ ରାମା ସଙ୍ଗରେ ବାମା ଘେନି ଯମୁନା ଜଳେ ।
କରେ ସ୍ନାହାନ ଅଙ୍ଗ ମର୍ଦ୍ଦନ, ଶୁଣିଲା କର୍ଣ୍ଣବିଳେ । ୯ ।
ଧାଇଁଲା ଚାଣ୍ଡେ ବାଲୁକା ପିଣ୍ଡେ ପଡ଼ି ଦିଶଇ ଶୋଭା ।
ହେମ ଧରଣୀ ଉପରେ ଆଣି କର୍ପୂରଗୁଣ୍ଡି କିବା । ୧୦ ।
ଓଦା ଦୁକୂଳ ଫୁଟି ପ୍ରବଳ ଦିଶଇ ବେନି ତୁଙ୍ଗ ।
କି ଅବା କାମବାଣକୁ ଡରି ଲୁଚିଛି ଶମ୍ଭୁଲିଙ୍ଗ । ୧୧ ।
ରମଣୀ ରାମ-ଅନୁଜ ପାଶେ ହୋଇଲା ବେଗେ ଯାଇ ।
ନବଜୀମୂତ ବରନ ବେଶ ସାରସ ଦେଲା ଚାହିଁ । ୧୨ ।
କଉଁ ନାୟିକା କେଳି ପତାକା କାନ୍ତକୁ କରି ମାନ ।
ମହୀକି ଦୃଷ୍ଟି କରି ବିମ୍ବୋଷ୍ଠୀ ବଦନ ତମ ତମ । ୧୩ ।
କୃଷ୍ଣ ଗମନ ଶୁଣି ବହନ ମାନକୁ ଛାଡ଼ି ଧାଇଁ ।
ପଥରେ ଥିଲା ଲୋକ ପଚାରେ, ଗୋବିନ୍ଦ ଗଲେ କାହିଁ । ୧୪ ।
କେବଳ ବୀଣା-ବଚନ ବୀଣା ବଜାଇ ଗାଉଥିଲା ।
କହିଲେ ଆଳୀ ଧାଇଁଲା ବାଳୀ, ସାରଙ୍ଗ ପାସୋରିଲା । ୧୫ ।
କେବଳ ଜବା-ଅଧରୀ ରବା ଧରି କରଇ ତାନ ।
ଗୋପୀଙ୍କ ନାଥ ଆସିବା ଶୁଣି ସେହି ହୋଇଲା ଛନ୍ନ । ୧୬ ।
କେ ବସି ରସେ ନାୟକ ପାଶେ କରଇ ପରିହାସ ।
ଛାଡ଼ିଲା ଲାଜ ଧାଇଁଲା ବେଗ ବ୍ରଜବଲ୍ଲଭ ପାଶ ।୧୭ ।

---

୯ । କେବଣ ରାମା—କୌଣସି ନାରୀ ।

୧୦ । ଚାଣ୍ଡେ—ଶୀଘ୍ର । ପିଣ୍ଡେ—ଶରୀରରେ । ହେମଧରଣୀ—ସୁନାର ଭୂଇଁ ।

୧୧ । ଦୁକୂଳ—ପାଟଲୁଗା । ତୁଙ୍ଗ—କୁଚ ।

୧୨ । ରାମ ଅନୁଜ—ଶ୍ରୀକୃଷ୍ଣ । ନବଜୀମୂତବରନ—ନୂଆ ମେଘବର୍ଣ୍ଣ । ସାରସ—ମୁଖପଦ୍ମ ।

୧୩ । କେଳିପତାକା—କେଳିନିପୁଣା । ବିମ୍ବୋଷ୍ଠୀ—ବିମ୍ବଫଳପରି ଓଷ୍ଠ ଯାହାର । ତମତମ—ରାଗରେ ଲାଲବର୍ଣ୍ଣ ।

୧୪ । ମାନ—ଅଭିମାନ ।

୧୫ । ବୀଣାବଚନା—ବୀଣା ସ୍ୱର ପରି ସ୍ୱର ଯାହାର । ଆଳୀ—ସଖୀ । ସାରଙ୍ଗ—ବୀଣା ।

୧୬ । ଜବାଅଧରୀ—ଜବାଫୁଲ ପରି ଅଧର ଯାହାର । ରବା—ବାଦ୍ୟଯନ୍ତ୍ର, ତାର ଯନ୍ତ୍ର । ତାନ—ଗାନର ଅଙ୍ଗବିଶେଷ । ଛନ୍ନ—ଉଚ୍ଛନ୍ନ ।

୧୭ । ବ୍ରଜବଲ୍ଲଭ—ଶ୍ରୀକୃଷ୍ଣ ।

Digitized by PPRACHIN, SOA

କେ ଜଳ ଅନ୍ନ କରନ୍ତେ ପାନ ନ ଭୁଞ୍ଜି ପଳାଇଲା ।
କୃଷ୍ଣ ଦର୍ଶନ ଆଶେ ଲାଳସେ ମନକୁ ବଳାଇଲା । ୧୮ ।
କେବଣ ସାତ-କୁମ୍ଭ ବରନା ଜଳକୁ ଯାଉଥିଲା ।
କୁମ୍ଭ ପକାଇ ନନ୍ଦନନ୍ଦନ ଦର୍ଶନେ ଧାଇଁଗଲା । ୧୯ ।
କେବଣ ପିକ-ବଚନା ଶୁକ ଶାରୀ ପଢ଼ାଇ ରଙ୍ଗେ ।
ବରଜବର ପାରୁଶେ ଗଲା, ସଖୀ ନାହାନ୍ତି ସଙ୍ଗେ ।୨୦ ।
କାହାର ପାଦ ଚାଲନ୍ତେ ନାଦ କରେ ହଂସକମାନ ।
କାହାର କଟୀ କିଙ୍କିଣୀ ଫିଟି ପଡ଼ିଲା କେଉଁସ୍ଥାନ । ୨୧ ।
ଜାଣଇ ନାହିଁ ଯାଉଛି ଧାଇଁ ବୋଲେ ସଖୀଙ୍କି ଚାହିଁ ।
କହ ଗୋ ସତ ପରାଣ ମିତ କୃଷ୍ଣ ହେଲେନି କାହିଁ । ୨୨ ।
କେବଣ ଚନ୍ଦ୍ର-ବଦନୀ ଛାନ୍ଦ-ଗୀତକୁ ଗାଉଥିଲା ।
ହୁଡ଼ିଲା ଧାଡ଼ି ଧାଇଁଲା ଛାଡ଼ି ଇକ୍ଷଣ ପଡ଼ିଗଲା । ୨୩ ।
କାହାର କରୁ କଟକ ଖସି ପଡ଼ିଲା ମହୀଭାଗେ ।
ଚାହିଁଲା ନାହିଁ ସାରସମୁହିଁ ଗଲା ଗୋବିନ୍ଦ ଲାଗେ । ୨୪ ।
କେବଳ ଏଣୀ-ନୟନା ବେଣୀ ପଡ଼ିଛି ମହୀଭାଗେ ।
ସୁବର୍ଣ୍ଣ ମହୀ ଉପରେ କିଏ ଖେଳଇ କଳାନାଗେ । ୨୫ ।
କେବଣ ଚମ୍ପା-ବରନୀ ଚମ୍ପା ଦାମ କଣ୍ଠରୁ ଛିଡ଼ି ।
କେବଣ ମୋତି-ଦର୍ଶନୀ ମୋତି-ହାର-ଗହଳେ ପଡ଼ି । ୨୬
କେବଣ ରମ୍ଭା-ଜଘନୀ ରମ୍ଭା ପରାଏ କମ୍ପେ ତନୁ ।
ଅତି ଆତୁରେ ଧାଏଁ କାତରେ ଦେଖିବାପାଇଁ କାହ୍ନୁ । ୨୭ ।

---

୧୮ । ଲାଳସେ—ଅତ୍ୟଧିକ ଇଚ୍ଛାରେ ।
୧୯ । ସାତକୁମ୍ଭ—ସୁନା । ଜଳକୁ—ଜଳ ଆଣିବାକୁ । କୁମ୍ଭ—ମାଠିଆ ।
୨୦ । ପିକବଚନୀ—କୋକିଳକଣ୍ଠୀ । ବରଜବର—ଶ୍ରୀକୃଷ୍ଣ ।
୨୧ । ହଂସକ—ନୂପୁର ।
୨୨ । ହେଲେନି କାହିଁ—କେଉଁଠି ହେଲେଣି ।
୨୩ । ଚନ୍ଦ୍ରବଦନୀ—ଚନ୍ଦ୍ରମୁଖୀ । ହୁଡ଼ିଲା—ଭୁଲିଗଲା । ଇକ୍ଷଣ—ଆଖି ।
୨୪ । କଟକ—ବଳୟ । ସାରସମୁହିଁ—ପଦ୍ମମୁଖୀ । ଲାଗେ—ସମୀପ ।
୨୫ । ଏଣୀନୟନା—ମୃଗନୟନା । କଳାନାଗ—କୃଷ୍ଣସର୍ପ ।
୨୬ । ଚମ୍ପାବରନୀ—ଚମ୍ପାଫୁଲ ପରି ବର୍ଣ୍ଣ ଯାହାର । ଚମ୍ପାଦାମ—ଚମ୍ପାହାର । ମୋତିଦଶନୀ—ମୋତି ପରି ଶୁଭ୍ର ଦନ୍ତ ଯାହାର । ଗହଳେ—ଲୋକ ଗହଳିରେ ।
୨୭ । ରମ୍ଭାଜଘନୀ—କଦଳୀ କାଣ୍ଡ ପରି ଜଘନ ଯାହାର । ରମ୍ଭା ପରାଏ—କଦଳୀ ପତ୍ର ପରି ।

Digitized by PPRACHIN, SOA

କେବଣ ଈଶ-ମୋହିନୀ କେଶ କୁରୁଳୁଥିଲା ବସି ।
ଅର୍ଦ୍ଧ ବନ୍ଧନ କରି ବହନ ଗଲା କୁରଙ୍ଗ ଦୃଶୀ । ୨୮ ।
କଉଁ କରକା-ଦନ୍ତୀ କରକା ପରାଏ ଚିତ୍ତ କଲା ।
ଦୁଆରେ ରହିଥିଲା ଅନାଇଁ ପଥକୁ ବହିଗଲା । ୨୯ ।
କେବଣ ବଣା-ଏଣାକ୍ଷୀ ବଣା ହୋଇଲା ଭିଡ଼େ ପଶି ।
ଆକୁଳ ହୋଇ ବୋଲଇ କାହିଁ ଭେଟିବି ବ୍ରହ୍ମରାଶି । ୩୦ ।
କେବଣ ଋଷି-ମୋହିନୀ ଋଷି ପରାଏ କଲା ମନ ।
ଗହଳେ ପଥେ ଯାଇ ନ ପାରି ହୃଦରେ କଲା ଧ୍ୟାନ । ୩୧ ।
କଉଁ ଦର୍ପଣ-ମୁଖୀ ଦର୍ପଣ ଧରି ହୁଅଇ ବେଶ ।
ଚଳିଲା ଚାଣ୍ଡେ ସିନ୍ଦୂର ଗଣ୍ଡେ କଜ୍ଜ୍ୱଳ ଭାଲ ଦେଶ । ୩୨ ।
କର୍ଣ୍ଣେ ବସଣି ନାସାରେ ଆଣି ତାଟକା ଲଗାଇଲା ।
କଟି କିଙ୍କିଣୀ କଣ୍ଠେ ଭୂଷଣ ଚେତନା ହଜାଇଲା । ୩୩ ।
ଚରଣ ଆଭରଣ ସକ୍ଳ କରେ ଖଞ୍ଜିଲା ନେଇ ।
କର କଟକ ପାଦେ ଝଟକ-ଗାତ୍ରୀ ବାନ୍ଧିଲା ଚାହିଁ । ୩୪ ।
ଦେଖି ବିଚିତ୍ର ସଙ୍ଗ ଜନନୀ ବୋଲନ୍ତି କିସ ଏହୁ ।
ସେ କଥାମାନ ନ ଶୁଣି ରାଜ-ପଥେ ଧାଇଁଛି ସେହୁ । ୩୫ ।
କେବଣ କୁଳ-ଅଙ୍ଗନା କୁଳ ଲଜ୍ଜାକୁ କଲା ଦୂର ।
କରଇ ଗତି କରିର ମତି ଭେଟିଲା ବେଣୁଧର । ୩୬ ।

---

୨୮ । ଈଶମୋହିନୀ—ଯେ ମହାଦେବଙ୍କୁ ମୋହିପାରେ । କୁରୁଳୁଥିଲା—କୁଣ୍ଡାଉଥିଲା ।

୨୯ । କରକାଦନ୍ତୀ—ଡାଳିମ୍ବଦନ୍ତୀ । କରକା ପରାଏ—କୁଆପଥର ପରି ।

୩୦ । ଏଣାକ୍ଷୀ—ମୃଗନୟନା । ବ୍ରହ୍ମରାଶି—ଶ୍ରୀକୃଷ୍ଣ ।

୩୧ । ଋଷିମୋହିନୀ—ଯେ ଋଷିଙ୍କୁ ନିଜ ସୌନ୍ଦର୍ଯ୍ୟବଳରେ ମୋହିପାରେ । ଋଷିପରାଏ—ଯୋଗୀଙ୍କ ପରି ।

୩୨ । ଦର୍ପଣମୁଖୀ—ଦର୍ପଣ ପରି ମୁଖ ଯାହାର । ସିନ୍ଦୂର...ଦେଶ—ବିଭ୍ରମହେତୁ ଗଣ୍ଡଦେଶରେ ସିନ୍ଦୂର ଓ ଭାଲଦେଶରେ କଜ୍ଜ୍ୱଳ ଲଗାଇଲା ।

୩୩ । କର୍ଣ୍ଣେ...ହଜାଇଲା—କର୍ଣ୍ଣରେ ତାଟକା ନ ଲଗାଇ ବସଣି ଲଗାଇଲା ଓ ନାସାରେ ବସଣି ନ ଲଗାଇଁ ତାଟକା ଲଗାଇଲା । କଟିରେ କିଙ୍କିଣି ନ ଲଗାଇ ତାହାକୁ କଣ୍ଠରେ ଲଗାଇଲା ।

୩୪ । ଚରଣ...ଚାହିଁ—ପାଦର ଗହଣାସବୁ ହାତରେ ଖଞ୍ଜିଲା ଓ ହାତର ବଳୟକୁ ପାଦରେ ଖଞ୍ଜିଲା । ଝଟକଗାତ୍ରୀ—ଉଜ୍ଜ୍ୱଳ ତନୁବିଶିଷ୍ଟ ନାୟିକା ।

୩୫ । ବିଚିତ୍ରସଙ୍ଗ—ବିଚିତ୍ର ମଣ୍ଡନ ।

୩୬ । କୁଳଅଙ୍ଗନା—କୁଳବତୀ । କରିର ମତି—ହାତୀପରି ।

Digitized by PPRACHIN, SOA

କେବଣ ନାରୀ ସୁଝୀନ ଶାଢ଼ି ଭୂଷଣ ହେଉଥିଲା ।
ଅଧେ ଧରିଛି ଅଧେ ପିନ୍ଧିଛି ଉସ୍ସୁକେ ପଳାଇଲା । ୩୭ ।
କେଉଁ ବାରିଦ-କେଶୀ ବାରିଦ ବରନ ଦେଖି ଡୋଳେ ।
କମ୍ପିଲା ଅଙ୍ଗ ସଜନୀ ସଙ୍ଗ ଛାଡ଼ି ରହିଲା ଭୋଳେ । ୩୮ ।
କାହାର ବାସ ଖସିଣ ସ୍ତନ ମଣ୍ଡଳ ଦିଶୁଅଛି ।
କାହାର ଜୁଡ଼ା ଫିଟିଣ ପିଠି ଉପରେ ପଡ଼ିଅଛି । ୩୯ ।
କେବଣ ହେମ-ବରଣୀ ଜାନୁ ଦେଖାଇ କାଢ଼ି ଚୀର ।
କେ ହାଇ ମାରି ନୟନ ଠାରି ତୋଳଇ ବେନି କର । ୪୦ ।
ନାସା ଫୁଲାଇ ମୁଖ ହଲାଇ କେବଣ ପ୍ରେମଶୀଳା ।
ବୀଣାକୁ ଜିଣି କହଇ ବାଣୀ, ଚାହାନ୍ତି ନନ୍ଦବାଳା । ୪୧ ।
କେବଣ ସଞ୍ଚ-ଅଧରୀ କୁଚ ଧରି ଧାଇଁଛି ବେଗେ ।
ଯେସନେ ରତି କରଇ ଗତି ମକରଧ୍ୱଜ ଆଗେ । ୪୨ ।
ଏହି ପ୍ରକାରେ ମଥୁରାପୁର ନାୟିକା ହେଲେ ବାଇ ।
ତୃଷା ଆରତେ ଯେସନେ ନର ଜଳ ସମୀପେ ଯାଇ । ୪୩ ।
ଦେଖି ଅନଳ ପତଙ୍ଗକୁଳ ପଡ଼ନ୍ତି ଯଉଁ ମତେ ।
ହୋଇ ଉଛନ୍ନ ସକଳଜନ ଧାଇଁଲେ ସେହିମତେ । ୪୪ ।
ବନ୍ଧ ହାଦୋଡ଼ି ଯେସନେ ବଢ଼ି ଜଳ ରହଇ ସ୍ଥିରେ ।
କୃଷ୍ଣଙ୍କୁ ଦେଖି ମୃଗାଙ୍କମୁଖୀମାନେ ରହିଲେ ଧୀରେ । ୪୫ ।
ମତ୍ତନାଗେନ୍ଦ୍ର ଦେଖିଲେ ମତ୍ତ-ହରିଣୀ ଯେହ୍ନେ ହୋଏ ।
ଜଳେ ଜଳଜେ ତପନ ତେଜେ ଯେହ୍ନେ ପ୍ରଫୁଲ୍ଲକାଏ । ୪୬ ।

---

୩୭ । ସୁଝୀନ—ଅତି ସୂକ୍ଷ୍ମ । ଉସ୍ସୁକେ—ଉଛନ୍ନ ହୋଇ, ଆଗ୍ରହାତିଶଯ୍ୟରେ ।

୩୮ । ବାରିଦକେଶୀ—ମେଘପରି ଘନ କୃଷ୍ଣକେଶୀ । ବାରିଦବରନ—ମେଘବର୍ଣ୍ଣ, ଶ୍ରୀକୃଷ୍ଣ ।

୩୯ । ବାସ—ବସନ ।

୪୦ । ଚୀର—ପିନ୍ଧିଥିବା ଶାଢ଼ି । ତୋଳଇ—ଉପରକୁ ଟେକି ।

୪୧ । ନନ୍ଦବାଳା—ଶ୍ରୀକୃଷ୍ଣ ।

୪୨ । ସଞ୍ଚଅଧରୀ—ସୁନ୍ଦର ଅଧର ଯାହାର । ରତି—କନ୍ଦର୍ପର ପତ୍ନୀ । ମକରଧ୍ୱଜ—କନ୍ଦର୍ପ ।

୪୩ । ବାଇ—ପାଗଳୀ ।

୪୫ । ମୃଗାଙ୍କମୁଖୀ—ଚନ୍ଦ୍ରମୁଖୀ ।

୪୬ । ମତ୍ତନାଗେନ୍ଦ୍ର—ମତ୍ତଶ୍ରେଷ୍ଠ ହସ୍ତୀ । ଜଳଜେ—ପଦ୍ମସମୂହ । କାଏ—କାୟେ ।

Digitized by PPRACHIN, SOA

ପାଉଚଲେ ଗୁଡ଼ ଯେସନେ ବେଢ଼ିଥାନ୍ତି ପିମ୍ପୁଡ଼ିମାନେ ।
ସେହି ପ୍ରକାରେ କୃଷ୍ଣଙ୍କୁ ବେଢ଼ି ରହିଲେ ନାରୀଜନେ । ୪୭ ।
କରନ୍ତି ନାଟ ନନ୍ଦର ଚାଟ ବାଟ ପାଉଛି ଶୋଭା ।
ଅମର ବୃନ୍ଦ ସହିତେ ଇନ୍ଦ୍ର ସଙ୍ଗରେ ଦେଖି ଲୋଭା । ୪୮ ।
ବାଜେ ଦୁନ୍ଦୁଭି ନାଚି ଗନ୍ଧର୍ବୀ କରନ୍ତି ଜୟସ୍ୱନ ।
ମଙ୍ଗଳ ବାଣୀ ଭଣି ଦେବଙ୍କ ଗୁରୁ ଚତୁରାନନ । ୪୯ ।
ପଢ଼ନ୍ତି ସାମ-ବେଦ ଶବଦ କରି ମୋହନ୍ତି ଜନ ।
ବୋଲେ ଭଗତଚରଣ ଦାସ ବିଜୟେ ଜନାର୍ଦ୍ଦନ । ୫୦ ।

## ପଞ୍ଚଦଶ ଛାନ୍ଦ

### (ରାଗ–କାଫି, ଅବକାଶ ବୃତ୍ତ)

ଶ୍ରୀକୃଷ୍ଣ ବିଜୟେ ଅବନୀ ଶୋଭା । ଦେଖି ମନନେତ୍ର ହୁଅଇ ଲୋଭା ।
ଦେଖିଲେ ଆସଇ ରାଜା-ରଜକ । କନ୍ଧେ ଘେନିଅଛି ବସ୍ତ୍ର ଅନେକ ।
ଆଗରେ, ଶଙ୍ଖ ବଜାଇ ତାର । ପରିଜନେ ଆଡ଼ କରନ୍ତି ନର । ୧ ।
ଦେଖି ଡାକନ୍ତି ଜଗତ ଜୀବନ । ରହ ଭାଇ ଆମ୍ଭ ବଚନ ଘେନ ।
ରଜାର ଭଣଜା ଅଟଇ ମୁହିଁ । ଦେଖ ମୋ ଉଜ୍ଜ୍ୱଳ ବସନ ନାହିଁ ।
ଏଣୁ ମୁଁ, କହୁଅଛି ତୁମ୍ଭଙ୍କୁ । ଉତ୍ତମ ବସ୍ତ୍ର ଦେଇଯା ଆମ୍ଭଙ୍କୁ । ୨ ।
ଶୁଣି ନରବର ହୋଇବେ ତୋଷ ।
ଆନନ୍ଦେ ତୋତେ ଦେବେ ଗ୍ରାମ ଦେଶ ।
ବସନ ପିନ୍ଧି ଆରମ୍ଭେ ଚାଲିବୁଁ । ରାଜା ଭଣଜା ପରାୟେ ଦିଶିବୁଁ ।
ବୋଲୁଛୁ, ଏତେ ମାତ୍ରକ କର । ମନେ ତୋହର କିଛି ନବିଚାର । ୩ ।

---

୪୮ । ଅମରବୃନ୍ଦ–ଦେବତାମାନେ ।
୪୯ । ଦେବଙ୍କ ଗୁରୁ–ବୃହସ୍ପତି । ଚତୁରାନନ–ବ୍ରହ୍ମା ।
୫୦ । ଜନାର୍ଦ୍ଦନ–ଶ୍ରୀକୃଷ୍ଣ ।
୧ । ରାଜାରଜକ–କଂସର ରଜକ । ପରିଜନେ–ଭୃତ୍ୟମାନେ ।
୨ । ଜଗତଜୀବନ–ଶ୍ରୀକୃଷ୍ଣ । ଉଜ୍ଜ୍ୱଳ–ସଫା ।
୩ । ନରବର–ରାଜା, କଂସ । ଆରମ୍ଭେ–ଆଡ଼ମ୍ବର ସହକାରେ ।

Digitized by PPRACHIN, SOA

ମୂଢ଼ ନଶୁଣଞ୍ଜ ଗୋବିନ୍ଦବାଣୀ । ଯେସନେକ ଜନ୍ମ ବଧିର ପ୍ରାଣୀ ।
ଗେଲ ଗେଲ ହୋଇ ଚାଲେ ଗରବେ ।
ଦେଖି ଗୋବିନ୍ଦ ଓଗାଳିଲେ ଆଗେ ।
ପୁଅଙ୍କୁ, ଚାହିଁ ବୋଲନ୍ତି ହରି । ସର୍ବ ବସନ ନିଅ ଲୁର କରି । ୪ ।
ଶୁଣି କୁମରେ ହେଲେ ଲାଗ ଲାଗ । ଅନାଇଁ ରଜକ ହୋଇଲା ରାଗ ।
ବୋଲଇ ଶୁଣହେ ନନ୍ଦର ସୁତ । ଯେତେ କହୁଛ ସବୁ ବିପରୀତ ।
ରାଜ୍ୟର, ଅଙ୍ଗଭୋଗ ଦୁକୂଳ । ସୁନ୍ଦର ଦେଖି ହୋଉଛ ବିକଳ । ୫ ।
କର୍ମେ ଯାହାର ଯଉଁ କଥା ଥାଇ । କାଳ କାଣି ତାହା ଭୋଗ କରଇ ।
ତୁମ୍ଭ କରମରେ ଏମନ୍ତ ଅଛି । ଜାତିରେ ହୀନ ଗଉଡ଼ କରିଛି ।
ଖାଇବ, ନାହିଁ ସୁବର୍ଣ୍ଣ ପାତ୍ରେ । ଖାଇଲେ ଖାଅ ଶିଳେ ନାନା ପତ୍ରେ । ୬ ।
ମିଳଇ ନାହିଁ ଉତ୍ତମ ବସନ । ସୁସ୍ୱାଦୁ ହୋଇଣ ନାନା ଅଶନ ।
ଶୟନକୁ ଶଯ୍ୟା ପାଇବ ନାହିଁ । ତୁମ୍ଭ ଲଲାଟେ ଏହା ଅଛି ଲିହି ।
ତାହା ମୁଁ, ଭଲେ ଅଛଇ ଜାଣି । ବନଜନ୍ତୁ ସଙ୍ଗେ ତୁମ୍ଭଙ୍କୁ ଗଣି । ୭ ।
ଆଜଯାଏ ଥିଲ କେବଣ ଦେଶ । ଅଭାଗ୍ୟ ବେଳକୁ ମଥୁରା ଆସ ।
ରାଜ୍ୟରେ ବିଅର୍ଥେ କରୁଛ ଗୋଳ । ଶୁଣିଲେ କଂସ ମାରିବ ସକଳ ।
ଏହା କି, ଗୋପପୁର କରିଛ । ଦୁଷ୍ଟ ସ୍ୱଭାବ ଛାଡ଼ି ନପାରୁଛ । ୮ ।
ଲାଜ ନ ମାଡ଼ଇ ମୁଖେ ତୁମ୍ଭର । ଓଗାଳିଛ ନେବ ନୃପତି ଚୀର ।
ଛାଡ଼ିଦିଅ ମୋତେ ହେବ ବୋଲଣା ।
ରାତ୍ର ଅନ୍ତେ ସର୍ବେ ହୋଇବ ହଣା ।
ପଳାଇ, ଗଲେ ପଶିବ କାହିଁ । ପ୍ରତାପୀ କଂସ ମାରିବ ଗୋଡ଼ାଇ । ୯ ।
ଶୁଣି ଗୋବିନ୍ଦ କୋପେ ଥରହର । ଓଷ୍ଠ କାମୋଡ଼ି ଧାଇଁଲେ ପ୍ରଖର ।
ବାମ ଭୁଜ ଦଣ୍ଡେ ଚାପୋଡ଼େ ମାରି । ଛିଡ଼ିଲା ମୁଣ୍ଡ ମଲା ରଜକାରୀ ।
ପଶିଲା, ପ୍ରାଣ ଗୋବିନ୍ଦ ଅଙ୍ଗେ ।
ନୀର ମିଶେ ଯେହ୍ନେ ପୟର ସଙ୍ଗେ । ୧୦ ।

---

୪ । ଓଗାଳିଲେ—ଅବରୋଧ କଲେ । ଲୁର କରି—ଲୁଟି କରି ।
୫ । ଲାଗଲାଗ—ପାଖ ପାଖ । ଦୁକୂଳ—ପାଟବସ୍ତ୍ର ।
୬ । ଶିଳେ—ପଥରରେ । ନାନାପତ୍ରେ—ନାନା ପ୍ରକାର ଗଛ ପତ୍ରରେ ।
୭ । ଅଶନ—ଭୋଜନ । ଲିହି—ଲେଖା ।
୮ । ଗୋଳ—ଗଣ୍ଡଗୋଳ । କରିଛ—ପାଇଛ ।
୯ । ଚୀର—ବସ୍ତ୍ର । ବୋଲଣା—ଭର୍ତ୍ସନା ।
୧୦ । ରଜକାରୀ—ଧୋବା । ପୟ—ଦୁଗ୍ଧ ।

Digitized by PPRACHIN, SOA

ଅଶେଷ ଜନ୍ମର ଦୁରିତ ଗଲା । ହୃଷ୍ଟ ବଦନ ଯେଣୁ ଚାହିଁ ମଲା ।
କୈବଲ୍ୟ ମୁକତି ପାଇଲା ଅକ୍ଲେ । ଯେହି ନ ମିଳଇ ସାଧିଲେ କଳ୍ପେ ।
ଧନ୍ୟ ସେ, କେତେ ତପସ୍ୟା କଲା । ଦୁଷ୍ଟ ଭାବରେ ହରିଙ୍କି ପାଇଲା । ୧୧ ।
ମୃତ୍ୟୁ ଲଭିଲା ଯହୁଁ ସେ ରଜକ । ବେଗେ ବେଢ଼ିଲେ ବରଜ ବାଳକ ।
ନନ୍ଦନନ୍ଦନ ଫେଡ଼ି ବସ୍ତ୍ରପୁଡ଼ା । ବାଛି ଘେନିଲେ ମଢ଼ିଆଳ ଯୋଡ଼ା ।
ଚାଲନ୍ତି, କାନ୍ଧେ ପକାଇ ହରି ।
ଆଉ ବସନ ପୋଏ କେତେ ଲୁରି । ୧୨ ।
କଂସର ବେଶକାରୀ ଆସୁଥିଲା । କୃଷ୍ଣର ରୂପ ଦେଖି ମୋହ ଗଲା ।
ଶିରେ କରଦେଇ ବୋଲେ ଶ୍ରୀବଚ୍ଛି ।
ଆଜ୍ଞା ହୋଇଲେ ପିନ୍ଧାଇବି କାଛି ।
ଯାହାକୁ, ଯଉଁରୂପେ ଗଛିବ । ଶୁଣି ହସିଲେ ଅଳପ ମାଧବ । ୧୩ ।
ଗନ୍ଧାୟିତ କରେ ଦେଲେ ବସନ । ତୁରିତ କୁଞ୍ଚିଲା କରି ଯତନ ।
ସିଂହ କଟିରେ ଆଚ୍ଛାଦିଲା ନେଇ । ବିଚିତ୍ର କରି କୃଷ୍ଣଙ୍କୁ ପିନ୍ଧାଇ ।
ଉତୁରୀ, କନ୍ଧେ ପକାଇ ଦେଲା । ବାବୁ ସେ ଛବି ଜଗତ ମୋହିଲା । ୧୪ ।
ରାମଙ୍କୁ ସେହି ମତି କଲା ସଜ । ବସ୍ତ୍ରେ ମଣ୍ଡିଲା କିଏ ଶ୍ୱେତଗଜ ।
ଗୋପସୁତଙ୍କୁ ଭିନେ ଭିନେ ବେଶ । ଚାହିଁ ଭାବଗ୍ରାହୀ ହୋଇଲେ ତୋଷ ।
ବୋଲନ୍ତି, ବରମାଗ ବହନ । ଗନ୍ଧାୟିତ କହେ ଶୁଣ ମୋହନ । ୧୫ ।
ଧନ ଜନ ଉଚ୍ଚ ପଦକୁ ଛାଡ଼ । ତହିଁ କାର୍ଯ୍ୟ ନାହିଁ ଗରୁଡ଼ାରୂଢ଼ ।
ତୋ ପାଦ ପଙ୍କଜେ କର ମଧୁପ । ହୋଉ ବୋଇଲେ ଗୋକୁଳ ଉଡୁପ ।
ସେଠାରୁ, ବିଜେ ପୂତନାରିପୁ । ନବ ପୟୋଦ କି ଉଦୟ ବପୁ । ୧୬ ।

---

୧୧ । ଦୁରିତ—ପାପ । କୈବଲ୍ୟ ମୁକତି—ସାଯୁଜ୍ୟ ମୁକ୍ତି । ଦୁଷ୍ଟଭାବରେ—ଶତ୍ରୁଭାବରେ ।

୧୨ । ମଢ଼ିଆଳ—ଲୁଗା ।

୧୩ । ଶ୍ରୀବଚ୍ଛି—ଶ୍ରୀବତ୍ସଧାରୀ ଶ୍ରୀକୃଷ୍ଣ । ଗଛିବ—ଶୋଭା ପାଇବ ।

୧୪ । ଗନ୍ଧାୟିତ—ସରଘରିଆ । ସିଂହକଟିରେ—ସିଂହର କଟିପରି ସରୁ କଟିରେ । ଉତୁରୀ—ଉତ୍ତରୀୟ । ଛବି—ଶୋଭା ।

୧୫ । ଶ୍ୱେତଗଜ—ଐରାବତ ହସ୍ତୀ ।

୧୬ । ଗରୁଡ଼ାରୂଢ଼—ଗରୁଡ଼ବାହନ । ପାଦପଙ୍କଜେ—ପାଦପଦ୍ମରେ । ମଧୁପ—ଭ୍ରମର । ଗୋକୁଳ ଉଡୁପ—ଗୋକୁଳଚନ୍ଦ୍ର, ଶ୍ରୀକୃଷ୍ଣ । ନବ ପୟୋଦ—ନୂଆ ଉଠିଲା ମେଘ ।

Digitized by PPRACHIN, SOA

ଗତି ମନ୍ଦ ମନ୍ଦ ମେଦିନୀ ଶୋଭା । ଚାହିଁ ଅଶେଷ ଜନମନ ଲୋଭା ।
ସୁଦାମା ନାମେ ଏକ ମାଳାକାର । ମିଳିଲେ ଯାଇଁ ତାହାର ଦୁଆର ।
ଡାକନ୍ତି, ରାମ ଗୋବିନ୍ଦ ବେନି । ଅଇଲା କ୍ଷଣି ଶୋଇଲା ମେଦିନୀ । ୧୭ ।
ଚରଣ ଧୋଇ ଆନନ୍ଦ ହୋଇଲା । ପୂର୍ବ ବାସନା କଥା ଚିତ୍ତେଇଲା ।
ଆନନ୍ଦେ ଗର୍ଭକୁ କ୍ଷେପିଲା ବାରି । ଭବ କଳୁଷ ପକାଇଲା ହରି ।
ଆନନ୍ଦ, ଜଳ ନେତ୍ରୁ ବରଷେ । ଉଠିଲା ପ୍ରେମ ଗୋବିନ୍ଦ ପରଶେ । ୧୮ ।
ଭାବେ ଗଦଗଦ ନପାରେ କହି । କୃଷ୍ଣ ମୁଖକୁ ରହିଛି ଅନାଇ ।
ଶିର ହୃଦୟକୁ ଠାରିଲେ ହରି । ଦିଅ ମୋତେ ପୁଷ୍ପେ ସୁବେଶ କରି ।
ତକ୍ଷଣେ, ମାଳୀ ସଦନେ ଗଲା । ସଞ୍ଚିଲା କୁସୁମତାଟ ଆଣିଲା । ୧୯ ।
ଗୁନ୍ଥି ରଖିଅଛି ଆଗତ ଜାଣି । ଜାଣି ଶରଧା କଲେ ବେଣୁପାଣି ।
ବାବୁ ସେ ଭଗତଜନଙ୍କ ବନ୍ଧୁ । ଏଣୁ ନାମଗୋଟି କରୁଣାସିନ୍ଧୁ ।
ଆପଣା, ଭୃତ୍ୟ ବଳେ ତାରନ୍ତି । ଦୁଷ୍ଟ ଦେଖିଲେ ଅବଧି ମାରନ୍ତି । ୨୦ ।
ସେହି ଗୋବିନ୍ଦ ଚରଣ ପଙ୍କଜେ । ବଇରାଗୀ ଭକ୍ତଚରଣ ଭଜେ ।
ଅନ୍ୟ ପ୍ରସଙ୍ଗ ଅନ୍ୟ ଦେବ ପୂଜା । ସକଳ ଦୂରେ କଲି ମୁହିଁ ତେଜ୍ୟା ।
କେବଳ, ନନ୍ଦନନ୍ଦନ ବିନେ । ଆନ ନ ରସଇ ମୋହର ମନେ । ୨୧ ।

## ଷୋଡ଼ଶ ଛାନ୍ଦ

## (ରାଗ—କେଦାର କାମୋଦୀ)

କୃଷ୍ଣଙ୍କୁ ବେଶ କରି ସୁଦାମା ମାଳୀ ।
ଚୂଳେ ଖଞ୍ଜିଲା ନେଇ କେତକୀ କଳି ଯେ ।
ଆସେ କି କେଶ ରାହୁ ରସନା ଚାଳି ?
ମୁଖଚନ୍ଦ୍ରକୁ ଅବା ଦେବକି ଗିଳି ଯେ ? । ୧ ।

---

୧୭ । ଶୋଇଲା ମେଦିନୀ—ଭୂମିରେ ଶୋଇ ପ୍ରଣିପାତ କଲା, ସାଷ୍ଟାଙ୍ଗ ପ୍ରଣିପାତ କଲା ।
୧୮ । ଚିତ୍ତୋଇଲା—ମନେ ପକାଇଲା । ଭବକଳୁଷ—ସଂସାରର ପାପ । ପରଶେ—ସ୍ପର୍ଶରେ ।
୧୯ । ସଞ୍ଚିଲା କୁସୁମ ତାଟ—ସଞ୍ଚୟ କରି ରଖିଥିବା ଫୁଲର ଡାଲା ।
୨୦ । ଆଗତ—ଭବିଷ୍ୟତ । ବେଣୁପାଣି—ବେଣୁପାଣିରେ ଯାହାର, ଶ୍ରୀକୃଷ୍ଣ । ତାରନ୍ତି—ମୁକ୍ତି ଦିଅନ୍ତି । ଅବଧି—ଶେଷ କରି ।
୨୧ । ତେଜ୍ୟା—ତ୍ୟାଗ ।
୧ । କେତକୀ କଳି—କେତକୀ ଫୁଲର ଛୋଟ ପାଖୁଡ଼ା । କେଶ ରାହୁ—କେଶକୁ ରାହୁ ରୂପରେ, ମୁଖକୁ ଚନ୍ଦ୍ର ରୂପରେ ଓ କେତକୀ ଫୁଲର ପାଖୁଡ଼ାକୁ ରାହୁର ଜିଭ ରୂପରେ କଳ୍ପନା କରାଯାଇଅଛି । ରସନା—ଜିଭ ।

Digitized by PPRACHIN, SOA

ବେଢ଼ାଇ ଦେଲା ନବ ବକୁଳ ଦାମ ।
ଶୋଭାକୁ ଶକ୍ରଚାପ ନୋହିବ ସମ ଯେ ।
ଭୁଜଙ୍ଗଭୁକ୍ ପୁଚ୍ଛ ତଥି ଉପରେ ।
କୋଟି ଚନ୍ଦ୍ରିକା ସମ ନୋହିବ ତାରେ ଯେ । ୨ ।
ରଙ୍ଗ କୁସୁମ ବେଣୀ ପଛକୁ ପଡ଼ି ।
ଯମୁନା ଜଳେ ରକ୍ତ କୁମୁଦ ଧାଡ଼ି ଯେ ।
ସେହି ପ୍ରକାରେ ପାଉଅଛି ଶୋଭନ ।
ପୁଣି ଗଳାରେ ଖଞ୍ଜି ଜାତି କୁସୁମ ଯେ । ୩ ।
ଅତି ସୁସଞ୍ଚ ଦିଶେ ଉର ଲପନ ।
ଦେଖିଲେ ରମ୍ଭା ତେଜି ନିଜ ଗଗନ ଯେ ।
ରାମକୁ ସେହି ରୂପେ ବହନ ସାଜି ।
ଭଲା ସେ ମାଳାକାର ଖଞ୍ଜିଲା ହେଜି ଯେ । ୪ ।
କି ଅବା ମତ୍ତଗଜ କୁସୁମେ ବେଶ ?
ସେହି ପ୍ରକାରେ ରାମ ଗୋବିନ୍ଦ ବେଶ ଯେ ।
ଦେଖିବା ନାହିଁ କାହିଁ ଏଡ଼େ ବିଚିତ୍ର ।
ଦେଖିଲେ କହିବ କେ ଯେତେ ବିଚିତ୍ର ଯେ । ୫ ।
କରି ସୁବେଶ ମାଳୀ ମାଗିଲା ବର ।
ଅସ୍ତୁ ହେଉ ବୋଇଲେ ବରଜବର ଯେ ।
ସେଠାରୁ ବିଜେ କଲେ ବେନି ସୋଦର ।
ବେଢ଼ି ଅଛନ୍ତି ଚଉପାଶେ କୁମର ଯେ । ୬ ।
ଦେଖି ତା ମଧୁପୁର ନାରୀ ପୁରୁଷ ।
କାହାରି ମନେ ନାହିଁ କିଛି ବିରସ ଯେ ।
ପତିତନୟ ଗୃହ ଲଙ୍ଘାକୁ ଏଡ଼ି ।
କନ୍ୟାସ୍ତମ୍ଭ ପରାୟେ ଧାଡ଼ିକି ଧାଡ଼ି ଯେ । ୭ ।

---

୨ । ବେଢ଼ାଇ ଦେଲା—ଗୁଡ଼ାଇ ଦେଲା । ବକୁଳ ଦାମ—ବଉଳହାର । ଶକ୍ରଚାପ—ଇନ୍ଦ୍ରଧନୁ । ଭୁଜଙ୍ଗଭୁକ୍—ମୟୂର ।

୩ । ରଙ୍ଗ କୁସୁମ—ଲାଲ ବର୍ଣ୍ଣର ଫୁଲ । ରକ୍ତ କୁମୁଦ—ଲାଲ କଇଁ । ଜାତି କୁସୁମ—ଜାଇଫୁଲ ।

୪ । ସୁସଞ୍ଚ—ଉତ୍ତମ ଶୋଭା । ଉର—ଛାତି । ଲପନ—ମୁଖ । ରମ୍ଭା—ଅପ୍ସରା । ଗଗନ—ସ୍ୱର୍ଗ । ହେଜି—ବୁଦ୍ଧି କରି ।

୫ । ମତ୍ତଗଜ—ମତ୍ତହସ୍ତୀ ।

୬ । ଅସ୍ତୁହେଉ—ତଥାସ୍ତୁ, ପ୍ରାପ୍ତହୁଅ । ବରଜବର—ଶ୍ରୀକୃଷ୍ଣ ।

୭ । କନ୍ୟାସ୍ତମ୍ଭ—ଚିତ୍ର ପ୍ରତିମା ।

Digitized by PPRACHIN, SOA

ଚାହିଁଲେ ହରି ଆଗେ କୁବୁଜା ଆସେ ।
ତିନିବାଙ୍କ ଶରୀର ପ୍ରପଞ୍ଚ ଦିଶେ ।
ଘେନିଛି କଂସ ଅଙ୍ଗ ଲାଗି ଚନ୍ଦନ ।
ଚାହିଁ ହସନ୍ତି ସର୍ବେ ଗୋପନନ୍ଦନ ଯେ । ୮ ।
କୃଷ୍ଣ ବୋଲନ୍ତି ଆଗୋ ଶୁଣ କୁବୁଜା ।
କିସ ନେଉଛୁ ଦେଖା, ଦେଖୁ ଅନୁଜା ଗୋ ।
ଆମ୍ଭ ଲାୟକ ହେଲେ ଆମ୍ଭେ ରଖିବୁଁ ।
ନୋହିଲେ ନେଇ କଂସ ରାଜାକୁ ଦେବୁ ଗୋ । ୯ ।
ରାମ ଅନୁଜ ବାଣୀ ଶୁଣିଲା ଯହୁଁ ।
ବକ୍ର ନୟନେ ଚାହିଁ କହିଲା ତହୁଁ ଯେ ।
କଂସର ଗନ୍ଧକାରୀ ଅଟଇ ମୁହିଁ ।
ନିତି ନିତି ତାହାକୁ ଖଟଇ ନେଇ ହେ । ୧୦ ।
ଯେବେ ମାଗିଲ ମୋତେ ଛାର ଚନ୍ଦନ ।
ଦୁଇଭାଇଙ୍କି କରିଦେବି ଭୂଷଣ ହେ ।
ମୋହର କଥାଯେକ ଅଛି ମାଗୁଣି ।
ଦେବଟି ନିଶ୍ଚେ ମୋତେ ମୁରଲୀପାଣି ହେ । ୧୧ ।
ହରି ବୋଇଲେ ହଉ ଦିଅ ଗୋ ଗନ୍ଧ ।
ପେଡ଼ା ଫେଡ଼ିଲା ବେଗେ ହୋଇ ଆନନ୍ଦ ।
ପ୍ରଥମେ ଚତୁସମ ଅଙ୍ଗେ ଲେପିଲା ।
ଗୋବିନ୍ଦ ଅଙ୍ଗଗନ୍ଧ ଶ୍ୱାସେ ଖେଳିଲା ଯେ । ୧୨ ।
ଶିର ଭାଗରେ ସିଞ୍ଚି ଦେଲା ଅଳପ ।
ତପ ସେ କରିଥିଲା କେତେ କଳପ ଯେ ।
ଲଲାଟ ପଟେ ଲେଖେ ଅପୂର୍ବ ଚିତା ।
ଦେଖିଲେ ଊର୍ଦ୍ଧ୍ୱରେତା ବୁଡ଼ିବ ଚେତା । ୧୩ ।

---

୮ । ପ୍ରପଞ୍ଚ—ଅସୁନ୍ଦର ।

୯ । ଅନୁଜା—ଭଉଣୀ । ଲାଏକ—ଲାଖି ।

୧୦ । ରାମଅନୁଜ—ଶ୍ରୀକୃଷ୍ଣ । ଗନ୍ଧକାରୀ—ଚନ୍ଦନାଦି ଗନ୍ଧଦ୍ରବ୍ୟ ଯୋଗାଇବା ଲୋକ ।

୧୧ । କଥାଯେକ—ଗୋଟିଏ କଥା । ମୁରଲୀପାଣି—ମୁରଲୀଧର, ଶ୍ରୀକୃଷ୍ଣ ।

୧୨ । ପେଡ଼ା ଫେଡ଼ିଲା—ପେଡ଼ି ଫିଟାଇଲା । ଚତୁସମ—ଚନ୍ଦନ, ଅଗୁରୁ, କସ୍ତୁରୀ ଓ କୁଙ୍କୁମ । ଶ୍ୱାସେ ଖେପିଲା—ଆଘ୍ରାଣ କରିନେଲା ।

୧୩ । ଊର୍ଦ୍ଧ୍ୱରେତା—ଯୋଗୀ ।

Digitized by PPRACHIN, SOA

ଗଣ୍ଡଦେଶରେ କଲା ଚିତ୍ର ମକରୀ ।
ଚନ୍ଦ୍ରକୁ ବେଢ଼ିଲେ କି ସେ ତାରାମାଳି ଯେ ?
ଏହିପ୍ରକାରେ ରାମଚନ୍ଦ୍ରଙ୍କୁ କଲା ।
ବିଧିମତରେ ଗୋପକୁମରେ ଦେଲା ଯେ । ୧୪ ।
ଦେଖି ପ୍ରସନ୍ନ ଚିତ୍ତେ ଶକଟାଭଞ୍ଜା ।
ସଳଖି ଦେଲେ ଧରି କୁବୁଜା ଖଞ୍ଜା ଯେ ।
କର ଲାଗନ୍ତେ ତନୁ ହେଲା ସୁନ୍ଦର ।
ନୟନ ଇନ୍ଦୀବର ମୁଖ ମନ୍ଦାର ଯେ । ୧୫ ।
ନାସିକା ତିଳଫୁଲ ଠାଣି ଆଣଇ ।
କର୍ଣ୍ଣଯୁଗଳ କାମପାଶ ଜିଣଇ ଯେ ।
ଗଣ୍ଡ ଉପମା ହେମ ଆଦରଶକୁ ।
ବଚନ ସମ ହେବ ପିକ ଘୋଷକୁ ଯେ । ୧୬ ।
ଓଷ୍ଠ ସୁରଙ୍ଗ ପକ୍ୱ ବିମ୍ବ କି ଅବା ?
ଦଶନ ଲକ୍ଷ କୁନ୍ଦହୀରାକୁ ଦେବା ଯେ ।
କଣ୍ଠ ଡାହାଣବର୍ତ୍ତ ସାରଙ୍ଗ ପରି ।
ଉରଜବେନି କିଏ ମାର-ବଇରୀ ଯେ । ୧୭ ।
ବାହୁ ବଳିନ ଭୁଜ ହେମବ୍ରତତୀ ।
ଅଶୋକ କଢ଼ି ପ୍ରାୟ ଅଙ୍ଗୁଳିପନ୍ତି ଯେ ।
ମଧ୍ୟମ ଚାରିଅଙ୍କ କଟୀକି ଲକ୍ଷ ।
ବେନି ଜଘନ କିଏ କଦଳୀବୃକ୍ଷ ଯେ । ୧୮ ।

---

୧୪ । ଚିତ୍ରମକରୀ—ମଗରାକୃତି ଚିତା । ରାମଚନ୍ଦ୍ର—ବଳରାମ ।

୧୫ । ଶକଟାଭଞ୍ଜା—ଶକଟାସୁରର ନାଶକାରୀ, ଶ୍ରୀକୃଷ୍ଣ । ଖଞ୍ଜା—ଖଞ୍ଜାହାଡ଼ । ଇନ୍ଦୀବର—ନୀଳକଇଁ । ମନ୍ଦାର—ପାରିଜାତ ।

୧୬ । ତିଳ—ରାଶି । ଠାଣି—ଶୋଭା । କାମପାଶ—କନ୍ଦର୍ପର ଫାଶ । ଆଦରଶ—ଦର୍ପଣ । ପିକଘୋଷ—କୋଇଲି ସ୍ୱନ ।

୧୭ । ଦଶନ—ଦାନ୍ତ । କୁନ୍ଦହୀରା—କୁନ୍ଦରେ ବସିଥିବା ହୀରା । ଡାହାଣବର୍ତ୍ତ—ଦକ୍ଷିଣାବର୍ତ୍ତ । ସାରଙ୍ଗ—ଶଙ୍ଖ । ଉରଜବେନି—ସ୍ତନଦ୍ୱୟ । ମାରବଇରୀ—କନ୍ଦର୍ପର ଶତ୍ରୁ, ଶିବ ।

୧୮ । ବଳିନ—ବର୍ତ୍ତୁଳ । ହେମବ୍ରତତୀ—ସୁନାର ଲତା । ମଧ୍ୟମ ଚାରିଅଙ୍କ—"୪"ର ମଧ୍ୟଭାଗ ଯେପରି ଅତି ସରୁ ।

Digitized by PPRACHIN, SOA

ଚରଣ ପଦ୍ମ ଠାଣି ଅପୂର୍ବ ଶୋଭା ।
ଦେଖି ଭ୍ରମରଗଣ ହୋଇବେ ଲୋଭା ଯେ ।
ଆପଣା ରୂପରାଶି କୁବୁଜା ଚାହିଁ ।
ବିଚାରେ ଏହାନେଇ ଥୋଇବି କାହିଁ ଯେ । ୧୯ ।
କାହାକୁ ସମର୍ପିବି ଅପୂର୍ବ ଧନ ।
ଏ ଧନ ଦେଲେ ସିନା ନନ୍ଦନନ୍ଦନ ଯେ ।
ଏହା ଅର୍ଜିଲା ବିତ୍ତ ଏହାକୁ ଦେବି ।
ନନେବ ଯେବେ ଅଗ୍ନିଜାଳି ମରିବି ଯେ । ୨୦ ।
ଏତେ ବିଚାରି ନାରୀ ଛାଡ଼ିଲା ଲାଜ ।
ଧାଇଁ ଧଇଲା ଯାଇଁ ଗୋବିନ୍ଦ ଭୁଜ ହେ ।
ବୋଲେ ଶୁଣିବା ହେଉ ବ୍ରଜମୋହନ ।
ଯାହା ମାଗିଛି ତାହା ଦିଅ ବହନ ହେ । ୨୧ ।
ବିଧୁବଦନେ ବନମାଳୀ ଭାଷନ୍ତି ।
କି ବର ମାଗୁଅଛ କହ ଯୁବତୀ ଗୋ ।
ଦେବଇଁ ସତ୍ୟ ମୋର ଆରେ କୁବୁଜା,
ବାଳୀ ବୋଇଲା ହେବି ତୋର ଭାରିଯା । ୨୨ ।
ଏ ନବ ଯଉବନ ତୋହର ସିନା ।
ଦେଖ ମୁଁ ଦିଶୁଅଛି କେମନ୍ତ ଅନା ହେ ।
ରୁପିଲା ବୃକ୍ଷ ଫଳ ଆପଣେ ଭୁଞ୍ଜି ।
ଜାଣି ବିରଞ୍ଚି ତାହା ଅଛଇ ଖଞ୍ଜି ହେ । ୨୩ ।
ଭୋଗ ନ କଲେ ତାଙ୍କୁ ବୋଲି ଅଯୋଗ୍ୟ ।
ଲାଜ ହୁଅଇ ପରେ ହୋଇଲେ ଭୋଗ୍ୟ ।
ତୁ ସିନା ରୂପବନ୍ତୀ କରିଛୁ ମୋତେ
ଏଣୁ କହୁଛି ହରି ଯୋଗାଇ ତୋତେ ହେ । ୨୪ ।
କହିଣ ଛାଡ଼ି କର ଧରି ଉତୁରୀ ।
ଦେଖି ସଂକୋଚ କଲେ କୁଞ୍ଜବିହାରୀ ହେ ।

୨୩ । ବିରଞ୍ଚି–ବ୍ରହ୍ମା ।

୨୪ । ରୂପବନ୍ତୀ- ରୂପବତୀ । ଯୋଗାଇ ତୋତେ—ତୋପାଇଁ ଉଦ୍ଦିଷ୍ଟ, ତୋ ପାଇଁ ଯୋଗ୍ୟ ।

Digitized by PPRACHIN, SOA

ବୋଲନ୍ତି ଦେଖ ସଙ୍ଗେ ଅଛନ୍ତି ହଳୀ ।
ତୋତେ କି ଲାଜ ନାହିଁ ମଥୁରାବାଳୀ ଗୋ । ୨୫ ।
ଆଗେ ମୁଁ କଂସଦର୍ପ କରଇ ଚୂରୀ ।
ବନ୍ଧୁଜନଙ୍କ ଦୁଃଖ ସନ୍ତାପ ହରି ଗୋ ।
ତେବେ ଆସିବି ତୋର ପୁରକୁ ମୁହିଁ ।
ପୁର ମଣ୍ଡଣି କରୁଥାଅ ଯା ତୁହି ଗୋ । ୨୬ ।
ଶୁଣି କୁବୁଜା ମନେ ଆନନ୍ଦ ହେଲା ।
ମେଲାଣି ମାଗି ନିଜ ଭୁବନେ ଗଲା ଯେ ।
ସାଜିଲା ନାନା କଉତୁକେ ମନ୍ଦିର ।
ଯେସନେ ଦିଶେ ବାରସ୍ୱତୀ ସୁନ୍ଦର ଯେ । ୨୭ ।
ଗୋବିନ୍ଦ ଆସିବାକୁ ବଢ଼ାଇ ଆଶ ।
ଆପଣେ ହେଲା ବାଳୀ ବିଚିତ୍ର ବେଶ ଯେ ।
ବାନ୍ଧିଲା କନ୍ଧଦେଶେ ଲଗାଇ ଜୁଡ଼ା ।
ମଲ୍ଲୀକଳିକା ସାଙ୍ଗେ ଜାତି ପାଖୁଡ଼ା ଯେ । ୨୮ ।
ଶିରେ ସୀମନ୍ତି ଚୂର୍ଣ୍ଣ କୁନ୍ତଳ ସାଙ୍କେ ।
ଭାଲେ ସିନ୍ଦୂର ନେତ୍ରେ ଅଞ୍ଜନ ରଞ୍ଜେ ଯେ ।
ନାସେ ବସଣି କର୍ଣ୍ଣେ ହେମ ତାଟଙ୍କ ।
କଣ୍ଠେ ମୁକୁତାମାଳୀ କରେ ଝଟକ ଯେ । ୨୯ ।
ପୟୋଦ ପରେ ପତ୍ରାବଳୀ ଲେଖନ ।
କଟିରେ ଆଚ୍ଛାଦିଲା ବସ୍ତ୍ର ସୁଝୀନ ଯେ ।
ବେନି ଭୁଜରେ ଶୋହେ ସୁବର୍ଣ୍ଣ ଚୁଡ଼ି ।
ଅଙ୍ଗୁଳିମାନଙ୍କରେ ମୁଦ୍ରିକା ଧାଡ଼ି ଯେ । ୩୦ ।
ପାଦେ ଯାବକ ଲେଖି ଖଞ୍ଜି ନୂପୁର ।
ମନ୍ଦ ଚାଲିକି ନାଦ କଲା ମଧୁର ଯେ ।
ଶେଯ ଶେଯାଇ ବସି ରହିଲା ବାମ ।
ବୋଲେ ଆସିବେ ନିଶ୍ଚେ ବିଚିତ୍ରକର୍ମା ଯେ । ୩୧ ।

---

୨୫ । ଉତୁରୀ—ଉତ୍ତରୀୟ । ସଙ୍କୋଚ—ଲଜ୍ଜା । କୁଞ୍ଜବିହାରୀ—ଶ୍ରୀକୃଷ୍ଣ । ହଳୀ—ବଳରାମ ।
୨୬ । ଚୂନା—ଚୂର୍ଣ୍ଣ । ମଣ୍ଡଣି—ମଣ୍ଡନ ।
୨୭ । ବାରସ୍ୱତୀ—ସ୍ୱର୍ଗ ।
୩୦ । ପୟୋଦ—ସ୍ତନ । ପତ୍ରାବଳୀ—ଚିତା ।
୩୧ । ଯାବକ— ଅଳତା । ବିଚିତ୍ରକର୍ମା—ଶ୍ରୀକୃଷ୍ଣ ।

Digitized by PPRACHIN, SOA

ଭକ୍ତଚରଣ ଦାସ କହଇ ରସେ ।

କୁବୁଜା ମନ ତୋଷି ଗୋବିନ୍ଦ ପାଶେ ଯେ ।

ଲୟ ଲଗାଇ ଚିତ୍ତେ ଦିବସ ନିଶି ।

ବୋଲଇ ହେବି ନିକି ଶ୍ରୀକୃଷ୍ଣ ଦାସୀ ଯେ । ୩୨ ।

## ସପ୍ତଦଶ ଛାନ୍ଦ

### (ରାଗ–ବରାଡ଼ି–ଆଷାଢ଼ଶୁକ୍ଳ ବାଣୀ)

ଏଥୁ ଅନନ୍ତରେ ଶୁଣ ସୁଜନ । ସେଠାରୁ ବିଜେ ଜଗତ ଜୀବନ ।

ପୁଲକିତ ହୋଇ ଉଠିଲା ଧରା । ବିଚାରଇ ଏବେ ସରିବ ଭାରା ।

ପାଇବି ଉଶ୍ୱାସ । ନାଶିବେ କଂସକୁ ରମା ବିଳାସ । ୧ ।

ଅମ୍ବରେ ଅମରେ କରନ୍ତି ସ୍ତବ । ଜୟ କେଶବ ଗୋବିନ୍ଦ ମାଧବ ।

ବହନ କରି ରିପୁକୁଳ ନାଶ । ମହିମ: ପତାକା କର ପ୍ରକାଶ ।

ସାଧୁଜନ ପାଳ । ନମୋ କ୍ଷତ୍ରିୟକୁଳ କାଳାନଳ । ୨ ।

ଦେବଙ୍କ ସ୍ତୁତି ଶୁଣି ଅନ୍ତର୍ଯାମୀ । ମନେ ବିଚାରନ୍ତି ଶାରଙ୍ଗପାଣି ।

ଦର୍ପିଷ୍ଠ କଂସ ସବୁରି ବଇରୀ । କାଲି ନିଶ୍ଚୟ ପକାଇବି ମାରି ।

ଉଶ୍ୱାସିବି ମହୀ । ସୁଜନଙ୍କ ଦୁଃଖ ନୁହଁଇ ସହି । ୩ ।

ଏମନ୍ତ ଭାବି ବିଜେ ମନ୍ଦ ମନ୍ଦ । ପୁଷ୍ପ ବରଷନ୍ତି ଅମର ବୃନ୍ଦ ।

ବାଜଇ ବେଣୁ ବଇଁଶୀ କାହାଳୀ । ପଡ଼ିଲା ମଧୁନଗରେ ହାଲୋଳି ।

ଚମକଇ ମହୀ । ଗୋପାଳଙ୍କ ରଙ୍ଗ ନୁହଇ କହି । ୪ ।

କେ ବାଡ଼ି ବୁଲାଇ ଚମକି ଯାଇଁ । ଗଉଡ଼ ନାଟ ଖଣ୍ଡେ କେ ନାଚଇ ।

କେବଣ ପୁଅ ମାରେ ଗାଲତୂରୀ । କେ ବାଡ଼ି ମେଲି ଡାକେ ଖର କରି ।

କେ ପିଟଇ ନେଇ । କେହୁ ବଞ୍ଚାଇ ବୋଲେ ନାହିଁ ନାହିଁ । ୫ ।

---

୩୨ । ପେଷି–ପ୍ରେରଣ କରି ।

୧ । ଜଗତଜୀବନ–ଶ୍ରୀକୃଷ୍ଣ । ରମାବିଳାସ–ଶ୍ରୀକୃଷ୍ଣ ।

୨ । ଅମ୍ବରେ–ଆକାଶରେ । ଅମରେ–ଦେବତାମାନେ । କ୍ଷତ୍ରିକୁଳକାଳାନଳ–କ୍ଷତ୍ରିୟକୁଳର କାଳଅଗ୍ନି; କ୍ଷତ୍ରିୟକୁଳ ବା ଶତ୍ରୁପକ୍ଷର ଧ୍ୱଂସକାରୀ ।

୩ । ଶାରଙ୍ଗପାଣି–ଶ୍ରୀକୃଷ୍ଣ । ଦର୍ପିଷ୍ଠ–ଅହଙ୍କାରୀ, ଗର୍ବୀ ।

୪ । ହାଲୋଳି–କୋଳାହଳ ।

୫ । ଗାଲତୂରୀ–ମୁଖବାଦ୍ୟ ବିଶେଷ । ଖର–ଶୀଘ୍ର ।

Digitized by PPRACHIN, SOA

କାହାର ମୁଣ୍ଡରେ ଖୋଲରି ପାଗ । ଦୋହଲି ଚାଲଇ କି ମତ୍ତନାଗ ?
କାହାର ଶିରେ ଗୁଞ୍ଜ ଗୁଞ୍ଜ ମାଳୀ । କାହାର ବେଣୀ ପଛକୁ ଉଗୁଳି ।
କା କଟୀରେ ଘଣ୍ଟି । କେହୁ ପିନ୍ଧିଅଛି କନକଧଟ୍ଟୀ । ୬ ।
କେହୁ ପିନ୍ଧିଛି କାକଡିମ୍ବା ବାସ । କାହାର ନୀଳ କେ ଶୁକଳ ବେଶ ।
କାହାର ରଙ୍ଗ କାହାର କାଳିମା । କେତେ କହିବି ସେ ସଜ ମହିମା ।
ଯାହାକୁ ଯେ ଗଛେ । ସଜ ହୋଇଛନ୍ତି ଗୋବିନ୍ଦ ପଛେ । ୭ ।
ହୁଁ ହୁଁ ଗରଜନେ ଧାଇଁଲେ ସୁତେ । ମଧ୍ୟେ ବିଜୟେ ରାମ ଗୋପୀନାଥେ
ପଡ଼ିଲା ଧନୁଘରଦ୍ୱାରେ ହୁରି । ଜଗି ଅଛନ୍ତି ଅନେକ ପାହାରୀ ।
ପକାଇ କବାଟ । ମାଛି ଗଳିବାକୁ ନ ମିଳେ ବାଟ । ୮ ।
ସେଠାରେ ଯାଇ ହେଲେ ରାମହରି । ଉଚେ ଡାକନ୍ତି ଶୁଣ ହେ ଦୁଆରୀ ।
ରାଜାର ଭଣଜା ଅଟଇ ମୁହିଁ । ଧନୁ ଉତ୍ସବ ଯାତ୍ରା ମୋର ପାଇଁ ।
କରିଅଛି ମାମୁ । ଛାଡ଼ିଦିଅ ପଥ ଦେଖିବା ଧନୁ । ୯ ।
ଶୁଣି ଦ୍ୱାରପାଳେ ପାଇଲେ ଖଙ୍ଗ । ଲାଞ୍ଜ ମାଡ଼ିଲେ ଯେସନେ ପନ୍ନଙ୍ଗ ।
ପ୍ରତିଜ୍ଞା କରି କହନ୍ତି ବଡ଼ାଇ । ଭଣଜା ପଣଟି ଦେବୁ ଛଡ଼ାଇ ।
ରେ ଗଉଡ଼ ମୂଢ଼େ । ହୀନ ଜାତି ହୋଇ କହୁଛ କେଡ଼େ । ୧୦ ।
ନ ଜାଣ କି କଂସ କେଡ଼େ ନୃପତି । ତାହା ଦେଶରେ କରୁଛ ଅନୀତି ।
ଶ୍ରୀଅଙ୍ଗ ଲାଗି ବସ୍ତ୍ର ଗନ୍ଧ ପୁଷ୍ପ । ତାହା ଲୁଟିକରି ହୋଇଛ ବେଶ ।
ଏଡ଼େ ଗର୍ବ କର । ପୁଣି ବେଢ଼ିଚ ଶରାସନ ଘର । ୧୧ ।
ଯାହା ହେବ ତାହା ଜାଣିବ କାଲି । ଏତେ ବୋଲି ଶସ୍ତ୍ର ଧରି ଓଗାଳି ।
ମହାପ୍ରତାପୀ ରୋହିଣୀନନ୍ଦନ । ସହି ନ ପାରି ଧାଇଁଲେ ବହନ ।
ମାରି ବଜ୍ରମୁଠ । ପଡ଼ିଲେ ଦ୍ୱାରୀ ହୋଇ ଯୂଥ ଯୂଥ । ୧୨ ।

---

୬ । ଖୋଲରି ପାଗ—ପଗଡ଼ି । ମତ୍ତନାଗ—ମତ୍ତହସ୍ତୀ । ଗୁଞ୍ଜ—କାଇଁଚ । ଉଗୁଳି—ପଡ଼ି । କନକ ଧଟୀ—ହଳଦିଆ ଲୁଗା ।

୭ । କାକଡିମ୍ବା—କାଉର ଡିମ୍ବପରି ଈଷତ୍ ନୀଳବର୍ଣ୍ଣ । ରଙ୍ଗ—ଲାଲ । ଗଛେ—ସ୍ୱାଛେ ।

୮ । ସୁତେ—ଗୋପାଳବାଳକମାନେ । ରାମଗୋପୀନାଥ—ବଳରାମ ଓ ଶ୍ରୀକୃଷ୍ଣ ।

୧୦ । ଖଙ୍ଗ—ରୋଷ । ପନ୍ନଙ୍ଗ—ସାପ ।

୧୧ । ଶରାସନ—ଧନୁ ।

୧୨ । ରୋହିଣୀ ନନ୍ଦନ—ରୋହିଣୀପୁତ୍ର, ବଳରାମ । ବହନ—ଶୀଘ୍ର । ବଜ୍ରମୁଠ—ବଜ୍ରମୁଷ୍ଟି । ଯୂଥ ଯୂଥ—ଦଳ ଦଳ ।

Digitized by PPRACHIN, SOA

ଥୋକେ ମଲେ ଥୋକେ ପଳାଇଗଲେ । ରାମ ଗୋବିନ୍ଦ ପସାଇ ପଶିଲେ ।
ଦେଖିଲେ ଧନୁ ଅପୂର୍ବ ସୁନ୍ଦର । ଧରି ଗୁଣ ଦେଲେ କମଳାବର ।
ଆଣିଲେ ଉଛୁଡ଼ି । ଭାଜିଲା ଚାପ, କଲା ଘୋର ରଡ଼ି । ୧୩ ।
ଯେତେ ମଣ୍ଡଣି ସଜମାନ ଥିଲା । ଚୂର କରିନେଲେ ଗୋପାଳବଳା ।
ବେନି ଭାଇ ଘରୁ ହେଲେ ବାହାର । ଭଗ୍ନ କୋଦଣ୍ଡ ଧରିଛନ୍ତି କର ।
ଦେଖି ଦୁଷ୍ଟମାନେ । ପୁଣି ବେଢ଼ିଲେ କୃତାନ୍ତ ସମାନେ । ୧୪ ।
ଧାଇଁଲେ କାଦମ୍ବରୀ ମତୁଆଳ । ଅର୍ଦ୍ଧ-କାର୍ମୁକରେ କଲେ ପ୍ରହାର ।
ଶମନ ଭୁବନେ ଚଳିଲେ ମୂଢ଼େ । କେ ବଞ୍ଚିବ ପଡ଼ି ତାହାଙ୍କ ଦାଢ଼େ ।
ଲେଉଟିଲେ ହରି । ଦାଣ୍ଡରେ ଦେଖିଲେ ମଥୁରାନାରୀ । ୧୫ ।
ମଧୁବନରେ ହୋଇଲେ ପ୍ରବେଶ । ଦେଖି ମାତାପିତା ହେଲେ ହରଷ ।
କୋଳେ ବସାଇ ମୁଖେ ଦେଲେ ଚୁମ୍ବ । ତେତେବେଳେ ମନ ହୋଇଲା ଦମ୍ଭ ।
ଓହ୍ଲାଇଲେ ବେଶ । ସ୍ନାହାନ ସାରି ଭୁଞ୍ଜି ଷଡ଼ରସ । ୧୬ ।
ପଲଙ୍କେ ଶୟନ ବେନି ସୋଦର । କ୍ଷୀର ସିନ୍ଧୁରେ କି ନବ ମୁଦିର
ସେହିପ୍ରକାରେ ଦିଶେ ବେନିତନୁ । ସୀମନ୍ତାନେ ଦେଉଅଛନ୍ତି ବେଣୁ ।
ନିଦ୍ରା ଗୁରୁତର । ଭକ୍ତଚରଣ ଚାପଇ ପୟର । ୧୭ ।

## ଅଷ୍ଟାଦଶ ଛାନ୍ଦ

## (ରାଗ—କନଡ଼ା)

କୃଷ୍ଣ ଶୟନ ଅନ୍ତେ                    ନନ୍ଦ ଯଶୋଦା
ଗୋପାଳ ସହିତେ ଶୋଇଲେ
ଯୋଗମାୟା ମୋହେ ମୋହି ହୋଇଲେ ।
ରଜକ ମାରିବା                    ଗନ୍ଧପୁଷ୍ପ ନେବା
କଂସ ଆଗେ ଡଗର କହିଲେ ହେ ଭୋ ଦେବ । ୧ ।

---

୧୩ । ପସାଇ—ପେଲି । କମଳାବର—ଶ୍ରୀକୃଷ୍ଣ । ଉଛୁଡ଼—ଝିକି । ଚାପ—ଧନୁ ।
୧୪ । କୋଦଣ୍ଡ—ଧନୁ । କୃତାନ୍ତ—ଯମ ।
୧୫ । କାଦମ୍ବରୀ ମତୁଆଳ—କାଦମ୍ବରୀ ପ୍ରମତ୍ତ, ବଳରାମ । କାର୍ମୁକ—ଧନୁ । ଶମନଭୁବନ—ଯମଭୁବନ । ଦାଢ଼େ—ପ୍ରତାପରେ ।
୧୬ । ଷଡ଼ରସ—ମଧୁର, ଲବଣ, କଷା, ତିକ୍ତ, ଅମ୍ଳ, କଟୁ ।
୧୭ । ନବମୁଦିର—ନୂଆମେଘ । ସୀମନ୍ତାନେ—ମୁଣ୍ଡତଳେ । ପୟର—ପାଦ ।
୧ । ଯୋଗମାୟା—ଦୈବକ୍ରିୟାରେ ଭଗବାନଙ୍କ ଶକ୍ତି ।

Digitized by PPRACHIN, SOA

ଆହେ ମହାରାଜା ନନ୍ଦର ତନୁଜା
ଧନୁକୁ ତୋହର ଭାଙ୍ଗିଲା
ଦ୍ୱାରପାଳଙ୍କ ଗରବ ଗଞ୍ଜିଲା
ବୀରମାନେ ଦେଖି ନିର୍ବଳ ହୋଇଲେ,
ନଗ୍ରଜନଙ୍କ ମନ ରଞ୍ଜିଲା ହେ ଭୋ ଦେବ । ୨ ।
ଶୁଣି ଦୃମିଲା ନନ୍ଦନ ଦୁଇଦଣ୍ଡ-
ଯାଏ ତୁନୀ ହୋଇ ରହିଲା
କିସ ବୋଲୁରେ ବୋଲି ପଚାରିଲା ।
ଶୁଣି ବାରତିୟା ଗୋବିନ୍ଦ ପ୍ରତିଜ୍ଞା
କଥା ନୃପେ ବୁଝାଇ କହିଲା ସେ ଡଗର । ୩ ।
ବୋଲଇ କଂସ ହୋଇଲି ନିଶ୍ଚେ ନାଶ
କାହିଁକି ଧରାଇ ଆଣିଲି ।
ଇଛା ସୁଖେ ନିଜ ଅଙ୍ଗ ହାଣିଲି ।
ଯଉଁମାନେ ବଳ ଦେଇ କହୁଥିଲେ
ସେମାନଙ୍କୁ ମୁଁ ଏବେ ଜାଣିଲିରେ ଡଗର । ୪ ।
ଛାର ବାଳକ ଦୁଇଗୋଟା କଟକେ
ପଶି ଏଡ଼େ କର୍ମ କରନ୍ତି ।
ତାଙ୍କୁ ଦେଖିଲେ ଅସୁର ଡରନ୍ତି ।
ବୀରମାନେ ଥାଇ କି କାର୍ଯ୍ୟ କରିବେ ?
ମିଛେ ମିଛେ ପ୍ରତିଜ୍ଞା କରନ୍ତି ରେ ଡଗର । ୫ ।
ଶତ୍ରୁ ନ ଥିବାର ବେଳେ ପଛଆଡ଼େ
କହୁଥାନ୍ତି ବଡ଼ ଗାରିମା ।
ଆଗେ ହେଲେ ପଳାନ୍ତି ଛାଡ଼ି ସୀମା ।
ଧନ୍ୟ କ୍ଷତ୍ରିୟ ମାନେ ! ସଂଗ୍ରାମେ ଚଉର୍ଯ୍ୟ !
ତାଙ୍କୁ ଦେବଇଁ କେଉଁ ଉପମାରେ ଡଗର । ୬ ।

---

୨ । ନନ୍ଦର ତନୁଜା—ନନ୍ଦର ପୁଅ । ନିର୍ବଳ—ବଳଶୂନ୍ୟ ।

୩ । ଦୃମିଲା ନନ୍ଦନ—କଂସ । ବାରତିଆ—ଡଗର ।

୫ । କଟକେ—ନଗରରେ ।

୬ । ଚଉର୍ଯ୍ୟ—ଚୌର୍ଯ୍ୟବୃତ୍ତି, ଚୋରପରି ଡରିବା ।

Digitized by PPRACHIN, SOA

ଆପଣା କାର୍ଯ୍ୟ ଯେବେ ଆପେ ନ କରି
ତାହାକୁ ବୋଲି ନପୁଂସକ ।
ନିନ୍ଦା କରନ୍ତି ତାକୁ ତିନିଲୋକ ।
ପର ପ୍ରତି ଆଶ କରି ଯା ମରୁଛି
ମୋହଠାରୁ ନାହିଁ ଅବିବେକରେ ଡଗର । ୭ ।
କାଲି ଆପଣେ ବୀରପଣ କରିବି,
ଶୁଭେ ପାଉ ଆଜି ଶର୍ବରୀ ।
ରାମ କୃଷ୍ଣଙ୍କୁ ପକାଇବି ମାରି ।
ଯେଉଁ ଦିନ ସୁର ନରଙ୍କୁ ଜିଣିଲି,
କେହୁ ନ ଥିଲେ ସଙ୍ଗେ ମୋହରି ରେ ଡଗର । ୮ ।
ଏମନ୍ତ ଭାଷି କ୍ରୋଧଭରେ ନିଶ୍ୱାସ
ଛାଡ଼ଇ ଦୁଷ୍ଟ ନିଶାଚର ।
କରେ କୃପାଣ ବୁଲାଇ ପ୍ରଖର ।
ନୟନ କର୍କଶ କରି ଥରହର
ହୋଇ କମ୍ପେ ଦୃମିଲା କୁମର ସେ । ଅସୁର । ୯ ।
କଂସର ଅଭିମାନ କୋପ ଅନଳ
ହୋଇବା ଦେଖି ବୀରମାନ ।
କହୁଅଛନ୍ତି ଶୁଣ ହେ ରାଜନ ।
ବିଅର୍ଥେ କାହାକୁ ଏଡ଼େ କ୍ରୋଧକର ?
ଆଜ୍ଞାକର ମାରିବୁଁ ବହନ ହେ । ରାଜନ । ୧୦ ।
ଗଙ୍ଗଶିଉଳୀ କୁସୁମକୁ ଦ୍ୱାଦଶ
ମାରତଣ୍ଡ ଉଦେ କରୁଛ ।
ଭସ୍ମକୁଡ଼କୁ ବତାସ ଲୋଡୁଛ ।
କୀଟକୁ କୁଳିଶ, ଶିରୀଷ କୁସୁମେ
ମହାବରଷା ପ୍ରାୟ କରୁଛ ହେ । ରାଜନ । ୧୧ ।

---

୭ । ନପୁଂସକ—ପୁରୁଷତ୍ୱହୀନ । ଅବିବେକ—ବିଚାରହୀନ ।

୮ । ଶର୍ବରୀ—ରାତ୍ରି ।

୯ । କୃପାଣ—ଖଡ୍‌ଗ ।

୧୦ । ବିଅର୍ଥେ—ବିନା କାରଣରେ, ବୃଥାରେ ।

୧୧ । ଦ୍ୱାଦଶ ମାରତଣ୍ଡ—ବାରଗୋଟି ସୂର୍ଯ୍ୟ । ଗଙ୍ଗଶିଉଳୀ...କରୁଛ—ଗଙ୍ଗଶିଉଳୀ ଫୁଲ ରାତିରେ ଫୁଟେ ଓ ସୂର୍ଯ୍ୟୋଦୟ ସମୟରେ ଝଡ଼ିପଡ଼େ, ତାକୁ ନାଶ କରିବାପାଇଁ ବାରଗୋଟି ସୂର୍ଯ୍ୟର କିରଣ

Digitized by PPRACHIN, SOA

ନୀଚଜାତି ରଜ- . କାରୀକି ମାଇଲା
ସେ ତ ନ ଜାଣଇ ସଂଗ୍ରାମ ।
ମାଳାକାରହିଁ ସିନା ସେହି ସମ ।
କୁବୁଜା ମୂଢ଼ ସ୍ୱଭାବେ ଷିରୀଜାତି
ତାହାଠାରୁ ତ ନେଲେ ଚନ୍ଦନ ହେ । ରାଜନ । ୧୨ ।
ଅନେକ କାଳ ପୁରୁଣା ଶରାସନ
ଭାଙ୍ଗିଲା ସିନା ନନ୍ଦଚାଟ ।
ଏହା ଶୁଣିଣ ହେଉଛ ଉଚ୍ଚାଟ ?
କାଲି ଜାଣିବା କେମନ୍ତେ ବର୍ତ୍ତିଯିବେ
ଆମ୍ଭ ସମ୍ମୁଖେ ପଡ଼ିଲେ ଭେଟ ହେ । ରାଜନ । ୧୩ ।
ଟୋଳି କଚାଡ଼ିବୁଁ, ମହତ ସାରିବୁ,
ସରିବ ତୋର ଅଭିମାନ ।
ଚନ୍ଦ୍ର ସୂର୍ଯ୍ୟ ସହିତେ ମଘବାନ ।
କୃତ୍ତିବାସ ବିହି ବରୁଣ, ହୂତାଶ
ତାଙ୍କୁ ରଖିବେ ନାହିଁ ସେମାନ ହେ । ରାଜନ । ୧୪ ।
ଛାଡ଼ ମନବ୍ୟଥା କାଲିର ସେ କଥା,
ଆଜି ତ ହେଲାଣି ବିଳମ୍ବ ।
ଶତ୍ରୁ ମାରିବୁଁ, ନୁହ ତ ଅଦମ୍ଭ ।
ଦନ୍ତୀପାଳକୁ ସିଂହଦ୍ୱାରେ ରଖାଇ,
ବେଗେ କରାଅ ସଭା ଆରମ୍ଭ ହେ ରାଜନ । ୧୫ ।

---

ଅନାବଶ୍ୟକ । ଏଠାରେ ଶ୍ରୀକୃଷ୍ଣ ଓ ବଳରାମ ଗଙ୍ଗଶିଉଳୀ ଫୁଲ ସଦୃଶ ଏବଂ କଂସ ବାରଗୋଟି ସୂର୍ଯ୍ୟ ସଦୃଶ । ଶ୍ରୀକୃଷ୍ଣ ଓ ବଳରାମଙ୍କୁ ନାଶ କରିବା ପାଇଁ ବାରଗୋଟି ସୂର୍ଯ୍ୟ ସଦୃଶ କଂସଙ୍କ ପରାକ୍ରମ ଅନାବଶ୍ୟକ । ସେମାନଙ୍କୁ ଅତିସହଜରେ ବିନାଶ କରିହେବ । ଭସ୍ମକୁଢ଼—ପାଉଁଶ ଗଦା । ବତାସ—ପ୍ରଖର ପବନ । କୁଳିଶ—ବଜ୍ର ।

୧୨ । ମୂଢ଼—ଅଜ୍ଞାନ ।

୧୩ । ନନ୍ଦଚାଟ—ନନ୍ଦପୁଅ, ଶ୍ରୀକୃଷ୍ଣ । ଉଚ୍ଚାଟ—ବ୍ୟଗ୍ର । ବର୍ତ୍ତିଯିବେ—ବଞ୍ଚିଯିବେ ।

୧୪ । ମଘବାନ—ଇନ୍ଦ୍ର । କୃତ୍ତିବାସ—ଶିବ । ବିହି—ବିଧାତା, ବ୍ରହ୍ମା । ହୂତାଶ—ଅଗ୍ନି ।

୧୫ । ଦନ୍ତୀପାଳ—ମାହୁନ୍ତ ।

Digitized by PPRACHIN, SOA

ଏ ବାଣୀ ଶୁଣି ଦନୁଜ ନୃପମଣି,
ଆନନ୍ଦେ ନିଶ୍ଚିନ୍ତେ ରହିଲା ।
ମିଛ କଥାକୁ ସନ୍ତୋଷ ବହିଲା ।
ବୋଲେ ବଇରାଗୀ ଭଗତ ଚରଣ
ସୁଖେ ଭୁଞ୍ଜି ପଲଙ୍କେ ଶୋଇଲା ସେ ରାଜନ । ୧୬ ।

## ଊନବିଂଶ ଛାନ୍ଦ

## (ରାଗ—ବଙ୍ଗଳାଶ୍ରୀ)

ଏଥୁ ଅନନ୍ତରେ ରଜନୀ ଶେଷରେ
ପରଭୃତ ଧୀରେ ଭାଷ ।
ଶମ୍ଭୁଆଳେ କମ୍ବୁ ଶବଦ ଶୁଭିଲା,
ଜାଣିଲେ ମଥୁରାବାସୀ । ୧ ।
ବାୟସ କହିଲା, କୁକୁଟ ଡାକିଲା,
ଦିଗ ଦିଶେ ପରିମଳ
କୁଳବତୀ ଲଜ୍ଜା- ପଥ ଆବୋରିଲେ
ଶୁଭିଲା ମୁଖ ଚହଳ । ୨ ।
ପୁଣ୍ୟ ପ୍ରାଣୀମାନେ ଯମୁନାତଟକୁ
ଚଳିଲେ ସ୍ନାହାନ ଅର୍ଥେ
ଚୋର ବିଟପୀ ଉଲୁକ ନିଶାଚରେ,
ଭୟ ଆରମ୍ଭିଲେ ଚିତ୍ତେ । ୩ ।
ପୂର୍ବଦିଗେ ରବି ଉଦୟ ହୋଇଲେ
ପ୍ରଫୁଲ୍ଲିତ ହେଲେ କଞ୍ଜ ।
କୁମୁଦ ମୁଦ୍ରିତ ତେଜି ପ୍ରଫୁଲ୍ଲିତ
କାନ୍ତ ବିନୁ ପାଇ ଲାଜ । ୪ ।

---

୧୬ । ଦନୁଜ ନୃପମଣି—ଅସୁରରାଜ କଂସ ।
୧ । ପରଭୃତ—କୋକିଳ । ଶମ୍ଭୁଆଳେ—ଶିବ ମନ୍ଦିରରେ । କମ୍ବୁ ଶବଦ—ଶଙ୍ଖଧ୍ୱନି ।
୨ । ବାୟସ—କାକ । ପରିମଳ—ଉଜ୍ଜ୍ୱଳ, ନିର୍ମଳ ।
୩ । ବିଟପୀ—ଜାର । ଉଲୁକ—ପେଚା । ନିଶାଚରେ—ରାତ୍ରିବିଚରଣଶୀଳ ପ୍ରାଣୀମାନେ । ଆରମ୍ଭିଲେ—ଜନ୍ମାଇଲେ ।
୪ । କଞ୍ଜ—ପଦ୍ମ । କାନ୍ତ—ଚନ୍ଦ ।

Digitized by PPRACHIN, SOA

ଦନ୍ତିପନ୍ତ ପଲ- ଙ୍କରୁ ଦେବରାଜ
ଉଠିଲେ ନିଦ୍ରା ଅଳସେ ।
ଦର ବିକାଶ ତାମରସ ପରାୟେ
ମୁଖ ତାମରସ ଦିଶେ । ୫ ।
ଗତି ଟଳଟଳ ହାସ ଦରଦର
ପ୍ରକାଶେ ଜବା ଅଧର ।
ନୟନ ଘୂମିତ କିବା ପ୍ରଫୁଲ୍ଲିତ
ହୋଇଅଛି ଇନ୍ଦୀବର । ୬ ।
ତତକାଳେ ବାସ- ସଲିଲେ ବଦନ
ପଖାଳିଲେ ବେନି ଭାଇ ।
କଳ ଧଉତ ପାଦୁକା ଆରୋହିଣ
ସ୍ନାହାନ ସ୍ଥାନରେ ଯାଇ । ୭ ।
ଦନ୍ତଧାପନ କରି ଶୀତ ପୟରେ
କଲେ ବେନି ଅବଗାହ ।
ସୁଝୀନ ବସନେ ଶ୍ରୀଅଙ୍ଗ ପୋଛିଣ
ଚନ୍ଦନାଙ୍କିତ ବିଗ୍ରହ । ୮ ।
ଦିବ୍ୟ ହରିତାଳ- ବରନ ଦୁକୂଳ
ସିଂହ କଟିରେ ଆଚ୍ଛାଦି ।
ନବଘନ କୋଳେ କି କିବା ନିଶ୍ଚଳେ
ଦିଶଇ ବିଜୁଳି ଛବି । ୯ ।
ଶିରେ ଶିଖିଚନ୍ଦ୍ରିକା ଏ ଶୋଭାବନ
ନିନ୍ଦେ ସହସ୍ରାକ୍ଷ ଧନୁ ।
ଗୁଞ୍ଜ ଗୁଞ୍ଜ ଦାମ ବେଢ଼ି ରହିଅଛି,
ଦେଖି ତରଳେ ଅତନୁ । ୧୦ ।

---

୫ । ଦନ୍ତୀଦନ୍ତ—ହାତୀଦାନ୍ତ । ଦେବରାଜ—ଶ୍ରୀକୃଷ୍ଣ । ଦରବିକାଶ—ଅର୍ଦ୍ଧ ପ୍ରସ୍ଫୁଟିତ । ତାମରସ—ପଦ୍ମ । ମୁଖତାମରସ—ମୁଖପଦ୍ମ ।

୬ । ଘୂମିତ—ଘୂର୍ଣ୍ଣିତ । ଇନ୍ଦୀବର—ନୀଳକଇଁ ।

୭ । ବାସ ସଲିଳ—ସୁଗନ୍ଧ ଜଳ । କଳଧଉତ—ସୁନା । ପାଦୁକା—କଠଉ ।

୮ । ଦନ୍ତଧାପନ—ଦାନ୍ତଘଷା । ଶୀତପୟ—ଥଣ୍ଡାପାଣି । ଅବଗାହ—ସ୍ନାନ । ଚନ୍ଦନାଙ୍କିତ—ଚନ୍ଦନ ଲେପିତ । ବିଗ୍ରହ—ଶରୀର ।

୯ । ହରିତାଳ-ବରନ—ହଳଦିଆ ରଙ୍ଗ । ଦୁକୂଳ—ପାଟବସ୍ତ୍ର । ଆଚ୍ଛାଦି—ଆଚ୍ଛାଦିତ କରି ।

୧୦ । ଶିଖିଚନ୍ଦ୍ରିକା—ମୟୂରଚନ୍ଦ୍ରିକା । ଶୋଭାବନ—ଶୋଭା । ସହସ୍ରାକ୍ଷ—ଇନ୍ଦ୍ର । ଗୁଞ୍ଜ ଗୁଞ୍ଜ ଦାମ—ସୁନ୍ଦର କାଇଁଚମାଳା । ତରଳେ—ଲାଜରେ ତରଳିଯାଏ । ଅତନୁ—କନ୍ଦର୍ପ ।

Digitized by PPRACHIN, SOA

ଅଳକାପନ୍ତି ବାଳ ଅଳି ପରାୟେ,
ଭ୍ରୂଲତା ମାର କାର୍ମୁକ ।
ନୟନ କାଣ୍ଡ, ଅଞ୍ଜନ ଗୁଣ, ତିଳ-
ଫୁଲଠାରୁ ନାସା ଠିକ । ୧୧ ।
ମକରଧ୍ୱଜ- କରପାଶ ପରାୟେ
ଦିଶଇ ଶ୍ରବଣ-ଠାଣି ।
ତହିଁରେ ମକର- କୁଣ୍ଡଳ ଝଲକେ,
ନିନ୍ଦେ ଗୁରୁ ଶୁକ୍ର ବେନି । ୧୨ ।
ନାସେ ଗଜମୋତି, କଣ୍ଠେ ଝଲକନ୍ତି
ବିବିଧ ରତନ ହାର ।
କେୟୂର କଙ୍କଣ ଶ୍ରୀଭୁଜେ ଭୂଷଣ,
ନିନ୍ଦେ ମାରତଣ୍ଡ ତାର । ୧୩ ।
କଟିକି ଘୋଟିଛି ବଳୟ ପରାୟେ
କ୍ଷୁଦ୍ର ଘଣ୍ଟି ଓଡ଼ିଆଣୀ ।
ଚରଣେ ନୂପୁର ଶବଦ ମଧୁର,
ନଖପନ୍ତି ନିଶାମଣି । ୧୪ ।
କନ୍ଧେ ନାଗବନ୍ଧ ଉତୁରୀ ପକାଇ
ଶ୍ରୀଭୁଜେ ମୋହନ ବଂଶୀ ।
ଏହିରୂପେ ରାମ, ସକଳ ନନ୍ଦନ
ଯେଝା ଅଳଙ୍କାରେ ଭୂଷି । ୧୫ ।

---

୧୧ । ଅଳକାପନ୍ତି—ଚୂର୍ଣ୍ଣକୁନ୍ତଳ ସମୂହ । ବାଳ ଅଳି—ଭ୍ରମର ଛୁଆ । ମାରକାର୍ମୁକ—କନ୍ଦର୍ପର ଧନୁ । ନୟନକାଣ୍ଡ—ନୟନ ହେଲା ଶର । ଅଞ୍ଜନଗୁଣ—ଅଞ୍ଜନ ହେଲା ଧନୁର ଗୁଣ । ଠିକ—ଉତ୍ତମ, ଅଧିକ ସୁନ୍ଦର ।

୧୨ । ମକରଧ୍ୱଜ—କନ୍ଦର୍ପ । କରପାଶ—ହାତର ଫାଶ । ଶ୍ରବଣଠାଣି—କାନର ଆକୃତି । ମକରକୁଣ୍ଡଳ—ମଗରାକୃତି କୁଣ୍ଡଳ । ଝଲକେ—ଝଟକେ, ଶୋଭାପାଏ । ଗୁରୁ ଶୁକ୍ର—ନକ୍ଷତ୍ରଦ୍ୱୟ ।

୧୩ । ଗଜମୋତି—ହସ୍ତୀର ମସ୍ତକରୁ ପ୍ରାପ୍ତ ମୁକ୍ତା । କେୟୂର—ତାଡ଼ । ମାରତଣ୍ଡ ତାର—ସୂର୍ଯ୍ୟଙ୍କର ଦୀପ୍ତି ।

୧୪ । ଓଡ଼ିଆଣୀ—ମେଖଳା ।

୧୫ । ନାଗବନ୍ଧ ଉତୁରୀ—ନାଗବନ୍ଧ ଉତ୍ତରୀୟ, ଏକପ୍ରକାର ଚାଦର । ଭୂଷି—ଭୂଷିତ ।

Digitized by PPRACHIN, SOA

ସାରିଲେ ଭୋଜନ, ତାମ୍ବୁଳେ ଚର୍ବଣ
ବାଳକେ ଅଧରାମୃତ ।
"ସାଜ ସାଜ" ବୋଲି ରାମ ଡାକଦେଲେ
ସାଜିଲେ ବରଜସୁତ । ୧୬ ।
ବୋଲନ୍ତି ହରି, "ଶୁଣ, ତାତ ଜନନୀ
ଘେନାଅ ଗୋରସମାନ ।
ବେଗ ହୋଇ ଯାଇ ଶୁଭଲଗ୍ନ ବେଳେ
କରିବା ରାଜଦର୍ଶନ ।" ୧୭ ।
ଶୁଣି ନନ୍ଦରାଏ ପରିଜନ ରାଏ,
ବୋଲଇ "ଘେନ ସମ୍ଭାର" ।
ଏମନ୍ତ ସମୟେ ପ୍ରବେଶ ହୋଇଲା
ଭୋଜନ ନରବର ଚାର । ୧୮ ।
କହଇ ଡଗର ଶୁଣ ଗୋପବୀର
ରାଜାର ହକରା, ଆସ ।
ଶୁଣି ରାୟ ନନ୍ଦ ବୋଲଇ, "ଗୋବିନ୍ଦ,
ଘେନାଇ ଆସ ଗୋରସ" । ୧୯ ।
ଏତେ କହି ନନ୍ଦ ଯଶୋଦା ସହିତେ
ଅନେକ ଗୋପାଳବୃନ୍ଦ
ସଙ୍ଗେ ଘେନି କଂସ ସମ୍ମୁଖେ ଭେଟିଲା
ବୋଲେ କଂସ ମହାନନ୍ଦ । ୨୦ ।
"ଆହେ ପରିଜନେ, ଶୁଣ ସାବଧାନେ,
ଉପହାର ଦ୍ରବ୍ୟ ନିଅ ।
ଏ ବେନିଙ୍କି ନେଇ ବସୁଦେବ ପାଶେ
ମଞ୍ଚାରେ ବସାଇ ଦିଅ । ୨୧ ।

---

୧୬ । ଅଧରାମୃତ—ଅଇଁଠା ।

୧୮ । ପରିଜନ ରାଏ—ଭୃତ୍ୟମାନଙ୍କୁ ଡାକି । ଭୋଜ ନରବର—କଂସ ।

୧୯ । ରାଜାର ହକରା—ରାଜାର ଡାକରା । ଗୋରସ—ଦୁଗ୍ଧ ।

୨୦ । ମହାମନ୍ଦ—ଦୁଷ୍ଟ, ଅତି ଖରାପ ।

୨୧ । ମଞ୍ଚା—ମଞ୍ଚନିର୍ମିତ ଉଚ୍ଚ ଆସନ ।

Digitized by PPRACHIN, SOA

ବସୁଦେବର ବେନି ପୁତ୍ର ଲୁଚାଇ
ରଖିଥିଲା ଯତ୍ନ କରି ।
ଏବେ ଆଣି ମୋତେ ସମର୍ପି ଦେଲାନି,
ନାହିଁନା ଦୋଷ ଏହାରି । ୨୨ ।
ପାଳିଥିଲା ଯେବେ ମୃତ୍ୟୁ ଦେଖ ଏବେ,
ମାରିବି ବେନି ନନ୍ଦନ ।
ବସୁଦେବ ଆଦି ମୋ ଭଗ୍ନୀ ଦେବକୀ
ଦେଖନ୍ତୁ ମୋ ବୀରପଣ । ୨୩ ।
ରଙ୍ଗସଭାକୁ ଅନାଇ ନୃପବର
ବୋଲଇ ଶୁଣ ହେ ରାଜେ !
ବସୁଦେବ ବୁଦ୍ଧି କରିଥିଲା ମୋତେ
ପ୍ରାଣେ ମାରିବାର କାର୍ଯ୍ୟେ । ୨୪ ।
ନନ୍ଦଘରେ ନେଇ ଲୁଚାଇ ଅଇଲା
କୁମର ମୋହର ରିପୁ ।
ଏଡ଼େ କପଟୀ ଏ ଜାଣି ନ ପାରିଲି,
ଜାଣିଲି ମୋହର ତପୁଁ । ୨୫ ।
ଏବେ ଧରାଇ ଆଣିଲି, ମାତାପିତା
ଆଗେ ମାରି ପକାଇବି ।
ଏ ଚାରିଜଣଙ୍କୁ ଶୂଳରେ ବସାଇ
ଜୟ ଶଙ୍ଖ ବଜାଇବି । ୨୬ ।
ଏତେ ଭାଷି ନନ୍ଦ ଯଶୋଦା ବେନିଙ୍କୁ
ମଞ୍ଚାରେ ବସାଇ ଦେଲା ।
ବୀର ମହାବୀର ମଲ୍ଲ ମହାମଲ୍ଲ-
ମାନ ହକାରି କହିଲା । ୨୭ ।

---

୨୨ । ବେନିପୁତ୍ର—ଶ୍ରୀକୃଷ୍ଣ, ବଳରାମ ।
୨୩ । ବେନି ନନ୍ଦନ—ଶ୍ରୀକୃଷ୍ଣ, ବଳରାମ ।
୨୪ । କାର୍ଯ୍ୟେ—କାର୍ଯ୍ୟରେ ।
୨୫ । ରିପୁ—ଶତ୍ରୁ । ତପୁଁ—ତପବଳରେ ।
୨୬ । ଶୂଳରେ ବସାଇ—ମୃତ୍ୟୁଦଣ୍ଡ ଦେଇ, ଶୂଳିରେ ଚଢ଼ାଇ ।
୨୭ । ହକାରି—ଡାକି ।

Digitized by PPRACHIN, SOA

ବୋଲଇ କଂସ "ଦନ୍ତାକୁ କର ବେଶ
ନାମ ଯାର କୁବଳୟା ।
ସିଂହଦ୍ୱାରକୁ ଆବୋରି ରହିଥିବ
ବିସ୍ତାରି ପ୍ରବଳ କାୟା । ୨୮ ।
ଆରେ ହସ୍ତିପାଳ ନନ୍ଦ ବେନି ବାଳ
ହସ୍ତି-ହସ୍ତେ ମରାଇବୁ ।
ଶିଶୁ ବୋଲି କିଛି ଉପ୍ରୋଧ ନ କରି
ବୁଦ୍ଧି ଊଣା ନ କରିବୁ" । ୨୯ ।
ମାଲଙ୍କୁ କହିଲା, "ଦ୍ୱିତୀୟ ଦୁଆରେ
ବେଶ ହୋଇ ବସିଥିବ ।
ସେଠାରୁ ବଳିଲେ, ଶତ୍ରୁକୁ ମୋହର
ମଲ୍ଲଯୁଦ୍ଧେ ନିବାରିବ" । ୩୦ ।
ଶୁଣି ଯେ ଯାହା ପ୍ରତିଜ୍ଞାମାନ କହି
ରହିଲେ ପଥ ଆବୋରି ।
ଭକ୍ତଦାସ ବୋଲେ ସିଂହ ମାରିବାଂକୁ
ଶୃଗାଳ ଉପାୟ କରି । ୩୧ ।

## ବିଂଶ ଛାନ୍ଦ

## (ରାଗ–ଆଷାଢ଼ଶୁକ୍ଳ)

ଏଥୁ ଅନନ୍ତରେ ମୋହନ ରାୟେ । ମଥୁରା ଦାଣ୍ଡେ କରନ୍ତି ବିଜୟେ ।
ଘନ ଘନ ଶିଙ୍ଗା ମୁରଲୀ ବାଜେ । ଶମ୍ବର ଯୁଦ୍ଧେ କି ମଦନ ସାଜେ ।
ସେହିମତି ଶୋଭା । ଦେଖି ନରନାରୀ ହୁଅନ୍ତି ଲୋଭା । ୧ ।

---

୨୮ । ଦନ୍ତା–ଦନ୍ତାହାତୀ । ଆବୋରି ରହିଥିବ–ଅବରୁଦ୍ଧ କରି ରହିଥିବ ।

୨୯ । ଉପ୍ରୋଧ–ଦୟା ।

୩୦ । ନିବାରିବ–ନିବାରଣ କରିବ, ନାଶ କରିବ ।

୧ । ମୋହନ ରାୟେ–ଶ୍ରୀକୃଷ୍ଣ । ଶମ୍ବର...ସାଜେ–କନ୍ଦର୍ପର ପତ୍ନୀ ରତିକୁ ଶମ୍ବର ନାମକ ଅସୁର ହରଣ କରିନେଇଥିଲା । କନ୍ଦର୍ପ ତାହା ସହିତ ଯୁଦ୍ଧ କରିଥିଲା । ପ୍ରସଙ୍ଗକ୍ରମେ କବି ଏଠାରେ ସେହି ବିଷୟ ଉଦ୍ଧାର କରିଅଛନ୍ତି ।

Digitized by PPRACHIN, SOA

ଧାଇଁଲେ ମଥୁରା-ନାଗରୀମାନେ । ପ୍ରଦୀପ ଦେଖିଲେ ପତଙ୍ଗ ଯେହ୍ନେ ।
କାଲିଠାରୁ ହୋଇଥିଲେ ଉଚ୍ଛନ୍ନ । ରୁଚୁ ନ ଥିଲା ଅଶନ ବସନ ।
କରୁଥିଲେ ଧ୍ୟାନ । ଅନିଦ୍ରା ହୋଇ ନ କରି ଶୟନ । ୨ ।
ଲଜ୍ଜା ବାଲିବନ୍ଧ ପ୍ରାୟେ ଭାଜିଲା । ଆନନ୍ଦ ବଢ଼ିଜଳ ବହିଗଲା ।
କାଷ୍ଠ ତୃଣପ୍ରାୟେ ପତି ତନୟ । ସମ୍ଭାଳି ନ ପାରି ପ୍ରବଳ ପୟ ।
ସେହି ଭାସିଗଲେ । କେହି ନିରୋଧ କରି ନ ପାରିଲେ । ୩ ।
କାହାର ନାରୀ କାହାର ନନ୍ଦିନୀ । କାହାର ଭଗ୍ନୀ କାହାର ଜନନୀ ।
କାହାର ଖୁଡୀ କାହା ମଉଳାଣୀ । ଏହି ପ୍ରକାରେ ଅନେକ ରମଣୀ ।
କରନ୍ତି ଗମନ । ରତି କି ଧାଏଁ ଦେଖିବ ମଦନ ? । ୪ ।
କୃଷ୍ଣ ସମୀପେ ହୋଇଲେ ପ୍ରବେଶ । ମରାଳ ଦେଖିକି ମରାଳୀ ତୋଷ ।
କରୀ ଦେଖି ଯେହ୍ନେ କରିଣୀବୃନ୍ଦ । ନିଶାପତି କି ଭେଟିଲା କୁମୁଦ ?
ତେସନ ଆନନ୍ଦ । ଦିନେଶ ଦେଖି ଯେହ୍ନେ ଅରବିନ୍ଦ । ୫ ।
ପନ୍ତି ପନ୍ତି ହୋଇ ଚାହାନ୍ତି ଡୋଳେ । ବଚନ କହି ନ ପାରନ୍ତି ଭୋଳେ ।
ଥର ଥର ହୋଇ କମ୍ପଇ ତନୁ । ମରମେ ବିନ୍ଧିଲା ବୀର ଅତନୁ ।
ଶ୍ୟାମରୂପ ଚାହିଁ । ସମ୍ଭାଳି ନୁହଁନ୍ତି ଚନ୍ଦ୍ରମାମୁହୀଁ । ୬ ।
କେ ବୋଲେ ଦେଖ ଗୋ ପରାଣସଖି ।
ଆଖି ଦେଲେ ଲୋଭେ ରହୁଛି ଲାଖି ।
କଉଁ ଦଇବ ଗଢ଼ିଥିଲା ବସି । ଯୁବତୀ ପରାଣ ନଉଛି ଶୋଷି ।
ଚାହିଁବାର ଭଙ୍ଗି । ହୃଦରେ ବାଜେ କି ମଦନସାଙ୍ଗୀ ? । ୭ ।
କେ ବୋଲେ ଏମନ୍ତ ମଣଇ ମୁହିଁ । କାମକୁ ହର ପକାଇଲେ ଦହି ।
ଅନେକ କାଳଯାଏ ମରିଥିଲା । ଭାଗ୍ୟବଳେ ନିଜ ପ୍ରାଣ ପାଇଲା ।
ଉଠି ପଳାଇଲା । ରୁଦ୍ର ଡରେ କାହିଁ ରହି ନୋହିଲା । ୮ ।

---

୨ । ଅଶନ—ଭୋଜନ ।

୩ । ବଢ଼ିଜଳ—ନଈବଢ଼ି ପାଣି । ନିରୋଧ—ବନ୍ଦ ।

୪ । ମଉଳାଣୀ—ମାଇଁ ।

୫ । ମରାଳ—ହଂସ । ମରାଳୀ—ହଂସୀ । କରୀ—ହାତୀ । କରିଣୀ—ହାତୁଣୀ । ନିଶାପତି—ଚନ୍ଦ୍ର । କୁମୁଦ—କଇଁ । ଦିନେଶ—ସୂର୍ଯ୍ୟ । ଅରବିନ୍ଦ—ପଦ୍ମ ।

୬ । ପନ୍ତିପନ୍ତି—ଦଳ ଦଳ । ଅତନୁ—କନ୍ଦର୍ପ ।

୭ । ମଦନସାଙ୍ଗୀ—କନ୍ଦର୍ପର କୁନ୍ତ ।

୮ । ହର—ଶିବ । ଦହି—ପୋଡ଼ି । ରୁଦ୍ର—ଶିବ ।

Digitized by PPRACHIN, SOA

ସେ ରୂପ ଛାଡ଼ି ଏ ରୂପ ବହିଲା । ନବ ନାଗରୀଙ୍କ ମନ ମୋହିଲା ।
ତାହା ଶୁଣି ବୋଲେ ଆର ସଜନୀ । ଏହା କାହିଁକି କହିଲୁ କାମିନୀ ।
ମନକୁ ନଇଲା । ମୁଁ ଯାହା କହୁଛି ଶୁଣ ଅବଳା । ୯ ।
କୋଟି କୋଟି କାମ ହୋଇବେ ଯେବେ ।
ପାଦ ତଳକୁ ସମାନ ନୋହିବେ ।
କାମକୁ ଦେଖିଲେ କାମୀ ଡରନ୍ତି । ଯୋଗୀମାନେ ଯୋଗତେଜି ଢଳନ୍ତି ।
ସେ ଏଡ଼େ ଦୁର୍ଜନ । କୀଟୁଁ ବ୍ରହ୍ମଯାଏ କରେ ଅଜ୍ଞାନ । ୧୦ ।
ଏ ନନ୍ଦନନ୍ଦନ ଅପୂର୍ବ ଧନ । ଜାଣିଲେ ଚିନ୍ତାମଣିର ସମାନ ।
ଯେ ଯେଉଁ ରୂପେ ଭାବଇ ଅନ୍ତରେ ।
ସେ ସେହି ରୂପେ ମିଳଇ ତାହାରେ ।
ବାଞ୍ଛାକଳ୍ପତରୁ । କାମ ଛାର ସଙ୍ଗେ ତୁଳନା କରୁ । ୧୧ ।
ଶୁଣି ଆର ବାଳୀ ବୋଲେ ବଚନ । କହିଲ ସିନା ନ ରସିଲା ମନ ।
ସାକ୍ଷାତେ କନ୍ଦର୍ପ ଲକ୍ଷଣ ଅଛି । ସ୍ଥାନେ ସ୍ଥାନେ ଶସ୍ତ୍ରମାନ ଥୋଇଛି ।
ଏଣୁ ମଣି ସତ । କିମ୍ବା ଆମ୍ଭକୁ ଭାଙ୍ଗୁଅଛ ମିତ । ୧୨ ।
ଚିହ୍ନା ପଡ଼ିବ ବୋଲି ହରିରିପୁ । ବାଳକ ପରାଏ କରିଛି ବପୁ ।
ସକଳ ଶସ୍ତ୍ର ଅଙ୍ଗେ ଲୁଚାଇଛି । କାମ ନାମ ଛାଡ଼ି ଶ୍ୟାମ ହୋଇଛି ।
କହିଲି ମୁଁ ସତ । ଏକା ରତି ନାହିଁ ଏହି ବିଚିତ୍ର । ୧୩ ।
ଭ୍ରୂଲତା ଶରାସନ ହୋଇଅଛି । ପିଠି ଆଡ଼ରେ ଗୁଣ ଚଢ଼ାଇଛି ।
ମୁଖପଙ୍କଜ ନେତ୍ର ଇନ୍ଦୀବର । ରସାଳ କିରୀଟ ଏ ତିନିଶର ।
ଓଷ୍ଠ ସେ ଅଶୋକ । ଦନ୍ତ କି ଅବା ନିଆଳି ସାୟକ । ୧୪ ।

---

୧୧ । ଚିନ୍ତାମଣି—ପଥର, ତାକୁ ଧରି ଯାହା କାମନା କରାଯାଏ, ତାହା ମିଳେ । ବାଞ୍ଛାକଳ୍ପତରୁ—କଳ୍ପବୃକ୍ଷ ।

୧୨ । ଆମ୍ଭକୁ ଭାଙ୍ଗୁଅଛ—ଆମ ମନକୁ ଭାଙ୍ଗିଦେଉଛ, ଆମ କଥାକୁ ଅସ୍ୱୀକାର କରୁଛ ।

୧୩ । ହରିରିପୁ—କନ୍ଦର୍ପ । ବପୁ—ଶରୀର ।

୧୪ । ଭ୍ରୂଲତା ଶରାସନ—ଭ୍ରୂଲତା କାମର ଧନୁ । ପିଠି...ଚଢ଼ାଇଛି—ମୁଣ୍ଡର ପଛପଟେ ପଡ଼ିଥିବା କେଶକୁ କବି ଧନୁର ଗୁଣ ରୂପେ କଳ୍ପନା କରିଛନ୍ତି । ମୁଖ ପଙ୍କଜ—ମୁଖପଦ୍ମ । ନେତ୍ର ଇନ୍ଦୀବର—ନେତ୍ର ହେଉଛି ନୀଳକଇଁ । ରସାଳ କିରୀଟ—ମୁକୁଟ ହେଉଛି ରସାଳ ବା ଆମ୍ବ । ଓଷ୍ଠ ହେଉଛି ଅଶୋକ । ଦନ୍ତ ହେଉଛି ନିଆଳୀ—ଏଗୁଡ଼ିକ କନ୍ଦର୍ପର ପଞ୍ଚଶର ।

Digitized by PPRACHIN, SOA

ଏଥି ଉତ୍ତାରୁ ଅନ୍ୟ ଶସ୍ତ୍ରମାନ । ଠାବେ ଠାବେ ଥୋଇଅଛି ଯୋଖିଣ ।
କର୍ଣ୍ଣ ମୋହପାଶ କୁଣ୍ଡଳଚକ୍ର । ଛେଦନ କରେ ନାରୀ ମାନ-ନତ୍ର ।
କଷୁଣି ପିଛଡ଼ା । ନାସା କରବାଳ ସଦନ ଛଡ଼ା । ୧୫ ।
ଗଣ୍ଡ ଆଦରଶ ଅଧର ଜବା । କଣ୍ଠେ ଜୟଶଙ୍ଖ ଥୋଇଛି ଅବା ।
ବେଣୀ ଅହି ଶର ରସନା ପଡ଼ି । ଭୁଜବେନି କି ମୋହର ଦଉଡ଼ି ।
ନଖପନ୍ତି ଭାଲ । ଗମନ ନାଗରୀ ହୃଦୟଶଲ । ୧୬ ।
ଏମାନ ଥୋଇ ବିନ୍ଧି ମାରୁଛି । ଚାହୁଁଚାହୁଁ ଚେତା ହରି ନେଉଛି ।
କେବଳ ବଚନେ ଅମୃତ ରଖି । ମାରି ତାରୁଛି ଶୁଣ ଜଳଜାକ୍ଷି ।
କୁମ୍ଭକାର କୀଟ । ଯେସନେ ତେସନେ ନନ୍ଦର ଚାଟ । ୧୭ ।
ଏହା ଶୁଣି ବୋଲେ ଆର ବନିତା । ତୁମ୍ଭ ସମାନେ ନାହିଁ ନିର୍ଲଜତା ।
ଭୁଞ୍ଜିବା ବେଳେ ବାରତା ପଚାର । କାନ୍ତ ସଙ୍ଗେ ନୋହୁ ଖୋଜସଞ୍ଚାର ।
ବିଡ଼ମ୍ବଣ ଗତି । ବିଦ୍ୟା ନ ପଢ଼ି ସମ୍ପାଦୁଛ ପୋଥି । ୧୮ ।
ତୀର୍ଥ ନଯାଇ ତୀର୍ଥବାସୀ ହୁଅ । ଧନ ନ ଥାଇ ଖୋଲୁଅଛ କୂଅ ।
ବନ୍ଧ୍ୟା ହୋଇ ପୁତ୍ରବତୀ ବୋଲାଅ । କୁମ୍ଭ ନଥାଇ ଜଳ ଆଣିଯାଅ
ଦାସୀ ପଣକରି । ସତୀକି ନିନ୍ଦ ବୋଲିଣ ଦୋଚାରୀ । ୧୯ ।

---

୧୫ । କର୍ଣ୍ଣମୋହାପାଶ–କର୍ଣ୍ଣ ହେଲା ମୋହିବା ନିମିତ୍ତ ଫାଶ । କୁଣ୍ଡଳ ହେଲା ଚକ୍ର । ନାରୀମାନ ନତ୍ର–ନାରୀଙ୍କ ଅଭିମାନ ହେଲା କୁମ୍ଭୀର । କଷୁଣି–ଧନୁର ଗୁଣକୁ ଟାଣିବା ନିମିତ୍ତ ଅଙ୍ଗୁଳିରେ ଲଗାଇବା ମୁଦ୍ରିକା । ପିଛଡ଼ା–ଆଖିର ପଲକ । ଆଖିର ପଲକକୁ ଏଠାରେ କଷୁଣି ରୂପେ ବର୍ଣ୍ଣନା କରାଯାଇଅଛି । କରବାଳ ସଦନ–ତରବାରି ଖୋଳ । ଛଡ଼ା–ବ୍ୟତୀତ । ନାସା ଖୋଳ ନଥିବା ତରବାରି ଅର୍ଥାତ୍ ନାସା ହେଉଛି ଉନ୍ମୁକ୍ତ ତରବାରି ।

୧୬ । ଆଦରଶ–ଦର୍ପଣ ବା ଦର୍ପଣ ପରି ସ୍ୱଚ୍ଛ । ଅଧର ଜବା–ଅଧର ଜବାଫୁଲ ପରି ଲାଲ । କଣ୍ଠେ...ଅବା–କଣ୍ଠ ହେଲା ଜୟଶଙ୍ଖ । ବେଣୀ...ପଡ଼ି–ବେଣୀ ଓ ରସନା ସର୍ପଶର ରୂପେ ପଡ଼ିଛି ବା ଲମ୍ବିଛି । ନଖପନ୍ତି ଭାଲ–ନଖସମୂହ ହେଲା ଭଲ୍ଲାସ୍ତ୍ର । ଗମନ–ଚାଲିବାର ଭଙ୍ଗୀ । ନାଗରୀ ହୃଦୟ ଶଲ–ନାଗରୀମାନଙ୍କର ହୃଦୟକୁ ଶେଳ ସ୍ୱରୂପ ।

୧୭ । ଜଳଜାକ୍ଷି–ପଦ୍ମନେତ୍ରୀ । କୁମ୍ଭକାର କୀଟ–କୁମ୍ଭାରୁଆ ପୋକ, ସେ ଅନ୍ୟ ପୋକମାନଙ୍କୁ ଆଣି ମାରିପକାଏ ଓ ପରେ ନିଜ ରୂପ ଦେଇ ଛାଡ଼ିଦିଏ । ନନ୍ଦର ଚାଟ–ନନ୍ଦର ପୁଅ, ଶ୍ରୀକୃଷ୍ଣ ।

୧୮ । ବନିତା–ସ୍ତ୍ରୀ । ନିର୍ଲଜତା–ନିର୍ଲଜ୍ଜ । ବାରତା ପଚାର–ଖାଇବା କଥା ପଚାର । ଖୋଜ ସଞ୍ଚାର–ମିଳନ କାମନା । ବିଡ଼ମ୍ବଣ–ଉପହାସଯୋଗ୍ୟ । ସମ୍ପାଦୁଛ–ସାଇତି ରଖୁଛ ।

୧୯ । ଦୋଚାରୀ–ଅସତୀ ।

Digitized by PPRACHIN, SOA

ଛାଡ଼ ଏ ସକଳ ବିଷୟମାନ । ଦର୍ଶନକର ମଦନ ମୋହନ ।
ଇଷ୍ଟ ଦେବଙ୍କୁ ସେବାରେ ମନାଅ । ବିନୟ ହୋଇ ଚରଣେ ଜଣାଅ ।
ମାଗ ଏହି ବର । ନନ୍ଦସୁତ ହେବେ ପ୍ରାଣଈଶ୍ୱର । ୨୦ ।
କାଶୀପତି ପଦେ କର ଭଗତି । ଗୋବିନ୍ଦ ଯେମନ୍ତେ ହୋଇବେ ପତି ।
ଯେବେ ପାଇବା ନ ଛାଡ଼ିବା କ୍ଷଣେ । ଯହିଁ ଯିବେ ତହିଁ ଯିବା ଗହଣେ ।
ଏ ଉପାୟ କର । ଘର ବର ଲଜ୍ଜାକର ଅନ୍ତର । ୨୧ ।
ଏହା ଶୁଣି ବୃଦ୍ଧା ନାରୀଏ ଭାଷି । ଭଲା କହିଲୁ ଧନ୍ୟରେ ସୁକେଶି ।
ଏ ଯେଉଁ ନବ ଲାବଣ୍ୟ ମୂରତି । ଦେଖିଲେ ମନ ହେଉଛି ଧରତି ।
ଯେସନେ ସଫରୀ । ଆନନ୍ଦ ଗଣ୍ଡ ସଲିଳେ ବିହରି । ୨୨ ।
ବୟସ ଗଲାଣି, କରିବି କିସ । ଅଙ୍ଗ ଥର ଥର, ଶୁକଳ କେଶ ।
ଚକ୍ଷୁ ଦୁର୍ବଳ, କହି ପାସୋରଇ । ଉଠିଲେ ପଡ଼ଇ, ମାରଇ ଝାଇଁ ।
ଦାରୁଣ ବିଧାତା । ଏହି କାଳକୁ କଲା ଏ ଅବସ୍ଥା । ୨୩ ।
ସେ କାଳ ବୟସ ଥାଆନ୍ତା ଯେବେ । ନିଶ୍ଚୟ ହରଙ୍କି ବରନ୍ତି ତେବେ ।
ଏକାଳେ ଯାହା ହେଉଅଛି ମନ । ତାହା ଜାଣଇ ମଦନ ରାଜନ ।
ନ ଜାଣଇ ଆନ । ମାତା ଜାଣେ ଯେହ୍ନେ କୁମର ମନ । ୨୪ ।
ଦେକ ଏ ଶ୍ରୀକୃଷ୍ଣ ବଦନ ଗୋଟି । ଜଳେ କି ପଙ୍କଜ ରହିଛି ଫୁଟି ।
ମଧୁର ବାଣୀ ବିମ୍ବାଧରେ ଭାଷେ । ଝର ଝର ମକରନ୍ଦ ବରଷେ ।
ବେଢ଼ନ୍ତି ମଧୁପ । କାହିଁ ତପ କଲେ କେତେ କଳପ । ୨୫ ।
ଏ ମୁଖ ଚୁମ୍ବିବ ଯାହା ବଦନ । ଧନ୍ୟ ହୋଇବ ତାହାର ଜୀବନ ।
ଏ ଗଣ୍ଡ ଯାହା ଗଣ୍ଡରେ ଲାଗିବ । ଇନ୍ଦ୍ରପଦବୀ କି କାର୍ଯ୍ୟ ହୋଇବ ।
ହେବ ଯେଉଁ ସୁଖ । ଦେଖି କାମଦେବ ମୋଡ଼ିବ ମୁଖ । ୨୬ ।
ଯାହାକୁ କହିବ ବଚନ ହସି । ତାହାକୁ କହିବା ରମଣୀ ଶଶୀ ।
ଦେଖ ଏ ବଳୀନ ବୃଷାଳଭୁଜ । ଦେଖି କରିକର ପାଇବ ଲାଜ ।
ନ ରହିବ ଦେଶେ । ରହିଲେ ନ ରହିବ ଉପହାସେ । ୨୭ ।

---

୨୦ । ମନାଅ—ସନ୍ତୁଷ୍ଟ କର ।
୨୧ । କାଶୀପତି—ବିଶ୍ୱନାଥ, ଶିବ । ଗହଣେ—ସଙ୍ଗରେ । ଘର ବର ଲଜ୍ଜା—କୁଳଶୀଳ ଲାଜ ।
୨୨ । ଧରତି—ଲାଖି । ସଫରୀ—ଦଣ୍ଡିକିରି ମାଛ । ଗଣ୍ଡ ସଲିଳେ—ଗଭୀର ଜଳରେ ।
୨୩ । ଝାଇଁ—ମୂର୍ଚ୍ଛା ।
୨୪ । ମଦନ ରାଜନ—କନ୍ଦର୍ପରାଜ ।
୨୫ । ମକରନ୍ଦ—ମଧୁ । ମଧୁପ—ଭଅଁରି ।
୨୭ । ରମଣୀ ଶଶୀ—ସ୍ତ୍ରୀ ଶ୍ରେଷ୍ଠ । ବଳୀନ- ସୁଗୋଲ । ବୃଷାଳ—ପୃଥୁଳ । କରିକର—ହାତୀଶୁଣ୍ଢ ।

Digitized by PPRACHIN, SOA

ଯାହାକୁ ଏ ବାହୁଯୁଗେ ଭିଡ଼ିବ । ପଲଙ୍କପରେ ନିର୍ଭରେ ପଡ଼ିବ ।
ରତ୍ନସାନୁବାସୀ ସୁଖ ଯେତେକ । ଏ ସୁଖ ପାଇଲେ ସେ ସୁଖ ଧିକ ।
ପାଦେ ପିଙ୍ଗିଦେବ । ଅମୃତ ପାଇଲେ ଗୁଡ଼ କି ହେବ ? । ୨୮ ।
ଅନାଥ କି ନା ବିପୁଳ ହୃଦକୁ । ଯହିଁ ବୋଳିଛନ୍ତି ମୃଗମଦକୁ ।
ଚନ୍ଦନ ଘନସାରକୁ ମିଶାଇ । କେ ଦେଇଅଛି ମନକୁ ରସାଇ ।
ପାଉଅଛି ଶୋଭା । ଶତ୍ରୁ ଦେଖି ମନେ ହୋଇବ ଲୋଭା । ୨୯ ।
ଏ ଉର ଯାହା ଉରରେ ଲାଗିବ । କାମସନ୍ତାପ ତୁରିତେ ଭାଜିବ ।
ଦେଖ ମଧ୍ୟମର ବିଚିତ୍ର ଠାଣି । ତହିଁରେ ପୀତପଟ ଓଡ଼ିଆଣୀ ।
ଡମ୍ବରୁ ଆକାର । ଦେଖି କାତର ନୋହେ କାହା ଛାର । ୩୦ ।
ଏ କଟି ଆଶ୍ରୟ ପାଇବ ଯେହୁ । ସଂସାର ମଧ୍ୟେ ଧନ୍ୟ ହବ ସେହୁ ।
ଘର ବର ଲଜ୍ଜା ବିବେକ ପଣ । ସକଳ ତେଜି ହେବ ଅଚେତନ ।
ନ ରହିବ ବୁଦ୍ଧି । ନିରତେ ବଢ଼ିବ ଭାବପୟୋଧି । ୩୧ ।
ଦେଖି ଶ୍ୟାମବନ୍ଧୁ ବେନି ଜଘନ । ମର୍କତ ରମ୍ଭା କି ବିପରୀତେଣ ?
ଏ ଜାନୁ ଆରୋହିବ ଯେଉଁ ନାରୀ । ତାହା ତପସ୍ୟା କହି ତ ନପାରି ।
ସେ ଯୁବତୀବର । ତାକୁ କେ ସମ ହେବ ତିନିପୁର ? । ୩୨ ।
ପାଦପଦ୍ମ ପଦ୍ମ ପରାଏ ଛବି । କେହୁ ସ୍ମରିବ ସେ ପାଦକୁ ଭାବି ।
ଯେଉଁ ନାରୀ ତାହା ମର୍ଦ୍ଦିବ କରେ । ଆନନ୍ଦେ ପକାଇ ବିପୁଳଉରେ ।
ଧନ୍ୟ ଧନ୍ୟ ସେହୁ । ତାହା ସମ ସୁଖୀ ନଥିବ କେହୁ । ୩୩ ।
ଏ କାଳେ ମୋ ମନ ହେଉଛି ଏତେ । ତୁମ୍ଭ ମନ ମାନ ହେଉଛି କେତେ ।
ଦାରୁଣ ଧାତା ବଡ଼ ଅବିବେକୀ । ମୋତେ ଏମନ୍ତ ସେ କଲା କାହିଁକି ?
ନ ରଖନ୍ତି ଲାଜ । ଧାଇଁ ଧରନ୍ତି ମୁଁ ଗୋବିନ୍ଦ ଭୁଜ । ୩୪ ।

---

୨୮ । ରତ୍ନସାନୁବାସୀ—ସୁମେରୁ ପର୍ବତବାସୀ, ସ୍ୱର୍ଗବାସୀ ।

୨୯ । ବିପୁଳ—ବିଶାଳ । ମୃଗମଦ—କସ୍ତୁରୀ । ଘନସାର—କର୍ପୂର ।

୩୦ । ଉର—ବକ୍ଷ । ମଧ୍ୟମ—କଟି ।

୩୧ । ଭାବପୟୋଧି—ଭାବସମୁଦ୍ର ।

୩୨ । ମର୍କତ ରମ୍ଭା—ନୀଳମଣିରେ ତିଆରି କଦଳୀ ଗଛ । ବିପରୀତେଣ—ବିପରୀତ ଭାବରେ, ଓଲଟା ।
ତିନିପୁର—ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ।

୩୩ । ମର୍ଦ୍ଦିବ—ମର୍ଦ୍ଦନ କରିବ, ମୋଡ଼ିବ ।

Digitized by PPRACHIN, SOA

ଏତେ କହି ବୃଦ୍ଧା ହୋଇଲା ତୁନି । ପୁଣି ବୋଇଲା ଏକଇ କାମିନୀ ।
ଆମ୍ଭଙ୍କୁ ଏମନ୍ତ କଲ୍ୟାଣ କର । ବର ହୁଅନ୍ତୁ ବରଜ ସୁନ୍ଦର ।
ଆନେ ଗତି ନାହିଁ । ଶୁଣି ବୃଦ୍ଧା ବୋଲେ ପାଇବ କାହିଁ । ୩୫ ।
କେ ବୋଲେ ଚାଲ ଗଙ୍ଗା ଗୟା ଯିବା ।
କେ ବୋଲେ ପ୍ରାଗେ ମକର କରିବା ।
କେ ବୋଲେ କାଶୀରେ ସାଧିବା ବସି ।
କେ ବୋଲେ ସାଗରେ ହୋଇବା ଝାସି ।
ଯେମନ୍ତେ ଲଭିବା । କେ ବୋଲେ ହରଗଉରୀ ଭାବିବା । ୩୬ ।
ଏହି ପରକାରେ କରନ୍ତି ମନ । ଦେଖି ଗୋବିନ୍ଦ ନୀରଜବଦନ ।
ପଛରେ ଲୋଭେ ଅଛନ୍ତି ଗୋଡ଼ାଇ । କାମ କି ରତିକି ନିଏ କଢ଼ାଇ ।
ସେହି ମତି ଦିଶେ । କବି ହୃଦୟକୁ ଏମନ୍ତ ଆସେ । ୩୭ ।
ଗେଲେ ଗେଲେ ରାମ ଗୋବିନ୍ଦ ବେନି । ଚାଲନ୍ତି ଶୋଭା ଧରଣୀ ସରଣୀ ।
କଂସ ସିଂହଦ୍ୱାରେ ହୋଇଲେ ଯାଇଁ । ନାଚନ୍ତି ପୋଏ ମୁରଲୀ ବଜାଇ ।
ଦେଖି ହସ୍ତୀପାଳ । ବୋଇଲା ଗୋଳ ନ କରରେ ବାଳ । ୩୮ ।
ରାଜା ଲୋକବାଣୀ ଶୁଣିଲେ ଯହୁଁ । କ୍ରମରେ ବାଦ୍ୟ ରୁହାଇଲେ ତହୁଁ ।
ଅନାଇଛନ୍ତି ପୁର ନରନାରୀ । ଆଗକୁ ହୋଇଲେ କୁଞ୍ଜବିହାରୀ ।
ବୋଲଇ ବଚନ । ମାହୁନ୍ତ କିପାଁ କହିଲୁ ଏସନ । ୩୯ ।
ଛାଡ଼ିଦିଅ ପଥ ଭିତରେ ଯିବୁଁ । ଯାଇ ରାଜାଙ୍କୁ ଦର୍ଶନ କରିବୁଁ ।
ଉଛୁର ହୋଇଲେ କରିବେ ରୋଷ । ନଷ୍ଟ ହୋଇବ ଦର୍ଶନୀ ଗୋରସ ।
ହାତୀ କାଢ଼ିନିଅ । ବୋଲେ ଭକ୍ତଦାସ କମ୍ପୁଛି ଦେହ । ୪୦ ।

---

୩୬ । ପ୍ରାଗେ—ପ୍ରୟାଗରେ । ମକର କରିବା—ମକର ବୁଡ଼ପକାଇବା । ସାଧିବା—ଯୋଗ ସାଧନ କରିବା । ହରଗଉରୀ—ଶିବ ପାର୍ବତୀ ।

୩୭ । ନୀରଜବଦନ—ପଦ୍ମମୁଖ । କାମ—କନ୍ଦର୍ପ । ସେହିମତି—ସେହିପରି ।

୩୮ । ହସ୍ତୀପାଳ—ମାହୁନ୍ତ । ଗୋଳ—ଗହଳ-ଚହଳ, ଗୋଳମାଳ ।

୩୯ । ରାଜାଲୋକ—ରାଜଭୃତ୍ୟ । ରୁହାଇଲେ—ବନ୍ଦକଲେ ।

୪୦ । ଉଛୁର—ବିଳମ୍ବ । ଦର୍ଶନୀ—ଭେଟି ।

Digitized by PPRACHIN, SOA

# ଏକବିଂଶ ଛାନ୍ଦ

## (ରାଗ–କାଫି, ଅବକାଶ ବୃତ୍ତ)

କୃଷ୍ଣ ବଚନ ଶୁଣି ମୂଢ଼ ଯନ୍ତା । ମନରେ ବହିଲା ଗରୁ ଅହନ୍ତା ।
ବୋଲଇ ଶୁଣ ହେ ନନ୍ଦ କୁମର । ତୁମ୍ଭେ ଟେକିଛ ପରା ଗିରିବର ।
ମାରିଛ, ଷଣ୍ଢ ଶକଟା ବକା । ତୃଣା କେଶୀ ବୀର ବତ୍ସା ଧେନୁକା । ୧ ।
ବ୍ୟୋମା ସହିତେ ପୂତନା ନାଶିଲ । କାଳୀୟ ଗରବ ଜଳେ ଧ୍ୱଂସିଲ ।
ଏଡ଼େ ବୀର ହୋଇ ଡର କାହିଁକି । ଯାହା କରିଛ ତା ମନେ ନାହିଁକି ।
ରାଜାର, ଲାଗି ବସନ ନେଲ । ପୁଷ୍ପ ଚନ୍ଦନ ଆଦି ଜୁର କଲ । ୨ ।
ସହସ୍ର ସିଂହର ବଳ କାର୍ମୁକ । ତାହା ଭାଙ୍ଗିଲ ଦେଖିଛନ୍ତି ଲୋକ ।
ଛାର କୁବଳୟା ଅଟଇ କେତେ । ପେଲିଦିଅ ଯାଅ କହୁଛି ଏତେ ।
ମାହୁନ୍ତ, ଏହା କହିଲା ଯହୁଁ । ଜଗତ ଜୀବନ ବୋଲନ୍ତି ତହୁଁ । ୩ ।
କହୁଅଛି ଶୁଣ ହସ୍ତିପାଳକ । ଆମ୍ଭେ ଜାଣିଲୁ ତୁ ବଡ଼ ବିବେକ ।
ଯାହା ବୋଇଲୁ ସେ କଥା ପ୍ରମାଣ । ହସ୍ତୀ ସଙ୍ଗେ କାହିଁ ମନୁଷ୍ୟ ରଣ ?
ସ୍ୱଭାବେ, ପୁଣି ବାଳକ ମତି । କାତର ହେଉଁ ଦେଖି ଘୋଡ଼ା ହାତୀ । ୪ ।
ଗାଈ ଚରାଇ ବନ ମଧ୍ୟେ ଥାଉଁ । କ୍ଷୁଧା କଲେ ନାନା ଫଳ ଚୋବାଉଁ ।
ରାତ୍ରକାଳେ ଆସି ହେଉଁ ମନ୍ଦିରେ । ଭୋଜନ କରୁ ବଡ଼ାଇ ଅନ୍ଧାରେ ।
ନଥାଇ, ସୁଖ ହୋଇ ବ୍ୟଞ୍ଜନ । ଶଯ୍ୟା ନଥାଇ ଭୂମିରେ ଶୟନ । ୫ ।
ଆରଦିନ ପୁଣି ବନକୁ ଯାଉଁ । ସେହି ପ୍ରକାରେ ନାନା ଦୁଃଖ ପାଉଁ ।
ଏବେ ସୁଭାଗ୍ୟ ହୋଇଲା ଆମ୍ଭର । ଡାକି ଆଣିଲା ମାମୁ କଂସାସୁର ।
ନିଶ୍ଚିନ୍ତ, ହୋଇ ଭୁଞ୍ଜିବୁ ସୁଖ । ଆଝୁ ପାସୋରିବୁ ସକଳ ଦୁଃଖ । ୬ ।

---

୧ । ଯନ୍ତା–ମାହୁନ୍ତ । ଗରୁ–ଗୁରୁ, ବିଶେଷ । ଅହନ୍ତା–କ୍ରୋଧ । ଗିରିବର–ଗୋବର୍ଦ୍ଧନ ।
୨ । ଲାଗି ବସନ–ପିନ୍ଧାଲୁଗା ।
୩ । କାର୍ମୁକ–ଧନୁ । କୁବଳୟା–କଂସର ହସ୍ତୀ ।
୪ । ବିବେକ–ବିଚାରଶୀଳ, ବିବେକୀ ।
୫ । ବଡ଼ାଇ–ବଡ଼ ।
୬ । ଆଝୁ–ଆଜହୁଁ, ଆଜିଠାରୁ ।

Digitized by PPRACHIN, SOA

ଏହାଶୁଣି କହେ ଦାରୁଣ ମତି । କେତେ ତଳକୁ ଯାଉଛ ଶ୍ରୀପତି ।
ଆଜଯାଏ ଲୁଚିଥିଲ ଗୋପରେ । ଏବେ ପଡ଼ିଲା କୃତାନ୍ତ ଛାମୁରେ ।
ନିସତ, ହେଲେ ଛାଡ଼ିବି ନାହିଁ । ଏହା କି ଗୋପ କରିଛ କହ୍ନାଇ । ୭ ।
ବଂଶୀ ବଜାଇ ନାନା ରଙ୍ଗେ ନାଚ । ଗୋପ କୁମାରୀଙ୍କି ଖୁଆଅ ଲାଞ୍ଚ ।
କୁଞ୍ଜବନେ ନେଇ କର ଅନୀତି । କୋମଳ କହି କିଣ ତାଙ୍କ ମତି ।
ସେକଥା, ନାହିଁ ମଥୁରା ପୁରେ । ଯେଉଁ ଦେଶ ଦେଖି ଡରନ୍ତି ସୁରେ । ୮ ।
ଏଥିରେ ଆସି ହୁରିଜୁରି କର । ହାନିଲାଭକୁ କିଛି ନ ବିଚାର ।
ଦୁଇ ଭାଇଙ୍କ ଘେନିବି ଜୀବନ । ହସ୍ତୀ ହସ୍ତରେ କରାଇ ବନ୍ଧନ ।
ନୃପତି, ଆଗେ ଭେଟିବି ଯାଇ । ଶୁଣି ବଧାଇ ଦେବ ଭୋଜସାଇଁ । ୯ ।
ଶୁଣିଲେ ହରି ମାହୁନ୍ତ ବଚନ । କର୍କଶ କରି ବୁଲାଇ ନୟନ ।
ବୋଇଲେ ହସ୍ତୀକି କାଢ଼ ତୋହର । ଜାଣିବା କେଡ଼େ ବଡ଼ କରିବର ।
ଏମନ୍ତ, ବୋଲି ହୋଇଲେ କାଛି ।
ଅଣ୍ଟାରେ ବଂଶୀ ଖୋସିଲେ ଶ୍ରୀବତ୍ସୀ । ୧୦ ।
ଦେଖି ମାହୁନ୍ତ ଟିପିଲା ମାତଙ୍ଗ । କରାଳ ବଦନ ନୟନ ପିଙ୍ଗ ।
ଧର ଧର ବୋଲି ଅଙ୍କୁଶ ମାରି । ଧାଇଁଲା ନାଗ ଘୋରନାଦ କରି
ଉର୍ଦ୍ଧ୍ୱକୁ, ଟେକି ରହିଛି ଶୁଣ୍ଡ । ଦନ୍ତ ଉଭାରି ଦିଶଇ ପ୍ରଚଣ୍ଡ । ୧୧ ।
ଚରଣ ପଡ଼ନ୍ତେ କମ୍ପଇ ରସା । ସିଂହ ପଛେ ଯେହ୍ନେ ଖେଳଇ ଶଶା ।
ଗୋବିନ୍ଦ ପଛେ ସେହିମତି ଦିଶେ । ମୃଗାଦନ ପଛେ ଛାଗଳ କିସେ ।
ପାମର, ଗଜ ଜାଣଇ ନାହିଁ । ମାରିବ ବୋଲି ରାଗେ ଅଛି ଧାଇଁ । ୧୨ ।
ଯାର ରୋମମୂଳେ ମେଦିନୀମାଳ । ଭ୍ରମନ୍ତି ହୋଇ ଅତି ଅନ୍ତରାଳ ।
ନେତ୍ର ଚନ୍ଦ୍ର ସୂର୍ଯ୍ୟ, ଶିର ଅମ୍ବର । କଟି ହିମାଦ୍ରି, ପାତାଳ ପୟର ।
ଶରୀର, ରୁହ ଶଇଳମାନ । ଅଣଚାଶ ନବ ନାସା ପବନ । ୧୩ ।

---

୭ । ଶ୍ରୀପତି—ଲକ୍ଷ୍ମୀପତି, ଶ୍ରୀକୃଷ୍ଣ । କୃତାନ୍ତ—ଯମ । ନିସତ—ଦୁର୍ବଳ, ଶକ୍ତିହୀନ ।
୮ । ସୁରେ—ଦେବତାମାନେ ।
୯ । ହୁରିଜୁରି—ଲୁଟପାଟ । ହସ୍ତୀ ହସ୍ତରେ—ହାତୀ ଶୁଣ୍ଢରେ । ବଧାଇ—ପୁରସ୍କାର । ଭୋଜସାଇଁ—କଂସ ।
୧୦ । କାଛି—ମାଲକଛା ମାରି।
୧୧ । ଟିପିଲା—ଆଘାତ କଲା । ମାତଙ୍ଗ—ହାତୀ । କରାଳ ବଦନ—ଭୟଙ୍କର ମୁଖ । ପିଙ୍ଗ—ପିଙ୍ଗଳବର୍ଣ୍ଣ, ରକ୍ତବର୍ଣ୍ଣ । ନାଗ—ହାତୀ । ଉଭାରି—ଟେକି ।
୧୨ । ରସା—ମହୀ । ମୃଗାଦନ—ସିଂହ । ଛାଗଳ—ଛେଳି ।
୧୩ । ହୋଇ ଅତି ଅନ୍ତରାଳ—ଛଡ଼ା ଛଡ଼ା ହୋଇ । ଶରୀର ରୁହ—ଲୋମ । ଅଣଚାଶ ନବ ନାସା ପବନ—ଶରୀରରେ ଦଶଟି ବାୟୁ ପ୍ରଧାନ । ସେମାନେ ହେଉଛନ୍ତି, ପ୍ରାଣ, ଅପାନ, ସମାନ, ଉଦାନ,

Digitized by PPRACHIN, SOA

ସୁଜନ ବାନ୍ଧବ, ଦୁର୍ଜନ ଯମ । ଶରଣ ତାରଣ, କାମିନୀ କାମ ।
ରୂପ ଅରୂପ ନାନା ଗତି ହୋଏ । ଯା ନାମେ ଅଶେଷ କଳୁଷ ଦହେ ।
ତାହାର, ସଙ୍ଗେ କରଇ ରଣ । ଜାଣଇ ନାହିଁ ଲଭିବ ମରଣ । ୧୪ ।
ଆଗେ ଧାଇଁଛନ୍ତି ନନ୍ଦ ତନୁଜ । ପଛେ ଗୋଡ଼ାଇଛି ବଳିଷ୍ଠ ଗଜ ।
ମାୟା ଭଣ୍ଡାର ଆରମ୍ଭିଲେ କୂଟ । ଯେସନେ ଇନ୍ଦ୍ରଜାଲିକ କପଟ ।
ଜାଣନ୍ତା, ନୁହେଁ ଦେଖିବା ଜନ । ସତ ପରାୟେ ବିଚାରନ୍ତି ମନ । ୧୫ ।
ସେହି ପ୍ରକାରେ ଆରମ୍ଭିଲେ ଛନ୍ଦ । ନିସତେ ଧାଇଁ ନ ପାରି ଗୋବିନ୍ଦ ।
ମନ୍ଦଗତି ଦେଖି ପିଟିଲା ଯନ୍ତା । "ନିର୍ବଳ ହେଲାଣି ମାରରେ–ଦନ୍ତା ।"
ବୋଲନ୍ତେ, ଗଜ ଧଇଲା ଯାଇ । ଯତନେ ଗୋବିନ୍ଦ ପଡ଼ିଲେ ଶୋଇ । ୧୬ ।
ପଡ଼ି ଶୂନ୍ୟହେଲେ ଜଗତ ବନ୍ଧୁ । ଅନାଇ ଅଛନ୍ତି ମଥୁରା ବଧୂ ।
ହାହାକାର ଧ୍ୱନି ଶୁଭଇ ଉଚ୍ଚେ । କ୍ଷୀର ସିନ୍ଧୁ ମେଳାହେଲା କି ମଞ୍ଚେ ।
କେ ବୋଲେ, ଅବିବେକ ବିରଞ୍ଚି । କାହାକୁ କଉଁ ଦଶା ଥାଇ ସଞ୍ଚି । ୧୭ ।
ତଥାପି ଶତ୍ରୁ ନୁହଇ ଏ ତାର । କିମ୍ପାଇ କଲା ଏତେ ଅବେଭାର ।
ଦେଖ ଜନମନ ମୋହନ କରେ । ସୁଖୀ, ସମ୍ପଦ, ଦୁଃଖୀ ଦୁଃଖ ହରେ ।
କେମନ୍ତେ, ସତ ବଳିଲା ତାର । ଗଜ ହାତରେ କରାଏ ପ୍ରହାର । ୧୮ ।
କେ ବୋଲେ ଲାବଣ୍ୟ ଶରୀର ଗୋଟି । ତୀକ୍ଷ୍ଣ ଦନ୍ତଲାଗି ଯିବ ଗୋ ଫୁଟି ।
ଦେଖି ଜୀବନ ରହିବ କାହାର । ପିଣ୍ଡକୁ ଛାଡ଼ି ହୋଇବ ବାହାର ।
କେ ବୋଲେ ସଖି ଶୁଣ ମୋ ବାଣୀ ।
ଟାଳ ଏଠାରୁ ଯିବା ସର୍ବପ୍ରାଣୀ । ୧୯ ।

---

ବ୍ୟାନ, ନାଗ, କୂର୍ମ, କୃକର, ଦେବଦତ୍ତ ଓ ଧନଞ୍ଜୟ । ଏଗୁଡ଼ିକ ମଧ୍ୟରେ ପ୍ରଥମ ପାଞ୍ଚଗୋଟି ମୁଖ୍ୟବାୟୁ । ଏହି ଦଶଟି ବାୟୁକୁ ପ୍ରଥମ ପାଞ୍ଚଟି ବାୟୁ ସହିତ ଗୁଣନ କଲେ ପଚାଶ ହୁଏ । ସେଥିମଧ୍ୟରୁ ପ୍ରାଣକୁ ବାଦ୍ ଦେଲେ ଅଣଚାଶ ହୁଏ । ଯେତେବେଳେ ଆଉ ପ୍ରାଣ ନଥାଏ । ପ୍ରଧାନ ଦଶଟିବାୟୁରୁ ପ୍ରାଣକୁ ବାଦ୍ ଦେଲେ ନଅଟି ବାୟୁ । ତାହାକୁ ନବନାସା ପବନ ରୂପେ ଗ୍ରହଣ କରାଯାଇଥାଏ ।

୧୪ । ରୂପ–ସାକାର । ଅରୂପ–ନିରାକାର ।

୧୫ । ମାୟାଭଣ୍ଡାର–ମାୟାଧର, ଶ୍ରୀକୃଷ୍ଣ । କୂଟ–କପଟ । ଇନ୍ଦ୍ରଜାଲିକ–ଯାଦୁକର ।

୧୬ । ନିସତେ–ଶକ୍ତି ହରାଇ । ମନ୍ଦଗତି–ମନ୍ଥର ଗତି ।

୧୭ । ଜଗତବନ୍ଧୁ–ଶ୍ରୀକୃଷ୍ଣ । କ୍ଷୀରସିନ୍ଧୁ ମେଳା–କ୍ଷୀରସମୁଦ୍ର ମନ୍ଥନ । ଅବିବେକ–ଅବିବେକୀ । ବିରଞ୍ଚି–ବ୍ରହ୍ମା । ସଞ୍ଚି–ରଖି ।

୧୮ । ଅବେଭାର–ଅକାର୍ଯ୍ୟ, ମନ୍ଦକାର୍ଯ୍ୟ ।

୧୯ । ଲାବଣ୍ୟ–ସୁନ୍ଦର ।

Digitized by PPRACHIN, SOA

ଏତେ ପାପ ପୁରେ ନଥିବା ଦଣ୍ଡେ । ଆସ ଗୋ ଅନଳ ଜାଳିବା ପିଣ୍ଡେ ।
ଏ ଘନଶ୍ୟାମ ଦୁଃଖ ନ ଦେଖିବା । ମହୁରା ଭକ୍ଷି ପରାଣ ହାରିବା ।
କାହିଁକି, ରଖିବା ଜୀବନ । ଦଣ୍ଡକେ ମରିଲା ଅମୂଲ୍ୟ ଧନ । ୨୦ ।
କେ ବୋଲେ ସଜନି ଶୁଣ ମୋ କଥା । ଦେଖିଲା ଜନକୁ ଲାଗଇ ବ୍ୟଥା ।
ଗର୍ଭଧାରୀ ତାର କରିବ କିସ । ଏ ପୁତ୍ର ଯେବେ ନିଶ୍ଚେ ଯିବ ନାଶ ।
ପଡ଼ିବ, ଅଗ୍ନି କୁଣ୍ଡରେ ଡେଇଁ । ଏହା ଶୁଣି ଆର ସଖୀ କହଇ । ୨୧ ।
ଏ କିଁପା ନୋହିଲା ଆମ ନନ୍ଦନ । ଦୁଃଖୀ ଗର୍ଭେ କିଁପା ହେଲା ଜନମ ।
ଇଷ୍ଟ ଦେବତାର କରନ୍ତୁ ଶ୍ରେଷ୍ଠ । କାହିଁକି ଲଭନ୍ତା ପରମ କଷ୍ଟ ।
ଏ ବାଣୀ, ଶୁଣି ଆରକ ଭଣି । ଏମନ୍ତ କିଁପା ବୋଇଲୁ ତରୁଣୀ । ୨୨ ।
ଯାହାର ଯେ ଭାଗ୍ୟ ଅଭାଗ୍ୟ ଥାଇ । କାଳ ବେଳ ଜାଣି ଭୋଗ କରଇ ।
ମୋ ମନକୁ ସହି, ଏମନ୍ତ ଆସେ । ତା ଶୁଣି ଆର ଚନ୍ଦ୍ରାନନୀ ଭାଷେ ।
ସଜନି, ଏହା କାହିଁକି କହୁ । ଲେଶେ ହେଁ ସୁଦୟା ହୃଦେ ନ ବହୁ । ୨୩ ।
ଜୀବନ ଉଡ଼ି ଯାଉଛି ମୋହର । ନୟନେ ନ ଦେଖି ବରଜବର ।
ଏହିକ୍ଷଣି ହସ୍ତୀ ଆଗରେ ଥିଲେ । ଦାନ୍ତ ଲାଗନ୍ତେ କଉଁ ଗତି ଗଲେ ।
ଏ ବାଣୀ, ଶୁଣି ବୋଇଲା ବାଳୀ । ପାମର ହସ୍ତୀ ଅବା ଦେଲା ଗିଳି । ୨୪ ।
କେ ବୋଲେ ଅଧରେ ଅଛି ପୂରୋଇ ।
କେ ବୋଲେ ପାଦେ ଗୋ ଦେଲା ଉଡ଼ାଇ ।
କେ ବୋଲେ ପଳାଇଗଲେ କି ସହି ?
କେ ବୋଲେ ତାହା ନ ଦେଖିଲେ କେହି ।
କେ ବୋଲେ, ଗଜ ବୁଲେ କାହିଁକି ।
କେ ବୋଲଇ ଅବା ପାଇ ନାହିଁକି । ୨୫ ।
ମଥୁରା ନାରୀଙ୍କ ବିକଳ ଶୁଣି । ଦୟାସାଗର ପ୍ରଭୁ ଚକ୍ରପାଣି ।
ହସ୍ତୀ ଉଦର ତଳେ ହେଲେ ଯାଇ । ଗର୍ଜଇ କରୀ ଅଙ୍ଗବାସ ପାଇ ।
ଫେରାଇ, ପୁଣ ଧାଇଁଲେ ହରି । ମଥୁରା ନାରୀ ଜୟ ଜୟ କରି । ୨୬ ।

---

୨୦ । ମହୁରା–ବିଷ ।

୨୧ । ଗର୍ଭଧାରୀ–ଜନ୍ମଦାତ୍ରୀ ।

୨୩ । ଚନ୍ଦ୍ରାନନୀ–ଚନ୍ଦ୍ରମୁଖୀ । ଲେଶେହେଁ–ସାମାନ୍ୟମାତ୍ର ।

୨୪ । କତି–ଦିଗ, ଆଡ଼କୁ ।

୨୬ । ଅଙ୍ଗବାସ–ଶରୀର ଗନ୍ଧ । ଫେରାଇ–ବୁଲିପଡ଼ି ।

Digitized by PPRACHIN, SOA

କେ ବୋଲେ ଦେଖ ଗୋ ପରାଣ ମିତ । ଏହାକୁ ସାହା ହୋଇଛି ବିଧାତ ।
ଦୁଷ୍ଟ କଂସ ନିଶ୍ଚେ ହୋଇବ ନାଶ । ଏହାକୁ ରଖିବେ ରମା ବିଳାସ ।
ଏମନ୍ତ, କହି ଆନନ୍ଦ ହେଲେ ।
ଭୋ ଧର୍ମ ଦେବତା ରଖ, ବୋଇଲେ । ୨୭ ।
ହରିଙ୍କି କରୀ ଯେ ଥିଲା ଗୋଡ଼ାଇ । ବଳ ତୁଟିଲା ନ ପାରିଲା ଧାଇଁ ।
ଜଗତ ଜୀବନ ବ୍ୟାପିଲେ ମାୟା । ଚଉଦିଗରେ ବିସ୍ତାରିଲେ କାୟା ।
ଯେଣିକି, ଚାହେଁ ବଳିଷ୍ଠ ହାଥୀ । ତେଣେ ଦେଖଇ ବିଜେ ଦାଶରଥି । ୨୮ ।
କାହାକୁ ଧରିବି କରେ ବିଚାର । ଭୟେ ବୁଲଇ ଚକ୍ରର ଆକାର ।
ପଛ ଦେଶେ ଥିଲେ ରୋହିଣୀ ବତ୍ସ । ଧାଇଁ ବାମ ଭୁଜେ ଧଇଲେ ପୁଚ୍ଛ ।
ସିଂହ କି, ଅବା ଧଇଲା ମୃଗ । ଗରୁଡ଼ କିବା ଧଇଲା ଉରଗ । ୨୯ ।
ସେହି ମତି ଦିଶେ ମତ୍ତମାତଙ୍ଗ । ଗୋବିନ୍ଦ ଠାରିଲେ ଉଚ୍ଛୁଡ଼ ବେଗ ।
ଜାଣି ଟାଣିଲେ ରୋହିଣୀର ବଳା । ଶତେ ଧନୁ ଯାଏ ଘୋସରି ଗଲା ।
ନିସତେ, ଆଣ୍ଠୁ ମାଡ଼ିଲା ମହୀ । ବେଗେ ଧାଇଁଲେ ଛଇଳ କହ୍ନାଇ । ୩୦ ।
ବେଣୁ ଠୁଙ୍କିଲେ ହସ୍ତୀ ଭାଲପଟେ । ପ୍ରାଣ ବାହାରିଲା ନୟନ ବାଟେ ।
ଦୀନବନ୍ଧୁ ଅଙ୍ଗେ ପଶିଲା ଯାଇଁ । ଅଶେଷ ଜନ୍ମ କଳୁଷ ହରାଇ ।
ବାବୁ ସେ, ଗଜ କି ତପ କଲା । କିଅତ ଦୋଷେ ପଶୁ ହୋଇଥିଲା । ୩୧ ।
ଯାହା ଉର୍ଦ୍ଧ୍ୱରେତା ପାଇ ନାହାନ୍ତି । ପାଇବା ପାଇଁ ଧ୍ୟାନ କରୁଛନ୍ତି ।
ସେ ଗତି କ୍ଷଣକେ ପାଇଲା ଗଜ । ଅଧମ ଉଦ୍ଧାରଣ ଦେବରାଜ ।
ସୁଜନେ, ସେହି ହରିଙ୍କି ଭଜ । ଭବ ସନ୍ତାପ ଦୂରେ ବେଗେ ତେଜ । ୩୨ ।
ହସ୍ତୀ ନିଧନ ଦେଖି ହସ୍ତପାଳ । କୃଷ୍ଣଙ୍କୁ ଉଞ୍ଚାଇଲା କରବାଳ ।
ଦେଖି ଗୋବିନ୍ଦ ଦନ୍ତୀ ଦନ୍ତ ତାଡ଼ି । ମୂଢ଼ ମାହୁନ୍ତ ଉପରେ କଚାଡ଼ି ।
ଛାଡ଼ିଲା, ପ୍ରାଣ ପାଇଲା ହରି । ଅସୁର ଜନ୍ମ ଦୁର୍ବାସନା ହରି । ୩୩ ।

---

୨୭ । ସାହା—ସହାୟ । ବିଧାତ—ବିଧାତା । ରମାବିଳାସ—ବିଷ୍ଣୁ ।

୨୮ । ଦାଶରଥି—ରାମଚନ୍ଦ୍ର, ଏଠାରେ ଶ୍ରୀକୃଷ୍ଣ, ଭଗବାନଙ୍କ ଅବତାର ।

୨୯ । ରୋହିଣୀ ବତ୍ସ—ରୋହିଣୀଙ୍କ ପୁତ୍ର, ବଳରାମ । ଉରଗ—ସର୍ପ ।

୩୦ । ମତ୍ତମାରଙ୍ଗ—ପାଗଳା ହାତୀ । ଉଚ୍ଛୁଡ଼—ଝିଙ୍କ । ଧନୁ—ଚାରିହାତ ।

୩୧ । ଠୁଙ୍କିଲେ—ମାରିଲେ । ଦୀନବନ୍ଧୁ...ଯାଇ—ଶ୍ରୀକୃଷ୍ଣଙ୍କ ଶରୀରରେ ହସ୍ତୀର ପ୍ରାଣ ମିଶିଗଲା, ଅର୍ଥାତ୍ ସେ ସାଯୁଜ୍ୟ ମୁକ୍ତି ପାଇଗଲା । କଳୁଷ—ପାପ ।

୩୨ । ଉର୍ଦ୍ଧ୍ୱରେତା—ଯୋଗୀ । ଉଦ୍ଧାରଣ—ଉଦ୍ଧାରକର୍ତ୍ତା । ଦେବରାଜ—ଶ୍ରୀକୃଷ୍ଣ ।

୩୩ । କରବାଳ—ଖଡ୍‌ଗ । ଦନ୍ତୀଦନ୍ତ—ହାତୀଦାନ୍ତ । ଦୁର୍ବାସନା—ମନ୍ଦ ମନୋବୃତ୍ତି ।

Digitized by PPRACHIN, SOA

ଦେଖି ନରନାରୀ ହୋଇଲେ ତୋଷ ।
ଗୋଟି ଗୋଟି ହୋଇ ମିଳିଲେ ପାଶ ।
ଗୋପାଳ ପୋଏ ନାନା ରଙ୍ଗେ ନାଚି । ଆକାଶୁ ବିଡ଼ୌଜା କୁସୁମ ବିଞ୍ଚି ।
ବଜାଇ, ଦେବେ ଦେବତା ବାଦ୍ୟ । ଡାକନ୍ତି ଅସାଧକୁ କର ସାଧ । ୩୪ ।
ସେଠାରୁ ବିଜୟେ ସୋଦର ବେନି । ଗମନେ ଶୋଭା ପାଉଛି ଧରଣୀ ।
ରଙ୍ଗସଭା ତଳେ ହୋଇଲେ ଯାଇ । ରଙ୍ଗେ ନାଚନ୍ତି ମୁରଲୀ ବଜାଇ ।
ଚାହାନ୍ତି, ଦେଖି ରାଜନଗଣେ । ପୋଏ ଗୋଡ଼ାଇ ଅଛନ୍ତି ଗହଣେ । ୩୫ ।
ଅପୂର୍ବ ମୂରତି ନିନ୍ଦଇ କାମ । କାନ୍ତିକି କାନଡ଼ି କୁସୁମ ସମ ।
ଶିରେ ହରେ ସୁତ ବାହନ ପୁଛ । ଜମ୍ଭଭେଦୀ ଧନୁ ହୋଇବ ତୁଛ ।
ଲଲାଟେ, ଖେଳେ ଅଳକା ପନ୍ତି । ଅଳି କି ପଦ୍ମକୁ ବେଢ଼ି ଅଛନ୍ତି ? । ୩୬ ।
ନାସେ ଗଜମୋତି, କର୍ଣ୍ଣେ କୁଣ୍ଡଳ । ଗଣ୍ଡେ ମକରୀ, ଅଧରେ ତାମ୍ବୁଳ ।
କଣ୍ଠେ କଉସ୍ତୁଭ, ଭୁଜେ କଙ୍କଣ । କଟିକି ଘୋଟିଛି ପୀତବସନ ।
ଚରଣେ, ଶୋହେ ନୂପୁର ଦୁଇ । ମନ୍ଦ ଗମନକୁ ମଧୁର କହି । ୩୭ ।
ଚାହିଁ ସଭାଜନେ ହୋଇଲେ ଠିଆ । ଉଲସି ଉଠଇ ସବୁରି ହିଆ ।
କୋଳ କରିବାକୁ କରନ୍ତି ମନ । ବୁଡ଼ି ଯାଉଛି ଚେତା ଚଇତନ ।
ବାବୁ ସେ, ନବ ନାଗର କାହ୍ନୁ ।
ଦେଖି ପାସୋରିବ କିଏ ସେ ମନୁ । ୩୮ ।
ଶିଶୁଙ୍କୁ ଦିଶନ୍ତି ଶିଶୁ ପରାଏ । ନାରୀଙ୍କ ଦୃଷ୍ଟିକି ମଦନ ରାଏ ।
ବୃଦ୍ଧଙ୍କୁ ବାଳକ ସ୍ୱଭାବ ମତି । ଜ୍ଞାନୀଙ୍କି ନିର୍ଗୁଣ ରୂପ ଶ୍ରୀପତି ।
ଭକ୍ତଙ୍କୁ ନନ୍ଦନନ୍ଦନ ପରା । ନାନା ରୂପ ଧରେ ମନ୍ଦରଧରା । ୩୯ ।
ଦୁଷ୍ଟଙ୍କୁ ଯମ ପରାଏ ଦିଶନ୍ତି । ଦେଖି ଡରିଲା କଂସ ନରପତି ।
ମଲ୍ଲେ ଯେ ପ୍ରତିଜ୍ଞାରେ କହୁଥିଲେ । ରୂପ ଦେଖି ଚକ୍ଷୁ ବୁଜି ରହିଲେ ।
କ୍ଷଣକେ, ଫେଡ଼ି ନୟନ ମାନ । ଡାକନ୍ତି ରହ ରହ ରାମ ଶ୍ୟାମ । ୪୦ ।

---

୩୪ । ବିଡ଼ୌଜା–ଇନ୍ଦ୍ର ।

୩୬ । କାନଡ଼ି–କାନାଶିରୀ । ହରସୁତ ବାହନ–ହରସୁତ ଯେ କାର୍ତ୍ତିକେୟ, ତାଙ୍କର ବାହନ ମୟୂର । ଜମ୍ଭଭେଦୀ–ଇନ୍ଦ୍ର ।

୩୭ । ମକରୀ–ଚିତା, ମଗରାକୃତି ଚିତା ।

୩୮ । ଉଲସି ଉଠଇ–ଉଲ୍ଲସିତ ହୋଇ ଉଠିଲା । ହିଆ–ହୃଦୟ ।

Digitized by PPRACHIN, SOA

ଶୁଣି ଅନାଇଲେ ଶାରଙ୍ଗଧର । ବୋଲନ୍ତି କାହିଁକି ଡାକ ହେ ବୀର ।
ରହ ରହ ବାଣୀ ଶୁଣିଲେ ଡରୁଁ । ବାଳକ ସିନା ଦୂରୁଁ ଅପସରୁ ।
ସରିସା, ହେଲେ ରହୁ ପାଲଟି । ବଳିଷ୍ଠ ହୋଇଲେ ଯାଉଁ ଲେଉଟି । ୪୧ ।
ଶୁଣି ମଲ୍ଲମାନେ ବୋଲନ୍ତି ହସି । କେତେ ସାନକୁ ଯାଅ ନନ୍ଦ ଶିଷି ।
ଯେ ଯେତେ ବଡ଼ ସେ କହଇ ନାହିଁ । କାର୍ଯ୍ୟ ପଡ଼ିଲେ ଅବଶ୍ୟ କରଇ ।
ଲୁଚଇ, ନାହିଁ କୁସୁମ ପ୍ରାୟେ । ଫୁଟିଲେ ବାସେ ଦେବଆଳେ ଯାଏ । ୪୨ ।
ପ୍ରତକ୍ଷେ ଦିଶୁଛ ସାଧିଲା ପ୍ରାୟେ । ଗୋଟି ଗୋଟି ହୋଇ ଫଳିଛି ବାହେ ।
ଆସ ଆସ ଦେଖି ଲାଗିବା ଥରେ । କେହି ଧନ ଦେଇ ନାହିଁ କାହାରେ ।
କ୍ଷତ୍ରିର, ବୃତ୍ତି ସାଧିଲେ ସିନା । ଦିନକୁ ଦିନ ବଢ଼ିଲେ ବଢ଼େନା । ୪୩ ।
ଶୁଣି ଦୀନବନ୍ଧୁ ବୋଲନ୍ତି ହସି । ମହୀକି ଅନାଇ ଚରଣ ଘସି ।
ରାଜାର ନନ୍ଦନ ନୋହୁନା ଆମ୍ଭେ । ସାଧିବା କଥା ଜାଣ ସିନା ତୁମ୍ଭେ ।
ରାଜାର, ଭାତ ବର୍ତ୍ତନ ଖାଅ । ବଳିଷ୍ଠ ପଣେ ନେତ ବାନ୍ଧିଥାଅ । ୪୪ ।
ଆମ୍ଭେ ବନରେ ଚରାଉଁ ବାଛୁରୀ । ଅନ୍ନ ଖାଉଁ ପତ୍ରେ ମିଶାଇ ବାରି ।
ସୁନ୍ଦର ଅର୍ଥେ ରଙ୍ଗ ମାଟି ଅଙ୍ଗେ । ବୋଳିହୋଇ ଖେଳୁ ବାଳକ ସଙ୍ଗେ ।
ଏଥିକି, ମାଲପଣ ହୁଅଇ । ଏହା ଶୁଣି କ୍ରୋଧେ ଚାଣୂର କହି । ୪୫ ।
ତୁମ୍ଭେ ବେନି ବସୁଦେବ ନନ୍ଦନ । ଲୁଚି ରହିଥିଲ ଗୋପ ଭୁବନ ।
ଏତେ ଦିନ ଆସେ ପଡ଼ିଛ ଭେଟ । ମାରି ସାରିବୁ ନରପତି କଷ୍ଟ ।
କାହିଁକି, ଯିବ କହିଲେ ଏହା ।
ତୁମ୍ଭେ ଯେ ଆମ୍ଭ ନରେଶ ଦୋରେହା । ୪୬ ।
ଏହା ଶୁଣି ବ୍ରଜ ନନ୍ଦନ ଭଣି । ବୋଲନ୍ତି ଶୁଣ ହେ ଆମ୍ଭର ବାଣୀ ।
ଯାହା ବୋଇଲ ଦୋରେହା ତୁମ୍ଭର । ଏ କଥା ସତ ଜାଣନ୍ତି ଅମର ।
କେବଳ, ତୁମ୍ଭେ ଶାବକ ସିନା । ଶତ୍ରୁ ମଇତ୍ର ନ ଜାଣୁ ଆମ୍ଭେ ନା । ୪୭ ।

---

୪୧ । ସାରଙ୍ଗଧର—ଶ୍ରୀକୃଷ୍ଣ । ସରିସା—ସମାସ୍କନ୍ଧ, ସମାନ । ରହୁ ପାଲଟି—ଫେରିଆସୁ ।
୪୨ । ନନ୍ଦଶିଷି—ନନ୍ଦ ଶିଷ୍ୟ, ନନ୍ଦ ପୁତ୍ର, ଶ୍ରୀକୃଷ୍ଣ ।
୪୩ । ସାଧିଲା ପ୍ରାୟେ—ମଲ୍ଲବିଦ୍ୟା ସାଧନ କଲାପ୍ରାୟ । ଗୋଟି...ବାହେ—ଗୋଟି ଗୋଟି ହୋଇ ସାଧନାର ଫଳ ବାହାରୁ ପ୍ରକାଶ ପାଉଅଛି । ଲାଗିବା—ଯୁଦ୍ଧ କରିବା । କ୍ଷତ୍ରିର ବୃତ୍ତି—ଲଢ଼େଇ ।
୪୪ । ନେତ—ଶାଢ଼ି ।
୪୫ । ରଙ୍ଗମାଟି—ଗେରୁଆ ମାଟି ।
୪୬ । ନରେଶ ଦୋରେହା—ରାଜାର ଶତ୍ରୁ ।
୪୭ । ଅମର—ଦେବତା ।

Digitized by PPRACHIN, SOA

ତୁମ୍ଭେ ଯେବେ ଆମ୍ଭ ସଙ୍ଗେ ଯୁଝିବ । ଅଧର୍ମ କଲା ପରାଏ ଦିଶିବ ।
ସାକ୍ଷାତେ ଦିଶୁଛ ପର୍ବତ ମତ । ଦେଖି ଡରନ୍ତି ନର ଦଇବତ ।
ସମାନ, ଆମ୍ଭେ ହୋଇବୁଁ କେହି । ତୁମ୍ଭ ସମାନ ବୀର ଲୋଡ଼ାଯାଇ । ୪୮ ।
ଏହା ଶୁଣି ବୋଲେ ଚାଣୂର ମୂଢ଼ । ଆହେ ମାଲଗଣ କୃଷ୍ଣଙ୍କୁ ବେଢ଼ ।
ଷଣ୍ଢା ଶକଟା ପୂତନାଦି ଯେତେ । ସବୁଙ୍କୁ ଏହି ମାରିଛି କିଞ୍ଚିତେ ।
ଏଠାରେ, ଏହା କରଇ ରଙ୍ଗେ । ଦେଖ ବୀର ଘଣ୍ଟି ବାନ୍ଧିଛି ଜଙ୍ଘେ । ୪୯ ।
ଏତେ ଭାଷି କୃଷ୍ଣ-ଭୁଜ ଧଇଲା । ଦେଖି ମୁଷ୍ଟିକ ପ୍ରଖରେ ଧାଇଁଲା ।
ସୀରପାଣିକି ଧଇଲା ଆକର୍ଷି । ଅମ୍ବରେ ଦେଖନ୍ତି ଅମ୍ବରବାସୀ ।
ଲାଗିଲା, ମହା ପ୍ରବଳ ଯୁଦ୍ଧ । ରଖ ରଖ ମହୀ କରେ ଶବ୍ଦ । ୫୦ ।
ମୂଢ଼େ ନ ଜାଣନ୍ତି ମାଧବ ବଳ । ଅଗାଧ ଜଳେ ଲୋଡୁଛନ୍ତି ଥଳ ।
ପ୍ରଚଣ୍ଡ ଅଗ୍ନିରେ ଦିଅନ୍ତି ଝାସ । ତୁଳା ବାଡ଼ ଦ୍ୟନ୍ତି ଦେଖି ବତାସ ।
ବଜ୍ରକୁ, ଆଡ଼ି ଶିରୀଷ ପୁଷ୍ପ । ବୋଲେ ଭକ୍ତ ଦାସ ମାଲେ ବାଳୀଶ । ୫୧ ।

## ଦ୍ୱାବିଂଶ ଛାନ୍ଦ
## (ରାଗ–ଆହାରୀ)

କୃଷ୍ଣ ଚାଣୂର ସମର ଗୁରୁତର ଥର ଥର ଧରା ହୋଇଲା ।
କୃଷ୍ଣ ବଳବୀର୍ଯ୍ୟ ଜାଣି ନିଶାଚର ବିଚାରେ ମରଣ ହୋଇଲା ।
କାହିଁକି, କଲଟି ରାଜନ ବଚନ ।
ହରି କୋପାନଳ ଅତିହିଁ ପ୍ରବଳ ଦହିବ ମୋ ତୃଣ-ଜୀବନ । ୧ ।
ଏତେବେଳେ ଯେବେ ନିସତ ହୋଇବି ନିନ୍ଦା କରିବେ ରାଜାମାନେ ।
ସମରେ ଜୀବନ ହୋଇଲେ ନିଧନ ସୁଖେ ବସିବି ସ୍ୱର୍ଗସ୍ଥାନେ ।
ଏମନ୍ତ, ଭାଳି କରେ ଗାଢ଼ ସମର ।
ମୁଷ୍ଟିକି ମୁଷ୍ଟି ପଡ଼ି ତାଳ କରନ୍ତେ ଶବଦେ କମ୍ପେ ତିନିପୁର । ୨ ।

---

୪୮ । ଦଇବତ–ଦେବତା ।
୫୦ । ସୀରପାଣି–ହଳଧର, ବଳରାମ । ଅମ୍ବରେ–ଆକାଶରେ । ଅମ୍ବରବାସୀ–ସ୍ୱର୍ଗବାସୀ, ଦେବଗଣ ।
୫୧ । ବାଳୀଶ–ମୂର୍ଖ ।
୧ । ନିଶାଚର–ଅସୁର । କଲିଟି ରାଜନ ବଚନ–ରାଜାର ଆଦେଶ କାହିଁକି ପାଳନ କଲି । ତୃଣଜୀବନ–ଅସାର ଜୀବନ, ସାମାନ୍ୟ ଜୀବନ ।
୨ । ନିସତ–ଦୁର୍ବଳ, ଶକ୍ତିହୀନ । ପଡ଼ିତାଳ–ପ୍ରହାର ।

Digitized by PPRACHIN, SOA

ବାହେ ବନ୍ଧାବନ୍ଧି ମୁଣ୍ଡେ କୋଡ଼ାକୋଡ଼ି ହିୟାକୁ ହିୟା ପ୍ରହାରନ୍ତି ।
ଜାନକୁ ଜାନୁ ପାଦକୁ ପାଦ ଛନ୍ଦି ପଡ଼ି ଉଠି ପୁଣି ଗଡ଼ନ୍ତି ।
ନାସିକା, ପବନ କି ଅବା ବତାସ ।
ଅଙ୍ଗକୁ ଅଙ୍ଗ ଠେସାଠେସି ହୁଅନ୍ତେ ବାହାର ହୁଅଇ ହୁତାଶ । ୩ ।
ଯେତେ ସାଧନ କଂସକୁ କହୁଥିଲେ ସେ କାହିଁ ହୋଇଲା ଅନ୍ତର ।
କୁଳବତୀ ଯେହ୍ନେ ବିଭଳିତ ହୋଇ କେ କଲେ ମୋହିନୀ ମନ୍ତର ।
ଗୋବିନ୍ଦ, ଅଙ୍ଗଲାଗି ହେଲା ତେସନ ।
ମତ୍ତ ନକୁଳକୁ ନୟନେ ଦେଖିଲେ ମୃତ୍ତିକା-ମାର୍ଜାର ଯେସନ । ୪ ।
ବିଷ୍ଣୁ ରଥଘାତ ପାଇଲେ ଯେମନ୍ତ ନିସତ ହୁଅଇ କୁଣ୍ଡଳୀ ।
ମତ୍ତ ଦ୍ୱିପିନ ସମ୍ମୁଖେ ପଡ଼ିଗଲେ ଯେହ୍ନେ କାତର ହୋଏ ଛେଳି ।
ମାତଙ୍ଗ, ସଙ୍ଗରେ କିବା ଯୁଝେ ଖର ।
ବନପତି ସଙ୍ଗେ ଛାର ଶଶା ସମ, ମୂଷିକ ମାର୍ଜାର ସଙ୍ଗର । ୫ ।
ବକ ଶାମଳ କାହିଁ ସମ ହୋଇବେ, ସମୁଦ୍ର ସଙ୍ଗେ କ୍ଷୁଦ୍ରନଦୀ ।
ଶ୍ୟେନ ସଙ୍ଗରେ ଆନ ଖଗ ତୁଳକି, ନରେଶ ସଙ୍ଗେ ଜମ୍ଭଭେଦୀ ।
ତେମନ୍ତ, କୃଷ୍ଣ ସଙ୍ଗେ ଦୁଷ୍ଟ ଅସୁର ।
ବେଳକୁ ବେଳ ବଳ କ୍ଷୀନ ହୋଇଲା ନିସତ ହୋଇଛି ଉଭାର । ୬ ।
ଦେଖି ପୁର ନରନାରୀ ବିଚାରନ୍ତି କଂସଠାରୁ ନାହିଁ ଦାରୁଣ ।
କଉଁ ସୁଖ ଶିରୀ ଅର୍ଜିବ ଏ ନନ୍ଦ-ନନ୍ଦନ ଦୁହିଙ୍କି ମାରିଣ ।
ଦଇବ । ଧର୍ମ ଯେବେ ସତ ହୋଇବ ।
ରାମ ଗୋବିନ୍ଦଙ୍କୁ ସଙ୍କଟୁ ରଖିବ, କଂସକୁ ସଂପୋଡ଼େ ଦହିବ । ୭ ।

---

୩ । କୋଡ଼ାକୋଡ଼ି—ମରାମରି । ହିୟାକୁ ହିୟା—ଛାତିକୁ ଛାତି । ଠେସାଠେସି—ଠେଲାଠେଲି । ହୁତାଶ—ଅଗ୍ନି ।

୪ । ସାଧନ—ମଲ୍ଲବିଦ୍ୟା । କୁଳବତୀ—ସତୀ ସ୍ତ୍ରୀ । ବିଭଳିତ—ବିହ୍ୱଳ ମତି । ମୋହିନୀ ମନ୍ତର—ମୋହିବା ମନ୍ତ୍ର, ଭୁଲାଇବା ମନ୍ତ୍ର । ମୃତ୍ତିକା ମାର୍ଜାର—କାଣ୍ଡନଳ ସାପ ।

୫ । ବିଷ୍ଣୁ ରଥ—ଗରୁଡ଼ । ନିସତ—ଶକ୍ତିହୀନ । କୁଣ୍ଡଳୀ—ସର୍ପ । ଦ୍ୱିପିନ—ବାଘ । ମାତଙ୍ଗ—ହାତୀ । ଖର—ଗଧ । ବନପତି—ସିଂହ ।

୬ । ଶାମଳ—କଳାଭଅଁର । ଶ୍ୟେନ—ବାଜପକ୍ଷୀ । ନରେଶ—ରାଜା । ଜମ୍ଭଭେଦୀ—ଇନ୍ଦ୍ର । ଉଭାର—ଠିଆ ।

୭ । ସଂପୋଡ଼େ—ଅବହେଳାରେ, ଅବଶରେ ।

Digitized by PPRACHIN, SOA

ମଞ୍ଚାରେ ଅନାଇ ଜନକ ଜନନୀ ହୃଦରେ କରନ୍ତି ବିଚାର ।
କରିବୁ ନାନା ଦାନ ଦେବ ଅର୍ଚ୍ଚନା ଏଥର ବଞ୍ଚିଲେ କୁମର ।
ବ୍ରାହ୍ମଣ, ମୁଖେ ଦେବୁଁ ମିଷ୍ଟ ଭୋଜନ ।
ଏତେ ଭାଳି ନେତ୍ରୁ ଲୋତକ ବରଷେ ମହୀକି ଲମ୍ବାଇ ଆନନ । ୮ ।
ତାତ ମାତ ନରନାରୀଙ୍କ ବିକଳ ଜାଣିଲେ ଜଗତ ଜୀବନ ।
ମତ୍ତ ମାଲ ଶିରେ ମୁଥେ ପ୍ରହାରିଲେ ଗିରିପରେ ବଜ୍ର ଯେସନ ।
ଶବଦ, ଶୁଣି ରଙ୍ଗସଭା ଚମକି ।
ବୀରମାନଙ୍କର ମନେ ପ୍ରତେ ହେଲା ଯମରାଜା ବିଜେ କଲାକି । ୯ ।
ଗୋବିନ୍ଦ ପ୍ରହାର ବାଜି ଝର ଝର ଶ୍ରୋଣି ବହେ ଫାଟି ମୂର୍ଦ୍ଧନି ।
ଜ୍ଞାନ ହାରି ମହୀ ଉପରେ ଶୋଇଲା ଆନନ୍ଦ ହେଉଛି ଅବନୀ ।
କ୍ଷଣକେ, ପୁଣି ଚେତାପାଇ ଉଠିଲା ।
ଗୋପୀନାଥ ଶିରେ ବଜ୍ର ସମ କରି ମୁଷ୍ଟିଏ ନେଇ ପ୍ରହାରିଲା । ୧୦ ।
ମତ୍ତ ହସ୍ତୀକି କୁସୁମମଣ୍ଡା ପ୍ରହାରିଲେ ସେ ହୁଅଇ ଯେମନ୍ତ ।
ସେହି ରୂପେ କୃଷ୍ଣ ଅଙ୍ଗକୁ ଲାଗିଲା ଦୁଷ୍ଟ ରାକ୍ଷସ ମୁଥଘାତ ।
ସେ ଘାତ, ସହି ଦକ୍ଷ କର ଧଇଲେ ।
ଚକ୍ରଗତି କରି ବୁଲାଇ ନିର୍ଘାତ କରି ଭୂମିରେ କଚାଡ଼ିଲେ । ୧୧ ।
ଛାଡ଼ିଲା ଜୀବନ ହୋଇଗଲା ଲୀନ ଗୋବିନ୍ଦ ଶ୍ରୀଅଙ୍ଗ ଦେଶରେ ।
କାମନା ଦହିଲା, ଶାନ୍ତିକି ବହିଲା, ପାତକ ଖଣ୍ଡିଲା ସତ୍ୱରେ ।
ପାମର, ମରନ୍ତା ନାହିଁକି କାଳରେ ।
ରିପୁଭାବରେ ଶ୍ରୀକୃଷ୍ଣ କରେ, ମଲା ରହିଲା ଅପୂର୍ବ ଧାମରେ । ୧୨ ।

---

୮ । ମହୀକି ଲମ୍ବାଇ ଆନନ—ତଳକୁ ମୁହଁପୋତି ।

୯ । ଜଗତଜୀବନ—ଶ୍ରୀକୃଷ୍ଣ ।

୧୦ । ଶ୍ରୋଣି—ରକ୍ତ । ମୂର୍ଦ୍ଧନି—ଛାତି ।

୧୧ । କୁସୁମ ମଣ୍ଡ—ଫୁଲ ଗୋଛା, ଫୁଲପେଣ୍ଡା । ଦକ୍ଷକର—ଡାହାଣ ହାତ । ଚକ୍ରଗତି କରି—ବୁଲାଇ । ନିର୍ଘାତ କରି—ନିଷ୍ଠୁର କରି ।

୧୨ । ହୋଇଗଲା...ଦେଶରେ—ସାଯୁଜ୍ୟ ମୁକ୍ତି ପାଇଲା । କାମନା—ବିଷୟ ବାସନା । ପାତକ—ପାପ । ଅପୂର୍ବ ଧାମରେ—ବୈକୁଣ୍ଠରେ ବା ବିଷ୍ଣୁଙ୍କ ଶରୀରରେ ।

Digitized by PPRACHIN, SOA

ଚାଣୂର ନିଧନ ଦେଖି ତମତମ ହୋଇଲେ ରୋହିଣୀ ନନ୍ଦନ ।
ମୁଷ୍ଟିକ ମୁଣ୍ଡରେ ମୁଷ୍ଟି ପ୍ରହାରିଲେ ଗିରି ଶିରେ ବଜ୍ର ଯେସନ ।
ଫାଟିଲା, ମୂର୍ଦ୍ଧନି ଛାଡ଼ିଲା ପ୍ରାଣକୁ ।
ପାଇଲା ସୁଗତି ପରମ ସମ୍ପତ୍ତି ହରିଲା କଲ୍ମଷ ଭାରକୁ । ୧୩ ।
ଅସୁରକୁ ମାରି ଅସୁର ବଇରୀ ମୁହୂର୍ତ୍ତେ ବିଶୋଇ ନାହାନ୍ତି ।
କୁକ୍‌କୁଟ ନାମେ ଏକ ଦୈତ୍ୟ ପ୍ରବେଶ ହୋଇଲା ରାମଚନ୍ଦ୍ର କତି ।
ତାହାକୁ, ମୁଷ୍ଟିଘାତେ ରାମ ମାଇଲେ ।
ଆଉ ଯେତେ ମଲେ ପ୍ରଖରେ ଧାଇଁଲେ ସେହି ତାହାଙ୍କ ସଙ୍ଗେ ଗଲେ । ୧୪ ।
ଦେଖି କଂସାସୁର କମ୍ପେ ଥରହର ବୋଲଇ ଶୁଣ ହେ ଡଗରେ ।
ନନ୍ଦ ଯଶୋଦା ଦେବକୀ ବସୁଦେବ ବହନ ବସାଅ ଶୂଳରେ ।
ଯେତକ, ଯାଦବ ସବୁଙ୍କୁ ବିନାଶ ।
ରାମକୃଷ୍ଣ ଦୁଇ ଭାଇଙ୍କ ସଙ୍ଘାତେ ମୁହିଁ ପେଶିବି ଯମପାଶ । ୧୫ ।
ଏହାଶୁଣି ହରି ଧାଇଁଲେ କେଶରୀ ଯେସନେ ଧରଇ ମୃଗକୁ ।
କିବା ଖଗବର ଫଣୀକି ଗ୍ରାସିଲା ଫଣୀ ଗ୍ରାସିଲା କି ବେଙ୍ଗକୁ ।
ତେମନ୍ତ, ପରାୟେ ଝାମ୍ପିଲେ ମୋହନ ।
ମଞ୍ଚାରେ ଉଠିବେ, ଦେଖି କଂସ ବୀର କୃପାଣ ଧଇଲା ବହନ । ୧୬ ।
ଧାଇଁ ପୀତବାସ ବାମକରେ କେଶ ଧଇଲେ ହୋଇ କୋପମୂର୍ତ୍ତି ।
ଦଇତ ଦଇତାରି ମୁଖ ଅନାଇ ଜୀବନ ଛାଡ଼ିଲା ତତତି ।
ନିର୍ବାଣ, ମୁକତି ପଥରେ ପଶିଲା ।
ଅଶେଷ ଜନ୍ମର କଲ୍ମଷ ଯେତକ ଗୋବିନ୍ଦ ଦର୍ଶନେ ନାଶିଲା । ୧୭ ।
କଂସ କବରୀ ଧରି ବ୍ରଜସୁନ୍ଦର ଡେଇଁଲେ କେଶରୀ ପରିରେ ।
ତଳେ ପଡ଼ିଲେ କଂସକୁ ତଳକରି ଶାମଳ କି ବକ ଉପରେ ?
ଯତନେ, ବୋଲନ୍ତି ଜଗତ ଜୀବନ ।
ଛାଡ଼ ଛାଡ଼ ମାମୁ ଉଚିତ ନୁହଇ ମୁଁ ତୁମ୍ଭ ବହିଣୀ ନନ୍ଦନ । ୧୮ ।

---

୧୩ । ତମତମ—କ୍ରୋଧ ଜର୍ଜରିତ । ରୋହିଣୀ ନନ୍ଦନ—ରୋହିଣୀଙ୍କ ପୁତ୍ର ବଳରାମ । ପରମ ସମ୍ପତ୍ତି—ମୁକ୍ତି । କଲ୍ମଷ—ପାପ ।

୧୪ । ବିଶୋଇ—ବିଶ୍ରାମ କରି । ରାମଚନ୍ଦ୍ର—ବଳରାମ । ରାମ—ବଳରାମ ।

୧୫ । ସଙ୍ଘାତେ—ସହିତରେ ।

୧୬ । କେଶରୀ—ସିଂହ । ଖଗବର—ଗରୁଡ଼ । ଫଣୀ—ସାପ । କୃପାଣ—ଖଡ୍‌ଗ ।

୧୭ । ଦଇତ—ଦୈତ୍ୟ ଅସୁର । ଦଇତାରି—ଶ୍ରୀକୃଷ୍ଣ । ତତତି—ହଠାତ୍ । ନିର୍ବାଣ—ବିଷୟ ବାସନା ମୋହରୁ ।

୧୮ । କବରୀ—କେଶଗୁଚ୍ଛ । ବହିଣୀ—ଭଉଣୀ ।

Digitized by PPRACHIN, SOA

ଛାଡ଼ିଲେ ବାଳ ନାଚନ୍ତି ନନ୍ଦବାଳ ସଙ୍ଗରେ ଗୋପାଳ ଶାବକ ।
କୁସୁମ ବରଷି ଜୟ ଜୟ ଭାଷି ଆନନ୍ଦ ହେଲେ ତିନିଲୋକ ।
ଗନ୍ଧର୍ବେ ଗାଇଲେ, ନାଚିଲେ କିନ୍ନର ।
ବୈଶ୍ୱାନର ଶିଖା-ମାନ ପ୍ରକାଶିଲା, ସଧୀରେ ବହିଲା ସମୀର । ୧୯ ।
ବିଦ୍ୟାଧର କୁଳ ହରଷ ହୋଇଲେ, ସ୍ତୁତି କରଇ ବେଦବର ।
ବସୁମତୀ ମତି ଯାହା ହେଉଅଛି, ତାହା ଜାଣନ୍ତି ଗଦାଧର ।
ବରୁଣ, କୁବେର, ଅରୁଣ, ଶଶାଙ୍କ ।
ଅତି ଆନନ୍ଦରେ ନିମଗ୍ନ ହୋଇଲେ, ଶଙ୍କା ଛାଡ଼ି ହେଲେ ନିଶଙ୍କ । ୨୦ ।
କୃତ୍ତିବାସ ରଙ୍ଗେ ତାଣ୍ଡବ କରନ୍ତି ସରିଲା ଯହୁଁ ଦୁଃଖଭାର ।
ଅଙ୍ଗ ଉଲ୍ଲସାଇ କୁଳିଶଧାରଣ ମୁଖକଲା ପଦ୍ମ ଆକାର ।
ଗୋବିନ୍ଦ, ରଖିଲେ ସକଳ ଅମର ।
ବୋଲେ ବଇରାଗୀ ଭକତଚରଣ ଜନଙ୍କ ସମ୍ପଦ ସାଗର । ୨୧ ।

## ତ୍ରୟୋବିଂଶ ଛାନ୍ଦ

### (ରାଗ—ଦେଶାକ୍ଷ । ମଧୁପ ଚଉତିଶା ବୃତ୍ତ)

କଂସ ନିଧନ ଯହୁଁ ଦେଖିଲେ ।
ରାଜାମାନେ ବେଗେ ପଳାଇ ଗଲେ ।
କଙ୍କ ଧଙ୍କ ଶକ୍ରଜିତ ମହାସେନ
ରାମକୃଷ୍ଣଙ୍କୁ ଯାଇଁ ବେଢ଼ିଲେ ସେ, ଅସୁରେ । ୧ ।
ଦେଖି ଧାଇଁଲେ କାଳିଭେଦୀ ।
ବୃତ୍ର ଯୁଦ୍ଧେ ଯେହ୍ନେ ଜମ୍ଭଭେଦୀ ।
ଲୋହ ମୂଷଳ ଉଗ୍ର ହୋଇ ପିଟିଲେ
ମଲେ ଗଲେ ସେ ଶମନ ଭୁବି ସେ, ଅସୁରେ । ୨ ।

---

୧୯ । ବୈଶ୍ୱାନର—ଅଗ୍ନି ।

୨୦ । ବେଦବର—ବ୍ରହ୍ମା । ବସୁମତୀ—ପୃଥିବୀ । ଗଦାଧର—କୌମୁଦକୀ ନାମକ ଗଦାକୁ ଯେ ଧାରଣ କରନ୍ତି, ଶ୍ରୀକୃଷ୍ଣ ।

୨୧ । କୃତ୍ତିବାସ—ଶିବ । ତାଣ୍ଡବ—ଶିବଙ୍କର ପ୍ରଳୟଙ୍କରୀ ନୃତ୍ୟ । କୁଳିଶଧାରଣ—ବଜ୍ରଧାରୀ, ଇନ୍ଦ୍ର । ସମ୍ପଦସାଗର—ସୁଖର ସାଗର, ସୁଖଦାତା ।

୧ । କଙ୍କ—କଂସର ଭାଇ । ଧଙ୍କ, ଶକ୍ରଜିତ, ମହାସେନ—ଅସୁର ରାଜାଗଣ ।

୨ । କାଳଭେଦୀ—କାଳିନ୍ଦୀ ଭେଦୀ; ବଳରାମ—ଯମୁନାକୁ ଲଙ୍ଗଳରେ କର୍ଷଣ କରିଥିବାରୁ ବଳରାମଙ୍କ ନାମ କାଳିନ୍ଦୀ ଭେଦୀ । ବୃତ୍ର—ବୃତ୍ରାସୁର । ଜମ୍ଭଭେଦୀ—ଇନ୍ଦ୍ର । ଶମନଭୁବି—ଯମଭୁବନ ।

Digitized by PPRACHIN, SOA

ରାଣୀମାନେ ଯେ ଥିଲେ ସଦନେ ।
ଲୋକେ କହିଲେ, ମଲେ ରାଜନେ ।
ଶୁଣି ରାକ୍ଷାସୁଣୀ ଧାଇଁଲେ ବହନ
ଯାଇ ହେଲେ କାନ୍ତ ସନ୍ନିଧାନେ ସେ । ସୁନ୍ଦରୀ । ୩ ।
କୋଳେ ଧରି ମୃତ କଳେବର
ମୁଖ ଚୁମ୍ବି ହୋଇ ସ୍ନେହଭର ।
ଉଚ୍ଚସ୍ୱରେ କାନ୍ଦି କରେ କର ଛନ୍ଦି
ଆହା ସ୍ୱାମି ବୋଲି ନେତ୍ରୁ ଧାର ସେ । ସୁନ୍ଦରୀ । ୪ ।
ଗୁଣ ବାଉନନ୍ତି ଏକେ ଏକେ ।
ହସ୍ତ ଅଙ୍ଗୁଳି ଭରନ୍ତି ମୁଖେ ।
ନାସା ଶ୍ରବଣ ଅଙ୍ଗୁଠି ଚିହ୍ନ ଦେଖି
ବାଳୀ ମହୀରେ ପଡ଼ନ୍ତି ଥୋକେ ସେ । ଅସୁରୀ । ୫ ।
ରାଣୀ ବୋଇଲା, ଶୁଣ ସଘାତ ।
ନିଶ୍ଚେ ନାଶିଲେ ମୋହର କାନ୍ତ ।
ଶରୀରେ କିଛି ଶହସ୍ତ୍ର ଘାତ ନାହିଁ
କେହ୍ନେ ମାଇଲେ ନନ୍ଦର ସୁତ ଗୋ । ସୁନ୍ଦରୀ । ୬ ।
ଶୁଣି ବୋଇଲା ଆର ଚତୁରୀ ।
ପୂତନାକୁ ମାଇଲେ କି କରି ।
ସେହିମତି ଅବା ଯଶୋଦାବାଳକ
ପ୍ରାଣନାଥ ନେଲେ ହରି ଗୋ ସୁନ୍ଦରୀ । ୭ ।
ଏତେ କହି କରନ୍ତି ରୋଦନ ।
ଭାଙ୍ଗି ପକାଇଲେ ଚୁଡ଼ିମାନ ।
କେଶବାସ ସର୍ବ ଅଶୋଭା ଦିଶିଲା
ପ୍ରାଣ ବିହୁନେ ପିଣ୍ଡ ଯେସନ ସେ । ସୁନ୍ଦରୀ । ୮ ।
ଆହା ସ୍ୱାମୀ ବୋଲି କେହୁ ପଡ଼େ ।
ବାହୁ-ମୃଣାଳ ହୃଦରେ କୋଡ଼େ ।
ଆହେ ପ୍ରାଣେଶ୍ୱର ମଥୁରା ଈଶ୍ୱର ।
ବୋଲି ମୃତ ପିଣ୍ଡ କେହୁ ଭିଡ଼େ ସେ । ସୁନ୍ଦରୀ । ୯ ।

---

୬ । ସଘାତ—ସଙ୍ଘାତ, ମିତ୍ର । ଶହସ୍ତ୍ର—ଶସ୍ତ୍ର ।
୯ । ମୃଣାଳ—ପଦ୍ମନାଡ଼; ବାହୁ ମୃଣାଳ—ପଦ୍ମନାଡ ପରି ବାହୁ । କୋଡ଼େ—ପିଟେ ।

Digitized by PPRACHIN, SOA

ଧାତା କାହିଁକି ଏମନ୍ତ କଲା ।
କଉଁ ଦୋଷକୁ କ୍ରୋଧ ବହିଲା ।
ଯୁବା କାଳେ ଆଣି ବିଧବା କରାଇ
କଉଁ ସୁଖ ଶିରୀ ଅରଜିଲା ସେ । ଦଇବ । ୧୦ ।
ଦୁଃଖୀ ନଥିବେ ଆମ୍ଭ ସମାନେ ।
ଖୋଜି ଆସିଲେ ତିନି ଭୁବନେ ।
ଏ ଛାର ଜୀବନ କାହିଁକି ରହିଛି
କାନ୍ତ ସଙ୍ଗେ ନଯାଇ ଶମନେ ହେ । ଦଇବ । ୧୧ ।
ଯାକୁ ଦଣ୍ଡେ ନ ଦେଖିଲେ ମରୁ
ଆସିବାକୁ ଚାହୁଁଥାଉ ଦୂରୁ
ଏବେ ସେ ସକଳ ସୁଖ ଦୂରଗଲା
ଯେହ୍ନେ ଛେଦିଲେ ନ ଲାଗେ ତରୁ ହେ । ଦଇବ । ୧୨ ।
ଆହା କ୍ଷତ୍ରିୟକୁଳ ଈଶ୍ୱର
କିମ୍ପା ଦୁଃଖ ନଶୁଣ ଆମ୍ଭର
ବଜ୍ରହୁଁ କଠିନ ହୃଦୟ ତୁମ୍ଭର
ମୁଦି ରହିଲ ମଧୁର ଗିର ହେ । ଭୋ ନାଥ । ୧୩ ।
ଯୁଦ୍ଧ ନକରି ଜିଣିଲି ଦେଶ
ଡରି ଅମରେ ତେଜିଲେ ବାସ
ରଣ ଛାଡ଼ି ରଣରଙ୍କାଏ ପଳାନ୍ତି
କର୍ଣ୍ଣେ ଶୁଣି ତୁମ୍ଭ ଧନୁ ଘୋଷ ହେ । ଭୋ ନାଥ । ୧୪ ।
ତିନି ଭୁବନେ ପଡ଼ିଲା ହୁରି
ନାମ ଶୁଣି ଦଣ୍ଡପାଣି ଡରି
ଅଇରି କୁଳକୁ କାଳ-ଦଇବତ
ପାଦ ବାଜି କମ୍ପେ ବସୁନ୍ଧରୀ ହେ । ଭୋ ନାଥ । ୧୫ ।

---

୧୦ । ଧାତା—ବିଧାତା ।
୧୧ । ଶମନେ—ଯମପୁର ।
୧୨ । ଛେଦିଲେ...ତରୁ—ଗଛକୁ କାଟିଦେଲେ ତାହା ଯେପରି ଆଉ ମୂଳ ସହିତ ଲାଗି ରହିପାରେନା ।
୧୩ । ମୁଦି...ଗିର—ମଧୁର ବାକ୍ୟ ବନ୍ଦ କରି ରହିଲ ।
୧୪ । ରଣରଙ୍କା—ରଣପ୍ରିୟ ବୀର । ଧନୁ ଘୋଷ—ଧନୁର ଟଙ୍କାର ।
୧୫ । ଦଣ୍ଡପାଣି—ଯମ । ଅଇରି...ଦଇବତ—ଶତ୍ରୁକୁଳର ଯମ ।

Digitized by PPRACHIN, SOA

ଏବେ ସେମାନ ଦୂରକୁ ଗଲା
ଯୁଦ୍ଧ ନକରି ଶିଶୁ ମାଇଲା
ଏଡ଼େ ଅକୀର୍ତ୍ତି ବଡ଼ ଲାଜ ହୋଇଲା ।
ଜ୍ୟେଷ୍ଠ ରାଣୀ ଏମନ୍ତ କହିଲା ସେ । ସୁନ୍ଦରୀ । ୧୬ ।

ଦୈତ୍ୟ ରାଣୀ କରଇ ବିଳାପ
ଚିତ୍ତେ ଲଭି ଅତି ଘୋର ତାପ
କଂସ ମୃତ କର ହୃଦରେ ନିବେଶି
ବୋଲେ କି କଲୁ ଜଗତବାପ ସେ । ସୁନ୍ଦରୀ । ୧୭ ।

ଆହା ମହାକ୍ଷତ୍ରୀ ବୀରବର
ତୋତେ ଦେଖି ଡରେ ସୁନାସୀର
ମତ୍ତ ଅହି ହୋଇ ଅଭାଗ୍ୟ ବେଳକୁ
ଏବେ ହୋଇଲ ମାଟି ମାର୍ଜାର ହେ । ଭୋ ଦେବ । ୧୮ ।

ହିତ କହିଲେ ଖଙ୍ଗ ବୁଝିଲ
ପାତ୍ର ମନ୍ତ୍ରୀଙ୍କ ବୋଲ ନକଲ
ତାଙ୍କ ସୁଖେ ସେ ଗୋପରେ ରହୁଥିଲେ
ଦୂତ ପେଷି କିପାଁ ଅଣାଇଲ ହେ । ଭୋ ଦେବ । ୧୯ ।

ଆପେ ପେଷିଲ ଯେତେ ଅସୁର
ତାଙ୍କୁ ମାଇଲେ ବେନି ସୋଦର
ତାହା ଜାଣୁ ଜାଣୁ ଏହା କିପାଁ କଲ
ଜାଣିଥିଲ କି ସମାନ ବୀର ହେ । ଭୋ ନାଥ । ୨୦ ।

ଅହି ଅତି କ୍ଷୁଦ୍ର ହୋଇଥାଇ
ବିଳ ଭିତରୁ ବାହାର ନୋହି
ତା ସମ୍ମୁଖେ ଯେବେ ମଣ୍ଡୁକୀ ପଡ଼ଇ
ଫେଣା ଟେକି ଗର୍ଜି କାମୁଡ଼ଇ ହେ । ଭୋ ଦେବ । ୨୧ ।

---

୧୭ । ଜଗତ ବାପ—ଜଗତ ସ୍ରଷ୍ଟା, ବିଧାତା ।

୧୮ । ସୁନାସୀର—ଇନ୍ଦ୍ର । ମାଟିର ମାର୍ଜାର—କାଣ୍ଡନଳ ସାପ ।

୧୯ । ଖଙ୍ଗ—ଅହିତ, ଅବୁଝା ।

୨୦ । ସମାନ ବୀର—ସମତୁଲ୍ୟ ବୀର, ସାମାନ୍ୟ ବୀର ।

୨୧ । ଅହି—ସାପ । ବିଳ—ଗର୍ତ୍ତ । ମଣ୍ଡୁକୀ—ବେଙ୍ଗ ।

Digitized by PPRACHIN, SOA

ସେହି ରୂପେ ସେ ନନ୍ଦର ବଳା
ବାଳ ଉରଗ ପରାୟେ ହେଲା
ସଦନୁ ବାହାରି ମାମୁଁକୁ ସଂହାରି
କାଳେ କାଳେ କୀର୍ତ୍ତି ରୁହାଇଲା ହେ । ଭୋ ଦେବ । ୨୨ ।
କାହା ସଙ୍ଗରେ ପଶା ଖେଳିବୁଁ
କାହା ଅଙ୍ଗେ ଚନ୍ଦନ ବୋଳିବୁଁ
କାହା ଆସିବାକୁ ଦ୍ୱାରବନ୍ଧ ଧରି
ଆମ୍ଭେ ପୁଣ ପୁଣ ଚାହୁଁଥିବୁଁ ହେ । ଭୋ ଦେବ । ୨୩ ।
କାହାପାଇଁ କରିବୁ ରନ୍ଧନ
ନାନା ବ୍ୟଞ୍ଜନ ସହିତେ ଅନ୍ନ
କାହାକୁ ତୃପତି କରି ଭୁଞ୍ଜାଇବୁଁ
କାହା ପତ୍ରେ କରିବୁଁ ଭୋଜନ ହେ । ଭୋ ଦେବ । ୨୪ ।
କାହା କରେ ପାନ ଭାଙ୍ଗି ଦେବୁଁ
କାହାପାଇଁ ବସ୍ତ୍ର କୁଞ୍ଚୁଥିବୁ
କାହାକୁ ଅନାଇ ଉଭା ହୋଇଥିବୁଁ
କାହାକୁ ପଙ୍ଖା ଆମ୍ଭେ କରିବୁଁ ହେ । ଭୋ ଦେବ । ୨୫ ।
କାହାପାଇଁ ଶଯ୍ୟା ଶେଯାଇବୁଁ
କାହା ଅଙ୍କେ ନିଶଙ୍କେ ବସିବୁଁ
କାହା ସଙ୍ଗେ ନାନା କଉତୁକ କରି
ବିଭାବରୀ ଆନନ୍ଦେ ବଞ୍ଚିବୁଁ ହେ । ଭୋ ଦେବ । ୨୬ ।
ପୁଷ୍ପେ ମଣ୍ଡିବୁଁ କାହାର ଶିର
କାହା କଣ୍ଠରେ ଖଞ୍ଜିବୁଁ ହାର
ସେମାନେ ଏବେ ଆଜ୍ଠୁଁ ଶୂନ୍ୟ ହୋଇଲା
ସାର ହୋଇ ହୋଇଲୁଁ ଅସାର ହେ । ଭୋ ଦେବ । ୨୭ ।
ସରୁ ବସନ କେ ପିନ୍ଧାଇବ
ନାନା ଅଳଙ୍କାର ଖଞ୍ଜାଇବ
କାହାକୁ ଅପୂର୍ବ ପଦାର୍ଥ ମାଗିଲେ
ମନ ଜାଣି କେହୁ ଆଣି ଦେବ ହେ । ଭୋ ଦେବ । ୨୮ ।

---

୨୨ । ବାଳ ଉରଗ–କାଳସର୍ପ, କ୍ଷୁଦ୍ରସର୍ପ । ରୁହାଇଲା–ରଖାଇଲା ।
୨୬ । ବିଭାବରୀ–ରାତ୍ରି ।
୨୭ । ଆଜ୍ଠୁଁ–ଆଜିଠାରୁ ।

Digitized by PPRACHIN, SOA

ଦୁଖୀ ହୋଇ ବସି ଭାଳୁଥିବୁଁ
ରଙ୍ଗ ବସନ ଭୂଷି ନୋହିବୁଁ
ନାନା ଅଳଙ୍କାର ବିହୁନେ ନିଦାଘ-
କାଳ ବୃକ୍ଷ ପରାଏ ହୋଇବୁଁ ହେ । ଭୋ ଦେବ । ୨୯ ।
ତୁନି ହୋଇ ରହିଲ କାହିଁକି ।
ଆମ୍ଭ ଆରତ ଶୁଣ ନାହିଁକି ?
ନିଷ୍ଠୁର ହୃଦୟ କିପାଇଁ ହେଉଛ
ସଙ୍ଗେ ଆମ୍ଭଙ୍କୁ ନେବ ନାହିଁକି ହେ । ଭୋ ଦେବ । ୩୦ ।
ତୁମ୍ଭ ଲାବଣ୍ୟ ଚନ୍ଦ୍ରମା ମୁଖ
ଦେଖି ପାଉଁଥାଉଁ ଯେତେ ସୁଖ
ସେ ସୁଖ ଆସି ଏବେ ଦୂର ହୋଇଲା
ଆମ୍ଭେ ଭୁଞ୍ଜିବୁଁ ଅନେକ ଦୁଃଖ ହେ । ଭୋ ଦେବ । ୩୧ ।
ଶୋଭା ନ ଦିଶେ ମଥୁରା ପୁର
କାହିଁ ଗଲେ ତୋର ଯେତେ ବୀର
ବନ୍ଧୁ ସହୋଦର ଗଜ ରଜକାରୀ
ଘେନି ଚଳିଲ ଶମନ ପୁର ହେ । ଭୋ ନାଥ । ୩୨ ।
ଏତେ କହିଲା କନିଷ୍ଠ ରାଣୀ
ପୁଣି କାନ୍ଦନ୍ତି ସକଳ ରାଣୀ
ଧାଈ ମୁଦୁସୁଲି ସହିତେ ଯେତେକ
ପଦେ ପଦେ କରି ଗୁଣ ଭଣି ସେ । କାମିନୀ । ୩୩ ।
ନାରୀମାନଙ୍କ ବିକଳ ଶୁଣି
ଦୟାସାଗର ମୁରଲୀ ପାଣି
କାନ୍ଦିଲା ପରାଏ ହୋଇ ମାଈଁଙ୍କର
ମଧ୍ୟେ ହୋଇଲେ ବରଜ ମଣି ସେ । ଗୋବିନ୍ଦ । ୩୪ ।

---

୨୯ । ରଙ୍ଗ...ନୋହିବୁଁ—ରଙ୍ଗିନ୍ ବସ୍ତ୍ର ଆଉ ପିନ୍ଧିବୁ ନାହିଁ, ବିଧବାର ଲକ୍ଷଣ । ନିଦାଘ...ହୋଇବୁ—ଗ୍ରୀଷ୍ମକାଳରେ ଛୋଟ ଗଛ ଯେପରି ଝାଉଁଳି ପଡ଼େ, ଆମ୍ଭେମାନେ ସେହିପରି ଝାଉଁଳି ପଡ଼ିବୁ ।

୩୦ । ଆରତ—ଦୁଃଖର କଥା ।

୩୩ । ମୁଦୁସୁଲୀ—ଦାସୀ ।

୩୪ । ବରଜମଣି—ଶ୍ରୀକୃଷ୍ଣ ।

Digitized by PPRACHIN, SOA

ବେନିକରେ ପୋଛନ୍ତି ନୟନ
ଚାହିଁ ମାଈଁମାନଙ୍କ ବଦନ
ଦଇବ କି କଲା ବାରେ ନ ସହିଲା
କଉଁ ଦୋଷକୁ କଲା ଏସନ ସେ । ବିଧାତା । ୩୫ ।
ତୁମ୍ଭମାନଙ୍କର କିସ ଗଲା
ବୀରବର ମାମୁ ମୋର ମଲା
କାହିଁ ପଶିବି କେଣିକି ପଳାଇବି
ମୋତେ ଦିଗ ଅନ୍ଧାର ଦିଶିଲା ହେ । ଦଇବ । ୩୬ ।
କାଳଯାକ ଥିଲୁଁ ପରଘରେ
ଗାଈ ଚରାଇ ନାନା କଷ୍ଟରେ
ସୁଖ ହୋଇ ଅନ୍ନ ଜଳ ନ ମିଳଇ
ଯାହାଥିଲା ମୋହ ଅଦୃଷ୍ଟରେ ହେ । ଦଇବ । ୩୭ ।
ମନେ ବିଚାରୁଥାଇ ମୋହୋର
ବଡ଼ ହେଲେ ଯିବି ମାମୁଘର
ସୁଖପାଇ ସର୍ବ ଦୁଖ ପାସୋରିବି
ଏବେ ଅଭାଗ୍ୟ କଲା ଅନ୍ତର ହେ । ଦଇବ । ୩୮ ।
ବଡ଼ ଆଶାକରି ଆସିଥିଲି
ଆଶା ସମୁଦ୍ରେ ଭସାଇ ଦେଲି
ଏହି କଥା ହେଲା ମାଈଁମାନଙ୍କର
ବିଧବା ରୂପ ଦେଖିଲି ହେ । ଦଇବ । ୩୯ ।
ମାମୁ ଗୁଣ ଅଛଇ ଯେତେକ
କହି ବସିଲେ ହେବ ଅନେକ
ତାତ ମାତଙ୍କୁ ଶାଙ୍କୋଳି ଦିଆଇଲା
ପୁଣ ମାଇଲା ଷଡବାଳକ ହେ । ଦଇବ । ୪୦ ।
ତାତ ନିସତେ ଚୋରାଇ ନେଲା
ନନ୍ଦ ଘରେ ମୋତେ ଲୁଚାଇଲା
ସେକଥା ଜାଣି ମାମୁ ମୋର ପୂତନା
ପେଷି ଥରେ ମୋତେ ସଙ୍ଖୋଳିଲା ହେ । ଦଇବ । ୪୧ ।

---

୩୭ । ଅଦୃଷ୍ଟରେ—ଭାଗ୍ୟରେ ।
୩୮ । ଅଭାଗ୍ୟ—ଦୁର୍ଭାଗ୍ୟ ।
୪୦ । ଶାଙ୍କୋଳି—ବେଡ଼ି, ବନ୍ଧନ ।
୪୧ । ସଙ୍ଖୋଳିଲା—ଖୋଜିପଠାଇଲା ।

Digitized by PPRACHIN, SOA

ପୁଣି ଶକଟା ତୃଣାହିଁ ଗଲେ
ବକା ବ୍ୟୋମା ଅଘା ବତ୍ସା ତୁଲେ
ମାତୁଳ ବୋଲେ ଥରେ ଥରେ ସଙ୍ଗୋଳି
ତାଙ୍କ ଉପକାର ସେହୁ କଲେ ହେ । ଦଇବ । ୪୨ ।
ସେହୁ ଗୁଣ କେ ଶୁଝି ପାରିବ
ଏହା ପରା ମାମୁ କେ ପାଇବ
ଆଉ ଯେତେ ଗୁଣ ଅଛି ତା କହିଲେ
ତାହା କେ ଅବା କର୍ଣ୍ଣେ ଶୁଣିବ ହେ । ୪୩ ।
ବଡ଼ ହେଲି ଯହୁଁ ନନ୍ଦଘରେ
ମାମୁ ସ୍ନେହକଲା ମୋହଠାରେ
ଅକ୍ରୂରକୁ ପେଷି ଡକାଇ ଆଣିଲା
ସୁଖେ ରଖିବ ବୋଲି ବାସରେ ହେ । ଦଇବ । ୪୪ ।
ଆଣି ବିଚାର ଗୋଟିଏ କଲା
ଗୋପେ ଥିଲା ଯେ ବହିଣୀବଳା
କେଡ଼େ ବୀରପଣ ହେଲାଣି ଜାଣିମା
ବୋଲି ହସ୍ତୀ ଦ୍ୱାରେ ଜଗାଇଲା ହେ । ଦଇବ । ୪୫ ।
ଧାଉଁ ଧାଉଁ ଗଜ ପଡ଼ି ମଲା
ମୋହ ନାମରେ ଶବଦ ହେଲା
ସେ କଥା ଜାଣି ଭୋଜକୁଳ ନୃପତି
ମାଲଙ୍କର ସଙ୍ଗେ ଯୁଝାଇଲା ହେ । ଦଇବ । ୪୬ ।
ମାଲେ ମଲେ ତାଙ୍କ ଅଭାଗ୍ୟରେ
ରାଜା ପ୍ରସନ୍ନ ହେଲା ମୋହରେ
ଆନନ୍ଦ ହୋଇ ବାଜଣା ବଜାଇଲା
ହସି ବସିଣ ମଞ୍ଚା ଉପରେ ହେ । ଦଇବ । ୪୭ ।
ମୁହିଁ ବିଚାର କଲଇଁ ମନେ
ପୂରି ଅଛନ୍ତି ରାଜନମାନେ
ତଳେ ଥାଇ ଯେବେ ଦର୍ଶନ କରିବି
ମାମୁ ଅସୁଖ ଧରିବେ ମନେ ସେ । ନୃପତି । ୪୮ ।

---

୪୪ । ବାସରେ—ଗୃହରେ ।

୪୫ । ବହିଣୀବଳା—ଭଉଣୀପୁଅ, ଭଣଜା ।

୪୬ । ଭୋଜକୁଳ ନୃପତି—କଂସ ।

Digitized by PPRACHIN, SOA

ଉଣା ଦିଶିବ ଏମନ୍ତ କଲେ
ଇନ୍ଦ୍ର ଡରଇ ଯାକୁ ଦେଖିଲେ
ତାହାର ଭଣଜା ତଳେ ଉଭା ହୋଇ
ଅଛି ଏମନ୍ତ ବୋଲିବେ କାଳେ ହେ । ଦଇବ । ୪୯ ।
ଏହା ଜାଣି ଉପରକୁ ଗଲି
ରାଜା ପାଶେ ପ୍ରବେଶ ହୋଇଲି
ସ୍ନେହକରି ମାମୁ ଧରିବା ବେଳକୁ
ଶିଶୁ ସିନା, ଡରି ଘୁଞ୍ଚିଗଲି ହେ । ଦଇବ । ୫୦ ।
ଧାଇଁ କୋଳ କରନ୍ତେ ବହନ
ଦୁହେଁ ପଡ଼ିଲୁ ମଞ୍ଚାତଳେଣ
ସୁକୁମାର ସିନା ଦୃମିଳା ନନ୍ଦନ
ଉଞ୍ଚୁ ପଡ଼ନ୍ତେ ଗଲା ଜୀବନ ହେ । ଦଇବ । ୫୧ ।
ମୋର ଅଭାଗ୍ୟକୁ ଏହା ହେଲା
ତୁମ୍ଭମାନଙ୍କର କିସ ଗଲା
କେତେ ସମ୍ପତ୍ତି ବଇଭୋଗ କରନ୍ତି
ତାହା ମନ୍ଦବିହି ନ ସହିଲା ଗୋ । ସୁମୁଖୀ । ୫୨ ।
କାହା ଖାଇବା ଅନ୍ନ ଫିଙ୍ଗିଲି
ଶିବଲିଙ୍ଗ କି ଅବା ଭାଙ୍ଗିଲି
ଏଣୁକରି ସିନା ଆଶା ନାଶଗଲା
ମାମୁ ଛେଉଣ୍ଡ ଦଶା ପାଇଲି ହେ । ଦଇବ । ୫୩ ।
କୃଷ୍ଣ କାନ୍ଦିବା ଦେଖି ସକଳେ
ବୁଡ଼ିଗଲେ ମହା ଦୁଃଖଜଳେ
ରାଣୀମାନେ ତୁନି ହୋଇଣ ରହିଲେ
ମୃତ୍ୟୁ ପିଣ୍ଡଛାଡ଼ି ତତକାଳେ ସେ । କାମିନୀ । ୫୪ ।
କୃଷ୍ଣ ଉୟରେ ଥୋକେ ନିବର୍ତ୍ତି
ଥୋକେ କର୍ମ ଆଦରି ତ୍ରପତି
ଥୋକେ ଶ୍ୟାମ ନବ ଲାବଣ୍ୟ ମୂରତି
ନେତ୍ରେ ଦେଖିଣ ହୋଇଲେ.ଶାନ୍ତି ସେ । କାମିନୀ । ୫୫ ।

---

୫୧ । ଦୃମିଳା ନନ୍ଦନ–ଦୁର୍ମିଳାପୁତ୍ର. କଂସ ।
୫୨ । ବଇଭୋଗ–ବିଶେଷ ଭୋଗ ।
୫୩ । ଛେଉଣ୍ଡ–ଶୂନ୍ୟ ।

Digitized by PPRACHIN, SOA

ଗୃହ ଭିତରେ ପଶିଲେ ଯାଇ
କାନ୍ତ ସ୍ୱରୂପ ମନରେ ଥୋଇ
ନନ୍ଦର ନନ୍ଦନ କଂସ କଳେବର
ଅଗ୍ନିମୁଖେ ଦହନ କରାଇ ସେ । ଗୋବିନ୍ଦ । ୫୬ ।

ଉଗ୍ରସେନଙ୍କୁ ନୃପତି କଲେ
ମାତା ପିତା ବନ୍ଧନ ଫେଡ଼ିଲେ
ନନ୍ଦ ଯଶୋଦାଙ୍କୁ ମେଲାଣି କରିଣ
ସୁଖେ ମଧୁ କଟକେ ରହିଲେ ସେ । ଗୋବିନ୍ଦ । ୫୭ ।

ନାନା କଉତୁକ ଲୀଳାମାନ
କରି ବିହରନ୍ତି କୃଷ୍ଣରାମ
କେତେଦିନେ ପୁଣି କୁବୁଜା ପୂରକୁ
ନନ୍ଦ ନନ୍ଦନ କଲେ ଗମନ ସେ । ଗୋବିନ୍ଦ । ୫୮ ।

ରାଜ୍ୟ ହୋଇଲା ଯହୁଁ ତାଙ୍କର
ଉଗ୍ରସେନଙ୍କୁ କଲେ ଈଶ୍ୱର
ରାତ୍ରକାଳେ କଂସ-ନାରୀମାନେ ଡରେ
ଗଲେ ଜରାସନ୍ଧ ରାଜା-ପୁରେ ସେ । କାମିନୀ । ୫୯ ।

ପିତା ଆଗରେ କାନ୍ଦି କହିଲେ
ସ୍ୱାମୀ ନାଶିଲେ ବୋଲି ବୋଇଲେ
କହେ ବଇରାଗୀ ଭକତ ଚରଣ
ନନ୍ଦ ନନ୍ଦନ ତାଙ୍କୁ ମାଇଲେ ହେ । ଜନକ । ୬୦ ।

## ଚତୁର୍ବିଂଶ ଛାନ୍ଦ

### (ବାଣୀ କଳଶା—ବନବାସ ଚଉତିଶା ବୃତ୍ତେ)

ଏଥୁ ଅନନ୍ତରେ କେତେକାଳ ଗଲା ବହି ।
ପଡ଼ିଲେ ଗୋବିନ୍ଦ ମନେ ଗୋପପୁର ଗୋଈ । ୧ ।

---

୫୯ । ଈଶ୍ୱର—ରାଜା । ଜରାସନ୍ଧ ରାଜାପୁର—ବାପଘର ।

୬୦ । ନାଶିଲେ—ନାଶଗଲେ ।

୧ । ଗୋଈ—ଗୋପୀ ।

Digitized by PPRACHIN, SOA

ଘୋଟିଲା ମଦନ ନିଶି, ଦିଶିଲା ଅନ୍ଧାର ।
ବେଳୁଁ ବେଳ କାୟାକୁ ଦହିଲା ରତିବର । ୨ ।
ଗୋପୀମାନଙ୍କର ସଙ୍ଗ ରଙ୍ଗ ପରିହାସ ।
ସୁମରନ୍ତେ ରତ୍ନାସନୁ ପଶ୍ଚିମେ ଦିନେଶ । ୩ ।
ବସୁଁଦେବ ପୁରେ ହରି କଲେକ ଭୋଜନ ।
ଦନ୍ତିଦନ୍ତ ପଲଙ୍କରେ କଲେକ ଶୟନ । ୪ ।
ସପନେ ଦେଖନ୍ତି ଗୋପ ବୃନ୍ଦାବନ ଦେଶ ।
ଚାରିପାଶେ ବେଢ଼ି ରହିଛନ୍ତି ଗୋପଶିଷ । ୫ ।
ପୁଣିହିଁ ଦେଖିଲେ ନନ୍ଦ-ମନ୍ଦିରେ ଅଛନ୍ତି ।
ଜନନୀ ଯଶୋଦା ଅଙ୍ଗେ କୁଙ୍କୁମ ଲେପନ୍ତି । ୬ ।
ପୁଣିହିଁ ଦେଖିଲେ କୁଞ୍ଜେ ଗୋପୀଙ୍କ ସଙ୍ଗରେ ।
କରନ୍ତି ବିବିଧ କେଳି ବସନ୍ତ କାଳରେ । ୭ ।
ପୁଣିହିଁ ଦେଖିଲେ ରାଧା ସଙ୍ଗେ କଉତୁକେ ।
ହୋଡ଼କରି ପଶାଖେଳ ଖେଳନ୍ତି ଉତ୍ସୁକେ । ୮ ।
ଏହା ଦେଖି ଶ୍ୟାମଘନ ଚମକି ପଡ଼ିଲେ ।
ଭେଦିଲା ମଦନ ଶର ଆରତ ହୋଇଲେ । ୯ ।
ବିଚାରନ୍ତି କେମନ୍ତେ ପାହିବ ବିଭାବରୀ ।
ପେଶିବି ଉଦ୍ଧବ କାଲି ଯିବ ଗୋପପୁରୀ । ୧୦ ।
ନନ୍ଦ ଯଶୋଦାଙ୍କ ଭଲମନ୍ଦ ବୁଝିଆସୁ ।
ମୋ ବାରତା କହି ଗୋପୀଙ୍କର ଦୁଃଖ ନାଶୁ । ୧୧ ।
ସେମାନେ ମୋହର ପ୍ରାଣ ମୁହିଁ ତାଙ୍କ ଧନ ।
ମୋହ ବିଚ୍ଛେଦରେ କେହି ବଞ୍ଚୁଥିବେ ଦିନ । ୧୨ ।
କହି ଆସିଥିଲି ଚାରିଦିନେ ବାହୁଡ଼ିବି ।
ଏବେ ତ ନ ଗଲି କେହି ବଞ୍ଚିବେ ବାନ୍ଧବୀ । ୧୩ ।

୨ । ରତିବର—କନ୍ଦର୍ପ ।
୩ । ରତ୍ନସାନୁ—ସୁମେରୁ ପର୍ବତ । ଦିନେଶ—ସୂର୍ଯ୍ୟ ।
୪ । ଦନ୍ତିଦନ୍ତ—ହାତୀଦାନ୍ତ ।
୮ । ହୋଡ଼କରି—ପଣକରି ।
୧୨ । କେହି—କିପରି ।
୧୩ । କେହି—କିପରି ।

Digitized by PPRACHIN, SOA

ଦଣ୍ଡେ ମାତ୍ର ଅନ୍ତର ହୋଇଲେ ହୋନ୍ତି ଯାହା ।
ଏବେ ଏତେ କାଳ ହେଲା କେ ହୋଇବ ସାହା । ୧୪ ।
ବନେ ଗଲେ ଚାହୁଁଥାନ୍ତି ଆସିବା ପଥକୁ ।
ଏବେ ସେହିରୂପେ ଚାହୁଁଥିବେ ମଥୁରାକୁ । ୧୫ ।
ଏମନ୍ତ ଭାଳନ୍ତି ନିଶି ହୋଇଲା ପ୍ରଭାତ ।
ଡାକିଲେ ଚରଣାୟୁଧ, କହେ ପରଭୃତ । ୧୬ ।
ଘନ ଘନ ଶଙ୍ଖ ସ୍ୱନ ଶୁଭେ ଦେବଆଳେ ।
ବାୟସ କପୋତ ନାଦ କଲେ କୋଳାହଳେ । ୧୭ ।
କୁଳବତୀମାନେ ଉଠି କରନ୍ତି କି ରତି ।
ରୂପଜୀବୀପୁରୁଁ ଜାର-ପୁରୁଷେ ପଳାନ୍ତି । ୧୮ ।
ଚୋରମାନେ ନିବର୍ତ୍ତିଲେ, ଚକ୍ରବାକେ ସୁଖୀ ।
ଦ୍ରୋଣଡରେ ଉଲୁକ ମଣ୍ଡୁକ ବିଳେ ଲୁଚି । ୧୯ ।
ପୂର୍ବ ଦିଗେ ଉଦୟ ହୋଇଲେ ଦିନକର ।
ଫୁଟିଲେ ପଙ୍କଜ, କୁମୁଦିନୀ ଲଜ୍ଜାଭର । ୨୦ ।
ଉଠିଲେ ଆସନ ତେଜି ପ୍ରଭୁ ଚକ୍ରପାଣି ।
ବାସଜଳେ ଆଚମନ କଲେ ଦାନ୍ତୁଆଣି । ୨୧ ।
ନିତ୍ୟକର୍ମ ସାରି ସ୍ନାନ ସୁବେଶ ହୋଇଲେ ।
ସାତ୍ୟକି ପେଷିଣ ଉଦ୍ଧବକୁ ଅଣାଇଲେ । ୨୨ ।
କହନ୍ତି କୋମଳ କରି ବସୁଦେବ ସୁତ ।
ଆମ୍ଭ ଆଜ୍ଞା ଘେନି ତୁମ୍ଭେ ଗୋପେ ହୁଅ ଦୂତ । ୨୩ ।

---

୧୬ । ଚରଣାୟୁଧ—କୁକୁଡ଼ା । ପରଭୃତ—କୋଇଲି ।

୧୭ । ଦେବଆଳେ—ଦେବାଳୟରେ । ବାୟସ—କାକ ।

୧୮ । ରୂପଜୀବୀ—ବେଶ୍ୟା । ଜାର ପୁରୁଷ—ବିଟପୀ ପୁରୁଷ ।

୧୯ । ଚକ୍ରବାକ ସୁଖୀ—ସକାଳେ ଚକ୍ରବାକ ଚକ୍ରବାକୀଙ୍କର ମିଳନ ହୁଏ । ଦ୍ରୋଣ—କାକ । ଉଲୁକ—ପେଚା । ମଣ୍ଡୁକ—ବେଙ୍ଗ । ବିଳେ—ଗାତରେ ।

୨୦ । ଦିନକର—ସୂର୍ଯ୍ୟ । ଲଜ୍ଜାଭର—ମୁଦ୍ରିତ ହେଲା ।

୨୧ । ଚକ୍ରପାଣି—ଚକ୍ରଧର, ଶ୍ରୀକୃଷ୍ଣ । ବାସଜଳ—ସୁଗନ୍ଧଜଳ । ଆଚମନ—ଧୌତ । କଲେ ଦାନ୍ତୁଆଣି—ଦାନ୍ତ ଘଷିଲେ ।

୨୨ । ସାତ୍ୟକି—ଶ୍ରୀକୃଷ୍ଣଙ୍କ ସାରଥି ।

Digitized by PPRACHIN, SOA

ଆମ୍ଭର କୁଶଳ ନନ୍ଦ ଯଶୋଦାଙ୍କୁ କହି ।
ବୃନ୍ଦା ଆଦି ଗୋପରେ ଅଛନ୍ତି ଯେତେ ଗୋଈ । ୨୪ ।
ସୁଦାମ, ଶ୍ରୀଦାମ ଘେନି ଯେତେ ମୋର ସଙ୍ଗ ।
ତାହାଙ୍କୁ ମୋହର ଶୁଭ କହ ଯାଇଁ ବେଗ । ୨୫ ।
ସେମାନେ ମୋହର ଦେହ ମୁହିଁ ତାଙ୍କ ପ୍ରାଣ ।
ତାଙ୍କଠାରେ ଉଦ୍ଧବ ମଣିବ ନାହିଁ ଆନ । ୨୬ ।
ଏତେ ବୋଲି ପତ୍ର ଲେଖି ଭକ୍ତ ହସ୍ତେ ଦେଲେ ।
ଆଜ୍ଞା ପାଇ ରହୁବରେ ଉଦ୍ଧବ ପେଶିଲେ । ୨୭ ।
ଆନନ୍ଦ ମନରେ ସେ କୁରୁର ନିଜସୁତ ।
ବାହଇ ବିଚିତ୍ର କରି କାଳକେତୁ ରଥ । ୨୮ ।
ବିଚାରଇ ମୋହଠାର କୃଷ୍ଣର ସୁଦୟା ।
ତିଳାର୍ଦ୍ଧେ ପ୍ରମାଣେ ହୃଦପଦ୍ମେ ନାହିଁ ମାୟା । ୨୯ ।
ଯେଉଁ ଗୋପୀମାନଙ୍କୁ ଭାବନ୍ତି ସୁର, ମୁନି ।
ଯକ୍ଷ, ରକ୍ଷ, ଗନ୍ଧର୍ବ, ଶଙ୍କର, ପଦ୍ମଯୋନି । ୩୦ ।
ଭାବି ଲଭି ନାହାନ୍ତି ଯାହାଙ୍କ ପାଦରଜ ।
ତାଙ୍କୁ ସଙ୍ଖୋଳିବାକୁ ପେଷିଲେ ଦେବରାଜ । ୩୧ ।
ଧନ୍ୟ ମୋର ତାତ ମାତ ଧନ୍ୟ ମୋ ଜୀବନ ।
ଧନ୍ୟ ମୋର ନୟନ ଦେଖିବି ଗୋପୀଜନ । ୩୨ ।
ଏତେ ବୋଲି ରହୁବର ବାହଇ ବେଗେ ସେ ।
ବେନି ନେତ୍ରୁଁ ଅଶ୍ରୁଧାର ବହଇ ବରଷେ । ୩୩ ।
କୃଷ୍ଣ କୃଷ୍ଣ ବୋଲି ଉଚ୍ଚେ ବୋଲଇ ଆନନ୍ଦେ ।
ପ୍ରେମେ ଥର ଥର ତନୁ କ୍ଷଣେ କ୍ଷଣେ କାନ୍ଦେ । ୩୪ ।
ଘନ ଘନ ବାହେ ଯାନ ମନର ଉତ୍ସୁକେ ।
ଦେଖିଲା ଖେଳନ୍ତି ପଥେ ଗୋପର ବାଳକେ । ୩୫ ।

---

୨୭ । ରହୁବରେ--ରଥଶ୍ରେଷ୍ଠରେ ।

୨୮ । କୁରୁର ନିଜସୁତ—ଉଦ୍ଧବ । କାଳକେତୁ—ରଥର ନାମ ।

୨୯ । ତିଳାର୍ଦ୍ଧ—ତିଳର ଅର୍ଦ୍ଧ, ସାମାନ୍ୟ ମାତ୍ର ।

୩୦ । ପଦ୍ମଯୋନି—ବ୍ରହ୍ମା ।

୩୧ । ପାଦରଜ—ପାଦଧୂଳି । ସଙ୍ଖୋଳିବାକୁ--କୁଶଳାଦି ପ୍ରଶ୍ନ କରିବାକୁ ।

Digitized by PPRACHIN, SOA

ଉଦ୍ଧବ ବୋଲନ୍ତି ଆହେ ଶିଶୁମାନେ ଶୁଣ ।
କହ ଏହୁ ଗ୍ରାମର ଅଟଇ କିସ ନାମ । ୩୬ ।
ଏହା ଶୁଣି ବ୍ରଜ ସୁତେ ବୋଲନ୍ତି ହେ ରଥି ।
ଏହଟି ଶ୍ରୀ ଗୋପ ନଗର କୃଷ୍ଣ ଥିଲେ ଏଥି । ୩୭ ।
କାଳଯାକ ସାଙ୍ଗ ହୋଇ ଖେଳୁଥିଲୁ ରଙ୍ଗେ ।
ଧାତା ଭିନ୍ନ କଲା ଗଲେ ଅକ୍ରୂରର ସଙ୍ଗେ । ୩୮ ।
ସେହିଦିନୁ ଅସୁନ୍ଦର ଦିଶିଲୁ ନନ୍ଦନ ।
ଚନ୍ଦ୍ରମା ନ ଥିଲେ ତାରା ଦିଶନ୍ତି ଯେସନ । ୩୯ ।
ମୂଳ ଗଲେ ଡାଳ ଯେଉଁ ପ୍ରକାରେ ଦିଶଇ ।
ସେହିରୂପେ ଗୋବିନ୍ଦ ବିହୁନେ ଅଛୁ ରହି । ୪୦ ।
ଏମନ୍ତ ସମୟେ ତହିଁ ଏକଇ ନନ୍ଦନ ।
କୃଷ୍ଣ କଥା ଶୁଣି ଆଖି କଲା ଥନ ଥନ । ୪୧ ।
କାନ୍ଦି ମହୀ ଉପରେ ପଡ଼ିଲା ଗୋପସୁତ ।
ଶିରେ କର ତାଡ଼ି ବୋଲେ ଆହାରେ ବିଧାତ । ୪୨ ।
ଯେତେ ସୁଖେ କୃଷ୍ଣ ସଙ୍ଗେ କରୁଥାଉଁ ଲୀଳା ।
ଏବେ ସେ ସପନ ଧନ ପ୍ରାୟେ କାହିଁ ଗଲା । ୪୩ ।
ଏହିଠାରେ ଏକଦିନେ ମୋର ସଙ୍ଗେ ହରି ।
ଖେଳେ ଜିଣି କ୍ରୋଧକରି ନେଲେ ମୋତେ ଧରି । ୪୪ ।
ଯମୁନାରେ ବୁଡ଼ାଇ ବୋଲିଲେ ଅଙ୍ଗେ ବାଲି ।
ଛାଡ଼ିଦେଲେ ଯାଇଁ ରାଣୀ ଆଗରେ କହିଲି । ୪୫ ।
ଶୁଣି ମାଏ ଛାଟ ଧରି ଗୋଡ଼ାଇଲେ ରାଗେ ।
ଗୋବିନ୍ଦ ପଳାନ୍ତି ମୁହିଁ ଓଗାଳିଲି ଆଗେ । ୪୬ ।
ଧାଇଁ ଯଶୋବନ୍ତୀ କର ଧଇଲେ ତାଙ୍କର ।
ଡରି ଶ୍ୟାମଘନ ବୋଲେ ଯୋଡ଼ି ବେନିକର । ୪୭ ।
ସେ ଯାହା କହିଲେ ମାଏ ହୋଇଲେ ସନ୍ତୋଷ ।
ସେ କଥା ସୁମରି ଉଡ଼ି ଯାଉଛି ସାହସ । ୪୮ ।
ଏହିମତେ ପୋଏ ପୂର୍ବକଥା ମାନ କହି ।
ଉଭା ହୋଇଛନ୍ତି ନେତ୍ରୁଁ ଅଶ୍ରୁଯାଏ ବହି । ୪୯ ।

---

୪୧ । ଏକଇ ନନ୍ଦନ—ଜଣେ ଗୋପ ବାଳକ । ଆଖି କଲା ଥନଥନ—ଆଖିକୁ ଅଶ୍ରୁପୂର୍ଣ୍ଣ କଲା ।
୪୬ ।· ଓଗାଳିଲି—ଅଟକାଇଲି ।
୪୯ । ପୋଏ—ପୁଅଟି ।

Digitized by PPRACHIN, SOA

ଏହା ଦେଖି ଉଦ୍ଧବ ବିଚାର କରେ ମନେ
ଧନ୍ୟ ଏ ଗୋକୁଳପୁର ଧନ୍ୟ ଏଥି ଜନେ । ୫୦ ।
ଏ ବାଳକ କୃଷ୍ଣର ବିଷୟ ଏତେ ଭାବ ।
ଗୋପୀଙ୍କର ମନ ଅବା କେତେ ରସେ ଥିବ । ୫୧ ।
ଏହା ଭାଳୁଁ ଉଦ୍ଧବକୁ ବୋଲନ୍ତି ନନ୍ଦନ ।
ତୁମ୍ଭେ କେଉଁ ଦେଶରୁ କରିଛ ଆଗମନ । ୫୨ ।
ଏହିମତି ଅକ୍ରୂର ଥରକେ ଆସିଥିଲା ।
ରଥେକ ଆରୋହି ଗୋପ ସମ୍ପଦ ନାଶିଲା । ୫୩ ।
ଏଣୁ କରି ଭୟ ପାଇ କରୁଛୁଁ ବିଚାର ।
ତଥାପି ଆସିଛ ଆଉ କି ନେବ ଏଥର । ୫୪ ।
କାହାର ନନ୍ଦନ ତୁମେ କହ ହେ ଗୋସାଇଁ ।
ଶୁଣି କୃଷ୍ଣଦୂତ କହେ ଉଦ୍ଧବଟି ମୁହିଁ । ୫୫ ।
ତୁମ୍ଭରି ନିମନ୍ତେ ମୋତେ ପେଷିଛନ୍ତି ହରି ।
ଚାଲ ହେ ବାଳକେ ଯିବା ନନ୍ଦଗୋପପୁରୀ । ୫୬ ।
ଶୁଣି ବ୍ରଜବାଳକେ ଆନନ୍ଦମନେ ଧାଇଁ ।
ନନ୍ଦର ନବର ନେଇ ଦେଲେକ ଦେଖାଇ । ୫୭ ।
ଭିତରେ ପଶି ନନ୍ଦନେ ରାଣୀ ଆଗେ କହି ।
ବୋଲେ ଭକ୍ତଦାସ ନେତ୍ରୁ ଜଳଯାଏ ବହି । ୫୮ ।

## ପଞ୍ଚବିଂଶ ଛାନ୍ଦ

## (ରାଗ—କାମୋଦୀ)

ବୋଲନ୍ତି ନନ୍ଦନେ ଶୁଣଗୋ ଜନନି ଅପୂର୍ବ ଚରିତ ।
ରାମକୃଷ୍ଣ ବେନି ଦୂତ ପେଷିଛନ୍ତି କହିବେ ଉଦନ୍ତ । ୧ ।
ରଥେ ଆରୋହି ଉଦ୍ଧବ ଆସି ରହିଅଛନ୍ତି ଦୁଆରେ ।
ହାରପରା କରି ପତ୍ରିକା ଖଣ୍ଡିଏ ଲମ୍ବାଇ ହିୟାରେ । ୨ ।

---

୫୦ । ଗୋକୁଳ ପୁର—ଗୋପପୁର ।
୫୮ । ନନ୍ଦନେ—ଗୋପବାଳକମାନେ, ପୁଅମାନେ ।
୧ । ଉଦନ୍ତ—ସମ୍ବାଦ ।
୨ । ହିୟାରେ—ବକ୍ଷରେ ।

Digitized by PPRACHIN, SOA

ଶୁଣି ଯଶୋବନ୍ତୀ ଆନନ୍ଦେ ଉଠିଲେ ଆଗରେ କୁମରେ ।
ଘରୁ ବାହାରି ଉଦ୍ଧବଙ୍କୁ ଭେଟିଲେ କମ୍ପିଲେ କାତରେ । ୩ ।
କୃଷ୍ଣର ମୂରତି ପରାଏ ଦିଶେ ଉଦ୍ଧବ ବିଗ୍ରହ ।
ପୁତ୍ର ପ୍ରାୟେ ମଣି ନନ୍ଦର ଘରଣୀ କରଇ ସେନେହ । ୪ ।
ପାରୁଶେ ମିଳି ଦେଖିଲେ ବନମାଳୀ ନୁଅନ୍ତି ଜାଣିଲେ ।
ଦଇବ କାହିଁ ଗୋବିନ୍ଦ ଭେଟାଇବ ମନରେ ଗୁଣିଲେ । ୫ ।
ବସ ବୋଲି ହେମ ଜଡ଼ିତ ଆସନ ତୁରିତେ ପକାଇ ।
ସୁବାସିତ ଜଳ ଚରଣ ଧଉତ ନିମନ୍ତେ ଦିଅଇ । ୬ ।
ଆଦର ପାଇ ଚରଣ ବେନି ଧୋଇ ବସିଲେ ଆସନ ।
ବୋଲନ୍ତି ଯଶୋଦା କି କାର୍ଯ୍ୟେ ଆପଣ କରିଛ ଗମନ । ୭ ।
ଅକ୍ରୂରକୁ ପେଷି କୃଷ୍ଣ ଘେନିଗଲ ସାରିଲ ସମ୍ପତ୍ତି ।
ଏଥି ଉପରେ ବିଚାର କରିବାକୁ ନାହିଁ ନା ବିପତ୍ତି । ୮ ।
ତୁମ୍ଭେ ଏବେ କିସ ନେବାକୁ ଆସିଛ ନେବ କି ଜୀବନ ।
ଉତ୍ତମ ହୁଅନ୍ତା ସନ୍ତାପ ସରନ୍ତା ହରନ୍ତି ଦୁର୍ଦ୍ଦିନ । ୯ ।
ଯେତେ ଦିନୁ ଶ୍ୟାମସୁନ୍ଦର ଗଲେନି ମଥୁରା ଭୁବନ ।
ସେହି ଦିନୁ ଦୁଃଖ କ୍ଷଣେ ନାହିଁ ସୁଖ ପୋଡ଼ଇ ଜୀବନ । ୧୦ ।
ଅନ୍ଧ ହସ୍ତରୁ ଯଷ୍ଟି ଗଲେ ସେ ଯେହ୍ନେ ହୁଅଇ ଉଦ୍ଧବ ।
ସେହିରୂପେ ମୁହିଁ ଭ୍ରମି ମରୁଅଛି ଗଲାରୁ ମାଧବ । ୧୧ ।
ବାରି ବିହୁନେ ବାରିଜ ଯଉଁ ମତେ ହଂସର କିରଣେ ।
ତପତ ସଲିଳେ ଥିଲେ ଝସମାନେ ହୁଅନ୍ତି ଯେସନେ । ୧୨ ।

---

୩ । କୁମରେ—ଗୋପବାଳକମାନେ ।
୪ । ବିଗ୍ରହ—ଶରୀର ।
୫ । ପାରୁଶେ—ପାଖରେ । ନୁଅନ୍ତି—ନୁହନ୍ତି ।
୬ । ହେମ ଜଡ଼ିତ—ସୁବର୍ଣ୍ଣ ଖଚିତ ।
୭ । କରିଛ ଗମନ—ଆସିଅଛ ।
୮ । ପେଶି—ପଠାଇ ।
୯ । ଦୁର୍ଦ୍ଦିନ—ଦୁଃଖର ଦିନ, ଶ୍ରୀକୃଷ୍ଣଙ୍କ ବିରହରେ ଦୁଃଖର ସମୟ ।
୧୦ । ଶ୍ୟାମ ସୁନ୍ଦର—ଶ୍ରୀକୃଷ୍ଣ ।
୧୧ । ଯଷ୍ଟି—ବାଡ଼ି ।
୧୨ । ବାରି—ଜଳ । ବାରିଜ—ପଦ୍ମ । ହଂସ—ସୂର୍ଯ୍ୟ । ଝସମାନେ—ମାଛମାନେ ।

Digitized by PPRACHIN, SOA

ମଧୁସୂଦନ ପରହାତ ହୋଇଲେ ସରଘା ଯେସନ ।
ଦ୍ୱିଜରାଜକୁ ନ ଦେଖିଲେ ଯେମନ୍ତ କୁମୁଦ ବିପିନ । ୧୩ ।
ସେହିପରା ହୋଇ ନିରତେ ବଞ୍ଚଇ ଗଲାରୁ ନନ୍ଦନ ।
କା ଆଗେ କହିବି କେ ଦୁଃଖ ଶୁଣିବ ଦଇବ ଦାରୁଣ । ୧୪ ।
ମୋ ସୁଖ ସମ୍ପତ୍ତି ଦେଖି ନ ପାରିଲା ବହିଲା ଅହନ୍ତା ।
ଯାହାକଲା ତାହା କ୍ଷଣକେ ଶୁଝନ୍ତି ପାରୁଶେ ଥାଆନ୍ତା । ୧୫ ।
କହୁଁ କହୁଁ ନେତ୍ରୁ ବାରି ବରଷଇ ତିନ୍ତଇ ଦୁକୂଳ ।
ଯଶୋଦା ବିଳାପ ଦେଖି ହରିଦୂତ ହୋଇଲେ ବିକଳ । ୧୬ ।
ବୋଲନ୍ତି ଉଦ୍ଧବ ଶୁଣ ଗୋ ମାଧବ-ଜନନୀ ମୋ ଗିର ।
ଅବଶ୍ୟ ଆସିବେ ତୁମ୍ଭ ଦୀନବନ୍ଧୁ ଏ ଗୋପନଗର । ୧୭ ।
ସକଳ ଜୀବରେ ବିହାର କରଇ ନାହିଁ ତା ବିକାର ।
ସକଳ ମନ୍ତ୍ର ସକଳ ବେଦାନ୍ତରେ ଯେସନେ ଓଁକାର । ୧୮ ।
ସେହିରୂପେ ଜଳ ସ୍ଥଳ ଆକାଶରେ ପୂରିଛି ଗୋବିନ୍ଦ ।
ତାହା ନ ଥିବାର ସଂସାରେ ନାହାନ୍ତି ବିଅର୍ଥେ ନ କାନ୍ଦ । ୧୯ ।
ତୁମ୍ଭ ଦେହ ସେହି ମୋର ଦେହେ ସେହି କାନ୍ଦଇ କନ୍ଦାଇ ।
ହସାଇ ହସି, ରସାଇ ରସେ, ବାନ୍ଧି ବନ୍ଧାଇ ହୁଅଇ । ୨୦ ।
ମାରଇ ତାରଇ ସୃଜଇ ସକଳ ତାହାର ଘଟଣା ।
କୀଟୁଁ ବ୍ରହ୍ମ ଯାଏ ବ୍ୟାପି ରହିଅଛି ନ ଯାଇ ଗଣନା । ୨୧ ।

---

୧୩ । ମଧୁସୂଦନ—ମହୁଫେଣା । ସରଘା—ମହୁମାଛି । ଦ୍ୱିଜରାଜ—ଚନ୍ଦ୍ର । କୁମୁଦ ବିପିନ—କଇଁବଣ ।

୧୪ । ନନ୍ଦନ—ପୁତ୍ର, ଶ୍ରୀକୃଷ୍ଣ । ଦାରୁଣ—ନିର୍ମମ ।

୧୫ । ଅହନ୍ତା—ଶତ୍ରୁତା ।

୧୬ । ଦୁକୂଳ—ବସ୍ତ୍ର । ହରିଦୂତ—ଶ୍ରୀକୃଷ୍ଣଙ୍କର ଦୂତ, ଉଦ୍ଧବ ।

୧୭ । ଗିର—ବଚନ, କଥା ।

୧୮ । ସକଳ ଜୀବରେ ବିହାର କରଇ—ଅନ୍ତର୍ଯ୍ୟାମୀ । ନାହିଁ ତା ବିକାର—ନିର୍ବିକାର ।

୧୯ । ବିଅର୍ଥେ—ବୃଥାରେ ।

୨୦ । ସେହି—ଅନ୍ତର୍ଯ୍ୟାମୀ ପୁରୁଷ, ଶ୍ରୀକୃଷ୍ଣ ।

୨୧ । ତାରଇ—ତ୍ରାଣକରେ, ମୁକ୍ତି ଦିଏ । ସୃଜଇ—ସୃଷ୍ଟି କରେ । ନଯାଇ ଗଣନା—ଗଣନା କରାଯାଇ ପାରିବ ନାହିଁ, ଅଗଣିତ ।

Digitized by PPRACHIN, SOA

ଏ ବାଣୀ ଶୁଣି ବୋଲନ୍ତି ନନ୍ଦ ରାଣୀ ଶୁଣ ହେ ଉଦ୍ଧବ ।
ତାହା କେ ଜାଣଇ ମନକୁ ଆଣଇ ମୋ ପୁତ୍ର ମାଧବ । ୨୨ ।
ସେମାନେ ଊର୍ଦ୍ଧ୍ୱରେତାମାନେ ଜାଣନ୍ତି, କରନ୍ତି ସାଧନ ।
ଆମ୍ଭେ ଯେ ଯୁବତୀ ଶୁଦ୍ଧ ନୋହେ ମତି ମୂଳହିଁ ନନ୍ଦନ । ୨୩ ।
ବୋଇଲ ଯେ ମୋହୋ ଦେହରେ ରହିଛି ଏ କଥା ପ୍ରମାଣ ।
ନିରବଧି ହୃଦେ ନର୍ତ୍ତନ କରଇ ମୋହରି ନନ୍ଦନ । ୨୪ ।
ଶୁଣି ଏ ବଚନ ଉଦ୍ଧବ ବୋଲନ୍ତି ଶୁଣ ଗୋ ଜନନି ।
ବିଅର୍ଥେ କିପାଇଁ ମୋହୋର ମୋହୋର ବୋଲୁଛ ନ ଜାଣି । ୨୫ ।
ଜ୍ଞାନୀମାନେ ଯାର ଚରଣ ପୂଜନ୍ତି ତରିବା ନିମନ୍ତେ ।
ରୂପ ନୁହଇ ସେ ଅରୂପ ନୁହଇ ଶୂନ୍ୟ ସେ ଅନନ୍ତେ । ୨୬ ।
ଏଣୁକରି ବ୍ରହ୍ମଜ୍ଞାନୀମାନେ ଠୁଳ ବୋଲିଣ ବୋଲନ୍ତି ।
ତୁମ୍ଭେ ତାହା ଜାଣି ନ ପାରିବ ଶୁକ ସନକେ ଜାଣନ୍ତି । ୨୭ ।
ଭବ ବିରଞ୍ଚି ନାରଦ ଶେଷ ଜାଣି ନ ଜାଣି ଭ୍ରମନ୍ତି ।
ଏଡ଼େ ପ୍ରଭୁଙ୍କୁ ପୁତ୍ର କରି ଭାବୁଛ ଦଇବେ ଯୁବତୀ । ୨୮ ।
ଶୁଣି ଗୋବିନ୍ଦ-ଗର୍ଭଧାରୀ ବୋଲନ୍ତି ଶୁଣ ହେ ଯାଦବ ।
ତାହା କେ ଜାଣଇ ଯେତେ ବୁଝାଇଲେ ମୋ ପୁତ୍ର ମାଧବ । ୨୯ ।
ଠୁଳ ଶୂନ୍ୟ ବୋଲି ଯାହାକୁ ବୋଲୁଛ ସେ ନୋହେ ଗୋଚର ।
ତୁମ୍ଭେ ତାହାକୁ କି କରି ବଶ କଲ ସେ ନୋହେ କାହାର । ୩୦ ।

---

୨୨ । ଊର୍ଦ୍ଧ୍ୱରେତା—ଯୋଗୀ । ସାଧନ—ଯୋଗ ସାଧନ । ଶୁଦ୍ଧ ନୋହେ ମତି—ଆମର ମନ ବିଶୁଦ୍ଧ ସତ୍ୱଗୁଣ ବିଶିଷ୍ଟ ନୁହେଁ । ମୂଳ ହିଁ ନନ୍ଦନ—ଆମର ମନ ରଜଗୁଣଯୁକ୍ତ ହୋଇଥିବାରୁ ଆମର କେବଳ ପୁତ୍ର ପ୍ରତି ଅନୁରାଗ ଅଛି ।

୨୪ । ନିରବଧି—ସବୁବେଳେ ।

୨୬ । ଚରଣ ପୂଜନ୍ତି—ପାଦ ପୂଜା କରନ୍ତି, ଅର୍ଥାତ୍ ଧ୍ୟାନ ଓ ସେବା କରନ୍ତି । ତରିବା ନିମନ୍ତେ—ମୁକ୍ତି ପାଇବା ନିମନ୍ତେ । ରୂପ...ଅନନ୍ତେ—ତାଙ୍କର ରୂପ ନାହିଁ । ସେ ରୂପଶୂନ୍ୟ ମଧ୍ୟ ନୁହନ୍ତି । ସେ ହେଉଛନ୍ତି ଶୂନ୍ୟ, ପୁଣି ତାଙ୍କର ଅନ୍ତ ନାହିଁ । କେହି ତାଙ୍କୁ କଳନା କରିପାରିବ ନାହିଁ ।

୨୭ । ଠୁଳ—ଶୂନ୍ୟ, ରୂପ ଓ ଅରୂପର ସନ୍ଧିସ୍ଥଳ । ଶୁକ—ବ୍ୟାସଦେବଙ୍କ ପୁତ୍ର, ଆଜନ୍ମ ବ୍ରହ୍ମଚାରୀ । ସନକ—ସନକ, ସନାତନ, ସନନ୍ଦନ, ସନତ୍କୁମାର ।

୨୮ । ଭବ—ଶିବ । ବିରଞ୍ଚି—ବ୍ରହ୍ମା । ଶେଷ—ଶେଷଦେବ, ଅନନ୍ତ, ବାସୁକି, ସଂକର୍ଷଣ, ବଳରାମ । ଦଇବେ—ଦୈବଯୋଗ ଅନୁସାରେ ।

୩୦ । ନୋହେ ଗୋଚର—ବୁଦ୍ଧି ଓ ଇନ୍ଦ୍ରିୟାତୀତ ।

Digitized by PPRACHIN, SOA

ପବନକୁ ଯେହ୍ନେ ଧରି ରଖିବାକୁ ଉପାୟ ନ ଦିଶେ ।
ଜଳେ ଯେହ୍ନେ ଚନ୍ଦ୍ର-କାନ୍ତି ସେହିମତି ଦେହରେ ପ୍ରକାଶେ । ୩୧ ।
ଛାଡ଼ ସେ ବିଷୟ ନ କର ସଂଶୟ ଗୋବିନ୍ଦ ଡଗର ।
ବ୍ରହ୍ମ ବ୍ରହ୍ମ ବୋଲି କେତେ ବୋଲ ତାକୁ ସେ ମୋର କୁମର । ୩୨ ।
ତଥାପି ଯୋଗୀ ବ୍ରହ୍ମଧ୍ୟାନ କରନ୍ତି ମୁକ୍ତିର ନିମିତ୍ତ ।
ସେ କଥା କାହିଁକି ଏଠାରେ ପଡ଼ିଛି ନୁହଇ ଏମନ୍ତ । ୩୩ ।
ଯେବେ ସେ କଥା କାହାକୁ ବିଚାର ଗୋପରେ ନ ଥାଅ ।
ଯହିଁ ଥିବେ ବ୍ରହ୍ମଜ୍ଞାନ ଥିଲା ଲୋକେ ତାଙ୍କୁ ବୁଝାଅ । ୩୪ ।
ମୋହର ନନ୍ଦନ ଘନ ବରନିଆ ପ୍ରସଙ୍ଗ ଶୁଣାଇ ।
ଚିତ୍ତ ଶାନ୍ତି କର, ନୋହିଲେ ବାହୁଡ଼, ସ୍ୱରୂପ କହଇ । ୩୫ ।
ଯହିଁକି ଆସିଛ ସେ କଥା ନ କହ କହୁଚ ଏମାନ ।
କେ ଜାଣଇ ଜ୍ଞାନ କେ ଜାଣଇ ବ୍ରହ୍ମ କେ ଜାଣେ ଭଜନ । ୩୬ ।
ଯଉଁ ଜ୍ଞାନ ଯଉଁ ଭଜନ ସାଧନ କରୁଛି କହଇ ।
ଏକା ଶ୍ୟାମଘନ-ବରନ ମୋ ଧନ ଏତିକି ଜାଣଇ । ୩୭ ।
ତାହାରି ରୂପକୁ ଧ୍ୟାନ କରୁଅଛି କହିଲି ତୁମ୍ଭକୁ ।
ତାହାରି କଥାକୁ ଶ୍ରବଣ ଡେରିଛି ନ ଶୁଣି ଆନକୁ । ୩୮ ।
ସତେ କି ଦଇବ ଥରେ ଭେଟାଇବ ମୁଁ ଦୁଃଖୀ ନାରୀକି ।
ସୁନା ପରା କରି କଣ୍ଠେ ବାନ୍ଧିଥିବି ମୁରଲୀଧାରୀକି । ୩୯ ।
କହ ହେ ଉଦ୍ଧବ ସତେ କି ମାଧବ ଆସିବେ ମୋହର ।
ଏତେ କହି ନାରୀ ମହୀରେ ପଡ଼ିଲା ବିଚ୍ଛେଦ ସ୍ଥାବର । ୪୦ ।
ଉଠି ଶିରେ କର ମାରଇ ଅପାର କରଇ ବିଳାପ ।
କୃଷ୍ଣ କୃଷ୍ଣ ବୋଲି ଉଚ୍ଚେ ବୋଲେ ଯେହ୍ନେ ବାତୁଳ ପ୍ରଳାପ । ୪୧ ।

---

୩୧ । ଜଳେ...ପ୍ରକାଶେ—ଜଳରେ ଚନ୍ଦ୍ର କିରଣ ଯେପରି ପ୍ରକାଶ ପାଏ, ସେହିପରି ସେ ଦେହରେ ପ୍ରକାଶିତ ହୁଅନ୍ତି ।

୩୨ । ସେ ବିଷୟ—ଜ୍ଞାନର ବିଚାର । ଗୋବିନ୍ଦ ଡଗର—କୃଷ୍ଣ ଦୂତ, ଉଦ୍ଧବ ।

୩୩ । ବ୍ରହ୍ମଧ୍ୟାନ—ବ୍ରହ୍ମଙ୍କୁ ଧ୍ୟାନ ।

୩୫ । ସ୍ୱରୂପ—ପ୍ରକୃତ କଥା ।

୩୮ । ଶ୍ରବଣ—କାନ ।

୪୦ । ବିଚ୍ଛେଦ ସ୍ଥାବର—କଟା ଗଛ ପରି ।

୪୧ । ଅପାର—ବହୁତ । ବାତୁଳ ପ୍ରଳାପ—ପାଗଳର ପ୍ରଳାପ ।

Digitized by PPRACHIN, SOA

ନୀରଜ ନୟନୁଁ ନୀର ବହିବାରେ ତିନ୍ତିଲା ଦୁକୂଳ ।
ଯଶୋଦା ଅବସ୍ଥା ଦେଖି ହରିଦୂତ ହୋଇଲେ ବିକଳ । ୪୨ ।
ବୋଲନ୍ତି ଭୋ ମାତ ନୁହ ଗୋ ଆରତ ଆସିବେ ମୁକୁନ୍ଦ ।
ଏହା ଶୁଣି ରାଣୀ ଶାନ୍ତିକି ଲଭିଲେ ହୋଇଣ ଆନନ୍ଦ । ୪୩ ।
ଉଦ୍ଧବ-ମୁଖକୁ ଅନାଇ ବୋଇଲେ ସତ୍ୟ କି ଏ ବାଣୀ ।
ନ ପୁଣ କୃଷ୍ଣ ପରାଏ ତୁମ୍ଭେ ହୁଅ ଏମନ୍ତ ବଖାଣି । ୪୪ ।
ସେ ଯେହ୍ନ ଚାରି ଦିନକୁ କଣ୍ଟ କରି ନଇଲେ ଗୋପକୁ ।
ସେହିରୂପେ ତୁମ୍ଭ ବଚନ ହୋଇଲେ କହିବୁଁ କାହାକୁ । ୪୫ ।
ଏମନ୍ତ ଶୁଣି ଉଦ୍ଧବ କହେ ବାଣୀ ନୁହଇ ଏମନ୍ତ ।
ଆମ୍ଭେ ତାଙ୍କ ସଙ୍ଗେ ସମାନ କେମନ୍ତେ ସେ ପ୍ରଭୁ ଅନନ୍ତ । ୪୬ ।
ଯାହା ଲୋମମୂଳେ ମାଳ ମାଳ ହୋଇ ଭ୍ରମନ୍ତି ମେଦିନୀ ।
ସତକୁ ମିଛ ମିଛକୁ ସତ କରିପାରେ ସେ ଜନନୀ । ୪୭ ।
ଆଦ୍ୟ ମଧ ପ୍ରାନ୍ତ ଗୋଚର ନୁହଇ ଅଶେଷ ଶ୍ରୁତିକି ।
ମନ ବଚନେ ଭେଦି କେହୁ ପାରିବ ତାହାର ଗତିକି । ୪୮ ।
ଆଦି ଅନାଦି ନିରାକାର ପରମ-ପୁରୁଷ ବୋଲାଇଁ ।
କୀଟୁଁ ବ୍ରହ୍ମଯାଏ ବ୍ୟାପି ରହିଅଛି ଗୋଚର ନୁହଇଁ । ୪୯ ।
ଶୁଣି ଏ ବଚନ ଯଶୋଦା ଶ୍ରବଣ ଛୁଇଁଲେ କାତରେ ।
ହିୟା ଦମ ଦମ ମୁଖ ତମ ତମ ବୋଲନ୍ତି କୋପରେ । ୫୦ ।
ଆହେ ଉଦ୍ଧବ କି ଗୁଡ଼ାଏ ବୋଇଲ ପୁତ୍ରକୁ ମୋହର ।
ସେମାନ ସଙ୍ଗେ ସମାନ କଲେ କି ଏ ଭଲ ବିଚାର । ୫୧ ।

---

୪୨ । ନୀରଜ ନୟନୁ—ପଦ୍ମ ନେତ୍ରରୁ । ଦୁକୂଳ—ଶାଢ଼ି ।

୪୩ । ମୁକୁନ୍ଦ—ଶ୍ରୀକୃଷ୍ଣ ।

୪୪ । ବଖାଣି—ବର୍ଣ୍ଣନା କରି, କହି ।

୪୫ । କଣ୍ଟକରି—ସମୟ ଦେଇ ।

୪୮ । ଶ୍ରୁତି—ବେଦ । ଭେଦି—ନିର୍ଣ୍ଣୟ କରି ।

୪୯ । ଆଦି—ମୂଳ କାରଣ । ଅନାଦି—ଯାହାଙ୍କର ଆଦି ନାହିଁ । ନିରାକାର—ଆକାର ଶୂନ୍ୟ । ପରମ ପୁରୁଷ—ଉତ୍କୃଷ୍ଟ ପୁରୁଷ । ଗୋଚରନୁହଇ—ଜ୍ଞାନ ଓ ଇନ୍ଦ୍ରିୟାତୀତ ।

୫୦ । ହିୟା—ହୃଦୟ, ଛାତି । ତମତମ—ଲାଲବର୍ଣ୍ଣ ।

Digitized by PPRACHIN, SOA

ସାକ୍ଷାତେ ଜଠରୁ ଜନମ କରିଛି ଏ ଗଲା ମିଛକୁ ।
ବ୍ରହ୍ମ ବୋଲି କେତେ ଉଚ କରୁଅଛ ମୋହର ବତ୍ସକୁ । ୫୨ ।
ଦେଖିବକି ଏହିକ୍ଷଣି ମଥୁରାକୁ ଯିବଇଁ ବହନ ।
କାଖରେ ବସାଇ ଘେନି ଆସିବି କି ମଦନମୋହନ । ୫୩ ।
ତୁମ୍ଭେ ଯେ ବୋଇଲ ବ୍ରହ୍ମକୁ କେଉଁଅବ ଯାଇବ ଧାଇଲେ ।
ଯାମଳା ଅର୍ଜୁନେ ବାନ୍ଧିଥିଲି କିପାଁ ଅନ୍ତର ନୋହିଲେ । ୫୪ ।
ସଂସାରେ ସକଳ ଶରୀର ପୂରିଛି, ବୋଇଲେ କାହିଁକି ।
ମୋହ ହୃଦରେ ନିରନ୍ତରେ ରହିଛି କେମନ୍ତେ ଗଲାକି । ୫୫ ।
ସକଳ କଥା ଦୂରକରି ଉଦ୍ଧବ ମୋ କଥା ଶୁଣିମା ।
ମୋତେ ଯେବେ ତାଙ୍କୁ ଅଣାଇ ଦିଅନ୍ତ ଜାଣନ୍ତି ମହିମା । ୫୬ ।
କହୁଛି ସତ୍ୟ ବଚନ ସେବା କରିଥାନ୍ତି ମୁଁ ତୁମ୍ଭଙ୍କୁ ।
ଯାଅ ବାହୁଡ଼ି ବହନ ଘେନିଆସ ଗୋକୁଳଚନ୍ଦ୍ରଙ୍କୁ । ୫୭ ।
ଉଦ୍ଧବ ବୋଲନ୍ତି ସାବଧାନେ ଶୁଣ ବରଜ-ଜନନୀ ।
କେ ଆଣି ପାରିବ ତ୍ରୈଲୋକ୍ୟନାଥକୁ କହୁଛ ନ ଜାଣି । ୫୮ ।
ଇଚ୍ଛାରେ ସଂସାର ବିହାର କରଇ ହରଇ ବିପତ୍ତି ।
ଶେଷ ଶଙ୍କର ପିତାମହ ଯାହାର ବଚନେ ଅଛନ୍ତି । ୫୯ ।
ଏହା ଶୁଣି ନନ୍ଦରାଣୀ କ୍ରୋଧ କରି ବୋଲନ୍ତି ବଚନ ।
ମଥୁରାବାସୀ ଯେତେକ ତୁମ୍ଭେ ନାନା ବିଚିତ୍ର ବଖାଣ । ୬୦ ।
ଏହିରୂପେ ଥରେ ଅକ୍ରୁର ଅଇଲା କହିଲା ଯେମନ୍ତ ।
କଂସ ଆଜ୍ଞା ଭୋଳି ଧରି ଘେନିଗଲା ଦୁଖୀର ସଂଘାତ । ୬୧ ।
ଗଳାରେ ଖୁର ଲଗାଇ ଦେଇଗଲା ସ୍ୱଫଳ୍କା-ନନ୍ଦନ ।
ତୁମ୍ଭେ ଆସି ତହିଁ ଚୂନ ଲଗାଉଛ ପୋଡ଼ଇ ଜୀବନ । ୬୨ ।

---

୫୨ । ଜଠରୁ—ଉଦରରୁ । ଏଗଲା ମିଛକୁ—ଏକଥା ମିଛହେଲା । ଉଚ କରୁଅଛ—ଉଚ୍ଚସ୍ତରରେ ସ୍ଥାପନ କରୁଅଛ ।

୫୩ । ମଦନମୋହନ—ଶ୍ରୀକୃଷ୍ଣ ।

୫୫ । କେମନ୍ତେ—କିପରି ।

୫୭ । ଗୋକୁଳଚନ୍ଦ୍ର—ଶ୍ରୀକୃଷ୍ଣ ।

୫୮ । ତ୍ରୈଲୋକ୍ୟନାଥ—ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ, ତିନିଲୋକର ପ୍ରଭୁ, ଶ୍ରୀକୃଷ୍ଣ ।

୫୯ । ଶେଷ—ଅନନ୍ତ, ବଳଦେବ, ବାସୁକି, ସଙ୍କର୍ଷଣ । ଶଙ୍କର—ଶିବ । ପିତାମହ—ବ୍ରହ୍ମା ।

୬୦ । ବଖାଣ—ବର୍ଣ୍ଣନା କର ।

୬୧ । ସଫଳାନନ୍ଦନ—ଅକ୍ରୁର ।

Digitized by PPRACHIN, SOA

ପୁତ୍ର ବିଚ୍ଛେଦେ ଅନଳ ଜଳୁଅଛି ନୁହଇ ନିବର୍ତ୍ତ ।
ତହିଁପରେ ଘୃତ ଢାଳି ଦେଉଅଛ ଏ କିବି ବିହିତ । ୬୩ ।
ଏମନ୍ତ ଭାଷି ଯୁବତୀ ରତ୍ନରାଶି ଊର୍ଦ୍ଧ୍ୱକୁ ଅନାଇ ।
କାହ୍ନୁ କାହ୍ନୁ ବୋଲି ହୃଦରେ କୋଡ଼ନ୍ତି ନିଶ୍ୱାସ ପକାଇ । ୬୪ ।
ପୁଣିହିଁ ବସିଲେ କର ନିବେଶିଲେ ଗଣ୍ଡରେ ବହନ ।
ପୁତ୍ରରୂପ ଚିନ୍ତି କୁରରୀ ପରାୟେ କରନ୍ତି ରୋଦନ । ୬୫ ।
ତଇଳ ଭାଣ୍ଡେ ମାଛି ପଡ଼ି ଶରୀର ହୁଅଇ ଯେସନ ।
ସେହିମତି ରାଣୀ ଶ୍ରୀଅଙ୍ଗ ତିନ୍ତିଲା ଲୋତକ ପଡ଼ିଣ । ୬୬ ।
ଶୋକ ସମ୍ଭାଳି ଧୀର ହୋଇ ରହିଲେ କେତେକ ବେଳରେ ।
ଉଦ୍ଧବକୁ ଚାହିଁ ପୁଣି ପଚାରନ୍ତି ବିସ୍ମୟ ମନରେ । ୬୭ ।
ଏମନ୍ତ ସମୟେ ଏକଇ ଗୋପିକା ଜଳର ନିମନ୍ତେ ।
କାଖେ କୁମ୍ଭ ଘେନି ଗମନ କରନ୍ତେ ଚହିଁଲା ତ୍ୱରିତେ । ୬୮ ।
ଦେଖିଲା ନନ୍ଦଦ୍ୱାରେ ରଥ ରହିଅଛି ଅପୂର୍ବ ଶୋଭନ ।
ମନେ ବିଚାରିଲା କୁରଙ୍ଗୀ ନୟନା କାହାର ଏ ଯାନ । ୬୯ ।
କି ଅବା ଗୋବିନ୍ଦ ଗୋପକୁ ଅଇଲେ ଆମ୍ଭକୁ ଲୁଚିଣ ।
ଗୁପତେ ମାତା ପିତାଙ୍କୁ ନେବ ପରା ମଥୁରା ଭୁବନ । ୭୦ ।
ଦେଖଇଁ ବୋଲି ବାଳୀ ଚାହିଁଦେଲା ସେ ଗବାକ୍ଷ ମାର୍ଗରେ ।
ଦେଖିଲା ଉଦ୍ଧବ ଭାଳେଣି ଭାଳନ୍ତି ଯଶୋଦା ସଙ୍ଗରେ । ୭୧ ।
ଦଇବେ ନୀଳ ବଳାହକ ପରାୟେ ଦିଶଇ ଶରୀର ।
ଶିରେ ହାଟକ-ମୁକୁଟ ଶୋଭାବନ ଗଞ୍ଜାଇ ମିହିର । ୭୨ ।
ନାସା ଶ୍ରବଣ ଓଷ୍ଠ କଣ୍ଠ ଶ୍ରୀଭୁଜ ହୃଦୟ ଉଦର ।
କଟି ଊରୁ ଜାନୁ ପାଦ ନଖପନ୍ତି କି ଅବା କୃଷ୍ଣର । ୭୩ ।

---

୬୩ । ନିବର୍ତ୍ତ—ନିବୃତ୍ତ, ଶେଷ ।

୬୪ । ଯୁବତୀ ରତ୍ନରାଶି—ଯୁବତୀ ଶିରୋମଣି । ହୃଦରେ କୋଡ଼ନ୍ତି—ବକ୍ଷଦେଶରେ କରାଘାତ କରନ୍ତି ।

୬୫ । କୁରରୀ—କ୍ରନ୍ଦନଶୀଳ ପକ୍ଷୀ ।

୬୮ । ଜଳର ନିମନ୍ତେ—ଜଳଆଣିବା ନିମନ୍ତେ । ତ୍ୱରିତେ—ହଠାତ୍ ।

୬୯ । କୁରଙ୍ଗୀନୟନା—ମୃଗନୟନା ।

୭୨ । ନୀଳ ବଳାହକ—ନୀଳମେଘ । ହାଟକ ମୁକୁଟ—ସୁବର୍ଣ୍ଣ ମୁକୁଟ । ଶୋଭାବନ—ଶୋଭା, ଶୋଭିତ । ଗଞ୍ଜାଇ—ଗଞ୍ଜଣାକରଇ । ମିହିର—ସୂର୍ଯ୍ୟ ।

Digitized by PPRACHIN, SOA

ଚାହିଁବା କହିବା ହସିବା ବସିବା ଗୋବିନ୍ଦ ପରାୟେ ।
ଦେଖି ବ୍ରଜବଧୂ ଜାଣିଲା ଶ୍ରୀକୃଷ୍ଣ କଲେକି ବିଜୟେ ? । ୭୪ ।
ଆନନ୍ଦମନେ ଶାତକୁମ୍ଭବରନୀ କୁମ୍ଭକୁ ପକାଇ ।
ଗୋପ ଦାଣ୍ଡେ ଚାଣ୍ଡେ ଧାଇଁ ଡାକେ ତୁଣ୍ଡେ ଅଇଲେ କହ୍ନାଇ । ୭୫ ।
ଆଗୋ ସଖିମାନେ ସଦନେ କିପାଇଁ ରହିଁଛ ନିଶ୍ଚିନ୍ତେ ।
ଆସିବେନି ଶ୍ୟାମଘନ ବରନିୟା ଧାଇଁ ଗୋ ସଂଘାତେ । ୭୬ ।
ଜନନୀ ସଙ୍ଗତେ ଗୁପତେ ମନ୍ଦିରେ କରନ୍ତି ବିଚାର ।
ଏହିକ୍ଷଣି ଦେଖି ଅଇଲି ବଧାଇ ହେଲା ଗୋ ମୋହର । ୭୭ ।
ଏମନ୍ତ ଶୁଣି ବଜ୍ରକୁଳରମଣୀ ଧାଇଁଲେ ତୁରିତେ ।
କହୁଁ କହୁଁ ମନ ମୀନ ବୁଡ଼ିଗଲା ଆନନ୍ଦ ସରିତେ । ୭୮ ।
ପାଞ୍ଚ ସାତ ଦଶ ବିଂଶ ମେଳ ହୋଇ କରନ୍ତି ଗମନ ।
ଦୂରହୁଁ ଡାକନ୍ତି ଦେଖ ଆମ୍ଭ ଦୁଃଖ ମଦନମୋହନ । ୭୯ ।
ଅଶନ ବସନ ନ ରୁଚଇ ବନ ପରାଏ ସଦନ ।
କୃଶ ହେଲା ତନୁ ଅଦୃଶ ହେଲା, ନେତ୍ରୁ ଲୋତକ ବହିଣ । ୮୦ ।
ତପତ ଜଳେ ସଫରୀ ରହିଥିଲା ପରାୟେ ହୋଇଛୁଁ
ଦ୍ୱିଜରାଜ ବିନେ କୁମୁଦିନୀ ଯେହ୍ନେ ତେମନ୍ତେ ରହିଛୁଁ । ୮୧ ।
ନୀର ଶୁଖିଲେ କର୍ଦ୍ଦମ ଯେଉଁରୂପେ ପତଙ୍ଗ କିରଣେ ।
ସେହିମତି ହିଆ ଫାଟି ଯାଉଅଛି ତୁମ୍ଭରି ବିହୁନେ । ୮୨ ।
ଘୃତ ନ ପାଇ କୃପୀଟଯୋନି ଯେହ୍ନେ ଦିଶଇ ମଳିନ ।
ସେହିରୂପେ ଅଙ୍ଗ ବିବର୍ଣ୍ଣ ନ ଦେଖି ତୁମ୍ଭର ବଦନ । ୮୩ ।
ମଦନ କଦନ କରଇ ନିରତେ କହିବୁଁ କାହାକୁ ।
ଏବେ ପଳାଇବ ଦେଖିଲେ ମକର କେତନ ହିଆକୁ । ୮୪ ।

---

୭୫ । ଶାତକୁମ୍ଭବରନୀ—ସୁବର୍ଣ୍ଣଗୋରୀ । ଚାଣ୍ଡେ—ଶୀଘ୍ର ।
୭୭ । ବଧାଇ—ପୁରସ୍କାର ।
୮୦ । ଅଶନ—ଭୋଜନ । ବସନ—ଲୁଗା । ବନ ପରାଏ ସଦନ—ଘର ବନ-ପରି ହେଲା । କୃଶ—କ୍ଷୀଣ । ଅଦୃଶ—ଅଦୃଶ୍ୟ ।
୮୧ । ଦ୍ୱିଜରାଜ—ଇନ୍ଦ୍ର ।
୮୨ । ପତଙ୍ଗ—ସୂର୍ଯ୍ୟ । ହିଆ—ହୃଦୟ, ଛାତି ।
୮୩ । କୃପୀଟଯୋନି—ଅଗ୍ନି ।
୮୪ । କଦନ—ପୀଡ଼ା । ନିରତେ—ସର୍ବଦା । ମକରକେତନ ହିଆ—କନ୍ଦର୍ପର ହୃଦୟ; ଏଠାରେ ଶ୍ରୀକୃଷ୍ଣଙ୍କୁ ଉଦ୍ଦିଷ୍ଟ ।

Digitized by PPRACHIN, SOA

ଏହିରୂପେ ଗୋପୀ ଆରତେ ଦୂରୁହୁଁ ଡାକନ୍ତି ଉର୍ଦ୍ଧ୍ୱରେ ।
ନନ୍ଦର ନବରେ ପ୍ରବେଶ ହୋଇଲେ ଦେଖିବା ଆଶାରେ । ୮୫ ।
ହୋଇଲା ଗହଳ ନାରୀ ହେଲେ ଠୁଳ ପୂରିଲେ ପୁରରେ ।
ଭଗତଚରଣ ଦାସ ମନ ଗଲା ଗୋପୀଙ୍କ ସଙ୍ଗରେ । ୮୬ ।

## ଷଡ଼ବିଂଶ ଛାନ୍ଦ

## (ରାଗ—କଳଶା)

ଏଥୁ ଅନନ୍ତରେ ଗୋପୀ ଦେଖିଲେ ଉଦ୍ଧବ ।
ଚିହ୍ନିଲେ ନୁହଁନ୍ତି ପ୍ରାଣ ଈଶ୍ୱର ମାଧବ । ୧ ।
ବୁଡ଼ିଲେ ଦୁଃଖ ସାଗର ହରାଇଲେ ଜ୍ଞାନ ।
ଅମାସ୍ୟା ନିଶିରେ ହୋଏ ଚକୋର ଯେସନ । ୨ ।
କେ ବୋଲଇ ଦେଖ ସଖି କର୍ମର ଭବିଷ୍ୟ ।
ପୀୟୂଷ ବିଚାରିଥିଲୁଁ ବଦଳିଲା ବିଷ । ୩ ।
କି ବୁଦ୍ଧି କରିବା ନ ଦିଶଇ ଦଶ ଦିଶ ।
ଭଗ୍ନଗୃହକୁ ପ୍ରହାର କଲା ଅଣଚାଶ । ୪ ।
ଶୁଖିଲା ସମିଧ ପ୍ରାୟେ ତନୁ ହୋଇଥିଲା ।
ଉଦ୍ଧବ ତହିଁକି ଅଗ୍ନି ପରାଏ ହୋଇଲା । ୫ ।
ଦହନ୍ତି ବିଗ୍ରହ ନନ୍ଦ ନନ୍ଦନେ ସଳିଳ ।
ସେ ଆସିଲେ ଲିଭିଯିବ ନୋହିଲେ ପ୍ରବଳ । ୬ ।
ଏହା ଶୁଣି ବୋଇଲା ଆରେକ ନିତମ୍ବିନୀ ।
ଏମନ୍ତ କହିଲୁ କିକେ ହାଟକବରନି ? । ୭ ।

---

୮୫ । ଦୂରହୁଁ—ଦୂରରୁ । ଉର୍ଦ୍ଧ୍ୱରେ—ଉଚ୍ଚସ୍ୱରରେ ।
୨ । ଅମାସ୍ୟ—ଅମାବାସ୍ୟା । ହୋଏ ଚକୋର ଯେସନ—ଚକୋର ଚନ୍ଦ୍ରିକା ପାନ କରେ, ମାତ୍ର ଅମାବାସ୍ୟା ରାତ୍ରିରେ ଚନ୍ଦ୍ରଙ୍କ ବିହୁନେ ସେ ଦୁଃଖରେ ବିଳାପ କରେ ।
୩ । ଭବିଷ୍ୟ—ଭବିଷ୍ୟତ,ଫଳ । ପୀୟୂଷ—ଅମୃତ ।
୪ । ଦଶଦିଶ—ଦଶଦିଗ । ଅଣଚାଷ—ପବନ ।
୫ । ସମିଧ—କାଠ ।
୬ । ବିଗ୍ରହ—ଶରୀର ।
୭ । ଆରେକ ନିତମ୍ବିନୀ—ଅନ୍ୟ ଏକ ସ୍ତ୍ରୀ । କିକେ—କାହିଁକି । ହାଟକବରନୀ—ସୁନାଗୋରୀ ।

Digitized by PPRACHIN, SOA

ଲଲାଟ ପଟରେ ଯାହା ଲିହିଛି ବିରଞ୍ଚି ।
କେ କରିବ ଆନ ତାହା ଉପାୟ କାହିଁକି ? ।୮।
ସେହି ଅନୁକ୍ରମେ ଦ୍ରୋଣ ଘନ ଘୋଟାଇଲା ।
ନୀର ନ ଦେଇ ଅଶନି ନିଠାଉ ମାଇଲା । ୯ ।
ପଡ଼ି ଚୂର ହେଲା ଆମ୍ଭ ମନ-ମହୀରୁହ ।
ଏତେ ଭାଷି ମଦାଳସୀ ହେଲା କୋହ କୋହ । ୧୦ ।
ଆଉ ପ୍ରେମଶୀଳା ବୋଲେ ଶୁଣରେ ଲଳନା ।
ଘୃତ ଛଣ ସଜଳସ ଅଗ୍ନିରେ ଢାଳ ନା । ୧୧ ।
ନ ପକାଅ କୁବୁଜାଙ୍କ ପ୍ରାଣପତି-କଥା ।
ଏତେ କହି କ୍ରୋଧେ ସେ ମହୀକି କଲା ମଥା । ୧୨ ।
ଏମନ୍ତ ଦେଖିଲା ଯହୁଁ ଆଉ ଖଞ୍ଜନାକ୍ଷୀ ।
ଊର୍ଦ୍ଧ୍ୱକୁ ଅନାଇ କହେ ରାମା ହୋଇ ଦୁଃଖୀ । ୧୩ ।
ବିଧାତା କି କଲା ଧନ ଦେଖାଇ ହରିଲା ।
ମୃଗତୃଷା ଜଳପ୍ରାୟେ ଆଶାରେ ମାଇଲା । ୧୪ ।
ଶୁଣି ତିଳୋତ୍ତମା ବୋଲେ ଶୁଣରେ ସଂଘାତ ।
ଏ କଥା ହୋଇଲା ଗଜ ଗିଳିଲା କପିତ୍‌ଥ । ୧୫ ।
ସେ ଯେହ୍ନେ ଉଦରଶୂନ୍ୟ ବାହାରକୁ ତୋରା ।
ତୃଷାର୍ତ୍ତିକି ତୁଚ୍ଛା କୁମ୍ଭ ଦେଲା ପ୍ରାୟ ହେଲା । ୧୬ ।

---

୮ । ବିରଞ୍ଚି—ବିଧାତା ।

୯ । ଅନୁକ୍ରମେ—ଅନୁସାରେ । ଦ୍ରୋଣ ଘନ—ଦ୍ରୋଣ ମେଘ, ଯେଉଁ ମେଘ ମୂଷଳ ଧାରାରେ ବର୍ଷେ । ଅଶନି—ବଜ୍ର । ନିଠାଇ—ଦୃଢ଼ଭାବରେ ।

୧୦ । ଚୂର—ଚୂର୍ଣ୍ଣ । ମନ ମହୀରୂହ—ମନ ରୂପକ ବୃକ୍ଷ । ମଦାଳସୀ—ମଦବିହ୍ୱଳା ସୁନ୍ଦରୀ । କୋହ କୋହ—କାନ୍ଦ କାନ୍ଦ ।

୧୧ । ପ୍ରେମଶୀଳା—ପ୍ରେମମୟୀ ନାରୀ । ଲଳନା—ନାରୀ । ସଜଳସ—ଝୁଣା ।

୧୨ । କୁବୁଜାଙ୍କ ପ୍ରାଣପତି—କୁବୁଜାଙ୍କ ସ୍ୱାମୀ, ଶ୍ରୀକୃଷ୍ଣ (ଆକ୍ଷେପୋକ୍ତି) ।

୧୩ । ଖଞ୍ଜନାକ୍ଷୀ—ଖଞ୍ଜନ ପକ୍ଷୀର ଲାଞ୍ଜର ଗତିପରି ଚଞ୍ଚଳ ଯାର ନେତ୍ରର ଗତି । ରାମା—ନାରୀ ।

୧୪ । ମୃଗତୃଷା—ମରୀଚିକା ।

୧୫ । ତିଳୋତ୍ତମା—ଉତ୍ତମ ତିଳଚିହ୍ନଥିବା ସୁନ୍ଦରୀ, କୌଣସି ଏକ ଗୋପୀର ନାମ ମଧ ହୋଇପାରେ । ସଘାତ—ସଙ୍ଗାତ, ମିତ । କପିତ୍‌ଥ—କଇଁଥ ।

୧୬ । ତୋରା—ସୁନ୍ଦର । ତୃଷାର୍ତ୍ତି—ପାଣି ପିଇବାକୁ ଆକୁଳ ଲୋକ । ତୁଚ୍ଛା କୁମ୍ଭ—ଶୂନ୍ୟକୁମ୍ଭ ।

Digitized by PPRACHIN, SOA

ସରଳାଙ୍ଗୀ ବୋଲେ ଆଗୋ କହୁଛି ଶୁଣିମା ।
ରମ୍ଭାବୃକ୍ଷ ପ୍ରାୟ କଥା ମନକୁ ଆଣିମା । ୧୭ ।
ହୃଦୟ ଶୀତଳ, ଅଙ୍ଗ ଶୋଭା ଦିଶୁଥିଲା ।
ଫଳିବା ବେଳକୁ ମୁଖ ମହୀକି ହୋଇଲା । ୧୮ ।
ଏମନ୍ତ କହିଲା ଯହୁଁ ପୂର୍ଣ୍ଣଚନ୍ଦ୍ରାନନୀ ।
ତହିଁକି ଉତ୍ତର ଦେଲା ଅଶୋକ ମାଳିନୀ । ୧୯ ।
ମୁଁ ଜାଣଇ ପୋତକାର ପ୍ରାୟ ସଖୀ ହେଲା ।
ଆଶା କରିଥିଲୁଁ ଧନ କର୍ମେ ବୁଡ଼ିଗଲା । ୨୦ ।
ଗୋପୀଙ୍କ ଆରତ ଶୁଣି ବିଚାରେ ଉଦ୍ଧବ ।
ଧନ୍ୟ ଏ ଆଭୀର ନାରୀ ମହିମା ଦୁର୍ଲଭ । ୨୧ ।
ଭାବେ କିଣିଛନ୍ତି ଦୀନବାନ୍ଧବ କୃଷ୍ଣଙ୍କୁ
ନ ଜାଣି କି ହରି ପେଷିଛନ୍ତି ବୋଧିବାକୁ । ୨୨ ।
ଏତେ ଭାଳି ବୋଲନ୍ତି ଶୁଣ ଗୋ ବ୍ରଜନାରୀ
ବି ଅର୍ଥେ କିମ୍ପାଇଁ ନିନ୍ଦା କର ଦଇତାରି । ୨୩ ।
ପତିତପାବନ ବାନା ଅଟଇ ଯାହାର ।
ସର୍ବ ଅଙ୍ଗେ ଥାଇ ଏକା ନୋହଇ କାହାର । ୨୪ ।
ଏକମନ ହୋଇ ଶୁଣ କହଇ ବୃତ୍ତାନ୍ତ ।
ଯହିଁପାଇଁ ମୋତେ ପେଷି ଅଛନ୍ତି ଅନନ୍ତ । ୨୫ ।
ଶୁଣି ଗୋପସୀମନ୍ତିନୀ ପନ୍ତି ପନ୍ତି ହୋଇ ।
ବସିଲେ ପୁରପ୍ରାଙ୍ଗଣେ ଉଦ୍ଧବଙ୍କୁ ଚାହିଁ । ୨୬ ।

---

୧୭ । ସରଳାଙ୍ଗୀ–ଯାହାର ଅଙ୍ଗ ସରଳ । ରମ୍ଭାବୃକ୍ଷ–କଦଳୀ ଗଛ ।

୧୯ । ପୂର୍ଣ୍ଣଚନ୍ଦ୍ରାନନୀ–ପୂର୍ଣ୍ଣଚନ୍ଦ୍ରମୁଖୀ । ଅଶୋକ ମାଳିନୀ–ଅଶୋକ ଫୁଲର ମାଳା ପିନ୍ଧିଥିବା ନାରୀ ।

୨୦ । ପୋତକାର–ସୌଦାଗର । କର୍ମେ–କର୍ମ ଦୋଷରୁ ।

୨୧ । ଆଭୀର ନାରୀ–ଗୋପାଳୁଣୀ ।

୨୨ । ବୋଧିବାକୁ–ବୋଧ ଦେବାକୁ, ପ୍ରବୋଧନା ଦେବାକୁ ।

୨୩ । ଦଇତାରି–ଦୈତାରି, ଶ୍ରୀକୃଷ୍ଣ ।

୨୪ । ପତିତପାବନ ବାନା–ପତିତମାନଙ୍କୁ ଉଦ୍ଧାର କରିବା ନିମନ୍ତେ ଯେ ପତାକା ଉଡ଼ାଉ ଅଛନ୍ତି ।

୨୫ । ଅନନ୍ତ–ଯାହାର ଅନ୍ତ ନାହିଁ, ଶ୍ରୀକୃଷ୍ଣ ।

୨୬ । ଗୋପସୀମନ୍ତିନୀ–ଗୋପନାରୀ, ଗୋପୀ ।

Digitized by PPRACHIN, SOA

ଭଦ୍ରା ସ୍ମାରଣୀ କୁମୁଦା ମାନସହାରିଣୀ ।
ହୀରା ଲୀଳା ବିମଳା ସାରଳା ସୁଲକ୍ଷଣୀ । ୨୭ ।
କୁରଙ୍ଗାକ୍ଷୀ ବିଷଘ୍ନି ଅଶୋକମାଳିନୀ ।
ସମ୍ମୁଖେ ରହିଲେ ଏତେ ହାଟକ ବରନୀ । ୨୮ ।
ମେଧା ସୁମେଧା ସରଳା ସିତ ପରାଜିତା ।
ଲବଙ୍ଗ ଲତିକା ଚମ୍ପା ମାଧବୀ ଶ୍ରୋଣିତା । ୨୯ ।
ଦକ୍ଷିଣ ଆବୋରି ବସିଗଲେ ଏ ନାୟିକା ।
ରୂପ ଗୁଣେ ବଳୀୟାର କେଳିରେ ପତାକା । ୩୦ ।
ପଦ୍ମା ମଞ୍ଜୁଳା କୁଶଲ୍ୟ ସୁଶୀଳା ରଙ୍ଗିଣୀ ।
ବିଳମ୍ବିନୀ ଅମ୍ବିକା ମରାଳୀ କୂଟସ୍ତନୀ । ୩୧ ।
ଉତ୍ତର ଦିଗେ ବିଜୟ ଏ ନୀରଦକେଶୀ ।
ରୂପରେ ମୋହନ କରିପାରନ୍ତି ଏ କାଶୀ । ୩୨ ।
ତାରକା ବକୁଳା କାତିମାଳା ଶତାବରୀ ।
ଏ ଚାରି ରହିଲେ ପଛ ପାରୁଶ ଆବୋରି । ୩୩ ।
ମଧ୍ୟରେ ଗୋବିନ୍ଦ ଦୂତ କହନ୍ତି ବାରତ ।
ବୃନ୍ଦା ଆଦି ଗୋପୀମାନେ ଶୁଣନ୍ତି ସମସ୍ତ । ୩୪ ।
ବୃନ୍ଦା ପଚାରନ୍ତି କିସ କହିବ ହେ କହ ।
ଗୋବିନ୍ଦ ବିଷୟକୁ ଶୁଣାଇ ରଖ ଦେହ । ୩୫ ।
ଆଉ କଥାମାନ ଥାଉ ତହିଁ ନାହିଁ ଲାଭ ।
ଶୁଣି ଅଶ୍ରୁ ନେତ୍ର ହୋଇ କହନ୍ତି ଉଦ୍ଧବ । ୩୬ ।
ଶୁଣ ବ୍ରଜବଧୂମାନେ ଗୋବିନ୍ଦ ଆସିବେ ।
ତୁମ୍ଭମାନଙ୍କର ଦୁଃଖ ନିକଟେ ନାଶିବେ । ୩୭ ।

---

୨୮ । ହାଟକ ବରନୀ–ସୁନାଗୋରୀ ।

୨୯ । ଶ୍ରୋଣିତା–ପ୍ରାପ୍ତଯୌବନା ସ୍ତ୍ରୀ ।

୩୦ । କେଳିରେ ପତାକା–କେଳିରେ ପ୍ରବୀଣା ।

୩୧ । କୂଟ–ପର୍ବତ, ଶିଖର । କୂଟସ୍ତନୀ–ଉଚ୍ଚସ୍ତନୀ ।

୩୨ । ନୀରଦକେଶୀ–ମେଘପରି କୃଷ୍ଣକେଶା । କାଶୀ–କାଶୀପତି, ଶିବ ।

୩୪ । ଗୋବିନ୍ଦ ଦୂତ–ଉଦ୍ଧବ । ବାରତ–ବାର୍ତ୍ତା । ବୃନ୍ଦା–ବୃନ୍ଦାବତୀ ।

୩୬ । ଅଶ୍ରୁନେତ୍ର–ଅଶ୍ରୁପୂର୍ଣ୍ଣ ନେତ୍ର ।

Digitized by PPRACHIN, SOA

ନୁହ ନା ଆରତ ସତ କହିଲୁ ତୁମ୍ଭକୁ ।
ଏ ଶୁଭବାରତା ଦେଇ ଅଛନ୍ତି ଗୋପକୁ । ୩୮ ।
ଶୁଣି ଭଦ୍ରା ବୋଲଇଁ ଶୁଣ ହେ ହରି ଚାର ।
ସତ କହ କେତେଦିନେ ଆସିବେ ଶ୍ରୀଧର । ୩୯ ।
କେତେ ଦିନ ଯାଏ ପିଣ୍ଡେ ପ୍ରାଣ ରଖିଥିବୁଁ ।
ଭଗତଚରଣ କହେ ନୋହିଲେ ମରିବୁଁ । ୪୦ ।

## ସପ୍ତବିଂଶ ଛାନ୍ଦ

### (ବିପ୍ରସିଂହ ଚୌତିଶା ବାଣୀ)

ଗୋପିକା ବଚନ ଶୁଣି ଉଦ୍ଧବ କହନ୍ତି ବାଣୀ
ଆସିବେ ଅଳପଦିନେ ଶ୍ୟାମ
ଆରତ ନୁହ ଗୋ ବାଳୀ ଅନ୍ତର୍ଯ୍ୟାମୀ ବନମାଳୀ
ସର୍ବଘଟେ ତାହାଙ୍କ ବିଶ୍ରାମ । ଗୋ ଗୋପୀମାନେ
କାହର ନୁହନ୍ତି ସେ ବଶ, ଭଜିଲାଜନଙ୍କୁ ଏକାଦୃଶ୍ୟ । ୧ ।
ରୂପରେଖ ନାହିଁ କିଛି ଚନ୍ଦ୍ରମା ପ୍ରାୟ ବ୍ୟାପିଛି
ସେ ଯେହ୍ନେ ଦିଶଇ ଜଳଘଟେ
ସେ ଘଟ ବିନାଶ ଗଲେ ଶୂନ୍ୟ ହୋଏ ଶାସ୍ତ୍ର ବୋଲେ
ପୁଣ ଅନ୍ୟ ଘଟେ ଯାଇ ଘୋଟେ, ଗୋ ଗୋପୀମାନେ
ଏଣୁ ରୂପ ହୋଇ ରୂପ ନୋହି, ଭାବେ ପାଇ ଅଭାବେ ନ ପାଇ ଗୋ । ୨ ।

---

୩୯ । ହରିଚାର—ହରିଦୂତ, ଉଦ୍ଧବ । ଶ୍ରୀଧର—ଲକ୍ଷ୍ମୀପତି, ଶ୍ରୀକୃଷ୍ଣ ।

୧ । ଆରତ—ଅଧୀର, ଦୁଃଖିତ । ସର୍ବଘଟେ—ସମସ୍ତଙ୍କର ଶରୀରରେ । ବିଶ୍ରାମ—ସ୍ଥିତି, ସେ ସମସ୍ତଙ୍କର ଶରୀର ମଧ୍ୟରେ ରହିଅଛନ୍ତି । ଭଜିଲା ଜନଙ୍କୁ—ଭକ୍ତମାନଙ୍କୁ, ଯେଉଁମାନେ ତାଙ୍କୁ ଭଜନ କରନ୍ତି ।

୨ । ରୂପରେଖ—ଚିହ୍ନବର୍ଣ୍ଣ । ଘଟ—ମାଠିଆ, ଶରୀର । ରୂପରେଖ...ପାଇଗୋ—ତାଙ୍କର କୌଣସି ନିର୍ଦ୍ଦିଷ୍ଟ ରୂପ ବା ଚିହ୍ନର ପ୍ରକାଶ ନାହିଁ । ସେ ସକଳ ଘଟରେ ଚନ୍ଦ୍ରପରି ବ୍ୟାପି ରହିଛନ୍ତି । ଗୋଟିଏ ପାଣିଥିବା ମାଠିଆରେ ଚନ୍ଦ୍ରର ପ୍ରତିବିମ୍ବ ପଡ଼ିବା ପରି ସେ ସମସ୍ତଙ୍କ ଶରୀରରେ ପ୍ରକାଶ ପାଆନ୍ତି । ମାଠିଆଟି ଭାଙ୍ଗିଗଲେ ତହିଁରେ ଥିବା ପାଣି ବୋହିଯାଏ—ଆଉ ସେଠାରେ ଚନ୍ଦ୍ରର ପ୍ରତିବିମ୍ବ ପରିଦୃଷ୍ଟ ହୁଏ ନାହିଁ । ଠିକ୍ ସେହିପରି ଅନ୍ତର୍ଯ୍ୟାମୀ ଯେଉଁ ଶରୀରରେ ପ୍ରକାଶମାନ ହୋଇଥାଆନ୍ତି ସେ ଶରୀରଟି ନଷ୍ଟପ୍ରାପ୍ତ ହେଲେ ଆଉ ସେଠାରେ ତାଙ୍କର ପ୍ରକାଶ ସମ୍ଭବ ହୁଏ ନାହିଁ । ସେ

Digitized by PPRACHIN, SOA

ସେ ବ୍ରହ୍ମକୁ କର ଧ୍ୟାନ କାମନା ହେଉ ଦହନ
ହୃଦରେ ରଖିବ ନିରଞ୍ଜନ
ଏଯେ ମିଥ୍ୟା କଳେବର କ୍ଷଣକେ ହୋଏ ଭଂଗୁର
ଏଣୁ କହୁଅଛି ତାଙ୍କୁ ଚିହ୍ନ, ଗୋ ଗୋପୀମାନେ
ଷଡ଼ଚକ୍ର ଭେଦିଲେ ପାଇବ, ଚକ୍ଷୁ ରୁଜି ହୃଦରେ ଚାହିଁବ ଗୋ । ୩ ।
ମଣିମୟ ମଣ୍ଡପରେ ରତ୍ନସିଂହାସନ ପରେ
ପଞ୍ଚାଶ ଦଳ ପାଖୁଡ଼ା ପଦ୍ମ
ତା କେଶର ମଧ୍ୟେ ହରି ଚତୁର୍ଭୁଜ ରୂପ ଧରି
ସେହି ପ୍ରଭୁ ପାଦେ କର ସଦ୍ମ, ଗୋ ଗୋପୀମାନେ
ତେବେ ସିନା ମିଳିବେ ତୁମ୍ଭଙ୍କୁ ଭୟ ନରହିବ ଏ ଭବକୁ ଗୋ । ୪ ।

---

ସେହି ଶରୀରରୁ ଯାଇ ଅନ୍ୟ ଏକ ଶରୀରରେ ପ୍ରକାଶମାନ ହୁଅନ୍ତି । ସେ ସାକାର ଓ ନିରାକାର । ସେ ଯେତେବେଳେ ନିର୍ଗୁଣ ସେତେବେଳେ ନିରାକାର; ଯେତେବେଳେ ସଗୁଣ ସେତେବେଳେ ସାକାର । ଭକ୍ତିଭାବରେ ସେ ମିଳନ୍ତି; ଭକ୍ତିର ଅଭାବରେ ସେ ମିଳନ୍ତି ନାହିଁ ।

୩ । ନିରଞ୍ଜନ—ଶୁଦ୍ଧବ୍ରହ୍ମ । କଳେବର—ଶରୀର । ଭଙ୍ଗୁର—ବିନାଶଶୀଳ । ଷଡ଼ଚକ୍ର—ଆଧାର, ସ୍ୱାଧିଷ୍ଠାନ, ମଣିପୁର, ଅନାହତ, ବିଶୁଦ୍ଧାଖ୍ୟ, ଆଜ୍ଞା । ଚକ୍ଷୁରୁଜି—ଚକ୍ଷୁରେ ପ୍ରତ୍ୟକ୍ଷ କଲାପରି । ଷଡ଼ଚକ୍ର...ଚାହିଁବ—ଉଦ୍ଧବ ଏଠାରେ ଗୋପୀମାନଙ୍କୁ ଯୋଗମାର୍ଗ ସମ୍ବନ୍ଧରେ ଅବହିତ କରାଇଅଛନ୍ତି । ଯୋଗସାଧନ କଲେ ଶ୍ରୀକୃଷ୍ଣଙ୍କୁ ପାଇବା ସମ୍ଭବ । ଯୋଗସାଧନ କ୍ଷେତ୍ରରେ ଷଡ଼ଚକ୍ର ବିଷୟ ଏଠାରେ ଉଲ୍ଲେଖିତ । ମନୁଷ୍ୟର ଶରୀରରେ ଛଅଗୋଟି ସ୍ଥାନକୁ (ଗୁହ୍ୟ, ଲିଙ୍ଗ, ନାଭି, ହୃଦୟ, କଣ୍ଠ, ଭ୍ରୂ) ଛଅଗୋଟି ଚକ୍ର ଭାବରେ ଚିହ୍ନିତ କରାଯାଇଅଛି । ଏହି ଚକ୍ରଗୁଡ଼ିକ ଉପର୍ଯ୍ୟୁକ୍ତ ସାଙ୍କେତିକ ଶବ୍ଦଦ୍ୱାରା ପ୍ରକାଶିତ । ଯୋଗୀ ଯୋଗସାଧନ କରିବା ସମୟରେ ଇଡ଼ା, ପିଙ୍ଗଳା ନାଡ଼ିର ପଥରୁଦ୍ଧ କରି ସୁଷୁମ୍ନା ନାଡ଼ି ବାଟ ଦେଇ ବାୟୁକୁ ଆୟତ୍ତ କରି ଗୁହ୍ୟ ଚକ୍ରଠାରୁ ଭ୍ରୂ ଚକ୍ର ପର୍ଯ୍ୟନ୍ତ ଉର୍ଦ୍ଧ୍ୱକୁ ଉତ୍ତୋଳିତ କରେ । ଛଅଟିଯାକ ଚକ୍ର ଦେଇ ଏହି ବାୟୁ ଉର୍ଦ୍ଧ୍ୱକୁ ଗତିକରି ଆଜ୍ଞାଚକ୍ରର ଉର୍ଦ୍ଧ୍ୱଭାବରେ ଶଙ୍ଖିନୀ ନାଡ଼ିର ଶିରୋଭାଗରେ ଥିବା ଶୂନ୍ୟସ୍ଥାନରେ ପ୍ରବେଶ କରେ । ଏହି ଶୂନ୍ୟସ୍ଥାନରେ ନିସର୍ଗା ଶକ୍ତି ରହିଅଛି । ନିସର୍ଗା ଶକ୍ତିର ନିମ୍ନଦେଶରେ ସହସ୍ର ଦଳ ପଦ୍ମର ଅବସ୍ଥିତି । ଏହି ପଦ୍ମରେ ଅନ୍ତର୍ଯ୍ୟାମୀଙ୍କର ସ୍ଥାନ । ଯୋଗୀ ଯୋଗସାଧନ କରିବା ସମୟରେ ଧ୍ୟାନରେ ଷଡ଼ଚକ୍ରକୁ ଅତିକ୍ରମ କରି ଏହି ପଞ୍ଚାଶଦଳ ପଦ୍ମ ମଧ୍ୟରେ ପରମାତ୍ମାଙ୍କ ଦର୍ଶନାନୁଭୂତି ଲାଭ କରେ । ଉଦ୍ଧବ ଏଠାରେ ଗୋପୀମାନଙ୍କୁ ଉପଦେଶ ଦେଇ ଷଡ଼ଚକ୍ର ଭେଦକରି ଶ୍ରୀକୃଷ୍ଣଙ୍କୁ ପାଇବା କଥା କହିଅଛନ୍ତି । ଷଡ଼ଚକ୍ର ଭେଦକଲେ ସେମାନେ ଆଖିରେ ଦେଖିବା ପରି ହୃଦୟ ମଧ୍ୟରେ ତାଙ୍କର ଦର୍ଶନାନୁଭୂତି ଲାଭ କରିପାରିବେ ।

୪ । ମଣିମୟ...କରସଦ୍ମ—ଷଡ଼ଚକ୍ରକୁ ଧ୍ୟାନବଳରେ ଅତିକ୍ରମ କରି ସହସ୍ର ଦଳ ପଦ୍ମର ମଧ୍ୟବର୍ତ୍ତୀ ମଣିମୟ ମଣ୍ଡପରେ ରତ୍ନସିଂହାସନସ୍ଥ ପଞ୍ଚାଶ ଦଳ ପଦ୍ମ ଅର୍ଥାତ୍ ପଞ୍ଚାଶ ବର୍ଣ୍ଣର ପାଖୁଡ଼ା ଥିବା ପଦ୍ମକେଶର ମଧ୍ୟରେ ବିରାଜମାନ କରିଥିବା ଚତୁର୍ଭୁଜ ହରିଙ୍କର ପାଦପଦ୍ମକୁ ଆଶ୍ରୟ କର । ସଦ୍ମ—ବାସସ୍ଥଳ, ଆଶ୍ରୟ ଏ ଭବକୁ—ଭବତାପକୁ ।

Digitized by PPRACHIN, SOA

ଉଦ୍ଧବ ବଚନ ଶୁଣି · ବୋଲନ୍ତି ଗୋପ ରମଣୀ
ଏ ଯେଉଁ ଜ୍ଞାନକୁ ବୁଝାଇଲ
କ୍ଷୀର ଭାଣ୍ଡେ ଦଧି ଦେଲେ ନାଶ ଯାଇ ସେହୁ ଭଲେ
ଜ୍ଞାନ କଥା କିମ୍ପାଇ କହିଲ, ହେ ହରିଦୂତ
ଆମ୍ଭର ଭଗତି ରତ୍ନାକର, ଜ୍ଞାନ ନଦୀ ତହିଁ ସମକର ହେ । ୫ ।
ଅଭାଗ୍ୟ ହୋଇଲା ଯେଣୁ ଏକଥା ଶୁଣିଲୁଁ ତେଣୁ
ଆମ୍ଭ ଆଗେ ସେମାନ ନକହ
ବ୍ରହ୍ମକୁ ଭାବନ୍ତି ଯେହୁ ଏ ଭାବ ଜାଣନ୍ତି ସେହୁ
ଆମ୍ଭେ ତ ନ ଜାଣୁ ତୁମ୍ଭ ଭାବ, ହେ ହରିଦୂତ
ଯେସନେ କପିତ୍ଥ ଗଜ ଖାଇ, ପୁଣି ତାହା ବାହାର କରଇ ହେ । ୬ ।
ଦେଖିଲେ ଦିଶେ ସୁନ୍ଦର ନ ଥାଇ କିଛି ଉଦର
ସେହି ରୂପେ ରସହୀନ ଜ୍ଞାନ
ସେ କଥାକୁ କେତେ ଭଣ ଏ ବିନୁ ଆନ ନ ଜାଣ
ହୀରାସଙ୍ଗେ କରିବାକୁ ଗଣ, ହେ ହରିଦୂତ
ସେ ପୁଣି କ୍ଷଣକ ମାତ୍ର ସଢ଼େ, ରୂପ ରେଖ ଯାଏ କେଉଁଆଡ଼େ ହେ । ୭ ।

---

୫ । ଆମ୍ଭର...ସମକର—ଉଦ୍ଧବଙ୍କର ଜ୍ଞାନମିଶ୍ରା ଭକ୍ତିର ଉପଦେଶ ଶ୍ରବଣ କରି ଗୋପୀମାନେ ଶୁଦ୍ଧାଭକ୍ତିର ଶ୍ରେଷ୍ଠତ୍ୱ ପ୍ରକାଶ କରିଅଛନ୍ତି । ସେମାନଙ୍କ ମତରେ ସେମାନଙ୍କର ଶୁଦ୍ଧାଭକ୍ତି ସାଗର ପରି ଏବଂ ଜ୍ଞାନମିଶ୍ରା ଭକ୍ତି ନଦୀ ପରି । ଏ ଦୁହେଁ କେବେହେଲେ ସମାନ ହୋଇ ନ ପାରନ୍ତି । ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ତଦୀୟ ସମ୍ପାଦିତ ମଥୁରାମଙ୍ଗଳରେ "ଆମ୍ଭର ଭଗତି ଗଙ୍ଗାଧର" ପାଠକୁ ପୋଥିରୁ ଗ୍ରହଣ କରିଅଛନ୍ତି । ମାତ୍ର ଏହି ପାଠର ଅର୍ଥ ସ୍ୱଚ୍ଛ ନୁହେଁ । ତାଙ୍କ ମତରେ, ଗୋପୀମାନେ ଉଦ୍ଧବଙ୍କୁ କହିଲେ "ଆମର ଭକ୍ତିକୁ ଗଙ୍ଗାବୋଲି ଧର ।" ଗଙ୍ଗା କହିବାରେ ଶୁଦ୍ଧାଭକ୍ତିର ଉତ୍କର୍ଷ ପ୍ରତିପାଦିତ ହେଉଅଛି । ଗଙ୍ଗାନଦୀକୁ ଶିବ ଧାରଣ କରିଅଛନ୍ତି । ଶିବ ଅନ୍ୟ କୌଣସି ନଦୀକୁ ଧାରଣ କରିନାହାନ୍ତି । ତେଣୁ ଅନ୍ୟ କୌଣିସି ନଦୀ ଗଙ୍ଗା ସହିତ ସମାନ ହୋଇ ନପାରେ । ଏହି ଦୃଷ୍ଟିରୁ ଶୁଦ୍ଧାଭକ୍ତି ଜ୍ଞାନମିଶ୍ରା ଭକ୍ତି ସହିତ ସମାନ ହୋଇ ନପାରେ । ମାତ୍ର ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କର ଏହି ପାଠ ଗ୍ରହଣରେ ଅର୍ଥଗତ ଦୁର୍ବୋଧତା ପରିଲକ୍ଷିତ ହୋଇଥାଏ ।

୬ । ଅଭାଗ୍ୟ—ମନ୍ଦଦଶା । ସେମାନ—ବ୍ରହ୍ମଜ୍ଞାନ କଥା । ଏଭାବ—ଜ୍ଞାନମାର୍ଗ । ତୁମ୍ଭଭାବ—ଜ୍ଞାନମାର୍ଗ । କପିତ୍ଥ—କଇଁଥ ।

ଯେସନେ...କରଇ—ହାତୀ କଇଁଥକୁ ଖାଇ ତାହାକୁ ବାହାର କରିଦିଏ । କଇଁଥକୁ ସେ ଏପରି ଭାବରେ ହଜମ କରେ ଯେ କଇଁଥର ଆବରଣ ଥାଇ ତାହା ମଧ୍ୟର ରସକୁ ସେ ହଜମ କରିଦିଏ ଏବଂ ଅକ୍ଷତ ଅବସ୍ଥାରେ କଇଁଥକୁ ବାହାର କରିଥାଏ । ହାତୀପେଟରୁ ବାହାରିବା ପରେ କଇଁଥର ଖୋଳପାଟି କେବଳ ଥାଏ, ତାହା ଭିତରେ ଆଦୌ ରସ ନ ଥାଏ ।

୭ । ଉଦର—ଭିତରେ, ଗର୍ଭରେ । ଭଣ—ବର୍ଣ୍ଣନା କର । ଏବିନୁ—ଏହାଛଡ଼ା । କରକା—କୁଆପଥ । ଗଣ—ତଳନା କର, ଗଣନା କର । ସଢ଼େ—କ୍ଷୟ ପାଇଯାଏ । ରୂପରେଖ—ଚିହ୍ନବର୍ଣ୍ଣ ।

Digitized by PPRACHIN, SOA

ତେମନ୍ତ ମୁକତି ଚାରି ପ୍ରେମ ବିନେ ଦିନ ହରି
ଭଗତି ପଛରେ ଭ୍ରମୁଥାଇ
ଦାସରୁ ଅଟନ୍ତି ହୀନ ସେ ଗୁଡ଼ାକ କେତେ ଘେନ
ଆମ୍ଭଙ୍କୁ ସେମାନ ନରୁଚଇ, ହେ ହରିଦୂତ
ଯେଉଁ ଜନ ସୁଧା ଥାଇ ଖାଇ, ସେ ନିକି ମହୁଲ ପାଶେ ଯାଇ ହେ ? । ୮ ।
ଚିନ୍ତାମଣି କଣ୍ଠେ ଯାର ସଦା କରିଥାଇ ହାର
ସେ ନିକି ଲେଖଇ ଆର ରତ୍ନ ?
ଜାତି ପୁଷ୍ପ ଯେ ଘେନଇ ସେ ନିକି ବାସଙ୍ଗ ଚାହିଁ ?
ସେହିରୂପ ତୁମ୍ଭ ବ୍ରହ୍ମଜ୍ଞାନ, ହେ ହରିଦୂତ
ସେମାନ ନ କହ ଆମ୍ଭ ଆଗେ, ମଥୁରା ବାହୁଡ଼ି ଯାଅ ବେଗେ ହେ । ୯ ।
ବ୍ରହ୍ମ ବୋଲି ଯାହା କହ ପ୍ରକୃତି ତାହାର ଦେହ
କୁଳିଶ ପରାୟେ ରସହୀନ
ଭୂମି ପ୍ରାୟ ଭକ୍ତି ପୁଣ ଦିଏ ନାନା ରସମାନ,
ଯେ ଭାବଇ ଏକାନ୍ତ ଭାବେଣ, ହେ ହରିଦୂତ
କେବଳସେ ରସର ଭଣ୍ଡାର, ବ୍ରହ୍ମଜ୍ଞାନ ତାହାଙ୍କ କିଙ୍କର ହେ । ୧୦ ।
ଆମ୍ଭ ବୋଲ କର ଏବେ ଦିନ ବଞ୍ଚ ଭକ୍ତଭାବେ
ନାମ ରୂପ ବୟସ ଭୂଷଣ
ନାନାରଙ୍ଗେ ସେବା କରି ଗାଢ଼ ଲୋଭ ହୃଦେ ଭରି
ଦମ୍ଭ, ଲଜ୍ଜା, ଜାତି, ଦାରା, ଧନ, ହେ ହରିଦୂତ
ଏମାନ ତେଜିଲେ ପାଇ ପ୍ରେମ, ବ୍ରହ୍ମଜ୍ଞାନେ ବିଅର୍ଥେ ନ ଭ୍ରମ ହେ । ୧୧ ।
ତଥାପି ମଧୁର ରସେ ଜ୍ଞାନ ଯେବେ ଅଳ୍ପ ମିଶେ
ତାଙ୍କୁ ସେ କରଇ ବେଗେ ନାଶ
ପତିବ୍ରତା ନାରୀ ଯେହ୍ନେ ପର ପୁରୁଷର ସନେ
ସଂଯୋଗ ହୋଇଲେ ହୋଏ ଭ୍ରଂଶ, ହେ ହରିଦୂତ
ସେହିମତି ଭକ୍ତିରସେ ଜ୍ଞାନ, ଆମ୍ଭେମାନେ ନ ଜାଣୁ ସେମାନ ହେ । ୧୨ ।

---

୮ । ମୁକତି ଚାରି—ଚାରିପ୍ରକାର ମୁକ୍ତି;ସାରୂପ୍ୟ, ସାଲୋକ୍ୟ, ସାମୀପ୍ୟ, ସାଯୁଜ୍ୟ ।

୯ । ଆର—ଅନ୍ୟ । ଜାତି—ଯାଇ, ଚାମେଲୀ ।

୧୦ । ବ୍ରହ୍ମ—ଚିତ୍ ସ୍ୱରୂପ । ପ୍ରକୃତି—ଜଡ଼ ପ୍ରକୃତି । କୁଳିଶ—ବଜ୍ର । ଭକ୍ତି—ପ୍ରେମଭକ୍ତି, ଶୁଦ୍ଧାଭକ୍ତି । କିଙ୍କର—ଚାକର ।

୧୧ । ବ୍ରହ୍ମଜ୍ଞାନେ ବିଅର୍ଥେନ ଭ୍ରମ—ବ୍ରହ୍ମଜ୍ଞାନୀ ଭାବରେ ନିଜର ଜ୍ଞାନର ଅଯଥା ଅହମିକା ପ୍ରକାଶ କରି ଭ୍ରମର ବଶବର୍ତ୍ତୀ ହୁଅନାହିଁ ।

୧୨ । ମଧୁରରସ—ପ୍ରେମଭକ୍ତି ରସ, ଉଜ୍ଜ୍ୱଳ ରସ । ସନେ—ସଙ୍ଗରେ । ଭ୍ରଂଶ—ନଷ୍ଟ, ଭ୍ରଷ୍ଟ । ସେହିମତି—ସେହିପରି ।

Digitized by PPRACHIN, SOA

ଜାଣ୍ଣୁ ଯାହା ଶୁଣ ତାହା ତୁମ୍ଭେ ଯେ ପବିତ୍ର ଦେହା
ତେଣୁ କରି କହିବା ସେ କଥା
ଅନ୍ୟ ଜନ ହେଲେ ତାକୁ ନ କହନ୍ତୁ ଭଜୁଁ ଯାକୁ
ସେତ ଆତ୍ମା ସମ୍ପୁଟର କଥା, ହେ ହରିଦୂତ
ବ୍ରହ୍ମଜ୍ଞାନୀ ନ ଜାଣନ୍ତି ତାହା, ଶୁଷ୍କତରୁ ପ୍ରାୟ ତାଙ୍କ ହିଆ ହେ । ୧୩ ।
ସେହି ରୂପେ ତୁମ୍ଭ ମନ ଜାଣିଲୁ ଶୁଣି ବଚନ
ବ୍ରହ୍ମବୋଲି କହିଲା ବେଳରୁ
ସଚ୍ଚିଦାନନ୍ଦ ଅଙ୍ଗରୁ ସର୍ବ ବ୍ରହ୍ମ ସେହିଠାରୁ
ତାଙ୍କ ବିନେ କିଛି ନ ପଚାରୁ, ହେ ହରିଦୂତ
ସେହୁ ବ୍ରହ୍ମକୁ ନ ଜାଣୁ ଆମ୍ଭେ, ତାଙ୍କ ଭାବ କଥା ଜାଣ ତୁମ୍ଭେ ହେ । ୧୪ ।
କାଳିନ୍ଦୀ ହ୍ରଦରେ ପଶି ଯେହୁ କାଳୀ ଦର୍ପଧ୍ୱଂସି
ଯେ ଭାଞ୍ଜିଲେ ଶକଟା ଅର୍ଜ୍ଜୁନ
ପୂତନା ପରାଣ ଶୋଷି ଶଣ୍ଢା ବକା ଅଘା ନାଶି
ସେ ନାଗର ଆମ୍ଭ ମୂଳ ବ୍ରହ୍ମ, ହେ ହରିଦୂତ
ଆନ ବ୍ରହ୍ମେ ନ ରୁଚଇ ମନ, ତୁମ୍ଭେ କିଁପା କହୁଛ ସେମାନ ହେ । ୧୫ ।
ଯେ ଗିଳିଲା ଦାବାନଳ ରଖିଲା ବରଜକୁଳ
ଇନ୍ଦ୍ରଛଳେ ଟେକି ଗୋବର୍ଦ୍ଧନ
ଆମ୍ଭ ବ୍ରହ୍ମ ସେହି ଜାଣୁ ଆନ ବ୍ରହ୍ମକୁ ନ ଗଣୁ
ନିତ୍ୟେ ଭଜୁଁ ତାହାଙ୍କ ଚରଣ, ହେ ହରିଦୂତ
ସ୍ୱରୂପ କହିଲୁଁ ତୁମ୍ଭ ଆଗେ, କେଭେହେଁ ନ ପଶୁ ବ୍ରହ୍ମଭାଗେ ହେ । ୧୬ ।
ତୁମ୍ଭେ ଯେ ବୋଇଲ ସର୍ବ ହୃଦୟରେ ବ୍ରହ୍ମ ଠାବ
ତେବେ ଆଉ ଭଜୁଛ କାହାକୁ
ତୁମ୍ଭର ଶରୀରେ ଅଛି ବୋଲାଇ ପରମପକ୍ଷୀ
କେହୁ ପୁଣ ପେଷିଛି ତୁମ୍ଭଙ୍କୁ, ହେ ହରିଦୂତ
କାହାବୋଲେ ଗୋପକୁ ଅଇଲ, କାହା ଆଜ୍ଞା ଆମ୍ଭଙ୍କୁ କହିଲ ହେ । ୧୭ ।

---

୧୩ । ଆତ୍ମା ସମ୍ପୁଟ—ଆତ୍ମା ରୂପକ ଫରୁଆ, ଆତ୍ମାର ଗହନ କଥା । ଶୁଷ୍କତରୁ—ଶୁଖିଲା ଗଛ । ହିଆ—ହୃଦୟ ।

୧୪ । ସେହିରୂପେ ତୁମ୍ଭ ମନ—ତୁମ୍ଭମନ ଶୁଖିଲା ଗଛ ପରି ନୀରସ । ସଚ୍ଚିଦାନନ୍ଦ—ସତ୍, ଚିତ୍, ଆନନ୍ଦର ଆଧାର ଭଗବାନ । ସର୍ବବ୍ରହ୍ମ ସେହିଠାରୁ—ସତ୍, ଚିତ୍ ଓ ଆନନ୍ଦମୟ ଭଗବାନଙ୍କ ଅଙ୍ଗରୁ ବ୍ରହ୍ମର ଜନ୍ମ ।

୧୫ । ଭାଞ୍ଜିଲେ—ଭାଙ୍ଗିଲେ ।

୧୬ । ସ୍ୱରୂପ—ଯଥାର୍ଥ । ବ୍ରହ୍ମଭାଗେ—ବ୍ରହ୍ମ ବିଷୟରେ ।

୧୭ । ପରମ ପକ୍ଷୀ ଜୀବ ଓ ପରମକୁ ଦୁଇଗୋଟି ପକ୍ଷୀ ରୂପରେ କଳ୍ପନା କରାଯାଇଅଛି; ଜୀବବ୍ରହ୍ମ ଓ ପରମବ୍ରହ୍ମ ।

Digitized by PPRACHIN, SOA

ଉଦ୍ଧବ ବୋଲନ୍ତି ଶୁଣି　　　　ପେଷିଛନ୍ତି ବେଣୁପାଣି
ତୁମ୍ଭଙ୍କୁ ପ୍ରବୋଧି ଯିବାପାଇଁ
ଶୁଣି ହସିଲେ ଗୋପିନୀ　　　　ଏବେ ସେ ପାରିଲୁଁ ଜାଣି
ଆମ୍ଭ ବ୍ରହ୍ମ ସବୁରି ଗୋସାଇଁ, ହେ ହରିଦୂତ
ତୁମ୍ଭ ବ୍ରହ୍ମ କୃଷ୍ଣ ବୋଲେଛନ୍ତି, ଆଜ୍ଞାପାଇ ସମସ୍ତ କରନ୍ତି ହେ । ୧୮ ।
ଏମନ୍ତ ଶୁଣିଲେ ଯହୁଁ　　　　ଉଦ୍ଧବ ନିର୍ବେଦ ତହୁଁ
ମନ ମଧ୍ୟେ କରନ୍ତି ବିଚାର
ଏଡ଼େ କଥାମାନକିକେ　　　　ଜାଣିଲେ କହିଲେ ଠିକେ
ନିଶ୍ଚେ ଏହୁ ଗୋବିନ୍ଦ ଶରୀର, ହେ ଗୋପୀମାନେ
ୟାଙ୍କ ପରେ ନାହାନ୍ତି ସଂସାରେ, ବ୍ରହ୍ମାଶେଷ ଶଙ୍କର ଅମରେ ସେ । ୧୯ ।
ଅଶେଷ ଭୁବନପୁରୀ　　　　ରହିଛନ୍ତି ବ୍ରହ୍ମଚାରୀ
ସିଦ୍ଧ ଊର୍ଦ୍ଧ୍ୱରେତା ଯୋଗୀମାନେ
ସେମାନେ ଯାକୁ ନ ପାନ୍ତି　　　　ଜ୍ଞାନ ଯୋଗେ ଭ୍ରମି ହୋନ୍ତି
ତାଙ୍କୁ ବଶ କଲେ ଗୋପୀମାନେ ଯେ ଧନ୍ୟ ଧନ୍ୟ
କି ଉପମା ଦେବି ବୁଦ୍ଧି ନାହିଁ, ଏହାଙ୍କ ସମାନ ହେବ କେହି ଯେ । ୨୦ ।
ଏତେ ଭାଳି କୃଷ୍ଣଦୂତ　　　　ବୋଲନ୍ତି ଶୁଣ ଉଚିତ
ଆମ୍ଭେ ଆସିଥିଲୁ ଦୂତପଣେ
ବାରତା କହିବା ପାଇଁ　　　　ପେଷିଥିଲେ ଭାବଗ୍ରାହୀ
ତୁମ୍ଭେ କଳିକର ଜଣେ ଜଣେ, ଗୋ ଗୋପୀମାନେ
ଏକଥା ଅଟଇ କି କୁଶଳ, ଏବେ ତୁମ୍ଭ କଥା ତୁମ୍ଭେ ପାଳ ଗୋ । ୨୧ ।
ଏହା ଶୁଣି ଗୋପନାରୀ　　　　କହନ୍ତି ମନେ ବିଚାରି
ତୁମ୍ଭେ ସିନା ଲଗାଉଛ ଦ୍ୱନ୍ଦ୍ୱ
ସିଂହ ସଙ୍ଗେ ଗଜ ଲେଖ　　　　ସିନ୍ଧୁ ସଙ୍ଗେ ନଦୀ ଯୋଖ
ଏ କାହିଁ ହୋଇଚି ସମଭାଗ, ହେ ହରିଦୂତ
ଏଣୁ ସିନା କହିଲୁଁ ତହିଁକି, ତୁମ୍ଭେ ଦୁଃଖ କରୁଛ କାହିଁକି ହେ । ୨୨ ।

---

୧୮ । ବେଣୁପାଣି—ମୁରଲୀଧର, ଶ୍ରୀକୃଷ୍ଣ । ପ୍ରବୋଧି—ପ୍ରବୋଧନା ଦେଇ । ଆମ୍ଭ ବ୍ରହ୍ମ—ଆମ୍ଭମାନଙ୍କର ଉପାସ୍ୟଦେବତା, ଶ୍ରୀକୃଷ୍ଣ । ଗୋସାଇଁ—ପ୍ରଭୁ ।

୧୯ । ନିର୍ବେଦ—ବୁଦ୍ଧିଶୂନ୍ୟ । କିକେ—କିପରି । ଠିକେ—ନିଶ୍ଚୟ କରି । ଶେଷ—ଅନନ୍ତ । ଅମରେ—ଦେବତାମାନେ ।

୨୦ । ଊର୍ଦ୍ଧ୍ୱରେତା—ଜିତେନ୍ଦ୍ରିୟ । କେହି—କିଏ ।

୨୧ । କୃଷ୍ଣଦୂତ—ଉଦ୍ଧବ । ଉଚିତ—ଠିକ୍‌କଥା । ଭାବଗ୍ରାହୀ—ଯେ ଭକ୍ତର ଭାବକୁ ଗ୍ରହଣ କରନ୍ତି; ଶ୍ରୀକୃଷ୍ଣ । ପାଳ—ରକ୍ଷାକର ।

୨୨ । ଦ୍ୱନ୍ଦ୍ୱ—କଳହ । ଲେଖ—ସମାନ କର, ତୁଳନା କର । ଯୋଖ—ସମାନ କର । ସମଭାଗ—ସମାନ ।

Digitized by PPRACHIN, SOA

ଏବେ ଆମ୍ଭ କଥା ଶୁଣ                    କହିବୁ ଗୋବିନ୍ଦ ଗୁଣ
ଯେତେ କରିଥିଲେ ଏଥେ ଥାଇଁ
କହିଲେ କି ପ୍ରତେଯିବ                    ଜାଣନ୍ତି ଏକା ମାଧବ
ଆନ ଜାଣିବାକୁ କେହି ନାହିଁ, ହେ ହରିଦୂତ
ତହୁଁ କିଛି ଜାଣିଅଛୁ ଆମ୍ଭେ, ଏବେହେଁ ଥୋକାଏ ଶୁଣ ତୁମ୍ଭେ ହେ । ୨୩ ।
ଏତେ ଭାଷି ବ୍ରଜବାଳୀ                    ନୟନୁ ଲୋତକ ଗଳି
ଗଦ ଗଦ ହୋଇ କହେ ବାଣୀ
ପୂର୍ବର ଭାବନା ଗୁଣି                    ଉଠେ ପ୍ରେମ-ତରଙ୍ଗିଣୀ
କୃଷ୍ଣ ବୋଲି ଲୋଟିଲା ଧରଣୀ, ସେ କୁନ୍ଦଲତା
ଦେଖି କୋଳେ ଧଇଲା ସମ୍ଭାଳି, ହୃଦକୁ ଲଗାଇ ପ୍ରାଣଆଳୀ ସେ । ୨୪ ।
ଦେଖି ଭଦ୍ରା ଆଗସରି                    ହୋଇଣ କହେ ଚତୁରୀ
ଶୁଣ ଆହେ ଗୋବିନ୍ଦ ଡଗର
କି କହିବୁଁ ତାଙ୍କ ଗୁଣ                    ମନେ ପଡ଼ି ଦହେ ପ୍ରାଣ
ଯେସନେ ଅନର ଯୋଗେ ପୁର, ହେ ହରିଦୂତ
ସେହିମତି ହୋଇଅଛି ତନୁ, ଆଜ ଏକା ନୋହେ ଗଲାଦିନୁ ହେ । ୨୫ ।
ଦିନେ ଏହି ବୃନ୍ଦାବନେ                    ଡାକିଲେ ମୁରଲୀ ସ୍ୱନେ
କୁଳବତୀ ଶୁଣି ହେଲୁଁ ବାଇ
ନିଶାକାଳେ ଗଲୁଁ ବନେ                    ତା ରୂପ ଦେଖି ନୟନେ
ବଶ ହେଲୁଁ ସର୍ବ ଗୋପ ଗୋଈ, ହେ ହରିଦୂତ
ପୁଣି କଉତୁକ ଭିଆଇଲେ, ବୃନ୍ଦାବତୀ ଘେନି କାହିଁ ଗଲେ ହେ । ୨୬ ।
ପ୍ରବଳ ଅନ୍ଧାର ନିଶି                    ଡରିଲୁଁ ସର୍ବ ସୁକେଶୀ
ଆରତେ ଡାକିଲୁଁ ଦୁଖୀ ହୋଇ
ତାହା ଶୁଣି ଭାବଗ୍ରାହୀ                    ମଧ୍ୟରେ ହୋଇଲେ ଯାଇ
କଉତୁକେ ଆଲିଙ୍ଗନ ଦେଇ, ସେ ଶ୍ୟାମଘନ
ନାନାରଙ୍ଗେ କଲେ ରାସଲୀଳା, ଶାନ୍ତ ହେଲୁଁ ସକଳ ଅବଳା ସେ । ୨୭ ।

---

୨୩ । ଏଥେ—ଏଠାରେ । ପ୍ରତେ—ପରତେ, ବିଶ୍ୱାସ । ଥୋକାଏ—କିଛି ।

୨୪ । ଗୁଣି—ସ୍ମରଣ କରି । ପ୍ରେମ ତରଙ୍ଗିଣୀ—ପ୍ରେମର ନଦୀ ସ୍ୱରୂପିଣୀ । ପ୍ରାଣଆଳୀ—ପ୍ରାଣସଖୀ ।

୨୫ । ଗୋବିନ୍ଦ ଡଗର—ହରିଦୂତ, ଉଦ୍ଧବ । ଦହେ—ପୋଡ଼ି ପକାଏ । ପୁର—ଘର । ଗଲାଦିନୁ—ଶ୍ରୀକୃଷ୍ଣ ମଥୁରାକୁ ଯିବା ଦିନଠାରୁ ।

୨୬ । ମୁରଲୀ ସ୍ୱନେ—ବଂଶୀର ସ୍ୱରରେ । କୁଳବତୀ—କୁଳବଧୂ । ବାଇ—ପାଗଳ ।

୨୭ । ମଧ୍ୟରେ—ବନ ମଧ୍ୟରେ ।

Digitized by PPRACHIN, SOA

ଏମନ୍ତ କହିଲେ ଭଦ୍ରା ଶୁଣି କହେ ଲୋପାମୁଦ୍ରା
ମୋହଠାରୁ ଶୁଣ ହେ ଉଦ୍ଧବ
ଏହି ନୀପ ମୂଳେ ଦିନେ ବସିଥିଲେ ନନ୍ଦ କାହ୍ନେ
ଉଦୟେ କି କନ୍ଦର୍ପ ସମ୍ଭବ, ହେ ସାଧୁ ମଣି
ତହୁଁ ଅତିଶୟ ମନୋହର, ଯାହା କଲେ ରହିଛି ମନର ହେ । ୨୮ ।
ଆହୁରି ଦିନେ ଜଳରେ ଜଳକ୍ରୀଡ଼ା କରିବାରେ
ଯାହା କଲେ କହିନୋହେ ତାହା
ଦିନ ଦିନକର କଥା ମନେ ପଡ଼ି ଲାଗେ ବ୍ୟଥା
ଦାରୁଣ ବିଧାତା କଲା ଏହା, ହେ ହରିଦୂତ
କାହାକୁ କହିବୁଁ କର୍ମ ଊଣ, ତାଙ୍କ ପ୍ରଭୁପଣ ଗଲା ଜଣା ହେ । ୨୯ ।
ଏତେ ଭାଷି ଚନ୍ଦ୍ରାନନୀ ମହୀକି ଅନାଇ ତୁନି
ହେମମାଳା ବୋଇଲା ତହିଁକି ।
ତୁ ଯାହା କହିଲୁ ଧନି ପ୍ରମାଣ ଅଟେ ଏ ବାଣୀ
ଉପମା ଏ ଅଛଇ ତହିଁକି, ଗୋ ରସବତୀ
କହଇ ମୁଁ ଶୁଣ ସାବଧାନେ, ଶୁଣନ୍ତୁ ଅଛନ୍ତି ଯେତେ ଜନେ ଗୋ । ୩୦ ।
କୃତ୍ତିବାସ ନିରାକାର କୁବେର କୁଳିଶଧର
ବ୍ୟାସ ବିନାୟକ ଶଚୀ ନାରୀ
ଯଉଁ ରୂପେ ତାଙ୍କ ଗତି ସଂସାରେ ତା ଜାଣିଛନ୍ତି
କୃଷ୍ଣ କଥା ହୋଇଲା ସେପରି, ସେ ଚମ୍ପାଗାତ୍ରି
ତାଙ୍କୁ କେହି ବାଛିବ ଶୟଳେ, ବାଛିଲେ ମାରନ୍ତି ବାହୁବଳେ ସେ । ୩୧ ।

---

୨୮ । ନୀପମୂଳେ—କଦମ୍ବ ମୂଳେ । ନନ୍ଦ କାହ୍ନେ—ନନ୍ଦସୁତ, ଶ୍ରୀକୃଷ୍ଣ ସମ୍ଭବ—ଜନ୍ମ ।

୨୯ । କର୍ମଊଣ—କର୍ମ ଅବଳ, ମନ୍ଦଭାଗ୍ୟ ।

୩୦ । ପ୍ରମାଣ—ସତ୍ୟ ।

୩୧ । କୃତ୍ତିବାସ—ମହାଦେବ । ସେ ଶ୍ମଶାନରେ ବାସକରନ୍ତି । ସେ ଗଜାସୁରକୁ ବଧକରି ତାର ଚର୍ମକୁ ପିନ୍ଧିଥିଲେ । ତାଙ୍କର ପାଞ୍ଚଗୋଟି ମୁଖ, ତିନିଗୋଟି ଆଖି ଓ ବୃଷଭ ତାଙ୍କର ବାହନ । ସେ ମାତୃହରଣ କରିଥିଲେ ଓ ଗୋ-ବ୍ରାହ୍ମଣ ହତ୍ୟା କରିଥିଲେ ।

ନିରାକାର—ବିଷ୍ଣୁ । ତାଙ୍କର ଚାରିଗୋଟି ହାତ, ଗୋଟିଏ ମୁଖ । ଗରୁଡ଼ ତାଙ୍କର ବାହନ । ସେ କନ୍ଦର୍ପର ପିତା ଓ ଲକ୍ଷ୍ମୀଙ୍କର ପତି । ବିଷ୍ଣୁ ଯେତେବେଳେ ଅବତାର ଗ୍ରହଣ କରନ୍ତି ସେତେବେଳେ ସେ ସଂସାରରେ ମନୁଷ୍ୟପରି ଦଶା ଭୋଗ କରନ୍ତି । ସେ ବୃନ୍ଦାବତୀଙ୍କର ସତୀତ୍ୱ ନଷ୍ଟ କରିଥିଲେ ।

Digitized by PPRACHIN, SOA

ବଡ଼େ ସବୁ ପାର ଯାଇ ସାନରେ କଳଙ୍କ ହୋଇ
ଏହି କଥା ମନେ ଧରିଥିବ
ଏମନ୍ତ ବୋଲି ମହିଳା ବାଣୀକି ମୁଦି ରହିଲା
ଆଗସରି ହୋଇଲା ଆବେଶ, ସେ କୋମଳାଙ୍ଗୀ
ଅଧର କମ୍ପାଇ କହେ ରାଗେ, ଭିଡ଼ ଭେଦି ବସେ ଦୂତ ଆଗେ ସେ । ୩୨ ।
ଶୁଣ ହେ ଗୋବିନ୍ଦ ଚାର ଯାହା କଲେ ଗିରିଧର
କାହା ବେଳେ କରିପାରେ ତାହା
କଷ୍ଟ କରି ଗଲେ ଚାରି ଦିନରେ ଆସିବୁଁ ଫେରି
ଏବେ ହେଲେ କୁବୁଜାଙ୍କ ନାହା, ସେ ନନ୍ଦବାଳା
କଉଁ ଗୁଣେ ରସିଲେ ତାହାକୁ, ତାଳେ ମନ ନ କଲେ ଗୋପକୁ ସେ । ୩୩ ।
ଏହା ଶୁଣି ସୁରଙ୍ଗିଣୀ ଦରହାସେ କହେ ବାଣୀ
ଏହା କିମ୍ପା କହିଲୁ ନବୀନା
ଯାହାକୁ ଯେ ଦ୍ରବ୍ୟ ରୁଚେ ସେ କାହିଁ ତାହାକୁ ମୁଞ୍ଚେ
ମଧୁକର ସ୍ୱଭାବକୁ ଅନା, ଗୋ ବୀଣାଭାଷି
ସେ ଯେହ୍ନେ କମଳ ଚୁମ୍ବୁଥାଇ, ପୁଣି ଯାଇ ବାସଙ୍ଗେ ବସଇ ଗୋ । ୩୪ ।

---

କୁବେର— ସ୍ୱର୍ଗର ଧନପତି । ତାଙ୍କର ରୂପ ଅତ୍ୟନ୍ତ କୁତ୍ସିତ । ତାଙ୍କର ତିନିଟି ଗୋଡ଼, ଆଠଟି ଦାନ୍ତ ଓ ଗୋଟିଏ ଚକ୍ଷୁ । ଅନ୍ୟ ଗୋଟିଏ ଚକ୍ଷୁସ୍ଥାନରେ ଗୋଟିଏ ହଳଦିଆ ଦାଗ ଅଛି ।

କୁଳିଶଧର—ବଜ୍ରଧର, ଇନ୍ଦ୍ର । ତାଙ୍କର ସହସ୍ର ଚକ୍ଷୁ, ସହସ୍ର ଯୋନି । ସେ ଗୁରୁପତ୍ନୀ ହରଣ କରିଥିବା ଯୋଗୁଁ ଅଭିଶାପ ପାଇ ସହସ୍ର ଯୋନିରେ ପରିଣତ ହୋଇଥିଲେ ।

ବ୍ୟାସ— ବ୍ୟାସଦେବ କୈବର୍ତ୍ତୀର ପୁତ୍ର । ସେ ନିଜର ଭାଇବୋହୂମାନଙ୍କୁ ହରଣ କରିଥିଲେ ।

ବିନାୟକ— ଗଣେଶ । ତାଙ୍କର ମୁଖ ହସ୍ତୀମୁଖ ହେତୁ କୁରୂପ । ମୂଷିକ ତାଙ୍କର ବାହନ ।

ଶଚୀ— ଇନ୍ଦ୍ରଙ୍କ ପତ୍ନୀ । ଯେତେ ଇନ୍ଦ୍ର ଆସିଲେ ମଧ ଶଚୀ ସେମାନଙ୍କର ପତ୍ନୀ । ଚମ୍ପାଗାତ୍ରୀ—ଚମ୍ପାଗୋରୀ । ଶୟଳେ—ସଂସାରରେ ।

୩୨ । ବାଣୀକି ମୁଦି—ଚୁପ୍ ହୋଇ, ଚୁପ୍ କରି । ଆବେଶ—ଭାବରେ ଅଭିଭୂତ । ଭିଡ଼ ଭେଦି—ଗୋପୀମାନଙ୍କର ଭିଡ଼କୁ ଅତିକ୍ରମ କରି ।

୩୩ । କାହା—କିଏ । ବେଳେ—କେଉଁ ବେଳରେ । ନାହା—ନାଥ । ତାଳେ—ତିଳେ ।

୩୪ । ଦରହାସେ—ଅଳ୍ପ ହସି । ମୁଞ୍ଚେ—ତ୍ୟାଗ କରେ । ମଧୁକର—ମହୁମାଛି । କମଳ—ପଦ୍ମ । ବାସଙ୍ଗେ—ବାସଙ୍ଗ ଫୁଲରେ ।

Digitized by PPRACHIN, SOA

ସେହିରୂପେ ନନ୍ଦବଳା ଆମ୍ଭଠାରେ କରି ହେଳା
କୁବୁଜାଙ୍କୁ ପ୍ରାଣପ୍ରିୟା କଲା
ତଥାପି ତାହାର ସଙ୍ଗ କଲେହେଁ ଶ୍ରୀରଙ୍ଗ ଅଙ୍ଗ
ଲାଗି ତନୁ ସୁନ୍ଦର ହୋଇଲା, ସେ କୁନ୍ଦହାସୀ
ଆଉ କିମ୍ପା ତେଜିବ ସେ ସୁଖ, ଗୋପକୁ ଛାଡ଼ିଲା ଏବେ ଦେଖ ଗୋ । ୩୫ ।

ଧନ୍ୟ ମଧୁ ନାରୀମାନେ ଭଣ୍ଡିଲେ ଯନ୍ତ୍ର କୁଜ୍ଞାନେ
ଭଲା ସେ ଜାଣନ୍ତି ଅଉଷଧ୍
ବଚନେ ଭୁଲାଇ ଦେଲେ ସ୍ତମ୍ଭନ ମୋହନ କଲେ
କାହୁଁ ଏତେ ବିଦ୍ୟା କଲେ ସିଦ୍ଧି, ସେ ଯଦୁନାରୀ
ପରଧନେ ବଡ଼ପଣ କଲେ, ଯାହା ଧନ ସେହୁ ଝୁରିମଲେ ଗୋ । ୩୬ ।

ଏତେ କହି ମଲ୍ଲିହାସୀ ମହୀକି ଅନାଇ ବସି
କର ଉର୍ଦ୍ଧ୍ୱ କରି କହେ ଲୀଳା
ଉଦ୍ଧବ ଶୁଣିବା ହେଉ ଯାହା କଲେ ମହାବାହୁ
ତାଙ୍କୁ ବୋଲି ସିନା ପାର ଗଲା, ହେ ଶୁଦ୍ଧଚେତା
ଦେଖିଅଛୁ ପୂତନା ମାଇଲେ, ଗୋଷ୍ଠେ ପଶି ଶଣ୍ଢା କଚାଡ଼ିଲେ ସେ । ୩୭ ।

କିଛି ଦୋଷ ନ ଲାଗିଲା ଏଡ଼େ ପାପ ପାର ଗଲା
ସତ୍ୟଭଗ୍ନ ହେଲେ ହେବ କିସ
ଏମନ୍ତ ବିଚାର କରି ରହିଲେ ମଥୁରା ପୁରୀ
ଆମ୍ଭଠାରେ କରି ଅବିଶ୍ୱାସ, ହେ ଶୁଦ୍ଧଚେତା
କି କହିବି ତୁମ୍ଭର ଛାମୁରେ, ଏ କଥା କହିବ ତାଙ୍କୁ ଥରେ ହେ । ୩୮ ।

---

୩୫ । ଶ୍ରୀରଙ୍ଗ—ଶ୍ରୀକୃଷ୍ଣ ।

୩୬ । ମଧୁନାରୀ—ମଥୁରା ନାରୀ । ଭଣ୍ଡିଲେ—ଠକିଲେ । ଯନ୍ତ୍ର କୁଜ୍ଞାନେ—ଯନ୍ତ୍ର ମନ୍ତ୍ର କରି ମନ୍ଦବୁଦ୍ଧିରେ । ଅଉଷଧ୍—ଔଷଧ । ସ୍ତମ୍ଭନ—ଜଡ଼ । ମୋହନ—ମୋହିତ କରିଦେବା । ଯଦୁନାରୀ—ଯାଦବ ନାରୀ । ପରଧନେ—ଅନ୍ୟର ଧନରେ, ଅର୍ଥାତ୍ ଶ୍ରୀକୃଷ୍ଣ ଗୋପନାରୀମାନଙ୍କର ଧନ, ତାଙ୍କୁ ମଥୁରା ନାରୀମାନେ ଭୁଲାଇ ନିଜକୁ ବଡ଼ ମନେକଲେ ।

୩୭ । ମଲ୍ଲିହାସୀ—ମଲ୍ଲି ଫୁଲପରି ଶୁଭ୍ରହାସୀ । ଲୀଳା—ଭଙ୍ଗୀ । ଶୁଦ୍ଧଚେତା—ସାଧୁ ।

୩୮ । ପାରଗଲା—ପାର ପାଇଗଲା । ସତ୍ୟଭଗ୍ନ—ଚାରିଦିନକୁ କଣ୍ଠକରି ଶ୍ରୀକୃଷ୍ଣ ମଥୁରାକୁ ଗଲେ, ମାତ୍ର କଥାର ସତ୍ୟତା ରକ୍ଷା କରିପାରିଲେ ନାହିଁ, ସତ୍ୟଭ୍ରଷ୍ଟ ହେଲେ ।

Digitized by PPRACHIN, SOA

ଏତେ କହି ପିକଭାଷୀ ମହୀକି ଅନାଇଁ ବସି
କାନ୍ତିମାଳା କହଇ ବିଚାର
ଶୁଣ ହେ ଯାଦବବୀର ଯାହାକଲେ ବ୍ରଜବର
ମନ୍ତୁ ନିକି ହୋଇବ ପାସୋର, ହେ ଶୁଦ୍ଧଚେତା
କହିବଟି ଗଲେ ମଥୁରାକୁ, କୁବୁଜାଙ୍କ ନାଗରବରକୁ ହେ । ୩୯ ।

ଏମନ୍ତ ସମୟେ ଶୁଣ ବିଚିତ୍ର କଥା ଏ ପୁଣ
ଗଗନେ ଭ୍ରମର ଯାଉଥିଲା
ଗୋପୀଙ୍କ ଅଙ୍ଗ ସୁବାସ ପାଇ ମନ ହେଲା ତୋଷ
କୁସୁମ ପରାୟେ ବିଚାରିଲା, ସେ ଷଟପଦ
ଆନନ୍ଦେ ଧାଇଁଲା ଘୋଣାନାଦେ, ପଡ଼ିଲା ସେ ବୃନ୍ଦା ଗୋପୀ ପାଦେ ସେ । ୪୦ ।

ଦେଖିଲା ବିଚିତ୍ର କଥା ମୁଖୁ ନ ସ୍ଫୁରିଲା କଥା
ପଦ୍ମରେ ବିରାଜେ ଚମ୍ପାକଢ଼ି
ଆନନ୍ଦେ ବିହ୍ୱଳ ହେଲା ଜ୍ୟେଷ୍ଠ ନଖରେ ବସିଲା
ଦେଖି ଗୋପୀ ଚରଣ ସିଆଢ଼ି, ସେ ଷଟପଦ
ଉଡ଼ିଯାଇ ପୁଣ ବାହୁଡ଼ିଲା, ଗନ୍ଧଭୋଳେ ଚରଣ ଚୁମ୍ବିଲା ସେ । ୪୧ ।

ଏହା ଦେଖି ଚନ୍ଦ୍ରାନନୀ କୃଷ୍ଣଦୂତ ପ୍ରାୟେ ମଣି
କ୍ରୋଧ କରି ବୋଲଇ ବଚନ
ଯାଅରେ କାଳିଆ ଭୃଙ୍ଗ ଯହିଁ ଥିବେ ତୋ ଶ୍ରୀରଙ୍ଗ
କିପାଁ ଅଛୁ ଆମ୍ଭର ଭୁବନ, ରେ ଷଟପଦ
ତୁମ୍ଭ ସମ ଅବିଶ୍ୱାସୀ ନାହିଁ, ଚରଣ ଧରୁଛୁ କାହିଁପାଇଁ ରେ । ୪୨ ।

---

୩୯ । ପିକଭାଷୀ—କୋକିଳ ବଚନୀ । ଯାଦବବୀର—ଉଦ୍ଧବ । ବ୍ରଜବର—ଶ୍ରୀକୃଷ୍ଣ । କୁବୁଜାଙ୍କ ନାଗରବର—ଶ୍ରୀକୃଷ୍ଣ ।

୪୦ । ଗଗନେ—ଆକାଶରେ । ଅଙ୍ଗସୁବାସ—ଶରୀରର ସୁଗନ୍ଧ; ଗୋପୀମାନେ ପଦ୍ମିନୀ ଜାତୀୟା ନାୟିକା ହୋଇଥିବାରୁ ସେମାନଙ୍କ ଶରୀରରୁ ପଦ୍ମର ସୁଗନ୍ଧ ବାହାରୁଥିଲା । ଷଟପଦ—ଭ୍ରମର । ଘୋଣାନାଦେ—ନାସିକାର ଗୁଞ୍ଜନ ଶବ୍ଦ କରି । ବୃନ୍ଦା ଗୋପୀ—ବୃନ୍ଦାବତୀ ।

୪୧ । ସ୍ଫୁରିଲା—ବାହାରିଲା । ପଦ୍ମରେ—ପାଦପଦ୍ମରେ । ଚମ୍ପା କଢ଼ି—ପାଦର ଆଙ୍ଗୁଳି । ଜ୍ୟେଷ୍ଠନଖେ—ପାଦର ବୁଢ଼ାଆଙ୍ଗୁଠିର ନଖ ଉପରେ ।

୪୨ । ଚନ୍ଦ୍ରାନନୀ—ଚନ୍ଦ୍ରମୁଖୀ । କୃଷ୍ଣ ଦୂତ—ଭ୍ରମର କଳାବର୍ଣ୍ଣ ହେତୁ ଶ୍ରୀକୃଷ୍ଣଙ୍କର ଦୂତ । ଶ୍ରୀରଙ୍ଗ—ଶ୍ରୀକୃଷ୍ଣ ।

Digitized by PPRACHIN, SOA

କୋକିଳ କାଳିଆ ଫଣୀ ତୋର ଜାତି ରାହୁ ଘେନି
ଗୋବିନ୍ଦ ସହିତେ ଯେତେ ଜଣ
କେବେହେଁ ବିଶ୍ୱାସ ନୋହ ଆଗେ ପ୍ରୀତି ପଛେ ଦହ
ଏବେ ତୁମ୍ଭ ଗୁଣମାନ ଶୁଣ, ରେ ମଧୁକର
ତୁ ଯେହ୍ନେ ଉତ୍ତମ ପୁଷ୍ପ ଦେଖି, ମଧେ ବସୁ ହୋଇ ମହାସୁଖୀ ରେ । ୪୩ ।

ନାନା ରଙ୍ଗେ ପ୍ରୀତି କରୁ ତାର ମରକନ୍ଦ ହରୁ
ତୋର ମନ ହୁଅଇ ତ୍ରିପୁତି
ପ୍ରାନ୍ତେ ତାକୁ କାଟିଦେଉ ଅନ୍ୟ ପୁଷ୍ପ ପାଶେ ଯାଉ
ସେହିମତି କଲେ ଶିରୀପତି, ରେ ମଧୁକର
କା ଆଗେ କରିବୁଁ ଗୁହାରି, ନିରେଖ ହୋଇଲୁଁ ଗୋପନାରୀ ରେ । ୪୪ ।

ଯେସନେ କାଳୀ-କୁଣ୍ଡଳୀ ଶାବକ ଦିନରୁ ପାଳି
ନିତି ପୟ ଆହାର ଖୁଆଇ
କ୍ରମେ ସେ ହୋଇଯେ ପ୍ରବଳ ଉଦ୍‌ଗାର କରେ ଗରଳ
ପାଳିଲାର ଜୀବନ ନିଅଇ, ରେ ମଧୁକର
ତାର ପ୍ରାୟେ କଲେ ପତୀବାସ, ଆମ୍ଭଙ୍କୁ ନିଶ୍ଚୟ କଲେ ନାଶ ରେ । ୪୫ ।

ବାଳକାଳୁଁ ପାଳିଥିଲୁ ତନୁ ଧନ ସମର୍ପିଲୁ
ଦିନାକେତେ କରିଥିଲେ ଭୋଗ
କାଳେ କାମ ବ୍ୟାଳମୁଖେ ଦେଇଗଲେ ଅଛୁଁ ଦୁଃଖେ
ଆଉ କି ଆସିବେ ହେବ ଭାଗ୍ୟ, ରେ ମଧୁକର
ଏହି ବିଷକୁ ସେହି ଜାଙ୍ଗଳି, ପରଶମାତ୍ରକେ ଯିବ ଝଡ଼ି ରେ । ୪୬ ।

---

୪୩ । ଫଣୀ—ସାପ । ରାହୁ—ଦୈତ୍ୟ (କଳାବର୍ଣ୍ଣ) । ଦହ—ଦହନ କର, ପୋଡ଼ି ପକାଅ । ମଧୁକର—ଭ୍ରମର ।

୪୪ । ମକରନ୍ଦ—ପୁଷ୍ପମଧୁ । ତ୍ରିପୁତି—ତୃପ୍ତି । ପ୍ରାନ୍ତେ—ଶେଷରେ । ଶିରୀପତି—ଶ୍ରୀକୃଷ୍ଣ । ନିରେଖ—ଅସହାୟା ।

୪୫ । କାଳୀକୁଣ୍ଡଳୀ—କାଳୀୟନ୍ତି ସାପ, ନାଗସାପ । ଶାବକୁ ଦିନରୁ—ପିଲାଦିନରୁ । ପୟ—ଦୁଗ୍ଧ । ଉଦ୍‌ଗାର କରେ—ବାନ୍ତି କରେ । ଗରଳ—ବିଷ । ପାଳିଲାର—ପାଳିଲା ଲୋକର । ପୀତବାସ—ଶ୍ରୀକୃଷ୍ଣ ।

୪୬ । ତନୁଧନ—ଶରୀର ରୂପକ ଧନ । କାମବ୍ୟାଳ—କନ୍ଦର୍ପରୂପକ ସର୍ପ । ଜାଙ୍ଗଳି—ବିଷ ବୈଦ୍ୟ, ସାପୁଆ କେଳା ।

Digitized by PPRACHIN, SOA

ଏବେ ଶୁଣ ପିକ ଗୁଣ ସେ ଯାହା କରଇ ପୁଣ
ନିଜ ମାତା ପିତାକୁ ଛାଡ଼ଇ
ଦ୍ରୋଣ ଘରେ କାଳ ବଞ୍ଚେ ବଡ଼ ହେଲେ ତାକୁ ମୁଞ୍ଚେ
ପୂର୍ବ ନିଜ କୁଳ ଆଦରଇ, ରେ ଷଟପଦ
ପାଳି ଖଗ ହୁଅଇ ନିରାଶ, ସେହିରୂପେ କଲେ ଶ୍ରୀନିବାସ ରେ । ୪୭ ।
ଦିନେଶ କିରଣ ଚାହିଁ ପଦ୍ମିନୀ ଆନନ୍ଦ ହୋଇ
ଜଳେ ଥାଇ ବିକାଶଇ ଅଙ୍ଗ
ମାନସେ ବିଚାର କରେ ସଙ୍ଗ ହେବା ଆଶେ ଝରେ
ବୋଲେ କି ସମର୍ପି ଦେବି ଅଙ୍ଗ, ସେ ତାମରସ
ଦୂରେ ଥାଇ ତାର ପ୍ରୀତି ଏଡ଼େ, ସେ ପୁଣି ବାରି ଶୁଖିଲେ ପୋଡ଼େ ସେ । ୪୮ ।
ସେହିମତି ଆଶା କରି ରହିଛୁ ଗୋକୁଳନାରୀ
ମାରତଣ୍ଡ ପ୍ରାଏ ନାଶ କଲେ
ପ୍ରୀତି ଜଳ ଶୁଖିଗଲା ଅଙ୍ଗ କର୍ଦ୍ଦମ ଫାଟିଲା
ଗୋପୀଜନ ସୂର୍ଯ୍ୟରେ ନୋହିଲେ, ରେ ମଧୁକର
ଏହି ରୂପେ ତୁମ୍ଭମାନଙ୍କର, ଦୂର ହୁଅ ଛାଡ଼ ମୋ ପୟର । ୪୯ ।
ଏବେ ତୁ ମଥୁରା ଯାଅ ମିତ୍ରଙ୍କ ପାରୁଶେ ଥାଅ
ତ୍ରିମୁଣ୍ଡି ଜୁଡ଼ାରେ ଚୁମ୍ବୁଥିବୁ
ଯେବେ ସେ କରିବେ ଆଜ୍ଞା ଯିବୁ, ନକରି ଅବଜ୍ଞା
ମଧୁ ନାରୀମାନଙ୍କୁ କହିବୁ, ରେ ମଧୁକର
କଇତବ ବାନ୍ଧବ ତୁ ଯେଣୁ, ଗୋପକୁ ଆସିବୁ ନାହିଁ ତେଣୁରେ । ୫୦ ।
ଦେଖ ଗୋ ସଜନୀମାନେ ଶିଳୀମୁଖର ବଦନେ
କୁସୁମ ପରାଗ ଲାଗିଅଛି
ମଥୁରା ନାରୀଙ୍କ ମେଳେ କୃଷ୍ଣର ବିଳାସକାଳେ
ଆଲିଙ୍ଗନ କଲେ ରତି ଇଛି, ଗୋ ସଖୀମାନେ
ଗାଢ଼ ପାଇ କୁସୁମ ଛିଡ଼ିଲା, ତାହା ଚୁମ୍ବି ଏମନ୍ତ ହୋଇଲା ଗୋ । ୫୧ ।

---

୪୭ । ପିକ–କୋକିଳ । ଦ୍ରୋଣ–କାକ । ମୁଞ୍ଚେ–ଛାଡ଼େ । ଖଗ–ପକ୍ଷୀ, କାକ । ଶ୍ରୀନିବାସ–ଶ୍ରୀକୃଷ୍ଣ ।

୪୮ । ଦିନେଶ–ସୂର୍ଯ୍ୟ । ବିକାଶଇ–ପ୍ରସ୍ଫୁଟିତ କରେ । ତାମରସ–ପଦ୍ମ । ବାରି–ଜଳ ।

୪୯ । ଗୋକୁଳ ନାରୀ–ଗୋପନାରୀ । ମାରତଣ୍ଡ–ସୂର୍ଯ୍ୟ । ସୂର୍ଯ୍ୟରେ–ସୂର୍ଯ୍ୟରୂପୀ ଶ୍ରୀକୃଷ୍ଣଙ୍କ ଦୃଷ୍ଟିରେ । ଏହିରୂପେ–ଏହିପରି କାର୍ଯ୍ୟ । ପୟର–ପାଦ ।

୫୦ । ମିତ୍ର–ଶ୍ରୀକୃଷ୍ଣ । ତ୍ରିମୁଣ୍ଡି ଜୁଡ଼ା–ତ୍ରିଗୁଣ କରି ବନ୍ଧାଯାଇଥିବା ଚୁଳ । ମଧୁନାରୀ–ମଥୁରା ନାରୀ । କଇତବ ବାନ୍ଧବ–କପଟାଚାରୀ ଶ୍ରୀକୃଷ୍ଣଙ୍କର ବନ୍ଧୁ ।

୫୧ । ଶିଳୀମୁଖ–ଭ୍ରମର । ଇଛି–ଇଚ୍ଛାକରି । ଗାଢ଼ପାଇ–ଗାଢ଼ ଆଲିଙ୍ଗନ ପାଇ ।

Digitized by PPRACHIN, SOA

ସେ ସଙ୍କେତ ଦେଖାଉଛି ଆମ୍ଭ ହୃଦୟ ଦହୁଛି
ସପତଣୀ ସିନା ଆମ୍ଭେମାନେ
ତାଙ୍କ ସୁଖ କଥା କହି ଦିନାଚାରି ଏଥି ରହି
ପୁଣି ଯିବ ତାଙ୍କର ଭୁବନେ, ଗୋ ସଖୀମାନେ
ଶଠପଣ କରି ଆସିଅଛି, ଯତନେ ମୋ ଚରଣ ଚୁମ୍ବୁଛି ଗୋ । ୫୨ ।
ଶୁଣରେ ଅସିତ ଅଳି ଯାହା କଲେ ବନମାଳୀ
ମନରୁ ପାସୋର ଯାଉନାହିଁ
ପ୍ରଦୀପ ପଛେ ଅନ୍ଧାର କେବେହେଁ ନୋହେ ଅନ୍ତର
ଛାୟା ଯେହ୍ନେ ଅଙ୍ଗୁଭିନ୍ନ ନୋହି, ରେ ମଧୁକର
ସେହିରୂପେ ଗୋପୀ କୃଷ୍ଣ ପ୍ରୀତି, କ୍ଷୀର ନୀର ଯେମନ୍ତ ହୁଅନ୍ତିରେ । ୫୩ ।
ସେ ଏବେ କଲେ ଅନ୍ତର କୁବୁଜା ନାଗରବର
ଯଉଁ ଦିନଠାରୁ ସେ ହୋଇଲେ
କାମ ଜ୍ୱରକୁ ଔଷଧି ପାଇଲେ କରୁଣାନିଧି
ଗୋପାଙ୍ଗନା ଅପଥ୍ୟ ହୋଇଲେ, ରେ ମଧୁକର
ଏକଡା ଏମନ୍ତ ହେବ ସିନା, ଯାଅ ତୋ କୃଷ୍ଣଙ୍କୁ କହ କିନାରେ । ୫୪ ।
ତଥାପି କହୁଛୁ ତୋତେ ଯାଅ ବା ନଯାଅ ପ୍ରତେ
କଳାରେ ବିଶ୍ୱାସ ଯିବୁ ନାହିଁ
ତୁ ବା ବୋଲିବୁ ମୋ ମିତ୍ର ଜାଣିଥା ପଙ୍କଜନେତ୍ର
କି ନ କଲେ ଆମ୍ଭ ମିତ୍ର ହୋଇ, ରେ ମଧୁକର
ଏଣୁକରି କହୁଅଛୁ ତୋତେ, କଳାନନେ ନଯିବୁଁ ପରତେ ରେ । ୫୫ ।
ଦେଖ କଳା ନନ୍ଦବଳା ଆମ୍ଭ ଜାତି କୁଳ ନେଲା
କାଳେ କାଳେ ରଖିଲା ଦୂଷଣ
ଫୁଲ ଗଭାପ୍ରାଏ କରି ଫିଙ୍ଗିଦେଲା ଭୋଗସାରି
କେ ସହିବ ଏ ଦୁଃଖ କଷଣ, ରେ ମଧୁକର
ଶରଦ କୋକିଳ ପ୍ରାଏ ହେଲୁ, ପ୍ରୀତିକୁଳ ମର୍ଯ୍ୟାଦା ତେଜିଲୁ ରେ । ୫୬ ।

---

୫୨ । ସଙ୍କେତ—ଚିହ୍ନ । ସପତଣୀ—ସଉତୁଣୀ ।
୫୩ । ଅସିତ—କୃଷ୍ଣବର୍ଣ୍ଣ । ବନମାଳୀ—ଶ୍ରୀକୃଷ୍ଣ ।
୫୪ । ଅନ୍ତର—ଦୂର । କାମଜ୍ୱରକୁ ଔଷଧି—ଶ୍ରୀକୃଷ୍ଣଙ୍କର କନ୍ଦର୍ପ-ଜ୍ୱରକୁ ମଥୁରା ନାରୀ ଔଷଧ ସ୍ୱରୂପ । କରୁଣାନିଧି—ଦୟାସାଗର, ଶ୍ରୀକୃଷ୍ଣ । ଅପଥ୍ୟ—ନିଷିଦ୍ଧ ଖାଦ୍ୟ ।
୫୫ । ପ୍ରତେ—ବିଶ୍ୱାସେ । କଳାରେ—କୃଷ୍ଣବର୍ଣ୍ଣରେ । ପଙ୍କଜନେତ୍ର—ପଦ୍ମନେତ୍ର, ଶ୍ରୀକୃଷ୍ଣ ।
୫୬ । ନନ୍ଦବଳା—ନନ୍ଦପୁତ୍ର, ଶ୍ରୀକୃଷ୍ଣ । ଦୂଷଣ—କଳଙ୍କ । କଷଣ—ପୀଡ଼ା । ଶରଦ କୋକିଳପ୍ରାୟ—ଶରତ୍କାଳର କୋଇଲିପରି; ଅର୍ଥାତ୍ ଶରତ୍କାଳରେ କୋଇଲି ନିଜର ପାଳକଙ୍କୁ ଛାଡ଼ି ଚାଲିଯାଏ । ଗୋପୀମାନେ ସେହିପରି ଶ୍ରୀକୃଷ୍ଣଙ୍କ ଲାଗି ନିଜ ନିଜର ପତି, ଶ୍ୱଶୁର ପ୍ରଭୃତିଙ୍କୁ ଛାଡ଼ି ଦେଇଥିଲେ ।

Digitized by PPRACHIN, SOA

ଚନ୍ଦ୍ରକୁ ଆଶ୍ରୟ କଲା　　　　ଶଶା ଯେଉଁରୂପେଁ ମଲା
ସେହିରୂପେ ମରିବୁ ଗୋପିନୀ
କଳଙ୍କ ବହିବେ ହରି　　　　କଥା ଥିବ ଯୁଗ ଚାରି
ପଣ୍ଡିତେ ନିନ୍ଦିବେ କର୍ଣ୍ଣେ ଶୁଣି, ରେ ମଧୁକର
ସ୍ତିରୀହତ୍ୟା ଲଗାଇ ବାଛିବେ, ଏହିକଥା କହ ଯାଇ ଏବେରେ । ୫୭ ।
ଥିଲା ଯେବେ ମନ ତାର　　　　ମାରିବାକୁ ଗୋପୀକୁଳ
କିମ୍ପା କରୁଥିଲେ ଏଡ଼େ ପ୍ରୀତି
କରି ପ୍ରେମ ଆଲିଙ୍ଗନ　　　　ଗଣ୍ଡେ ଦେଇଣ ଚୁମ୍ବନ
ବିହରିଲେ ଘେନି ଦିବାରାତି, ରେ ମଧୁକର
ଏଡ଼େ ବଡ଼ କଥା ଆଚରିଲେ, କରି କାଚପ୍ରାଏ କଚାଡ଼ିଲେ । ୫୮ ।
ଯେଉଁଦିନୁ ଦାବାନଳ　　　　ଗିଳିଦେଲା ନନ୍ଦବାଳ
ସେହି ଦିନୁ ଭାଳୁଥାଇଁ ଚିତ୍ତେ
ଏତ ନୁହଇ ମନୁଷ୍ୟ　　　　କଉଁ ଦେବତା ପ୍ରକାଶ
ହୋଇ ଗୋପେ ରହିଛି ଗୁପତେ, ରେ ମଧୁକର
ସର୍ପଶିରେ ନାଚେ କି ମାନବ । କାହାବୋଲେ ବିଷ ସୁଧା ହେବ ରେ । ୫୯ ।
ଯେଉଁରୂପେ ଡରୁଥିଲୁଁ　　　　ସେହିରୂପେ ଏବେ ମଲୁଁ
ଆଉ ତାହା କହିହେବ କିସ
ଯଉଁ ପ୍ରାଣୀ ଯହିଁ ବଢ଼େ　　　　ତହିଁ ତାକୁ ନିନ୍ଦା ପଡ଼େ
ଅବଶ୍ୟ ଜୀବନେ ପାଇ ନାଶରେ ମଧୁକର ।
ବୟସ ଗରବେ ହେଲୁ ବାଇ, ଆମ୍ଭେନାଶ ନ ଯିବୁଁ କିମ୍ପାଇଁରେ । ୬୦ ।
ନ ମାନିଲୁ ଗୁରୁଜନ　　　　ନ କଲୁ ପତି ବଚନ
ନ ମାନିଲୁ ଭଲ ମନ୍ଦ ବୋଲି
ନ ଜାଣିଲୁ ଦିବା ନିଶି　　　　ନିରତେ ତା ସଙ୍ଗେ ରସି
କୁଳଟା ହୋଇଲୁ ବ୍ରଜବାଳୀ, ରେ ମଧୁକର
ତହିଁରୁ ମିଳିଲା ଏହି ସୁଖ, ମିଥ୍ୟା ନୋହେ ସାକ୍ଷାତରେ ଦେଖରେ । ୬୧ ।

---

୫୭ । ଶଶା ଯେଉଁ ରୂପେ ମଲା—ଶଶା ଚନ୍ଦ୍ରଙ୍କୁ ଜଳମୟ ଭାବି ଧାଇଁଲା କିନ୍ତୁ ଚନ୍ଦ୍ରଙ୍କୁ ନପାଇ ପ୍ରାଣ ହରାଇଲା । ତାପରେ ସେ ଚନ୍ଦ୍ରଙ୍କ ଶରୀରରେ କଳଙ୍କ ରୂପରେ ସ୍ଥାନ ପାଇଲା ।

୫୮ । କରି କାଚପ୍ରାଏ କଚାଡ଼ିଲେ—କାଚ ପ୍ରାୟ କଚାଡ଼ିଲେ ।

୫୯ । ଦାବାନଳ—ବନାଗ୍ନି । ନନ୍ଦବାଳ—ଶ୍ରୀକୃଷ୍ଣ ।

୬୦ । ବାଇ—ପାଗଳା ।

୬୧ । ନକଲୁ—ମାନିଲୁ ନାହିଁ । ନିରତେ—ସର୍ବଦା । କୁଳଟା—ଭ୍ରଷ୍ଟ । ବ୍ରଜବାଳୀ—ବ୍ରଜନାରୀ, ଗୋପୀ ।

Digitized by PPRACHIN, SOA

ଜାଣି ଥିଲେ ତାଙ୍କ ରୀତି ନ କରନ୍ତୁ ଏତେ ପ୍ରୀତି
କପଟିଆ କପଟେ ପଡ଼ିଲୁଁ ।
ସୁଧା ବୃକ୍ଷ ବୋଲି ତାଙ୍କୁ ଆଶ୍ରୟ କଲୁଁ କାଳକୁ
ଫଳିଲା ଗରଳ ଖାଇ ମଲୁ, ରେ ମଧୁକର
କର୍ମକୁ ବୋଲିବା ସିନା ମନ୍ଦ, ନୋହିଲେ କି ତେଜନ୍ତେ ଗୋବିନ୍ଦ ରେ । ୬୨ ।

କୃପଣ ସାମନ୍ତ ବାଣୀ ଶୁଣି ଯଉଁ ଲୋଭୀ ପ୍ରାଣୀ
ମହାକଷ୍ଟେ ବଞ୍ଚଇ ଦିନକୁ ।
କାଳେ ସେ ନିରାଶ ହୋଇ ସେହିମତି ହେଲୁ ଗୋଈ
ଆଶେ କରି ମାଧବ ବୋଲକୁ, ରେ ମଧୁକର
ଆସିବାକୁ କରିଛୁଁ ଭରସା, କେତେଦିନେ ଯିବ ଏ ଦୁର୍ଦ୍ଦଶାରେ । ୬୩ ।
ମଧୁପ ଶୁଣିବୁ ଯେବେ କର୍ଣ୍ଣେ କର ଦେବୁ ତେବେ
ଯଉଁ ଦୁଃଖ ଦେଇ ଯାଇଛନ୍ତି ।
କାଷ୍ଠ ପାଷାଣ ହୋଇଲେ ସଢ଼ିଯିବ ସିନା ଭଲେ
ନିର୍ଲ୍ଲଜୀ ଗୋପୀଏ ବଞ୍ଚିଛନ୍ତି, ରେ ମଧୁକର
କାହାବେଳେ ସହୁ ଏ ବେଦନା, କି କହିବୁ ପ୍ରତ୍ୟକ୍ଷରେ ଅନାରେ । ୬୪ ।

ଛାଡ଼ିଲୁ ବେଶ ଭୋଜନ ନିରତେ କରୁ ରୋଦନ
ବୃନ୍ଦାବନଚନ୍ଦ୍ର ଗଲା ଦିନୁ ।
ଗୁଣ ଗୁଣି ଗୁଣି ଦିନ ନ ସରି ହୋଇଲୁ କ୍ଷୀଣ
ପଦ୍ମ ଯେହ୍ନେ ନ ଦେଖିଲେ ଭାନୁ, ରେ ମଧୁକର
କମଠ କୋଷ ପରାଏ ହେଲୁ, କହ ତାଙ୍କୁ କଉଁ ଦୋଷ କଲୁରେ । ୬୫ ।

---

୬୨ । ସୁଧାବୃକ୍ଷ–ଅମୃତର ବୃକ୍ଷ । ଫଳିଲା–ଫଳିଥିବା । ଗରଳ–ବିଷ । ତେଜନ୍ତେ–ତ୍ୟାଗ କରନ୍ତେ, ଛାଡ଼ିଦିଅନ୍ତେ ।

୬୩ । କୃପଣ ସାମନ୍ତ–କୃପଣ ପ୍ରଭୁ । ଗୋଈ–ଗୋପୀ ।

୬୪ । ସଢ଼ିଯିବ–ତରଳିଯିବ ।

୬୫ । ବୃନ୍ଦାବନଚନ୍ଦ୍ର–ଶ୍ରୀକୃଷ୍ଣ । କମଠକୋଷ–କଇଁଚ ଡିମ୍ବ, କଇଁଚ ତାର ଡିମ୍ବକୁ ବାଲିରେ ପୋତି ଦେଇ ଚାଲିଯାଏ । ଡିମ୍ବ ଫୁଟି ଛୁଆ ବାହାରିଲେ ସେ ଛୁଆମାନେ ଅନାଥ ହୋଇ ଥାଆନ୍ତି । ଏଠାରେ, ଶ୍ରୀକୃଷ୍ଣ ଗୋପୀମାନଙ୍କୁ ଗୋପପୁରରେ ଅନାଥ କରି ଛାଡ଼ି ମଥୁରାରେ ରହିଥିବାରୁ ଗୋପୀମାନେ ନିଜ ନିଜର ଅବସ୍ଥାକୁ କଇଁଚ ଛୁଆମାନଙ୍କର ଅନାଥ ଅବସ୍ଥା ସହିତ ତୁଳନା କରିଅଛନ୍ତି ।

Digitized by PPRACHIN, SOA

ଦେଖରେ ଷଡ଼ଚରଣ　　କୁଚ ଯୁଗରେ ଭୂଷଣ
କରିଅଛୁ କରଜ ଚିହ୍ନକୁ
ନୟନେ ଦେଖି ନିରତେ　　ହୃଦୟ ଦେଶ କରତେ
ପାସୋରି ନୋହିଲା ଏଣୁ ତାଙ୍କୁ, ରେ ମଧୁକର
ଏହୁ ବଡ଼ ପ୍ରମାଦ ହୋଇଲା, କହି ବାଣୀ କ୍ରୋଧଭର ହେଲାରେ । ୬୬ ।
ଏମନ୍ତ ବୋଲି ସେ ବାଳୀ　　ଯା ବୋଲି ଚରଣ ଚାଳି
ଖଣ୍ଡଦୂରେ ପଡ଼ିଲା ମଧୁପ ।
ଉଠିଲା ଝଙ୍କାର ନାଦେ　　ଉଡ଼ିଲା ଗଗନ ମଧ୍ୟେ
ଦେଖି ବୃନ୍ଦା ତେଜି ମନୁ କୋପ, ସେ ଚମ୍ପାଗାତ୍ରୀ
ସଖୀକି ଦେଖାଇ ଦେଲା ବାଳା, ଦେଖ ଅଳି ସେହି ଦିଗେ ଗଲା ଗୋ । ୬୭ ।
ଏମନ୍ତ ଚରିତ ଦେଖି　　ଉଦ୍ଧବ ବୁଜିଲେ ଆଖି
ବିଚାରନ୍ତି ଧନ୍ୟ ଏ ଗୋପିକା ।
ଏତେ ଭାବ କୃଷ୍ଣଠାରେ　　ନ ଦେଖିବା ତିନିପୁରେ
ଏହା ଭାଳି ହୋଇଲେ ତାଟକା, ସେ ଯଦୁବୀର
ଆସନୁ ଉଠିଲେ ଗଦଗଦେ । ନମସ୍କାର କଲେ ଗୋପୀପାଦେ ସେ । ୬୮ ।
ଦେଖି ଗୋପୀ ଧାଇଁପଡ଼ି　　ତୋଳିଧରି କର ଯୋଡ଼ି
ବୋଲନ୍ତି ଉଦ୍ଧବ ହେଲ ବାଇ
ତୁମ୍ଭେ ଯେ ଗୋବିନ୍ଦ ଭକ୍ତ　　ଜାଣ ନାନା ଶାସ୍ତ୍ରତତ୍ତ୍ୱ
ଏ କର୍ମ ତୁମ୍ଭର ନ ଯୋଗାଇ, ହେ ଶୁଦ୍ଧଚେତା
ଆମ୍ଭେମାନେ ସ୍ୱଭାବେ ଯୁବତୀ, ଏହା ଶୁଣି ଉଦ୍ଧବ ବୋଲନ୍ତି ଯେ । ୬୯ ।
ଶୁଣ ଗୋ ଗୋବିନ୍ଦ ପ୍ରିୟେ　　କୃଷ୍ଣଭକ୍ତି ତୁମ୍ଭ ଦେହେ
ଯେଣୁ ଅଛି ତେଣୁ ତୁମ୍ଭେ ବଡ଼
ଆମ୍ଭେ ନ ଜାଣୁ ଏ ରସ　　ଶେଷ ବିରଞ୍ଚି ମହେଶ
ଯହିଁ ପ୍ରେମ ଅତିହିଁ ନିଗୂଢ଼, ଗୋ ଗୋପୀମାନେ
ତୁମ୍ଭେ ତା କରୁଛ ଦେହ ବହି, ତୁମ୍ଭ ସମ ହେବୁ ଆମେ କାହିଁ ଗୋ । ୭୦ ।

---

୬୬ । ଷଡ଼ଚରଣ—ଭ୍ରମର । କରଜ ଚିହ୍ନ—ନଖ କ୍ଷତ ଚିହ୍ନ । ନିରତେ—ସର୍ବଦା । କରତେ—କରତି ହୁଏ । ପ୍ରମାଦ—କଷ୍ଟ ।

୬୭ । ଚରଣଚାଳି—ପାଦରେ ଆଡ଼େଇ ଦେଲା । ଅଳି—ଭ୍ରମର ।

୬୮ । ତାଟକା—ବିସ୍ମିତ, ସ୍ତବ୍ଧ । ଯଦୁବୀର—ଉଦ୍ଧବ ।

୬୯ । ବାଇ—ପାଗଳ । ନ ଯୋଗାଇ—ଯୋଗ୍ୟ ନୁହେଁ, ଠିକ୍ ନୁହେଁ ।

୭୦ । ରସ—ପ୍ରୀତି ଭକ୍ତି । ନିଗୂଢ଼—ଗୁପ୍ତ ।

Digitized by PPRACHIN, SOA

ଏହା ଭାଷି ପ୍ରେମଭରେ                    ପୁଣି ଗୋପୀ ପାଦ ଧରେ
ପ୍ରେମେ ତନୁ କମ୍ପେ ଥରହର ।
ଆନନ୍ଦେ ବୋଲଇ ହରି,                    ଉଠି ନାଚେ କର ତୋଳି
ପ୍ରେମମଦେ ହେଲା ଜରଜର ସେ ହରିଦୂତ
ଗୋପୀଙ୍କ ବଦନ ଚାହିଁ କାନ୍ଦେ, ଜ୍ଞାନ ଛାଡ଼ି ଭକ୍ତି ପାଦେ ବନ୍ଦେ ସେ । ୭୧ ।

ଦେଖି ଗୋପୀମାନେ ଉଠି                    ଉଦ୍ଧବଙ୍କ କର ଗୋଟି
ଧରି କୁଞ୍ଜବନେ ଘେନିଗଲେ ।
ବୋଲନ୍ତି ଦେଖ ଉଦ୍ଧବ                    ଏହି ଠାବରେ ମାଧବ
ଘଟ ବୋଲି ଯେତେ ରଙ୍ଗ କଲେ, ହେ ହରିଦୂତ
କହିଲେ ସରିବ ନାହିଁ ତାହା, ଦାନୀପଣେ କଲେ ଯାହା ଯାହା ସେ । ୭୨ ।

ଏହି କଦମ୍ବ ମୂଳରେ                    ଏହି ଯମୁନା କୂଳରେ
ଏହି କୁଞ୍ଜେ ବସନ୍ତ ସମୟେ ।
କରୁଥିଲେ ଯେତେ ଲୀଳା                    ଏବେ ସେ ସ୍ୱପନ ହେଲା
ଏତେ ଭାଷି କମ୍ପାଇଲା କାୟେ, ସେ ମଲ୍ଲୀହାସୀ
ଢୋଳାକୁ ପୂରାଇ ଲଲାଟରେ, ପଡ଼ି ଗଡ଼େ ଯମୁନା ତଟରେ ସେ । ୭୩ ।

ଦେଖି ପ୍ରାଣ ବ୍ରଜାଙ୍ଗନା                    ଧରି କଲା ସମ୍ଭାଳନା
ଉର୍ଦ୍ଧ୍ୱକୁ ଅନାଇ ଶ୍ୱାସ ଛାଡ଼ି ।
ହା ହା ବ୍ରଜରାଜ ସୂନୁ                    ଏତେ ଦଶା ତୁମ୍ଭ ବିନୁ
ଏତେ ଭାଷି ପଡ଼ିଲା କଚାଡ଼ି, ସେ ନାରୀବର
କୃଷ୍ଣଗୁଣ ବାହୁନି କାନ୍ଦଇ, ଭୁଜ ସଖୀ ଗଳାରେ ଛନ୍ଦଇ ସେ । ୭୪ ।

---

୭୧ । ଜ୍ଞାନ ଛାଡ଼ି ଭକ୍ତି ପାଦେ ବନ୍ଦେ—ଉଦ୍ଧବ ଜ୍ଞାନମିଶ୍ରା ଭକ୍ତି ମାର୍ଗକୁ ପରିତ୍ୟାଗ କରି ଶୁଦ୍ଧାଭକ୍ତି ମାର୍ଗକୁ ବନ୍ଦନା କଲେ ।

୭୨ । ଘଟ—ଶୁଳ୍କ ବା କର ମାଗିବା ସ୍ଥାନ । ଦାନୀପଣେ—ଗୋପୀମାନଙ୍କୁ ପ୍ରୀତିଦାନ କରିବାରେ, ଆନନ୍ଦଦାନ କରିବାରେ ।

୭୩ । କାୟେ—ଶରୀର । ଢୋଳାକୁ ପୂରାଇ ଲଲାଟରେ—ଆଖି ଖୋସିଦେଇ । ଗୋପୀଙ୍କର ସାତ୍ତ୍ୱିକ ଭାବ ସୂଚିତ ।

୭୪ । ବ୍ରଜାଙ୍ଗନା—ବ୍ରଜନାରୀ । ସମ୍ଭାଳନା—ସମ୍ଭାଳିବା ଉପାୟ ।

Digitized by PPRACHIN, SOA

ଉଠିଲେ ଦୁଇ ଲଳନା — କେତକୀ ଦଳ ବରନା
ପୁଣି ଉଦ୍ଧବକୁ ଦେଖାବନ୍ତି ।
ଏହି କାଳିନ୍ଦୀରେ ଦିନେ — ଡେଇଁ ପଡ଼ିଲେ ସଘନେ
ପଦ୍ମ ତୋଳି କାଳୀ ମର୍ଦ୍ଦିଛନ୍ତି, ସେ ପ୍ରାଣନାଥ
ଏହି ବନେ ଗିଳିଲେ ଅନଳ, ରକ୍ଷାକଲେ ଗୋରୁ ଗୋପବାଳ ସେ । ୭୫ ।
ଦେଖି ଗିରି ଗୋବର୍ଦ୍ଧନ — ଏହା ଟେକିଥିଲେ କାହ୍ନ
ପାସୋରି ନୋହିବ ଉପକାର ।
ସାତ ଦିନ ସାତ ନିଶି — ଆଖଣ୍ଡଳ କୋପେ ଆସି
ବରଷିଲା ଶିଳ ନୀର-ଧାର, ସେ ଶଚୀବର
ବଜ୍ର ଆଦି ଯେତେକ ମାଇଲା, ସେ ସଙ୍କଟ କିଛିହିଁ ନୋହିଲା ସେ । ୭୬ ।
ଦେଖ ହେ ଭଗତସାର — ଦିନେ ବସି ଏହିଠାର
କଉତୁକ କରି ବଂଶୀ ବାଇ ।
ଶୁଣି ଧ୍ୱନି କର୍ଣ୍ଣପୁଟେ — ଧାଇଁଲୁ ଗୋପୀ ଉଚ୍ଚାଟେ
ଘର ବର ଲଜ୍ଜା ଦୂରେ ଥୋଇ, ହେ ହରିଦୂତ
ଏବେ ମନେ ପଡୁଛି ସେ କଥା, କୁନ୍ତ ବଜିଥିଲେ ଯେହ୍ନେ ବ୍ୟଥା । ୭୭ ।
ଏହିରୂପେ କେଳି ସ୍ଥାନ — ଦେଖାଇ ବ୍ୟାକୁଳ ମନ
ଏକ ସ୍ଥାନେ ବସିଲେ ସକଳେ ।
ସମୟ ଜାଣି ଉଦ୍ଧବ — ଲେଖିଥିଲେ ଯେ ମାଧବ
ସେ ପତ୍ରିକା ବୃନ୍ଦା କରେ ଦେଲେ, ସେ ହରିଦୂତ
ବୋଲନ୍ତି ଶୁଣ ଗୋ ବ୍ରଜବାଳି, ପତ୍ର ଲେଖିଛନ୍ତି ବନମାଳୀ ଗୋ । ୭୮ ।
ଶୁଣି ଗୋପୀ ତୋଷ ହୋଇ — ଚନ୍ଦ୍ରାବଳୀ କରେ ଦେଇ
ଧରି ବାଳୀ ହୃଦେ ଲଗାଇଲା ।
ତନୁ କରି କମ୍ପମାନ — ମୁଦ ଭାଙ୍ଗିଲା ବହନ
ଚୁମ୍ବ ଦେଇ ଆନନ୍ଦ ହୋଇଲା, ସେ କାଶହାସୀ
ଯାହା ହେଲା କି କହିବି ତାହା, ମନରେ ସୁମରି ପ୍ରାଣନାହା ସେ । ୭୯ ।

---

୭୫ । କେତକୀ ଦଳ ବରନା—କେତକୀ ଫୁଲର ପାଖୁଡ଼ା ପରି ବର୍ଣ୍ଣ ଯାହାର । ଦେଖାବନ୍ତି—ଦେଖାନ୍ତି । କାଳିନ୍ଦୀ—ଯମୁନା । ମର୍ଦ୍ଦିଛନ୍ତି—ମର୍ଦ୍ଦନ କରିଛନ୍ତି ।

୭୬ । କାହ୍ନ—କାହ୍ନୁ, ଶ୍ରୀକୃଷ୍ଣ । ଆଖଣ୍ଡଳ—ଇନ୍ଦ୍ର । ଶିଳ—କୁଆପଥର ।

୭୭ । ଭଗତସାର—ଭକ୍ତ ଶ୍ରେଷ୍ଠ । ଏହିଠାର—ଏହି ସ୍ଥାନରେ । ବାଇ—ବଜାଇ । କୁନ୍ତ—ଶର ।

୭୮ । ବୃନ୍ଦାକରେ—ବୃନ୍ଦାବତୀଙ୍କ ହାତରେ ।

୭୯ । ମୁଦ ଭାଙ୍ଗିଲା—ବନ୍ଦଥିବା ପତ୍ରକୁ ଖୋଲିଲା । ବହନ—ଶୀଘ୍ର । କାଶହାସୀ—କାଶ ଫୁଲ ପରି ଶୁଭ୍ରହାସୀ । ପ୍ରାଣନାହା—ପ୍ରାଣନାଥ ।

Digitized by PPRACHIN, SOA

ଖଞ୍ଜି ଧଇଲେ ଯତନେ ପଢ଼ିଗଲେ ମନେ ମନେ
ଦେଖି ସଙ୍ଗ ସଖୀମାନେ ଭାଷି ।
ବୋଲନ୍ତି ବିସ୍ତାରି କହ ଶୁଣି ଶାନ୍ତ ହେଉ ଦେହ
କି କି ଲେଖିଛନ୍ତି ବ୍ରହ୍ମରାଶି, ଗୋ ଜୀବେଶ୍ୱରୀ
ଶୁଣି ରାଜସୁତା ଉଚ୍ଚେ କହି, ଭକ୍ତ ଦାସ ଚରଣେ ନମଇ ଗୋ । ୮୦ ।

## ଅଷ୍ଟାବିଂଶ ଛାନ୍ଦ

### (ରାଗ–କୌଶିକ)

### (ଶ୍ରୀକୃଷ୍ଣଙ୍କ ପତ୍ର)

ଲେଖି ଅଛନ୍ତି ବ୍ରଜପୁର ମଣ୍ଡନ ବ୍ରଜନାରୀ ରାଧାଙ୍କୁ ।
ଆଗୋ ପ୍ରାଣେଶ୍ୱରି ନବୀନ କିଶୋରି
ଯିବି ମୁଁ ତୋର ଭେଟକୁ, ରେ କାନ୍ତା ।
ମନେ ନ କରିବୁ କିଛି ଚିନ୍ତା ରେ ।
ତୋହ ବିନେ କାମ ବଳବନ୍ତାରେ
ମୋହଠାରେ କରିଛି ଅହନ୍ତା ରେ । ୧ ।

ଯେଣୁକରି ବଳି ନ ପାରଇ ଚଳି ଯିବାକୁ ତୋହରି ଯାଏ ।
ମନସିଜ ସଙ୍ଗୀ ଆରେ ପ୍ରାଣସଙ୍ଗୀ ଖଣ୍ଡ ଖଣ୍ଡ କଲା କାୟେ, ରେ ଧନ ।
ନିରବଧି ପୋଡ଼ଇ ଜୀବନ ରେ
ଭାଗ୍ୟ ଥିଲେ ହେବ ଦରଶନ ରେ ।
ତୋର ଶରତଚନ୍ଦ୍ର ବଦନ ରେ । ୨ ।

---

୮୦ । ବ୍ରହ୍ମରାଶି–ଶ୍ରୀକୃଷ୍ଣ । ରାଜସୁତା–ବୃଷଭାନୁ ନନ୍ଦିନୀ, ଚନ୍ଦ୍ରବାଳୀ ।

୧ । ବ୍ରଜପୁର ମଣ୍ଡନ–ବ୍ରଜ ବା ଗୋପପୁରର ଭୂଷଣ ଶ୍ରୀକୃଷ୍ଣ । ବଳବନ୍ତା–ବଳବାନ । ଅହନ୍ତା–ଶତ୍ରୁତା ।

୨ । ମନସିଜ ସଙ୍ଗୀ–ମଦନର ଶସ୍ତ୍ର । କାୟେ–ଶରୀର । ନିରବଧି–ସର୍ବଦା ଶରତ ଚନ୍ଦ୍ରବଦନ–ଶରତ୍ କାଳରେ ନିର୍ମଳ ଚନ୍ଦ୍ରପରି ମୁଖ ।

Digitized by PPRACHIN, SOA

ନୀରଜୀ ନୟନୀ ଦ୍ୱିରଦଗମନୀ ହାଟକବରନୀ ବାଳା
ବଲ୍ଲକୀ ବଚନୀ ସୂକ୍ଷ୍ମ ବସନୀ ରସବତୀ ପ୍ରେମଶୀଳା, ଗୋ ସଖି ।
ମୋ ବିଷୟ ମନେଥିବୁ ରଖି ରେ ।
ମୋହ୍ନ ରାଣଟି ନୋହିବୁ ଦୁଃଖୀ ରେ ।
ତୋର ପ୍ରୀତି-ଅନ୍ନ ମୁହିଁ ଭୋଖୀ ରେ । ୩ ।
ଏହି କଥା ମାତ୍ର ମନେ ରଖିଥିବୁ ଆରେ ଝସବିଲୋଚନା ।
ଝସକେତୁ କେତୁ ପରାଏ ଘୋଟିଛି ଏକା ତୋ ବିନେ ଲଳନା, ରେ ବନ୍ଧୁ ।
ତୁ ମୋ ବିଳାସ ଲାବଣ୍ୟସିନ୍ଧୁ ରେ ।
ଥରେ ଥରେ ରଖୁ ଯେତେ ଦ୍ୱନ୍ଦୁରେ ।
କୃତ୍ତିବାସ ରିପୁ ବିନ୍ଧୁ ବିନ୍ଧୁ ରେ । ୪ ।
ଏବେ ସେ ସୁଖ ସମ୍ପତ୍ତି ଯାଇ ଚିର ବିପତ୍ତି ହୋଇଲା ଠୁଳ ।
ଦିନୁ ଦିନୁ ତନୁ କୃଶ ହେଲା ଦୃଶ୍ୟ ନୁହଇ ସୂର୍ଯ୍ୟମଣ୍ଡଳ, ରେ ବାଳା ।
ଦିନ ଶର୍ବରୀ ପରାଏ ହେଲା ରେ ।
ସ୍ୱପ୍ନେ ନୋହିଲା ତୋ ସଙ୍ଗ ଲୀଳା ରେ ।
ସୁଧା ପାନ ହେଲା ହଳହଳା ରେ ବାଳା । ୫ ।
ଶିରୀଷ କୋମଳା କାମନଦୀ ଭେଳା ଉଲଟରମ୍ଭା ଜଘନି ।
ମନ୍ଥର ଗମନି ହାଟକ ବରନି ଖଞ୍ଜ ଗଞ୍ଜନ ଲୋଚନି, ରେ ପ୍ରିୟା ।
ପବି ପ୍ରାୟ ନ କରିବୁ ହିଆ ।
ନିରବଧି କରିଥିବୁ ଦୟା । ତୋର ସିନା ମୋ ଜୀବନ କାୟାରେ । ୬ ।

---

୩ । ନୀରଜ ନୟନୀ—ପଦ୍ମନେତ୍ରୀ । ଦ୍ୱିରଦ ଗମନୀ—ଗଜଗମନୀ । ହାଟକବରନୀ—ସୁନାଗୋରୀ । ବଲ୍ଲକୀବଚନୀ—ବୀଣାକଣ୍ଠୀ । ସୂକ୍ଷ୍ମବସନୀ—ଅତି ସୂକ୍ଷ୍ମବସ୍ତ୍ର ପରିହିତା । ରସବତୀ—ରସମୟୀ । ପ୍ରେମଶୀଳା—ପ୍ରେମମୟୀ ।

୪ । ଝସ ବିଲୋଚନା—ମୀନନୟନା । ଝସକେତୁ—କନ୍ଦର୍ପ । କେତୁ—ରାହୁ ଦୈତ୍ୟର ଅଧୋଦେଶ । ଲଳନା—ନାରୀ । ବିଳାସ ଲାବଣ୍ୟସିନ୍ଧୁ—ଲୀଳା ମାଧୁର୍ଯ୍ୟର ଆଧାର । ଦ୍ୱନ୍ଦୁ—କଳହରୁ । କୃତ୍ତିବାସରିପୁ—ଶିବଙ୍କର ଶତ୍ରୁ, କନ୍ଦର୍ପ ।

୫ । ଦୃଶ୍ୟ ନୁହଇ ସୂର୍ଯ୍ୟ ମଣ୍ଡଳ—ସବୁ ଅନ୍ଧକାର ଦିଶୁଛି । ଶର୍ବରୀ—ରାତ୍ରି । ହଳହଳା—ହଳାହଳ, ବିଷ ।

୬ । ଶିରୀଷ କୋମଳା—ଶିରୀଷ ପୁଷ୍ପପରି କୋମଳାଙ୍ଗୀ । କାମନଦୀ ଭେଳା—କାମ ନଦୀକୁ ପାର ହେବା ନିମିତ୍ତ ଭେଳା ସଦୃଶ । ଉଲଟରମ୍ଭା ଜଘନୀ—ରମ୍ଭୋରୁ । ମନ୍ଥରଗମନୀ—ଧୀର ଗମନୀ । ଖଞ୍ଜନ ଗଞ୍ଜନ ଲୋଚନୀ—ଖଞ୍ଜନ ପକ୍ଷୀର ଚକ୍ଷୁରୁ ଚଞ୍ଚଳତାକୁ ଯେ ଗଞ୍ଜନ କରୁଅଛି । ପବି—ବଜ୍ର । ନିରବଧି—ସର୍ବଦା ।

Digitized by PPRACHIN, SOA

ତୋ ମୃଣାଳ ବାହା ସାହା,ପାଇ ଯାଇ ବିଚାରୁ ଥାଇ ମନରେ ।
ସେ କଥା ଏବେ ବିଅର୍ଥକୁ ଲଭିଲା ପଡ଼ିଲି ମାର୍ ମୁଖରେ, ମୁଁ କେହି ।
ବଞ୍ଚିବାକୁ ବୁଦ୍ଧି ଦିଶୁନାହିଁ ।
ଆହା ବୋଲିବାକୁ କେହି ନାହିଁ । ନିଶ୍ଚେ କାମାନଳେ ହେଲି ଦହି ମୁଁ । ୭ ।

ପଦ୍ମିନୀ ପଦ୍ମ ପତ୍ରପରା ଆକୃତି ବନ୍ଧୁ ତୋହର ଉଦର ।
ଗଣ୍ଡ ଶାତକୁମ୍ଭ ମୁକୁର ବଚନ ନିନ୍ଦଇ ବନପ୍ରିୟର । ରେ ବାମା ।
ଭାଙ୍ଗେ ଅଧର ଜବା ଗାରିମାରେ ।
ଭଲା ଗଢ଼ିଥିଲା ବିଶ୍ୱକର୍ମା ରେ । ନାହିଁ କାହିଁ ଦେବାକୁ ଉପମାରେ । ୮ ।

ନାସାଠାଣି ତିଳ କୁସୁମ ଗଞ୍ଜାଇ କର୍ଣ୍ଣ କାମ ମୋହପାଶ ।
ଲଲାଟ ସିନ୍ଦୂର ବିନ୍ଦୁକୁ ସମାନ ନୋହିବେ ଅନେକ ହଂସ, ରେ ଧନ ।
ଭୂରୁ ମନସିଜଶରାସନ ରେ ।
ଚାରୁ ଅଞ୍ଜନ ତହିଁକି ଗୁଣ । ବେନି ନୟନ ସୁତୀକ୍ଷ୍ଣ ବାଣରେ । ୯ ।

ପିଛଡ଼ା କଷଣି ବଙ୍କିମ ଚାହାଣି ଝାଙ୍କି ବିନ୍ଧିଲା ପରାୟେ ।
କୁମ୍ଭକାର କୀଟ ପରାଏ ବିଚିତ୍ର ସେ ଯେହ୍ନେ ମାରି ଜୀଆଏଁ, ରେ ରାମା ।
ଏହିକଥା ବଡ଼ ପ୍ରିୟତମା ରେ ।
ଦୋଷ କରିଥିଲେ କରୁ କ୍ଷମା । ତୋରେ ଲୁଛିଯାଉ ରାଜଜେମା ରେ । ୧୦ ।

---

୭ । ମୃଣାଳ ବାହା—ପଦ୍ମନାଡ଼ ପରି କୋମଳ ବାହୁ । ମାରମୁଖରେ—କନ୍ଦର୍ପ ମୁଖରେ । କେହି—କିପରି । କାମାନଳେ—କାମାଗ୍ନିରେ ।

୮ । ପଦ୍ମିନୀ—ପଦ୍ମିନୀଜାତୀୟ ନାରୀ । ଶତକୁମ୍ଭମୁକୁର—ସୁନାର ଦର୍ପଣ । ବନପ୍ରିୟ—କୋକିଳ । ଗାରିମା—ବଡ଼ପଣ । ଉପମା—ଉପମାନ ।

୯ । ନାସାଠାଣି—ନାସାର ଭଙ୍ଗୀ । ତିଳ—ପେଶି । କାମ ମୋହପାଶ—ମୋହିତ କରିବା ନିମନ୍ତେ କନ୍ଦର୍ପର ଫାଶ । ହଂସ—ସୂର୍ଯ୍ୟ । ମନସିଜ ଶରାସନ—କନ୍ଦର୍ପର ଧନୁ । ଗୁଣ—ଧନୁର ଗୁଣ । ବାଣ—ଶର ।

୧୦ । ପିଛଡ଼ା—ପଲକ । କଷଣି—ଧନୁର ଗୁଣ ଟାଣିବାପାଇଁ ଆଙ୍ଗୁଳିରେ ଲଗାଇବା ମୁଦ୍ରିକା । କୁମ୍ଭକାର କୀଟ—କୁମ୍ଭାରୁଆ ପୋକ, ଏହା ଅନ୍ୟ ଜାତିର ପୋକମାନଙ୍କୁ ମାରି ଆଣି ନିଜ ବସାରେ ରଖେ; ପୁଣି ସେମାନଙ୍କୁ ଜୀଆଇଁ ନିଜ ରୂପ ଦେଇ ଛାଡ଼ିଦିଏ । ତୋରେ—ତୋ ପାଇଁ । ଲୁଛିଯାଉ—ମରି ସଢ଼ିଯାଏ ।

Digitized by PPRACHIN, SOA

ବାଳଭୃଙ୍ଗପନ୍ତି ପରାଏ ବିରାଜେ ବନ୍ଧୁ ତୋ ଚୂର୍ଣ୍ଣକୁନ୍ତଳ ।
ମୋ ମନକୁ ପ୍ରତେ ଆସଇ କି ବା ଏ ଚୁମ୍ବନ୍ତି ମୁଖକମଳ, ରେ ବନ୍ଧୁ ।
ଦେଖି ଉଛୁଳଇ କାମ ସିନ୍ଧୁରେ ।
ମାର ତ୍ରୋଣକୁ ପକାଇ କନ୍ଧୁ । ଲାଜେ ପଳାଇ କେଳତୀ ବନ୍ଧୁରେ । ୧୧ ।
ନବ ଜଳଧର ପରାଏ ଦିଶଇ ବନ୍ଧୁ ତୋ ଚାରୁ କବରୀ ।
କୁରୁବକ ପୁଷ୍ପ ବିଦ୍ୟୁଲ୍ଲତାକାନ୍ତି ଚାହିଁଲେ ଚିତ୍ତ ତରଳି, ରେ ଧନି ।
ଦେଖି ଯୋଗଭଙ୍ଗ ହେବେ ମୁନି ରେ ।
ସାଜିଥାଉଁ କଙ୍କତିକା ଘେନି । ଚାରିପାଶକୁ ବଢ଼ାଇ ବେଣୀ ରେ । ୧୨ ।
ଦିନେ ଦିନେ କୁଡ଼ା ସାଜିଥାଉଁ ମଲ୍ଲୀ କୁସୁମ ବେଢ଼ାଇ ରସେ ।
ଲୋଭେ ମଧୁକର ମକରନ୍ଦ ଆଶେ ବେଢ଼ି ରହିଥାନ୍ତି ପାଶେ, ସେ ଶୋଭା ।
ମନେ ପଡ଼ିବାକୁ ଅଛି ଲୋଭା ।
ପାଶେ ଥିଲେ କି ନୁହନ୍ତା ଅବା ସେ ।
ଦେଖି ସଙ୍କୋଚ ପଇବ ରମ୍ଭା ସେ । ୧୩ ।
କେଳି କାଳେ ଫିଟି ଚର୍ମଦେଶେ ଲୋଟି ଯେସନେ କାଳିକୁଣ୍ଡଳୀ ।
ଖସି ସୁମନସ ମୋହ ପଡୁଥାଇ ଗମନ୍ତୁ କି ତାରାବଳି, ସେକାଳେ ।
ନିଧୁବନକୁ ଆମୋଦ କରେ ସେ ।
ଅଙ୍ଗ ପୂରଇ କୁସୁମଜାଳେ ସେ । ପଡ଼େ ବିଟଙ୍କ ପରେ ପ୍ରବଳେ ସେ । ୧୪ ।
କେଶରୀ କଟୀକୀ ନୀଳ ଘନପଟ ଭଲା ରହିଥାଇ ଘୋଟି ।
ଶମ୍ବର ଅଇରୀ ସମର ପ୍ରତାପେ ସ୍ୱେଦ ବହି ଦିଶେ ଫୁଟି, ସେ ଉରୁ ।
ଯେଣୁ ଅମ୍ବର ଅପୂର୍ବ ସରୁ ସେ ।
ଦେଖି ମଦନ ଭାଜିବ ଦୂରୁ ସେ । ହରାଇଲି ମୋହ ଅଭାଗ୍ୟରୁ ସେ । ୧୫ ।

---

୧୧ । ବାଳଭୃଙ୍ଗପନ୍ତି—ଛୁଆ ଭଅଁରଗୁଡ଼ିକ । ଚୂର୍ଣ୍ଣକୁନ୍ତଳ – ଚୂନା ଚୂନା କେଶ । ମାର ତ୍ରୋଣ – କନ୍ଦର୍ପର ତୂଣୀର । କେଳତୀ ବନ୍ଧୁ – କନ୍ଦର୍ପ ।

୧୨ । ନବଜଳଧର—ନୂଆ ମେଘ । କବରୀ—ମଥାର ଖୋସା । କୁରୁବକପୁଷ୍ପ—ଦାସକେରେଣ୍ଟା ଫୁଲ । ବିଦ୍ୟୁଲ୍ଲତା—ବିଜୁଳି । କଙ୍କତିକା—ପାନିଆ ।

୧୩ । ରସେ—ସରସରେ । ମଧୁକର—ଭ୍ରମର, ମଧୁପ । ରମ୍ଭା—ଅପ୍‌ସରା ।

୧୪ । ଚର୍ମଦେଶେ—ପୃଷ୍ଠରେ । କାଳିକୁଣ୍ଡଳୀ—କାଳିୟନ୍ତୀ ନାଗ । ସୁମନସ—ଫୁଲ । ମୋହପଡୁଥାଇ—ମୂର୍ଚ୍ଛାପାଇ ପଡ଼ିଯାଏ । ନିଧୁବନ—କେଳିସ୍ଥାନ । କୁସୁମ ଜାଳେ—ଫୁଲସମୂହରେ । ବିଟଙ୍କ—ପାରାଭାଡ଼ି, ଉଚ୍ଚଶଯ୍ୟା ।

୧୫ । କେଶରୀକଟୀ—ସିଂହକଟୀ । ନୀଳଘନପଟ—ନୀଳମେଘ ପରି ଶାଢ଼ି । ଘୋଟି—ଆବୋରି । ଶମ୍ବର ଅଇରୀ—ଶମ୍ବରର ଶତ୍ରୁ, କନ୍ଦର୍ପ । ସମରପ୍ରତାପେ—କେଳି ପ୍ରତାପରୁ । ଅମ୍ବର—ଲୁଗା ।

Digitized by PPRACHIN, SOA

ବିପରୀତ ରମ୍ଭା ପରାୟ ଦିଶଇ ବନ୍ଧୁ ତୋ ବେନି ଜଘନ ।
ନାନା କମନୀୟ ହଂସକ ଚରଣେ କରଇ ମଧୁର ସ୍ୱନ, ଗୋ ଭୀରୁ ।
ଯେବେ ସଧୀରେ ଗମନ କରୁ ଗୋ ।
ମୋର ବିରହ ସନ୍ତାପ ହରୁ ଗୋ ।
ଯେତେ ରଙ୍ଗେ ପରିହାସ କରୁ ଗୋ । ୧୬ ।

ଯଉଁଦିନ ତୋତେ ବିପରୀତ ରତି ଶେଷେ ମାଗିଲି ଚୁମ୍ବନ ।
ନ ଜାଣଇ ବୋଲି ନାସିକା ଫୁଲାଇ କହିଲୁ ଯଉଁ ବଚନ, ରେ ଧନ ।
ତାହା ଚିନ୍ତି ଆରତ ଜୀବନରେ ।
ଆଉ କାହିଁ ଦେଖିବି ସେମାନରେ । ନିଶ୍ଚେ ମଦନ ନେଲା ଜୀବନରେ । ୧୭ ।

ବେଶ ହୋଇ ଯେତେବେଳେ କାଶହାସି ଆସୁ ଧୀର ଗତି କରି ।
ଖଞ୍ଜନ ନୟନୀ ନ ଚାହିଁଲା ପରି ଚାହୁଁଥାଉ ଜୀବେଶ୍ୱରି, ରେ ତୁହି ।
ଚିତ୍ର ପ୍ରତିମା ପରାଏ ହୋଇରେ ।
ଦୃଷ୍ଟି ମେଦିନୀ ଉପରେ ଦେଇ ରେ । ଲଜ୍ଜାଭରେ ବଚନ ନ କହି ରେ । ୧୮ ।

ପାଦ ଜ୍ୟେଷ୍ଠ ଅଙ୍ଗୁଷ୍ଠିର ଅଗ୍ରେ ମହୀ ଲେଖିଲା ପରାଏ କରୁ ।
ଆସି ଅଙ୍କେ ବସ ବୋଲନ୍ତେ ସାରସବଦନା ଭଙ୍ଗୀ ଆଚରୁ, ତୁ ହସୁ ।
କାହିପାଇଁ ବୋଲି ରସେ ଭାଷୁ ତୁ ।
ଖଣ୍ଡେ ଦୂର ଘୁଞ୍ଚିଯାଇ ବସୁ ତୁ । ମିଥ୍ୟା ଭାବରେ ଅଳପ ରୁଷୁ ତୁ । ୧୯ ।

ଶରେ ବଜ୍ରାଘାତ ହୋଇଲା ପରାଏ ମଣଇ ଉଠଇ ଝାଟି ।
ହୃଦୟ ଗମନ ଦେଶକୁ ଲଗାଇ ଭିଡ଼ଇ ନେଇ ତଡ଼ତି, ମୁଁ ତୋତେ ।
ଚାଟୁ ବଚନ କହଇ ଯେତେ ମୁଁ ।
ଭଙ୍ଗି କରି ପେଲିଦେଇ ମୋତେ ମୁଁ ।
ବୋଲୁ ଏମାନ ନ କର ମୋତେ ମୁଁ । ୨୦ ।

---

୧୬ । ବିପରୀତ ରମ୍ଭା—ଓଲଟ ରମ୍ଭା । ହଂସକ—ନୂପୁର ।

୧୭ । ବିପରୀତ ରତି—ପୁରୁଷାୟିତ । ଆରତ—ଦୁଃଖପୂର୍ଣ୍ଣ । ସେମାନେ—ସେଗୁଡ଼ିକ, ସେପରି ।

୧୮ । କାଶହାସୀ—କାଶତଣ୍ଡୀ ଫୁଲ ପରି ଶୁଭ୍ରହାସୀ । ଚିତ୍ର ପ୍ରତିମା—ଶାଳଭଞ୍ଜିକା ।

୧୯ । ଜ୍ୟେଷ୍ଠ ଅଙ୍ଗୁଷ୍ଠି—ବୁଢ଼ାଆଙ୍ଗୁଠି । ମହୀ—ଭୂମି । ଅଙ୍କେ—କୋଳରେ । ସାରସବଦନା—ପଦ୍ମମୁଖୀ । ଭଙ୍ଗୀ—ଲୀଳା ।

୨୦ । ଝାଟି—ଝଟତି, ଶୀଘ୍ର । ଚାଟୁବଚନ—ତୋଷାମଦ କଥା ।

Digitized by PPRACHIN, SOA

ଚୁମ୍ବନ ମାଗିଲେ ନ ଜାଣଇ ବୋଲି ବଦନେ ନିବେଶୁ ବାସ ।
ବଳେ ଆଶ୍ଳେଷ କରନ୍ତେ ଇଷି ବୋଲି କମ୍ପାଉ ମୁଖ ସାରସ, ରେ ଧନ ।
ତୁ ମୋ ଶିରୀଷ କୁସୁମ ସମରେ ।
ତୋର ବିହୀନେ ନିର୍ଦ୍ଦୟ କାମ ରେ ।
ଚକ୍ରାକାର କରି ଶରାସନ ରେ । ୨୧ ।
ପଞ୍ଚ ବିଶିଖ ପ୍ରହାର କରୁଅଛି ନ ରଖଇ ଭଲ ପଣ ।
କେବଳ ଏଥିକି ଯୁବତୀ ରତନ ତୁହି କରିବୁ ତାରଣ, ରେ ବାଳା ।
ତୁ ମୋ ବିରହ ନଦୀକି ଭେଳାରେ ।
ତୋର ବିନା କେ ବ୍ୟ ପ୍ରେମଶୀଳାରେ ।
କୁନ୍ଦଦ୍ରହାସୀ ଘନକୁନ୍ତଳାରେ । ୨୨ ।
ଯଉଁ ଦିନ ବନ୍ଧୁ ଗବାକ୍ଷ ମାର୍ଗରେ ଚାହୁଁଥିଲୁ ଜୀବେଶ୍ୱରି ।
ଦେଖି ନ ଦେଖିଲା ପରାୟେ ମୁଁ ଯାହା
ବୋଇଲି ତୋତେ ଚତୁରି, ରେ ସଖି ।
ଜାଣି ଯେତେ ଭଙ୍ଗୀ କଲୁ ଆଖିରେ ।
ସେହି କଥାକୁ ମଦନ ସାକ୍ଷୀରେ ।
ହୃଦେ ଏତେବେଳେ ଅଛି ଲାଖିରେ । ୨୩ ।
ସକଳ ଗୁଣ ନିପୁଣା ନୀରଜାକ୍ଷି ଛାମୁକୁ ଲେଖିବି କିସ ।
ସକଳ ସଜନୀମାନଙ୍କୁ କହିବୁ କେହି ନୋହିବେ ବିରସ, ଗୋ ଯିବି ।
ଦିନାକେତେ ଏଥି ମାତ୍ର ଥିବି ମୁଁ । ୨୪ ।
ଆଗୋ ତିଲୋତ୍ତମା ଆଗୋ ଚିତ୍ରଲେଖା ଅମ୍ବିକା ଶୋଭା ବଞ୍ଜଳା ।
ହୀରାରଦନା ସୁମନା ସୁନାଗାତ୍ରୀ ସରଳା ସୀତା ବିମଳା, ଗୋ ବୀରା ।
ହେମହାରା ଶତାବରୀ ଲୀଳା ଗୋ ।
ଚମ୍ପା ଲତିକା ଶ୍ରିୟା ଚଞ୍ଚଳା ଗୋ ।
ବିଷଘ୍ନିକା ଶାନ୍ତି କାନ୍ତିମାଳା ଗୋ । ୨୫ ।

---

୨୧ । ନିବେଶୁ–ସ୍ଥାପନ କରୁ । ବାସ–ଲୁଗା । ଆଶ୍ଳେଷ–ଆଲିଙ୍ଗନ । ମୁଖସାରସ–ମୁଖପଦ୍ମ ।

୨୨ । ପଞ୍ଚବିଶିଖ–କନ୍ଦର୍ପର ପଞ୍ଚଶର : ଅରବିନ୍ଦ, ଅଶୋକ, ଚୂତ, ନବମାଳିକା, ନୀଳୋତ୍ପଳ । କୁନ୍ଦଦ୍ରହାସୀ–କୁନ୍ଦଫୁଲ ପରି ଶୁଭ୍ର ଦରହାସୀ । ଘନକୁନ୍ତଳା–ମେଘପରି ନୀଳକେଶୀ ।

୨୩ । ଗବାକ୍ଷ–ଝରକା ।

୨୪ । ନୀରଜାକ୍ଷୀ–ପଦ୍ମନେତ୍ରୀ । ଛାମୁକୁ–ସମ୍ମୁଖକୁ, ନିକଟକୁ । ଦିନାକେତେ–କେତେଦିନ ।

Digitized by PPRACHIN, SOA

ସୁରଙ୍ଗଣିକା ଶ୍ରୀମତୀ ଶାରଦାୟୀ ମାଧବୀ କାଶୀ ମୋହିନୀ ।
ଯମୁନା କାଳିନ୍ଦୀ ପଦ୍ମିନୀ ନର୍ମଦା ପ୍ରମଦା କଞ୍ଜନୟନୀ, ଗୋ ବୃନ୍ଦା ।
ହେମରାମା କାମ କ୍ରୀଡ଼ା ଫନ୍ଦା ଗୋ !
ଶ୍ୟାମା ମଞ୍ଜୁଳା କାବେରୀ ବୃନ୍ଦା ଗୋ ।
ହୀରା ଲୀଳା ଚିତ୍ରରେଖା ବୋଧା ଗୋ । ୨୬ ।

ଏହିରୂପେ ଷୋଳସସ୍ର ବ୍ରଜାଙ୍ଗନା ନାମ ଜଣ ଜଣ ଧରି ।
ପ୍ରୀତିକରି ନାନା ବନ୍ଧେ ଲେଖିଛନ୍ତି
ପଢ଼ିଲେ ନବକିଶୋରୀ, ସେ ରାଧା ।
ଅଙ୍ଗେଦହିଲା ମଦନ ବାଧା ସେ ।
ଜାଣି କୋଳ କଲା ଆସି ମେଧା ସେ । ଆଜ୍ଞାପତ୍ର ସମ୍ଭାଳିଲା ଶ୍ରଦ୍ଧାସେ । ୨୭ ।

ଗଦ ଗଦ ହୋଇ ନିଶ୍ୱାସ ପକାଇ କ୍ଷଣକେ ଲଭିଲେ ଶାନ୍ତି ।
ଉଠିଲେ ସକଳ ହୋଇ ଏକମେଳ ନିଜ ନିକେତନ ଯାନ୍ତି, ସେ ଆଳୀ ।
ଉଦ୍ଧବ ହିଁ ତାଙ୍କ ସଙ୍ଗେ ଚଳି ସେ ।
ଯେଝା ବିଷୟେ ରହିଲେ ଆଳୀ ସେ । ନିଜ ନିତ୍ୟକର୍ମମାନ ସାରି ସେ । ୨୮ ।

ଉଦ୍ଧବ ନନ୍ଦ ମନ୍ଦିରେ ପରବେଶି କଲେ ସ୍ନାହାନ ଭୋଜନ ।
ହେମ ଜଡ଼ିତ ପଲଙ୍କରେ ଶୋଇଲେ ସୁମରି ନନ୍ଦନନ୍ଦନ, ସେ କାଳେ ।
ଭକ୍ତଚରଣ ବସିଲା ତଳେ ସେ ।
ପାଦ ଚାପଇ ଆନନ୍ଦ ଭୋଳେ ସେ ।
ସାଧୁ ସେବଇ କି ଭାଗ୍ୟବଳେ ସେ ।୨୯ ।

୨୮ । ନିକେତନ--ଘର । ଆଳୀ–ସଖୀ ।
୨୯ । ହେମ ଜଡ଼ିତ–ସୁନାଖଚିତ । ନନ୍ଦନନ୍ଦନ--ଶ୍ରୀକୃଷ୍ଣ ।

Digitized by PPRACHIN, SOA

# ଊନତ୍ରିଂଶ ଛାନ୍ଦ

## (ରାଗ—କଲ୍ୟାଣ ଆହାରୀ)

(ଶ୍ରୀକୃଷ୍ଣଙ୍କ ରାଧିକାଙ୍କର ପତ୍ରଲିଖନ ଓ ଉଦ୍ଧବଙ୍କର ବିଦାୟ)

କେତେ ଦିନ ନନ୍ଦ ମନ୍ଦିରେ ଆନନ୍ଦେ ରହିଲେ ଶ୍ୟାମଘନ-ଦୂତ ।
ମେଲାଣି ହୋଇ ଗୋପଭୂପ ଛାମୁରୁ ସାଜିଲା ଚିତ୍ରକରି ରଥ ।
ଅନେକ, ଅଳଙ୍କାର ଦେଲେ ଗୋପେଶ ।
ଗୋବିନ୍ଦ ଛାମୁକୁ ଉଦନ୍ତ ଉତ୍ତର କହିଲେ ଯେତେ ନୋହେ ଶେଷ । ୧ ।
ଉଦ୍ଧବ ମଥୁରା ଯିବା ସଜ ଦେଖି ବିଚାର କଲେ ବ୍ରଜନାରୀ ।
ଆମ୍ଭ ବେଦନା ଗିରିଧର ଛାମୁକୁ ଲେଖିବା ଧରି କଥା ଚାରି ।
ଶୁଣି ସେ, କରିବେ ହୃଦେ ଅବା ଦୟା ।
ଏତେ ଭାଳି ସର୍ବ ଗୋପସୀମନ୍ତିନୀ ଆନନ୍ଦେ ପ୍ରଫୁଲ୍ଲିତ ହିୟା । ୨ ।
ଚକୋରନୟନୀ ଚନ୍ଦ୍ରମାବଦନୀ ଚାରୁ ଚାମୀକରବରନା ।
କରିକୁମ୍ଭସ୍ତନା କରକରଦନା କଳାକର ହାସୀ ନବୀନା ।
କୁଟିଳ-କୁନ୍ତଳା ମରାଳଗମନା
ବୀଣାଜିଣା ଭାଷୀ ବୃଷଭାନୁ ଜେମା ଆଗେ କହିଲେ ବ୍ରଜାଙ୍ଗନା । ୩ ।
ଲେଖ ଗୋ ଗୋବିନ୍ଦ ଛାମୁକୁ ଚିଟାଉ ଏ ଆମ୍ଭର ଯେତେ ବିଷୟ ।
ଶୁଣି ଗୁଣବତୀ ଆନନ୍ଦ ହୋଇଲେ ବୋଲେ ଲେଖନ ପତ୍ର ଦିଅ ।
ଶୁଣି ସେ, ସୁରଙ୍ଗିଣୀ ବେଗେ ଉଠିଲା ।
ତକ୍ଷଣେ କରରେ ସମର୍ପଣ କରାଇ ଲିହ ବୋଲି ପାଦେ ଲୋଟିଲା । ୪ ।

---

୧ । ଶ୍ୟାମଘନଦୂତ—କୃଷ୍ଣଦୂତ, ଉଦ୍ଧବ । ଗୋପଭୂପ—ଗୋପର ରାଜା ନନ୍ଦ । ଗୋପେଶ୍—ନନ୍ଦ । ଉଦନ୍ତ—ବାର୍ତ୍ତା, ସନ୍ଦେଶ ।

୨ । ଗିରିଧର—ଶ୍ରୀକୃଷ୍ଣ । ଗୋପସୀମନ୍ତିନୀ—ଗୋପୀ ।

୩ । ଚକୋରନୟନୀ—ତୃଷିତ ନୟନା । ଚନ୍ଦ୍ରମାବଦନୀ—ଚନ୍ଦ୍ରମୁଖୀ । ଚାରୁ—ସୁନ୍ଦର । ଚାମୀକରବରନା—ସୁନାବରଣୀ, ସୁନାଗୋରୀ । କରିକୁମ୍ଭସ୍ତନା—ଉନ୍ନତସ୍ତନା, ପୀନସ୍ତନା । କରକରଦନା—ଡାଳିମ୍ବଦନ୍ତୀ । କଳାକରହାସୀ—ଚନ୍ଦ୍ରହାସୀ । ନବୀନା—ଯୁବତୀ । କୁଟିଳକୁନ୍ତଳା—କୁଞ୍ଚିତ କେଶା । ମରାଳଗମନା—ହଂସ ଗମନା । ବୀଣାଜିଣାଭାଷୀ—ବୀଣାଜିଣା ବଚନୀ । ବୃଷଭାନୁଜେମା—ଶ୍ରୀରାଧା । ବ୍ରଜାଙ୍ଗନା—ବ୍ରଜବାଳା, ଗୋପୀ ।

୪ । ଗୁଣବତୀ—ଶ୍ରୀରାଧା । ଲିହ—ଲେଖ ।

Digitized by PPRACHIN, SOA

ଶୁଣି ଚନ୍ଦ୍ରାନନୀ ଧଇଲେ ଲେଖନୀ ବାମ କରେ ପତ୍ର ଶୋହଇ ।
ପ୍ରଥମେ ଗୋପୀନାଥ ପାଦେ ଶରଣ ବୋଲି ଖଞ୍ଜନାକ୍ଷୀ ଲିହଇ ।
ଗୋକୁଳ-ସୁନ୍ଦର ବରଜବନ୍ଦନ ।
ନବଜଳଧରବରନ ଯଶୋଦାନନ୍ଦନ ଜଗତଜୀବନ । ୫ ।
ଅନାଥର ନାଥ ହୋଇଣ ଅନାଥ କରିଗଲ ହଟନାଗର ।
ସାରସନୟନ ମୁରଲୀବଦନ ଦୁଃଖହରା କୃପାସାଗର ।
ଦୁରିତ-ଦହନ ମଦନମୋହନ ।
ପୂତନା ଶଣ୍ଢା ଶକଟା ତୃଣା ବକା ଯାମଳାଅର୍ଜ୍ଜୁନ-ଭଞ୍ଜନ । ୬ ।
ଏମାନଙ୍କ ଦଣ୍ଡ ଯେତେ ବଡ଼ ତାହା ଆପଣେ ଜାଣିଛ ଗୋବିନ୍ଦ ।
ତେତେ଼ ବିପତ୍ତିମାନଙ୍କରୁ ସମ୍ଭାଳି ରଖିଛ ବୃନ୍ଦାବନ ଚନ୍ଦ୍ର ।
ଏବେ ସେ, ଲେଉଟିଲେ କିସ କରିବୁଁ ।
କେ ଅବା ରଖିବ ଅରକ୍ଷ ଗୋପୀଙ୍କି ନିରେଖହୋଇ ପ୍ରାଣ ଦେବୁ । ୭ ।
ତୁମ୍ଭେ ଗଲାଦିନୁ ଯାହା ହୋଇଲାଣି ତାହା ଜାଣନ୍ତା ନାହିଁ କେହି ।
ତୁମ୍ଭ ବିନୁ ତିନିଲୋକରେ କେ ଅଛି ଜାଣିବାକୁ ନନ୍ଦ କହ୍ନାଇ ।
ସତେ କି, ଥରେ ବିଜେହେବ ଏଥିକି ।
ଛାମୁରେ ତୁମ୍ଭର ବସି ଶୁଣାଇବୁଁ ଦୁଃଖ ରତ୍ନାକର ପୋଥିକି । ୮ ।
ଅଶନ ବିଷ ବସନ ଅହିସମ ଝଟକ ଗଲାଣି ଅଙ୍ଗର ।
ତାଟଙ୍କ ହାରଭାର ବହିନପାରୁ ତୁମ୍ଭ ଅଙ୍ଗ ସଙ୍ଗ ଭଙ୍ଗରୁ ।
କୃଷ୍ଣହେ, ନଯାଉ ଯମୁନା ଜଳକୁ ।
ଯେବେ ଯାଉଁ ତେବେ ନେତ୍ର ଢୁଙ୍କିଥାଉଁ ନ ଚାହୁଁ କଦମ୍ବମୂଳକୁ । ୯ ।
ନିଶାକାଳେ ନିଶାକରଙ୍କୁ ନ ଚାହୁଁ ନ ଘେନୁ କର୍ପୂରଚନ୍ଦନ ।
ଝରପରା ହୋଇ ନିରତେ ନୟନୁ ଲୋତକ ଝରଇ ମୋହନ ।
ନାଥ ହେ, ଏଣୁ ନ ଘେନୁଛୁଁ ଅଞ୍ଜନ ।
ମସ୍ତକେ ସିନ୍ଦୂର ବିନ୍ଦୁକୁ ନ ଘେନୁ ନ କରୁ ମକରୀ ଲେଖନ । ୧୦ ।

---

୫ । ବରଜବନ୍ଦନ—ବ୍ରଜବାସୀଙ୍କର ପୂଜ୍ୟ ।
୬ । ସାରସନୟନ—ପଦ୍ମଲୋଚନ । ଦୁରିତ-ଦହନ—ପାପବିନାଶକ, କଷ୍ଟନାଶକ ।
୭ । ଦଣ୍ଡ—ଶାସ୍ତି, ଯନ୍ତ୍ରଣା । ଲେଉଟିଲେ—କୃଷ୍ଣଙ୍କ ମଥୁରାଗମନକାଳରେ ପ୍ରତ୍ୟାବର୍ତ୍ତନ କଲେ ।
୮ । ଦୁଃଖ ରତ୍ନାକର ପୋଥି—ସାଗର ପରି ଅସୀମ ଦୁଃଖର ବିବରଣୀ ।
୯ । ଅଶନ—ଭୋଜନ । ତାଟଙ୍କ ହାର ଭାର ବହି ନ ପାରୁ—ବିରହରେ ଦେହ ଦୁର୍ବଳ ହେବାରୁ ଅଳଙ୍କାର ବହନ କରିବାକୁ ଅକ୍ଷମ । ତାଟଙ୍କ—କର୍ଣ୍ଣାଳଙ୍କାର । ଅଙ୍ଗସଙ୍ଗଭଙ୍ଗରୁ—ବିରହ ହେତୁ ।

Digitized by PPRACHIN, SOA

କବରୀ ନ ସାଜୁ ଅଙ୍ଗକୁ ନ ମାଜୁ କୃଶ ହେଲୁଣୀ ଗୋପୀକୁଳ ।
ଅଧର ରଙ୍ଗିମା ବଚନ ଭଙ୍ଗିମା ତୁମ୍ଭ ବିନୁ ସର୍ବ ନିଷ୍ଫଳ ।
ନାଥ ହେ, ଦିବା ନିଶି ଏକ ସମାନ ।
ସଦନ ବନ ପରାଏ ନ ରୁଚଇ ଶୀତଜଳ ଅଗ୍ନି ସମାନ । ୧୧ ।
ପଡିପ ନିଶିରେ ଚକୋର ଯେସନ ହୋଇଥାଇ ଚନ୍ଦ୍ର ନ ଦେଖି ।
ତହୁଁ ଅଧିକ ଦଶାକୁ ଲଭିଲୁଣି ତୁମ୍ଭ ବିହୁନେ ପଙ୍କଜାକ୍ଷୀ ।
ନାଥ ହେ, କଉଁ ଅଭାଗୀ ନାରୀ ଆମ୍ଭେ ।
ପ୍ରାଣ ନ ଯାଇ କଉଁ ଗୁଣେ ରହିଛି ନିର୍ଲଜ୍ଜ ପଣେ ମହାଦମ୍ଭେ । ୧୨ ।
ପୂର୍ବେ କେତେ ତପ କରିଥିଲୁ ଦିନାକେତେ ତୁମ୍ଭ ସଙ୍ଗେ ବଞ୍ଚିଲୁ ।
ସେ ସୁକୃତ କ୍ଷୟ ହୋଇଲାରୁ କରି ପାଇଲା ନିଧି ହରାଇଲୁ ।
ନାଥ ହେ, ଆମ ସମ ଦୁଃଖୀ ନଥିବେ ।
ଏଡ଼େ ନିର୍ଲଜ୍ଜ କେଉଁଜନେ ହୋଇବେ ଏଡ଼େ କଷ୍ଟେ ଦେହ ରଖିବେ । ୧୩ ।
କା ଆଗେ କହିବୁ ଯାହା ହେଉଅଛୁ କହିଲେ କେ ଅବା ଶୁଣିମ ।
ଏକା ତୁମ୍ଭ ବିନା ଏ ଦୀନା ଗୋପୀଙ୍କ କଥା କେ ମନରେ ଘେନିମ ।
ନାଥ ହେ, ଏତକ କେବଳ କରିବ ।
ମଥୁରା ନାରୀଙ୍କ ସଙ୍ଗ ଦିନେ ମାତ୍ର ଛାଡ଼ି ଦର୍ଶନ ଦେଇଯିବ । ୧୪ ।
ତୁମ୍ଭ କୃପାସିନ୍ଧୁ ପ୍ରାୟେ ଘୋଟିଥିଲା ବୁଡ଼ିଥିଲୁ ଗୋପୀ ସଫରୀ ।
ସଫଳାନନ୍ଦନ ଅଗସ୍ତି ହୋଇଲା ଶୋଷିଲା ଅହଙ୍କାର କରି ।
ନାଥ ହେ, କେମନ୍ତେ ବଞ୍ଚିବୁ ବିଚାର ।
ଯାହା-କହିଥିଲ ତାହା ପାସୋରିଲ ଚିତ୍ତରେ କିମ୍ପା ନ ବିଚାର । ୧୫ ।

---

୧୧ । ଦିବାନିଶି ଏକ ସମାନ—ଦିବସରେ ସୂର୍ଯ୍ୟର ତାପ ରାତ୍ରିକାଳରେ ଚନ୍ଦ୍ରର କିରଣ ବିରହ ହେତୁ ଜ୍ୱାଳାମୟ ପ୍ରତୀତ ହେବାରୁ ଦିନରାତି ସମାନ ବୋଧହୁଏ । ସଦନ—ଗୃହ ।

୧୨ । ପଡିପ—ପ୍ରତିପଦ । ଚକୋର—ଚନ୍ଦ୍ର କିରଣରୁ ଅମୃତ ପାନ କରି ତୃଷା ନିବାରଣ କରେ ବୋଲି ଲୋକପ୍ରସିଦ୍ଧ । ପଙ୍କଜାକ୍ଷୀ—ପଦ୍ମନୟନା ।

୧୩ । ପୂର୍ବେ...କରିଥିଲୁ—ତ୍ରେତୟା ଯୁଗରେ ଉଗ୍ରତପା ମୁନିଗଣ ରାମଚନ୍ଦ୍ରଙ୍କ ସୌନ୍ଦର୍ଯ୍ୟ ଦର୍ଶନ କରି ମୁଗ୍ଧ ହୋଇ ତାଙ୍କର ଅଙ୍ଗସଙ୍ଗ କାମନା କରିବାରୁ ଦ୍ୱାପର ଯୁଗରେ ତାଙ୍କର ମନସ୍କାମନା ପୂର୍ଣ୍ଣ ହେବ ବୋଲି ରାମଚନ୍ଦ୍ର ବରଦାନ କରିଥିଲେ । ଦ୍ୱାପରରେ ରାମଚନ୍ଦ୍ର କୃଷ୍ଣ ରୂପରେ ଓ ଷୋଳସହସ୍ର ଉଗ୍ରତପା ମୁନି ଗୋପୀ ରୂପେ ଜନ୍ମଗ୍ରହଣ କରିଥିଲେ ।

୧୪ । ମନରେ ଘେନିମ—ମନରେ ଗ୍ରହଣ କରିବ ।

୧୫ । ତୁମ୍ଭ...ସଫରୀ—ଶ୍ରୀକୃଷ୍ଣଙ୍କ ଅପାର କରୁଣା ସାଗରରେ ଗୋପୀରୂପକ ଦଣ୍ଡକିରୀ ମାଛ ନିମଜ୍ଜିତ ହୋଇଯାଇଥିଲେ । ସଫଳାନନ୍ଦନ ଅଗସ୍ତି ହୋଇଲା—ଅଗସ୍ତି ସମୁଦ୍ର ଗର୍ଭରେ ଲୁକ୍କାୟିତ

Digitized by PPRACHIN, SOA

ଆମ୍ଭ ଭାଗ୍ୟକୁ ରସଦାନୀ ଜୀମୂତ ପ୍ରବଳ ହୋଇ ଉଦେ ହେଲା ।
କଂସ ଡଗର ତହିଁକି ମହାବାତ ମଥୁରା ଦିଗେ ଉଡ଼ାଇଲା ।
ନାଥ ହେ, ନିରାଶ ହୋଇଲୁ ଗୁଆଳୀ ।
ସତେ କି ଆଉ ଲେଉଟି ଆସିବ କୃପା ଜଳକୁ ଦେବ ଢାଳି । ୧୬ ।
କୁମ୍ଭନନ୍ଦନ ଯେଉଁ ରୂପେ ପର୍ବତମାନଙ୍କୁ ସତ୍ୟ କରାଇଲେ ।
ଦକ୍ଷିଣେ ଯାଇ ନିଶ୍ଚିନ୍ତ ହୋଇ ରହି କେବେହେଁ ବାହୁଡ଼ି ନଇଲେ ।
ନାଥ ହେ, ସେହିରୂପେ ହେଲା ପରାଏ ।
ତୁମ୍ଭେ ଅଗସ୍ତି ଆମ୍ଭେମାନେ ଶିଖରୀ ସତ୍ୟକୁ ବହିଅଛ କାୟେ । ୧୭ ।
ତଥାପି ବଡ଼ ଲୋକଙ୍କର ବିଚାର ଏମନ୍ତ ପରାୟ ଦିଶଇ ।
ଦିଗବାସ ବିଧୁ ଶଚୀ ସୁରପତି ଏହାଙ୍କଠାରେ ପ୍ରକାଶଇ ।
ତାହାକୁ କେ ଅବା ନିନ୍ଦିବ ମହୀରେ ।
ସେମାନଙ୍କ ସଙ୍ଗେ ତୁମ୍ଭେ ଏବେ ହେଲ କି ହେବ ଆଉ ତା କହିଲେ । ୧୮ ।

---

କାଳକେୟ ଅସୁରଙ୍କ ବିନାଶ ପାଇଁ ସମୁଦ୍ର ପାଣି ଶୋଷି ନେଇଥିଲେ । ଅକ୍ରୁର କୃଷ୍ଣଙ୍କୁ ମଥୁରାପୁରୀ ନେଇଯାଇ ଗୋପପୁରକୁ କୃଷ୍ଣଙ୍କ କରୁଣାରୁ ବଞ୍ଚିତ କରିଦେବାରୁ ଗୋପୀରୂପକ ମାନ୍ଦ ବଞ୍ଚିବା ଦୁଷ୍କର ।

୧୬ । ରସଦାନୀ--ବର୍ଷଣୋନ୍ମୁଖୀ । ଜୀମୂତ—ମେଘ । କଂସ ଡଗର—ଅକ୍ରୁର । ମହାବାତ—ପ୍ରଚଣ୍ଡ ପବନ । ମେଘକୁ ପବନ ଉଡ଼ାଇ ନେଲାପରି ଅକ୍ରୁର କୃଷ୍ଣଙ୍କୁ ମଥୁରା ଅଭିମୁଖେ ନେଇଗଲା । ଗୁଆଳୀ—ଗୋପାଳୁଣୀ ।

୧୭ । କୁମ୍ଭନନ୍ଦନ—ଅଗସ୍ତି । ଆଦିତ୍ୟ ଯଜ୍ଞରେ ମିତ୍ର ଓ ବରୁଣ ଉର୍ବଶୀଙ୍କୁ ଦର୍ଶନ କରି କାମାର୍ତ୍ତ ହୋଇ ସ୍ୱ ସ୍ୱ ବୀର୍ଯ୍ୟକୁ ଯଜ୍ଞ କୁମ୍ଭରେ ସ୍ଥାପନ କଲେ । ସେଉ କୁମ୍ଭ ମଧ୍ୟରୁ ଅଗସ୍ତି ଜାତ ହୋଇଥିଲେ । ସତ୍ୟ କରାଇଲେ—ଅଗସ୍ତି ବିନ୍ଧ୍ୟ ପର୍ବତର ଗୁରୁ । ସୂର୍ଯ୍ୟ ଯେପରି ଉଦୟାସ୍ତ କାଳରେ ମେରୁ ପ୍ରଦକ୍ଷିଣ କରନ୍ତି, ସେହିପରି ବିନ୍ଧ୍ୟକୁ ପ୍ରଦକ୍ଷିଣ କରିବେ ବୋଲି ବିନ୍ଧ୍ୟ ଇଚ୍ଛା ପ୍ରକାଶ କଲେ । ସୂର୍ଯ୍ୟ ଅସ୍ୱୀକାର କରିବାରୁ ବିନ୍ଧ୍ୟ କ୍ରୋଧାନ୍ୱିତ ହୋଇ ବଢ଼ିବାକୁ ଲାଗିଲେ ଓ ସୂର୍ଯ୍ୟଙ୍କ ଗତି ରୋଧ କଲେ । ଦେବତାମାନେ ଅଗସ୍ତିଙ୍କର ଶରଣାପନ୍ନ ହେଲେ । ଅଗସ୍ତି ଭକ୍ତଶ୍ରେଷ୍ଠ ବିନ୍ଧ୍ୟଙ୍କ ନିକଟରେ ଉପସ୍ଥିତ ହେବାରୁ ବିନ୍ଧ୍ୟ ଅବନତ ମସ୍ତକରେ ପ୍ରଣାମ କଲେ । ଅଗସ୍ତି ତାଙ୍କୁ କହିଲେ ଯେ ସେ ଯେପର୍ଯ୍ୟନ୍ତ ପ୍ରତ୍ୟାବର୍ତ୍ତନ ନ କରିବେ ସେପର୍ଯ୍ୟନ୍ତ ସେହିପରି ନତ ମସ୍ତକରେ ରହିବେ । ଅଗସ୍ତି ଦକ୍ଷିଣକୁ ଯାତ୍ରା କରି ଆଉ ଫେରିଲେ ନାହିଁ । ବିନ୍ଧ୍ୟ ସତ୍ୟରେ ଆବଦ୍ଧ ହୋଇ ସେହିପରି ରହିଲେ । ଶିଖରୀ—ପର୍ବତ ।

ତୁମ୍ଭେ...କାୟେ—ସେହିପରି କୃଷ୍ଣ ଅଗସ୍ତିଙ୍କ ପରି ଚାରଦିନକୁ କହି କରି ଯିବାରୁ ସତ୍ୟପାଶରେ ଆବଦ୍ଧ ପର୍ବତ ତୁଲ୍ୟ ଗୋପୀଗଣ ଦେହଧାରଣ କରି ରହିଛନ୍ତି ।

୧୮ । ଦିଗବାସ—ମହାଦେବ (ମଥୁରାମଙ୍ଗଳ ୨୭ଶ ଛାନ୍ଦ ୩୧ଶ ପଦ ଓ ରସକଲ୍ଲୋଳ ୩୨ ଛାନ୍ଦ ୨୪ ପଦ ଦ୍ରଷ୍ଟବ୍ୟ)

Digitized by PPRACHIN, SOA

ତୁମ୍ଭେ ସେହିରୂପେ ହେଲେହେଁ କେ ଅବା ନିନ୍ଦା କରିବ ବଡ଼ପଣ ।
ଏଣୁକରି ମନେ ବିଚାର କରୁଛୁଁ ନ ପୁଣ ନ ଆସ ମୋହନ ।
ନାଥ ହେ, ଦ୍ୱୀନଜନେ ଦୟା କରିବ ।
ତେବେ ସିନା ଦୀନବାନ୍ଧବ ନାମକୁ କାଳେ କାଳେ ନିଶ୍ଚେ ବହିବ । ୧୯ ।
ଦଇବେ ଆମ୍ଭେ ଆଭୀରନାରୀ ସିନା ଭଲ ମନ୍ଦ ଦୁଇ ନ ଜାଣୁ ।
ମହତ ପୁରୁଷ ହୋଇ ତ ଆପଣ ନିରାଶ କଲ ଜାଣୁ ଜାଣୁ ।
ନାଥ ହେ, କି କହିବୁଁ କର୍ମ ଅସାର ।
ଦଇତାରି ହୋଇ ଦଇତ ପରାଏ ମାରିବାକୁ କଲ ବିଚାର । ୨୦ ।
ତୁମ୍ଭ କନ୍ଦର୍ପ ଜ୍ୱରକୁ ମଧୁପୁର ନାୟିକା ହୋଇଲେ ସୁପଥି ।
ଆମ୍ଭେମାନେ ସିନା ନିଷେଧ ହୋଇଲୁ ଯେତେକ ବରଜ ଯୁବତୀ ।
ନାଥ ହେ, କୁବୁଜା ଔଷଧି ହୋଇଲା ।
କାହାକୁ କହିବୁଁ ଦାରୁଣ ଦଇବ ଦେଲା ସମ୍ପଦକୁ ହରିଲା । ୨୧ ।
ଜାଣିଛ ତ ଯେତେ ପ୍ରକାରେ ଆମ୍ଭଙ୍କୁ ବାରେ ବାରେ ରକ୍ଷା କରିଛ ।
ଯେବେ ସେହିରୂପେ ତତକାଳେ ଆସି ଆଶା ପୂରାଅ ନନ୍ଦବତ୍ସ ।
ନାଥ ହେ, ଯହିଁ ଥିଲେ ଆମ୍ଭେ ତୁମ୍ଭର ।
କୃପାସିନ୍ଧୁ ଥାଉଁ ଥାଉଁ ତୃଷାଭରେ ମରୁଅଛୁଁ ଗୋପୀ ନିକର । ୨୨ ।

---

ବିଧୁ—ଚନ୍ଦ୍ର । ବୃହସ୍ପତିଙ୍କ ପତ୍ନୀ ତାରାଙ୍କୁ ହରଣ କରିବାରୁ ଗୁରୁପତ୍ନୀ ହରଣ ଦୋଷରେ କଳଙ୍କିତ ହୋଇଥିଲେ ।

ଶଚୀ—ଇନ୍ଦ୍ରଙ୍କ ପତ୍ନୀ । ଯେଉଁମାନେ ଇନ୍ଦ୍ର ପଦ ଲାଭ କରନ୍ତି, ଶଚୀ ସେମାନଙ୍କର ପତ୍ନୀ ହୁଅନ୍ତି ।

ସୁରପତି—ଇନ୍ଦ୍ର । ଗୌତମଙ୍କ ପତ୍ନୀ ଅହଲ୍ୟାଙ୍କୁ ହରଣ କରିବାରୁ ଗୌତମଙ୍କ ଶାପରେ ସହସ୍ରଯୋନି ଚିହ୍ନ ପ୍ରକାଶିତ ହେଲା । ଇନ୍ଦ୍ରଙ୍କ ଅନୁନୟରେ ଗୌତମ ତାକୁ ସହସ୍ର ଚକ୍ଷୁ ଚିହ୍ନରେ ପରିଣତ କଲେ ।

୧୯ । କାଳେ କାଳେ—ଯୁଗେ ଯୁଗେ । ଦୀନବାନ୍ଧବ—ଦରିଦ୍ରର ବନ୍ଧୁ ।

୨୦ । ଆଭୀର ନାରୀ—ଗୋପାଳୁଣୀ । ମହତ ପୁରୁଷ—ପୁରୁଷ ଶ୍ରେଷ୍ଠ; ବଡ଼ଲୋକ । କର୍ମ ଅସାର—ଭାଗ୍ୟ ମନ୍ଦ । ଦଇତାରି—ରାକ୍ଷସମାନଙ୍କର ଶତ୍ରୁ । ଦଇତ ପରାଏ—ନିଜେ ରାକ୍ଷସ ସଦୃଶ ହୋଇ ।

୨୧ । କନ୍ଦର୍ପ ଜ୍ୱର—କାମଜ୍ୱର, କାମ ଜର୍ଜରିତ ଭାବ । ସୁପଥି—ରହସ୍ୟ ମଞ୍ଜରୀର ୭ମ ଛାନ୍ଦର ୮ ପାଦ ସହିତ ତୁଳନୀୟ । "ଗୋପୀ ତାଙ୍କ ବ୍ୟାଧି ସୁପଥି, ଆମ୍ଭେ ତାଙ୍କ ବ୍ୟାଧିକି ନିଷେଧ କୁପଥି ।" ମଥୁରାନାରୀଙ୍କ ସାନ୍ନିଧ୍ୟ କାମରୋଗର ପଥ୍ୟତୁଲ୍ୟ ।

ଦେଲା ସମ୍ପଦକୁ ହରିଲା – ଐଶ୍ୱର୍ଯ୍ୟ ଦେଇ ପୁଣି ନେଇଗଲା ।

୨୨ । ଗୋପୀ ନିକର—ଗୋପୀମାନେ ।

Digitized by PPRACHIN, SOA

ପ୍ରତି ପାଳିଲା ଜନକୁ ନାଶ କଲେ ନିଶ୍ଚୟ ହୋଇବ ଦୂଷଣ ।
ଜ୍ୟେଷ୍ଠ କନିଷ୍ଠ ମଧ୍ୟମ କିବା ହେଉ କେଭେହେଁ ନୁହଇ ଭୂଷଣ ।
ନାଥ ହେ, ତୁମ୍ଭେ କି ନ ଜାଣ ସେମାନ ।
ଆମ୍ଭେ ସିନା ବନଚାରୀ ନାରୀମାନେ ନ ଜାଣୁ କେ ଜ୍ଞାନ ଅଜ୍ଞାନ । ୨୩ ।
ତୁମ୍ଭେ ଥିଲାଦିନେ ବାମଦେବ ପ୍ରାୟେ କାମକୁ ନିତି ଚକୁ ଥାଉଁ ।
ଯହୁଁ ବାମ ହେଲ ବରଜସୁନ୍ଦର ନିରତେ ତାକୁ ପୂଜୁଥାଉଁ ।
ନାଥ ହେ, ଭୟ କରି ହୃଦଦେଶରେ ।
ନ ପୁଣ ପଞ୍ଚବିଶିଖ ପ୍ରହାରଇ ପୂର୍ବ କଲା କଥା ରୋଷରେ । ୨୪ ।
ତଥାପି ଯେବଣ ସୁନ୍ଦରୀ ତୁମ୍ଭର ଚନ୍ଦ୍ରବଦନ ଦେଖିଥିବ ।
ବଚନ ମଧୁର ସୁମରି ପ୍ରାଣ ନିକି ରଖି ପାରିବ ।
ନାଥ ହେ, କୋଟିଏ କାମ ପ୍ରହାରିବ ।
ଯେତେ ପ୍ରକାରେ ପ୍ରବୋଧି ସେବା କଲେ କିଅତେ ଦୟା ନ କରିବ । ୨୫ ।
ଆସିବାର ହେଲେ ବହନ ଆସିବ ନଇଲେ ଏମନ୍ତ କରିବ ।
କର୍ପୂର ପଇଡ଼ ଲେମ୍ବୁ ଏକ କରି ଦୂତ ଗୋଟିକ ହାତେ ଦେବ ।
ନାଥ ହେ, କବଳ କରିବୁଁ ଗୁଆଳୀ ।
ଆମ୍ଭ ବିଷୟ ଏତେକେହେଁ ସରିବ ନିଶ୍ଚିନ୍ତ ହେବ ବନମାଳୀ । ୨୬ ।

---

୨୩ । ଦୂଷଣ—ଦୋଷ, ନିନ୍ଦା । ଜ୍ୟେଷ୍ଠ କନିଷ୍ଠ ମଧ୍ୟମ—ଉତ୍ତମ ଅଧମ ମଧ୍ୟମ । ପ୍ରତିପାଳିଲା...ଭୂଷଣ—ପାଳିତ ବ୍ୟକ୍ତି ଭଲ ହେଉ ବା ମନ୍ଦ ହେଉ ତାକୁ ବିନାଶ କଲେ ନିନ୍ଦା ହେବ, କେବେହେଲେ ପ୍ରଶଂସା ମିଳିବ ନାହିଁ । ଅର୍ଥାତ୍ ପାଳିଲା ଲୋକକୁ ବିନାଶ କରିବା ଧର୍ମବିରୁଦ୍ଧ । ବନଚାରୀ ନାରୀ—ବନରେ ଗୋରୁ ଚରାଉଥିବା ଗଉଡ଼ମାନଙ୍କର ପତ୍ନୀ, ଗଉଡୁଣୀ । କେ ଜ୍ଞାନ, ଅଜ୍ଞାନ—କଣ ଉଚିତ, କଣ ଅନୁଚିତ । ଗୋପାଙ୍ଗନାମାନେ ଶାସ୍ତ୍ର ବିଚାର କରି କୌଣସି କାର୍ଯ୍ୟ କରନ୍ତି ନାହିଁ । ସେମାନଙ୍କ ପ୍ରତ୍ୟେକ କାର୍ଯ୍ୟ ହୃଦୟର ପ୍ରୀତିରୁ ସମ୍ଭୂତ । ତେଣୁ ଗୋପୀମାନେ ଜ୍ଞାନମାର୍ଗର ବିରୋଧୀ ।

୨୪ । ବାମଦେବ—ଶିବ । ଚକୁ ଥାଉଁ—ତର୍ଜୁ ଥାଉ, ଭର୍ତ୍ସନା କରୁ । ବାମ ହେଲ—ପ୍ରତିକୂଳ ହେଲ, ଶ୍ରଦ୍ଧା ଭୁଲି ମଥୁରାରେ ରହିଲ । ପୂଜୁଥାଉଁ—ସନ୍ତୁଷ୍ଟ କରୁ । ପଞ୍ଚବିଶିଖ—ପଞ୍ଚଶର । ରୋଷରେ—ରାଗରେ ।

୨୫ । କୋଟିଏ କାମ ପ୍ରହାରିବ—ବିରହ କାଳରେ କାମଜ୍ୱାଳା କୋଟି ଗୁଣରେ ଅଧିକ । ପ୍ରବୋଧି—ସନ୍ତୁଷ୍ଟ କରି ।

୨୬ । କର୍ପୂର ପଇଡ଼ ଲେମ୍ବୁ—କର୍ପୂର ଓ ଲେମ୍ବୁ ପଇଡ଼ ପାଣିରେ ମିଶାଇଲେ ତାହା ତୀବ୍ର ବିଷରେ ପରିଣତ ହୁଏ । ସଂସ୍କୃତରେ ଅଛି—କେଚିଦ ବଦନ୍ତି ବିଷମସ୍ତି ଭୁଜଙ୍ଗଦଂଶେ, କେଚିଦ ବଦନ୍ତି ବନିତାଧର ପଲ୍ଲବେଷ୍ଟ । କେଚିଦ୍ ବା ବଦନ୍ତି ଖଜଜନରସନାଗ୍ରଭାବ କର୍ପୂର ଲେମ୍ବୁ ପରିପୂରିତ ନାରୀକେଳ । କବଳି କରିବୁ—ଖାଇବୁ । ବିଷୟ ଏତେକେହେଁ ସରିବ—ଏତିକିରେ ଆମ୍ଭେ ମରିବୁ ।

Digitized by PPRACHIN, SOA

ପୁଣ ବିଚାରୁଛୁଁ ତୁମ୍ଭ ବିମ୍ବାଧରୁ ଅମିୟ ଆମ୍ଭଙ୍କୁ ଦେଇଛ
ବିଷ ଭକ୍ଷିଲେ ନ ମରି ଜ୍ୱାଳା କଲେ କି କରିବୁ ହେ ନନ୍ଦବଂଶ ।
ଅନଳ, ଉପରେ ଅନଳ ପଡ଼ିବ ।
କେ ସହି ପାରିବ ଏ ଘୋର ବିପତ୍ତି ଦ୍ୱିଗୁଣେ ଶରୀର ପୋଡ଼ିବ । ୨୭ ।

ଆମ୍ଭ ବିଷୟ ଉଦ୍ଧବଙ୍କ ମୁଖରୁ ଶୁଣିବ ସେ ଯାହା କହିବେ ।
ମନେ ବିଚାରିବ ବରଜବନିତା କେମନ୍ତେଟି ସୁଖୀ ହୋଇବେ ।
ନାଥ ହେ, ଦୁଃଖ ସରିତରେ ଭାସୁଛୁଁ ।
କେବଳ ତୁମ୍ଭ ନାମ ଭେଳା ଆଶ୍ରୟ କରି ବିପତ୍ତି ବିନାଶୁଛୁଁ । ୨୮ ।

ଏହି କଥା ଗୋଟି ମନରେ କରିବ କେମନ୍ତ ପ୍ରକାରେ ବଞ୍ଚିବୁ ।
ଦୟା କରି ଯେବେ ଥରେ ଭେଟ ଦେବ ମୁଖ ଦେଖି ପ୍ରାଣ ମୁଞ୍ଚିବୁ ।
ନାଥ ହେ, ତେବେ ସର୍ବ ଦୁଃଖ ସରନ୍ତା ।
ଦାରୁଣ ଅତନୁ ଯାହା ଦହୁଅଛି ସେ କଥା କେବେହେଁ ନୁହନ୍ତା । ୨୯ ।

ତୁମ୍ଭଙ୍କୁ ଉତ୍ତମ ହୁଅନ୍ତା ନିଶ୍ଚିନ୍ତେ ମଥୁରା କଟକେ ରହନ୍ତ ।
କୁବୁଜାଙ୍କ ସଙ୍ଗେ ନାନା ଭାବରଙ୍ଗେ ରଜନୀ ଦିବସ ନିଅନ୍ତ ।
ନାଥ ହେ, ଦିନୁ ଦିନୁ ସୁଖ ବଢ଼ନ୍ତା ।
ଦୀନ ଗୋପୀଙ୍କ ଜଞ୍ଜାଳ ଯହୁଁ ଦୂର ହୋଇ ଛିଡ଼ିକରି ରହନ୍ତା । ୩୦ ।

ଜାଣିଥିଲୁଁ ବଡ଼ ଲୋକଙ୍କ ବଚନ ପାଷାଣଗାର ପ୍ରାୟ ହୋଇ ।
ଏବେ ଜାଣିଲୁ ସଲିଳଗାର ପ୍ରାୟେ ସେ ଯେହ୍ନେ ମୁହୂର୍ତ୍ତେ ନ ରହି ।
ନାଥ ହେ, ଜାଣିଥିଲେ କେହୁ ଛାଡ଼ନ୍ତା ।
କଇତବପଣ କରି ଭଣ୍ଡିଗଲ ନାମ ବହି ସୁଖକରତା । ୩୧ ।

---

୨୭ । ବିମ୍ବାଧର–ପାଚିଲା କଇଁଚିକାକୁଡ଼ି ପରି ରକ୍ତିମ ଓଷ୍ଠ । ଅମିୟ–ଅମୃତ । ଅନଳ, ଉପରେ ଅନଳ ପଡ଼ିବ–ବିରହଜ୍ୱାଳା ସହିତ ବିଷଜ୍ୱାଳା ମିଶିବ ।

୨୮ । ଦୁଃଖ ସରିତ–ଶୋକନଦୀ । ନାମ ଭେଳା–କୃଷ୍ଣ ନାମରୂପକ ନୌକା ।

୨୯ । ମୁଞ୍ଚିବୁ–ତ୍ୟାଗ କରିବୁ । ଦାରୁଣ ଅତନୁ–ନିଷ୍ଠୁର କନ୍ଦର୍ପ ।

୩୦ । ଦୀନ–ଅସହାୟ, ଦୁଃଖୀ । ଜଞ୍ଜାଳ–ଉତ୍ପାତ ।

୩୧ । ପାଷାଣଗାର–ପଥର ଗାର, ଯାହା ଚିରସ୍ଥାୟୀ । ସଲିଳ ଗାର–ପାଣି ଗାର, କ୍ଷଣସ୍ଥାୟୀ । କଇତବପଣ–ଠକପଣ, ଛଳନା କରି ।

Digitized by PPRACHIN, SOA

ଏବେ ଆଜଠାରୁ ଦୀନ୍‌ବନ୍ଧୁ ନାମ ଛାଡ଼ି ସୁଖୀବନ୍ଧୁ ହୋଇବ ।
କହୁଅଛୁଁ ସତ ଯେ ବୋଲିବ ଦୀନବନ୍ଧୁ ଆମ୍ଭ ପ୍ରାଏ ହୋଇବ ।
ନାଥ ହେ, ଏ ନିକି ତୁମ୍ଭର ବେଭାର ।
ସୁନାରି ପରାଏ ପ୍ରୀତି କରି ପ୍ରାନ୍ତ କାଳକୁ କଲ କୁବିଚାର । ୩୨ ।

ସେ ଯେହ୍ନ ଧନ ହରିବା ପରିଯନ୍ତେ ନାନାମତେ ସୁଖ କରଇ ।
କି କି କରି ତାଙ୍କ ସଞ୍ଚିଲା ପଦାର୍ଥ ଘେନିପ୍ରାସ ଦେଇ ଚଳଇ ।
ନାଥ ହେ; ସେହିମତି ତୁମ୍ଭ ବିଚାର ।
ତଥାପି ସୁନାରୀମାନଙ୍କୁ ଭଣ୍ଡିଲ ଏ କଥା ସିନା ଅଗୋଚର । ୩୩ ।

ଶୁଣିଛୁ ଅତି ଧାର୍ମିକ ପଣ କଲେ କାଳେ ଅଧର୍ମ ଆଚରନ୍ତି ।
ଅତିଶୟ ଦାନୀପଣ ଯେ କରନ୍ତି ସେ ପୁଣ କୃପଣ ହୁଅନ୍ତି ।
ଯେଣୁ ସେ, କୈତବ ଗୁଣ ନ ଛାଡ଼ନ୍ତି ।
ଦାନୀ ଧାର୍ମିକ ହୋଇ କିସ ହୋଇବ ଯେଣୁ ବଚନ ନ ପାଳନ୍ତି । ୩୪ ।

ଏବେ ତ୍‌ତକାଳେ ଗୋପକୁ ଆସିବ ନଇଲେ ଜୀବନ ଗଲାଟି ।
ଯୁଗେ ଯୁଗେ ସ୍ତିରୀହତ୍ୟା ଦୋଷ ତୁମ୍ଭ ନାମରେ ପ୍ରକଟ ହେଲାଟି ।
ନାଥ ହେ, ଏହା ବିଚାରିବା ହୋଇବ ।
ଆମ୍ଭ ରାଣଟି ରସିକ ରତ୍ନାକର ଆଉ ବିଳମ୍ୱ ନ କରିବ । ୩୫ ।

---

୩୨ । ଦୀନବନ୍ଧୁ–ଗୋପୀମାନେ ଦୀନ ଅବସ୍ଥା ପାଇଥିବାରୁ ଶ୍ରୀକୃଷ୍ଣଙ୍କୁ ଦୀନବନ୍ଧୁ ରୂପେ ଅଭିହିତ କରିଛନ୍ତି । ସୁଖୀବନ୍ଧୁ–ମଥୁରା ନାରୀମାନେ କୃଷ୍ଣଙ୍କୁ ପାଇ ସୁଖଲାଭ କରିଥିବାରୁ କୃଷ୍ଣଙ୍କୁ ସୁଖୀବନ୍ଧୁ ରୂପେ ବର୍ଣ୍ଣନା କରିଛନ୍ତି । ସୁନାରି–ବଣିଆ । ସୁନାରି...କରି–ବଣିଆ ଯେପରି ଅଳଙ୍କାର ବିକ୍ରୟ କରିବା ପର୍ଯ୍ୟନ୍ତ ଚାଟୁ ବଚନ ପ୍ରକାଶ କରେ । ପ୍ରାନ୍ତ କାଳକୁ–ପଛକୁ; ଶେଷକୁ । କୁବିଚାର–ମନ୍ଦ ବିଚାର ।

୩୩ । ପ୍ରାସ–ଦୁଃଖ । ସୁନାରୀମାନଙ୍କୁ–ଗୋପାଙ୍ଗନାମାନଙ୍କୁ । ଭଣ୍ଡିଲ–ପ୍ରତାରଣା କଲ । ତୁମ୍ଭେ ସୁନାରି ହୋଇ ତୁମ୍ଭର ମିତ୍ର ସୁନାରୀ ଗୋପାଙ୍ଗନାଙ୍କ ପ୍ରତି ଭଲ ଆଚରଣ ନ କରି ବିପରୀତ ଭାବ୍ ପ୍ରକାଶ କଲ । ଏ କଥା ଜଗତରେ ଅଜଣା । ମିତ୍ର ସହିତ ଶତ୍ରୁ ପରି ଭାବ ଦେଖାଇବା ସଂସାରରେ ଦେଖାଯାଏ ନାହିଁ ।

୩୪ । କୈତବ ଗୁଣ–କପଟ ପ୍ରକୃତି, ଛଳନା । ବଚନ ନ ପାଳନ୍ତି–ନିଜ କଥା ନ ରଖନ୍ତି । ଶୁଣିଛୁ...କୃପଣ ହୁଅନ୍ତି–ସମୟ ସମୟରେ ଦେଖାଯାଏ ଯେ ଅତି ଧାର୍ମିକମାନେ ମଧ୍ୟ ଅଧର୍ମ କାର୍ଯ୍ୟ କରନ୍ତି ଓ ମହାଦାନୀ ମଧ୍ୟ କୃପଣ ପରି ଆଚରଣ ପ୍ରକାଶ କରନ୍ତି ।

୩୫ । ପ୍ରକଟ–ପ୍ରକାଶ; ପ୍ରଚାରିତ । ରସିକ ରତ୍ନାକର–ରସିକ ସାଗର, ରସିକ ଶ୍ରେଷ୍ଠ ।

Digitized by PPRACHIN, SOA

ସେ ଦେଶେ କି ଷଡ଼୍ ଋତୁଏ ନାହାନ୍ତି, ନାହାନ୍ତି କି ରସଗାୟକ ।
ଚନ୍ଦ୍ର କୋକିଳ କେକି କେକା ରଶାଳ ଜୀମୁତଗର୍ଜ୍ଜନ ଡାହୁକ ।
ନାଥ ହେ, ନୟନେ କି ଦେଖି ନ ଶୁଣ ।
ସେ ଦେଶେ କି ଫୁଲଧନୁ ଧରି କାମଦେବ ନ କରଇ ଭ୍ରମଣ । ୩୬ ।
ତଥାପି ଏ-ଶ୍ରେଣୀ ଥିଲେ କି ହୋଇବ ମଧୁପୁର ନାରୀ ଅଛନ୍ତି ।
ଯେତେ କଥା ଏହା ଦେଖି ଜାତ ହୋଏ ତୁମ୍ଭଙ୍କୁ କି କରି ପାରନ୍ତି ।
ତହିଁକି, ଭୟ ନାହିଁ ତୁମ୍ଭ ମନରେ ।
ଆଉ ସେମାନେ କହି କିସ ହୋଇବ ରହିଲ କୁବୁଜା ସ୍ନେହରେ । ୩୭ ।
ଏତେକ ଲେଖି ନବୀନ-ନୀରଜାକ୍ଷୀ କଉତୁକ କରି ମୁଦିଲେ ।
କୁସୁମ ମଣ୍ଡା ଭିତରେ ଥୋଇ ବାଳୀ କି କି ମନରେ ବିଚାରିଲେ ।
ତାପରେ, ଉରଗ ଗୋଟିଏ ଲିହିଲେ ।
ପୁଣି ଅଞ୍ଜନାନନ୍ଦ ଚନ୍ଦ୍ରଚୂଡ଼ ତହିଁ ପାରୁଶେ ବସାଇଲେ । ୩୮ ।

---

୩୬ । ଷଡ଼ଋତୁ—ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ, ବସନ୍ତ । ରସ ଗାୟକ—ଶୃଙ୍ଗାର ରସ ଗାନକାରୀ । କେକି—କେକା—ମୟୂର ଧ୍ୱନି । ରଶାଳ—ରସାଳ, ଆମ୍ବ । ଜୀମୂତ ଗର୍ଜନ—ମେଘ ଗର୍ଜନ, ମେଘାଡ଼ମ୍ବର । ଏମାନେ ଋତୁ ବିଶେଷରେ ନାୟକ ନାୟିକାଙ୍କ ମନରେ କାମ ଭାବ ଜନ୍ମାନ୍ତି । ମିଳନ କାଳରେ ମିଳନୋଦ୍ଦୀପକ ଓ ବିରହ କାଳରେ ବିରହୋଦ୍ଦୀପକ ବିଭାବ ।

୩୭ । ଏଶ୍ରେଣୀ—ଏ ସବୁ । ତୁମ୍ଭମାନଙ୍କୁ କି କରି ପାରନ୍ତି—ତୁମ୍ଭଙ୍କୁ କିପରି ଆନନ୍ଦ ଦେଇ ପାରନ୍ତି । ଅର୍ଥାତ୍ ଏସବୁ ବିଭାବ କୃଷ୍ଣଙ୍କ ମନରେ ଯେଉଁ କାମ ବିଳାସ ସୃଷ୍ଟି କରନ୍ତି, ଗୋପାଙ୍ଗନାମାନେ କୃଷ୍ଣଙ୍କ ମନ ବୁଝି ତାଙ୍କୁ ସେହିପରି ଆନନ୍ଦ ଦିଅନ୍ତି । ମଥୁରା ନାରୀ ସେପରି ସୁଖ ଦେବାକୁ ଅସମର୍ଥ ।

୩୮ । ନୀରଜାକ୍ଷୀ—ପଦ୍ମନୟନା । ମୁଦିଲେ—ବନ୍ଦ କଲେ । କୁସୁମ ମଣ୍ଡା—ଫୁଲର ଥୋପା । ପୂର୍ବକାଳରେ ଫୁଲର ଗୁଚ୍ଛ ବା ମାଳ ମଧ୍ୟରେ ଚିଟାଉ ଦେବା ନାୟିକାର ରୀତି ଥିଲା । ଉରଗ—ସର୍ପ । ଲିହିଲେ—ଲେଖିଲେ, ଆଙ୍କିଲେ । ଅଞ୍ଜନାନନ୍ଦ—ଅଞ୍ଜନା ପୁତ୍ର ହନୁମାନ । ଚନ୍ଦ୍ରଚୂଡ଼—ମହାଦେବ । ଏହାର ତାତ୍ପର୍ଯ୍ୟ ହେଉଛି ଯେ ଗୋପୀମାନେ ଯେଉଁ ଫୁଲମଣ୍ଡା ପଠାଇଲେ ତାର ସୁବାସ ଗନ୍ଧବହ ପବନ ହରଣ କରିବାକୁ ଆସିବ, ବାୟୁ ଆହାର କରୁଥିବା ସର୍ପ ପବନକୁ କବଳିତ କରିବ । ତେଣୁ ତାର ସୁରଭି ନଷ୍ଟ ହେବ ନାହିଁ । ହନୁମାନଙ୍କୁ ଦେଖି ସୂର୍ଯ୍ୟ ଭୟଭୀତ ହୋଇ ରହିବେ । ତେଣୁ ସୂର୍ଯ୍ୟକିରଣ ସେଥିରେ ନ ପଡ଼ିଲେ, ତାହା ଶୁଖିବ ନାହିଁ । ହନୁମାନ ସୂର୍ଯ୍ୟଙ୍କୁ ଗ୍ରାସ କରିବାକୁ ଉଦ୍ୟତ ହୋଇଥିବା ବିବରଣ ପୁରାଣରେ ବର୍ଣ୍ଣିତ ହୋଇଅଛି । ପୁନଶ୍ଚ ମହାଦେବ ଥିବାରୁ ଚନ୍ଦ୍ର କିରଣରେ ଫୁଲ ସତେଜ ରହିବ ଓ ମହାଦେବଙ୍କ ଭୟରେ କନ୍ଦର୍ପ ଶର ପାଇଁ ଫୁଲ ହରଣ କରି ପାରିବ ନାହିଁ ।

Digitized by PPRACHIN, SOA

ଗୁପତ କରି ଉଦ୍ଧବଙ୍କ ହସ୍ତରେ ଦେଲେ ସେ ପୀନପୟୋଧରୀ ।
ଗୋପୀନାଥଙ୍କ ଛାମୁରେ ଦେବ ବୋଲି ବୋଇଲେ ବରଜକିଶୋରୀ ।
ମଥୁରା, ନାଗରୀଏ ଥିଲେ ନ ଦେବ ।
ବୋଲେ ବଇରାଗୀ ଭଗତଚରଣ ଜଣାଗଲେ ଦ୍ୱନ୍ଦ୍ୱ ହୋଇବ । ୩୯ ।

## ତ୍ରିଂଶ ଛାନ୍ଦ

### (ରାଗ–ପଞ୍ଚମବରାଡ଼ି)

ଗୋପୀଙ୍କ ଉଦନ୍ତ ଘେନି  ଉଦ୍ଧବ ହୋଇ ମେଲାଣି
ମଥୁରାନଗରେ ପରବେଶ ।
ଶ୍ରୀକୃଷ୍ଣ ପାରୁଶେ ହେଲା  ଚରଣେ ପ୍ରଣାମ କଲା
ଦେଖି ଦୀନବନ୍ଧୁ ହେଲେ ତୋଷ ସେ, ବ୍ରଜବୀର
ଆଲିଙ୍ଗନ କରି ବସାଇଲେ । ଗୋପର କୁଶଳ ପଚାରିଲେ ଯେ । ୧ ।
ଶୁଣ ହେ ଭଗତବର  ଯାଇଥିଲ ଗୋପପୁର
କହ ଗୋପୀ କି କରୁଅଛନ୍ତି ।
ସେ ଯେ ମୋର ପ୍ରାଣସମ  ବିହି କରାଲା ବାମ
ଦିବା ନିଶି କି ରୂପେ ନିଅନ୍ତି, ସେ ଗୋପୀମାନେ
ଉତ୍ପାତ ନାହିଁ ନା ବୃନ୍ଦାବନେ । ସୁଖେ ଛନ୍ତିଟିକି ଜୀବମାନେ ସେ । ୨ ।
ନନ୍ଦ ଯଶୋଦା ସହିତେ  ମୋର ପ୍ରିୟସଖା ଯେତେ
କୁଶଳଟିକି ତାଙ୍କର କହ ।
ଗୋବିନ୍ଦ ବଚନ ଶୁଣି  ଉଦ୍ଧବ ଯୋଡ଼ିଲେ ପାଣି
ପ୍ରେମେ ଥର ଥର କମ୍ପେ ଦେହ, ସେ ଯଦୁବୀର
କହଇ ଗୋପୀଙ୍କ କଥାମାନ । କ୍ଷଣେ କ୍ଷଣେ ବୁଜଇ ନୟନ ସେ । ୩ ।

---

୩୯ । ପୀନ–ଉନ୍ନତ; ସ୍ଥୂଳ । ପୟୋଧର–ସ୍ତନ । ଦ୍ୱନ୍ଦ୍ୱ–କଳହ, ବିବାଦ ।
୧ । ଉଦନ୍ତ–ସମ୍ବାଦ ।
୨ । ଉତ୍ପାତ–ଅମଙ୍ଗଳ, ଅନିଷ୍ଟ ।

Digitized by PPRACHIN, SOA

ଶୁଣ ହେ କରୁଣାସିନ୍ଧୁ ଧନ୍ୟ ସେ ବରଜବଧୂ
ଯାହା ମୁଁ ଦେଖିଲି ତାହାଙ୍କର ।
ଅଶେଷ ଭୁବନ ପୂରି ଯେତେ ଛନ୍ତି ବ୍ରହ୍ମଚାରୀ
ସତୀ ଯତି ଶଙ୍କର ଅମର, ସେ ଶେଷ ଆଦି
ସମାନ ନୋହିବେ ତାଙ୍କ ସଙ୍ଗେ । ଧନ୍ୟ ମୁଁ ଦେଖିଲି ନେତ୍ରଯୁଗେ ସେ । ୪ ।
ମୋ ଠାରେ ସୁଦୟା କରି ପେଷିଲେ ବରଜପୁରୀ
ଭାଗ୍ୟ ବଳେ କଲି ଦରଶନ ।
ଏବେ ଏହି କୃପାକର ଆଜ୍ଞାଦିଅ ଶିରୀଧର
ଫେରିଯିବି ସେହି ବୃନ୍ଦାବନ, ହେ ଦୀନବନ୍ଧୁ
ଗୋପୀଙ୍କ ସଙ୍ଗରେ ବଞ୍ଚୁଥିବି । ଏଥେ ଥାଇ କି ସୁଖ ଭୁଞ୍ଜିବି ସେ । ୫ ।
କରୁଥିବି ତାଙ୍କ କର୍ମ ସାଧୁଥିବି ତାଙ୍କ ଧର୍ମ
କାନ୍ଦୁଥିବି ତାଙ୍କରି ପରାଏ ।
ହେଉଥିବି ତାଙ୍କ ବେଶ କରୁଥିବି ବ୍ରଜେ ବାସ
କରୁଥିବି ତବ ରୂପଧ୍ୟାୟେ, ହେ ଦୀନବନ୍ଧୁ
କୃଷ୍ଣ ବୋଲି ଗାଉଥିବି ମୁଖେ । ଥିବି ସେ ଗୋପୀଙ୍କ ପାଖେ ପାଖେ ହେ । ୬ ।
ଏତେ କହି ଯଦୁମଣି ନୟନୁ ବରଷେ ପାଣି
ଦେଖି ପଚାରନ୍ତି ନନ୍ଦବଳା ।
କି କି କହିଛନ୍ତି ଗୋପୀ ତାହା ସେ କହ ସଞ୍ଚିପି
ଶୁଣିଲେ ତୁଟିବ ଦୁଃଖକଳା, ହେ ଯଦୁମଣି
ଗୋପୀଙ୍କ ସମାନେ ଦୁଃଖୀ ନାହିଁ । ଗୋବିନ୍ଦ ବଚନ ଶୁଣି କହି ସେ । ୭ ।

---

୪ । ଅଶେଷ ଭୁବନ—ଏଇ ବିଶ୍ୱବ୍ରହ୍ମାଣ୍ଡ ପରି ବହୁ ବ୍ରହ୍ମାଣ୍ଡର ପରିକଳ୍ପନା କରାଯାଇଛି । ଭଗବାନଙ୍କ ରୋମକୂପ ଯେତିକି, ବ୍ରହ୍ମାଣ୍ଡ ସେତିକି । ଯତି—ସନ୍ନ୍ୟାସୀ ।

୫ । ଶିରୀଧର—ବିଷ୍ଣୁ, କୃଷ୍ଣ । ଭୁଞ୍ଜିବି—ଭୋଗ କରିବି ।

୬ । କରୁଥିବି...ପରାଏ—ଗୋପୀଙ୍କ ପରି କୃଷ୍ଣ ପ୍ରୀତି ଜନ୍ମାଇବା ପାଇଁ କର୍ମ କରିବି । ସେମାନେ ଯେପରି ସଂସାରର ସମସ୍ତ ଅପବାଦ ତୁଚ୍ଛ କରି କୃଷ୍ଣପ୍ରେମର ପାଗଳିନୀ, ମୁଁ ସେହି ଧର୍ମ ସାଧନରେ ବ୍ରତୀ ହେବି । କୃଷ୍ଣ ବିଚ୍ଛେଦରେ ସକଳ ସୁଖ ସମ୍ପଦ ଭୁଲି ସେମାନେ ଯେପରି ବିକଳ ହୋଇ ଶୋକାଶ୍ରୁ ତ୍ୟାଗ କରୁଛନ୍ତି, ମୁଁ ସେହିପରି ତୁମ ସାନ୍ନିଧ୍ୟଠାରୁ ତୁମ ବିରହରେ ଗୋପୀ ମେଳରେ କାଳାତିପାତ କରିବି । ରାଗାନୁଗା ଭକ୍ତିର ଏହା ଚରମ ନିଦର୍ଶନ । ରୂପଧ୍ୟାୟେ—ରୂପଧ୍ୟାନ ।

୭ । ସଞ୍ଚିପି--ସଂକ୍ଷେପି, ଅଳ୍ପରେ । ଦୁଃଖକଳା—ଦୁଃଖଭାବ । କୃଷି...ଭଲେ—କୃଷିଜାତ ଦ୍ରବ୍ୟ ଭଲ ହେଉ ନାହିଁ । କୃଷ୍ଣ ବିରହରେ ସେମାନେ ଶୁଖିଯାଉଛନ୍ତି ।

Digitized by PPRACHIN, SOA

କି କହିବି ଗୋପକଥା                    କହିଲେ ଲାଗଇ ବ୍ୟଥା
ଅଶୋଭା ଦିଶୁଛି ବୃନ୍ଦାବନ ।
କାନ୍ଦୁଛନ୍ତି ବୃକ୍ଷମାନେ                    କୃଶ ହୋଇ ଦିନେ ଦିନେ
କ୍ଷୀର ନ ଦିଅନ୍ତି ଧେନୁମାନେ, ହେ ଦୀନବନ୍ଧୁ
କୃଷିମାନେ ନ ଫଳନ୍ତି ଭଲେ । ବୃଷ୍ଟି ନ କରନ୍ତି ମେଘମାଳେ ହେ । ୮ ।
କୂପେ ନ ଦିଅନ୍ତି ଜଳ                    ବୃକ୍ଷେ ନ ଫଳନ୍ତି ଫଳ
ସୁଗନ୍ଧ ପବନ ନ ବହଇ ।
ଏକା ତୁମ୍ଭ ବିଚ୍ଛେଦରୁ                    ଚିନ୍ତା ହେଲା ମହାଗରୁ
କାହାରି ମନେ ହରଷ ନାହିଁ, ହେ ଦୀନବନ୍ଧୁ
ରଜନୀ ଦିବସେ ଝୁରୁଛନ୍ତି । ମହାକଷ୍ଟେ ଗୋପୀଏ ବଞ୍ଚନ୍ତି ହେ । ୯ ।
ନ ଘେନନ୍ତି ଗନ୍ଧପୁଷ୍ପ                    ନାନା ଅଳଙ୍କାର ବେଶ
ସୁସ୍ୱାଦୁ ପଦାର୍ଥ ନ ଭୁଞ୍ଜନ୍ତି ।
ନ ପିନ୍ଧନ୍ତି ଝୀନବାସ                    ଉଚ୍ଚେ ଛାଡ଼ନ୍ତି ନିଶ୍ୱାସ
ହା ଗୋବିନ୍ଦ ବୋଲିଣ ରୋଦନ୍ତି, ହେ ଦୀନବନ୍ଧୁ
କ୍ଷଣେ କ୍ଷଣେ ପଡ଼ନ୍ତି ମହୀରେ । ନ ଶୁଣନ୍ତି କର୍ଣ୍ଣରେ କହିଲେ ହେ । ୧୦ ।
ବୃକ୍ଷ ନଥିଲାର ଗିରି                    ଦିଶନ୍ତି ଯେମନ୍ତ ପରି
ବସନ୍ତ ବିହୀନେ ଯେହ୍ନେ ଲତା ।
ଜଳ ବିନେ ଯେହ୍ନେ ମୀନ                    ସୂର୍ଯ୍ୟ ବିନେ ପଦ୍ମବନ
କାନ୍ତବିନେ ଯେସନେ ବନିତା, ହେ ଦୀନବନ୍ଧୁ
ସେହିରୂପେ ହୋଇଛନ୍ତି ଗୋପୀ । କେ କହିବ ସେ ଦୁଃଖ ସଞ୍ଚପି ହେ । ୧୧ ।
ଶଙ୍ଖାରି ତାମ୍ବୁଳିମାନେ                    କାଚରା ବଣିକଗଣେ
ସୁନାରି ସହିତେ ପାଞ୍ଚ ଜାତି
ଗୋପପୁରୁଁ ପଳାଇଲେ                    ଅନ୍ୟ ଅନ୍ୟ ଦେଶେ ଗଲେ
ଯେଣୁ ଗୋପୀ ସୁବେଶ ନୁହନ୍ତି, ହେ ଦୀନବନ୍ଧୁ
ତାଙ୍କ ସଙ୍ଗେ ଗଲା ମାଳାକାର । ଯହୁଁ ବିକ୍ରେ ନ ଗଲା ତାଙ୍କର ହେ । ୧୨ ।

---

୯ । ମହାଗୁରୁ—ବିଶେଷ ଗୁରୁତର ।

୧୦ । ଝୀନବାସ--ସୂକ୍ଷ୍ମ ବସ୍ତ୍ର । ରୋଦନ୍ତି—କାନ୍ଦନ୍ତି ।

୧୧ । ବନିତା—ସ୍ତ୍ରୀ ।

୧୨ । ଶଙ୍ଖାରି—ଶଙ୍ଖା ବିକ୍ରୟକାରୀ । ତାମ୍ବୁଳିମାନେ--ପାନଥାମାନେ । ସୁନାରି—ବଣିଆ । ମାଳାକାର—ମାଳୀ । କୃଷ୍ଣ ବିଚ୍ଛେଦରେ ଗୋପୀମାନେ ସୁବେଶ ପ୍ରତି ବିମୁଖ ଭାବ ପୋଷଣ କରିଛନ୍ତି ।

Digitized by PPRACHIN, SOA

ପୁଣି ଦେଖିଲେ ବିଚିତ୍ର ଯେତେ ହ୍ରଦେ ପଦ୍ମପତ୍ର
ବୃକ୍ଷର କୋମଳ ପତ୍ର ଆଦି
ବୃନ୍ଦାବନେ ନ ମିଳନ୍ତି ଶୁଣିମା ହେଉ ଶ୍ରୀପତି
ତବ ବିନେ ବରଜସାଧବୀ, ହେ ଦୀନବନ୍ଧୁ
ବିରହ-ଅନଳେ ତାପି ହୋଇ । ଶଯ୍ୟା କରି ତହିଁପରେ ଶୋଇ ହେ । ୧୩ ।
ରାଜହଂସଶ୍ରେଣୀ ମୃଗ ଚନ୍ଦ୍ରମା ରାଜା ଅନଙ୍ଗ
ବନପ୍ରିୟ ଆଦି କତି କତି ।
ସାରଙ୍ଗ ନ କରେ ସ୍ୱନ ହୋଇଣ ଆନନ୍ଦ ମନ
ଦେଖି ଦୁଃଖୀ ବରଜଯୁବତୀ, ହେ ଦୀନବନ୍ଧୁ
କି କହିବି ଗୋପର ଉଦନ୍ତ । କୃଶ ହୋଇଅଛନ୍ତି ସମସ୍ତ ହେ । ୧୪ ।
ଚମ୍ପା ଜାତି କୁରୁବକ ନିଆଳୀ ମଲ୍ଲୀ ଅଶୋକ
ଏ ଆଦି ଯେତେକ ପୁଷ୍ପମାନ ।
ଫୁଟନ୍ତି ଝଡ଼ନ୍ତି ତଳେ ସଡ଼ନ୍ତି ଅତି ପ୍ରବଳେ
ଯେଣୁ ଗୋପୀ ନୁହନ୍ତି ମଣ୍ଡନ, ହେ ଦୀନବନ୍ଧୁ
ଗୋପପୁର ବାରତା ଏମନ୍ତ । ଶୁଣିଲେ ଶ୍ରବଣେ ଦେବ ହସ୍ତ ହେ । ୧୫ ।
ପୁଣିହିଁ ଅତି ବିଚିତ୍ର ଦେଖିଲି ରାଜୀବ ନେତ୍ର
ଯମୁନା ପ୍ରବଳ ହୋଇଅଛି ।
କୂଳକୁ ଲଘି ତରଙ୍ଗ ଶୁଣି ବୋଲନ୍ତି ଶ୍ରୀରଙ୍ଗ
କହ ଏଥି କି ବିଷୟ ଅଛି, ହେ ଯଦୁବୀର
ଶୁଣି କହେ ଶିରେ ଦେଇ ପାଣି । ଶୁଣ ସାବଧାନେ ସେ କାହାଣୀ । ୧୬ ।
ତବ ବିଚ୍ଛେଦରୁ କରି ରୋଦନ୍ତି ବରଜନାରୀ
ନୟନୁ ଲୋତକ ବହି ଯାଇ ।
ମିଶଇ ଯମୁନା ସଙ୍ଗେ ଏଣୁ ସେ ବଢ଼ଇ ବେଗେ
କୃତାନ୍ତ ଭଗିନୀ ଦୋଷ ନାହିଁ, ହେ ଦୀନବନ୍ଧୁ
ବୃନ୍ଦାବନ କଥା ନ ପଚାର । ମନେ ପଡ଼ି କମ୍ପେ ମୋର ଉର ହେ । ୧୭ ।

---

୧୪ । ବନପ୍ରିୟ—କୋକିଳ । ରାଜା ଅନଙ୍ଗ—କନ୍ଦର୍ପରାଜ । କତି କତି—ଅଦୂରରେ ଅଛନ୍ତି । ସାରଙ୍ଗ—ମୟୂର ।

୧୫ । ଜାତି—ଜାଇ । ସଡ଼େ—ନଷ୍ଟ ହୋଇଯାଆନ୍ତି; ଶୁଖିଯାଆନ୍ତି । ପ୍ରବଳେ—ଶୀଘ୍ର । ମଣ୍ଡନ—ଭୂଷଣ ।

୧୬ । ରାଜୀବନେତ୍ର—ପଦ୍ମଲୋଚନ, କୃଷ୍ଣ । ଯମୁନା...ହୋଇଅଛି—ଯମୁନା ଜଳରେ ପୂର୍ଣ୍ଣ ହୋଇଅଛି । କୃଷ୍ଣଙ୍କ ବିରହରେ ଗଛଲତା, ଫଳ, ପଶୁପକ୍ଷୀ ସମସ୍ତେ କାତର ଓ ଶୀର୍ଣ୍ଣ ହେଲାବେଳେ ଯମୁନା କୂଳ ଲଙ୍ଘନ କରିବା ବିଚିତ୍ର କଥା । କି ବିଷୟ ଅଛି—ଏଥିରେ କଣ ରହସ୍ୟ ରହିଛି ।

୧୭ । କୃତାନ୍ତ ଭଗିନୀ—ଯମଙ୍କ ଭଉଣୀ, ଯମୁନା । ସୂର୍ଯ୍ୟଙ୍କ ପୁତ୍ର ଓ କନ୍ୟା ରୂପେ ଯମ ଓ ଯମୁନା କଳ୍ପିତ । ଉର—ଛାତି, ହୃଦୟ ।

Digitized by PPRACHIN, SOA

ଏ ବାଣୀ ଶୁଣି ଗୋବିନ୍ଦ ବୁଜି ନେତ୍ର ଅରବିନ୍ଦ
ହୃଦରେ ସୁମରି ଗୋପୀ ଭାବ ।
ଟିକାକ ଅନ୍ତରେ ଭାଷି ଧନ୍ୟ ସେ ଗୋପ ନିବାସୀ
ମୋହଠାରେ ଏତେ ବଡ଼ ଭାବ, ଯେ ଗୋପୀମାନେ
ସତେ କି କରିବେ ସୁରଜ୍ୟେଷ୍ଠ ।
ସେମାନଙ୍କ ସଙ୍ଗେ ହେବ ଭେଟ ହେ । ୧୮ ।
ଏତେ ବୋଲି ଭାବଗ୍ରାହୀ ଉଦ୍ଧବେ ମେଲାଣି ଦେଇ
ନିଜ ପୁରେ ରହିଲେ ମାଧବ ।
ଯେ ଗୋବିନ୍ଦ ପାଦଯୁଗେ ଯଉଁ ଜନ ଅନୁରାଗେ
ସେହୁ ଜନ ସଂସାରୁ ତରିବ, ହେ ନରମାନେ
ଆନ ଦେବଦେବୀ ଦୂରେ ତେଜ । ନିରବଧି ହରିପାଦେ ମଜ ହେ । ୧୯ ।
ଦେଖ ଏ ଅନିତ୍ୟ ଅଙ୍ଗ କ୍ଷଣକେ ହୁଅଇ ଭଙ୍ଗ
ଚିର ହୋଇ କେବେ ହେ ନରହେ ।
ଧନ ଜନ ତାତ ମାତ ଏ ଘେନ ବିଜୁଳି ମତ
କେହି କାହା ସଙ୍ଗତେ ନ ଯା, ହେ ନରମାନେ
ଏଣୁ ଭଜ ଗୋବିନ୍ଦ ଚରଣ । ନ ପାଇବ ଯମର କଷଣ ହେ । ୨୦ ।
ସର୍ବ ଜୀବେ ଦୟା ବହ ମୁଖେ ହରେକୃଷ୍ଣ କହ
କାମ କ୍ରୋଧ ଲୋଭ ମୋହ ମଦ ।
ମାତ୍ସର୍ଯ୍ୟ ସହିତେ କରି ତେଜ ଏ ଷଡ଼ ଅରି
ସଦାକାଳେ କରନ୍ତି ଏ ବାଦ, ହେ ନରମାନେ
ବାସୁଦେବ ସ୍ମରଣେ ଘୁଞ୍ଚନ୍ତି । ଯେ ଭଜନ୍ତି ତାହାକୁ ମୁଞ୍ଚନ୍ତି ହେ । ୨୧ ।

---

୧୮ । ଅରବିନ୍ଦ—ପଦ୍ମ । ଟିକାକ—ଅଳ୍ପ ସମୟ । ସୁରଜ୍ୟେଷ୍ଠ—ବିଧି ।

୧୯ । ନିରବଧି—ନିରନ୍ତର, ଅବିରତ ।

୨୦ । ଅନିତ୍ୟ ଅଙ୍ଗ—ବିନାଶଶୀଳ ଶରୀର । ଭଙ୍ଗ—ବିନଷ୍ଟ । ବିଜୁଳି ମତ—ବିଜୁଳି ଯେପରି ମୁହୂର୍ତ୍ତକ ପାଇଁ ପ୍ରକାଶିତ ହୋଇ ଅନ୍ତର୍ହିତ ହୋଇଯାଏ, ସେହିପରି । ଯମର କଷଣ—ମୃତ୍ୟୁ ଦୁଃଖ ।

୨୧ । ଜୀବେ ଦୟା ବହ—ଚୈତନ୍ୟଙ୍କ ପ୍ରଚାରିତ ବୈଷ୍ଣବ ଧର୍ମର ମୌଳିକ ଲକ୍ଷ୍ୟ ଜୀବେଦୟା ଓ ଜାତିଭେଦ ଶୂନ୍ୟତା । ବୁଦ୍ଧଦେବଙ୍କ ଦ୍ୱାରା ପ୍ରଚାରିତ ଅହିଂସା ପରମଧର୍ମ ହିଁ ଚୈତନ୍ୟଙ୍କ ମୁଖରେ 'ଜୀବେଦୟା' ଭାବରେ ବର୍ଣ୍ଣିତ ହେଲା । କବିଙ୍କ ଧର୍ମମତ ଏତଦ୍ୱାରା ସୂଚିତ ।
ମାତ୍ସର୍ଯ୍ୟ—ପରଶ୍ରୀକାତରତା । ବାଦ—କଳହ, ବିପ୍ଲବ । ସ୍ମରଣେ ଘୁଞ୍ଚନ୍ତି—କୃଷ୍ଣ ନାମ ସ୍ମରଣରେ ଦମିତ ହୁଅନ୍ତି । ସେ ଭଜନ୍ତି...ମୁଞ୍ଚନ୍ତି—ଯେଉଁମାନେ କୃଷ୍ଣନାମ ଭଜନ କରନ୍ତି, ତାଙ୍କୁ ସମସ୍ତ ରିପୁ ତ୍ୟାଗ କରନ୍ତି । ଅର୍ଥାତ୍ ସେ ଜିତେନ୍ଦ୍ରିୟ ହୁଅନ୍ତି ।

Digitized by PPRACHIN, SOA

ଦେଖୁ ତ ଅଛ ସାକ୍ଷାତେ ମରିଯାଉଛନ୍ତି ଯେତେ
କେହି କିଛି ସଙ୍ଗେ ନ ନିଅନ୍ତି ।
ବିଅର୍ଥେ ହେଉଛ ବଣା ଚକ୍ଷୁ ଥାଉଁ ହୁଅ କଣା
ଭଜ ଯାହା ଗୁରୁ କହିଛନ୍ତି, ହେ ନରମାନେ
ଯେବେ ଡର ଅଛଇ ଯମକୁ ।
ତେବେ ଆଶ୍ରେ କର ଗୋବିନ୍ଦକୁ ହେ । ୨୨ ।

ନିର୍ଦ୍ଦୟ ଜନ୍ତୁଙ୍କ ରାଜା କରଇ ଯେତେ ତରଜା
ତିଳେହେଁ ଓପ୍ରଧ ନ କରଇ ।
ଶୁଣୁ ତ ଅଛ ପୁରାଣେ କୃଷ୍ଣ ନଭଜିଲାମାନେ
ନରକରେ ତାହାଙ୍କୁ ବୁଡ଼ାଇ, ହେ ନରମାନେ
ଯେହା ଜାଣି ଛାଡ଼ି ଗର୍ବମାନ । କର ରାଧାଗୋବିନ୍ଦଙ୍କୁ ଧ୍ୟାନ ହେ । ୨୩ ।

ଭଗତ ଚରଣ ଦାସ ହୋଇଲା ବଡ଼ ନିରାଶ
ଯେଣୁ ନ ପାଇଲା ସାଧୁସଙ୍ଗ ।
ସଂସାର ସାଗରେ ପଡ଼ି ନିରତେ ରହିଲା ବୁଡ଼ି
ମଲା ବାଜି ବିଷୟ ତରଙ୍ଗ, ହେ ସାଧୁଜନେ
ଅଧମକୁ ଦେଖି ଦୟାକର । ତୁମ୍ଭ ପାଦ ଦିଅ ମୋର ଶିର ହେ । ୨୪ ।

●

---

୨୨ । ବିଅର୍ଥେ–ବୃଥାରେ ।

୨୩ । ନିର୍ଦ୍ଦୟ–ନିଷ୍ଠୁର, ମମତାଶୂନ୍ୟ । ଜନ୍ତୁଙ୍କ ରାଜା–ଯମ । ତରଜା–ତର୍ଜନ, ଭର୍ତ୍ସନା । ଓପ୍ରଧ–ଅନୁକମ୍ପା । ଗର୍ବମାନ–ଧନ ଓ ଐଶ୍ୱର୍ଯ୍ୟର ଅହଙ୍କାର ।

୨୪ । ନିରତେ–ସବୁବେଳେ । ମଲା...ତରଙ୍ଗ–ସାଂସାରିକ ବିଷୟ ଜଞ୍ଜାଳରେ ମୃତକଳ୍ପ । ତରଙ୍ଗ ଆଘାତ ପାଇଁ ମନୁଷ୍ୟ ଯେପରି ମୃତ୍ୟୁ ବରଣ କରେ; ସେହିପରି ବିଷୟ ଆଘାତରେ କବି ମୃତବତ୍ ପଡ଼ି ରହିଲେ । ତୁମ୍ଭ ପାଦ–ସାଧୁମାନଙ୍କର ପଦ ସ୍ପର୍ଶ ।

Digitized by PPRACHIN, SOA

ବିଦ୍ୟା ପ୍ରକାଶନ

ISBN 81-7703-006-X
9 788177 030068 >

Digitized by PPRACHIN, SOA